

ପବିତ୍ର ବଡ଼ଦିନ ଅବସରରେ 'ସକାଳ' ପରିବାରର ଶୁଭେଚ୍ଛା ଓ ଅଭିନନ୍ଦନ।


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-179 ♦THURSDAY ♦25 DECEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୭୯ ♦ଗୁରୁବାର ♦୨୫ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ଲୋକସଭା ସାଂସଦଙ୍କୁ ସ୍ମାର୍ଟ ପେନ, ସ୍ମାର୍ଟ ୱାଚ୍ ମନା



■ ନୂଆଦିଲ୍ଲୀ, ୨୪।୧୨ (ଏଜେନ୍ସି): ଏଣିକି ସଂସଦ ପରିସରରେ ସାଂସଦମାନେ ସ୍ମାର୍ଟ ଚଷମା, ସ୍ମାର୍ଟ କଲମ କିମ୍ବା ସ୍ମାର୍ଟ ୱାଚ୍ ଭଳି ଡିଜିଟଲ ସାମଗ୍ରୀ ବ୍ୟବହାର କରିପାରିବେ ନାହିଁ। ଆଜି ଲୋକସଭା ସଚିବାଳୟ ପକ୍ଷରୁ ଏସଂପର୍କରେ ବଚାଲଟିନ୍ ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ ଏଭଳି ସାମଗ୍ରୀ ବ୍ୟବହାର ଦ୍ୱାରା ସାଂସଦଙ୍କ ବ୍ୟକ୍ତିଗତ ତଥ୍ୟ ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି। ଏହା ସଂସଦୀୟ ବିଶେଷ ଅଧିକାରର ମଧ ଉଲ୍ଲଂଘନ କରୁଛି। ତେଣୁ ବ୍ୟକ୍ତିଗତ ଗୋପନୀୟତା ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି ଡିଜିଟାଲ ସାମଗ୍ରୀର ବ୍ୟବହାର ନକରିବା ଲାଗି ସାଂସଦମାନଙ୍କୁ ପରାମର୍ଶ ଦିଆଯାଇଛି। ଆଜି ସନ୍ଧ୍ୟାରେ ଲୋକସଭା ପକ୍ଷରୁ ଜାରି ବୁଲେଟିନରେ କୁହାଯାଇଛି ଯେ ଏବେ ସାରା ଦେଶରେ ଉନ୍ନତ ବୈଷୟିକ ଜ୍ଞାନକୌଶଳ ସଂପନ୍ନ ଗ୍ୟାଜେଟ୍ ବହୁଳ ଭାବେ ବ୍ୟବହାର ବୃଦ୍ଧି ପାଇଛି। ଏଥିରେ ସ୍ମାର୍ଟ ଚଷମା, ପେନ୍ କ୍ୟାମେରା ଏବଂ ସ୍ମାର୍ଟ ଘଡ଼ି ରହିଛି। ଏଥିରୁ କିଛି ସାମଗ୍ରୀର ବ୍ୟବହାର କରାଯାଇ ସାଂସଦଙ୍କ ବ୍ୟକ୍ତିଗତ ତଥ୍ୟ ଚୋରି ହୋଇପାରେ। ଏହାଦ୍ୱାରା ସାଂସଦମାନଙ୍କ ଗୋପନୀୟତା ବିପଦରେ ପଡ଼ିବ ▶ପୃଷ୍ଠା-୧୦

## ମହାକାଶକୁ ଇସ୍ରୋ ପଠାଇଲା ସବୁଠୁ ଓଜନିଆ ଉପଗ୍ରହ

**ଆମେରିକୀୟ ଉପଗ୍ରହ 'ବ୍ଲୁବାର୍ଡ ବ୍ଲକ-୨' ଉତ୍କ୍ଷେପଣ**

**ମହାକାଶରୁ ସ୍ମାର୍ଟଫୋନକୁ ସିଧା କଲ୍ ହୋଇପାରିବ**

■ ଶ୍ରୀହରିକୋଟା, ୨୪।୧୨ (ଏଜେନ୍ସି): ଭାରତର ସବୁଠାରୁ ଓଜନିଆ ବାହୁବଳୀ ରକେଟ ଏଲ୍‌ଭିଏମ୍‌୩-ଏମ୍‌୬ (ଲଞ୍ଚ ଭେଇକଲ ମାର୍କ-୩ ଏମ୍‌୬) ଆଜି ସକାଳ ୮ଟା ୫୫ରେ ଆମେରିକୀୟ ଉପଗ୍ରହ ବ୍ଲୁବାର୍ଡ ବ୍ଲକ-୨ ମହାକାଶ ।।ରେ ଛାଡିଛି। ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଏହି ରକେଟ ଜରିଆରେ ୬, ୧୦୦କେଜି ଓଜନର ଏହି ଆମେରିକୀୟ ଉପଗ୍ରହ ଉତ୍କ୍ଷେପଣ କରିଛି। ବ୍ଲୁବାର୍ଡ ହେଉଛି ଭାରତ ମାଟିରୁ ଉତକ୍ଷେପଣ ହୋଇଥିବା ସବୁଠାରୁ ଓଜନିଆ ଉପଗ୍ରହ। ଉତକ୍ଷେପଣ ହେବାର ୧୫ ମିନିଟ୍ ପରେ ରକେଟଠାରୁ ଏହି ଉପଗ୍ରହ ଅଲଗା ହୋଇଥିଲା ଓ ୫୨୦ କିମି ଉପରେ ମହାକାଶ କକ୍ଷରେ ସଫଳତାର ସହ ସ୍ଥାପିତ ହୋଇଥିଲା।

ଇସ୍ରୋ ଅଧକ୍ଷ ଭି ନାରାୟଣନ ଏହାକୁ ଦେଶ ପାଇଁ ଏକ ବଡ଼ ସଫଳତା ବୋଲି କହିଛନ୍ତି। ପୂର୍ବରୁ ନଭେମ୍ବରରେ ଉତ୍କ୍ଷେପଣ କରାଯାଇଥିବା ଏଲ୍‌ଭିଏମ୍‌୩- ଏମ୍‌୫ ଯୋଗାଯୋଗ ଉପଗ୍ରହ-୦୩ ପ୍ରାୟ ୪, ୪୦୦ କେଜି ଓଜନର ଥିଲା। ଏହାକୁ ଜିଓସିଙ୍କ୍ରୋନାସ ଟ୍ରାନ୍ସଫର ଅରବିଟ୍ (ଜିଟିଓ)ରେ ସ୍ଥାପିତ କରାଯାଇଥିଲା। ବ୍ଲୁବାର୍ଡ ଉତ୍କ୍ଷେପଣ କରିଥିବା ଏଲଭିଏମ୩-ଏମ୍‌୬ ରକେଟର ▶ପୃଷ୍ଠା-୧୦

## ଦିବ୍ୟାଙ୍ଗ ନାବାଳିକା ଛାତ୍ରୀକୁ ଦୁଷ୍କର୍ମ ପରେ ହତ୍ୟା

# ଚାନ୍ଦବାଲି ଅଶାନ୍ତ, ରାଜ୍ୟ ହୁଲସ୍ଥୁଲ

### ମୁଖ୍ୟ ଅଭିଯୁକ୍ତ ଗିରଫ, ଘର, ଦୋକାନ ଉଚ୍ଛେଦ

■ ଭଦ୍ରକ, ୨୪।୧୨ (ସମିସ): ଚାନ୍ଦବାଲି ଏନ୍‌ଏସି ରାମପଲ୍ଲୀ ଗାଁ(୧୫ ନମ୍ବର ୱାର୍ଡ) ରେ ଜଣେ ଦିବ୍ୟାଙ୍ଗ ନାବାଳିକା ଛାତ୍ରୀ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଚାନ୍ଦବାଲି ଜଳୁଥିବା ବେଳେ ଘଟଣାକୁ ନେଇ ସାରା ରାଜ୍ୟ ହୁଲସ୍ଥୁଲ ହୋଇଛି। ପୀଡ଼ିତାକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଜଣାପଡ଼ିବା ପରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ଲୋକମାନେ ଶବ ରଖି ଟାୟାର ଜାଳି ରାସ୍ତାରୋକ କରିଥିଲେ। ଘଟଣା ଘଟିଥିବା ବାଲିଗାଁ ଛକରେ ପ୍ରବଳ ନିଶା କାରବାର ଯୋଗୁଁ ଏହି ଘଟଣା ଘଟିଥିବା ଏସ୍‌ପି ଶ୍ରୀ ରାଉତଙ୍କ ନିକଟରେ ▶ପୃଷ୍ଠା-୧୦

**ଆଜି ୬ ଘଣ୍ଟିଆ ଚାନ୍ଦବାଲି ବନ୍ଦ**



**ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ; ୧୦ ଲକ୍ଷ ସହାୟତା**

■ ଭୁବନେଶ୍ୱର, ୨୪।୧୨ (ସମିସ): ଭଦ୍ରକ ଜିଲ୍ଲାର ଚାନ୍ଦବାଲିଠାରେ ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଦିବଙ୍ଗତ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା ସହ ପୀଡ଼ିତାଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ▶ପୃଷ୍ଠା-୧୦

### ରାଜ୍ୟବାସୀ ବିଚଳିତ ଓ ଆତଙ୍କିତ: ନବୀନ



■ ଭୁବନେଶ୍ୱର, ୨୪।୧୨ (ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ ୧୧ ବର୍ଷର ଶିଶୁକୁ ଦୁଷ୍କର୍ମ ପରେ ହତ୍ୟା ଘଟଣାକୁ ଅତ୍ୟନ୍ତ କଟୁ ଶବ୍ଦରେ ସମାଲୋଚନା କରିଛନ୍ତି ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଦିନକୁ ଦିନ ଓଡ଼ିଶାରେ ବଢୁଥିବା ଦୁଷ୍କର୍ମ ପରି ଘଟଣା ଓ ସରକାରଙ୍କ ଅପାରଗତା ସମସ୍ତଙ୍କୁ ବିଚଳିତ ଓ ଆତଙ୍କିତ କରିଦେଇଛି ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି। ▶ପୃଷ୍ଠା-୧୦

**ଆଣ୍ଠେଇଲା ବାଂଲାଦେଶ**

## ଭାରତକୁ ମାଗିଲା ଚାଉଳ



**୫୫ ହଜାର ଟନ୍ ଶସ୍ତା ଚାଉଳ ପଠାଇବାକୁ ଅନୁରୋଧ**

■ ନୂଆଦିଲ୍ଲୀ, ୨୪।୧୨ (ଏଜେନ୍ସି): ପରାଜୟ ଆଶଙ୍କାରେ ସାଧାରଣ ନିର୍ବାଚନ ଘୁଞ୍ଚାଇବା ପାଇଁ ବାଂଲାଦେଶରେ ଜାଣିଶୁଣି ହିଂସା କରାଉଛନ୍ତି ୟୁନୁସ୍ ସରକାର। ଛାତ୍ର ନେତା ଉସ୍‌ମାନ ହାଦିଙ୍କୁ ହତ୍ୟା କରି ବାଂଲାଦେଶକୁ ସ୍ୱାଧୀନତା ଦେଇଥିବା ଭାରତ ଉପରେ ଏହାର ଦୋଷ ଲଗାଉଛି। ଏହି ଦେଶରେ ଭାରତ ବିରୋଧୀ ବିକ୍ଷୋଭ ଜୋରଦାର ହୋଇଛି। ଏପରି ସମୟରେ ଦେଶର କ୍ଷୁଧା ମେଣ୍ଟାଇବା ପାଇଁ କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ ଭାରତ ନିକଟରେ ହାତ ପତେଇଛନ୍ତି। ବାଂଲାଦେଶରେ ଦେଖା ଦେଇଥିବା ଗମ୍ଭୀର ଖାଦ୍ୟ ସଙ୍କଟର ସମାଧାନ ଲାଗି ୟୁନୁସ ସରକାର ଭାରତକୁ ନିବେଦନ କରିଛନ୍ତି। ଦେଶରେ ବହୁତ କମ ଚାଉଳ ଥିବାରୁ ଭାରତକୁ ୫୫ ହଜାର ଟନ୍ ଚାଉଳ ଦେବା ପାଇଁ ଅନୁରୋଧ କରିଛନ୍ତି। ଏପରି ସ୍ଥିତିରେ ବାଂଲାଦେଶକୁ କୌଣସି ଅନୁକମ୍ପା ନ ଦେଖାଇବା ପାଇଁ ଭାରତୀୟ ବ୍ୟବସାୟୀ ସଂଘ ଭାରତ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଭାରତ ବିରୋଧୀ ହିଂସା ଚଳାଇଥିବା ଢାକାକୁ ସବୁ ପକାର ରପ୍ତାନୀ ନିଷିଦ୍ଧ କରିବାକୁ ଦାବି କରିଛନ୍ତି। ବାଂଲାଦେଶ ଆର୍ଥିକ ପରାମର୍ଶଦାତା କହିଛନ୍ତି, ଦେଶ ପାଇଁ ରାଜନୀତି ନୁହେଁ; ଅର୍ଥନୀତି ଆଗ। ଭାରତ ସହ ସମ୍ବନ୍ଧ ସବୁଠାରୁ ଖରାପ ସ୍ତରକୁ ପହଞ୍ଚିଯାଇଛି ସତ, କିନ୍ତୁ ଏହାକୁ ସୁଧାରିବା ପାଇଁ ମହମ୍ମଦ ୟୁନୁସ୍ ପ୍ରୟାସ କରୁଛନ୍ତି। କିଛି ନେତା ଭାରତ ବିରୋଧୀ ଆଭିମୁଖ୍ୟକୁ ପ୍ରଶ୍ରୟ ଦେଉଛନ୍ତି ସତ, କିନ୍ତୁ ଏହା ବାଂଲାଦେଶର ରାଷ୍ଟ୍ରୀୟ ସ୍ୱାର୍ଥ ନୁହେଁ।

ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ବାଂଲାଦେଶ ଛାଡ଼ିବା ପୂର୍ବରୁ କୂଟନୈତିକ ସ୍ତରରେ ଭାରତ ସହ ବାଂଲାଦେଶର ସମ୍ପର୍କ ଖରାପ ହେବାରେ ଲାଗିଛି। ମାତ୍ର ବାଣିଜ୍ୟ ଦୃଷ୍ଟିରୁ ନୂଆଦିଲ୍ଲୀ ଉପରେ ଢାକା ସମ୍ପୂର୍ଣ୍ଣ ▶ପୃଷ୍ଠା-୧୦

**ନୂଆ ବର୍ଷରେ ପ୍ରଶାସନର ନୂଆ ମୁଖିଆ**

## ଅନୁ ଗର୍ଗ ହେବେ ମୁଖ୍ୟ ସଚିବ



**ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟ ସଚିବ**

**ଜାନୁଆରୀ ପହିଲାରେ ନେବେ ଦାୟିତ୍ୱ**

■ ଭୁବନେଶ୍ୱର, ୨୪।୧୨ (ସମିସ): ୧୯୯୧ ବ୍ୟାଚର ବରିଷ୍ଠ ଆଇଏଏସ ତଥା ରାଜ୍ୟ ଉନ୍ନୟନ କମିସନର ଅନୁ ଗର୍ଗ ହେବେ ରାଜ୍ୟର ପରବର୍ତ୍ତୀ ମୁଖ୍ୟ ସଚିବ। ଆସନ୍ତା ଜାନୁଆରୀ ପହିଲାରେ ଶ୍ରୀମତୀ ଗର୍ଗ ରାଜ୍ୟର ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ଭାବରେ ଦାୟିତ୍ୱ ଗ୍ରହଣ କରିବେ। ଆସନ୍ତା ୩୧ ତାରିଖରେ ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ଶେଷ ହେବ ଓ ଏହାପରେ ଶ୍ରୀମତୀ ଗର୍ଗ ରାଜ୍ୟର ମୁଖ୍ୟ ସଚିବ ଭାବରେ ଆନୁଷ୍ଠାନିକ ଦାୟିତ୍ୱ ଗ୍ରହଣ କରିବେ। ୧୯୬୯ ମାର୍ଚ୍ଚ ୧ରେ ଜନ୍ମିତ ଅନୁ ଗର୍ଗ ମାତ୍ର ୨୨ବର୍ଷ ବୟସରେ ଆଇଏଏସ୍ ପାଇଥିଲେ। ଓଡ଼ିଶା କ୍ୟାଡ଼ର ଅଧିକାରୀ ଭାବରେ ସେ ▶ପୃଷ୍ଠା-୧୦

**ରାଜ୍ୟ କ୍ୟାବିନେଟରେ ୧୦ ପ୍ରସ୍ତାବକୁ ମୋହର**

## ସରକାର ଲଗାଇବେ ସ୍ମାର୍ଟ ମିଟର

- ୨ କିଲୋୱାଟ ଉପଭୋକ୍ତାଙ୍କୁ ମାଗଣା ମିଟର
- ଆରମ୍ଭ ହେବ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା
- ୫ ଆଇଟିଆଇକୁ କରାଯିବ ଉତ୍କର୍ଷ ଆଇଟିଆଇ
- ବିଶ୍ୱ ବିଦ୍ୟାଳୟରେ ନିଯୁକ୍ତିରେ ଲାଗିବ ସଂରକ୍ଷଣ
- ନିର୍ମାଣ ହେବ ୮ଟି ଉଠା ଜଳସେଚନ ପ୍ରକଳ୍ପ

■ ଭୁବନେଶ୍ୱର, ୨୪।୧୨ (ସମିସ): ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ୧୦ଟି ପ୍ରସ୍ତାବ ଉପରେ ବାଜିଛି ମୋହର। ରାଜ୍ୟରେ ଶତ ପ୍ରତିଶତ ସ୍ମାର୍ଟ ମିଟର ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ଏମ୍‌ଏମ୍‌ଏସ୍‌ବିୱାଇ-ସ୍ମାର୍ଟ ମିଟର ସଂଯୋଗର ପ୍ରଥମ ପର୍ଯ୍ୟାୟକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ପଦକ୍ଷେପ ଦ୍ୱାରା ରାଜ୍ୟରେ ୨ କିଲୋୱାଟ ପର୍ଯ୍ୟନ୍ତ ବିଦ୍ୟୁତ ବ୍ୟବହାର କରୁଥିବା ଉପଭୋକ୍ତାଙ୍କୁ ସ୍ମାର୍ଟ ମିଟର ସଂଯୋଗ ପାଇଁ କୌଣସି ଅତିରିକ୍ତ ମିଟର ଭଡ଼ା ଦେବାକୁ ପଡିବ ନାହିଁ। ସେହିପରି ରାଜ୍ୟରେ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା ଲାଗୁ କରିବା ନିଷ୍ପତ୍ତି ଉପରେ କ୍ୟାବିନେଟ୍ ମୋହର ବାଜିଛି। ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନା ପାଇଁ ୨୫ଜଣ ବରପୁତ୍ରଙ୍କ ନାମ ସ୍ଥିରୀକୃତ ହୋଇଛି। ପ୍ରତ୍ୟେକ ବରପୁତ୍ରଙ୍କ ଜନ୍ମସ୍ଥାନର ଉନ୍ନତିକରଣ ପାଇଁ ସର୍ବାଧିକ ୧୫ କୋଟି ଟଙ୍କା ହିସାବରେ ରାଜ୍ୟ ସରକାର ୩୪୫ କୋଟି ଟଙ୍କା ଖର୍ଚ୍ଚ କରିବେ। ▶ପୃଷ୍ଠା-୧୦

## ଆଜିଠୁ ବଢ଼ିବ ଶୀତ

**ଦୁଇରୁ ତିନି ଡିଗ୍ରୀ ଖସିବ ପାରଦ**

■ ଭୁବନେଶ୍ୱର, ୨୪।୧୨ (ସମିସ): ଆସନ୍ତାକାଲିଠାରୁ ରାଜ୍ୟରେ ପୁଣି ବଢ଼ିବ ଶୀତ। ଗୁରୁବାରଠାରୁ ରାଜ୍ୟକୁ କ୍ରମାଗତ ଭାବେ ଥଣ୍ଡା ଓ ଶୁଷ୍କ ବାୟୁ ପ୍ରବାହ ବଢ଼ିବ। ଏହାଦ୍ୱାରା ତାପମାତ୍ରାରେ ଆହୁରି ହ୍ରାସ ଘଟିବ। ଥଣ୍ଡା ବାୟୁର ପ୍ରବାହ ହେତୁ ବିଭିନ୍ନ ତାପମାତ୍ରା ୨-୩ ଡିଗ୍ରୀ ପର୍ଯ୍ୟନ୍ତ କମିଛି। ଏହ ଧାରାରେ ଆଗକୁ ମଧ ଅଧିକାଂଶ ସ୍ଥାନରେ ତାପମାତ୍ରା ତଳମୁହାଁ ହେବାର ସମ୍ଭାବନା ରହିଛି। ତେଣୁ ବଡ଼ଦିନଠାରୁ ରାଜ୍ୟର ଅଧିକାଂଶ ସ୍ଥାନରେ ଶୀତର ପ୍ରଭାବ ପୁଣି ଥରେ ବଢ଼ିବା ନେଇ ପୂର୍ବାନୁମାନ କରାଯାଇଛି। ଗତ ୨୪ ଘଣ୍ଟାରେ କୋରାପୁଟରେ ତାପମାତ୍ରା ୬.୧, ସେମିଳିଗୁଡ଼ିରେ ୬.୬, ଝାରସୁଗୁଡ଼ାରେ ୬.୮, ଦାରିଙ୍ଗବାଡ଼ି ୭.୫, ଜି ▶ପୃଷ୍ଠା-୧୦




ପବିତ୍ର ବଡ଼ଦିନ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ବଡ଼ଦିନ ପର୍ବ ହେଉଛି ଶାନ୍ତି, ମୈତ୍ରୀ ଓ ମାନବତାବାଦର ପର୍ବ। ଏହି ଅବସରରେ ମୁଁ ଓଡ଼ିଶାର ସମସ୍ତଙ୍କୁ ବିଶେଷତଃ ଖ୍ରୀଷ୍ଟିଆନ୍ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ଶ୍ରୀ, ଶାନ୍ତି ଓ ସମୃଦ୍ଧି କାମନା କରୁଛି।

(ହରି ବାବୁ କମ୍ଭମପାଟି)

OIPR-15001/13/1295/2526



DADLS-72



ପବିତ୍ର ବଡ଼ଦିନ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ବଡ଼ଦିନ ଉପଲକ୍ଷେ ରାଜ୍ୟବାସୀ ବିଶେଷ କରି ଖ୍ରୀଷ୍ଟଧର୍ମାବଲମ୍ବୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ଏବଂ ଏକ ସମୃଦ୍ଧ ଓ ସଶକ୍ତ ଓଡ଼ିଶା ଗଠନରେ ସମସ୍ତଙ୍କ ସହଯୋଗ କାମନା କରୁଛି।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଆଜି ବଡ଼ଦିନ; ଜିଲ୍ଲାସାରା ସୁରକ୍ଷା କଡ଼ାକଡ଼ି

ଫୁଲବାଣୀ,୨୪।୧୨(ସମିସ): ରାତି ପାହିଲେ ବଡ଼ଦିନ। ଖ୍ରୀଷ୍ଟିୟ ସମ୍ପ୍ରଦାୟର ଏହି ପ୍ରମୁଖ ପର୍ବ ପାଇଁ ଉତ୍ସବମୁଖର ହୋଇଉଠିଛି ସମଗ୍ର କନ୍ଧମାଳ ଜିଲ୍ଲା। ସମସ୍ତ ଚର୍ଚ୍ଚ ଆଲୋକମାଳାରେ ସଜ୍ଜିତ ହୋଇଛି।



ଖ୍ରୀଷ୍ଟିୟ ଭାଇ ଭଉଣୀ ଏହି ପର୍ବକୁ ପାଳିବା ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି। ଆଜି ମଧ୍ୟରାତ୍ରରେ ଅନୁଷ୍ଠିତ ହେବ ପ୍ରଭୁ ଯୀଶୁଙ୍କ ଧରାବତରଣ ପର୍ବ। ଏପଟେ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ବିଭିନ୍ନ ଥାନା ପକ୍ଷରୁ ଫ୍ଲାଗମାର୍ଚ୍ଚ ଆୟୋଜିତ ହୋଇଛି। ସମସ୍ତ ସମ୍ବେଦନଶୀଳ ଅଞ୍ଚଳରେ କଡ଼ା ସୁରକ୍ଷା ଓ ଯାଞ୍ଚ ବ୍ୟବସ୍ଥା କରାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରଖିବାକୁ ୨୭ ପ୍ଲାଟୁନ ପୁଲିସ ମୁତୟନ କରାଯାଇଛି। ସେହିଭଳି ଜିଲ୍ଲାର ସମସ୍ତ ପ୍ରବେଶ ପଥରେ ନାକା କରାଯାଇ ଯାନବାହନ ଯାଞ୍ଚ ଚାଲିଛି। ରାତ୍ରି ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ଆଜି ଫୁଲବାଣୀ ଟାଉନ ପୁଲିସ ପକ୍ଷରୁ ସହରରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ସଦର ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳ ଓ ଟାଉନ୍ ଥାନା ଅଧିକାରୀ ପି. ସ୍ୱରୂପ କିଶନଙ୍କ ନେତୃତ୍ୱରେ ଆୟୋଜିତ ଫ୍ଲାଗମାର୍ଚ୍ଚ ସହର ପରିକ୍ରମା କରି ଶାନ୍ତିର ବାର୍ତ୍ତା ଦେଇଥିଲା। ଜିଲ୍ଲାରେ ଶାନ୍ତିଶୃଙ୍ଖଳାର ସହିତ ଏହି ପର୍ବ ପାଳନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା ଏସ୍‌ପି ହରିଶ ବିଶି ପ୍ରକାଶ କରିଛନ୍ତି।

## ବଡ଼ଦିନ ପାଇଁ ପ୍ରବେଶ ପଥରେ ନାକା



ଜି.ଉଦୟଗିରି,୨୪।୧୨(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରେ ବଡ଼ଦିନ ପାଳନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆଜି ମଧ୍ୟରାତ୍ରିରେ ପ୍ରଭୁ ଯୀଶୁ ଧରାବତରଣ କରିବେ। ଏହି ମୁହୂର୍ତ୍ତକୁ ସମସ୍ତେ ଅପେକ୍ଷା କରିଥିବା ବେଳେ ମଧ୍ୟ ରାତ୍ର ପ୍ରାର୍ଥନା ଆୟୋଜନ କରାଯାଇଛି। ଜି.ଉଦୟଗିରି ବ୍ଲକରେ ୫୫ରୁ ଅଧିକ ପ୍ରାର୍ଥନା ଗୃହରେ ଏଥି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ବଡ଼ଦିନକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ପୁଲିସ ପକ୍ଷରୁରୁ ଫ୍ଲାଗ୍ ମାର୍ଚ୍ଚ ସହିତ ସମସ୍ତ ପ୍ରବେଶ ପଥରେ ନାକା କରି ଗାଡ଼ିମୋଟର ଯାଞ୍ଚ କରାଯାଉଛି। ଏହାସହିତ କଡ଼ା ପାଟ୍ରୋଲିଂ ବ୍ୟବସ୍ଥା କରାଯିବା ସହିତ ସ୍ୱତନ୍ତ୍ର ସୁରକ୍ଷା କର୍ମୀ ମୁତୟନ କରାଯାଇଛି। ଏହା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଉପଖଣ୍ଡ ପୁଲିସ ଅଧିକାରୀ ବିଜୟ କୁମାର ବିଶି କହିଛନ୍ତି।

## ଅଦିନିଆ ସାପ୍ତାହିକ ହାଟରେ ଅସମ୍ଭାଳ ଭିଡ଼



ଗୁମ୍ମା,୨୪।୧୨(ସମିସ): ଗୁମ୍ମା ଅଞ୍ଚଳରେ ୭୦ପ୍ରତିଶତ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଲୋକେ ବସବାସ କରୁଥିବାରୁ ବଡ଼ଦିନ ଓ ଖ୍ରୀଷ୍ଟମାସ ଘରେ ଘରେ ପାଳନ କରାଯାଉଛି। ଏଥିପାଇଁ ଗୁମ୍ମା ସଦର ମହକୁମା ସାପ୍ତାହିକ ହାଟରେ ବୁଧବାର ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ଗୁମ୍ମାରେ ଗୁରୁବାର ସାପ୍ତାହିକ ହାଟ ହେଉଥିବା ବେଳେ ଚଳିତ ବର୍ଷ ଖ୍ରୀଷ୍ଟମାସ ଗୁରୁବାର ଦିନ ପଡୁଥିବାରୁ ମାସର ଶେଷ ସାପ୍ତାହିକ ହାଟ ଗୁରୁବାର ପରିବର୍ତ୍ତେ ବୁଧବାର ଦିନ କରାଯାଇଥିଲା। ଅଦିନିଆ ସାପ୍ତାହିକ ହାଟରେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍ ସମସ୍ୟା ଲାଗି ରହିଥିଲା। ହାଟକୁ ଆସିଥିବା ଲୋକେ ଅଣନିଶ୍ୱାସୀ ହେଉଥିବାବେଳେ ସୁରକ୍ଷା ବ୍ୟବସ୍ଥା ପୁରା ଢ଼ିଲା ରହିଥିଲା। ହାତ ଗଣତି ଦୁଇ ଚାରି ଜଣ ହୋମଗାର୍ଡ ଭିଡ଼ ନିୟନ୍ତ୍ରଣ କରିବାକୁ ନାକେଦାମ ହୋଇଥିଲେ। ହଜାର ହଜାର ଲୋକଙ୍କ ସମାଗମ ହେବା ସହ ରାସ୍ତା ଦୁଇ ପାଶ୍ୱର୍ରେ ମାଳ ମାଳ ଦୋକାନ ବଜାର ଏବଂ ହାଟ ଚାଲିଥିବା ସମୟରେ ମାଲବାହୀ ଯାନବାହନ ଚଳାଚଳ କରୁଥିଲା। ପୁଲିସ ଓ ପ୍ରଶାସନର ଅବହେଳା ଯୋଗୁଁ ଏପରି ପରିସ୍ଥିତି ଉପୁଜିଥିବା ଅଭିଯୋଗ କରାଯାଇଛି। ଏନେଇ ବିଭାଗୀୟ ଅଧିକାରୀ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପିଏମ୍‌ଶ୍ରୀ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ଚକାପାଦ,୨୪।୧୨(ସମିସ): ଚକାପାଦ ବ୍ଲକ ଲାଇନପଡ଼ାର ବରଡ଼ା ବାଲୁଙ୍କେଶ୍ୱର ପିଏମ ଶ୍ରୀଉଚ୍ଚ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଉମା ଚରଣ ମଲିକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦ ଶିକ୍ଷା ପ୍ରତିନିଧି ମାନସ ରଞ୍ଜନ ବେହେରା, ଚକାପାଦ ବ୍ଲକ ଜିଲ୍ଲା ପରିଷଦ ସଭ୍ୟା ରଞ୍ଜନା ନାଏକ, ଚକାପାଦ ବ୍ଲକ ଅଧ୍ୟକ୍ଷା ବୈନେତ୍ରୀ କହଁର, କୁସୁମେଣ୍ଡି ସରପଞ୍ଚ ସୁମତୀ କହଁର, ସମିତିସଭ୍ୟା ମାମାଲି ନାଏକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଦୟ ରଞ୍ଜନ ସାହୁ, ବରିଷ୍ଠ ଶିକ୍ଷକ ଉଦୟ ନାଥ ଭୋଇ ଓ ଶ୍ରୀକାନ୍ତ ସାହୁ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ସୋମନାଥ ସାହାଣୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ହିନ୍ଦୀ ଶିକ୍ଷକ ଲକ୍ଷ୍ମୀ ନାରାୟଣ ପୁରୋହିତ ପ୍ରାରମ୍ଭିକ ସଂଗୀତ ପରିବେଷଣ ଏବଂ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର କୃତି ପ୍ରତିଯୋଗୀଙ୍କୁ ଅତିଥମାନେ ପୁରସ୍କୃତ କରିଥିଲେ। ସନ୍ଧ୍ୟାରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସଙ୍ଗୀତ ଏବଂ ନୃତ୍ୟ ପରିବେଷଣ କରିଥିଲେ।

## ୬ ଜଣ ନାବାଳକଙ୍କୁ ଉଦ୍ଧାର କଲା ଜିଲ୍ଲା ପ୍ରଶାସନ

ପାରଳାଖେମୁଣ୍ଡି,୨୪ ।୧୨(ସମିସ): ଅତି ଦୟନୀୟ ଅବସ୍ଥାରେ ୬ ଜଣ ଶିଶୁ ରହୁଥିବା ଖବରପାଇ ଜିଲ୍ଲା ପ୍ରଶାସନ ଉଦ୍ଧାର କରିଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆର୍. ଉଦୟଗିରି ବ୍ଲକ ମହେନ୍ଦ୍ରଗିରି ଶକ୍ତି ସଦନର କର୍ମଚାରୀ ଶିଶୁଙ୍କୁ ଠାବ କରିଥିଲେ। ପରବର୍ତ୍ତୀ ସମୟରେ ଚାଇଲ୍ଡ ହେଲ୍ପଲାଇନର ୨ ଜଣ କର୍ମଚାରୀ ଓ ୱାନଷ୍ଟପ୍ ସେଣ୍ଟରର ଜଣେ କର୍ମୀ ସେମାନଙ୍କ ନିକଟରେ ପହଞ୍ଚିଥିଲେ। ଉକ୍ତ ଶିଶୁ ମାନଙ୍କୁ ସେଠାରୁ ଉଦ୍ଧାର କରି ଶିଶୁ ମଙ୍ଗଳ କମିଟି ନିକଟରେ ଉପସ୍ଥାପନ କରାଇଥିଲେ। ଶିଶୁ ମାନଙ୍କର ବିଷୟରେ ସମସ୍ତ ବିଷୟ ଓ ଉଦ୍ଧାର କରିଥିବା କର୍ମଚାରୀଙ୍କ ଠାରୁ ଅବଗତ ହେଲା ପରେ ୬ ଜଣ ଶିଶୁମାନଙ୍କ ମଧ୍ୟରୁ ୩ ଜଣ ୨ ବର୍ଷରୁ କମ୍ ହୋଇଥିବାରୁ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ କେନ୍ଦ୍ରକୁ ଓ ଅନ୍ୟ ୩ ଜଣ ଶିଶୁଙ୍କୁ ଉତ୍କଳ ବାଳାଶ୍ରମରେ ଥଇଥାନ କରାଯାଇଛି। ଉଦ୍ଧାର ହୋଇଥିବା ୬ ଜଣ ଶିଶୁମାନଙ୍କ ମଧ୍ୟରୁ ୪ ଜଣ ଶିଶୁ ରାମଗିରି ଅଞ୍ଚଳର। ସେମାନଙ୍କ ମଧ୍ୟରୁ ବାପା ମା'ଙ୍କୁ ଛାଡି ଅନ୍ୟତ୍ର ବିବାହ କରି ରହୁଛନ୍ତି। ମା' ସେମାନଙ୍କର ଯତ୍ନ ସଠିକ୍ ଭାବେ ନେଇପାରୁନଥଲା। ଅନ୍ୟ ୨ ଶିଶୁ ମୋହନା ଅଞ୍ଚଳର ବୋଲି ଜଣାପଡିଛି। ସେମାଙ୍କ ବାପା ମଦ୍ୟପାନ କରି ସ୍ତ୍ରୀ ଓ ପିଲାମାନଙ୍କର ଦେଖାରେଖା କରୁନଥିଲେ। ଫଳରେ ମା' ନିଜର ପିଲାଙ୍କ ଯତ୍ନ ନେଇପାରୁନଥିଲେ। ଏପରି ଅବସ୍ଥାରେ ୬ ଜଣ ଶିଶୁ ଅବହେଳିତ ଅବସ୍ଥାରେ ରହିଥିଲେ ଏବଂ ଏମାନଙ୍କୁ ଉଦ୍ଧାର କରାଯାଇଛି। ଏହି ୬ ଜଣ ପିଲାଙ୍କ ଯତ୍ନ, ସୁରକ୍ଷା ଓ ଶିକ୍ଷାର ବ୍ୟବସ୍ଥା ଜିଲ୍ଲା ପ୍ରଶାସନ କରିବ ବୋଲି ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ କହିଛନ୍ତି।

## ଘନ କୁହୁଡ଼ିରେ ଦୁର୍ଘଟଣା ରୋକିବାକୁ ସଚେତନତା



ଜି.ଉଦୟଗିରି୨୪ ।୧୨(ସମିସ ): ଦିନକୁ ଦିନ କନ୍ଧମାଳ ଜିଲ୍ଲାରେ ଶୀତବୃଦ୍ଧି ସାଙ୍ଗକୁ ଘନ କୁହୁଡ଼ି ଦେଖିବାକୁ ମିଳିଛି। ବିଶେଷ କରି କଳିଙ୍ଗା ଘାଟିରେ ଘନ କୁହୁଡି ଯୋଗୁ ଦୁର୍ଘଟଣା ଘଟୁଛି। କନ୍ଧମାଳ ଜିଲ୍ଲା ପରିବହନ ବିଭାଗ ଓ ଜି.ଉଦୟଗିରି ପୁଲିସ ପକ୍ଷରୁ ମିଳିତ ଭାବେ ସମସ୍ତ ଯାନବାହାନ ଡ୍ରାଇଭରଙ୍କୁ ଯାଞ୍ଚ କରାଯାଇଛି। ଘନ କୁହୁଡ଼ି ହେଲେ ଗାଡ଼ି କିପରି ଧୀର ଗତିରେ ଘାଟି ଅତିକ୍ରମ କରିବ, ଆବଶ୍ୟକ କୁହୁଡ଼ି ଲାଇଟ୍ ବ୍ୟବହାର, ମଦ ପିଇ ଗାଡ଼ି ନ ଚଳାଇବାକୁ ସଚେତନ କରାଯାଇଥିଲା। ପ୍ରତ୍ୟେକ ସମୟରେ ଗାଡ଼ିକୁ ଗାଡ଼ି ଅଧିକ ବ୍ୟବଧାନ କରି ଚଳାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ସମୟରେ ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ, ପରିବହନ ବିଭାଗ ଅଧିକାରୀଙ୍କ ସମତେ ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

## ଭାରୋତ୍ତୋଳକ ଜ୍ୟୋତ୍ସ୍ନାଙ୍କୁ ଜାତୀୟ ଶିଶୁ ପୁରସ୍କାର



ପାରଳାଖେମୁଣ୍ଡି,୨୪ ।୧୨(ସମିସ): ଗଜପତି ଜିଲ୍ଲାର ଆଦିବାସୀ କନ୍ୟା ଜ୍ୟୋତ୍ସ୍ନା ଶବର (୧୭) ପ୍ରଧାନମନ୍ତ୍ରୀ ଜାତୀୟ ଶିଶୁ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଜ୍ୟୋତ୍ସ୍ନା ରାୟଗଡ ବ୍ଲକ ମାର୍ଲବା ପଞ୍ଚାୟତ ଅନ୍ତର୍ଗତ ପେକଟ ଗ୍ରାମର କୀର୍ତ୍ତନ ଶବରଙ୍କ ଝିଅ। ଆସନ୍ତା ୨୬ରେ ନୂଆଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନରେ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ। ଚଳିତ ବର୍ଷ ସାରା ଦେଶରୁ କେବଳ ୨୧ ଜଣ ଶିଶୁ ଏହି ପୁରସ୍କାର ପାଇଁ ମନୋନୀତ ହୋଇଥିବା ବେଳେ ଓଡ଼ିଶାର ଗଜପତିରୁ ଜ୍ୟୋତ୍ସ୍ନା ଏକମାତ୍ର ଶିଶୁ। ଜ୍ୟୋତ୍ସ୍ନା ଭାରୋତ୍ତୋଳନ କ୍ଷେତ୍ରରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ଗୌରବଜନକ ସଫଳତା ଅର୍ଜନ କରିଛନ୍ତି। ୨୦୧୯ ମସିହାରୁ ସେ ନିୟମିତ ଭାବେ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ସୋସିଏଲ ସାଇନ୍ସରେ (କିସ୍)ରେ ଶିକ୍ଷା ଲାଭ ସହ କଳିଙ୍ଗ ଷ୍ଟାଡିୟମରେ ଭାରୋତ୍ତୋଳନରେ ପ୍ରଶିକ୍ଷଣ ଗ୍ରହଣ କରିଆସୁଛନ୍ତି। ଜ୍ୟୋତ୍ସ୍ନାଙ୍କ ଏହି ସଫଳତାରେ ସମଗ୍ର ଗଜପତି ଜିଲ୍ଲାବାସୀ ଏବଂ ଜିଲ୍ଲା ପ୍ରଶାସନ ଗର୍ବିତ ବୋଲି କୁହାଯାଇଛି। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଭାରପ୍ରାପ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନାଗାଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ସଭା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହୋଇଥିଲା। ଏଥିରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଜ୍ୟୋତ୍ସ୍ନାଙ୍କ ବାପା କୀର୍ତ୍ତନ ଶବର, କ୍ରୀଡ଼ାବିତ ତଥା ପୁଲିସ କର୍ମଚାରୀ ସନ୍ତୋଷ ବକ୍ସି ଉପସ୍ଥିତ ରହି ଜ୍ୟୋତ୍ସ୍ନାଙ୍କ ଏଭଳି କୃତୀତ୍ୱକୁ ପ୍ରଶଂସା କରିବା ସହ ପୁଷ୍ପଗୁଚ୍ଛ ଦେଇ ଭବିଷ୍ୟତରେ ମଧ୍ୟ ଏପରି ଧାରା ବଜାୟ ରଖିବାକୁ କାମନା କରିଥିଲେ। ଏହାପରେ ଜ୍ୟୋତ୍ସ୍ନା ଦିଲ୍ଲୀ ଗସ୍ତ ଲାଗି ଯାତ୍ରା ଆରମ୍ଭ କରିଥିଲେ। ଏକ ସ୍ୱତନ୍ତ୍ର ଗାଡ଼ିରେ ପ୍ରଶାସନ ପକ୍ଷରୁ ବିଶାଖାପାଟଣାରେ ଛଡାଯିବା ପରେ ସେଠାରୁ ବିମାନ ଯୋଗେ ଦିଲ୍ଲୀ ଯିବେ ବୋଲି ଜଣାପଡିଛି।

## ମଣ୍ଡିରେ ଧାନ କ୍ରୟ ପାଇଁ ପ୍ରଚାର ରଥର ଶୁଭାରମ୍ଭ



ପାରଳାଖେମୁଣ୍ଡି,୨୪ ।୧୨(ସମିସ): ଗଜପତି ଜିଲ୍ଲାରେ ଚଳିତ ମାସ ୩୦ ତାରିଖରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ମଣ୍ଡି ଖୋଲାଯାଇ ଚାଷୀଙ୍କ ଅମଳ ଧାନ କ୍ରୟ କରାଯିବ। ସେଥିପାଇଁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଜିଲ୍ଲା ଯୋଗାଣ ବିଭାଗ, ନିୟନ୍ତ୍ରିତ ବଜାର କମିଟି ଓ ଏଆରସିଏସର ମିଳିତରେ ଜିଲ୍ଲା ବ୍ୟାପୀ ପ୍ରଚାର ପାଇଁ ବାହାରିଥିବା ଏକ କୃଷକ ସଚେତନତା ପ୍ରଚାର ରଥର ଶୁଭାରମ୍ଭ କରାଯାଇଛି। ଭାରପ୍ରାପ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନାଗା ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଚାଷୀ ମଣ୍ଡିକୁ କେଉଁ ପ୍ରକାରର ଧାନ ନେବେ, ଧାନର ଉଚିତ୍ ପ୍ରାପ୍ୟ କିଭଳି ପାଇବେ ସେ ସବୁ ଉପରେ ଏହି ପ୍ରଚାର ରଥ ଜିଲ୍ଲାର ବିଭିନ୍ନ ବ୍ଲକକୁ ବୁଲି ଚାଷୀଙ୍କୁ ମାଇକ ଯୋଗେ ସଚେତନ କରାଇବା ସହ ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ସଚେତନତା ପ୍ରଚାର ପତ୍ର ମଧ୍ୟ ବଣ୍ଟନ କରିବ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା ଓ ଆରଏମସି ସମ୍ପାଦକ ରେବତୀ ମୋହନ ରାଉତ ପ୍ରମୁଖଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଗୁରାଣ୍ଡି ପଞ୍ଚାୟତରେ ମାଗଣା ସ୍ୱାସ୍ଥ୍ୟ ଶିବିର



ଗୋଷାଣି,୨୪ ।୧୨ (ସମିସ): ଗୋଷାଣି ବ୍ଲକ ଗୁରାଣ୍ଡି ପଞ୍ଚାୟତ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ଗୁରାଣ୍ଡି ସରପଞ୍ଚ ଶିଳ୍ପା ପାତ୍ର ଏବଂ ଗୁରାଣ୍ଡି ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରଶାନ୍ତ କୁମାର ସାମଲ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଶିବିରରେ ଗୁରାଣ୍ଡି ପଞ୍ଚାୟତର ୧୪୦ ଜଣଙ୍କର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୧୩ ଜଣଙ୍କ ଜଟିଳ ସମସ୍ୟା ରହିଥିବାରୁ ଶ୍ରୀକାକୁଲମ୍ ସ୍ଥିତ କିମ୍ସ ହସ୍ପିଟାଲକୁ ରେଫର କରାଯାଇଛି। ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟରେ ଉଚ୍ଚରକ୍ତଚାପ, ମଧୁମେହ, ଇସିଜି, ୨ଡି ଇକୋ ପ୍ରଭୃତି କରାଯାଇଥିବା ବେଳେ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୁରାଣ୍ଡି ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଅର୍ଜୁନ ଦଳାଇ, ସଭ୍ୟ ଖଗେଶ୍ୱର ପାତ୍ର, ପିନାକୀ ଜେନା, ନାଏବ ସରପଞ୍ଚ ରୁକୁମା ମାଝି, ସମାଜସେବୀ ପି. ମୋହନ ରାଓ ଓ ଖଗେଶ୍ୱର ପାତ୍ର ସହଯୋଗ କରିଥିବା ବେଳେ ସମାଜସେବୀ ଉମାଶଙ୍କର ପାତ୍ର ପରିଚାଳନା କରିଥିଲେ। କିମ୍ସ ହସ୍ପିଟାଲର ଡା. ବିଜୟ ଲକ୍ଷ୍ମୀ ମାଲା, ଫାର୍ମାସିଷ୍ଟ ଗଣେଶ ରାଓ, ରାମବାବୁ, ଜ୍ୟୋତି କ୍ରିଷ୍ଣା ଚିକିତ୍ସା କରିଥିଲେ।

## ହିନ୍ଦୁଙ୍କ ଉପରେ ଅତ୍ୟାଚାର ବିରୋଧରେ ବିକ୍ଷୋଭ



ପାରଳାଖେମୁଣ୍ଡି,୨୪ ।୧୨(ସମିସ): ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ବରର୍ବରତାକୁ ବିରୋଧ କରି ଆଜି ଗଜପତି ଜିଲ୍ଲା ପାରଳାଖେମୁଣ୍ଡିରେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ପ୍ରତିବାଦ କରାଯାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରୁ ଏକ ବିକ୍ଷୋଭ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଆକ୍ରମଣ ରୋକିବାକୁ ଭାରତ ସରକାର ହସ୍ତକ୍ଷେପ କରି ଜାତିସଂଘରେ ହିନ୍ଦୁଙ୍କ ସୁରକ୍ଷା ଲାଗି ସ୍ୱତନ୍ତ୍ର ଆଇନ ଆଣିବା ଏବଂ ରାଷ୍ଟ୍ରପତି ହସ୍ତକ୍ଷେପ କରିବାକୁ ନିବେଦନ କରାଯାଇଥିଲା। ବାଂଲାଦେଶୀଙ୍କ ଅନୁପ୍ରବେଶ ଉପରେ ରୋକ ଲଗାଇବା, ବିଭିନ୍ନ ସମୟରେ ହିନ୍ଦୁ ଧର୍ମାନୁଷ୍ଠାନଙ୍କ ଉପରେ ଆକ୍ରମଣ ସମସ୍ୟାର ସ୍ଥାୟୀ ସମାଧାନ ଓ ହିନ୍ଦୁଙ୍କ ସୁରକ୍ଷା ଲାଗି ହସ୍ତକ୍ଷେପ କରିବାକୁ ଦାବି କରାଯାଇଛି। କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦର ଉପଦେଷ୍ଟା ରାମାନନ୍ଦ ଦାଶଜୀ, ଲୋକନାଥ ମିଶ୍ର, କୁର୍ମାରେଡ୍ଡୀ, କୈଳାସ ଗୌଡ ଓ ବ୍ରଜକିଶୋର ପଟ୍ଟନାୟକ ପ୍ରମୁଖଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜି.ଉଦୟଗିରିରେ ପ୍ରାକ୍ ବଡ଼ଦିନ

ଜି.ଉଦୟଗିରି,୨୪।୧୨(ସମିସ): ଜି.ଉଦୟଗିରି ଅଞ୍ଚଳର ରୁଦାଙ୍ଗିଆ ଖ୍ରୀଷ୍ଟିୟ ସମାଜ ତରଫରୁ ପ୍ରାକ୍ ବଡ଼ଦିନ ପାଳିତ ହୋଇଯାଇଛି। କନ୍ଧମାଳ ଜିଲ୍ଲାର ବରିଷ୍ଠ ମିଶନାରୀ ତଥା ପ୍ରଭୁଙ୍କ ଦାସ ଆଚାର୍ଯ୍ୟ ସୁଧାଂଶୁ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଈଶ୍ୱରଙ୍କ ବାକ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଜି.ଉଦୟଗିରି ଓ ଟିକାବାଲି ଅଞ୍ଚଳରୁ ଶତାଧିକ ଖ୍ରୀଷ୍ଟୀୟ ବିଶ୍ୱାସୀ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ବିଭିନ୍ନ ମଣ୍ଡଳୀରୁ ଆସିଥିବା ଯୁବକ ଯୁବତୀ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିବା ବେଳେ, କନ୍ଧମାଳ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ, ଅବସରପ୍ରାପ୍ତ ବିଏସ୍‌ଏଫ୍ ଯବାନ କିଶୋର ଚନ୍ଦ୍ର ନାୟକ, ଗଦଗୁଡ଼ା ସରପଞ୍ଚ ପୁଷ୍ପଲତା ପ୍ରଧାନ, ଟିକାବାଲି ବ୍ଲକ ଉପାଧ୍ୟକ୍ଷା ପ୍ରଶ୍ମିତା ପ୍ରଧାନ ଏବଂ ଅନେକ ପାଳକ, ପ୍ରଚାରକ ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ରୁଦାଙ୍ଗିଆ ସଭାପତି ସୁରଜ କୁମାର ନାୟକ ପରିଚାଳନା କରିଥିବା ବେଳେ ଖ୍ରୀଷ୍ଟିଆନ ସମାଜର ସମସ୍ତ ସଦସ୍ୟ ସହାୟତା କରିଥିଲେ।

**ଭଞ୍ଜକିଶୋର ଓ ମଦନ ସୁନ୍ଦର ମେମୋରିଆଲ ଭଲିବଲ୍**

## ଉଦ୍‌ଘାଟନୀ ମ୍ୟାଚରେ କଳିଙ୍ଗା ଦଳ ବିଜୟୀ

ଟିକାବାଲି,୨୪।୧୨(ସମିସ): ଟିକାବାଲି ବାହାଡାସାହି ସ୍ଥିତ ଖେଳ ପଡ଼ିଆରେ ବାହାଡାସାହି ଭଲିବଲ କମିଟି ଆନୁକୂଲ୍ୟରେ ଆଜି ଭଞ୍ଜକିଶୋର ଓ ମଦନ ସୁନ୍ଦର ମେମୋରିଆଲ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ଉଦଘାଟନୀ ମ୍ୟାଚରେ କଳିଙ୍ଗା ଦଳ ରୁଦାଙ୍ଗିଆକୁ ପରାସ୍ତ କରି ନିଜର ଦବଦବା ଜାହିର କରିଛି। ଉଦଘାଟନୀ ଉତ୍ସବରେ ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଟିକାବାଲି ଏଏମ୍‌ସିଏସ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ବିଶିଷ୍ଟ କ୍ରୀଡ଼ାବିତ୍ ଦୀନବନ୍ଧୁ ମହାନ୍ତି, ବରିଷ୍ଠ ଖେଳପ୍ରେମୀ ଖଗେଶ୍ୱର ପଟ୍ଟନାୟକ, ସୁବାସ ପାଣିଗ୍ରାହୀ, କୁମରମଣୀ ନାୟକ, ପ୍ରଭଞ୍ଜନ କହଁର ଏବଂ ପ୍ରମୋଦ ଦେହୁରୀ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରାଜିଆ କୁମାର ପ୍ରଧାନ ପରିଚାଳନା କରିଥିଲେ। ଆଜିଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଆସନ୍ତା ୩୧ ପର୍ଯ୍ୟନ୍ତ ଚାଲିବ। ଏଥିରେ କନ୍ଧମାଳ, ଗଞ୍ଜାମ ଏବଂ ଗଜପତି ଜିଲ୍ଲାର ୮ ଦଳ ଅଂଶଗ୍ରହଣ କରୁଛନ୍ତି।

## ଟିକାବାଲି ବ୍ଲକର ସମସ୍ତ ପଞ୍ଚାୟତରେ 'ବିଜି-ରାମ-ଜି' ଗ୍ରାମସଭା

**ଉତ୍ସାହ ଅଭାବ; ହାତଗଣତି ଲୋକରେ ହେଲା ସଭା**

ଟିକାବାଲି,୨୪।୧୨(ସମିସ): ଟିକାବାଲି ବ୍ଲକର ସମସ୍ତ ପଞ୍ଚାୟତରେ ବିକଶିତ ଭାରତ-ଜି.ରାମ.ଜି. ଯୋଜନା ଅଧୀନରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସରକାରଙ୍କ ଦ୍ୱାରା ପୂର୍ବରୁ କାର୍ଯ୍ୟକାରୀ ମନରେଗା ଯୋଜନାର ନାମ ପରିବର୍ତ୍ତନ କରାଯାଇ ଏବେ "ବିଜି ରାମ୍- ଜି' ନାମରେ ନାମିତ କରାଯାଇଛି। ଏହି ଅବସରରେ ନୂତନ ଆଇନ ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ହିତାଧିକାରୀଙ୍କୁ ସଚେତନ କରାଯାଇଛି।



ବୈଠକ ବିଶେଷ ଭାବେ ସରକାରଙ୍କ ନୂତନ "ପଞ୍ଚାୟତ ନିର୍ଣ୍ଣୟ' ଆପ୍ସ ମାଧ୍ୟମରେ ପରିଚାଳନା କରାଯାଇଛି। ଗ୍ରାମସଭାର ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ଡିଜିଟାଲ୍ କରିବା ପାଇଁ ଏହି ଆପ୍‌ର ସହାୟତା ନିଆଯାଇଥିବାବେଳେ, ଏଥିରେ ସଭାର ନିଷ୍ପତ୍ତି ଓ ତଥ୍ୟଗୁଡ଼ିକୁ ଅପଲୋଡ୍ କରାଯାଇଛି। ସ୍ୱତନ୍ତ୍ର ଗ୍ରାମସଭାରେ ଏକ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। ବ୍ଲକର ପ୍ରାୟ ସମସ୍ତ ପଞ୍ଚାୟତରେ ଅନୁଷ୍ଠିତ ଏହି ବୈଠକରେ ଅପେକ୍ଷାକୃତ ଖୁବ୍ କମ୍ ସଂଖ୍ୟକ ଲୋକ ଉପସ୍ଥିତ ଥିବା ଦେଖାଯାଇଛି। ସରକାରଙ୍କ ଏତେ ବଡ଼ ଜନକଲ୍ୟାଣକାରୀ ଯୋଜନାର ପରିବର୍ତ୍ତନ ଓ ଏହାର ଲାଭ ବିଷୟରେ ଜଣାଇବା ପାଇଁ ସଭା ହେଉଥିବା ବେଳେ, ଜନସାଧାରଣଙ୍କ ସ୍ୱଳ୍ପ ଉପସ୍ଥିତି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରଚାର ପ୍ରସାରର ଅଭାବ କିମ୍ବା ଲୋକଙ୍କ ଆଗ୍ରହ କମିବା ଏହାର କାରଣ ହୋଇଥାଇପାରେ ବୋଲି କୁହାଯାଉଛି। ସଂସଦିତ ନିୟମାବଳୀ ଅନୁଯାୟୀ ଏବେ ହିତାଧିକାରୀଙ୍କୁ ୧୨୫ ଦିନର କାମ ମିଳିବା ସହ ଅନେକ ନୂତନ ସୁବିଧା ଯୋଗାଇ ଦିଆଯିବ।

**ନବନିର୍ମାଣ କୃଷକ ସଂଘର କୃଷକ ସମାବେଶ**

## ଧାନକ୍ରୟରେ ସମସ୍ୟା ହେଲେ ଆନ୍ଦୋଳନ ଚେତାବନୀ

ପାରଳାଖେମୁଣ୍ଡି,୨୪ ।୧୨(ସମିସ)



କୃଷି ଓ କୃଷକଙ୍କ ସ୍ୱାର୍ଥ ରକ୍ଷାରେ ସରକାର ବିଫଳ ହୋଇଛନ୍ତି। କୃଷି ଉତ୍ପାଦିତ ଖାଦ୍ୟ ଶସ୍ୟର ଉପଯୁକ୍ତ ମୂଲ୍ୟ ମିଳୁନାହିଁ। ଚାଷୀଙ୍କ ଦାବିକୁ ସରକାର ଉପେକ୍ଷା କରୁଛନ୍ତି। ଏହାରି ପ୍ରତିବାଦରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଗଜପତି ଜିଲ୍ଲା ସ୍ଥିତ ଉପଲଡ଼ା ଗ୍ରାମଠାରେ ଥିବା ମଣ୍ଡି ପରିସରରେ ଏକ କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି।

ଗଜପତି ଜିଲ୍ଲା ପ୍ରଭାରୀ ରଣଜିତ୍ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ଗାଁ, ବ୍ଲକରୁ ଛାତ୍ର, ଯୁବକ, ଚାଷୀ ସାତ ମାଇଲ ପରିସରରେ ଏକତ୍ର ହୋଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଯୋଗ ଦେଇଥିଲେ। ଭାଗେ ସରକାରୀ କର୍ମଚାରୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଅଷ୍ଟମ ବେତନ କମିସନ୍ କାର୍ଯ୍ୟକାରୀ ହେଉଛି। ମାତ୍ର ଧାନର ଏମ୍‌ଏସ୍‌ପିକୁ ଆଇନ୍ ପରିସରକୁ ଆଣିବା ଏବଂ ଚାଷୀ ପେନସନ୍ ପାଇଁ ସରକାରଙ୍କ ପାଖରେ ପଇସା ନାହିଁ। ଏଥର ୨୬୬ ଟଙ୍କା ୟୁରିଆ ସାରକୁ ଚାଷୀ ସ୍ଥଳ ବିଶେଷରେ ୩ ଗୁଣା ଦାମ୍ ଦେଇ ୮୦୦ ରୁ ୧,୦୦୦ ଟଙ୍କାରେ କିଣିଛନ୍ତି। ଧାନ ବିକ୍ରି ସମୟରେ ମିଲର ମନମାନି କରି ୬ରୁ ୧୨ କେଜି ପର୍ଯ୍ୟନ୍ତ କାଟି ନେଇଛନ୍ତି। ଭାଗଚାଷୀଙ୍କୁ ସରକାର ଚାଷୀର ମାନ୍ୟତା ଦେବାକୁ ବାଟ ବାହାର କରୁନାହାନ୍ତି। ଏଥର ଚାଷୀମାନେ ସାରା ଓଡ଼ିଶାରେ ଚାଷୀ ସୁରକ୍ଷା ଭତ୍ତା ପାଇଁ ଏକତ୍ର ହେବେ ଓ ନିର୍ଣ୍ଣାୟକ ଲଢ଼େଇ ଲଢ଼ିବେ। ଏ ସରକାର ଜନବିରୋଧୀ ଭୂମିକା ଜାରି ରଖିଲେ ହଟାଇବୁ ବୋଲି ଏହି ଅବସରରେ କୁହାଯାଇଥିଲା।

କାର୍ଯ୍ୟକ୍ରମରେ ରାଜ୍ୟ ଯୁବଛାତ୍ର ସଂଯୋଜକ ଏମ.ଡ଼ି ମନୱର ଅଲ୍ଲୀ କହିଥିଲେ ଯେ, ସଂଖ୍ୟା ଦୃଷ୍ଟିରୁ ଚାଷୀମାନେ ସବୁଠୁ ବଡ଼ ଅଂଶ ଓ ବଳବାନ୍ ଗୋଷ୍ଠୀ। ସଂଗଠନ ଅଭାବରୁ ସରାକାର ଚାଷୀମାନଙ୍କୁ ଉପେକ୍ଷିତ କରୁଛନ୍ତି। ଚାଷୀ ଆନ୍ଦୋଳନ ପଛରେ ଓଡ଼ିଶାର ଯୁବଗୋଷ୍ଠୀ ସଶକ୍ତ ହୋଇ ଠିଆ ହେବେ ଓ ଆଗାମୀ ଦୁର୍ବାର ଚାଷୀ ଆନ୍ଦୋଳନ ସରକାରଙ୍କୁ ଚାଷୀ ସପକ୍ଷବାଦୀ ନିଷ୍ପତ୍ତି ନେବାକୁ ବାଧ କରିବ। ଚଳିତବର୍ଷ ଯଦି ଚାଷୀଙ୍କୁ ମଣ୍ଡିରେ ହଇରାଣ କରାଯିବ ଓ ଧାନ କଟ୍‌ନୀ ଛଟ୍‌ନୀ ହୁଏ ତା'ହେଲେ ଗଜପତି ଜିଲ୍ଲାରେ ବିରାଟ ଚାଷୀ ଆନ୍ଦୋଳନ ହେବ ବୋଲି ଗଜପତି ଜିଲ୍ଲା ପ୍ରଭାରୀ ରଣଜିତ ପଟ୍ଟନାୟକ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଣ୍ଡାସୀ ଖଣ୍ଡୁଆଳ, ରାମା ରାଓ, ଜିଲ୍ଲା ପରିଷଦ ସଭ୍ୟ ଏସ୍.ବାଲ ରାଜୁ, ଚାଷୀନେତା ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, କୃଷ୍ଣ ନାଏକ, ମାଣିକ ପାଇକ, ଦାମୋଦର ରାଓ ଓ ପୂର୍ଣ୍ଣ ଗମାଙ୍ଗ ଯୋଗଦେଇ ଚଳିତ ବର୍ଷ ଧାନକ୍ରୟ ବେଳେ ସମସ୍ୟା ସୃଷ୍ଟି ହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ଏବଂ ଏମଏସ୍‌ପି ନାମରେ କଟ୍‌ନୀ ଛଟନୀ ବନ୍ଦ କରିବା, ଜିଲ୍ଲାରେ କପା ଓ ମକା ମଣ୍ଡି ଖୋଲିବା, ଧାନ ବିକ୍ରି ବେଳେ ଅଖାର ମୂଲ୍ୟ ପ୍ରଦାନ, ଧାନ ପରିବହନ ଖର୍ଚ୍ଚ ପ୍ରଦାନ କରିବା ଆଦିକୁ ନେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ଚାଷୀ ଉପସ୍ଥିତଥିଲେ।

# ବସ୍ତା ଏନ୍‌ଏସି ଦ୍ୱନ୍ଦ୍ୱକୁ ନେଇ ତେଜୁଛି ରାଜନୀତି

ବସ୍ତା ବ୍ଲକ, ୨୪।୧୨ (ସମିସ)





ଗତ ତିନିଦିନ ପୂର୍ବରୁ ରାଜ୍ୟ ସରକାରଙ୍କ ତରଫରୁ ଏନ୍‌ଏସି ପାଇଁ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ପୂର୍ବ ଘୋଷଣା ଅନୁସାରେ ବସ୍ତାର ନାମ ଘୋଷଣା ନ ହେବାକୁ ନେଇ ସାଧାରଣରେ ଦ୍ୱନ୍ଦ୍ୱ ଦେଖା ଦେଇଥିବା ବେଳେ ରାଜନୈତିକ ଅଭିସନ୍ଧି ରଖି ବସ୍ତାକୁ ବାଦ ଦେବାକୁ ସରକାରୀ ଦଳ ଚକ୍ରାନ୍ତ କରୁଥିବା ଅନ୍ୟ ରାଜନୈତିକ ଦଳ ବିଜେଡି ଓ କଂଗ୍ରେସ ଆଣିଥିବା ଅଭିଯୋଗ ବସ୍ତା ରାଜନୈତିକ ପାଣି ପାଗରେ ଉଷ୍ମତା ଭରି ଦେଇଛି। ଏହି ଘଟଣାକୁ ନେଇ ରାଜନୈତିକ ଦଳ ମଧ୍ୟରେ ପରସ୍ପର ପରସ୍ପରକୁ ସାମ୍ବାଦିକ ସମ୍ମିଳନୀ ଓ ବିକ୍ଷୋଭ ପ୍ରଦର୍ଶନ କରି ନିଜ ନିଜ ଦଳର ଆଭିମୁଖ୍ୟ ସାମ୍ନାକୁ ଆଣିଛନ୍ତି। ମଙ୍ଗଳବାର ଶାସକ ବିଜେପି ବସ୍ତାରେ ସାମ୍ବାଦିକ ସମ୍ମିଳନୀ କରି ଏନ୍‌ଏସି ତାଲିକାରୁ ବସ୍ତା ବାଦ ପଡିନଥିବା ଉପରେ ବିବୃତି ଦେଇଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ହେବାକୁ ଥିବା ଘୋଷଣାରେ ବସ୍ତା ଚୂଡାନ୍ତ ତାଲିକାଭୁକ୍ତ ହେବା ନେଇ ଦୃଢ଼ତାର ସହିତ ମତବ୍ୟକ୍ତ କରିଥିଲେ। ମାତ୍ର ଏହାକୁ ବିଶ୍ୱାସକୁ ନନେଇ ବୁଧବାର ସକାଳେ ବସ୍ତା ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି ପୂର୍ବରୁ ସରକାରଙ୍କ ପାଖକୁ ବ୍ଲକ ପ୍ରଶାସନ ପକ୍ଷରୁ ପଠା ଯାଇଥିବା ଅଞ୍ଚଳକୁ କାଟିବା ପାଇଁ ଯୋଜନା କରୁଥିବା ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ବସ୍ତା ପଞ୍ଚାୟତ କାର୍ଯ୍ୟାଳୟ ସଭା ଗୃହ ରେ ବସ୍ତା ବ୍ଲକ ବିଜେଡି ସଭାପତି ଅନିଲ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀ ରେ ସଦାନନ୍ଦ ପୂର୍ବ ପଞ୍ଚାୟତ ସରପଞ୍ଚ ରଚିତା ମହାନ୍ତି, ନାଏବ ସରପଞ୍ଚ ସଚିଦା ନନ୍ଦ ଦେ, ପଞ୍ଚାୟତ ସଭାପତି ଦେବାଶିଷ କର, ସମିତି ସଭ୍ୟା ମଧୁସ୍ମିତା କର, ଜିଲ୍ଲା ଯୁବ ସଭାପତି ଅନୁପମ ମହାନ୍ତି, ସମିତି ସଭ୍ୟ ଜୟ ପ୍ରକାଶ ନାରାୟଣ ବେହେରା, ବିଜେଡି ନେତା ଶଙ୍କର କୁମାର କର, ପତ୍ରଝଡ଼ା ପଞ୍ଚାୟତ ନାଏବ ସରପଞ୍ଚ ରେହେମାନ ଅକମଲ, ପଞ୍ଚାୟତ ସଭାପତି ଅନ୍ତର୍ଯ୍ୟାମୀ ବେହେରା, ବ୍ରାହ୍ମଣଦା ପଞ୍ଚାୟତ ସଭାପତି ସୁଦାମ ବେହେରା, ସରପଞ୍ଚ ପ୍ରତିନିଧି ଚନ୍ଦନ ଜେନା ଯୋଗ ଦେଇ ରାଜ୍ୟ ବିଜେପି ସରକାରଙ୍କ ହୀନ ରାଜନୀତି ଉପରେ ବର୍ଷି ଥିଲେ। ତଞ୍ଚକତା କରି ପତ୍ରଝଡ଼ା ପଞ୍ଚାୟତର ୯ ଟି ସଂଖ୍ୟାଲଘୁ ୱାର୍ଡକୁ କାଟି ଭେଦ ଭାବ ସୃଷ୍ଟି କରିଥିବା ନେଇ ସମାଲୋଚନା କରିଥିଲେ। ସେହିପରି

### ରାଜ୍ୟ ବିଜେପି ସରକାର ଉପରେ ବର୍ଷିଲେ ବିଜେଡି ଓ କଂଗ୍ରେସ

ଅପରାହ୍ନରେ ବସ୍ତା ବଜାର ତାରିଣୀ ଛକ ରେ ବ୍ଲକ ସଭାପତି ସତ୍ୟ ନାରାୟଣ ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଏହି ଏନ୍‌ଏସିକୁ ନେଇ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିବାଦ ସଭାରେ ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ, ପୂର୍ବତନ ଜିଲ୍ଲା ସଭାପତି ସଞ୍ଜୀବ ଗିରି, ବସ୍ତା ନେତା ବିଜନ ନାୟକ, ଯୁବ ନେତା ସୁଧାଂଶୁ ଶେଖର ଜେନା, ସମିତି ସଭ୍ୟ ରବୀନ୍ଦ୍ର କୁମାର ଦାସ, କମଲ ଲୋଚନ ଜେନା, ଅରୁଣ ମଣ୍ଡଳ, ଗୌରାଙ୍ଗ ସେଠୀ, ପିତାମ୍ବର ପ୍ରଧାନ, ସୃଷ୍ଟିଧର ମହାଳିକ, ଛାତ୍ର ଯୁବ ନେତା ଅବିନାଶ ନାୟକ, ବ୍ରଜେନ୍ଦ୍ର ଗିରି ଯୋଗ ଦେଇ ସରକାରଙ୍କ ଉପରେ ବର୍ଷି ଥିଲେ। ଆସନ୍ତା ୩୧ ତାରିଖ ସୁଦ୍ଧା ବିଜ୍ଞପ୍ତି ପ୍ରକାଶ ନ ପାଏ ତାହାଲେ କଂଗ୍ରେସ ଆନ୍ଦୋଳନକୁ ତୀବ୍ର କରିବା ସହିତ ୬୦ ନମ୍ବର ଜାତୀୟ ରାଜପଥ ଅବରୋଧ କରିବ ବୋଲି କଡ଼ା ଚେତାବନୀ ଦେଇଛି।

## ହାତ ଗୋଡ଼ ମୁହଁ ବନ୍ଧା ଅବସ୍ଥାରେ ନାବାଳକ ଉଦ୍ଧାର

ସୋର, ୨୪।୧୨(ସମିସ): ସୋର ବ୍ଲକ ଦହିସଡା ପଞ୍ଚାୟତ ଦହିସଡା ଗ୍ରାମରୁ ଜଣେ ନାବାଳକ ନିଖୋଜ ହୋଇଯାଇଥିବା ବେଳେ ଆଜି ପୂର୍ବାହ୍ନରେ ଗ୍ରାମରେ ଥିବା ଏକ କ୍ଲବର ସିଡ଼ି ଘରୁ ହାତ ଗୋଡ଼ ବନ୍ଧା ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ଏହି ଗ୍ରାମର ମନରଞ୍ଜନ ମଲ୍ଲିକଙ୍କ ପୁଅ ରିଷି ମଲ୍ଲିକ (୧୦) ଗତକାଲି ସନ୍ଧ୍ୟାରୁ ନିଖୋଜ ଥିଲେ। ପରିବାର ଲୋକେ ଏବଂ ଗ୍ରାମବାସୀ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନ ପାଇ ଆଜି ପୂର୍ବାହ୍ନରେ ସୋର ଥାନାରେ ଅଭିଯୋଗ କରିଥିଲେ। ଗତକାଲି ସନ୍ଧ୍ୟାରେ କେହି ରିଷି ମୁହଁରେ କିଛି ପକାଇ ତାକୁ ବେହୋସ କରି ହାତ ଗୋଡ଼ ମୁହଁ ବାନ୍ଧି ଦହିସଡା ପ୍ରାଥମିକ ବିଦ୍ୟାଳୟ ନିକଟରେ ଥିବା କ୍ଲବ ଘରେ ରିଷିକୁ ହାତ ଗୋଡ଼ ଏବଂ ମୁହଁ ବାନ୍ଧି ରଖିଥିଲେ। କିନ୍ତୁ ଆଜି ପୂର୍ବାହ୍ନରେ ଉକ୍ତ କ୍ଲବ ଘରୁ ରିଷି କୌଶଳ କ୍ରମେ ଘର ଭିତରୁ ବାହାରିବା ସ୍ଥାନୀୟ ଲୋକେ ଦେଖିଥିଲେ। ପରେ ଉକ୍ତ ଘରକୁ ଭଡାରେ ନେଇ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ଥିବା ପାଞ୍ଚ ଜଣଙ୍କୁ ଗ୍ରାମବାସୀ ଅଟକ ରଖି ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ରିଷିକୁ ଉଦ୍ଧାର କରିବା ସହିତ ପାଞ୍ଚ ଜଣଙ୍କୁ ଥାନାକୁ ଆଣି ପଚରା ଉଚରା କରି ଛାଡି ଦେଇଥିବା ଜଣାପଡିଛି। ତେବେ ରିଷି ସେଠାକୁ କେମିତି ଆସିଲା, ତାର ହାତ ଗୋଡ଼ ମୁହଁ ବାନ୍ଧି କିଏ ସେ ଘରେ ରଖିଥିଲା ତାହା ତଦନ୍ତ ସାପେକ୍ଷ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରଜତ ଜୟନ୍ତୀ ସମାରୋହ




ଭୋଗରାଇ,୨୪।୧୨(ସମିସ) : ଭୋଗରାଇ ବ୍ଲକ ଜଳେଶ୍ୱରପୁର ପଞ୍ଚାୟତରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ସମାରୋହ ବୁଧବାର ଉଦଘାଟିତ ହୋଇଛି। ଅନୁଷ୍ଠିତ ସଭାକୁ ଉତ୍ତରାଞ୍ଚଳ ପ୍ରଚାରକ ହେମଗିରି ପ୍ରଭୁ ଉଦଘାଟନ କରିଥଲେ। ବିଦ୍ୟା ମନ୍ଦିର ପରିଚାଳନା ସମିତିର ସଭାପତି ଶୈଳଜାନନ୍ଦନ ଚାଟାର୍ଜୀ ସଭାପତିତ୍ୱ କରିଥଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ମନସ୍ମିତା ଖୁଣ୍ଟିଆ, ମୁଖ୍ୟ ବକ୍ତା ଭାବେ ରାଜ୍ୟ ଶିକ୍ଷା ବିକାଶ ସମିତିର ସଭାପତି ଡ. କିଶୋର ଚନ୍ଦ୍ର ମହାନ୍ତି, ପ୍ରଧାନ ଆଚାର୍ଯ୍ୟ ଭାଗ୍ୟାଶିଷ ପତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଦ୍ୟାମନ୍ଦିର ସମ୍ପାଦକ ଶ୍ରୀନିବାସ ପ୍ରଧାନ ଅତିଥି ପରିଚୟ ପ୍ରଦାନ ଓ କୋଷାଧ୍ୟକ୍ଷ ସୁନୀଲ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଡାକ୍ତର ଗୋପାଳ ଚନ୍ଦ୍ର ଦାସ, ବରିଷ୍ଠ ସାମ୍ବାଦିକ ବିକାଶ ପାଣିଗ୍ରାହୀ, ବିଜନ କୁମାର ଜେନା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଂଶୁମାନ ମହାନ୍ତି, ସତ୍ୟବ୍ରତ ଜେନା, ପରମାନନ୍ଦ ପରିଡ଼ା, କ୍ୟାପଟେନ ଅଶୋକ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ନିନିବାଲା ଦାସ, ଗଣେଶ ଦେ ନିତାଇ ଚରଣ ଆଚାର୍ଯ୍ୟ, ବରେନ୍ଦ୍ର ଗିରି, ଚନ୍ଦ୍ର ଶେଖର ଦେ, ସଞ୍ଜିତା ଦାସ, ବିଳାସିନୀ ସାହୁ ଗୀତାଞ୍ଜଳି ମହାନ୍ତି, ସୁପ୍ରିତି ଭଞ୍ଜ, ପ୍ରତିଭା କର, ସଞ୍ଜିତା ଦାସ, ଅମୂଲ୍ୟ ସାହୁ ପ୍ରମୁଖ ଗୁରୁଜୀ/ଗୁରୁମା ମାନେ ପରିଚାଳନା କରିଥଲେ।

## ମେଗା ସ୍ୱାସ୍ଥ୍ୟ ଶିବିର ଓ କୃଷକ ମେଳା ନେଇ ଆଲୋଚନା

ଚନ୍ଦନେଶ୍ୱର, ୨୪।୧୨ (ସମିସ) : ଗାଁ ଗହଳିର ସାଧାରଣ ଲୋକଙ୍କ ପାଇଁ ମେଗା ସ୍ୱାସ୍ଥ୍ୟ ଶିବିର ଓ କୃଷକ ମେଳା ନେଇ ଏକ ଆଲୋଚନା ଶିବିର ଅନୁଷ୍ଠିତ ହୋଇଯାଇଛି । ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ହେପି ଫାଉଣ୍ଡେସନର ସହଯୋଗରେ ଆସନ୍ତା ନୂଆ ବର୍ଷରେ ୩୪ନଂ ଜୋନ ସମେତ ସମଗ୍ର ଭୋଗରାଇରେ ଏଭଳି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଭୋଗରାଇର ବାରବାଟିଆ ପଂଚାୟତ ଅଧୀନ କୁକୁଡିଆ ଗାଁରେ ଏନେଇ ଆୟୋଜିତ ବୈଠକକୁ ବିଶିଷ୍ଟ ସମାଜସେବୀ ସୁଶୀଳ କୁମାର ମଣ୍ଡଳ ପୌରୋହିତ୍ୟ କରିଥିଲେ। ଏଥିରେ ସରପଂଚ ବାସୁଦେବ ମହାନ୍ତି ଯୋଗଦେଇ ଥିଲେ। ଭୋଗରାଇ ଶାଖା ଅଧୀନ ଫାଉଣ୍ଡେସନର ଚେୟାରମ୍ୟାନ ତପନ କୁମାର ପାତ୍ରଙ୍କ ଉଦ୍ୟମରେ ଆୟୋଜିତ ଏହି ବୈଠକରେ ସ୍ୱାସ୍ଥ୍ୟ ଶିବିର ଓ କୃଷି ସମାବେଶ ସହିତ, ବରିଷ୍ଠ ନାଗରିକଙ୍କୁ ତୀର୍ଥ ଯାତ୍ରା, ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟ କରାଯିବ ବୋଲି ସୂଚନା ଦେଇଥିଲେ। ଏହି ଅବସରରେ ପଂଚାୟତ ପକ୍ଷରୁ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ପରେଶ ଚନ୍ଦ୍ର ମଣ୍ଡଳ, ସମ୍ପାଦକ ତପନ କୁମାର କର, କୋଷାଧ୍ୟକ୍ଷ ଶ୍ରୀହରି ମଣ୍ଡଳ,ଉପ ସଭାପତି ରାମଚନ୍ଦ୍ର ମଣ୍ଡଳ ଏବଂ ସହ ସମ୍ପାଦକ ଭାବେ ଘନଶ୍ୟାମ ମଣ୍ଡଳଙ୍କୁ ଚୟନ କରା ଯାଇଥିଲା। ଏହି ଅବସରରେ ଫାଉଣ୍ଡେସନର ସମ୍ପାଦକ ଅଘୋର ତୋଷ ପଣ୍ଡା, ବରିଷ୍ଠ ଉପଦେଷ୍ଟା ଅଶୋକ ପ୍ରଧାନ, ପ୍ରଦୀପ ଗିରି, ହେମନ୍ତ କୁମାର ପାତ୍ର, ଝାଡେଶ୍ୱର ପାତ୍ର, ମାନସ ଜେନା, ଜଗନ୍ନାଥ ପାତ୍ର, ଶିଶିର ମଣ୍ଡଳ, ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## କଳିଙ୍ଗ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ଭୋଗରାଇ,୨୪।୧୨(ସମିସ): ଭୋଗରାଇ ବ୍ଲକ ଦେହୁର୍ଦ୍ଦା ପଞ୍ଚାୟତ ଆନନ୍ଦବଜାର ଠାରେ ଅବସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ କଳିଙ୍ଗ ପବ୍ଲିକ ସ୍କୁଲର ୧୫ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଶ୍ରୀ ଜଗନ୍ନାଥ ଏଜୁକେସନାଲ ଟ୍ରଷ୍ଟର ସଭାପତି ସୁରେଶ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଝାଡେଶ୍ୱର ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟର ଯୁକ୍ତ ୨ର ଅଧ୍ୟକ୍ଷ ଡ. ବିନାୟକ ସାହୁ, ମୁଖ୍ୟବକ୍ତା ଭାବେ ରେଡିଏଣ୍ଟ ସ୍କୁଲ ଅଫ୍ ଇଂଲିଶ ଆଣ୍ଡ ଆଇଟିର ପ୍ରିନ୍ସିପାଲ ସତ୍ୟଜିତ୍ ମିଶ୍ର, ସମ୍ମାନିତ ଅତିଥି ଏଲଆଇସି ଭୋଗରାଇ ଶାଖା ପରିଚାଳକ ବିରେନ୍ କୁମାର ଖଟୁଆ, ଶିକ୍ଷକ ହରିଶ ପାତ୍ର, କଳିଙ୍ଗ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଦୁର୍ଗା ଶଙ୍କର ଜେନା, ଉପାଧ୍ୟକ୍ଷ ପୂର୍ଣ୍ଣିମା ବେହେରା, ଶିକ୍ଷୟିତ୍ରୀ ପୂଜା ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ସଞ୍ଜୟ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକ ଅନୁପମ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଟ୍ରଷ୍ଟର ସମ୍ପାଦକ ସନ୍ତୋଷ ଜେନା, ପ୍ରଶାନ୍ତ ଜେନା, ବିଷ୍ଣୁପଦ ଦାସ, ସୁକୁମାର ମହାନ୍ତି, ଅସିତ ମଣ୍ଡଳ, ସୁଦୀପ ଦାସ, ଗଣେଶ ଚନ୍ଦ୍ର ପାତ୍ର, ଅନୁପମ ପରିଡ଼ା, କାଜଲ ଘୋଷ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ୨୮ ରୁ ଉତ୍ସବ ଉତ୍ତର ଓଡ଼ିଶା

ବାଲେଶ୍ୱର,୨୪।୧୨(ସମିସ): ବାଲେଶ୍ୱର ଆଇଟିଆଇ ପଡ଼ିଆରେ ଡିସେମ୍ବର ୨୮ ତାରିଖରୁ ଜାନୁଆରୀ ୪ ଯାଏଁ ଦ୍ୱିତୀୟ ବାର୍ଷିକ ଉତ୍ସବ ଉତ୍ତର ଓଡ଼ିଶା ଅନୁଷ୍ଠିତ ହେବ। ଏହି ଉତ୍ସବରେ ରିଲସ୍ ଓ ଫଟୋଗ୍ରାଫି, ନୃତ୍ୟ, ସଙ୍ଗୀତ, ପେଣ୍ଟିଂ, ଫ୍ୟାସନ୍ ସୋ', ମ୍ୟୁଜିକ୍ ଚେୟାର, ରୋଷେଇ ଆଦି ପ୍ରତିଯୋଗିତା ହେବ। ଏଥିସହ ବିଭିନ୍ନ ଷ୍ଟଲ୍ ସାଙ୍ଗକୁ ସୁପ୍ରତିଷ୍ଠିତ କଣ୍ଠଶିଳ୍ପୀ ଓ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ବୁଧବାର ଅପରାହ୍ନରେ ଷ୍ଟେସନ କ୍ଲବ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉତ୍ସବ କମିଟିର କର୍ମକର୍ତ୍ତା ସୂଚନା ଦେଇଛନ୍ତି। ସେହିପରି ୩୧ ତାରିଖ ରାତିରେ ଜିରୋ ନାଇଟ୍ ସେଲିବ୍ରେସନ୍‌ରେ ଡିଜେ ଓ ଆତସବାଜି ଆକର୍ଷଣର କେନ୍ଦ୍ର ବିନ୍ଦୁ ସାଜିବ । କମିଟିର ସଭାପତି ରିତିକ ଜୀ ଏହି ସମ୍ମିଳନୀରେ ସଭାପତିତ୍ୱ କରିଥିଲେ। ଅଧ୍ୟକ୍ଷ ସଂଗ୍ରାମ ଦାସ, ଉପାଧ୍ୟକ୍ଷ ମନୋଜ ରାଉତ, ସାଧାରଣ ସମ୍ପାଦକ ସତ୍ୟରଞ୍ଜନ ଦାସ, ସହ ସମ୍ପାଦକ ଉମାଶଙ୍କର ତିଆଡ଼ି, ଯୁଗ୍ମ ସମ୍ପାଦକ ରାଜେଶ ରଣା, ଉପସଭାପତି ଅତୁଲ ଶତପଥୀ, ସଞ୍ଜୟ ବେହେରା, ସେକ୍ ଆୟୁବ, କୋଷାଧ୍ୟକ୍ଷ ଦେବାଶିଷ ଦାସ, ଉପଦେଷ୍ଟା ରଞ୍ଜନ ବାଗ, ସୁଜିତ ଦେବ, ଅଜୟ ବିଶ୍ୱାଳ, ବସନ୍ତ ପଣ୍ଡା, ଶ୍ରୀନିବାସ ପ୍ରଧାନ, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ସାଂସ୍କୃତିକ ସମ୍ପାଦକ ଧୀରେନ ନାୟକ, ଇଭେଣ୍ଟ କୋର୍ଡିନେଟର ଜଗନ୍ନାଥ ମହାରଣା ଓ ସେକ୍ ତାରିକ, କାର୍ଯ୍ୟକାରୀ ସଦସ୍ୟ ଉତ୍ତମ ଜେନା ଓ ଅସଲମ ଖାଁ ପ୍ରମୁଖ ମଞ୍ଚାସୀନ ଥିଲେ।

## ସାଇ ଏଜୁକେସନ ଟ୍ରଷ୍ଟର ବାର୍ଷିକ ଉତ୍ସବ

ଔପଦା,୨୪।୧୨(ସମିସ): ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଔପଦା ମୁଖ୍ୟାଳୟ ନିକଟସ୍ଥ ସାଇ ଏଜୁକେସନ ଟ୍ରଷ୍ଟ ଔପଦାର



ଷଷ୍ଠ ତମ ସାଇଫେଷ୍ଟ ୨୦୨୫ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାଇ ଏଜୁକେସନ ଟ୍ରଷ୍ଟ ଔପଦାର ପରିଚାଳକ ଇଂଜିନିୟର ବିଶ୍ୱ ରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଡିଗ୍ରୀ କଲେଜର ଅଧ୍ୟକ୍ଷ ମୋହନ ଚରଣ ସାହୁ, ମୁଖ୍ୟବକ୍ତା ଭାବେ ମୟୂରଭଞ୍ଜ ବାରିପଦା ଏସଭିଏମ କଲେଜ ର ପରିଚାଳକ ପ୍ରଭଞ୍ଜନ ରାଉତ, ସମ୍ମାନୀତ ଅତିଥି ଭାବେ ଔପଦା ବ୍ଲକ ବିଜ୍ଞାନ ସଂଯୋଜକ ତଥା ଦରଖୋଳି ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ, ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ପ୍ରଧାନ, ମୁଖ୍ୟ ଗ୍ଲୋବାଲ ସାଇନସି ଏକାଡେମୀ ମୁଖ୍ୟ ପରିଚାଳକ ଗଙ୍ଗାଧର ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଇନଜୀବୀ ଜୟଶ୍ରୀ ବେହେରା ମଞ୍ଚ ପରିଚାଳନା କରିଥିଲା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଅନୁଷ୍ଠାନର ମୁଖ୍ୟ ମିହିର କୁମାର ବେହେରା।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ଚନ୍ଦନେଶ୍ୱର,୨୪।୧୨(ସମିସ) : ଓଡିଶା ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ଭୋଗରାଇର ଚନ୍ଦନେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୮ତମ ବାର୍ଷିକ ଅନୁଷ୍ଠିତ ହୋଇଛି। ଏ ନେଇ ଆୟୋଜିତ ସାମ୍ବତ୍ସରିକ ଉତ୍ସବରେ ବିଦ୍ୟାମନ୍ଦିରର ସଭାପତି ରାମଚନ୍ଦ୍ର ପ୍ରଧାନ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ବିଜୟ କୁମାର ମିଶ୍ର ଯୋଗଦେଇ ମତ ବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ରାଷ୍ଟ୍ରୀୟ ସ୍ୱୟଂସେବକ ସହ ପ୍ରାନ୍ତ ପ୍ରଚାର ପ୍ରମୁଖ ମନୀନ୍ଦ୍ର କୁମାର ଦାସ, ସମ୍ମାନିତ ଅତିଥି ଗୋଛିଦାତେଘରି ପଞ୍ଚାୟତ ସମିତି ସଦସ୍ୟ ରାଧାଶ୍ୟାମ ଦେ ପିଲାମାନଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାମନ୍ଦିରର ସମ୍ପାଦକ ପ୍ରଦୀପ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ, ପ୍ରଧାନ ଆଚାର୍ଯ୍ୟ ସୁରେଶ ଚନ୍ଦ୍ର ଦାସ ବିବରଣୀ ପାଠ ଓ ଶେଷରେ ତାପସ ଚନ୍ଦ୍ର ଖଟୁଆ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ ରବୀନ୍ଦ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବାର୍ଷିକ କ୍ରୀଡାର ସଫଳ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଭୁଜାଲିରେ ହାଣି ମନିପର୍ସ ଛଡ଼ାଇନେଲେ

ଖଇରା,୨୪।୧୨ (ସମିସ): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନରେ ଦିନକୁ ଦିନ ଅପରାଧିକ କାର୍ଯ୍ୟକଳାପ ବଢି ଚାଲିଥିବାରୁ ଲୋକମାନେ ଦିନରେ ବି ଘରୁ ବାହାରିବାକୁ ଭୟ କରୁଛନ୍ତି। ବୁଧବାର ନହଙ୍ଗ ଗ୍ରାମର ରଘୁନାଥ ଜେନା(୪୮) କୁପାରୀ-ସରଖିଆ କେନାଲ ରାସ୍ତା ଦେଇ ମାମୁଁ ଘର ସରଖିଆ ଗ୍ରାମକୁ ଯାଉଥିବା ବେଳେ ଶନିମନ୍ଦିର ଛକରେ ୨ଜଣ ଯୁବକ ଏକ ବାଇକରେ ଆସି ବନ୍ଧୁକ ଓ ଭୁଜାଲି ଦେଖାଇ ତାଙ୍କୁ ଅଟକାଇଥିଲେ। ମନି ପର୍ସ ଛଡାଇବା ବେଳେ ପ୍ରତିବାଦ କରିବାରୁ ଭୁଜାଲିରେ ଆକ୍ରମଣ କରିଥିଲେ। ଭୁଜାଲିଟି ମୁଣ୍ଡରେ ନ ବାଜି ପାଟି ତଳେ ବାଜି ବାରୁ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତିବା ସହ ରଘୁନାଥ କ୍ଷତାକ୍ତ ହୋଇ ପଡିଥିଲେ। ଗ୍ରାମର କଲେଜ ଛାତ୍ର ପଦ୍ମନାଭ ବେହେରା କଲେଜରୁ ଫେରୁଥିବାବେଳେ ଘଟଣାଦେଖି ଗ୍ରାମବାସୀଙ୍କୁ ଖବର ଦେବା ପରେ ଗ୍ରାମବାସୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିରହିଥିବା ରଘୁନାଥକୁ ଉଠାଇ ମେଡିକାଲରେ ପହଞ୍ଚାଇବା ସହ ଖଇରା ପୁଲିସକୁ ଖବର ଦିଆଯାଇଥିଲା। ଏହି ରାସ୍ତାରେ କେନାଲ ଉପରେ ଥିବା ପାଦଚଲା ପୋଲ ପାଚେରୀରେ ବହୁ ଯୁବଗୋଷ୍ଠୀ ନିଶାସେବନ କରି ବାରମ୍ବାର ଏଭଳି ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ନେଇ ସ୍ଥାନୀୟ ଗ୍ରାମବାସୀ କହିବା ସହ ପାଟ୍ରୋଲିଂ ପାଇଁ ଦାବି କରିଛନ୍ତି।

## ନରଣପୁର ପ୍ରିମିୟର କ୍ରିକେଟ ଲିଗ୍ ଉଦ୍‌ଯାପିତ

ନୀଳଗିରି, ୨୪।୧୨ (ସମିସ): ବସନ୍ତ ମେମୋରିଆଲ ନରଣପୁର ପ୍ରିମିୟର ଲିଗ୍ (ଏନପିଏଲ) ସିଜିନ-୧ ଗତ ୧୯ ତାରିଖରୁ ଆରମ୍ଭହୋଇ ୨୩ତାରିଖ ଉଦଯାପିତ ହୋଇଯାଇଛି। ମଙ୍ଗଳବାର ଫାଇନାଲ ମ୍ୟାଚ ଜଗନ୍ନାଥ ୱାରିୟର ଏବଂ ପ୍ରଭାତ ଫାଇଟର୍ସ ମଧ୍ୟରେ ମହାମୁକାବଲା ଦେଖିବାକୁ ମିଳିଥିଲା। ଏଥିରେ ଜଗନ୍ନାଥ ୱାରିୟର ମ୍ୟାଚକୁ ଜିତିନେଇ ଚଳିତବର୍ଷର ଦୟାନିଧି ଦାସ ଚାମ୍ପିଅନ ଟ୍ରଫି ହାସଲ କରିବା ସହିତ ୧୨ହଜାର ଟଙ୍କା ପୁରସ୍କାରରାଶି ପାଇବାରେ ସକ୍ଷମ ହୋଇଛି। ପ୍ରଭାତ ଫାଇଟର୍ସ ରନର୍ସଅପ୍ ହୋଇ ୧୦ହଜାର ଟଙ୍କା ପୁରସ୍କାର ଜିତିଛି। ଏହି ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଏବଂ ସମ୍ମାନିତ ଅତିଥିଭାବେ ବ୍ଲକ୍ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ସଞ୍ଜୀବ ଚୌଧୁରୀ ଓ ମଦନମୋହନ ବେହେରା ମ୍ୟାଚ ପରିଚାଳନା କରିଥିବା ବେଳେ ସିତାଂଶୁ ଶେଖର ବେହେରା, ଜିତେନ୍ଦ୍ର ଭୂୟାଁ ଏବଂ ମଦନମୋହନ ବେହେରା ଧାରାବିବରଣୀ ପ୍ରଦାନ କରିଥିଲେ। ସୀତାଂଶୁ ଶେଖର ବେହେରା, ସୁଶୀଲ ଭୂୟାଁ, ଜୀତେନ୍ଦ୍ର ଭୂୟାଁ, ସଙ୍ଗୀତ ଶେଖର ଭୂୟାଁ, ଅଙ୍କିତ ପାତ୍ର, ହିତେଶ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ବାହାନଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପେଟିପେଟି ଔଷଧ ପୋଡ଼ା ଯିବା ଘଟଣା

# ୬ ଜଣିଆ ଡାକ୍ତରୀ ଟିମ୍‌ର ତଦନ୍ତ; କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା

ବାହାନଗା,୨୪।୧୨(ସମିସ)



'ସକାଳ' ପ୍ରଭାବ

ବାଲେଶ୍ୱର ଜିଲ୍ଲା ବାହାନଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପେଟି ପେଟି ଔଷଧ ଫିଙ୍ଗା ଯିବା ଏବଂ ପୋଡ଼ିଦେବା ଘଟଣାରେ "ସକାଳ'ରେ ଖବର ପ୍ରକାଶ ପରେ ଆକ୍ସନ ମୋଡକୁ ଆସିଛି ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ। ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ସ୍ତରରୁ ଏକ ୬ ଜଣିଆ ଟିମ ମେଡିକାଲରେ ପହଞ୍ଚି ମେଡିସିନ ପୋଡା ଯିବା ଏବଂ ଫିଙ୍ଗା ଯିବା ଘଟଣାରେ ତଦନ୍ତ କରି ସିଡିଏମଓଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଥିବା ଜଣାପଡିଛି।

ବାହାନଗା ବ୍ଲକ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ବାହାନଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଟି ଜାତୀୟ ରାଜପଥ ପାଶ୍ୱର୍ରେ ରହିଛି। ଏହି ମେଡିକାଲ ଉପରେ ବାହାନଗା ପଞ୍ଚାୟତ ସମେତ ଆଖପାଖ ପଞ୍ଚାୟତ ତଥା ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ଏହି ମେଡିକାଲ ଉପରେ ନିର୍ଭର କରନ୍ତି। ହେଲେ ଏହି ମେଡିକାଲରେ ସରକାରୀ ଔଷଧ ମହଜୁଦ ଥାଇ ମଧ୍ୟ ରୋଗୀଙ୍କୁ ବାହାରୁ ବେସରକାରୀ ଔଷଧ ଲେଖାଯାଉଥିବାର ଅଭିଯୋଗ ହୋଇଆସୁଥିଲା। ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଔଷଧ ରୋଗୀଙ୍କୁ ଦିଆନଯାଇ ତାହାକୁ ମେଡିକାଲ ପରିସରରେ ଅଳିଆଗଦାରେ ଫିଙ୍ଗା ଯାଇଥିବା ବେଳେ ପେଟି ପେଟି ଔଷଧ, ଇଂଜେକସନ, ସିରପ ଆଦି ପୋଡ଼ି ନଷ୍ଟ କରାଯାଇଥିବାର "ସକାଳ' ଟିମ୍ ନଜରକୁ ଆସିଥିଲା। ଏ ବାବଦରେ 'ସକାଳ'ରେ ଖବର ପ୍ରକାଶ ପରେ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ରିପୋର୍ଟ ପ୍ରଦାନ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବାଲେଶ୍ୱର ସିଡିଏମଓ ଜିଲ୍ଲା ସ୍ତରରୁ ୪ ଜଣ ଏବଂ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୨ ଜଣଙ୍କୁ ମିଶାଇ ସମୁଦାୟ ୬ ଜଣିଆ ଟିମ ଗଠନ କରି ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡା. ମନୋଜ କୁମାର ସାହୁଙ୍କ ନେତୃତ୍ୱରେ ଗୋପାଳପୁର ମେଡିକାଲ ସୁପରିଟେଣ୍ଡେଣ୍ଟ ଧୀରେଶ କୁମାର ଷଡ଼ଙ୍ଗୀଙ୍କ ସହ ସିଡିଏମଓଙ୍କ କାର୍ଯ୍ୟାଳୟର ସିନିୟର ଆସିଷ୍ଟାଣ୍ଟ ନିରଞ୍ଜନ ଜେନା, ଅଜିତ ଶଙ୍କର ପ୍ରଧାନ, ଫାର୍ମାସିଷ୍ଟ ଯୋଗେଶ କୁମାର ମହାପାତ୍ର, ଗୋପାଳପୁର ମେଡିକାଲ ଫାର୍ମାସିଷ୍ଟ ମମତା ବେହେରାଙ୍କ ସହ ଏକ ୬ ଜଣିଆ ଟିମ ବାହାନଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ ସମୟରେ ଅନେକ ଔଷଧ ରୋଗୀଙ୍କୁ ଦିଆନଯାଇ ଏକ୍ସପାୟାରୀ ପରେ ଫିଙ୍ଗା ଯାଇଥିବା ବେଳେ ଅନେକ ଔଷଧର ଅବଧି ୨୦୨୬ ମସିହା ଜୁଲାଇ ମାସ ପର୍ଯ୍ୟନ୍ତ ଥିବାର ଦେଖିବାକୁ ମିଳିଥିଲା। ଅର୍ଥାତ ଆହୁରି ୭ ମାସରୁ ଅଧିକ ସମୟ ଅବଧି ଥିବା ଔଷଧ ମେଡିକାଲରେ ରହିବା ପରିବର୍ତ୍ତେ ପେଟି ପେଟି ଔଷଧ, ଇଞ୍ଜେକ୍ସନ, ମଲମ, ଶିରାପ ଆଦି ପୋଡ଼ି ନଷ୍ଟ କରାଯାଇଥିବାର ତଦନ୍ତକାରୀ ଟିମ ଦେଖିବାକୁ ପାଇଥିଲେ। ପରେ ବିଭିନ୍ନ ଦିଗକୁ ଆଧାର କରି ଷ୍ଟକ ରେଜିଷ୍ଟାର ଆଦିକୁ ତନତନ କରି ଯାଞ୍ଚ କରିଥିଲେ। କିଛି ଔଷଧକୁ ତଦନ୍ତକାରୀ ଟିମ୍ ଜବତ କରି ସାଙ୍ଗରେ ନେଇ ଯାଇଥିବାର ଜଣାପଡିଛି। ତଦନ୍ତକାରୀ ଟିମ ସିଡିଏମଓଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଥିବା ଜଣାପଡିଛି।


ଏ ନେଇ ସିଡିଏମଓ ଡା. ପ୍ରଭାତ କୁମାର ବେହେରା କହିଛନ୍ତି ତଦନ୍ତ ରିପୋର୍ଟ ଆସିଛି, ଜିଲ୍ଲାପାଳଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରାଯିବା ପରେ ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗତ ୧୦ ତାରିଖରେ ରେମୁଣା ବ୍ଲକ ତୁଣ୍ଡରା ରାସ୍ତା ପାଶ୍ୱର୍ ଅଳିଆ ଗଦାରେ ସରକାରୀ ଔଷଧ ବହୁଳ ମାତ୍ରାରେ ଫିଙ୍ଗା ଯିବା ଘଟଣାରେ ୨ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ନିଲମ୍ବନ କରାଯାଇଥିଲା। ଏହି ଘଟଣାର ମାତ୍ର ୧୩ ଦିନ ପରେ ପୁଣିଥରେ ମେଡିକାଲ ପରିସରରେ ଔଷଧ ଫିଙ୍ଗାଯିବା ଏବଂ ଔଷଧ ପୋଡ଼ା ଯିବା ଘଟଣା ସ୍ୱାସ୍ଥ୍ୟ ବିଭାଗ ଉପରେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସକାଳ
THE SAKALA



## ନୟାଗଡ଼ ଜିଲ୍ଲା ମହୋତ୍ସବ ଉଦ୍‌ଘାଟିତ

# କଳାକାର ଓ କଳାପ୍ରେମୀଙ୍କ ମାଟି ହେଉଛି ନୟାଗଡ଼



ନୟାଗଡ଼,୨୪।୧୨(ସମିସ)

ବୁଧବାର ନୟାଗଡ଼ ଜିଲ୍ଲା ମହୋତ୍ସବ ତଥା ପଲ୍ଲିଶ୍ରୀ, କୃଷି ଓ ପୁସ୍ତକ ମେଳା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ପୁରୀ ସାଂସଦ ସମ୍ବିତ୍ ପାତ୍ର, ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏସ୍. ସୁଶ୍ରୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ସ୍ୱାଗତ ଅଭିଭାଷଣ ରଖିଥିଲେ। ଜିଲ୍ଲାବାସୀଙ୍କ ମଧ୍ୟରେ ଥିବା ଏକତା ଓ ଉତ୍କର୍ଷ ହିଁ ମହୋତ୍ସବ ମାଧ୍ୟମରେ ପ୍ରତିଫଳିତ ହୁଏ ବୋଲି ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା କହିଥିଲେ। ଜିଲ୍ଲା ଉନ୍ନତି ମାପ କାଠି ହେଉଛି ମହୋତ୍ସବ ବୋଲି ନୟାଗଡ଼ ବିଧାୟକ ଡ. ସାହୁ କହିଥିଲେ। ବିକାଶ ପାଇଁ ମନ ଓ ମାନସିକତା ଦରକାର ବୋଲି ବିଧାୟକ କହିଥିଲେ। କଳାକାର ଓ କଳା ପ୍ରେମୀଙ୍କ ମାଟି ହେଉଛି ନୟାଗଡ଼ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ। ଯେଉଁ ସ୍ଥାନରେ କଳା ଓ ପୁସ୍ତକର ମିଳନ ହେବ, ସେଠାରେ ନିଶ୍ଚିତ ବିକାଶ ହେବ ବୋଲି କହିଥିଲେ। ନୟାଗଡ଼ ମୋ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ଷେତ୍ର ହେବ ବୋଲି କହିଥିଲେ। ବିକଶିତ ଓଡ଼ିଶା ଗଠନ ପୂର୍ବରୁ ବିକଶିତ ନୟାଗଡ଼ ଗଠିତ ହେବ ବୋଲି କହିଥିଲେ। ନୟାଗଡ଼ ଐତିହ୍ୟ ସମ୍ପର୍କରେ ବାଚସ୍ପତି ବକ୍ତବ୍ୟ ରଖିଥିଲେ। ଜିଲ୍ଲା ମହୋତ୍ସବ ମୁଖପତ୍ର 'ଆରଣ୍ୟକ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସଭାକୁ କବି ଗୋପୀନାଥ ସେଠୀ ଓ ସାମ୍ବାଦିକ ଜୟେନ୍ଦ୍ର ବେହେରା ସଂଯୋଜନା କରିଥିଲେ।

### ଜମୁଛି ପୁସ୍ତକ ମେଳା

ନୟାଗଡ଼ ଜିଲ୍ଲା ମହୋତ୍ସବ ସହ ପୁସ୍ତକ ମେଳା ବେଶ୍ ଜମୁଛି। ପୁସ୍ତକ ମେଳାରେ ଅନେକ ଷ୍ଟଲ୍ ମଧ୍ୟରେ ଆମ ଓଡ଼ିଶା, ପେନ୍ ଇନ୍ ବୁକ୍ସ, ଅପୂର୍ବା, ଶାନ୍ତିସେନା ଷ୍ଟଲ୍‌ରେ ବେଶ୍ ଗହଳି ଜମୁଛି। ପୁସ୍ତକ ମେଳା କମିଟି ସଭାପତି କବି ଶରତ ଚନ୍ଦ୍ର ଆଚାର୍ଯ୍ୟ, ସମ୍ପାଦକ ସଞ୍ଜୟ ସ୍ୱାଇଁ, କୋଷାଧ୍ୟକ୍ଷ ଅନୀଲ କୁମାର ପଣ୍ଡା, ବିଭୂତିଭୂଷଣ ସ୍ୱାଇଁ, ବିଶ୍ୱଜିତ୍ ନାୟକ ପରିଚାଳନା କରୁଛନ୍ତି। ଚଳିତ ବର୍ଷ ପୁସ୍ତକ ମେଳାକୁ ଆକର୍ଷଣୀୟ କରାଯାଇଛି।

ମହୋତ୍ସବରେ ୨୯୦ ଷ୍ଟଲ୍ ନିର୍ମାଣ କରାଯାଇଛି। ସେଥିରୁ ଓରମାସ୍ ଅଧୀନରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ୧୩୫ ଷ୍ଟଲ୍ ବ୍ୟବସ୍ଥା କରାଯାଇଛି। କୃଷି ମେଳା ପାଇଁ ୫୦ ଷ୍ଟଲ୍, ପୁସ୍ତକ ମେଳା ପାଇଁ ୨୦ ଷ୍ଟଲ୍, ଖାଦ୍ୟ ପାଇଁ ୪୦ ଷ୍ଟଲ୍, ବିଜ୍ଞାପନ ପାଇଁ ୧୦ଟି ଷ୍ଟଲ୍, ବିଭିନ୍ନ ବିଭାଗ ପାଇଁ ୩୦ ଷ୍ଟଲ୍, ଜରୁରୀକାଳୀନ ସହାୟତା ପାଇଁ ୫ଟି ଷ୍ଟଲ୍ ନିର୍ମାଣ କରାଯାଇଛି। ବୁଧବାର ପ୍ରଥମ ଦିନରେ ବ୍ୟାପକ ଗହଳି ହୋଇଥିବାବେଳେ ଖାଦ୍ୟ ଷ୍ଟଲଗୁଡ଼ିକ ବେଶ୍ ଗହଳି ହୋଇଥିଲା। ଏଥିସହ ସନ୍ଧ୍ୟାରେ ବ୍ୟଙ୍ଗ କବି ମହାସମର ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଜ୍ଞାନ ହୋତା, ଡ. କୁଳାଙ୍ଗାର, ଗିରିଶ ରଞ୍ଜନ, ରବୀନ୍ଦ୍ର ରାଉତ, ବ୍ରଜ ସୁବୁଦ୍ଧିଙ୍କ ସମେତ ବହୁ ବ୍ୟଙ୍ଗ କବି ଯୋଗଦେଇଥିଲେ।

### ଶୁଭାରମ୍ଭ ହେଲା କୃଷି ଯନ୍ତ୍ରପାତି ମେଳା

ନୟାଗଡ଼ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ବୁଧବାରଠାରୁ ଜିଲ୍ଲା ମହୋତ୍ସବ ସହ ଶୁଭାରମ୍ଭ ହୋଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶିବ ନାରାୟଣ ସିଂ ବୁଧବାର ସାମ୍ବାଦିକ ସମ୍ମିଳନୀ କରି ଏନେଇ ସୂଚନା ଦେଇଛନ୍ତି। ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ୫ ଦିନବ୍ୟାପୀ ନୟାଗଡ଼ ଷ୍ଟାଡିୟମ୍ ପଡ଼ିଆରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସୌଜନ୍ୟରୁ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି



ମେଳାର ଆୟୋଜନ କରାଯାଉଛି। ମେଳା ପରିସରରେ କୃଷି ଓ ଆନୁସଙ୍ଗିକ ବିଭାଗଗୁଡ଼ିକ ପ୍ରାୟ ୫୦ଟି ପ୍ରଦର୍ଶନୀ ମଣ୍ଡପରେ କୃଷକଙ୍କ ପାଇଁ ଉପଲବ୍ଧ ସରକାରୀ ସୁଯୋଗ ସମ୍ବନ୍ଧରେ ଅବଗତ କରାଇବେ। ବିଶେଷ କରି କୃଷି କାର୍ଯ୍ୟରେ ବ୍ୟବହୃତ ହେଉଥିବା ଆଧୁନିକ ଯନ୍ତ୍ରପାତି ପ୍ରଦର୍ଶନ ସହ ସ୍ଲଟ୍ ବୁକିଙ୍ଗ୍ ଓ ସରକାରୀ ତଥା ଅଭିଜ୍ଞ ବିଶେଷଜ୍ଞମାନଙ୍କ ଦ୍ୱାରା ତାଲିମ୍ ଚାଷୀମାନଙ୍କ ପାଇଁ ଉପାଦେୟ ହୋଇପାରିବ। ଚଳିତ ବର୍ଷ ଉକ୍ତ ଯନ୍ତ୍ରପାତି ମେଳା ଜିଲ୍ଲା ମହୋତ୍ସବ ସହ ସମନ୍ୱିତ ଭାବେ ଆୟୋଜନ କରାଯାଇଛି। ଏହି ମେଳା ପ୍ରଯୁକ୍ତି ବିଦ୍ୟାର ପ୍ରସାର, ପ୍ରତିଭାଙ୍କୁ ସ୍ୱୀକୃତି ପ୍ରଦାନରେ ସହାୟକ ହେବ ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କହିଛନ୍ତି। ଏହି ସମ୍ମିଳନୀରେ ଜିଲ୍ଲା କୃଷି ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁଧାଂଶୁ କୁମାର ଦାଶ କୃଷି ଯନ୍ତ୍ରପାତି ଉପରେ ସୂଚନା ପ୍ରଦାନ କରିବା ସହ ଚଳିତ ବର୍ଷ ୧୧୧୬ଟି କୃଷି ଯନ୍ତ୍ରପାତି ବିକ୍ରି କରାଯାଇଥିବା କହିଥିଲେ। ଏ ବାବଦରେ ୩୨ କୋଟି ଟଙ୍କାର କାରବାର ହୋଇଥିବାବେଳେ ୮.୫ କୋଟି ସବ୍‌ସିଡି ଆକାରରେ ପ୍ରଦାନ କରାଯାଇଥିବା ସୂଚନା ଦେଇଥିଲେ। ଆଗାମୀ ୩ମାସ ମଧ୍ୟରେ ଆହୁରି ଅନେକ ଯନ୍ତ୍ରପାତି ଜିଲ୍ଲାରେ ବିକ୍ରି କରାଯିବାକୁ ଯୋଜନା ରହିଛି। ସରକାରଙ୍କ ପକ୍ଷରୁ ୩ଟି କିସମରେ ୪୦%, ୫୦% ଓ ୭୫% ସବ୍‌ସିଡି ବ୍ୟବସ୍ଥା ରହିଥିବା ସୂଚନା ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଦଶପଲ୍ଲା ଏଡିଇଓ ଗୌରୀଶଙ୍କର ମିଶ୍ର, ନୟାଗଡ଼ ଏଡିଇଓ ପବିତ୍ର ମୋହନ ସାହୁଙ୍କ ସମେତ କୃଷି ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

● କୁମ୍ଭାରପଡ଼ାରେ ବେଆଇନ ବ୍ଲାଷ୍ଟିଂ ଓ ଜଙ୍ଗଲ ଛାରଖାର ଘଟଣା

## ସ୍ଥିତି ଅନୁଧ୍ୟାନ କଲେ ସ୍ଥାନୀୟ ରେଞ୍ଜର

ଖଣ୍ଡପଡ଼ା,୨୪।୧୨(ସମିସ): ଖଣ୍ଡପଡ଼ା ବ୍ଲକ୍ କୁମ୍ଭାରପଡ଼ା ଗ୍ରାମ ନିକଟରେ ଥିବା ଶିମିଳିବାଙ୍କ ସଂରକ୍ଷିତ ଜଙ୍ଗଲରୁ ଶାଳ ଗଛ ଲୁଟ୍ ପରେ ଏବେ ବନ ବିଭାଗର ନିଦ ଭାଙ୍ଗିଛି। ଜଙ୍ଗଲକୁ ତିଆରି ହୋଇଥିବା ଏକାଧିକ ରାସ୍ତାକୁ ବନ ବିଭାଗ ପକ୍ଷରୁ କାଟି ଦିଆଯାଇଥିବା ବେଳେ ଶାଳଗଛ ଲୁଟ୍‌ର ତଦନ୍ତ ହେବ ବୋଲି ସୂଚନା ମିଳିଛି। ସ୍ଥାନୀୟ ବାସିନ୍ଦାଙ୍କ ସୂଚନା ଅନୁଯାୟୀ, ଖବର ପ୍ରକାଶିତ ହେବା ପରେ ବୁଧବାର ଘଟଣାସ୍ଥଳରେ ପହଞ୍ଚିଥିଲେ ସ୍ଥାନୀୟ ରେଞ୍ଜର ଦିଲ୍ଲୀପ ପଟ୍ଟନାୟକ। ସ୍ଥାନୀୟ ବନ କର୍ମଚାରୀଙ୍କ ସହିତ ଶ୍ରୀ ପଟ୍ଟନାୟକ ଘଟଣାସ୍ଥଳ ବୁଲି ଦେଖିବା ସହିତ ଲୁଟ୍ ହୋଇଥିବା ଶାଳ ଗଛ ବାବଦରେ ମଧ୍ୟ ପଚାରି ବୁଝିଥିଲେ। ଏଥିସହିତ ନିକଟରେ ଥିବା ପଥରଖଣି ସଂରକ୍ଷିତ ଜଙ୍ଗଲ ଅଞ୍ଚଳ ଅନ୍ତର୍ଭୁକ୍ତ କି ନୁହେଁ ସେ ବାବଦରେ ମଧ୍ୟ ତଦନ୍ତ କରିଥିଲେ। ବନ ବିଭାଗ ପକ୍ଷରୁ ଉକ୍ତ ଖଣିକୁ ଲମ୍ବିଥିବା ଅସ୍ଥାୟୀ ରାସ୍ତାଗୁଡ଼ିକ ଚିହ୍ନଟ କରାଯିବା ସହିତ ତୁରନ୍ତ ଜେସିବି ଯୋଗେ ଖୋଳି ଦିଆଯାଇଥିବା ରେଞ୍ଜର କହିଛନ୍ତି। ତେବେ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ଶାଳ ଗଛ ଲୁଟ୍ ଘଟଣାର ତଦନ୍ତ ହେବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଗତ ପ୍ରାୟ ବର୍ଷେ ହେବ ଜଙ୍ଗଲ ଉଜୁଡ଼ିବା ଭଳି ସ୍ଥିତି ଥିବାବେଳେ ସ୍ଥାନୀୟ ଫରେଷ୍ଟର ବିଜୟ କୁମାର ପ୍ରଧାନ କାହା ସ୍ୱାର୍ଥରେ କାମ କରୁଥିଲେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସଂରକ୍ଷିତ ଜଙ୍ଗଲରେ ଛୋଟ ଅସ୍ଥାୟୀ ରାସ୍ତାକୁ ଶାଳ ଗଛ କାଟି ବଡ଼ ତଥା ଅସ୍ଥାୟୀ ରାସ୍ତା ତିଆରି କରାଯାଇଥିବା ବେଳେ ସ୍ଥାନୀୟ ବନ କର୍ମଚାରୀ କିଭଳି ସୂଚନା ପାଇଲେନି ତାକୁ ନେଇ ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଛନ୍ତି।

■ ଓମ୍‌ସାର ଚେତାବନୀ

## ୨୬ରୁ ଏକ ଘଣ୍ଟା ବହିଃବିଭାଗ ବନ୍ଦ

ନୟାଗଡ଼,୨୪।୧୨(ସମିସ): ସାରା ରାଜ୍ୟରେ ଆସନ୍ତା ୨୬ ତାରିଖରୁ ଦିନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ୧ ଘଣ୍ଟା ବହିଃବିଭାଗ ସେବା ବନ୍ଦ ରଖିବା ପାଇଁ ଚେତାବନୀ ଦେଇଛି ଓଡ଼ିଶା ଡାକ୍ତରୀ ସେବା ସଙ୍ଘ(ଓମ୍‌ସା)। ବିଭିନ୍ନ ଦାବି ପୂରଣ ପାଇଁ ବାରମ୍ବାର ଅନୁରୋଧ ସତ୍ତ୍ୱେ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ସାରା ରାଜ୍ୟରେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ଚାଲୁ ରହିଥିଲା। ତଥାପି ସରକାର କୌଣସି ଦାବି ପୂରଣ କରିବା ଦିଗରେ ପଦକ୍ଷେପ ନ ନେବାରୁ ଆସନ୍ତା ୨୬ ତାରିଖରୁ ରାଜ୍ୟର ସମସ୍ତ ଡାକ୍ତର ଦିନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଓପିଡି ସେବା ବନ୍ଦ ରଖିବା ସହ ସମସ୍ତ କେନ୍ଦ୍ରୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହିପରି ନୟାଗଡ଼ ଜିଲ୍ଲାର ସମସ୍ତ ଡାକ୍ତର ମଧ୍ୟ ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ଏହି ଆନ୍ଦୋଳନରେ ସାମିଲ୍ ହୋଇଛନ୍ତି। ଜିଲ୍ଲା ଶାଖା ସମ୍ପାଦକ ଡ. ପ୍ରଦୀପ କୁମାର ପାଇକରାୟଙ୍କ ନେତୃତ୍ୱରେ ଡାକ୍ତରମାନେ ଏକ ବୈଠକ କରି ନିଜ ନିଷ୍ପତ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଲିଖିତ ଭାବରେ ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ଡା. ବି. ସୂର୍ଯ୍ୟା ରାଓ, ଉପସଭାପତି ଡା. ସିଦ୍ଧାର୍ଥ ଦାଶ, କୋଷାଧ୍ୟକ୍ଷ ଡା. ଶତ୍ରୁଘ୍ନ ନାୟକଙ୍କ ସହ ବହୁ ଡାକ୍ତର ଉପସ୍ଥିତ ଥିଲେ।

● ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୭ତମ ବାର୍ଷିକ ଉତ୍ସବ

## 'ବାର୍ଷିକ ଉତ୍ସବ ଆତ୍ମସମୀକ୍ଷାର ଅବସର'



ଓଡ଼ଗାଁ,୨୪।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୭ତମ ବାର୍ଷିକ ଉତ୍ସବ-୨୦୨୫ ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଭୁପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଭାପତି ପୂର୍ବ ସମ୍ଭାଗ, ଶିକ୍ଷା ବିକାଶ ସମିତି ଓଡ଼ିଶା କୁଳମଣି ମିଶ୍ର, ମୁଖ୍ୟବକ୍ତା ଭାବେ ଦିଲ୍ଲୀପ କୁମାର ମିଶ୍ର ଯୋଗଦେଇ ଶିଶୁମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବରେ ଶିକ୍ଷାନୁଷ୍ଠାନର ଆତ୍ମସମୀକ୍ଷା ପାଇଁ ଏକ ଅବସର ବୋଲି କହିଥିଲେ। ପରିଚାଳନାଠାରୁ ଆରମ୍ଭ କରି ଶିକ୍ଷାଦାନ ବ୍ୟବସ୍ଥା ଏବଂ ପାରିପାର୍ଶ୍ୱିକ ବ୍ୟାବହାରିକ ଶିକ୍ଷାର ସୂଚନା ଉତ୍ସବ ମଞ୍ଚରୁ ଅନୁଧ୍ୟାନ କରିହୁଏ। ଶିକ୍ଷକଶିକ୍ଷୟିତ୍ରୀମାନେ ଶିଶୁକୁ ବିଷୟଗତ ଉପଲବ୍ଧ ପର୍ଯ୍ୟନ୍ତ ପହଞ୍ଚାଇବାକୁ ଆବଶ୍ୟକ ଉଦ୍ୟମ କରିବା ଦରକାର ବୋଲି ଅତିଥି ପରାମର୍ଶ ଦେଇଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ବାର୍ଷିକ ମୁଖପତ୍ର ବିଶେଷାଙ୍କ 'ଭାରତୀ' ଉନ୍ମୋଚନ ହୋଇଥିଲା। ଅନୁଷ୍ଠାନର ପୂର୍ବତନ ଛାତ୍ର ଓଡ଼ଗାଁ ବ୍ଲକ୍ ଭାଡ଼ିକିଲା ଗ୍ରାମର ଶ୍ରୀକୁମାର ପ୍ରଧାନ ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷାରେ ୪୪ତମ ସ୍ଥାନରେ କୃତକାର୍ଯ୍ୟ ହୋଇଥିବାବେଳେ ରାଜ୍ୟ ବନ ବିଭାଗ ସେବା ପରୀକ୍ଷାରେ ମଧ୍ୟ ୯୭ତମ ସ୍ଥାନ ଅର୍ଜନ କରିଥିବା କହିଛନ୍ତି। ସେ ବର୍ତ୍ତମାନ ରାଜ୍ୟ ସିଭିଲ୍ ସର୍ଭିସ୍ ବିଭାଗ ଦ୍ୱାରା ପରିଚାଳିତ ଓରିଏଣ୍ଟେସନ ପ୍ରୋଗ୍ରାମରେ ଯୋଗ ଦେଇଥିବାବେଳେ ପରବର୍ତ୍ତୀ ସମୟରେ ଡକୁମେଣ୍ଟ ଭେରିଫିକେସନ ହୋଇ ବିଭାଗ ବଣ୍ଟନ କରାଯିବ। ବାର୍ଷିକୋତ୍ସବ ଅବସରରେ ଶିକ୍ଷାନୁଷ୍ଠାନର ଏହି ପ୍ରାକ୍ତନ ଛାତ୍ର ଶ୍ରୀକୁମାର ପ୍ରଧାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ଗାଁ ଏନ୍‌ଏସିର ଯନ୍ତ୍ରୀ ସତ୍ୟନାରାୟଣ ସାହୁଙ୍କୁ ଓଡ଼ଗାଁର ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ସହଯୋଗ ରଖିଥିବା ନେଇ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସମ୍ପାଦକ ପ୍ରଦୀପ୍ତ କୁମାର ବିଶ୍ୱାଳ କାର୍ଯ୍ୟକ୍ରମକୁ ସମ୍ପାଦନା କରିଥିବାବେଳେ ପ୍ରଧାନଆଚାର୍ଯ୍ୟ ପ୍ରଫୁଲ୍ଲ ପ୍ରଧାନ ବିବରଣୀ ପାଠ କରିଥିଲେ ଏବଂ ଅକ୍ଷୟକୁମାର ସାହୁ ମଞ୍ଚ ସଂଯୋଜନା କରିଥିଲେ। ସମସ୍ତ ଗୁରୁଜୀ ଓ ଗୁରୁମା'ଙ୍କ ସହିତ ଅଣ ଶିକ୍ଷା କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ

କଣ୍ଟିଲୋ,୨୪।୧୨(ସମିସ): ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ କଣ୍ଟିଲୋସ୍ଥିତ ନୀଳମାଧବ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଡ. ନନ୍ଦିତା ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଅଣଶିକ୍ଷା କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ ଯୋଗଦେଇ ସ୍ୱଦେଶୀ ସଂକଳ୍ପପାଠ କରିଥିଲେ। ସ୍ୱଦେଶୀ ସାମଗ୍ରୀ ବ୍ୟବହାରର ଗୁରୁତ୍ୱ ଓ ଉପକାରିତା ତଥା ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଏହାର ସୁଦୂରପ୍ରସାରୀ ଭୂମିକା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ କଣ୍ଟିଲୋ ପ୍ରସିଦ୍ଧ କଂସାବାସନ ଶିଳ୍ପ କଳାକୃତି, କଟକ ତାରକସୀ କାରୁକାର୍ଯ୍ୟ ପ୍ରଦର୍ଶିତ ହୋଇଥିଲା। ପରିଶେଷରେ ଅଧ୍ୟାପିକା ଜୟଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି

# ଜୟ ନୟାଗଡ଼ ଫାଉଣ୍ଡେସନ ପକ୍ଷରୁ ମୌନ ପ୍ରତିବାଦ




କଂଗ୍ରେସ ନେତା ମନୋଜ ନଜରବନ୍ଦୀ

ନୟାଗଡ଼,୨୪।୧୨(ସମିସ): ଜୟ ନୟାଗଡ଼ ଫାଉଣ୍ଡେସନ ପକ୍ଷରୁ ନୟାଗଡ଼ ଟ୍ରାଫିକ୍ ଛକ ଭାଗବତ ବେହେରାଙ୍କ ପ୍ରତିମୂର୍ତ୍ତି ନିକଟରେ ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିକୁ ନେଇ ମୁହଁରେ ଧଳା କପଡ଼ା ଗୁଡ଼ାଇ ପ୍ଲାକାର୍ଡ ଧରି 'ନିରବ(ମୌନ) ପ୍ରତିବାଦ' କରାଯାଇଛି। ନୟାଗଡ଼ ଜିଲ୍ଲାର ଜନସାଧାରଣ ଉତ୍ତମ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ଥିବାବେଳେ ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ ଘୋଷଣା ଦିନକୁ ଦିନ ଗଡ଼ିଯାଉଥିବା ବେଳେ ଜିଲ୍ଲା ମହୋତ୍ସବ ଏକ ଭେଳିକି ନୁହେଁ କି ବୋଲି ଫାଉଣ୍ଡେସନର ପ୍ରତିଷ୍ଠାତା ଶେଖ୍ ଅବ୍‌ଦୁଲ ଆହାଦ ପ୍ରଶ୍ନ କରିଛନ୍ତି। ସେହିଭଳି ଫାଉଣ୍ଡେସନ୍‌ର ଅନ୍ୟତମ ପ୍ରମୁଖ ସଦସ୍ୟ ଆଇନଜୀବୀ ମନୋଜ କୁମାର ସାହୁଙ୍କୁ ଇଟାମାଟି ଥାନାରେ ଏ ପ୍ରତିବାଦ ପୂର୍ବରୁ ରଖିବା ନିହାତି ଅଯୁକ୍ତିଯୁକ୍ତ। ପ୍ରତିବାଦ କାର୍ଯ୍ୟକ୍ରମକୁ ଜିଲ୍ଲା ମହୋତ୍ସବ କାରଣ ହେତୁ ଗହଳି ନ କରିବାର ପୂର୍ବରୁ ନିର୍ଦ୍ଦେଶ ରହିଥିବାବେଳେ ସଂଗଠନ ତରଫରୁ ସନ୍ଧ୍ୟା ପର୍ଯ୍ୟନ୍ତ ଅନୁମତି ମଗାଯାଇଥିଲା। କିନ୍ତୁ ପ୍ରତିବାଦ ସ୍ଥଳରେ ଟାଉନ୍ ଥାନାଧିକାରୀ ପହଞ୍ଚି 'ମୌନ ପ୍ରତିବାଦ' କାର୍ଯ୍ୟକ୍ରମକୁ ବନ୍ଦ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସଂଗଠନ ସଂଯୋଜକ ଅମ୍ଲାନ ଅଂଶୁମାନ ସାହୁ, ପ୍ରକୃତିବନ୍ଧୁ ଶ୍ରୀଧର ପ୍ରଧାନ, ଛାତ୍ର ସଂଗଠକ ଜୀବନ ଜ୍ୟୋତିପ୍ରକାଶ ରାଉତ, ଓମ୍ ପ୍ରସାଦ ପ୍ରଧାନ, ଅବ୍‌ଦୁଲ ଆଜିମ୍ ଖାନ, ସଂଗଠନର ସୋସିଆଲ ମିଡିଆ ସଂଯୋଜକ ଅରବିନ୍ଦ ପାଢ଼ୀ, ରାକେଶ କୁମାର ସିଠ, ମଲ୍ଲିକ ମହମ୍ମଦ ମୁବାସିର, ଅନୁରାଗ ସ୍ୱାଇଁ, ଲୋକେଶ କୁମାର ବେହେରା, ସୁନୀଲ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଜୟ ନୟାଗଡ଼ ଫାଉଣ୍ଡେସନ ତରଫରୁ ପ୍ରତ୍ୟେକ ବ୍ଲକ୍‌ରେ ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ନେଇ 'ମଶାଲ ଶୋଭାଯାତ୍ରା' ଆସନ୍ତା ଜାନୁଆରୀ ୩ ତାରିଖରୁ ଆରମ୍ଭ କରାଯିବା ନେଇ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଘୋଷଣା କରାଯାଇଛି।

### ପଠାଣି ସାମନ୍ତ ମହାବିଦ୍ୟାଳୟରେ ସାମନ୍ତଙ୍କ ୧୯୧ତମ ଜୟନ୍ତୀ

## ନିର୍ଭୁଲ୍ ପଞ୍ଜିକା ଗଣନା କରି ସେ ଚିରସ୍ମରଣୀୟ



ଖଣ୍ଡପଡ଼ା,୨୪।୧୨(ସମିସ): ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟ ସଭାଗୃହରେ ବୁଧବାର ପୂର୍ବାହ୍ନରେ ପଠାଣି ସାମନ୍ତଙ୍କ ୧୯୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ସଂସ୍କୃତ ଅଧ୍ୟାପକ ଡ. ରବିନ୍ଦ୍ର କୁମାର ଦାଶଙ୍କ ବେଦଧ୍ୱନି ପୂର୍ବକ ଶ୍ରୀଜଗନ୍ନାଥ ଏବଂ ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସାମନ୍ତଙ୍କ ସ୍ମୃତିକୁ ମନେ ପକାଇ ଅଧ୍ୟାପକ ଭାଗିରଥି ମହାରଣାଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସ୍ୱଚ୍ଛ ସଲୀଳା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପକ ବଳରାମ ସାହୁ, ପ୍ରିୟରଞ୍ଜନ ରଥ, ବରିଷ୍ଠ କିରାଣି ଲକ୍ଷ୍ମୀଧର ସାହୁ ପ୍ରମୁଖ ମଞ୍ଚାସୀନ ରହି ସାମନ୍ତଙ୍କ ଅଲୌକିକ ଜ୍ଞାନକୁ ବର୍ଣ୍ଣନା କରିଥିଲେ। ନିଜର ବଳିଷ୍ଠ ଗାଣିତ୍ୟିକ ଶିକ୍ଷା ଦ୍ୱାରା ଦୁଇ ଖଣ୍ଡ ବାଉଁଶ କାଠି ମାଧ୍ୟମରେ ଗ୍ରହ, ନକ୍ଷତ୍ରଙ୍କ ଗତିବିଧି ଏବଂ ନିର୍ଭୁଲ ପଞ୍ଜିକା ଗଣନା କରି ସବୁଦିନ ପାଇଁ ପ୍ରତ୍ୟେକଟି ହୃଦୟରେ ସେ ଚିରସ୍ମରଣୀୟ ହୋଇ ରହିଥିବା ଅତିଥିମାନେ କହିଥିଲେ। ଛାତ୍ରୀ ସୌମ୍ୟା ଶେଫାଳିକା ମହାପାତ୍ର, ସ୍ମୃତିପ୍ରଭା ପଣ୍ଡା, ସୀମା ରଣା, ଅଧ୍ୟାପକ ବେଣୁଧର ପ୍ରଧାନ, ଅଧ୍ୟାପିକା ବିଜୟଲକ୍ଷ୍ମୀ ସ୍ୱାଇଁ ସାମନ୍ତଙ୍କ ସ୍ମୃତିଚାରଣ କରିଥିଲେ। ବରିଷ୍ଠ ଅଧ୍ୟାପକ ଭାଗିରଥି ମହାରଣା ଅତିଥି ପରିଚୟ ପ୍ରଦାନ କରିବା ସହ ସାମନ୍ତଙ୍କ ସ୍ମୃତିକୁ ମନେ ପକାଇଥିଲେ। ତେବେ ଅଧ୍ୟାପକ ମନୋଜ କୁମାର ପ୍ରଧାନ, ରାଜ କିଶୋର ପ୍ରଧାନ ଏବଂ ଅଧ୍ୟାପିକା ଦୀପା ମହାନ୍ତିଙ୍କ ତତ୍ତ୍ୱାବଧାନରେ ସାହିତ୍ୟିକ ଓ ସାଂସ୍କୃତିକ ପ୍ରତିଯୋଗିତାରେ ଶତାଧିକ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ପରିଶେଷରେ ଅଧ୍ୟାପକ ଡ. ରବୀନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମ୍ବାଦିକ ସଂଘ ରାଜସୁନାଖଳାର ନୂତନ କର୍ମକର୍ତ୍ତା

ରଣପୁର,୨୪।୧୨(ସମିସ): ସାମ୍ବାଦିକ ସଂଘ ରାଜସୁନାଖଳାର ସାଧାରଣ ସଭା ଓ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ବୁଧବାର ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ୍ ଅନ୍ତର୍ଗତ କୋଟଗଡ଼ ଅନନ୍ତ ଗୁମ୍ଫା ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ସଂଘର ଏକତା ମନୋଭାବ ଓ ନିରପେକ୍ଷ ସାମ୍ବାଦିକତା ଉପରେ



ଗୁରୁତ୍ୱାରୋପ କରାଯାଇ ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସର୍ବସମ୍ମତି କ୍ରମେ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏହି ବୈଠକରେ ସଂଘର ଉପଦେଷ୍ଟା ଭାବେ ପ୍ରସନ୍ନ ସ୍ୱାଇଁ, ନିରଞ୍ଜନ ସେଠୀ ଓ ସତ୍ୟନାରାୟଣ ମହାପାତ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସାମ୍ବାଦିକ ସଂଘର ସଭାପତି ଭାବେ ଜିତେନ୍ଦ୍ର ସାହୁ, ଉପସଭାପତି ଅଶୋକ ପ୍ରଧାନ, ସମ୍ପାଦକ ସୁଶାନ୍ତ ନାୟକ, ସହ ସମ୍ପାଦକ ମାନସ ସାହୁ, କୋଷାଧ୍ୟକ୍ଷ ରଞ୍ଜିତ ସାହୁଙ୍କୁ ମନୋନୀତ କରାଯାଇଛି। କମିଟି ପରିଚାଳନା ସଦସ୍ୟ ଭାବେ ରାକେଶ ଚନ୍ଦ୍ର ପାଢ଼ୀ, ନିରଞ୍ଜନ ମହାପାତ୍ର, ଯଦୁନାଥ ସାମନ୍ତରାୟ, ଶ୍ରୀନିବାସ ବେହେରା, ସୁଶାନ୍ତ ପ୍ରଧାନ, ରତିକାନ୍ତ ସାମନ୍ତରାୟ ପ୍ରମୁଖ ସାମିଲ ଥିଲେ। ଉପଦେଷ୍ଟା ଶ୍ରୀ ସ୍ୱାଇଁ ସାମ୍ବାଦିକଙ୍କ ବିକାଶର ଉଦ୍ୟମ କରିବା ପାଇଁ ସାମୂହିକ ପ୍ରୟାସ କରାଯିବ ବୋଲି ମତ ପ୍ରକାଶ କରିଥିଲେ। ପ୍ରତିକୂଳ ପରିସ୍ଥିତିରେ ଏକାଠି ହୋଇ ସମସ୍ତ ସମସ୍ୟାକୁ ପ୍ରତିହତ କରିବା ପାଇଁ କୋଷାଧ୍ୟକ୍ଷ ଶ୍ରୀ ସାହୁ ସୂଚନା ଦେଇଥିଲେ। ସାମ୍ବାଦିକଙ୍କ ନାମରେ ଅନ୍ୟ ଅଞ୍ଚଳର ବ୍ୟକ୍ତିଙ୍କ ପ୍ରାଦୁର୍ଭାବ ରୋକିବା ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ପାଇଁ ମତ ରଖିଥିଲେ। ସଂଘର ସଦସ୍ୟ ଯଦୁନାଥ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଧିକାରୀ ଓ କର୍ମଚାରୀଙ୍କ ନିଘା ନାହିଁ

# ଜବରଦଖଲରେ ଖଣ୍ଡପଡ଼ା ରାଜସ୍ୱ ବଙ୍ଗଳା

ନୟାଗଡ଼/ଖଣ୍ଡପଡ଼ା,୨୪।୧୨(ସମିସ)



ଚାରିଆଡ଼େ ଜଙ୍ଗଲର ଭ୍ରମ

ନୟାଗଡ଼ ଜିଲ୍ଲାରେ ପାନ୍ଥଶାଳା, ବଙ୍ଗଳା, ଗେଷ୍ଟ ହାଉସ୍‌ଗୁଡ଼ିକ ମଧ୍ୟରୁ ଅନେକ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଛି। ମୁଖ୍ୟତଃ ରାଜସ୍ୱ ବିଭାଗ ଅଧୀନରେ ଥିବା ବଙ୍ଗଳାଗୁଡ଼ିକ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ଅବସ୍ଥାରେ ରହିଛି। ଦଶପଲ୍ଲା ତହସିଲ୍ ଅନ୍ତର୍ଗତ ରାଜସ୍ୱ ବିଭାଗ ବଙ୍ଗଳା ଭୂତକୋଠିରେ ପରିଣତ ହୋଇଥିବାବେଳେ ଖଣ୍ଡପଡ଼ା ତହସିଲ୍ ଅଧୀନସ୍ଥ ରାଜସ୍ୱ ବିଭାଗ ଡାକବଙ୍ଗଳା ଅତ୍ୟନ୍ତ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଖଣ୍ଡପଡ଼ା ନୟାଗଡ଼ ପୂର୍ତ୍ତ ବିଭାଗ ରାସ୍ତା ପାଶ୍ୱର୍ରେ ସୁନାମୁହିଁ ପାର୍କ ନିକଟରେ ରହିଥିବା ଏହି ବଙ୍ଗଳା ଚାରିପାଖରେ ଅନାବନା ଗଛ ଉଠି ଜଙ୍ଗଲ ହୋଇଗଲାଣି। ଦୀର୍ଘ ବର୍ଷ ତଳୁ ନିର୍ମାଣ ହୋଇଥିବା ଏହି ବଙ୍ଗଳା ରକ୍ଷଣାବେକ୍ଷଣ ଅଭାବ ପାଇଁ ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ଏହାର ଆଗପଟୁ ତାଲା ଝୁଲୁଥିବାବେଳେ ପଛପାଖ ଗ୍ରୀଲ୍ ତାଲା ଭାଙ୍ଗି କିଛି ବ୍ୟକ୍ତି ଏହାକୁ ଜବରଦଖଲ କରିଥିବା ଦେଖିବାକୁ ମିଳିଛି। ଉକ୍ତ ସ୍ଥାନରେ ଛୁଆ ପିଲାଙ୍କୁ ଧରି କିଛି ବ୍ୟକ୍ତି ରହିବା ସହ ବାଉଁଶ ତିଆରି ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ଅନେକଥର ଏହାର କବାଟ ଝରକା ଚୋରି ହେବା ସହ ଭଙ୍ଗାରୁଜା ହୋଇଛି। ପ୍ରତି ଦୁଇ ଚାରି ବର୍ଷରେ ଥରେ ମରାମତି ଆଳରେ ଲକ୍ଷାଧିକ ଟଙ୍କା ଶ୍ରାଦ୍ଧ ହେଉଛି। ମାତ୍ର ଆବଶ୍ୟକତା ଦୃଷ୍ଟିରୁ ବାହାରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପ୍ରତି ଧ୍ୟାନ ଦିଆଯାଉନାହିଁ। ଏପରିକି ଏହି ବଙ୍ଗଳା ଦାୟିତ୍ୱରେ କେହି କର୍ମଚାରୀ ଅଛନ୍ତି ନା ନାହାନ୍ତି ତାହା ସାଧାରଣ ଲୋକଙ୍କ ପାଇଁ ଅଜ୍ଞ ହୋଇଛି।

ନୟାଗଡ଼-ଖଣ୍ଡପଡ଼ା ପୂର୍ତ୍ତ ରାସ୍ତା ପାଶ୍ୱର୍ରେ ରହିଥିବା ଏହି ବଙ୍ଗଳାକୁ ବ୍ୟବହାର କରାଯିବା ବଦଳରେ ଏଭଳି ପରିତ୍ୟକ୍ତ କରି ଛାଡ଼ି ଦିଆଯିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଖଣ୍ଡପଡ଼ା ତହସିଲ୍ ତଥା ଜିଲ୍ଲା ପ୍ରଶାସନ ଆଦୌ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ପ୍ରତ୍ୟହ ଏହି ରାସ୍ତା ଦେଇ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯାତାୟାତ କରୁଥିଲେ ମଧ୍ୟ ଏଥିପ୍ରତି କାହାରି ଧ୍ୟାନ ନ ପଡ଼ିବା ଦୀପତଳ ଅନ୍ଧାର ବୋଲି ଆଲୋଚନା ହେଉଛି। ନିକଟରେ ସୁନାମୁହିଁ ପାର୍କ ତଥା ପର୍ଯ୍ୟଟନ କ୍ଷେତ୍ର ରହିଥିବାବେଳେ ଏହି ବଙ୍ଗଳାକୁ ପର୍ଯ୍ୟଟକ ରହଣୀ ପାଇଁ ସୁବ୍ୟବସ୍ଥିତ କରାଯାଇପାରନ୍ତା। ମାତ୍ର ଏହାକୁ ଲେଉଟିଆ କିଆରି ଭାବେ କେବଳ ମରାମତି ଏବଂ ରଙ୍ଗ କରାଯାଇ ଠିକାଦାର ପୋଷା ଯାଉଥିବା ଆଲୋଚନା ହେଉଛି। ସରକାରୀ ସମ୍ପତ୍ତିର ରକ୍ଷଣାବେକ୍ଷଣ କରାଯିବାରେ ଖଣ୍ଡପଡ଼ା ତହସିଲ୍ କର୍ତ୍ତୃପକ୍ଷଙ୍କ ଅଣଦେଖା ନୀତିକୁ ନେଇ ବୁଦ୍ଧିଜୀବୀ ମହଲରେ ସମାଲୋଚନା କରାଯାଇଛି।

## ପାଣି ପାଇଁ ଚାଷୀ ଶିବ ସାହୁଙ୍କ ସଂଘର୍ଷ

# ଉଜୁଡ଼ିଗଲାଣି ଫସଲ, ସହିଲେଣି ଦୁଇ ଲକ୍ଷ ଟଙ୍କାର କ୍ଷତି

କୁଜଙ୍ଗ,୨୪।୧୨(ସମିସ)



କେତେକ ବ୍ୟକ୍ତି ସକଳ ବାଧା ଓ ପ୍ରତିବନ୍ଧକ ସତ୍ତ୍ୱେ ନିଜ ଉଦ୍ୟମରେ ଅବହେଳା ନକରି ଅନ୍ୟମାନଙ୍କ ପାଇଁ ଆଦର୍ଶ ସାଜନ୍ତି। ସେହି ପରି ଜଣେ ଚାଷୀ ହେଉଛନ୍ତି କୁଜଙ୍ଗ ବ୍ଲକ୍ ପଙ୍କପାଳ ପଞ୍ଚାୟତ ଢିଅସାହି ଗ୍ରାମର ଯୁବ ଚାଷୀ ଶିବ ସାହୁ। ପିତା ବୃନ୍ଦାବନ ସାହୁଙ୍କ ପ୍ରେରଣାରେ ଯୁବାବସ୍ଥାରୁ ଚାଷ ପ୍ରତି ଆକୃଷ୍ଟ ହୋଇ ପ୍ରଥମେ ଧାନ ଚାଷ, ପରେ ତରଭୁଜ ଚାଷ କରନ୍ତି ଶିବ ସାହୁ। ମାତ୍ର ଏଥିରେ କ୍ଷତି ହେବାରୁ ସେ ପଙ୍କପାଳ ମହାନଦୀ ପଠାକୁ ନିଜର ପ୍ରୟୋଗ ଶାଳା ବନାନ୍ତି। ଗୋଟାଏ ପଟେ ମହାନଦୀ ଅନ୍ୟ ପଟରେ ତାଳଦଣ୍ଡା କେନାଲ। ମାତ୍ର ଶିବଙ୍କ ପରି ଶହ ଶହ ଚାଷୀ ଏବେ ପାଣି ସମସ୍ୟା ଯୋଗୁଁ ଚାଷ ଛାଡ଼ି ଦାଦନ ଖଟିବାକୁ ଚିନ୍ତା କରୁଛନ୍ତି। ଗତ ବର୍ଷ ବନ୍ୟା ଯୋଗୁ ଧାନ ଚାଷ କ୍ଷତି ହୋଇଥିବା ବେଳେ ଚଳିତ ବର୍ଷ ସେ ଦୁଇ ଏକର ଟମାଟୋ, ତିନି ଏକର କଖାରୁ, ଏକ ଏକର ବାଇଗଣ, ଏକ ଏକର ପୋଟଳ, ଲଙ୍କା, ଦୁଇ ଏକର ଫୁଲ କୋବି, ଦୁଇ ଏକର ବନ୍ଧା କୋବି ଚାଷ କରିଛନ୍ତି। ଏହା ସହ ଲିଜ୍ ସୂତ୍ରରେ ଜମି ଆଣି ଚଳିତ ବର୍ଷ ଥାଇଲାଣ୍ଡ ବରକୋଳି, ବାରମାସୀ ଲେମ୍ବୁ, ଶଙ୍କର କିସମ ପିଜୁଳି ଚାଷ କରିଛନ୍ତି। ଗତ ବର୍ଷ ପାଣି ଅଭାବ ଯୋଗୁ ସେ ପ୍ରଶାସନ ଓ ନେତାଙ୍କ ଦୃଷ୍ଟି ଆକର୍ଷଣ କରି ଥିଲେ। ଏପରିକି ତତକାଳୀନ ବିଧାୟକଙ୍କୁ ଜଣାଇବା ପରେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ପଦେକ୍ଷପ ନେବା ପାଇଁ କହିଥିଲେ। ଏହା ପରେ କେବଳ ଶିବ ନୁହେଁ; ଏହି ପରି ଶହ ଶହ ଚାଷୀଙ୍କ ହିତ ଦୃଷ୍ଟିରୁ ଏଠାରେ ବିଦ୍ୟୁତ୍ ଯୋଗାଣ ଶହ ଶିବ ଖୋଲିଥିବା ବୋର୍‌ୱେଲ ଯୋଗେ ପାଣି ଉଠାଣ କରାଗଲେ ଚାଷୀଙ୍କ ଉପକାର ହୋଇପାରନ୍ତା।

ପାଣି ଅଭାବ ଯୋଗୁଁ ଶିବଙ୍କ ବାଇଗଣ କୋବି ମରିବାକୁ ବସିଥିବା ବେଳେ ପିଜୁଳି ଓ ବିଦେଶୀ ଆମ୍ବ ଚାଷ ଉଜୁଡ଼ିବା ଉପରେ। ଫସଲ ବଞ୍ଚାଇବାକୁ ଯାଇ ଶିବ ନିଜ ପ୍ରଚେଷ୍ଟାରେ ୧୨୦୦ ଟଙ୍କା ଖର୍ଚ୍ଚ କରି କିରୋସିନ ପମ୍ପ ଯୋଗେ ପ୍ରତିଦିନ ପାଣି ମଡ଼ାଉଚନ୍ତି। ଏବେ କିରୋସିନ ଲିଟର ୧୩୦ ଟଙ୍କାରେ କିଣି ନୟାନ୍ତ ହେଲାଣି ଏହି ଯୁବ ଚାଷୀ। ଉଚ୍ଚା ଦରରେ ସାର, ମଞ୍ଜି, ଟ୍ରାକ୍ଟର ଓ ମଜୁରିଆ ଦେଇ ଜଣେ ଚାଷୀ ନିଜ ଉଦ୍ୟମରେ ଚାଷ କରିବାକୁ ଆଗ୍ରହୀ ହୋଇଥିବା ବେଳେ ପାଣି ସମସ୍ୟା ତାଙ୍କ ମନୋବଳକୁ ଭାଙ୍ଗି ଦେଉଛି। କେବଳ ଶିବ ନୁହଁନ୍ତି; ଏହି ଅଞ୍ଚଳର କୁଞ୍ଜ ମଲ୍ଲ, ପ୍ରଭା ସାହୁ, ସୁଦାମ ମଲ୍ଲ ପରି ବହୁ ଚାଷୀ ନିଜ ଉଦ୍ୟମରେ ଚାଷ କରୁଥିଲେ ମଧ୍ୟ ପାଣି ସମସ୍ୟା ଓ ଅଭାବୀ ବିକ୍ରିରେ ପଡ଼ି ହନ୍ତସନ୍ତ ହେଉଛନ୍ତି।

## ● ରାଜ୍ୟସ୍ତରୀୟ ଯୁଗଜ୍ୟୋତି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ସେମି ଫାଇନାଲରେ ହିନ୍ଦୁସ୍ଥାନ ସ୍ପୋର୍ଟିଂ




ଜଗତସିଂହପୁର,୨୪।୧୨(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ନବାପାଟଣା ଠାରେ ଚାଲିଥିବା ୩୫ତମ ରାଜ୍ୟସ୍ତରୀୟ ଯୁଗଜ୍ୟୋତି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଚତୁର୍ଥ କ୍ୱାଟର ଫାଇନାଲ ମ୍ୟାଚ ହିନ୍ଦୁସ୍ଥାନ ସ୍ପୋର୍ଟିଂ କ୍ରିକେଟ୍ କ୍ଲବ ଜଗତସିଂହପୁର ଏବଂ ସୋଲାର କ୍ରିକେଟ୍ କ୍ଲବ କଟକ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ଟସ୍ ଜିତି ହିନ୍ଦୁସ୍ଥାନ ସ୍ପୋର୍ଟିଂ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୬ ୱିକେଟ୍ ହରାଇ ୧୮୧ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସର୍ବାଧିକ ପୁରୁଷୋତ୍ତମ ପ୍ରଧାନ ୭୫ ରନ ଏବଂ ଅରୋବିନ୍ଦ ସିଂହ ୪୫ ରନ ସଂଗ୍ରହ କରିଥିଲେ। ସୋଲାର କ୍ରିକେଟ୍ କ୍ଲବ ତରଫରୁ ପ୍ରଦୀପ୍ତ ଦାସ ୫ଟି ୱିକେଟ ଏବଂ ଜୋସେଫ ବେହେରା ୧ଟି ୱିକେଟ୍ ଅକ୍ତିଆର କରିଥିଲେ। ୧୮୨ ରନର ପିଛା କରି ସୋଲାର କ୍ରିକେଟ୍ କ୍ଲବ ସମସ୍ତ ୱିକେଟ ହରାଇ ୨୩.୪ ଓଭରରେ ୧୫୪ ରନ୍ କରିବାକୁ ସାମର୍ଥ୍ୟ ହୋଇଥିଲା। ଫଳରେ ହିନ୍ଦୁସ୍ଥାନ ସ୍ପୋର୍ଟିଂ ମ୍ୟାଚରେ ବିଜୟ ଲାଭ କରିବା ସହିତ ସେମିଫାଇନାଲ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ସୋଲାର ଦଳ ତରଫରୁ ଓଁକାର ଥୋରଟ ୫୨ ରନ ଏବଂ ସୱନ୍ ପହରିୟ ୨୪ ରନ ସଂଗ୍ରହ କରିଥିଲେ। ହିନ୍ଦୁସ୍ଥାନ ସୋର୍ଟିଂ କ୍ରିକେଟ୍ କ୍ଲବ ତରଫରୁ ଜାମେଲା ମହାପାତ୍ର ୪ଟି ୱିକେଟ ଏବଂ ସୁପ୍ରଭାତ ପଟ୍ଟନାୟକ ୩ ଟି ୱିକେଟ ହାସଲ କରିଥିଲେ। ଏହି ମ୍ୟାଚଟି ଦୁଇ ଅମ୍ପାୟର ମନୋଜ ବେହେର ଓ ଦୁର୍ଗା ପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ। ଖେଳ ପରେ ଅତିଥି ଭାବେ ୟୁକୋ ବ୍ୟାଙ୍କ୍ ମ୍ୟାନେଜର ସାରଦା ପ୍ରସନ୍ନ ସାହୁ ଏବଂ ଇଞ୍ଜିନିୟର କିଶୋର ଚନ୍ଦ୍ର ସାହୁ, ମ୍ୟାନ ଅଫ୍ ଦି ମ୍ୟାଚ୍ ଟ୍ରଫି ପୁରୁଷୋତ୍ତମ ପ୍ରଧାନ ଙ୍କୁ ପ୍ରଦାନ କରିଥିଲେ। ଏହି ମ୍ୟାଚରେ କରନ ଖାନ୍ ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରିଂ ଆଶୁତୋଷ ବେହେରା ଏବଂ ପ୍ରିତମ ପ୍ରିୟଦର୍ଶନ ସାହୁଙ୍କ ଦ୍ୱାରା ପରିଚାଳନା ହୋଇଥିଲା।

## ଗୁରୁକୁଳ ବିଦ୍ୟାଳୟର କ୍ରୀଡ଼ା ଉଦ୍‌ଯାପିତ




ବାଲିକୁଦା,୨୪।୧୨(ସମିସ): ବାଲିକୁଦା ବ୍ଲକ ଥାଇଲ ପଞ୍ଚାୟତ ଯଏଗାଁ ସ୍ଥିତ ଶ୍ରୀକୃଷ୍ଣ ଗୁରୁକୁଳ ପରିସରରେ ବିଦ୍ୟାଳୟର ଷଷ୍ଠ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ରୁଷେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲିକୁଦା ଏରସମା ବିଜେପି ନେତା ସତ୍ୟସାରଥୀ ମହାନ୍ତି, ସମ୍ମାନିତ ଅତିଥିଭାବେ ମୁଖ୍ୟ ଉପଦେଷ୍ଟା ଧର୍ମାନନ୍ଦ ଦାସ, ସମ୍ପାଦକ ଡ. କୃଷ୍ଣଚନ୍ଦ୍ର ଶତପଥୀ, ଅଧକ୍ଷ ପ୍ରଶାନ୍ତ କୁମାର ଜେନା, ସହ ସମ୍ପାଦିକା ରିତା ପରିଡା, ଉପାଧକ୍ଷ ବିଜୟ କୁମାର ପରିଡା, ଆଇନଜୀବୀ ପ୍ରଶାନ୍ତ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇ ଶାରୀରିକ ସୁସ୍ଥତା ପାଇଁ କ୍ରୀଡ଼ାର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନା କରିବାରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଅମରେଶ୍ୱର ନାୟକ, ସନ୍ତୋଷ କୁମାର ଦାଶ, ପ୍ରସନ୍ନଜିତ ମିଶ୍ର, ବିଜନ ରାଉତ, କାଦମ୍ବରୀ ଜେନା, ଗାୟତ୍ରୀ ସାହୁ, ମେନକା ମୁଦୁଲି, ଶୁଚିସ୍ମିତା ଶତପଥୀ,ସୋନାଲି ଦାସ, ମଧୁସ୍ମିତା ଶତପଥୀ, ଶୁଚିସ୍ମିତା ବାରିକ, ଡଲି ମଲ୍ଲିକ,ସୋନାଲି ସଂଘମିତ୍ରା ଦାସ, ସୁଶ୍ରୀ ପ୍ରିୟଦର୍ଶିନୀ ସେଠୀ, ରାଜନନ୍ଦିନୀ ସ୍ୱାଇଁ, ବିଷ୍ଣୁପ୍ରିୟା ପରିଡା, ରାଜଶ୍ରୀ ପରିଡା, ନୀଳିମା ପରିଡା, ରଞ୍ଜୁଲତା ବାରିକ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ।

## ● ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

# 'ଭଲମଣିଷ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ'

ଜଗତସିଂହପୁର,୨୪।୧୨(ସମିସ): ଜଗତସିଂହପୁର ସହରର ବଡ଼ବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠାନ ପରିସରରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସାଂସଦ ଡ. ବିଭୂପ୍ରସାଦ ତରାଇ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କଟକ କାର୍ଯ୍ୟବାହ ଶରତ ଚନ୍ଦ୍ର ସେନ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପ୍ରମୁଖ ରଶ୍ମୀକାନ୍ତ ସାହୁ ଯୋଗଦେଇ ଆଜିର ଶିଶୁ ଆଗାମୀ କାଲିର ଭବିଷ୍ୟତ ବୋଲି ପ୍ରକାଶ କରିଥିଲେ। ତେଣୁ ଛାତ୍ରଛାତ୍ରୀ ମାନେ ଶିକ୍ଷା ଗ୍ରହଣ କରିବା ସହିତ ନିଜକୁ ଜଣେ ଜଣେ ଭଲମଣିଷ ଭାବରେ ଗଢ଼ି ତୋଳିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଉପ ସଭାପତି ଡ. ଜ୍ୟୋତିର୍ମୟୀ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସମ୍ପାଦକ ଡ.ନିରଞ୍ଜନ ବିଶ୍ୱାଳ ଅତିଥି ପରିଚୟ ଏବଂ ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ଖୁଣ୍ଟିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିବା ବିଦ୍ୟାଳୟର ୪ ଜଣ ପୂର୍ବତନ ଛାତ୍ରଛାତ୍ରୀଙ୍କୁ ବିଦ୍ୟାମନ୍ଦିର ତଥା ପୂର୍ବ ଛାତ୍ର ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବରିଷ୍ଠ ଆଚାର୍ଯ୍ୟ ଶ୍ରୀକାନ୍ତ ରାଉତରାୟ ଏବଂ ବରିଷ୍ଠ ଗୁରୁମା ରୀତା କାନୁନଗୋଙ୍କୁ ପୂର୍ବ ଛାତ୍ର ପରିଷଦର ମୁଖ୍ୟ ଜ୍ଞାନରଞ୍ଜନ ଆଚାର୍ଯ୍ୟ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଦ୍ୟାଳୟର ୭୫ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଏହି ଉତ୍ସବରେ ପୁରସ୍କୃତ କରାଯାଇଥିଲା। ଶେଷରେ ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ବିଜୟ କୁମାର ରଥ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସଭା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଏବଂ ନାଟକ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଗୁରୁଜୀ ଗୁରୁମା ଏବଂ ସେବକ ସେବିକା ସହଯୋଗ କରିଥିଲେ।




## ବିଜେଡିର ପ୍ରତିଷ୍ଠା ଦିବସ ପାଇଁ ବ୍ୟାପକ ପ୍ରସ୍ତୁତି

କୁଜଙ୍ଗ,୨୪।୧୨(ସମିସ): ପାରାଦ୍ୱୀପ ନିର୍ବାଚନମଣ୍ଡଳୀ କୁଜଙ୍ଗ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଆସନ୍ତା ୨୬ ତାରିଖ ବିଜେଡିର ୨୮ତମ ପ୍ରତିଷ୍ଠା ଦିବସ ପାଳନ କରାଯିବା ନେଇ କୋଠୀଆସାହି ସ୍ଥିତ ମୁକ୍ତେଶ୍ୱର ମଣ୍ଡପ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବିଜୁ ଜନତା ଦଳର ବ୍ଲକ ସଭାପତି ନରେନ୍ଦ୍ର କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରୀ ସଭାପତି ସୁଢ଼ଳ କୁମାର ସ୍ୱାଇଁ, ବରିଷ୍ଠ ବିଜେଡି ନେତା ନୃସିଂହ ଜେନା, ପ୍ରଫୁଲ୍ଲ ପରିଡ଼ା, ଡ. ରଘୁନାଥ ସାହୁ, ଅରୁଣ ବେହେରା,ପ୍ରକାଶ ଚନ୍ଦ୍ର ବେହେରା, କୈଳାସ ଷଡ଼ଙ୍ଗୀ, ବିକ୍ରମ କେଶରୀ ରାଉତରାୟ, ମନୀନ୍ଦ୍ର ଗୁରୁ, କୈଳାସ ବେହେରା, ସରପଞ୍ଚ ବ୍ରଜ କିଶୋର ମହାରାଜ, ସମିତି ସଭ୍ୟ ସତ୍ୟବାନ ମୁଦୁଲି, ବିବେକାନନ୍ଦ ଦାସ, ଶିଶିର ନାୟକ, ଜିଲ୍ଲା ପରିଷଦ ସଦସ୍ୟ ପ୍ରମୋଦ ସ୍ୱାଇଁ, ସୋସିଆଲ ମିଡିଆ ଜିଲ୍ଲା ସଂଯୋଜକ ରଞ୍ଜିତ କୁମାର ପଣ୍ଡା, ସଞ୍ଜୟ ବେହେରା, ନିରଞ୍ଜନ ପ୍ରଧାନ, ସୁରେଶ ଖଟେଇ, କାର୍ତ୍ତିକ ଦାସ, ପବିତ୍ର ପ୍ରଧାନ, କବି ରଞ୍ଜନ ବେହେରା, ବିଶ୍ୱନାଥ ପରିଡ଼ା, ମାନସ ପରିଡ଼ା, ବିଚିତ୍ରାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ମତ ରଖିଥିଲେ। ଏହି ପ୍ରସ୍ତୁତି ବୈଠକରେ ବିଭିନ୍ନ ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ନ୍ୟାସନାଲ ସ୍କୁଲର କ୍ରୀଡ଼ା ଉତ୍ସବ



କୁଜଙ୍ଗ,୨୪।୧୨(ସମିସ): କୁଜଙ୍ଗ ସ୍ଥିତ ନ୍ୟାସନାଲ ସ୍କୁଲ ଓ ସେଣ୍ଟ୍ ଜାଭିଅର ଇଣ୍ଟରନ୍ୟାସନାଲ ସ୍କୁଲର ମିଳିତ ଚାରିଦିନିଆ ୧୮ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସ୍କୁଲ ପ୍ରିନସିପାଲ ପ୍ରମିଳା ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ କୁଜଙ୍ଗ ଓକିଲ ସଂଘ ସମ୍ପାଦକ ବ୍ରଜକିଶୋର ରାଉତ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜଗତସିଂହପୁର କୋର୍ଟର ବରିଷ୍ଠ ଓକିଲ ସନ୍ତୋଷ ଦାସ, ସ୍କୁଲ ପରିଚାଳନା ସମିତି ମୁଖ୍ୟ ଡ. ଗଙ୍ଗାଧର ସାମନ୍ତରାୟ ଓ ଚେୟାରମ୍ୟାନ ଡ. ରଘୁନାଥ ସାହୁ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା ସମ୍ବନ୍ଧୀୟ ପରାମର୍ଶ ଦେଇଥିଲେ। ଆରମ୍ଭରେ ଅତିଥିମାନେ କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ଶିକ୍ଷକ ପବିତ୍ର ନାୟକ, ମୃଣ୍ମୟୀ ରାଉତ, ସରୋଜିନୀ ସାହୁ, ରତିକାନ୍ତ ମହାନ୍ତିଙ୍କ ସମେତ ସମସ୍ତ ସ୍କୁଲ ଶିକ୍ଷକ ଉତ୍ସବ ପରିଚାଳନା କରୁଥିଲେ। ସ୍କୁଲ ଉପାଧକ୍ଷ ସଞ୍ଜୟ ଓଝା ଧନ୍ୟବାଦ ପ୍ରଦାନ କରିଥିଲେ।

## ୨ ବାଇକ ମୁହାଁମୁହିଁ; ଜଣେ ମୃତ

ବାଲିକୁଦା,୨୪।୧୨(ସମିସ): ବାଲିକୁଦା ଥାନା ଅନ୍ତର୍ଗତ ବାଲିକୁଦାରୁ ନାଉଗାଁ ଥାନା ଡାବରକୁ ସଂଯୋଗ କରୁଥିବା ମଙ୍ଗରାଜପୁର ଠାରେ ୨ଟି ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ଉଭୟଙ୍କୁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟରେ ଭର୍ତ୍ତି କରିଥିବା ବେଳେ ଡାବର ଗ୍ରାମର ବିଭୁତି ଭୂଷଣ ପରିଡା ୪୫କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ବାଲିକୁଦା ପୁଲିସ ଶବକୁ ଜବତ କରିବା ସହ ତୁରନ୍ତ ଶବ ବ୍ୟବଚ୍ଛେଦ ପାଇଁ ଜଗତସିଂହପୁର ମୁଖ୍ୟ ମେଡିକାଲକୁ ପଠାଇଥିବା ଜଣାପଡିଛି।ଅନ୍ୟ ଜଣେ ଆହତଙ୍କୁ ମଧ୍ୟ ଡାକ୍ତର ଜଗତସିଂହପୁର ମେଡିକାଲ ଅଧିକ ଚିକିତ୍ସା ପାଇଁ ପଠାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ନାଉଗାଁ ଥାନା ଅଧୀନ ଡାବର ଗ୍ରାମର ବିଭୁତି ବାଲିକୁଦା ଥାନା ଅନ୍ତର୍ଗତ ଶୋଭା ବିଦ୍ୟୁତ ସେକ୍ସନରେ ବିଲ ଆଦାୟକାରୀ ଭାବେ କାର୍ଯ୍ୟ କରନ୍ତି। ପ୍ରତ୍ୟେକ ଦିନ ଭଳି ଅପରାହ୍ନ ପ୍ରାୟ ୫ଟା ସମୟରେ ବିଦ୍ୟୁତ ଆଦାୟ ପାଇଁ ନିଜର ହୋଣ୍ଡା ୟୁନିକନ ଗାଡି ନେଇ ବାଲିକୁଦାରୁ ଡାବର ଅଭିମୁଖେ ଯାଉଥିବା ବେଳେ କେନାଲ ବନ୍ଧ ମଙ୍ଗରାଜପୁର ଠାରେ ଅପର ପକ୍ଷରୁ ଆସୁଥିବା ଏକ ବାଇକ୍ ତାଙ୍କୁ ସିଧାସଳଖ ଧକ୍କା ଦେଇଥିଲା। ଫଳରେ ମୁହଁରେ ଗଭୀର ଆଘାତ ଲାଗିବା ସହ ନାଳା ବନ୍ଧ କଡ଼କୁ ଛିଟିକି ପଡ଼ିଥିଲେ ବିଭୁତି। ପରେ ସ୍ଥାନୀୟ ଲୋକେ ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପର ପକ୍ଷରେ ଧକ୍କା ଦେଇଥିବା ଯୁବକଙ୍କ ଘର ଜୈନାବାଦ ହୋଇଥିବା ଜଣାପଡିଥିବା ବେଳେ ପରିଚୟ ମିଳି ପାରି ନାହିଁ। ଏପଟେ ବିଭୁତିଙ୍କ ଏକମାତ୍ର ଷଷ୍ଠ ଶ୍ରେଣୀର ପଢୁଥିବା ପୁତ୍ର ବାପ ଛେଉଣ୍ଡ ହୋଇଥିବା ବେଳେ ଡ୍ୟୁଟିରେ ଥାଇ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଅନ୍ୟ ସମସ୍ତ କାର୍ଯ୍ୟରତ ସହଯୋଗୀ ବିଦ୍ୟୁତ ବିଲ୍ ଆଦାୟକାରୀ ବିଭୁତିଙ୍କ ପରିବାରକୁ ସରକାର ୧୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

## ଆକାଶବାଣୀ ପକ୍ଷରୁ ଏସ୍‌ଭିଏମ କଲେଜରେ ଯୁବ ସଂଯୋଗ କାର୍ଯ୍ୟକ୍ରମ

ଜଗତସିଂହପୁର,୨୪।୧୨(ସମିସ): ଆକାଶବାଣୀ କଟକ ତରଫରୁ ଜଗତସିଂହପୁର ଜିଲ୍ଲାର ସୁପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଯୁବ ସଂଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧକ୍ଷା ଡ. ସୁଜାତା ଓଡ଼ା ସ୍ୱାଗତ ଭାଷଣ ସହିତ ଶିକ୍ଷାନୁଷ୍ଠାନର ସର୍ବବିଧ ଉନ୍ନତି ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ପ୍ରଶାସନିକ ଅଧିକାରୀ ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା ମହାବିଦ୍ୟାଳୟର ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଶାଶ୍ୱତୀ ସୌମ୍ୟା ସ୍ୱାଇଁ ପ୍ରଥମ, ଆଶୁତୋଷ ପରିଡ଼ା ଦ୍ୱିତୀୟ ଏବଂ ଅନିଶା ପ୍ରିୟଦର୍ଶିନୀ ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କ ଠାରୁ ମାନପତ୍ର ଗ୍ରହଣ କରିଥିଲେ। ଏଥିରେ ଆକାଶବାଣୀ କଟକର ପ୍ରସାରଣ ନିଷ୍ପାଦକ ବିନୟ କୁମାର ସାମନ୍ତରାୟ, ସାହିତ୍ୟିକ ତ୍ରିଲୋଚନ ଦାଶ, ଯୁବବାଣୀ ଉପସ୍ଥାପକ ମୃତ୍ୟୁଞ୍ଜୟ ବିଶ୍ୱାଳ ଏବଂ ଶମ୍ଭୁନାଥ ବେହେରା ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଶୁଭେନ୍ଦୁ ମୌଳି ନନ୍ଦ, ପ୍ରାଧ୍ୟାପକ ସତ୍ୟଜିତ ସାହୁ, ପ୍ରାଧ୍ୟାପକ ଅନନ୍ତ ଚରଣ ଆଚାର୍ଯ୍ୟ, ଅନ୍ୱେଷା ସାଂସ୍କୃତିକ ପରିଷଦର ସଭ୍ୟ ଅଧ୍ୟାପକ ଡ.ଶରତ ଚନ୍ଦ୍ର ମହାରଣା, ରାକେଶ କୁମାର ନାୟକ, ଅଧ୍ୟାପିକା ବିଦ୍ୟୁତପ୍ରଭା ଦାଶ ଏବଂ ଲିପ୍‌ସିତା ମହାନ୍ତି ପ୍ରମୁଖ ଏଥିରେ ଯୋଗଦେଇ ସହଯୋଗ କରିଥିଲେ।




## ଜିଲ୍ଲାସ୍ତରୀୟ ଜାତୀୟ ଉପଭୋକ୍ତା ଦିବସ

ଜଗତସିଂହପୁର,୨୪।୧୨(ସମିସ): ଜିଲ୍ଲାସ୍ତରୀୟ ଜାତୀୟ ଉପଭୋକ୍ତା ଦିବସ-ଜିଲ୍ଲା ପ୍ରଶାସନ, ଜଗତସିଂହପୁର (ବୈଧମାପ ବିଜ୍ଞାନ) ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଭାଗ, ଉପଭୋକ୍ତା ସୁରକ୍ଷା ଅଭିଯାନ ଓଡ଼ିଶା ଓ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂଶାସିତ ମହାବିଦ୍ୟାଳୟର ମିଳିତ ସହଯୋଗରେ ସ୍ୱାମୀ ବିବେକାନନ୍ଦ ସ୍ମାରକି ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ଉକ୍ତ ସଭାରେ ଅଭିଯାନର ସମ୍ପାଦକ ଗୋବିନ୍ଦ ଓଝା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଖାଉଟି ସୁରକ୍ଷା ଅଧିକାରୀ ଜ୍ୟୋତିଶଙ୍କର ରାୟ ବୈଦ୍ୟୁତିକ ମାଧ୍ୟମରେ ପ୍ରଭାବଶାଳୀ ତ୍ୱରିତ ନ୍ୟାୟ କିପରି ଉପଭୋକ୍ତାମାନେ ପାଇପାରିବେ ସେ ସମ୍ପର୍କରେ ଉଦାହରଣ ଦେଇ ବୁଝାଇଥିଲେ। ମୁଖ୍ୟବକ୍ତା ଭାବରେ ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗର ସଭାପତି ପ୍ରଭାତ କୁମାର ପାଢୀ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ମହାବିଦ୍ୟାଳୟର ଅଧକ୍ଷା ଡ. ସୁଜାତା ଓଡା, ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦର ସଦସ୍ୟା ବିଜୟଲକ୍ଷ୍ମୀ ମହାପାତ୍ର, ଅନ୍ୟତମ ସମ୍ମାନିତ ଅତିଥି ଜିଲ୍ଲା ବୈଧମାପ ବିଜ୍ଞାନ ଅଧିକାରୀ (ଯୁଗ୍ମ ନିୟନ୍ତ୍ରକ) ଗୌରାଙ୍ଗ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ। ସର୍ବୋଦୟ ଏକାଡେମୀର ସମ୍ପାଦକ ରବି ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଏବଂ ବୈଧମାପ ବିଜ୍ଞାନ ନିରୀକ୍ଷକ ବିବେକାନନ୍ଦ ରାଉତ, ନୟନ କୁମାର ଦାସ, ତୁଷାରକାନ୍ତ ମହାନ୍ତି, ସୁଧିର ଦାସ ଓ ସହକର୍ମୀମାନେ ସହଯୋଗ କରିଥିଲେ। ରାଜ୍ୟ ଅଭିଭାବକ ମହାସଂଘର ଉପ-ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ଅଧିକାରୀଙ୍କ ପରଲୋକ



ତିର୍ତ୍ତୋଲ,୨୪।୧୨(ସମିସ): ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ତେନ୍ତୁଳିପଦା (ବନ୍ଧମୁଣ୍ଡା) ଗ୍ରାମର ଅବସରପ୍ରାପ୍ତ କେନ୍ଦ୍ର ସରକାରଙ୍କ ଉଚ୍ଚ ପଦସ୍ଥ ଅଧିକାରୀ ଦ୍ୱାରିକାନାଥ ପରିଜା (୭୦)ଙ୍କ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ପତ୍ନୀ ବିଜୟ ଲକ୍ଷ୍ମୀ, ସାନ ଭାଇ ଚିତ୍ତରଞ୍ଜନ ପରିଜା, ପରିବାର ବର୍ଗ, ଅତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷ କୃତ୍ୟ ସଂପନ୍ନ ହୋଇଥିଲା। ତାଙ୍କର ଏକମାତ୍ର ପୁତ୍ର ରୋନକ ମୁଖାଗ୍ନି ଦେଇଥିଲେ।

## ଜିଲ୍ଲା ଆପଦକାଳୀନ ବୈଠକ

# ରାସାୟନିକ ଦୁର୍ଘଟଣା ମୁକାବିଲା ଉପରେ ଗୁରୁତ୍ୱ ପ୍ରଦାନ ପାଇଁ ନିଷ୍ପତ୍ତି

ଜଗତସିଂହପୁର,୨୪।୧୨(ସମିସ)




ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ବାର୍ଷିକ ଜିଲ୍ଲା ଅପାଉକାଳୀନ ବୈଠକ ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ, କାରଖାନା ଓ ବାଷ୍ପିତ୍ର ବିଭାଗ ମିଳିତ ଆନକୂଲ୍ୟରେ ଆୟୋଜିତ ଏହି ବୈଠକରେ ସମ୍ଭାବ୍ୟ ରାସାୟନିକ ଦୁର୍ଘଟଣାର ମୁକାବିଲା ସମ୍ପର୍କରେ ବିଶେଷ ଆଲୋଚନା କରଯାଇଥିଲା।

ବୈଠକରେ ଜିଲ୍ଲାପାଳ, ରାସାୟନିକ କାରଖାନାଗୁଡିକରେ ସମସ୍ତ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବା ସହିତ ଆପଦକାଳୀନ ସମୟରେ ଜିଲ୍ଲା ପ୍ରଶାସନ, ଅଗ୍ନିଶମ ବିଭାଗ, ପୋଲିସ, ସ୍ୱାସ୍ଥ୍ୟ ବିଭାଗ ଓ କାରଖାନା ପ୍ରବନ୍ଧନ ମଧ୍ୟରେ ସମନ୍ୱୟର ଅତ୍ୟନ୍ତ ଆବଶ୍ୟକ ଉପରେ ଗୁରୁତ୍ୱ ଦେଇଥିଲେ। ଦୁର୍ଘଟଣା ସମୟରେ ସାଧାରଣ ଲୋକଙ୍କୁ କିପରି ସୁରକ୍ଷିତ ରଖାଯିବ ଓ ଆପଦକାଳୀନ ଯୋଜନାକୁ କାର୍ଯ୍ୟକାରୀ କରାଯିବା ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଫ୍ୟାକ୍ଟରି ଓ ବୟଲର ବିଭାଗ ଉପନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା ଶିଳ୍ପାନୁଗୁଡିକ ସହ ସମ୍ଭାବ୍ୟ ବିପଦ ତଥା ସେମାନଙ୍କ ପକ୍ଷରୁ ନିଆଯାଇଥିବା ଉପାୟ ଗୁଡିକ ଉପରେ ଆଲୋଚନା କରିଥିଲେ। କାରଖାନା ଏବଂ ବଏଲର୍ସର ସହକାରୀ ନିର୍ଦ୍ଦେଶକ ଶିଳ୍ପାନୁଷ୍ଠାନର ସଂକ୍ଷିପ୍ତ ଦୃଶ୍ୟକ୍ରମ ଓ ଜିଲ୍ଲା କ୍ରାଏସିସ ଗ୍ରୁପର କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରବର୍ତ୍ତୀ ସମୟରେ, ସମସ୍ତ ବିପଦପୂର୍ଣ୍ଣ ଶିଳ୍ପାନୁଷ୍ଠାନ ପ୍ରତିନିଧିମାନେ ସେମାନଙ୍କର ପ୍ରକ୍ରିୟା, ବିପଦ ପରିସ୍ଥିତି ଏବଂ ପ୍ରତିରୋଧକ ଏବଂ ପ୍ରଶମନକାରୀ ସୁରକ୍ଷା ପଦକ୍ଷେପ ବୈଠକରେ ଉପସ୍ଥାପନ କରିଥିଲେ। ଆଲୋଚନା ଉପରେ ଆଧାର କରି, ଅଧକ୍ଷଙ୍କ ନିର୍ଦ୍ଦେଶ ଅନୁଯାୟୀ ଅଧିକ ସୁରକ୍ଷା ଉନ୍ନତି ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତି ବିଷୟରେ ଆଲୋଚନା କରାଯାଇ ଚୂଡ଼ାନ୍ତ କରାଯାଇଥିଲା। ଏହା ସହିତ, ନିୟମିତ ଅନ୍-ସାଇଟ୍ ଏବଂ ଅଫ୍-ସାଇଟ୍ ମକ୍ ଡ୍ରିଲ୍ କରାଯିବାର ଗୁରୁତ୍ୱକୁ ପୁନରୁଚ୍ଚାରଣ କରଯାଇଥିଲା।

ଏହି ବୈଠକରେ ଜଗତସିଂପୁରର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାଶ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଅନିଶା ଦାସ, କଟକ ଡିଭିଜନର କାରଖାନା ଏବଂ ବଏଲର୍ସର ଉପନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା, ପାରାଦୀପର କାରଖାନା ଏବଂ ବଏଲର୍ସର ସହକାରୀ ନିର୍ଦ୍ଦେଶକ ଏବଂ ଡିସିଜିର ସଦସ୍ୟ ସଚିବ ଯନ୍ତ୍ରୀ ଚନ୍ଦ୍ରଶେଖରା ବେହେରା, ପାରାଦୀପ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଡିସିଜି, ଅଗ୍ନିଶମ ସେବା ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଡିଆଇପିଆରଓ, କୃଷି ବିଭାଗ, ସିଆଇଏସଏଫର ସଦସ୍ୟ, ଜଗତସିଂପୁରର ପୋଲିସ ଅଧିକ୍ଷକ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ପ୍ରତିନିଧି, ଡିଜିଏଫଏଏସଏଲଆଇର ଡକ୍ ସୁରକ୍ଷା ନିରୀକ୍ଷକ ଏବଂ ସମସ୍ତ ମୁଖ୍ୟ ଦୁର୍ଘଟଣା ପ୍ରବଣ ବିପଦପୂର୍ଣ୍ଣ ଶିଳ୍ପାନୁଷ୍ଠାନ ଏବଂ ଅନ୍ୟାନ୍ୟ ବିପଦପୂର୍ଣ୍ଣ କାରଖାନାର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ପୂର୍ବ ବୈଠକର ବିବରଣୀ ସମୀକ୍ଷା କରାଯାଇଥିଲା। ଏହା ପରେ ନୂତନ କାର୍ଯ୍ୟସୂଚୀ ବିନ୍ଦୁଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲ୍ଲା ଜରୁରୀକାଳୀନ ଅଧିକାରୀଙ୍କ ଧନ୍ୟବାଦ ପ୍ରଦାନ କରିଥିଲେ।

# ବ୍ଲକ୍ ପ୍ରଶାସନ ଭାଙ୍ଗିଲା, ପୁଲିସ ବନ୍ଦ କଲା

**ଥାନା ଜମିରୁ ଜବରଦଖଲ ଉଚ୍ଛେଦ ଖୁବ୍‌ଶୀଘ୍ର**

ଗୋପ,୨୪।୧୨(ସମିସ)

ଗୋପ ବଜାର ମଧ୍ୟ ଭାଗରେ ଥିବା ଥାନା ପାଚେରିର କିଛି ଅଂଶକୁ ବୁଧବାର ବ୍ଲକ୍ ପ୍ରଶାସନ ଭାଙ୍ଗିଥିବାବେଳେ କିଛି ସମୟ ପରେ ପୁଲିସ ଆସି ବନ୍ଦ କରିଛି। ଏପରି କି ଥାନା ଜମିରେ ବେଆଇନ୍ ଭାବେ ଗଢ଼ି ଉଠିଥିବା ଦୋକାନଗୁଡ଼ିକୁ ଉଚ୍ଛେଦ କରାଯିବ ବୋଲି ପୁଲିସ କହିଛି। ପ୍ରକାଶ ଯେ ଗୋପ ବଜାରରେ ଜବରଦଖଲ ନେଇ ବାରମ୍ବାର ଅଭିଯୋଗ ପରେ ଉଚ୍ଛେଦ ନେଇ ତହସିଲ ପକ୍ଷରୁ ମାପଚୁପ ଆରମ୍ଭ ହୋଇଥିଲା। ବ୍ଲକ ପକ୍ଷରୁ ହାଟ ନିର୍ମାଣ କାର୍ଯ୍ୟ ପାଇଁ ପ୍ରାୟତଃ ୨୦ ଲକ୍ଷ ଟଙ୍କା ଥିବାରୁ ଗୋପ ବ୍ଲକ ପ୍ରଶାସନ କାହାକୁ କିଛି ନ ପଚାରି ଥାନା ଜମିରେ ଥିବା ପାଚେରି ଡୋଜର ଲଗାଇ ଭାଙ୍ଗି ଥିଲା। ଏହି ଖବର ଜଣା ପଡ଼ିବା ପରେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରୀ ଓ ଆଉ କେତେକ ଥାନା ଅଫିସର ବୁଧବାର ସନ୍ଧ୍ୟାରେ ପାଚେରି ଭଙ୍ଗା ଯାଇଥିବା ସ୍ଥାନରେ ପହଞ୍ଚିଥିଲେ। ଗୋପ ତହସିଲ ପକ୍ଷରୁ ଜାନୁଆରୀ ପ୍ରଥମ ସପ୍ତାହରେ ଗୋପ ବଜାର ଉଚ୍ଛେଦ ହେବ ବୋଲି ଗତ ୨୩ ତାରିଖ ସନ୍ଧ୍ୟାରେ ଗୋପ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ ଏହି ଥାନା ଜମି ପରିଦର୍ଶନ କରି ଫେରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ୨୦୧୮ ମସିହାରେ ଗୋପ ବଜାର ଉଚ୍ଛେଦ ହେବା ସମୟରେ ପୂର୍ବତନ ମନ୍ତ୍ରୀ ତଥା ବିଜେପିର ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶଙ୍କ ପୂର୍ବତନ ଜିଲ୍ଲା ଏସ୍‌ପିଙ୍କ ସହିତ କଥାବାର୍ତ୍ତା ହେବା ପରେ ଥାନା ଜମିରେ କେତେକ ଦୋକାନ ବଜାର ଅସ୍ଥାୟୀ ଭାବେ ଖୋଲା ଯାଇଥିଲା। ହେଲେ ଏବେ ଗୋପ ବଜାର ଉଚ୍ଛେଦ କରାଯିବା ଲାଗି ତହସିଲ କାର୍ଯ୍ୟାଳୟ ପକ୍ଷରୁ ମାପଚୁପ କରା ଯାଇଥିବାବେଳେ କେତେକ ସ୍ଥାନରେ ପ୍ରିୟାପ୍ରୀତି କରାଯାଇଥିବା ଭଳି ଅଭିଯୋଗ ହୋଇଛି। ଏଠାରେ ସୂଚନାଯୋଗ୍ୟ ଯେ ଗୋପ - ନିମାପଡ଼ା ରାସ୍ତାର କେତେକ ବ୍ୟକ୍ତି ନୟନଯୋରିକୁ ଜବରଦଖଲ କରିଥିବା ବେଳେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ନିକଟରେ କେତେକ ବ୍ୟକ୍ତି ଜବରଦଖଲ କରିଥିବା ଅଭିଯୋଗ ରହିଛି। ଏପରି ଅଭିଯୋଗ ସମ୍ପର୍କରେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରୀଙ୍କୁ ପଚାରିବାରେ ଥାନା ଜମିର ପାଚେରି ଭଙ୍ଗାଯିବା ଖବର ପାଇବା ପରେ ଘଟଣାସ୍ଥଳକୁ ଯାଇଥିଲି ବୋଲି କହିବା ସହ ଅଳ୍ପ ଦିନ ମଧ୍ୟରେ ଥାନା ଜମିରେ ଯେଉଁମାନେ ଦୋକାନ କରିଛନ୍ତି ସେମାନଙ୍କୁ ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ଅବଗତ କରିବି ବୋଲି କହିଛନ୍ତି।

## ଅଗ୍ନିକାଣ୍ଡରେ ଜଳିଗଲା ଦୋକାନ



ଅସ୍ତରଙ୍ଗ,୨୪।୧୨(ସମିସ): ମଙ୍ଗଳବାର ବିଳମ୍ବିତ ରାତିରେ ଅସ୍ତରଙ୍ଗ ବ୍ଲକ୍ ମାଣ୍ଡୁକି ଗ୍ରାମ ଛକ ନିକଟରେ ଥିବା ଶ୍ରୀରାମ ହାର୍ଡୱାର ଦୋକାନରେ ନିଆଁ ଲାଗି ପ୍ରାୟ ୧୫ ଲକ୍ଷ ଟଙ୍କାର ସାମଗ୍ରୀ ଜଳିପୋଡ଼ି ନଷ୍ଟ ହୋଇଯାଇଛି। ମାଣ୍ଡୁକି ଅଞ୍ଚଳର ପ୍ରଶାନ୍ତ ସାହୁଙ୍କ ଏହି ଦୋକାନରେ କୌଣସି କାରଣରୁ ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ଲକ୍ଷାଧିକ ଟଙ୍କାର ରଙ୍ଗ, କେମିକାଲ, ମଟର ଯନ୍ତ୍ରାଂଶ ଓ କିଛି ନିତ୍ୟ ବ୍ୟବହାର ସାମଗ୍ରୀ ଜଳିଯାଇଛି। ଅଗ୍ନିକାଣ୍ଡ ଏତେ ଭୟାବହ ଥିଲା ଦୋକାନ ଆଜବେଷ୍ଟ ସବୁ ନଷ୍ଟ ହୋଇଯାଇଛି। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବାକୁ ପ୍ରୟାସ କରି ବିଫଳ ହେବା ପରେ ସ୍ଥାନୀୟ ଦମକଳ କେନ୍ଦ୍ର ସହ ଯୋଗାଯୋଗ କରିଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଛି ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ବିଦ୍ୟୁତ ସର୍ଟ ସର୍କିଟରୁ ଏଭଳି ଅଘଟଣ ଘଟିଥିବା ସନ୍ଦେହ କରାଯାଉଛି। ତେବେ ଧାର କରଜ ଓ ଋଣ କରି ଯୁବକ ଜଣଙ୍କ ବ୍ୟବସାୟ କରି ନିଜ ଆର୍ଥିକ ଗୁଜୁରାଣ ମେଣ୍ଟାଉଥିଲେ। ତାଙ୍କର ଏଭଳି କ୍ଷତିରେ ସେ ଭାଙ୍ଗିପଡ଼ିଛନ୍ତି। ଆର୍ଥିକ ସହାୟତା ଯୋଗାଇ ଦେବାକୁ ନିବେଦନ କରିଛନ୍ତି।

## ପାଣି ଟାଙ୍କି ଅଚଳ; ପିଇବା ପାଣିରୁ ବଞ୍ଚିତ ୭ ଗ୍ରାମବାସୀ

ନୁଆପଲମ ହାଟ,୨୪।୧୨(ସମିସ): ବସୁଧା ଯୋଜନାରେ ୧କୋଟି ଟଙ୍କା ବ୍ୟୟରେ ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ବିଭିନ୍ନ ପଞ୍ଚାୟତରେ ପାଣି ଟାଙ୍କୀ ନିର୍ମାଣ କରାଯାଇ ପ୍ରତି ପରିବାରକୁ ଶୁଦ୍ଧ ପାଣି ଯୋଗାଇଦେବା ଏକ ପ୍ରହସନ ପାଲଟିଛି। ପ୍ରକାଶ ଯେ, କଟକ ଜିଲ୍ଲା ନିଆଳି ବ୍ଲକ ଅନ୍ତର୍ଗତ ବିନିସୀପୁର ପଞ୍ଚାୟତର ୭ଟି ଗ୍ରାମ, ନୂଆ ପାଟଣା, କୁଦ ପାଟଣା, ବଢ଼େଇ ପାଟଣା, କୁଞ୍ଜିଆ ପାଟଣା, ଦେବୀ ପାଟଣା ପ୍ରମୁଖ ୭ଟି ଗ୍ରାମର ଲୋକମାନେ ୮ ମାସ ହେଲା ପିଇବା ପାଣିରୁ ବଞ୍ଚିତ ଅଛନ୍ତି। ମାଟି ତଳେ ନିମ୍ନମାନର ପାଇପ୍ ବିଛାଯାଇଥିବା ଯୋଗୁଁ ତାହା ଅଳ୍ପ ଦିନରେ ନଷ୍ଟ ହୋଇଯିବା ଫଳରେ ଗ୍ରାମରେ ପାଣି ପହଞ୍ଚି ପାରୁ ନାହିଁ। ରକ୍ଷଣବେକ୍ଷଣ ଅଭାବରୁ ପାଣି ଟାଙ୍କି ଏବେ ଭୂତକୋଠି ପାଲଟିଛି। ଏଦିଗରେ ପାନୀୟ ପରିମଳ ବିଭାଗ ଦୃଷ୍ଟି ଦେବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି।

## ଦୁଇ ମନ୍ଦିରରୁ ଲୁଟିଲେ ଦୁର୍ବୃତ୍ତ

କଣାସ,୨୪।୧୨(ସମିସ): କଣାସ ଅଞ୍ଚଳରେ ଗତ କିଛିଦିନ ହେଲା ଚୋରଙ୍କ ଉପଦ୍ରବ ବଢ଼ିଯାଇଥିବା ବେଳେ ଗତ ରାତିରେ ଦୁଇଟି ମନ୍ଦିରରୁ ଅଳଙ୍କାର ଓ ଘଣ୍ଟି ଚୋରି କରି ନେଇଛନ୍ତି ଦୁର୍ବୃତ୍ତ। କଣାସ ଗ୍ରାମରେ ଥିବା ସାନମଠର ହନୁମାନ ମନ୍ଦିରର ଗ୍ରିଲ୍ ତାଲା ଭାଙ୍ଗି ହନୁମାନଙ୍କ ରୁପା ମୁକୁଟକୁ ଚୋରି କରି ନେଇଯାଇଛନ୍ତି। ଯାହାର ମୂଲ୍ୟ ୧ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ସେହିପରି ସାନମଠ ନିକଟ ଲୋକନାଥ ମନ୍ଦିରରେ ଓହଳା ଯାଇଥିବା ବଡ଼ ପିତଳ ଘଣ୍ଟିଟିକୁ ଗ୍ୟାସ କଟର ସାହାଯ୍ୟରେ କାଟି ନେଇଯାଇଥିବା ମଧ୍ୟ କଣାସ ଥାନାରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ କଣାସ ଗୋଲାବଜାର ଆଖଣ୍ଡଳମଣି ମନ୍ଦିର ନିକଟରେ ଥିବା ସୁକାନ୍ତ ଦଳସିଂହଙ୍କ କ୍ୟାବିନ୍ ତାଲା ଭାଙ୍ଗି ୧୨ହଜାର ଟଙ୍କା ସହିତ କିଛି ଖୁଚୁରା ପଇସା ଏବଂ ମନୋହରୀ ସାମଗ୍ରୀ ନେଇଯାଇଥିବା ଶ୍ରୀ ଦଳସିଂହ କଣାସ ଥାନାରେ ଅଭିଯୋଗ କରିଛନ୍ତି। ଖବର ନେବାରେ ଜଣା ପଡିଛି କଣାସ ଥାନାରେ ଆବଶ୍ୟକ ମୁତାବକ କର୍ମଚାରୀ ନ ଥିବାରୁ ରାତ୍ରକାଳୀନ ପାଟ୍ରୋଲିଂରେ ସମସ୍ୟା ହେଉଛି। ଫଳରେ ଦୁର୍ବୃତ୍ତମାନେ ବାରମ୍ବାର ଚୋରି କରିବାକୁ ସାହସ କରୁଛନ୍ତି ବୋଲି ମତପ୍ରକାଶ ପାଉଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏଥିପ୍ରତି ଦୃଷ୍ଟି ଦେଇ ଖାଲିପଡ଼ିଥିବା ଏସ୍‌ଆଇ ଓ ଏଏସ୍‌ଆଇ ପଦବୀ ପୂରଣ କରିବା ସହିତ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ବାଳୀ ପ୍ରଧାନଙ୍କ ସ୍ମୃତିଚାରଣ ସଭା



ସାକ୍ଷୀଗୋପାଳ,୨୪।୧୨(ସମିସ): ସତ୍ୟବାଦୀ ବ୍ଲକ୍ ଅଲଗୁମ୍ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାଟୁଳିପଡ଼ା ଗ୍ରାମର ସ୍ୱର୍ଗତା ବାଳୀ ପ୍ରଧାନଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟପୂଜା ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଳମଣି ବିଶ୍ୱାଳଙ୍କ ସମେତ ଅନୁଷ୍ଠାନର ସଭ୍ୟସଭ୍ୟା ଯୋଗଦେଇଥିଲେ। ଏହି ଅବସରରେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସ୍ମୃତିଚାରଣ କରାଯାଇଥିଲା। ସ୍ୱର୍ଗତା ବାଳୀ ପ୍ରଧାନ ଜଣେ ସ୍ନେହୀ, ପରୋପକାରୀ ତଥା ଧର୍ମପରାୟଣା ମହିଳା ଥିଲେ। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ସମୟରେ ବଡ଼ ପୁଅ ସଂଗ୍ରାମଙ୍କ ସହିତ ସାନ ପୁଅ ସର୍ଜନ, ପୁତ୍ରବଧୂ, ଝିଅ ଖୁଲଣା ପ୍ରଧାନ, ନାତି ନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକ ପ୍ରକାଶ ପାଇଥିବାବେଳେ ପୁତ୍ର ସଂଗ୍ରାମ କେଶରୀ ପ୍ରଧାନ ମୁଖାଗ୍ନି ଦେଇଥିଲେ।

## 'ଶିକ୍ଷା ଓ ସଂସ୍କାର' ହିଁ ଜୀବନ ପରିବର୍ତ୍ତନର ମାପକାଠି

ଗୋପ,୨୪।୧୨(ସମିସ): ପୁରୀ ଜିଲ୍ଲା ଗୋପ ହାପି କଲୋନୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଂଶତମ ବାର୍ଷିକ ଉତ୍ସବ : ୨୦୨୫-୨୬ ପାଳିତ ହୋଇଯାଇଛି। ବିଦ୍ୟାଳୟର ପରିଚାଳନା ସମିତି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପୁରୀର ମହିପ୍ରକାଶ ମଠର ସ୍ୱାମୀ ଶୁଭାନନ୍ଦ ସରସ୍ୱତୀ ମହାରାଜ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷା ଓ ସଂସ୍କାର ଜୀବନକୁ ଏକ ଉତ୍ତମ ମାର୍ଗରେ ପରିଚାଳିତ କରିପାରିବ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ମୁଖ୍ୟ ବକ୍ତା ଭାବେ ଓଡ଼ିଶା ଶିକ୍ଷା ବିକାଶ ସମିତିର ସମ୍ପାଦକ ଡ. ସରୋଜ କୁମାର ହାତୀ ଶିକ୍ଷାକୁ ଗୁରୁତ୍ୱ ଦେଇ ବିଦ୍ୟାଳୟ ବ୍ୟତୀତ କେବଳ ମା' ମାନେ ହିଁ ପ୍ରକୃତରେ ନିଜ ଶିଶୁର ଉତ୍ତମ ଭବିଷ୍ୟତ ଗଠନ କରିବାରେ ସହାୟକ ହୋଇପାରିବେ ବୋଲି ତାଙ୍କ ବକ୍ତବ୍ୟ ରଖିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ମାନ୍ୟବର ସାଂସଦଙ୍କ ଗୋପ ବ୍ଲକ୍ ପ୍ରତିନିଧ ସୁଶାନ୍ତ କୁମାର ସ୍ୱାଇଁ ଯୋଗ ଦେଇ ବିଦ୍ୟାଳୟର ସର୍ବାଙ୍ଗିନ ଉନ୍ନତି ପାଇଁ ଅଭିଭାବକ ତଥା ସ୍ଥାନୀୟ ବୁଦ୍ଧିଜୀବୀ ସହଯୋଗର ହାତ ବଢ଼ାଇବାପାଇଁ ଅନୁରୋଧ କରିଥିଲେ। ବିଦ୍ୟାଳୟର ସମ୍ପାଦକ ସନତ୍ ସେନାପତି ସମ୍ପାଦକୀ ବିବରଣୀ ପଠନ କରିଥିଲେ। ସେହିପରି ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର କୋଷାଧକ୍ଷ ଶାଶ୍ୱତ ରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ପୂର୍ବତନ ଛାତ୍ର ଚନ୍ଦନ କୁମାର ଭଞ୍ଜ ଓ ଅନୁଭବ ପଟ୍ଟନାୟକ ଏବଂ ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ,ସତ୍ୟନାରାୟଣ ସେନାପତି,ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ସମେତ ପୁରାତନ ଓ ନୂତନ ପରିଚାଳନା ସଦସ୍ୟ, ବିଦ୍ୱତ୍ ପରିଷଦ ସଦସ୍ୟ ଓ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କଙ୍କ ସମେତ ଆଚାର୍ଯ୍ୟା ବନିତା ଦେଇଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଉପସ୍ଥିତ ଅତିଥି ଓ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି କାର୍ଯ୍ୟକ୍ରମକୁ ପରିଚାଳନା କମିଟିର ସଦସ୍ୟ ବାଳକୃଷ୍ଣ ସେନାପତି, ପବିତ୍ର ଦାସ, ପ୍ରଣତି ସତପଥି, ପ୍ରମୋଦିନୀ ଶାହୁଙ୍କ ସମେତ ଉତ୍ସବକୁ ବିଦ୍ୟାଳୟର ସମସ୍ତ ପରିଚାଳନା ସମିତି ସଦସ୍ୟ ତଥା ଆଚାର୍ଯ୍ୟ ଓ ଆଚାର୍ଯ୍ୟା ମାନେ ପରିଚାଳନା କରିଥିଲେ।




## ଏ-୧ ଆଶାୟୀ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ

କଣାସ,୨୪।୧୨(ସମିସ): କଣାସ ବ୍ଲକ୍‌ର ଚଳିତ ବର୍ଷ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ନିମିତ ଦଶମ ଶ୍ରେଣୀର ଏ-୧ ଆଶାୟୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣାସ ବ୍ଲକ୍ ଶିକ୍ଷାଧିକାରୀ ରାମ ଚନ୍ଦ୍ର ବେହେରା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଓମ୍ ପ୍ରକାଶ ମିଶ୍ର, ବିଦ୍ୟାଳୟର ପ୍ରତିଷ୍ଠାତା ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାଶ ମହାରାଜ, ଶିକ୍ଷାବିତ୍ ବିଭୂତିଭୂଷଣ ପଟ୍ଟନାୟକ, ପରୀକ୍ଷିତ ବଡ଼ଜେନା, ଶିଶୁ ସାହିତ୍ୟିକ ଡ. ହେମନ୍ତ କୁମାର ଛୋଟରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ଦିବସରେ ଗଣିତ, ପଦାର୍ଥ ବିଜ୍ଞାନ, ଭୂଗୋଳ, ଦ୍ୱିତୀୟ ଦିବସରେ ଇଂରାଜୀ, ସାହିତ୍ୟ, ଜୀବବିଜ୍ଞାନ, ହିନ୍ଦୀ, ସଂସ୍କୃତ ଓ ଇତିହାସ ବିଷୟରେ ଶିକ୍ଷାଦାନ କରାଯାଇଥିଲା। କଣାସ ବ୍ଲକ୍‌ର ହାଇସ୍କୁଲସ୍ତରୀୟ ଦକ୍ଷ ଶିକ୍ଷକମାନେ ଶିକ୍ଷାଦାନ କରିଥିଲେ। ଏହି ଦୁଇ ଦିନିଆ ତାଲିମ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟ, କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ସୁଲେଖା ମହାପାତ୍ର, ବ୍ଲକ୍‌ର ନୋଡାଲ ପ୍ରଧାନଶିକ୍ଷକ ବିଭୂତିଭୂଷଣ ମହାପାତ୍ର, ଜିଲ୍ଲା ନୋଡାଲ ଅଫିସର ପ୍ରଦୀପ କୁମାର ସ୍ୱାଇଁ, ରାଜ୍ୟ ରିସୋର୍ସ ପର୍ସନ ପ୍ରଦୀପ ବେହେରା, ପ୍ରଧାନଶିକ୍ଷକ ସୁଶିଲ୍ କୁମାର ମହାପାତ୍ର, ରଘୁନାଥ ବେହେରା, ଶିକ୍ଷକ ସୀତାକାନ୍ତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

## ଓରକଲ ସରକାରୀ ସ୍କୁଲର ବାର୍ଷିକ ଉତ୍ସବ

ପିପିଲି,୨୪।୧୨(ସମିସ): ପିପିଲି ନିକଟ ଓରକଳ ଉନ୍ନିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ୪ର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମୌଳିକ ଶିକ୍ଷାଦାନ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ ଦେଇ ବିଦ୍ୟାଳୟର ଐତିହ୍ୟକୁ ମନେ ପକାଇଥିଲେ। ଏଥିସହ ସମସ୍ତଙ୍କ ସହଯୋଗରେ ବିଦ୍ୟାଳୟର ବିକାଶକୁ ଆଗକୁ ନେବାକୁ ସେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ସମବାୟ ବ୍ୟାଙ୍କ ପୁରୀ ଜିଲ୍ଲା ସଭାପତି କିଶୋର ଛୋଟରାୟ, ପିପିଲି ବ୍ଲକ୍ ଶିକ୍ଷା ଅଧିକାରୀ ପୀତବାସ ସେଠୀ ଓ ସଚେତନ ନାଗରିକ ମଞ୍ଚର ଆବାହକ ତଥା ବରିଷ୍ଠ ଆଇନଜୀବୀ ସୁରେଶ କୁମାର ରଥ, ସମାଜସେବୀ ସଦାଶିବ ପ୍ରଧାନ, କମିଟି ସଭାପତି କାଳୁ ଚରଣ ଭଞ୍ଜ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଉକ୍ତ ବିଦ୍ୟାଳୟରେ ପାଠପଢ଼ି ସରକାରୀ ସଫଳତା ପାଇଥିବା ୩ ଜଣ ମେଧାବୀ ଛାତ୍ରୀ ବର୍ଷାରାଣୀ ବେହେରା, ସ୍ନେହଲତା ପ୍ରଧାନ ଏବଂ ଶୁଭଲକ୍ଷ୍ମୀ ଜେନାଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିଭିନ୍ନ କ୍ରୀଡ଼ା ଓ କଳା କ୍ଷେତ୍ରରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ରଜନୀକାନ୍ତ ସାମଲ ଓ ସହକାରୀ ଶିକ୍ଷୟିତ୍ରୀ ସୁନୀତି ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ବିକାଶ ଅଗ୍ରୱାଲ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବରିଷ୍ଠ ସାମ୍ବାଦିକଙ୍କ ପରଲୋକ

ସାକ୍ଷୀଗୋପାଳ,୨୪।୧୨(ସମିସ): ସତ୍ୟବାଦୀ ବ୍ଲକ୍‌ର ବରିଷ୍ଠ ସାମ୍ବାଦିକ ନିରଞ୍ଜନ ମିଶ୍ରଙ୍କର ଆଜି ପରଲୋକ ହୋଇଯାଇଛି। ସ୍ୱର୍ଗତ ମିଶ୍ର ସତ୍ୟବାଦୀ ବ୍ଲକ୍‌ରେ ୧୯୮୦ ମସିହା ଠାରୁ ଏକ ପ୍ରତିଷ୍ଠିତ ଖବରକାଗଜର ପ୍ରତିନିଧି ରୂପେ କାର୍ଯ୍ୟ କରିଆସୁଥିଲେ। ସତ୍ୟବାଦୀ ଅଞ୍ଚଳର ସମସ୍ୟା, ରାଜନୈତିକ ଖବର ଓ ସ୍ଥାନୀୟ ଜନସାଧାରଣଙ୍କ ସମସ୍ୟାକୁ ଉପସ୍ଥାପନ କରି ବେଶ ଜନପ୍ରିୟ ଥିଲେ। ସ୍ୱର୍ଗତ ମିଶ୍ର ସତ୍ୟବାଦୀ ପ୍ରେସ୍ କ୍ଲବ୍, ସାକ୍ଷୀଗୋପାଳର ପ୍ରତିଷ୍ଠାତା ସଦସ୍ୟ ଓ ପୁରୀ ଜିଲ୍ଲା ସାମ୍ବାଦିକ ସଙ୍ଘର ଜଣେ ସକ୍ରିୟ ସଦସ୍ୟ ଥିଲେ। ସେ ବୁଟୁ ଭାଇନା ନାମରେ ବେଶ ପରିଚିତ ଥିଲେ। ଅସୁସ୍ଥତା କାରଣରୁ ସେ କିଛି ଦିନ ହେବ ନିଜ ସାନ ପୁଅ ପାଖରେ ହାଇଦ୍ରାବାଦ ଠାରେ ରହି ଚିକିତ୍ସିତ ହେଉଥିଲେ। ସେହିଠାରେ ତାଙ୍କର ପରଲୋକ ହୋଇଛି। ତାଙ୍କ ବିୟୋଗରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନ, ପୂର୍ବତନ ବିଧାୟକ ରମା ରଞ୍ଜନ ବଳିୟାର ସିଂ, ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ପୂର୍ବତନ ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ପ୍ରେମାନନ୍ଦ ବେହେରା, ସତ୍ୟବାଦୀ ପ୍ରେସ୍ କ୍ଲବ ସଭାପତି କିଶୋର ଚନ୍ଦ୍ର ମହାପାତ୍ର, ସମ୍ପାଦକ ଅଶୋକ ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି।



## ଦେସ୍ଥଳିରେ ଗ୍ରାମସଭା

ନୟାହାଟ, ୨୪।୧୨(ସମିସ): ନୟାହାଟ ଫାଣ୍ଡିଅନ୍ତର୍ଗତ ଦେସ୍ଥଳି ପଞ୍ଚାୟତ କାର୍ଯ୍ୟାଳୟ ଠାରେ ବୁଧବାର ଅପରାହ୍ଣରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତର ବିକାଶ ପାଇଁ ଦେସ୍ଥଳିର ମହିଳା ସରପଞ୍ଚ ରିଶ୍ମା ସ୍ୱାଇଁ ବୈଠକରେ ଉପସ୍ଥିତ ଥିବାବେଳେ ୱାର୍ଡ ସଭ୍ୟ ଓ ସଭ୍ୟା, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀଙ୍କୁ ପଞ୍ଚାୟତର ବିକାଶ ଦିଗରେ ଏକତ୍ର ହୋଇ ନିର୍ଦ୍ଦଳୀୟ ଭାବେ ସମସ୍ତଙ୍କର କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ସମାଜସେବୀ ମକରଧ୍ୱଜ ସ୍ୱାଇଁ, ସମ୍ପାଦକ ଶିଶିର ମାଲିକ୍ ପଞ୍ଚାୟତ ଅଧିକାରୀ ସୁମନ୍ତ ନାୟକ ଓ ନାଏବ ସରପଞ୍ଚ ସୁମନ୍ତ ମାଲିକ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଫେବୃୟାରୀ ୨ରୁ ସେବାୟତ କ୍ରିକେଟ ପ୍ରିମିୟର ଲିଗ୍

ପୁରୀ,୨୪।୧୨(ସମିସ): ଶ୍ରୀମନ୍ଦିର ଟ୍ରଫି ସେବାୟତ କ୍ରିକେଟ ପ୍ରିମିୟର ଲିଗ୍‌ର ଦ୍ୱିତୀୟ ସଂସ୍କରଣ ଫେବୃୟାରୀ ୨ରୁ ଶ୍ରୀଜଗନ୍ନାଥ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହାକୁ ଶୃଙ୍ଖଳିତ ଭାବେ ଆୟୋଜନ ପାଇଁ ବୁଧବାର ସର୍କିଟ ହାଉସ୍‌ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏହି ଲିଗ୍ ମାଧ୍ୟମରେ ଭାଇଚାରା ଅଧିକ ବୃଦ୍ଧିମନ୍ତ ହେବା ସହ ପାରସ୍ପରିକ ସଦଭାବନା ବୃଦ୍ଧି ପାଇବ। ଏହାକୁ ନିରପେକ୍ଷ ଭାବେ ପରିଚାଳନା କରିବା, ଭଲ ଖେଳାଳୀଙ୍କୁ ଉତ୍ସାହିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ବିସ୍ତୃତ ଆଲୋଚନା ପରେ ସର୍ବସମ୍ମତ କ୍ରମେ ସ୍ଥିର ହେଲା ଯେ ଆସନ୍ତା ଫେବୃଆରୀ ୨ ତାରିଖଠାରୁ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଖେଳରେ ବିଭିନ୍ନ ସେବାୟତ ନିଯୋଗ ଅଂଶଗ୍ରହଣ ପାଇଁ ସେମାନଙ୍କ ସମ୍ମତି ପତ୍ର ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କୁ ପ୍ରଦାନ କରିବାକୁ ବରିଷ୍ଠ ସେବାୟତ ଅନନ୍ତ ତିଆଡି ସୂଚନା ଦେଇଥିଲେ। ଅଂଶଗ୍ରହଣକାରୀଙ୍କ ତାଲିକା ଚୂଡାନ୍ତ ହେବା ପରେ ଫିକ୍ସଚର ପ୍ରସ୍ତୁତ କରାଯିବ। ଓସିଏ ଅନୁବନ୍ଧିତ ଅଫିସିଆଲମାନେ ମ୍ୟାଚ ପରିଚାଳନା କରିବେ। ଏହି ବୈଠକରେ ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର, ବିନାୟକ ଦାସ ମହାପାତ୍ର, ରବିନାରାୟଣ ଦାସ, ରବି ଶଙ୍କର ପ୍ରତିହାରୀ, ମାଧବ ପୂଜାପଣ୍ଡା, ମାଧବ ମହାପାତ୍ର, ରାମ କୃଷ୍ଣ ଦାସ ମହାପାତ୍ର, କେଦାର ଖୁଣ୍ଟିଆ, ରବି ନାରାୟଣ ଗୋଛିକାର, ଜଗନ୍ନାଥ ପୂଜାପଣ୍ଡା, ଦୁର୍ଗା ଦାସମହାପାତ୍ର, ନାରାୟଣମହାସୁଆର, ସାଇନା ଖୁଣ୍ଟିଆ, ଅନାଥ ଦାସ ମହାପାତ୍ର ଉପସ୍ଥିତଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କମ୍ୟୁନିଷ୍ଟ ପାର୍ଟିର ଶତବାର୍ଷିକୀ ସମାରୋହ



ନିମାପଡା,୨୪।୧୨(ସମିସ): ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ଅମଲାପଡ଼ାସ୍ଥିତ ଘନଶ୍ୟାମ ଭବନ ପରିସରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପୁରୀ ଜିଲ୍ଲାସ୍ତରୀୟ ଶତବାର୍ଷିକ ସମାରୋହ ପାଳିତ ହୋଇଯାଇଛି। ରାଜ୍ୟ ପରିଷଦ ସଭ୍ୟ ଦେବେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ମହେଶ୍ୱର ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆୟୋଜିତ ସମାରୋହରେ ଜିଲ୍ଲା ପୂର୍ବତନ ସମ୍ପାଦକ ପ୍ରଦୀପ୍ତ ମହାନ୍ତି, ବରିଷ୍ଠ କମ୍ରେଡନେତା ସନାତନ ପାତ୍ର, ବ୍ରଜବନ୍ଧୁ ପ୍ରଧାନ, ଦଣ୍ଡପାଣି ସାହୁ, ଗୋଲେଖ ନାୟକ, ବ୍ରହ୍ମାନନ୍ଦ ଦାଶ, ମନୋରଞ୍ଜନ ପରିଡ଼ା, ସନ୍ତୋଷ ବେହେରା, ସୁରେଶ ବିଶ୍ୱାଳ, ହଟକିଶୋର ଦାସ, ନରେନ୍ଦ୍ର ପ୍ରଧାନ (ନନ୍ଦବାବା) ପ୍ରମୁଖ ଯୋଗଦେଇ ଶୋଷଣ, ହତ୍ୟାଚାର କବଳରୁ ମୁକ୍ତି ତଥା ସମାଜବାଦୀ ସମାଜ ଗଠନ ପାଇଁ ନିଷ୍ଠାପର ସଂଘର୍ଷ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସେହିପରି ତ୍ୟାଗ, ଆତ୍ମବଳିଦାନର ୧୦୦ବର୍ଷ ପୂର୍ତ୍ତି ଅବସରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଶତବାର୍ଷିକୀ ସମାରୋହ ପାଳନ ସହ କେନ୍ଦ୍ର ଓ ରାଜ୍ୟ ସରକାର ଜନ ବିରୋଧୀ କାର୍ଯ୍ୟକ୍ରମ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପୁରୀ ଜିଲ୍ଲା ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଶତାଧିକ ସିପିଆଇ କର୍ମୀ ଯୋଗ ଦେଇଥିଲେ।

## ୪ ଗୁଣ୍ଠ ଜମି ଦାନ କଲେ ସମାଜସେବୀ ଅନନ୍ତ ସାହୁ

**୪୬ ଲକ୍ଷ ବ୍ୟୟରେ ନିର୍ମାଣ ହେବ ମିନି ସ୍ୱାସ୍ଥ୍ୟକେନ୍ଦ୍ର**

ନୟାହାଟ,୨୪।୧୨(ସମିସ)

ନୟାହାଟ ଅଞ୍ଚଳର ଜଙ୍ଗଲବୋରି ପଞ୍ଚାୟତର ବରଗୋରଡ଼ା ଗ୍ରାମର ସମାଜସେବୀ ଅନନ୍ତ ସାହୁଙ୍କ ଚେଷ୍ଟା ଓ ଉଦ୍ୟମ ସାହିତ୍ୟ ତାଙ୍କର ନୟାହାଟ ନାଗପୁର ରାସ୍ତାର କନ୍ତିଲା ପୋଖରୀ ନିକଟରେ ଥିବ ୪ଗୁଣ୍ଠ ମୂଲ୍ୟବାନ ସମ୍ପତି ଯାହାର ମୂଲ୍ୟ ୪୦ ଲକ୍ଷରୁ ଉର୍ଦ୍ଧ ହେବ ତାକୁ ଅଞ୍ଚଳର ବିକାଶ ପାଇଁ ସରକାରଙ୍କୁ ଦାନ କରିଛନ୍ତି। ଉକ୍ତ ଜମି ଉପରେ କମ୍ୟୁନିଟି ସେଣ୍ଟର୍, ଅଙ୍ଗନବାଡ଼ି ଓ ମିନି ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହେବ ବୋଲି ଜଣାପଡ଼ିଛି। ବୁଧ ବାର ଦିନ ଗୋପ ବିଡିଓ ଛବିରାଣୀ ସାହୁ ସମାଜସେବୀ ଅନନ୍ତ ସାହୁ ଜଙ୍ଗଲବୋରି ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ, ଆର୍‌ଆଇ ଘଟଣାସ୍ଥଳକୁ ଯାଇ ମାପଚୁପ କରି ସ୍ଥାନୀୟ ମହିଳା ସଂଗଠନ ଙ୍କ ସହଯୋଗ ଲୋଡିଥିଲେ। ପ୍ରକାଶ ଥାଉ କି, ଉକ୍ତ ମିନି ସ୍ୱାସ୍ଥ କେନ୍ଦ୍ର ପୂର୍ବତନ ସରକାର ସମୟରେ ବିସୁଲି ପଡା ଠାରେ ସରକାରୀ ଜାଗାରେ ନିର୍ମାଣ ହେବାର ଥିଲା ସରକାରୀ ଜାଗା ନିରୂପଣରେ ବାଦବିବାଦ ଦେଖାଦେବାରୁ ଉକ୍ତ ଟଙ୍କା ଫେରିଯାଇଥିଲା। ସମାଜସେବୀ ଅନନ୍ତ ସାହୁ ଏସବୁ ଜାଣିବା ପରେ ପ୍ରଶାସନ ପାଖକୁ ଯାଇ ନିଜର ସ୍ଥିତିବାନ ଜମି ଦେବା ପାଇଁ ଆଗ୍ରହ ପ୍ରକାଶ କରିବାରୁ ପ୍ରଶାସନ ପକ୍ଷରୁ ମିନି ସ୍ୱାସ୍ଥକେନ୍ଦ୍ର ନିର୍ମାଣ ପାଇଁ ତତ୍ପରତା ପ୍ରକାଶ ପାଇଥିଲା।



# ଡାଲମିଆ ମହାବିଦ୍ୟାଳୟ ଇତିହାସ ବିଭାଗର ଶିକ୍ଷା ଭ୍ରମଣ





କୁତ୍ରା,୨୪ ।୧୨(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ଅଧୀନ ଝାରବେଡାଠାରେ ଥିବା ଡାଲମିଆ ମହାବିଦ୍ୟାଳର ଇତିହାସ ବିଭାଗର ଛାତ୍ରଛାତ୍ରୀମାନେ ଓଡ଼ିଶାର ବିଭିନ୍ନ ଐତିହାସିକସ୍ଥାନର ପରିଭ୍ରମଣ କରିଛନ୍ତି । କଟକ ଜିଲ୍ଲାର ବାରବାଟି ଦୁର୍ଗ, ଭୁବନେଶ୍ୱରର ଧଉଳିଗିରି, ଲିଙ୍ଗରାଜ ମନ୍ଦିର, ଖଣ୍ଡଗିରି ଓ ଉଦୟଗିରିର ବିଭିନ୍ନ ଗୁମ୍ଫା ପରିଦର୍ଶନ ସହିତ ପୁରୀ ଜିଲ୍ଲାର ବିଶ୍ୱ ପ୍ରସିଦ୍ଧ କୋଣାର୍କ ମନ୍ଦିର ପରିଦର୍ଶନ କରି ଚନ୍ଦ୍ରଭାଗା ଉପକୂଳରେ ଯାତ୍ରା ସମାପନ କରିଥିଲେ । ଏହି ଶିକ୍ଷା ପରିଭ୍ରମଣରେ ବିଭାଗର ମୁଖ୍ୟ ଅଧ୍ୟାପକ ପ୍ରଶାନ୍ତ କୁମାର ମାଝୀ ଛାତ୍ରଛାତ୍ରୀମାନଙ୍କୁ ଅନେକ ଐତିହାସିକ ତଥ୍ୟ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ରେଶମ ୟାସ୍ମିନ ଓ ଅଧ୍ୟାପକ ରୁଦ୍ରନାରାୟଣ ଲେଙ୍କା ଅନେକ ଶିଳାଲେଖ ଏବଂ ଏଥିରେ ଇଂରାଜୀ ବିଭାଗର ଅଧ୍ୟାପିକା ମଧ୍ୟ ଅନେକ ସାହାଯ୍ୟ ଓ ସହଯୋଗ କରିଥିଲେ । ଏହି ଭ୍ରମଣ ନିମନ୍ତେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଜିତେନ୍ଦ୍ର କୁମାର ପଟେଲ ଅନୁମତି ପ୍ରଦାନ ସହ ଛାତ୍ରଛାତ୍ରୀମାନଙ୍କ ଶୁଭଯାତ୍ରା କାମନା ସହ ସହଯୋଗ ମଧ୍ୟ କରିଥିଲେ । ଏହି ଶିକ୍ଷଣୀୟ ଯାତ୍ରାରେ ସମସ୍ତ ଅଭିଭାବକଙ୍କ ପ୍ରେରଣା ସ୍ୱାଗତ ଯୋଗ୍ୟ ଅଟେ ।

# ବଣାଇଁ ସରସରାରେ ଟସ୍‌ର କୃଷି ମେଳା




ବଣାଇଁ,୨୪।୧୨(ସମିସ): ବଣାଇଁ ବ୍ଲକ ଅଧୀନ ସରସରା ଟିଏମ୍‌ସିଏସ୍‌ରେ ରେଶମ ଚାଷୀଙ୍କ ପାଇଁ ଏକ ଟସର କୃଷି ମେଳା ଆୟୋଜିତ ହୋଇଯାଇଛି । ଏହି କୃଷି ମେଳାରେ ଅଞ୍ଚଳର ପ୍ରାୟ ୩୦୦ ଜଣ ଟସର ଚାଷୀ ଅଂଶଗ୍ରହଣ କରିଥିଲେ । ମୁଖ୍ୟଅତିଥି ଭାବେ ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବଣାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସ୍ୱଦୀପ କୁମାର ଟପ୍ପୋ, ବଣାଇଁ ରେଞ୍ଜର ଦେବାଶିଷ ନାୟକ, ଜିଲ୍ଲା ପରିଷଦ ସଭ୍ୟ ବୀର ବିଚିତ୍ର ସେନ ନାୟକ, ଗବେଷକ କର୍ମବୀର ଜେନାଙ୍କ ସମେତ ଏଡିଏସ୍ ସୁନ୍ଦରଗଡ଼ ଯୋଗଦେଇଥିଲେ । ଏଥିରେ ବୈଜ୍ଞାନିକମାନେ ଉନ୍ନତ ଟସର କୀଟ ପାଳନ ପଦ୍ଧତି, ରୋଗ ନିୟନ୍ତ୍ରଣ, ଉତ୍ପାଦନ ବୃଦ୍ଧି ଓ ମୂଲ୍ୟ ସଂଯୋଜନ ବିଷୟରେ ଚାଷୀମାନଙ୍କୁ ସଚେତନ କରିଥିଲେ ।

# ଅବସରପ୍ରାପ୍ତ ଆରଏସ୍‌ପି ଇଞ୍ଜିନିୟରଙ୍କ ଦେହାନ୍ତ



ରାଉରକେଲା, ୨୪।୧୨(ସମିସ): ରାଉରକେଲା ଇସ୍ପାତ କାରଖାନାରେ ବ୍ଲୁମିଙ୍ଗ ସ୍ଲାବିଙ୍ଗ ମିଲ ଓ ହଟ୍‌ଷ୍ଟ୍ରିପ ମିଲର ଅବସରପ୍ରାପ୍ତ ଇଞ୍ଜିନିୟର ବଂଶୀଧର ବାରିକଙ୍କ ମଧ୍ୟାହ୍ନରେ ୮୫ ବର୍ଷ ବୟସରେ ଆଇଜିଏଚରେ ଚିକିତ୍ସାଧୀନ ଅବସ୍ଥାରେ ହୃଦ୍‌ଘାତରେ ଦେହାନ୍ତ ଘଟିଛି । ସ୍ୱର୍ଗତ ବାରିକ ଅବସରପରେ କୋଏଲ ନଗର ନିଜ ବାସଗୃହ ବି- ୪୦୨ ରେ ରହି ନିଜକୁ ବିଭିନ୍ନ ସମାଜସେବା ଓ ଧାର୍ମିକ କାର୍ଯ୍ୟରେ ନିୟୋଜିତ କରିଥିଲେ । ତାଙ୍କର ବଡ଼ପୁଅ ଇଂ ନୟନ କୁମାର ବାରିକ ନୀଳାଚଳ ଇସ୍ପାତ କାରଖାନାରେ ଜିଏମ ଓ କନିଷ୍ଠ ପୁତ୍ର ଇଂ ତପନ କୁମାର ବାରିକ ରାଉରକେଲା ଇସ୍ପାତ କାରଖାନାର ଏଜିଏମ ଭାବରେ କାର୍ଯ୍ୟରତ ରହିଛନ୍ତି । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ କନ୍ୟା ପୁଷ୍ପରାଣୀ ଜ୍ୱାଇଁ ସ୍ମୃତିରଞ୍ଜନ, ପୁତ୍ରବଧୂ ରୁନିତା, ସ୍ନିଗ୍ଧାରାଣୀଙ୍କ ସହ ନାତି ନାତୁଣୀ ସଂୟ, ସମ୍ଭବ, ସୂର୍ଯ୍ୟାଂଶୁ, ଇପସିତା ଉପସ୍ଥିତ ଥିଲେ । ସନ୍ଧ୍ୟାରେ ବେଦବ୍ୟାସ ଠାରେ ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

**ଜାତୀୟ ମହୋତ୍ସବର ୪ର୍ଥ ସନ୍ଧ୍ୟା**

# ନାଟକ 'ମଧ୍ୟାନ୍ତର' ମଞ୍ଚସ୍ଥ



ରାଉରକେଲା,୨୪।୧୨(ସମିସ): ସ୍ୱଦନ ଆୟୋଜିତ ଜାତୀୟ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ବାରଣାସୀର ନାଟକ 'ମଧ୍ୟାନ୍ତର'। ପରିବାର କହିଲେ ପତି ଜ୍ଞାନ ଓ ପତ୍ନୀ ଛାୟା, ସେମାନଙ୍କର ସନ୍ତାନଟିଏ ହେଉ ନ ଥିବାରୁ ଦୁଃଖରେ ଦିନ କାଟୁଥିଲେ । ଅକସ୍ମାତ ଏକ ଦୁର୍ଘଟଣା ଯୋଗୁଁ ଜ୍ଞାନ ଗୋଟେ ଗୋଡ଼ ହରାଇଥବା ଯୋଗୁଁ ଚାକିରି ହରାଇ ଘରେ ବସିବାକୁ ବାଧ ହେଲେ ଅନ୍ୟ ପକ୍ଷେ ପତ୍ନୀ ଛାୟା ଚାକିରୀ କଲେ । ମଝିରେ ମଝିରେ ଜ୍ଞାନର ଜଣେ ସାଙ୍ଗ ଜୟନ୍ତ ତାଙ୍କ ଘରକୁ ଯିବା ଆସିବା କରୁଥିଲେ । କ୍ରମଶଃ ଛାୟା ସହ ଜୟନ୍ତର ଅନ୍ତରଙ୍ଗତା ବଢ଼ିବା ଦେଖି ବନ୍ଧୁ ଭାବରେ ଜୟନ୍ତ ଛାୟାକୁ ବିବାହ କରିବାପାଇଁ ପ୍ରସ୍ତାବ ଦିଅନ୍ତି । ଏ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ଚାଲିଯା'ନ୍ତି ଜୟନ୍ତ । ପରିଶେଷରେ ଗୋଟିଏ କୋର୍ଟ କାଗଜରେ ଜ୍ଞାନ ଛାୟାଙ୍କୁ ଛାଡ଼ପତ୍ର ଦେବାପାଇଁ ଗୋଟେ କୋର୍ଟ କାଗଜରେ ଲେଖେଇ ନିଜ ଘର ଟେବୁଲ ଉପରେ ରଖି ଦେଇ ଶୋଇ ପଡ଼ିଲେ ଯାହାକୁ ଛାୟା ପରେ ଦେଖି ଚକିତ ହୋଇ ସେ କାଗଜକୁ ଚିରି ଦେଲେ ଓ ଜ୍ଞାନଙ୍କୁ ଉଠାଇ ତାଙ୍କୁ କ୍ଷମା ମାଗିବା ସହ ବିନା ସନ୍ତାନରେ ଦୁହେଁ ଛାଡପତ୍ର ନ ଦେଇ ହସ ଖୁସିରେ ରହିବେ ବୋଲି କହିଲେ । ନାଟକ ମଧ୍ୟାନ୍ତରରେ ସମର୍ପଣ ଓ ତ୍ୟାଗର କଥା ଦର୍ଶାଯାଇଛି । ଅଜୟ ରୋଷନଙ୍କ ନିର୍ଦ୍ଦେଶନା, ଶର୍ବଙ୍କ ସଂଗୀତ ସଂଯୋଜନା, ନବ୍ୟାଙ୍କ ଆଲୋକ ସମ୍ପାତ , ଜ୍ୟୋତିଙ୍କ ରୂପସଜ୍ଜା ଓ ଗୋପାଳ, ଗୌତମ, ଉଜ୍ଜ୍ୱଳ, ଅମନଙ୍କ ମଞ୍ଚ ସଜ୍ଜାରେ ମଞ୍ଚସ୍ଥ ହୋଇଥିଲା ନାଟକ । ଦର୍ଶକ ଉପଭୋଗ କରିଥିଲେ ନାଟକ ।

**ଭଲିବଲ୍ ଚାମ୍ପିଅନସିପ୍**

# ବିଶ୍ରା ସରକାରୀ ବାଳିକା ସ୍କୁଲ ବିଜାଡିହି ଚାମ୍ପିଅନ



ରାଉରକେଲା,୨୪।୧୨(ସମିସ): ଭୁବନେଶ୍ୱର ତପୋବନ ହାଇସ୍କୁଲ ପଡ଼ିଆରେ ଆୟୋଜିତ ଆନ୍ତଃରାଜ୍ୟ ବିଦ୍ୟାଳୟସ୍ତରୀୟ ଭଲିବଲ ଚାମ୍ପିଅନସିପରେ ସୁନ୍ଦରଗଡ଼ ଜିଲ୍ଲାର ବିଶ୍ରାବ୍ଲକ୍ ସ୍ଥିତ ବିର୍ସା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ଫାଇନାଲ ମ୍ୟାଚରେ ବାଲେଶ୍ୱର ସହ ମୁକାବିଲା ହୋଇଥିଲାବେଳେ ୨-୦ ସେଟ୍ ରେ ବିଜୟୀ ହୋଇଥିଲା । ଏହି ବିଜୟ ଟ୍ରଫି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅତିଥି ଭାବେ ଯୋଗଦେଇ ପ୍ରଦାନ କରିଥିଲେ । ଏହି ରାଜ୍ୟସ୍ତରୀୟ ଚାମ୍ପିଅନସିପ୍ ବିଜୟୀ ହେବାପରେ ବିଜାଡିହି ବାଳିକା ସରକାରୀ ଉଚ୍ଚ ବିଦ୍ୟାଳୟ ଉତ୍ସବ ମହଲ ପରିବେଶ ସୃଷ୍ଟି ହୋଇଥିଲା । ଏହି ବିଜୟରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ଖେଳଶିକ୍ଷକ ସୌମ୍ୟରଞ୍ଜନ ଘଡେଇ, ହଷ୍ଟେଲ ପାତ୍ରୀନ ଏକ୍କାଙ୍କ ସମେତ ଏମାନଙ୍କ କୋଚ୍ ଚନ୍ଦ୍ରଶେଖର କ୍ରୀଡା ସଂଗଠନର ସମ୍ପାଦକ ତଥା ରାଉରକେଲା ଇସ୍ପାତ କାରଖାନାର ଫାୟାର ସର୍ଭିସ୍ ବିଭାଗର କାର୍ଯ୍ୟରତ ଦେବଦତ୍ତ ଜେନା ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

# ସୁନିତା ଗୋଦାରା ରାଉରକେଲା ହାଫ୍ ମାରାଥନ୍ ପାଇଁ ସେଲିବ୍ରିଟି ଆମ୍ବାସାଡର ନିଯୁକ୍ତ



ରାଉରକେଲା, ୨୪।୧୨(ସମିସ): ଆସନ୍ତା ୨୪ରେ ରାଉରକେଲାର ଇସ୍ପାତ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ରାଉରକେଲା ହାଫ୍ ମାରାଥନ୍ -୨୦୨୬ ପାଇଁ ମାରାଥନ୍ ଧାବକ ଡ. ସୁନିତା ଗୋଦାରାଙ୍କୁ ସେଲିବ୍ରିଟି ଆମ୍ବାସାଡର ଭାବରେ ଘୋଷଣା କରିଛି । ଏଆଇଏମ୍‌ଏସ ପ୍ରମାଣିତ ଏହି ସମ୍ମାନଜନକ ଇଭେଣ୍ଟ ଆରଏସପି ଆନୁକୂଲ୍ୟରେ ଆୟୋଜିତ ହେଉଛି । ଡ. ଗୋଦାରା ୧୯୯୨ରେ ଏସୀୟ ମାରାଥନ୍ ଚାମ୍ପିଅନସିପ୍ ଜିତିଥିଲେ । ଲିମ୍‌କା ବୁକ୍ ଅଫ୍ ରେକର୍ଡଧାରୀ ଡ. ଗୋଦାରା ଭାରତରେ ସର୍ବାଧିକ ସଂଖ୍ୟକ ମାରାଥନ୍ ବିଜୟ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି । ୭୬ଟି ପୂର୍ଣ୍ଣ ମାରାଥନ୍ ଏବଂ ୧୨୬ଟି ହାଫ୍ ମାରାଥନ୍ ପୂରଣ କରିବା ସହିତ ୨୬ଟି ଦେଶରେ ଅଂଶଗ୍ରହଣ କରିଛନ୍ତି । ସେ ଦୁଇଟି ଏସୀୟ ମାରାଥନ୍ ପଦକ ମଧ୍ୟ ହାସଲ କରିଛନ୍ତି ଏବଂ ବର୍ତ୍ତମାନ ଏଲିଟ୍ ଧାବକଙ୍କ ସଂଯୋଜକ ଭାବରେ କାର୍ଯ୍ୟ କରୁଛନ୍ତି । ରାଉରକେଲା ହାଫ୍ ମାରାଥନ-୨୦୨୬ରେ ୨୧.୧ କିଲୋମିଟର, ୧୦ କିଲୋମିଟର, ୫ କିଲୋମିଟର ଏବଂ ୨ କିଲୋମିଟର ଦୌଡ଼ ବର୍ଗ ସାମିଲ ହେବ । ଏଥିରେ ବୃତ୍ତିଗତ ଖେଳାଳି, ଦୌଡ଼ ରୁଚିଶୀଳ ବ୍ୟକ୍ତିବିଶେଷ ଏବଂ ଫିଟନେସ୍ ଉତ୍ସାହୀମାନେ ସାମିଲ ହେବେ ।

# ସୁନ୍ଦରଗଡ଼ ଜିଲ୍ଲାରେ ୫ ଡିଏସ୍‌ପିଙ୍କ ବଦଳି

ରାଉରକେଲା,୨୪।୧୨(ସମିସ): ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଓଡ଼ିଶା ପୁଲିସରେ କାର୍ଯ୍ୟରତ ମୋଟ ୧୩୧ ଜଣ ଡିଏସପିସ୍ତରରେ ଅଦଳବଦଳ ହୋଇଥିବା ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି କ୍ରମରେ ସୁନ୍ଦରଗଡ଼ରୁ ୩ ଜଣ ତଥା ଚିତ୍ତରଞ୍ଜନ ନାଏକଙ୍କ ସମ୍ବଲପୁର, ମନୋରଞ୍ଜନ ପ୍ରଧାନଙ୍କ ରାଉରକେଲା ଓ ପୁଷ୍ପେନ୍ଦୁ ସାଗରଙ୍କ ସୁନ୍ଦରଗଡ଼ ପୁଲିସ ଜିଲ୍ଲାକୁ ବଦଳି ହୋଇଥିବା ବେଳେ ରାଉରକେଲାରୁ ୨ ଜଣ ଡିଏସପି ତଥା ସେରୋଫିନା ଖେସଙ୍କ ଭିଜିଲାନ୍ସ ଓ ରଶ୍ମୀ ରଞ୍ଜନ ମହାପାତ୍ରଙ୍କ ପୁରୀକୁ ବଦଳି ହୋଇଥିବା ଜଣାପଡ଼ିଛି । ସେହିପରି ଝାରସୁଗୁଡ଼ାରୁ କମଳଲୋଚନ ବେହେରାଙ୍କ ରାଉରକେଲା, ଯତୀନ୍ଦ୍ର ନାଥ ସେଠୀଙ୍କ ଭୁବନେଶ୍ୱରରୁ ରାଉରକେଲା, ରାଜେନ୍ଦ୍ର ଶିଆଳଙ୍କ ଝାରସୁଗୁଡ଼ାରୁ ସୁନ୍ଦରଗଡ଼, ଇସ୍ମାଇଲ ଏକ୍କାଙ୍କ ବରଗଡ଼ରୁ ରାଉରକେଲା, ସୁଦର୍ଶନ ପଣ୍ଡାଙ୍କ ସମ୍ବଲପୁରରୁ ରାଉରକେଲା ଓ ମନୋରଞ୍ଜନ ପ୍ରଧାନଙ୍କ ସୁନ୍ଦରଗଡ଼ରୁ ରାଉରକେଲାକୁ ବଦଳି ହୋଇଥିବା ଜଣାପଡ଼ିଛି ।

# ହାତିବାରୀ ଲ୍ୟାମ୍ପସ୍‌ରେ ଧାନକ୍ରୟ

ରାଉରକେଲା,୨୪।୧୨(ସମିସ): ସୁନ୍ଦରଗଡ଼ ଜିଲ୍ଲାର ହାତୀବାରୀ ଲ୍ୟାମ୍ପସରେ ଧାନ କ୍ରୟ ଆରମ୍ଭ ହୋଇଛି । ବୀରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଧାନମଣ୍ଡି ଉଦଘାଟନ କରିଥିଲେ । ଏହି ଲ୍ୟାମ୍ପସରେ ୨୪୦୦ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି । ଲ୍ୟାମ୍ପସର ପ୍ରାୟ ୭୦ ହଜାର କୁଇଣ୍ଟାଲ ଧାନ କ୍ରୟ କରିବାକୁ ଲକ୍ଷ୍ୟ ରହିଛି । ଧାନର ମୂଲ୍ୟ ୨୪ରୁ ୪୮ ଘଣ୍ଟା ମଧ୍ୟରେ ଚାଷିଙ୍କ ବ୍ୟାଙ୍କ ଖାତାକୁ ଯିବ । କୃଷକ ପିଛା ୩୧୦୦ ଟଙ୍କା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ବୀରମିତ୍ରପୁର ବିଧାୟକ କହିଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏସ୍‌ଆରସିଏସ୍ ପାନପୋଷ ପିଟର ବେକ୍‌ଆ, ଆରଇ ସମିତ କୁମାର ପଟେଲ, ଲ୍ୟାମ୍ପସ ସଭାପତି ସାଧନି ଖାଖା, ସରପଞ୍ଚ ଆଶ୍ରିତା ଏକା, ଅମ୍ବରଶେଖର ଦେଓ, ପ୍ରିୟଙ୍କା ସାହୁ, ହିମାଂଶୁ ତ୍ରିପାଠୀ, ଗଣପତି ଦାଶ, ସରୋଜ କୁମାର ଦାଶ, ରବି ନନ୍ଦ ଓ ସମସ୍ତ ଡାଇରେକ୍ଟର ଏବଂ ଲ୍ୟାମ୍ପସର କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ ।



# ବିଧାନସଭାର ସ୍ଥାୟୀ କମିଟିର ସଦସ୍ୟଙ୍କ ଆର୍‌ଏସ୍‌ପି ପରିଦର୍ଶନ



ରାଉରକେଲା,୨୪।୧୨(ସମିସ): ଓଡ଼ିଶା ବିଧାନସଭାର ସ୍ଥାୟୀ କମିଟିର ପାଞ୍ଚ ଜଣିଆ ସଦସ୍ୟଙ୍କ ଏକ ପ୍ରତିନିଧିମଣ୍ଡଳୀ ରାଉରକେଲା ଇସ୍ପାତ କାରଖାନା ପରିଦର୍ଶନ କରିଛନ୍ତି । ପରିଦର୍ଶନରେ ଆସିଥିବା ବିଧାୟକମାନେ ହେଲେ ବିଭୂତିଭୂଷଣ ପ୍ରଧାନ, ପ୍ରଶାନ୍ତ ବେହେରା, ରୂପେଶ କୁମାର ପାଣିଗ୍ରାହୀ, ଡ. ଫକୀର ମୋହନ ନାୟକ ଏବଂ ଉମାଚରଣ ମଲ୍ଲିକ । ରଘୁନାଥପାଲିର ବିଧାୟକ ଦୁର୍ଗା ଚରଣ ତନ୍ତୀ, ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଂକର ମହାପାତ୍ର, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଦୀନାଃ ଦସ୍ତାଗିର, ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ପାନପୋଷ ସବ-କଲେକ୍ଟର ବିଜୟ କୁମାର ନାୟକ, ଆରଏସପି କାର୍ଯ୍ୟ ବିଭାଗର ଇଡି ବିଶ୍ୱରଞ୍ଜନ ପଲାଇ, ଆରଏସପି ଏବଂ ଜିଲ୍ଲା ପ୍ରଶାସନର ଅନ୍ୟ ବରିଷ୍ଠ ଅଧିକାରୀମାନେ ପ୍ଲାଣ୍ଟ ପରିଦର୍ଶନ ସମୟେର ପରିଦର୍ଶକଙ୍କ ସହିତ ଉପସ୍ଥିତ ଥିଲେ । ପ୍ରତିନିଧିମଣ୍ଡଳୀ ଆରଏସପିର ମଡେଲ ରୁମ ପରିଦର୍ଶନ କରିଥିଲେ, ଯେଉଁଠାରେ ସେମାନଙ୍କୁ ଆରଏସପିର ଉତ୍ପାଦନ ୟୁନିଟ୍, ସମ୍ପ୍ରସାରଣ ଯୋଜନା, ପ୍ରଯୁକ୍ତିବିଦ୍ୟାର ଉନ୍ନତି ଏବଂ ଅଞ୍ଚଳର ସାମାଜିକ-ଆର୍ଥିକ ବିକାଶରେ ଅବଦାନ ବିଷୟରେ ତଥ୍ୟ ଦିଆଯାଇଥିଲା । ଏହି ପରିଦର୍ଶନ ଏକ ଆଲୋଚନା ଅଧିବେଶନ ସହିତ ଶେଷ ହୋଇଥିଲା, ଯେଉଁ ସମୟରେ କମିଟି ସଦସ୍ୟା ଆରଏସପିର କାର୍ଯ୍ୟଦକ୍ଷତା ଏବଂ ପ୍ରଗତି ଉପରେ ସନ୍ତୋଷ ପ୍ରକାଶ କରିଥିବା ଜଣାପଡିଛି ।

# ବରିଷ୍ଠ ବିଜେଡି ନେତାଙ୍କ ବିୟୋଗରେ ଶୋକ



ରାଉରକେଲା,୨୪।୧୨(ସମିସ): ରାଉରକେଲା ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ଜନତା ଦଳ ଓ ବିଜୁ ଜନତା ଦଳର ପୂର୍ବତନ ଜିଲ୍ଲା ସଭାପତି ଆନନ୍ଦ ଚନ୍ଦ୍ର ମହାନ୍ତିଙ୍କର ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି । ସେ ଦୀର୍ଘଦିନ ଧରି ଅସୁସ୍ଥ ହୋଇ ରାଉରକେଲାର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ପରେ ତାଙ୍କ ସ୍ୱାସ୍ଥ୍ୟରେ ଅବନତି ଘଟିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତିରେ ତାଙ୍କର ପରଲୋକ ହୋଇଥିଲା ।

ରାଉରକେଲା ବିଜେଡି ପକ୍ଷରୁ ଆନନ୍ଦ ମହାନ୍ତିଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରାଯାଇଛି । ସ୍ୱର୍ଗତଃ ଆନନ୍ଦ ଚନ୍ଦ୍ର ମହାନ୍ତି ଏକାଧାରରେ ଜଣେ ସୁବକ୍ତା, ସୁସଂଗଠକ, ଶ୍ରମିକ ନେତା, ଆଇନଜୀବୀ ତଥା ପ୍ରାକ୍ତନ ସୁନ୍ଦରଗଡ଼ ଜିଲ୍ଲାର ବିଜେଡ଼ି ସଭାପତି ଭାବେ ରହି ବେଶ୍ ଦାୟିତ୍ୱ ତୁଲାଇଥିଲେ । ରାଉରକେଲା ବିଜେଡି ପକ୍ଷରୁ ଜୟନ୍ତ ମିଶ୍ର, ଭବାନି କବି, ଜିତୁ ଦାସ, ଶ୍ରୀଚରଣ ମହାନ୍ତି, ମୁକ୍ତିକାନ୍ତ ବେହେରା, ପୂର୍ବତନ ମନ୍ତ୍ରୀ ସୁବ୍ରତ ତରାଇ, ମୀନତୀ ଦେବତା, ସାରନଗରୀର ଶ୍ରୀଚରଣ ସାମଲ, ଜ୍ୟୋତି ପ୍ରକାଶ ମହାନ୍ତି, ଗୋପିନାଥ ଦାସ ପ୍ରମୁଖ ତାଙ୍କର ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

**ରାଉରକେଲା ବିଜେଡି**

ଆନନ୍ଦ ଚନ୍ଦ୍ର ମହାନ୍ତିଙ୍କ ବିୟୋଗରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ କହିଛନ୍ତି ସ୍ୱର୍ଗତ ମହାନ୍ତି ଜନତା ଦଳରେ ଜଣେ ଆଗଧାଡ଼ିର ରାଜ ନେତା ଥିଲେ ।

**ବିଧାୟକ ସାରଦା ପ୍ରସାଦ ନାୟକ.**
**ବିଧାୟକ**

ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଆନନ୍ଦ ମହାନ୍ତିଙ୍କ ବିୟୋଗରେ ଶୋକ ପ୍ରକଟ କରି କହିଛନ୍ତି ଯେ ସେ ରାଉରକେଲାରେ ସାମ୍ବାଦିକତା କରୁଥିବାବେଳେ ସେ ତାଙ୍କ ସହ ସମ୍ପର୍କରେ ଆସିଥିଲେ । ସେ ଜଣେ ଅପ୍ରତିଦ୍ୱନ୍ଦୀ ରାଜନେତା ତଥା ଜଣେ ସୁସଂଗଠକ ଥିଲେ ବୋଲି କହିଛନ୍ତି ।

**ଗୌତମବୁଦ୍ଧ ଦାସ**

ବୀରେନ ସେନାପତି କହିଛନ୍ତି ଶ୍ରୀ ମହାନ୍ତିଙ୍କ ବିୟୋଗ ଖବର ଶୁଣି ମର୍ମାହତ । ତାଙ୍କ ଅକାଳବିୟୋଗ ରାଉରକେଲାର ରାଜନୈତିକ ଓ ସାମାଜିକ କ୍ଷେତ୍ର ତଥା ଶ୍ରମିକ ଶ୍ରେଣୀ ପାଇଁ ଏକ ଅପୂରଣୀୟ କ୍ଷତି ।

**ବୀରେନ ସେନାପତି**

ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ଉଚ୍ଚ ଶିକ୍ଷା ମନ୍ତ୍ରୀ ଇଂ ରୋହିତ ପୂଜାରୀ ଆନନ୍ଦ ଚନ୍ଦ୍ର ମହାନ୍ତିଙ୍କ ବିୟୋଗରେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ସ୍ୱର୍ଗତ ମହାନ୍ତିଙ୍କ ସହ ତାଙ୍କର ବ୍ୟକ୍ତିଗତ ଭାବରେ ନିବିଡ ସମ୍ପର୍କ ରହିଥିଲା, ସେ ଜଣେ ଦକ୍ଷ ସଂଗଠକ ଥିଲେ । ଏଭଳି ଅସମୟରେ ତାଙ୍କର ଅମର ଆରାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ଅସୀମ ଧୈର୍ଯ୍ୟ ଓ ସାହସ ନିମନ୍ତେ ମା ସମଲେଶ୍ୱରୀ ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

**ପୂର୍ବତନ ମନ୍ତ୍ରୀ ଇଂ ରୋହିତ ପୂଜାରୀ**

ରାଉରକେଲା ଇସ୍ପାତ ଷ୍ଟାଡ଼ିୟମ ଠାରେ ପ୍ରଥମ କରି ରାଉରକେଲା ସ୍ପୋର୍ଟସ ଆସୋସିଏସନ ପକ୍ଷରୁ ଚନ୍ଦ୍ରଶେଖର କ୍ରୀଡା ସଂଗଠନର ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସାଧାରଣ ସମ୍ପାଦକ ଦେବଦତ୍ତ ଜେନା ଏବଂ ମୁଖ୍ୟ ସଂଯୋଜକ ସଞ୍ଜୀବ କୁମାର ନାୟକ ସ୍ୱର୍ଗତ ଆନନ୍ଦ ମହାନ୍ତିଙ୍କ ବିୟୋଗରେ ଶୋକ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ସ୍ୱର୍ଗତ ମହାନ୍ତି ପ୍ରଥମେ ବିଜୁ ପଟ୍ଟନାୟକ ଫୁଟବଲ ପ୍ରତିଯୋଗିତାର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇବା ସହ ରାଉରକେଲାରେ କ୍ରୀଡ଼ାର ପ୍ରଚାର ଓପ୍ରସାର ଦିଗରେ ତାଙ୍କର ଅବଦାନ ଅତୁଳନୀୟ । ରାଉରକେଲାର ଜାତୀୟ ରେଫରୀ ଭାସ୍କର ନନ୍ଦ, ବିଭୁତିଭୂଷଣ ମହାନ୍ତି, କେ.ସି ଧଳ, ପ୍ରଦିପ୍ତ ମହାନ୍ତି, କେଶବ ଚନ୍ଦ୍ର ପ୍ରଧାନ, ପି କେ ପଣ୍ଡା, ପି କେ ରାଉଳ, ଜୟନ୍ତ ମହାରଣା, ସଂଜୀବ ମଲ୍ଲିକ, ରେଫରୀ ଆସୋସିଏସନର ରାଜେଶ ଭସାଇ, ଭାନୁ ବାଉରୀ, ଥବୀର ଗରୁଡ଼, ରାଜକୁମାର ପାଣିଗ୍ରାହୀ, ସୁଶାନ୍ତ ଧରତୀ, ସାମୁ ହାଁସଦା ଯୁଧୀଷ୍ଠିର କୁଲସୁରୀ, ହେମନ୍ତ ହାଁସଦା, ରଂଜିତ ଓରାମ, ବିଜୟ ତିର୍କୀ, ସରୋଜ ବାଗଙ୍କ ସମେତ କ୍ରୀଡ଼ାବିତ୍, କୋଚ୍, ରେଫରୀ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

**ଚନ୍ଦ୍ରଶେଖର କ୍ରୀଡା ସଂଗଠନ ଓ ରେଫରୀ ଆସୋସିଏସନ**

### ଆନନ୍ଦଙ୍କ ରାଜନୀତି ସ୍ମରଣୀୟ ହୋଇ ରହିବ

ରାଉରକେଲା : ଆନନ୍ଦ ଚନ୍ଦ୍ର ମହାନ୍ତି ଜଣେ ରାଜନେତା ଥିଲେ ତା ନୁହେଁ ବିଭିନ୍ନ ଶ୍ରମିକ ସଂଗଠନ ଗଠନ କରି ତାର ଗୁରୁ ଦାୟିତ୍ୱ ମଧ୍ୟ ନେଇଥିଲେ । ବିଶେଷ କରି ତାଙ୍କର ରାଜନୀତି ସ୍ମରଣୀୟ ହୋଇ ରହିବ ବୋଲି 'ମୁଁ ଓଡ଼ିଆ ମୁଁ ଗର୍ବିତ' ସଙ୍ଗଠନ ପକ୍ଷରୁ ଶୋକ ସଭାରେ ମତ ପ୍ରକାଶ ପାଇଛି । ସଙ୍ଗଠନ ପ୍ରତିଷ୍ଠାତାବିଭୁଦାନନ୍ଦ ତ୍ରିପାଠୀ, ସୁଧୀର ସୁନ୍ଦରରାୟ, ରଜତ ଚୌଧୁରୀ, ଅନିରୁଦ୍ଧ ବିଶ୍ୱାଳ, ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ନାୟକ, ଉପସଭାପତି ନମୀତା ତ୍ରିପାଠୀ, ଯୁଗ୍ମ ସମ୍ପାଦକ ଗିରିଜା ନନ୍ଦ ତ୍ରିପାଠୀ, ସାଂଗଠନିକ ସମ୍ପାଦକ ଗୋପାଳ ଜେନା, କୋଷାଧ୍ୟକ୍ଷ ଲୀନା ନାୟକ, ସମ୍ପାଦକ ପ୍ରିୟତମ ଦାସ, ସରୋଜ ନାୟକ, ଜୀତେନ ମାଛଖଣ୍ଡ, ପ୍ରିତୀରାଣୀ ରାଉତ, ପ୍ରିୟଦର୍ଶିନୀ, ହେମଲତା ପ୍ରସାଦ, ଅଜୟ ପ୍ରସାଦ, ହିମାଂଶୁ ନାୟକ, ବିଜୟ ପ୍ରସାଦ, ଲଳିତ ରାଉତ ପ୍ରମୁଖ ଗଭୀର ଶୋକ କରିଛନ୍ତି ।

ରାଉରକେଲା ମଜଦୁର ସଭାର ପୂର୍ବତନ କାର୍ଯ୍ୟକାରୀ ସଭାପତି ତଥା ରାଉରକେଲା ଠିକାଶ୍ରମିକ ସଭା ଓ ଆଇଡିଏଲ୍ ମଜଦୁର ସଭାର ସଭାପତି ଆନନ୍ଦ ଚନ୍ଦ୍ର ମହାନ୍ତିଙ୍କ ପରଲୋକ ଖବର ପାଇ ରାଉରକେଲାର ଶ୍ରମିକ ସମାଜ ଓ ଜନମାନସରେ ଶୋକର ଛାୟା ଖେଳିଯାଇଥିଲା । ଏହି ଉପଲକ୍ଷେ ରାଉରକେଲା ମଜଦୁର ସଭା ଓ ହିନ୍ଦ ମଜଦୁର ସଭାର ସହବନ୍ଧିତ ଶ୍ରମ ସଂଗଠନ ପକ୍ଷରୁ ଏକ ଶୋକ ସଭା ମଜଦୁର ସଭାର ସହରାଞ୍ଚଳ କାର୍ଯ୍ୟାଳୟ ସି-୮, ସେକ୍ଟର-୬ ଠାରେ ଅନୁଷ୍ଠିତ ହୋଇଥିଲା । ସଭାପତି ଶଶଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ହିନ୍ଦ ମଜଦୁର ସଭାର ସହବନ୍ଧିତ ବିଭିନ୍ନ ଶ୍ରମ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ । ପ୍ରଭାକର ଚମ୍ପତିରାଏ, ଆଦିକନ୍ଦ ଭୋଳ, ହରେକୃଷ୍ଣ ପାଢୀ, ଖଗେନ୍ଦ୍ର ବେହେରା, କଳାକାର ସାହୁ, ସିଦ୍ଧେଶ୍ୱର ବଳ, ଦିଲୀପ ଜେନା, ପ୍ରମୋଦ କୁମାର ଦାସ, ପତିତପାବନ ଜେନା, ସତ୍ୟାନନ୍ଦ ବେହେରା, ରବିନାରାୟଣ ପରିଡ଼ା, କେଦାର ଦାସ , ଦିଗମ୍ବର ମହାନ୍ତି, ସରୋଜ ରାଉଳ, ଜଗଦୀଶ ପଣ୍ଡା, ଅଜୟ କୁମାର ଦାସ, ଅଜୟ ପାତ୍ର, ମୀନକେତନ ବେହେରା, ପ୍ରମୋଦ କୁମାର ଜେନା, ପ୍ରଫୁଲ୍ଲ ବେହେରା, ବିଜୟ ଜେନା, ସଞ୍ଜୀବ ସାହୁ ସ୍ୱର୍ଗତ ମହାନ୍ତିଙ୍କ ଆମର ଆତ୍ମାର ସଦ୍‌ଗତି କାମନା କରିଥିଲେ ।

**ମଜଦୁର ସଭା**

# ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

## ● ଚିନ୍ମୟ ପବ୍ଲିକ୍ ସ୍କୁଲ

ରାଉରକେଲା, ୨୪।୧୨(ସମିସ): ଚିନ୍ମୟ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ସ୍କୁଲର ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ସିଂଙ୍କ ଅଧ୍ୟକ୍ଷତାରେ କବି କୁଞ୍ଜବିହାରୀ ରାଉତ, ଟାଙ୍ଗରପାଲୀ ଥାନା ଅଧିକାରୀ ନିରଞ୍ଜନ ସେଠୀ ଯୋଗଦେଇଥିଲେ । ଚିନ୍ମୟ ଏକାଡେମୀର ନିର୍ଦ୍ଦେଶକ ତ୍ରିନାଥ ଦାଶ ମୋହନୀ, ସହ ନିର୍ଦ୍ଦେଶକ ରାଜେଶ ଦାଶମୋହିନୀ, ସମ୍ପାଦକ ପ୍ରତିଭା ଦାଶ ମୋହିନୀ, ସୁବାସ ଚନ୍ଦ୍ର ପାତ୍ର, ନୃସିଂହ ପ୍ରସାଦ ପାତ୍ର, କୈଳାଶ ଚନ୍ଦ୍ର ଦାସ, ଅମିତାଭ ଠାକୁର ପ୍ରମୁଖ ଯୋଗ ଦେଇଥିଲେ । କ୍ରୀଡ଼ା ପ୍ରଶିକ୍ଷକ ରମାକାନ୍ତ ଜେନାଙ୍କ ତତ୍ତ୍ୱାବଧାନରେ ଶ୍ରୀକାନ୍ତ ବୁଡା, ନମିତା ସେନାପତି, ଦୀକ୍ଷା ଲେଙ୍କା, ଏମ୍. ମାର୍ଥା, ସୌଦାମିନୀ ମହାକୁଲ, ଏସ୍‌କେ ଦାସ, ରଶ୍ମୀ ରାୟଗୁରୁ, ମେଘା ଦାସ, ବୀଣାପାଣି ସାହୁ, ବବିତା ମୁଦୁଲି, ଟି. ଦାସ, ଏସ୍. ସିଂହ, କଳ୍ପନା, ବିଜୟଲକ୍ଷ୍ମୀ ମିଶ୍ର, ଇରା ମହାନ୍ତି, ରିୟା ମହାନ୍ତି, ଏସ୍. ସାହାଣୀ, ପ୍ରତିମା ଦେଓ, ନିବେଦିତା ମିଞ୍ଜ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶିକ୍ଷୟିତ୍ରୀ ସଂଯୁକ୍ତା ତନ୍ତୀଙ୍କ ସଂଯୋଜନା କରିଥିଲେ ।

## ● କୋଇଡ଼ା ଡିଗ୍ରୀ ମହାବିଦ୍ୟାଳୟ

କୋଇଡା: କୋଇଡା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରମେନ୍ଦ୍ର କୁମାର ସର, ସମାଜସେବୀ ପ୍ରଭାତ ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟା ସୁଶୀଳା ମୁଣ୍ଡା, ବାଦଲ ବାରିକ ଓ ଗୋପୀନାଥ ମହାନ୍ତ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ସମ୍ବିତ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ । ଅଧ୍ୟାପକ ପ୍ରଦୀପ କୁମାର ପଟ୍ଟନାୟକ ଯୋଗଦେଇଥିଲେ । ଦ୍ୱିତୀୟ ଦିନରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ସମ୍ମାନିତ ଅତିଥି କୋଇଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରମେନ୍ଦ୍ର ସର, କୋଇଡା ତହସିଲଦାର ନିର୍ମଳ କୁମାର ବିଶ୍ୱାଳ, ବିଦ୍ୟାଧର ମହାନ୍ତ, କ୍ରିତିକାନ୍ତ ଦାସ ମହାପାତ୍ର ପରିଚାଳନା କରିଥିଲେ ।



## ପରମେଶ୍ୱର ମହାପାତ୍ର ସ୍ମାରକୀ କ୍ରିକେଟ ଉଦ୍‌ଘାଟିତ

ନିରାକାରପୁର,୨୪।୧୨ (ସମିସ): ବାବା ନୀଳକଣ୍ଠେଶ୍ୱର କ୍ଲବ ଆନୁକୂଲ୍ୟରେ ୧୩ତମ ପରମେଶ୍ୱର ମହାପାତ୍ର ମେମୋରିଆଲ କ୍ରିକେଟ ମ୍ୟାଚ ଆରମ୍ଭ ହୋଇଯାଇଛି । ଆଜିର ଉଦଘାଟନୀ ମ୍ୟାଚରେ ସିକୋ ଏବଂ ମଳିପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ସିକୋ ଦଳ ଟସ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ୱିକେଟ ହରାଇ ୧୦୮ ରନ ସଂଗ୍ରହ କରିଥିଲା । ଜବାବରେ ମଳିପଡ଼ା ସମସ୍ତ ୱିକେଟ ହରାଇ ୧୪ ଓଭର ରେ ୮୮ ରନରେ ସୀମିତ ରହି ୨୦ ରନ ରେ ପରାଜିତ ହୋଇଥିଲା । ମୁଖ୍ୟଅତିଥି ଭାବରେ ଛଣଗିରି ସରପଞ୍ଚ ପୂର୍ଣ୍ଣିମା ମହାପାତ୍ର, ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, ସମାଜସେବୀ ପ୍ରକାଶ ଗୁମାନସିଂହ ଅତିଥି ଭାବରେ ଯୋଗଦାନ କରିଥିଲେ । ନିରଞ୍ଜନ ସୁନ୍ଦରାୟ ଓ ସୁଦର୍ଶନ ସାମନ୍ତରାୟ ଖେଳ ପରିଚାଳନା କରିଥିଲେ । ଶ୍ରୀନିବାସ ସାମନ୍ତରାୟ, ଦିବ୍ୟଲୋଚନ ହରିଚନ୍ଦନ, ଭାରତ ସୁନ୍ଦରାୟ, ବିଶ୍ୱନାଥ ପ୍ରଧାନ ଓ ତ୍ରିନାଥ ମହାପାତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

● ସର୍ବଭାରତୀୟ ମହାବୀର ଫୁଟବଲ କପ ଫୁଟବଲ

## ସେମିଫାଇନାଲରେ ଧାନ୍‌ବାଦ୍ ଫୁଟବଲ କ୍ଲବ

ଟାଙ୍ଗୀ,୨୪।୧୨(ସମିସ) : ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ କୁହୁଡି ଜନତା ଷ୍ଟାଡିୟମ୍ ଠାରେ ମହାବୀର ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ୬୬ ତମ ସର୍ବଭାରତୀୟ ମହାବୀର କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜି ସପ୍ତମ ଦିବସ ମ୍ୟାଚରେ କଟକ ବିଡାନାସି ଫୁଟବଲ୍ କ୍ଲବ କଟକକୁ ଟାଇବ୍ରେକର ରେ ପରାସ୍ତ କରି ଧାନବାଦ ଫୁଟବଲ୍ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି । ଅନୁଷ୍ଠାନର ଉପସଭାପତି ରାଜ କିଶୋର ବୈରୀଗଞ୍ଜନ, ସମ୍ପାଦକ ମନୋଜ କୁମାର ମାନସିଂହ, ସହସମ୍ପାଦକ ରମେଶ ନାଇଡୁଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଜନତା ହାଇସ୍କୁଲ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ ରେ ମୁଖ୍ୟଅତିଥି ଯାତ୍ରା କଳାକାର ବିଭୁତେନ୍ଦୁ କର, ଜନତା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମମତା ଦାସ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଚନ୍ଦ୍ରଶେଖର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ । ଆଜିର ଖେଳରେ ଧାନବାଦ ଫୁଟବଲ କ୍ଲବର ରତନ ଓ ବିଡାନାସୀ ଫୁଟବଲ କ୍ଲବ କଟକର ଲାଲାଙ୍କୁ "ବିଭୁତି ମେମୋରିଆଲ ଟ୍ରଫି'ର ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା । ମୁଖ୍ୟ ରେଫରୀ ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ଲାଇନ୍‌ରେ ସହଯୋଗ କରିଥିଲେ ଗୋପାଳ ସାମନ୍ତରାୟ ଓ ବିଜୟ ମଙ୍ଗରାଜ । ତତସହିତ ଅଫିସିଆଲ ଭାବେ ଫୋର୍ଥ ରେଫରୀ ଶେଖାୱତ ଅଲି ଖାନ କାର୍ଯ୍ୟ ସଂପାଦନ କରିଥିଲେ ।

## ଭୂଷଣ୍ଡପୁର ମହାବୀର ଚାଲେଞ୍ଜ କ୍ରିକେଟ କପ୍

ଭୂଷଣ୍ଡପୁର, ୨୪।୧୨(ସମିସ): ଟାଙ୍ଗୀ ବ୍ଲକ ଭୁଷଣ୍ଡପୁରଠାରେ ଚାଲିଥିବା ମହାବୀର ଚାଲେଞ୍ଜ କ୍ରିକେଟ କପ୍ ୨୦୨୫ର ଦ୍ୱିତୀୟ ଦିନ ମ୍ୟାଚ ଗ୍ରୀନ ଷ୍ଟାର ଏକାଦଶ, ସୁନ୍ଦରପଦା ଭୁବନେଶ୍ୱର ଓ ଓସ୍କାର ଏକାଦଶ, ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଗ୍ରୀନ ଷ୍ଟାର ଏକାଦଶ ସୁନ୍ଦରପଦା ଭୁବନେଶ୍ୱର ସେମିଫାଇନାଲ ମ୍ୟାଚକୁ ଉନ୍ନୀତ ହୋଇଛି । ଆଜିର ମ୍ୟାଚକୁ ପ୍ରକାଶ କୁମାର ବେହେରା ଓ ସୁବାସ ଚନ୍ଦ୍ର ସେଠୀ ମ୍ୟାଚ ପରିଚାଳନା କରିଥିଲେ । ମୁଖ୍ୟଅତିଥି ଭାବେ କମଲ କାନ୍ତ ରାୟ ଯୋଗଦେଇଥିଲେ । ଗୌରହରି ମଲ୍ଲିକ ସଭାପତି, ସଂପାଦକ ରମେଶ ସାହୁ, ଚିନ୍ମୟ ଚିରଞ୍ଜିବ ମଲ୍ଲିକ, ଆଲୋକ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ମନୋରଞ୍ଜନ ଧଣ୍ଡୁଆ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।

## ଜିଲ୍ଲାସ୍ତରୀୟ କ୍ରୀଡ଼ା ପାଇଁ ୧୫ ଛାତ୍ର ମନୋନୀତ

ବାଲୁଗାଁ,୨୪।୧୨(ସମିସ) : ଚିଲିକା ବ୍ଲକ ଅନ୍ତର୍ଗତ ବଡକୁଳ ସ୍ଥିତ ଚିଲିକା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର ଖେଳ ପଡିଆରେ ୨ ଦିନ ଧରି ଚାଲିଥିବା କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି । କ୍ରୀଡା ଉତ୍ସବର ଆୟୋଜିତ ବିଭିନ୍ନ କ୍ରୀଡା ପ୍ରତିଯୋଗୀତାରେ ବିଦ୍ୟାଳୟର ୧୫୬ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୩୫ ଜଣ ଛାତ୍ର ଛାତ୍ରୀ କୃତିତ୍ୱ ହାସଲ କରିଥିଲେ । ତନ୍ମଧ୍ୟରୁ ୧୫ଜଣ ଛାତ୍ର ଛାତ୍ରୀ ଜିଲ୍ଲା ସ୍ତରୀୟ ପ୍ରତିଯୋଗୀତା ପାଇଁ ମନୋନୀତ ହୋଇ ଛନ୍ତି । ବିଦ୍ୟାଳୟରେ କ୍ରୀଡା ଶିକ୍ଷକ ନଥିବା ବେଳେ ଛାତ୍ରଛାତ୍ରୀଙ୍କୁ କ୍ରୀଡା ପ୍ରଶିକ୍ଷଣ ଦେବା ନିମନ୍ତେ ମୁକ୍ତିନନ୍ଦ ନାୟକ, ନବିନ ଚନ୍ଦ୍ର ରାଉତ ଓ ରୋହନ କୁମାର ନାୟକଙ୍କୁ ନିୟୋଜିତ କରାଯାଇ ଥିଲା । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବଳଭଦ୍ର ବିଷୋୟୀଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଚିଲିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦ୍ୱାରିକା ନାଥ ବେହେରା ଏବଂ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଗନ ବିହାରୀ ବେହେରା ଅତିଥି ଭାବେ ଯୋଗଦେଇ ଥିଲେ । ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଶରଧାପୁର କପ୍ ଫୁଟବଲ: ସେମିରେ ବାଇଗୁଣିଆ କ୍ଲବ

ଖୋର୍ଦ୍ଧା,୨୪।୧୨(ସମିସ): ଖୋର୍ଦ୍ଧା ଉପକଣ୍ଠ ଶରଧାପୁର ସ୍ପୋର୍ଟସ ଆସୋସିଏସନ ଆନୁକୁଲ୍ୟରେ ସ୍ଥାନୀୟ ଶରଧାପୁର ଫୁଟବଲ ପଡ଼ିଆଠାରେ ୧୬ତମ ଶରଧାପୁର କପ୍ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଟୁର୍ଣ୍ଣାମେଂଟ ର ଚତୁର୍ଥ ଦିନରେ ଶିବଶକ୍ତି ଭୁବନେଶ୍ୱର ଓ ବାଇଗୁଣିଆ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଟାଇବ୍ରେକରରେ ବାଇଗୁଣିଆ ୪-୨ଗୋଲରେ ଶିବଶକ୍ତି କ୍ଲବ ଭୁବନେଶ୍ୱରକୁ ହରାଇ ଚତୁର୍ଥ ଦଳ ଭାବେ ସେମିରେ ପ୍ରବେଶ କରିଛି । ଆଜିର ଏହି ମ୍ୟାଚକୁ ଗିରିଶ ଜାନି ପରିଚାଳନା କରିଥିବା ବେଳେ ସାଗିର ଅହେମ୍ମଦ ଓ ସୌକତ ରହେମାନ ତାଙ୍କୁ ଲାଇନରେ ସହାୟତା କରିଥିଲେ । ମୋମତାଜ ଖାଁ, ଲକ୍ଷ୍ମୀଧର ବଡ଼ଜେନା, ମହମ୍ମଦ ଜମିରୁଲ ରହେମନ, ମୀନକେତନ ବଡଜେନା, ବନମାଳୀ ବେହେରା, ଜାପାନୀ ନାୟକ, ହାଜି ନସିମୁଦ୍ଦିନ ପ୍ରମୁଖ ଯୋଗ ଦେଇଥିଲେ ।

● ସର୍ବଭାରତୀୟ ସଖାସଂଘ ଫୁଟବଲ

## ଏସ୍‌ପିଏମ୍ ବିଶାଖାପାଟଣା ବିଜୟୀ

ନିରାକାରପୁର,୨୪।୧୨ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସଖା ସଂଘ କ୍ରୀଡା ସଂସଦ ତରଫରୁ ଚାଲିଥିବା ୩୨ ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜିର ଦ୍ୱିତୀୟ ଦିବସ ମ୍ୟାଚ ଏସପିଏମ୍ ବିଶାଖାପାଟଣା ଓ ପପୁଲାର ଫୁଟବଲ କ୍ଲବ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଏସପିଏମ୍ ବିଶାଖାପାଟଣା ୩-୨ ଗୋଲରେ ପପୁଲାର ଫୁଟବଲ ଢେଙ୍କାନାଳକୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ ବିଜେପି କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ, ସନ୍ତୋଷ ନାୟକ, ବିଜେପି ନେତା କେଳୁ ଚରଣ ଜଗଦେବ, ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରସନ୍ନ ନନ୍ଦ, ସଂଘ ସଭାପତି ବିପିନ ଜୟସିଂହ, ସମ୍ପାଦକ ଭାଗିରଥି ପ୍ରଧାନ, ସଂଯୁକ୍ତା ମିଶ୍ର, ଯୁବନେତା ଲକ୍ଷ୍ମୀକାନ୍ତ ପ୍ରଧାନ ଓ କ୍ରୀଡା ସଂସଦ ଉପଦେଷ୍ଟା ରବୀନ୍ଦ୍ର କୁମାର ରାଉତରାୟ ଉପସ୍ଥିତ ରହି ବେଷ୍ଟ ପ୍ଲେୟାର ଭାବେ ବିଶାଖାପାଟଣା ଦଳର ଜର୍ସି ନମ୍ବର ୧୦ ଧନୁଷଙ୍କୁ କେଦାର ଜୟସିଂହ ସ୍ମୃତି ଉଦ୍ଦେଶ୍ୟରେ ଟ୍ରଫି ପ୍ରଦାନ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ କମଳ ଲୋଚନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ଶ୍ୟାମ ସୁନ୍ଦର ପଟ୍ଟନାୟକ, ପ୍ରକାଶ ବଳିଆରସିଂହ, ହରିହର ସିଂହ, ବରିଷ୍ଠ ଉପଦେଷ୍ଟା ମହେଶ୍ୱର ବେହେରା, ଦୀପକ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।




**ରାସ୍ତାରେ ବିଦ୍ୟୁତ୍ ଖୁଣ୍ଟ ପୋତିବା ଘଟଣା**

# ୨ ସପ୍ତାହରେ ଜବାବ ରଖିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଜଟଣୀ,୨୪।୧୨(ସମିସ)



ଜଟଣୀ କପିଳପ୍ରସାଦ ମୁଖ୍ୟ ରାସ୍ତା ଉପରେ ବିଦ୍ୟୁତ ଖୁଣ୍ଟ ପୋତିବା ଘଟଣାକୁ ନେଇ ଦାୟର ହୋଇଥିବା ଜନସ୍ୱାର୍ଥ ମାମଲାରେ ଟିପିସିଓଡିଏଲ ସମେତ ମୋଟ ୫ ଜଣଙ୍କୁ ଜାରି ହେଲା ନୋଟିସ । ୨ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ହୋଇଛି ସମନ । ଜଟଣୀ କପିଳପ୍ରସାଦ ରାସ୍ତାକୁ ଚାରି ଲେନ୍ କରିବାକୁ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି । ଫଳରେ ରାସ୍ତା ଉପରେ ଥିବା ବିଦ୍ୟୁତ ଖୁଣ୍ଟଗୁଡିକୁ ରାସ୍ତାର ବାହାର ପଟକୁ ସ୍ଥାନାନ୍ତର ପ୍ରକ୍ରିୟା ଗତ କିଛି ମାସ ହେଲାଣି ଚାଲିଛି । କିନ୍ତୁ ବିଦ୍ୟୁତ ଖୁଣ୍ଟ ସ୍ଥାନାନ୍ତର କାର୍ଯ୍ୟ ନେଇଥିବା ଠିକା ସଂସ୍ଥା, ଖୁଣ୍ଟ ଗୁଡିକୁ ରାସ୍ତାର ବାହାର ପଟରେ ପୋତିବା ବଦଳରେ ପୁନର୍ବାର ସେହି ରାସ୍ତା ଉପରେ ଅର୍ଥାତ ଡ୍ରେନକୁ ଲଗାଇ ଖୁଣ୍ଟ ପୋତି ଚାଲିଛି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗୀୟ ଅଧିକାରୀ କୌଣସି ଭ୍ରୁକ୍ଷେପ କରି ନଥିଲେ । ପରେ ସାମାଜିକ କର୍ମୀ ହୃଦାନନ୍ଦ କୋଦମାସିଂହ ଏହି ଘଟଣାକୁ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ । ଗତ୨୩ ତାରିଖ ମଙ୍ଗଳବାର ଦିନ ଏହି ମାମଲାକୁ ବିଚାରକୁ ନେଇ ସମସ୍ତ ପକ୍ଷ ମାନଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି ।

ଆବେଦନ କାରୀଙ୍କ ଅଭିଯୋଗ ଅନୁଯାୟୀ ରାସ୍ତା ଉପରେ ବିଦ୍ୟୁତ ଖୁଣ୍ଟ ପୋତା ହେବା ଫଳରେ ସୁରକ୍ଷା ମାନଦଣ୍ଡକୁ ଉଲ୍ଲଂଘନ କରାଯାଇଛି । ଏହା ଜୀବନ ଏବଂ ଯାନବାହାନ ଚଳାଚଳ ପାଇଁ ଏକ ଗୁରୁତର ବିପଦ ସୃଷ୍ଟି କରିବ । ତେବେ ଏହି ରାସ୍ତାର ଜାମୁକୋଳି ଠାରୁ କପିଳପ୍ରସାଦ ମଧ୍ୟରେ ରାସ୍ତା ଉପରେ ବିଦ୍ୟୁତ୍ ଖୁଣ୍ଟ ଗୁଡିକ ରାସ୍ତା ଉପରେ ପୋତା ଯାଉଛି, ଯାହା ଇଣ୍ଡିଆନ୍ ରୋଡ୍ କଂଗ୍ରେସ (ଓଜଉ) ନିର୍ଦ୍ଦେଶାବଳୀ ଏବଂ ସଡ଼କ ସୁରକ୍ଷା ମାନଦଣ୍ଡକୁ ଖୋଲାଖୋଲି ଅବମାନନା କରୁଛି । ମାମଲାକୁ ପରିଚାଳନା କରୁଥିବା ଆଇନାଜୀବୀ ଶ୍ରୀ ଅଖଣ୍ଡ କୋର୍ଟଙ୍କ ନିକଟରେ ଯୁକ୍ତିକରିଥିଲେ କି ରାସ୍ତା ଉପରେ ବିଦ୍ୟୁତ ଖୁଣ୍ଟ ରହିଲେ ଏହା ଜନସାଧାରଣଙ୍କ ସୁରକ୍ଷାକୁ ବିପଦରେ ପକାଇବ ଏବଂ ରାସ୍ତା ସମ୍ପ୍ରସାରଣ ପ୍ରକଳ୍ପର ଉଦ୍ଦେଶ୍ୟ ସାଧିତ ହେବ ନାହିଁ ।

## ହତ୍ୟା ମାମଲାରେ ଦୁଇଜଣଙ୍କୁ ଆଜୀବନ କାରାଦଣ୍ଡ

ବାଣପୁର,୨୪।୧୨(ସମିସ) : ବାଣପୁର ଥାନା ଅନ୍ତର୍ଗତ ଝିଣ୍ଟିକାପଲ୍ଲୀ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୋଟିଏ ପରିବାରର ବାପ, ପୁଅ, ବୋହୂ ଓ ଜ୍ୱାଇଁ ନିଜର ସହଯୋଗୀଙ୍କ ସହ ଖଣ୍ଡା ଓ ଭୁଜାଲି ଆଦି ମାରଣାସ୍ତ୍ରରେ କାହ୍ନୁ ଚରଣ ପରିଡାଙ୍କୁ ଆକ୍ରମଣ କରିଥିଲେ । ଫଳରେ ଘଟଣାସ୍ଥଳରେ କାହ୍ନୁ ମୃତ୍ୟୁବରଣ କରିଥିଲେ । ଏହି ହତ୍ୟାକାଣ୍ଡ ମାମଲାର ଶୁଣାଣି କରି ଅତିରିକ୍ତ ଜିଲ୍ଲା ଦୌରାଜଜ୍ ରଞ୍ଜୁଲତା ଲେଙ୍କା ଏଥିରେ ସଂପୃକ୍ତ ଦୁଇ ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । କାରାଦଣ୍ଡ ସମେତ ୧୦ ହଜାର ଟଙ୍କା ଜରିମାନା ପାଇଁ ନିର୍ଦ୍ଦେଶ ରହିଥିବା ବେଳେ ଜରିମାନା ଅନାଦେୟ ବାବଦକୁ ଅଧିକା ୬ ମାସ କାରାଦଣ୍ଡ ପାଇଁ ରାୟରେ ଉଲ୍ଲେଖ କରିଛନ୍ତି ବିଚାରପତି ।

ମକଦ୍ଦମାର ବିବରଣୀରୁ ପ୍ରକାଶ ଯେ, ବାଣପୁର ଥାନା ଅନ୍ତର୍ଗତ ଝିଣ୍ଟିକାପଲ୍ଲୀ ଗ୍ରାମର ଖଲି ପ୍ରଧାନ ଓ କାହ୍ନୁ ଚରଣ ପରିଡାଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା । ଏପରି ସ୍ଥଳେ ୨୦୨୧ ଅଗଷ୍ଟ ୧୨ତାରିଖ ରାତିରେ ଖଲି ପ୍ରଧାନ, ତାଙ୍କ ପୁଅ ସୁରିଆ ପ୍ରଧାନ, ବୋହୂ ଦୁଲି ପ୍ରଧାନ, ବିକ୍ରମ ନରେନ୍ଦ୍ର ସିଂହ ନିଜର ବହୁ ସହଯୋଗୀଙ୍କ ସହ ସଂଘବଦ୍ଧ ଭାବେ କାହ୍ନୁ ଚରଣ ପରିଡାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ବିଭତ୍ସ ଭାବେ ହତ୍ୟା କରିଥିଲେ । ମୃତ କାହ୍ନୁଙ୍କ ପତ୍ନୀ ବନିତାଙ୍କ ଅଭିଯୋଗ କ୍ରମେ ବାଣପୁର ପୁଲିସ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ପରେ ତତ୍‌କାଳୀନ ପୁଲିସ ସହ ଆରକ୍ଷୀ ନିରୀକ୍ଷକ ରାଜ କିଶୋର ବେହେରା ସଂଘବଦ୍ଧ ଭାବେ ଆକ୍ରମଣ ଓ ହତ୍ୟା ଅଭିଯୋଗରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଅଦାଲତରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ । ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ ଅଦାଲତରେ ଏହାର ଶୁଣାଣି ଚାଲିଥିଲା । ଶୁଣାଣିରେ ୨୧ଜଣ ସାକ୍ଷୀଙ୍କ ବୟାନ, ପାରିପାର୍ଶ୍ୱିକ ଅବସ୍ଥା, ଡାକ୍ତରୀ ରିପୋର୍ଟ, ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆଦି ତଥ୍ୟ ପ୍ରମାଣକୁ ଆଧାର କରି ଅତିରିକ୍ତ ଜିଲ୍ଲା ଦୌରାଜଜ୍ (୧) ରଞ୍ଜୁଲତା ଲେଙ୍କା ବାଣପୁର ସର୍କିଟ କୋର୍ଟରେ ୩୦୨ ଦଫା ହତ୍ୟାକାଣ୍ଡରେ ଅଭିଯୁକ୍ତ ଦୁଲି ପ୍ରଧାନ ଓ ବିକ୍ରମ ନରେନ୍ଦ୍ର ସିଂହଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବା ବେଳେ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ୨୦୧ ଦଫାରେ ୧ ବର୍ଷ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଆର୍ଥିକ ଜରିମାନାରେ ଦଣ୍ଡିତ କରିଥିବା ସ୍ଥଳେ ଅନ୍ୟ ଅଭିଯୁକ୍ତଙ୍କ ମାମଲା ବିଚାରାଧିନ ଥିବା ସରକାରୀ ଓକିଲ ରଜନୀକାନ୍ତ ପଟ୍ଟନାୟକ ସୂଚନା ଦେଇଛନ୍ତି ।

## ଆଜି ପବିତ୍ର ବଡ଼ଦିନ; ଝଲସୁଛି ଚର୍ଚ୍ଚ

ଖୋର୍ଦ୍ଧା,୨୪।୧୨(ସମିସ): ଗୁରୁବାର ହେଉଛି ପବିତ୍ର ବଡ଼ଦିନ । ଆତ୍ମାକୁ ପବିତ୍ର କରିବାର ଦିନ ହେଉଛି ବଡ଼ଦିନ । ଯିଶୁ ହେଉଛି ଜଗତ ଜ୍ୟୋତି । ଏହି ଦିନରେ ଅନ୍ଧାରକୁ ଦୂର କରି ଯିଶୁ ଆଲୋକିତ କରିଥିଲେ ବୋଲି ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ବ୍ୟକ୍ତିମାନଙ୍କ ମନରେ ବିଶ୍ୱାସ ରହିଛି । ସେଥିପାଇଁ ସମସ୍ତେ ଆନନ୍ଦିତ । ସାରା ବିଶ୍ୱ ଆଜି ଯିଶୁଙ୍କୁ ସ୍ମରଣ କରୁଛି । ସେଥିପାଇଁ ଶ୍ରଦ୍ଧାଳୁଙ୍କ ମନରେ ଉତ୍ସାହ ଓ ଉଦ୍ଦିପନା ଦେଖାଦେଇଛି । ଯିଶୁଙ୍କ ଜନ୍ମ ଅବସରରେ ଖୋର୍ଦ୍ଧାରେ ବସବାସ କରୁଥିବା ଖ୍ରୀଷ୍ଟଧର୍ମାବଲମ୍ବୀମାନେ ଧୁମ୍‌ଧାମରେ ପାଳୁଛନ୍ତି ବଡ଼ଦିନ । ଚର୍ଚ୍ଚ ଠାରୁ ଆରମ୍ଭ କରି ଘର ପର୍ଯ୍ୟନ୍ତ ଆଲୋକମାଳାରେ ଝଲସୁଛି । ୨୪ତାରିଖ ମଧ୍ୟ ରାତ୍ରିରେ ପ୍ରଭୁ ଯିଶୁ ଧରା ଅବତରଣ କରିବା ଅବସରରେ ନାଚ ଗୀତରେ ମସଗୁଲ ଅଛନ୍ତି ଛୁଆ ଠାରୁ ବୟସ୍କ ପର୍ଯ୍ୟନ୍ତ । ଏହି ଅବସରରେ ପରସ୍ପରକୁ ମିଠା ସହ ଉପହାର ପ୍ରଦାନ କରାଯାଇ ସମ୍ପର୍କକୁ ଆହୁରି ନିବିଡ଼ କରିଛନ୍ତି ଖ୍ରୀଷ୍ଟଧର୍ମାବଲମ୍ବୀ ।



## ୨୭୦ ପ୍ରକାର ଖାଦ୍ୟ ପ୍ରଦର୍ଶନ କଲେ ସ୍କାଉଟ୍ ଗାଇଡ୍

ଖୋର୍ଦ୍ଧା,୨୪।୧୨(ସମିସ): ଖୋର୍ଦ୍ଧା ବରୁଣେଇ ପାଦଦେଶସ୍ଥ ରାଜ୍ୟ ସ୍କାଉଟ ଗାଇଡ୍ ସଂଗଠନର ତାଲିମ କେନ୍ଦ୍ର ପରିସରରେ ରାଜ୍ୟ ଶାଖା ଆନୁକୂଲ୍ୟରେ ଚାଲିଥିବା ୨୦ତମ ଜାମ୍ବୋରେଟ୍



ଏବଂ ସ୍ୱତନ୍ତ୍ର ଟ୍ରାଇବାଲ୍ ଜାମ୍ବୋରେଟ୍‌ର ଆଜି ଦିନଟି ଥିଲା ଦୁଃସାହସିକତା ଦିବସ । ପ୍ରାତଃ ସମୟରେ ସ୍କାଉଟ ଓ ଗାଇଡ୍ ମାନେ ସେମାନଙ୍କର ଶାରୀରିକ କଳା କୌଶଳର ପାରଦର୍ଶିତା ଦେଖାଇଥିଲେ । ଅପରାହ୍ଣରେ ପ୍ରତ୍ୟେକ ଜିଲ୍ଲାର ସ୍କାଉଟ ଓ ଗାଇଡ୍‌ମାନଙ୍କ ଦ୍ୱାରା ଆୟୋଜିତ ହୋଇଥିଲା ପ୍ରଦର୍ଶନୀ ଏବଂ ସ୍ୱକୀୟ କଳାକୃତିର ପ୍ରତିଯୋଗିତା । ପରେ ପରେ ସ୍କାଉଟ ଗାଇଡ୍‌ମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ।

ଉକ୍ତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ଓଡିଶା ମାଧ୍ୟମିକ ଶିକ୍ଷାର ନିର୍ଦ୍ଦେଶକ ବିରେନ୍ଦ୍ର କୋରକରା, ସମ୍ମାନିତ ଅତିଥିଭାବେ ସହକାରୀ ଶାରୀରିକ ନିର୍ଦ୍ଦେଶକ, ଓଡିଶା ଜ୍ୟୋତିପ୍ରକାଶ ପରିଡା ଓ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ଉପସଭାପତି ମନୋରଞ୍ଜନ ମହାନ୍ତି ପ୍ରମୁଖ ସ୍କାଉଟ ଗାଇଡ୍ ପିଲାମାନେ ତିଆରି କରିଥିବା ଖାଦ୍ୟକୁ ବୁଲି ଦେଖିବା ସହିତ ସମସ୍ତଙ୍କୁ ପ୍ରଶଂସା କରିଥିଲେ । ସନ୍ଧ୍ୟାରେ ଅତିଥିମାନେ ସ୍କାଉଟ ଗାଇଡ୍‌ମାନଙ୍କ ଦ୍ୱାରା ପରିବେଷିତ ଲୋକନୃତ୍ୟ ପ୍ରତିଯୋଗିତାକୁ ଆନନ୍ଦର ସହିତ ଦେଖିଥିଲେ । ରାଜ୍ୟ ସଂଗଠନ କମିଶନର ତଥା ଆଡମିନିଷ୍ଟ୍ରେଟିଭ୍ ଅଫିସର ଅନାମିକା ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ପଦଯାତ୍ରା

ଜଟଣୀ, ୨୪।୧୨(ସମିସ): ଖୋର୍ଦ୍ଧାରୋଡ ରେଳ ମଣ୍ଡଳ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ମୋଟରୀ ରେଳ ଷ୍ଟେସନଠାରୁ ମାଳତିପାଟପୁର ଷ୍ଟେସନ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲା । ଶାଖା ସମ୍ପାଦକ ଏଲଡି ମହାନ୍ତିଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ମଣ୍ଡଳର ବରିଷ୍ଠ କନିଷ୍ଠ ନେତୃ ମଣ୍ଡଳୀ ଓ କ୍ୟାଡର ମାନେ ସାମିଲ ହୋଇଥିଲେ । କର୍ମଚାରୀ ମାନେ ନିମ୍ନସ୍ତରରେ ଭୋଗୁଥିବା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ମୋଟରୀ ଠାରେ କାର୍ଯ୍ୟରତ ଷ୍ଟେସନ ମାଷ୍ଟର ମାନଙ୍କ ନିମନ୍ତେ ଶୌଚାଳୟ, କେପି ୮ ଲେବଲ କ୍ରସିଂ ନୂତନ ଗୃହ ନିର୍ମାଣ, ଡେଲାଙ୍ଗ ଷ୍ଟେସନ ମହିଳା କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ଓ ଚେଞ୍ଜିଙ୍ଗ ରୁମ, ସାକ୍ଷୀଗୋପାଳ ଷ୍ଟେସନରେ ବହୁଦିନର ସମସ୍ୟା ପିଇବା ପାଣି ନିମନ୍ତେ ରାଜ୍ୟ ସରକାରଙ୍କ ପାଇପ ଲାଇନରୁ ମଧୁର ଜଳ ଯୋଗାଣ, ସିଗନାଲ ଷ୍ଟାଫ ମାନଙ୍କ ପାଇଁ ପୂର୍ଣ୍ଣକାଳୀନ ସାପ୍ତାହିକ ଛୁଟି, ମାଳତିପାଟପୁରରେ ଗଗଡିଆ ନଦୀରୁ ମଧୁର ଜଳ ଯୋଗାଣ ଏବଂ ୨୦୨୪ ପିଏନଏମ ସ୍ଥିରୀକୃତ ହୋଇଥିବା ସମସ୍ତ ଷ୍ଟେସନ ମାଷ୍ଟର ଅଫିସରେ ଏସି ସଂଯୋଗ ମଣ୍ଡଳର ପ୍ରାୟ ଜାଗାରେ ସରିଥିଲେ ହେଁ ପୁରୀ ସେକ୍ସନ ରେ କୌଣସି ଷ୍ଟେସନ ରେ ଏସି ଲାଗିନଥିବାରୁ ଶାଖା ସମ୍ପାଦକ ମହାନ୍ତି ଅସନ୍ତୋଷ ପ୍ରକଟ କରିଥିଲେ । ତତ୍କାଳ ବିଦ୍ୟୁତ ବିବାଗୀୟ ଯନ୍ତ୍ରୀଙ୍କ ସହିତ ଯୋଗାଯୋଗ କରିବାରୁ ଏସି ମଂଜୁର ହୋଇନଥିବା ବିଭାଗୀୟ ଯନ୍ତ୍ରୀ ପ୍ରକାଶ କରିଥିଲେ । ଏହି ମୌଳିକ ଦାବି ଗୁଡିକ ପାଇଁ ଦୀର୍ଘ ତିନି ବର୍ଷ ହେଲା ଦାବି ହୋଇଆସୁଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷପ ନେଉନାହିଁ । ଏହି ଦାବି ପୁନର୍ବାର ପ୍ରଶାସନ ପାଖେ ଉପସ୍ଥାପନା



କରିବୁ । ଯଦି ନହୁଏ ଆଗାମୀ ଦିନରେ ଆମରଣ ଅନଶନ କରାଯିବ ବୋଲି ଶ୍ରୀ ମହାନ୍ତି ଚେତାବନୀ ଦେଇଥିଲେ । ଏହି ପଦଯାତ୍ରାରେ ପୂର୍ବତନ ମଣ୍ଡଳ ସଂଯୋଜକ ପ୍ରମୋଦ ସାହାଣୀ, ସହ ସଂଯୋଜକ ନିରଞ୍ଜନ ମିଶ୍ର, ସଭାପତି ହାଜି ମୁସ୍ତାକ ଅଲ୍ଲୀ, କେନ୍ଦ୍ରୀୟ ପଦାଧିକାରୀ ଏମ ଗୋପାଳ କ୍ରିଷ୍ଣା ରାଓ, ସୁବ୍ରତ ପଣ୍ଡା, ଶରତ ପଣ୍ଡା, ମହେନ୍ଦ୍ର ମହାନ୍ତି, ପି ରାଜା ରାଓ, ଫକୀର ନାୟକ, ସୁନୀଲ ପରିଡା, ରାକେଶ ଘଡେଇ, ଯୁବ ସଂଯୋଜକ ସନ୍ତୋଷ ଖଟେଇ, ଯୁବ ସହ ସଂଯୋଜକ ଅଶୋକ ଭୋଳ, ପ୍ରଦୀପ ସୁନ୍ଦରାୟ ଉପସ୍ଥିତ ଥିଲେ ।

## ସିଗ୍‌ମା କ୍ରିକେଟ କପ୍: ଟେନଥ୍ ରାଇଜିଂ ଷ୍ଟାର୍ ଚାମ୍ପିଅନ




ଖୋର୍ଦ୍ଧା,୨୪।୧୨(ସମିସ): ସ୍ଥାନୀୟ ବିଜେବି ହାଇସ୍କୁଲ କ୍ରିକେଟ ଷ୍ଟାଡିୟମ୍‌ରେ ଚଳିତ ବର୍ଷ ପ୍ରଥମ ସିଗମା କ୍ରିକେଟ କପ୍ ଟୁର୍ଣ୍ଣାମେଣ୍ଟରେ ଟେନଥ୍ ରାଇଜିଂ ଷ୍ଟାର ଚାମ୍ପିଅନ ହୋଇଛି । ଫାଇନାଲ ମ୍ୟାଚ୍ ଟେନଥ୍ ରାଇଜିଂ ଏବଂ ନାଇଁନଥ୍ ରଇଜିଂ ଷ୍ଟାର ମଧ୍ୟ ରେ ହୋଇଥିଲା । ଟସ୍ ଜିତି ଟେନଥ୍ ରାଇଜିଂ ଷ୍ଟାର୍ ନିର୍ଦ୍ଧାରିତ ୧୦ଓଭର ରେ ୮ ୱିକେଟ ହରାଇ ୯୩ ରନ ସଂଗ୍ରହ କରିଥିଲେ । ଜବାବରେ ନାଇଁନଥ୍ ରାଇଜିଂ ଷ୍ଟାର୍ ସମସ୍ତ ୱିକେଟ ହରାଇ ମାତ୍ର ୪୨ରନ୍ ସଂଗ୍ରହ କରି ରନର୍ସ ଅପ୍ ହୋଇଥିଲା । ବସନ୍ତ କୁମାର ଖୁଁଟିଆ ଙ୍କ ସଂଯୋଜନାରେ ଆୟୋଜିତ ଟୁର୍ଣ୍ଣାମେଂଟ ଫାଇନାଲ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା କ୍ରିକେଟ ଆସୋସିଏସନ ସମ୍ପାଦକ ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, ସାମ୍ବାଦିକ ପ୍ରଭାତ ପାଣିଗ୍ରାହୀ, ସ୍କୁଲ ଚେୟାରମ୍ୟାନ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ ଯୋଗଦେଇଥିଲେ । ପ୍ଲେୟାର ଅଫ ଦି ଟୁର୍ଣ୍ଣାମେଂଟ ଭାବେ ଟେନଥ୍ ରାଇଜିଂଷ୍ଟାର୍ ର ବିଶ୍ୱ ରଞ୍ଜନ ଗୁମାନସିଂ ପୁରସ୍କାର ଗ୍ରହଣ କରିଥିଲେ । ବେଷ୍ଟ ବ୍ୟାଟ୍ସମ୍ୟାନ୍ ଅଫ ଦି ଟୁର୍ଣ୍ଣାମେଂଟ ଭାବେ ଜୁନୁମୁନି ପ୍ରଧାନ, ବେଷ୍ଟ ବୋଲର ଅଫ ଦି ଟୁର୍ଣ୍ଣାମେଂଟ ଭାବେ ବିଶ୍ୱ ରଞ୍ଜନ ଗୁମାନସିଂ ପୁରସ୍କୃତ ହୋଇଥିଲେ । ଅମ୍ପାୟାର ଭାବେ ଅର୍ଚ୍ଚିଷ୍ମାନ ପଟ୍ଟନାୟକ, ଧରଣୀଧର ସ୍ୱାଇଁ, ହେମନ୍ତ କୁମାର ମିଶ୍ର ମ୍ୟାଚ୍ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମାନସ ରଞ୍ଜନ ମହାପାତ୍ର, ବିରଂଚି ନାରାୟଣ ପଣ୍ଡା, ଦୀପ୍ତିରଞ୍ଜନ ରଣା, ସୌମ୍ୟାଲଗ୍ନା ଶତପଥୀ, ବର୍ଣ୍ଣାଳି ମାଝି, ସୁମିତା ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ ।

## ମହିଳାଙ୍କୁ ଦୁଷ୍କର୍ମ ଓ ଠକେଇ, ଯୁବକ ଗିରଫ

ବାଲୁଗାଁ,୨୪।୧୨(ସମିସ) : ବାଲୁଗାଁ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଦୁଷ୍କର୍ମ କରିବା ସହ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ବୁଧବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ । ଗିରଫ ଅଭିଯୁକ୍ତ ଜଣକ ହେଲେ ବାଲୁଗାଁ ଥାନା ନାଭାଲ ଫାଣ୍ଡି ଅନ୍ତର୍ଗତ ନୂଆଗଡ ଗ୍ରାମର ରାହୁଲ ପଲେଇ (୩୦) । ରାହୁଲ ପୀଡ଼ିତା ମହିଳାଙ୍କ ସହ ପ୍ରଥମେ ବନ୍ଧୁତା ସ୍ଥାପନ କରି ସମ୍ପର୍କ ବଢାଇ ଥିଲା । ଧିରେ ଧିରେ ମହିଳାଙ୍କ ସହ ଅନୈତିକ ଶାରିରୀକ ସମ୍ପର୍କ ରଖିବା ସହିତ ବିଭିନ୍ନ ପ୍ରଲୋଭନ ଦେଖାଇ ପ୍ରାୟ ୧୦ ଲକ୍ଷ ଟଙ୍କା ଠକେଇ କରି ନେଇ ଥିଲା । ମହିଳା ଜଣକ ଟଙ୍କା ଫେରସ୍ତ ମାଗିବାରୁ ରାହୁଲ ଆଉ ଧରାଛୁଆଁ ଦେଇ ନଥିଲା । ଏ ବାବଦରେ ମହିଳାଜଣକ ବାଲୁଗାଁ ଥାନାର ଦ୍ୱାରସ୍ଥ ହୋଇଥିଲେ । ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ରାହୁଲଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି ।

## ବ୍ରାଉନସୁଗର ଜବତ, ୪ ଗିରଫ

ଖୋର୍ଦ୍ଧା,୨୪।୧୨(ସମିସ): ସ୍ଥାନୀୟ ଗୁରୁଜଙ୍ଗ ଖେଳପଡିଆରେ ଆଦର୍ଶ ଥାନା ପୁଲିସ ଚଢଉ କରି ବ୍ରାଉନସୁଗର ଜବତ କରିଛି । ଏହି ଘଟଣାରେ ପୁଲିସ ୪ଜଣଙ୍କୁ ଗିରଫ କରିଛି । ଗିରଫମାନେ ହେଲେ ଆଦର୍ଶଥାନା ଅନ୍ତର୍ଗତ ବିଡିଏ କଲୋନୀର ବିଭୁତିଭୂଷଣ ସୁନ୍ଦରାୟ ଓରଫ୍ କାଲୁ (୩୩), ଗୁରୁଜଙ୍ଗ କୋଚିଲାକଣ ସାହିର ସୁଜିତ ପ୍ରଧାନ ଓରଫ୍ ଲିପୁ (୨୮), ଦେୱାନସାହି ର ନାରାୟଣ ବେହେରା (୫୨) ଓ ଶିଳ୍ପାଂଚଳ ଥାନା ଅଧିନ ଗଡଖୋର୍ଦ୍ଧା ର ଅଖିଳବନ୍ଧୁ ପଟ୍ଟନାୟକ ଓରଫ୍ କେଶବ (୩୪) । ସେମାନଙ୍କୁ ଠାରୁ ୨୦ଗ୍ରାମ ବ୍ରାଉନସୁଗର ଜବତ କରିଛି । ଯାହାର ମୂଲ୍ୟ ୨ଲକ୍ଷ ହେବ ବୋଲି ପୁଲିସ ଆକଳନ କରିଛି । ଏଥିସହିତ ସେମାନଙ୍କ ଠାରୁ ୨ଟି ବାଇକ୍, ୨ଟି ମୋବାଇଲ ଫୋନ୍ କୁ ମଧ୍ୟ ପୁଲିସ ଜବତ କରିଛି ।

# ବିଜେଡିର ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ



ବେଗୁନିଆ,୨୪।୧୨(ସମିସ): ବେଗୁନିଆ ସଦର ମହକୁମାସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ବିଜେଡ଼ି ପକ୍ଷରୁ ପ୍ରତିଷ୍ଠା ଦିବସର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବିଧାୟକ ପ୍ରଦୀପ କୁମାର ସାହୁ ବେଗୁନିଆ ନିର୍ବାଚନ ମଣ୍ଡଳୀର ବୋଲଗଡ ବ୍ଲକ ନନ୍ଦିଘୋଷ ଭବନ ପରିସରରେ ଡିସେମ୍ବର ୨୬ ରିଖରେ ପାଳନ କରାଯିବ ବୋଲି ସ୍ଥିରୀକୃତ ହୋଇଥିଲା । ଏଥିରେ ବହୁ ସଂଖ୍ୟାରେ ବିଜେଡ଼ି କର୍ମୀ ଓ ଛାମୁଆ ନେତା ଯୋଗ ଦେବାକୁ ବିଧାୟକ ଶ୍ରୀ ସାହୁ ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେଡ଼ି ଦଳର ବ୍ଲକ ସଭାପତି ବାନାମ୍ବର ମାଝୀ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଓ ଜିଲ୍ଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ ସମେତ ବହୁ କର୍ମୀ ଯୋଗ ଦେଇଥିଲେ ।

## ହିଲ୍‌ଟପ ଗ୍ଲୋବାଲ ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା

ଟାଙ୍ଗୀ,୨୪।୧୨(ସମିସ) : ଟାଙ୍ଗୀ ହିଲ୍ଲଟପ୍ ଗ୍ଲୋବାଲ ସ୍କୁଲ ପରିସରରେ ବିଜ୍ଞାନ ମେଳା ଉଦ୍‌ଘାଟିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ଇତିପ୍ରଜ୍ଞା ଶ୍ରୀଚନ୍ଦନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳାରେ ଚିଲିକା ରାଣୀ ଇଂଲିଶ ମିଡିୟମ୍ ସ୍କୁଲର ଅଧ୍ୟକ୍ଷ ନୀଳାଦ୍ରି ଭୂଷଣ ବେହେରା ଓ ଅବସରପ୍ରାପ୍ତ ଅତିରିକ୍ତ ସହ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ ଅତିଥିଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରାୟ ୨୦ ଜଣ କୁନି ବୈଜ୍ଞାନିକ ଅଂଶଗ୍ରହଣ କରିଥିଲେ । ଅଧ୍ୟକ୍ଷା ଶ୍ରୀଚନ୍ଦନ ଓ ବିଜ୍ଞାନ ଶିକ୍ଷକ ସରୋଜ ଶ୍ରୀଚନ୍ଦନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ବରିଷ୍ଠ ଶିକ୍ଷକ ବିଜୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଭଡ଼ାରେ ଚାଲିଛି ଏକାଧିକ ସରକାରୀ କାର୍ଯ୍ୟାଳୟ

ବେଗୁନିଆ, ୨୪।୧୨(ସମିସ): ବେଗୁନିଆ ସଦର ମହକୁମାଠାରୁ ସିକୋ ପଞ୍ଚାୟତ ୨୫ କିମି ଦୂରରେ ଅବସ୍ଥିତ । ଜନ ସାଧାରଣଙ୍କ ସେବା ପାଇଁ ଉପଲବ୍ଧ ଏକାଧିକ ସରକାରୀ କାର୍ଯ୍ୟାଳୟ ଖୋଲି ଥିବାବେଳେ ଦୀର୍ଘ ବର୍ଷ ବର୍ଷ ଧରି ଭଡା ଘରେ ଚାଲିଛି । ଏଠାରେ ବହୁତ ସରକାରୀ, ଗୋଚର ଓ ଅନାବାଦୀ ଜମି ଗୁଡିକ ପ୍ରଭାବଶାଳୀ ଏବଂ ଧନୀ ବ୍ୟକ୍ତି ବଳପୂର୍ବକ ମାଡିବସି ନିଜ ଅକ୍ତିଆରରେ ରଖିଛନ୍ତି । ଏପରିକି ଗ୍ରାମ ଶ୍ମଶାନ ବି ବାଦ ପଡିନି । ଏନେଇ ସମାଜସେବୀ ସଞ୍ଜୟ ବହୁବଳେନ୍ଦ୍ର ବିଡ଼ିଓ, ତହସିଲଦାର ଏବଂ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ୧୯୪୯ରୁ ସ୍ଥାପିତ ଡାକଘରଟି ଦୀର୍ଘ ୭୬ବର୍ଷ ହେବ ଭଡାରେ ଚାଲିଥିବା ବେଳେ କୌଣସି ବୋଡର୍ ମରାଯାଇନଥିବା ଯୋଗୁଁ କାର୍ଯ୍ୟାଳୟଟି କେଉଁଠାରେ ଅବସ୍ଥିତ ତାହା ଲୋକମାନେ ଜାଣିବାରେ ଅସୁବିଧା ହେଉଛି । ଏହା ସହ ୧୯୯୫ରେ ସିକୋ ପୁଲିସ ଫାଣ୍ଡି ଖୋଲି ଥିବାବେଳେ ପ୍ରଥମ ଦୁଇବର୍ଷ ବଙ୍ଗଳାରେ ଚାଲିଥିଲା । ପରେ ସ୍ଥାନାନ୍ତର କରାଯାଇ ବର୍ତ୍ତମାନ ସୁଦ୍ଧା ଭଡା ଘରେ ଚାଲିଛି । ୨୦୧୫ରେ ଫାଣ୍ଡି ଗୃହ ନିର୍ମାଣ ପାଇଁ ୨୫ଲକ୍ଷ ଟଙ୍କା ସରକାରୀ ଅନୁଦାନ ଆସିଥିବାବେଳେ ଆଜି ପର୍ଯ୍ୟନ୍ତ ଫାଣ୍ଡି ପାଇଁ ସ୍ଥାନ ନିରୂପଣ ହୋଇ ନ ପାରିବା ଯୋଗୁଁ ଗୃହ ନିର୍ମାଣ ହୋଇ ପାରୁନାହିଁ । ଫଳରେ ଅନୁଦାନ ରାଶି ଫେରିଯିବାର ଆଶଙ୍କା ପ୍ରକାଶ ପାଇଛି । ଏସମ୍ପର୍କରେ ସିକୋ ଫାଣ୍ଡି ଅଧିକାରୀ ପୂର୍ଣ୍ଣଚନ୍ଦ୍ର ରେଡ୍ଡୀଙ୍କୁ ପଚାରିବାରୁ ତହସିଲଦାରଙ୍କୁ ଜଣାଇବା ସହ ଜିଲ୍ଲାପାଳଙ୍କ ଅନୁମୋଦନ ମିଳିବା ପରେ ନୂତନ ଗୃହ ନିର୍ମାଣ ହେବ ବୋଲି କହିଛନ୍ତି । ସେହିପରି ଏଠାରେ ଥିବା ଓଡିଶା ଗ୍ରାମୀଣ ବ୍ୟାଙ୍କ ୧୯୮୦ରୁ ଖୋଲି ଥିବାବେଳେ ବର୍ତ୍ତମାନ ସୁଦ୍ଧା ବ୍ୟାଙ୍କ ଭଡାରେ ଚାଲିଛି । ସରକାର ଭଡା ବାବଦରେ ଲକ୍ଷ ଲକ୍ଷ ଟଙ୍କା ଦେଉଥିବାବେଳେ ଜମି ଥାଇ ମଧ୍ୟ ସରକାରୀ କାର୍ଯ୍ୟାଳୟର ନିଜସ୍ୱ ଗୃହ କାହିଁକି ନିର୍ମାଣ କରାଯାଉନାହିଁ ବୋଲି ସାଧାରଣ ଲୋକଙ୍କ ମନରେ ପ୍ରଶ୍ନ ସୃଷ୍ଟି ହୋଇଛି ।

# ଜମିରେ ବୁଲୁଛନ୍ତି ଶତାଧିକ ହାତୀ

ଢେଙ୍କାନାଳ, ୨୪।୧୨(ସମିସ)



ଢେଙ୍କାନାଳ ବନଖଣ୍ଡର ସଦର ରେଞ୍ଜ ଗଦାଶିଳା ଫରେଷ୍ଟ ସେକସନ ଅନ୍ତର୍ଗତ ଶଙ୍କରପ୍ରତାପ ଗ୍ରାମ ଠାରୁ ହରିପୁର ପର୍ଯ୍ୟନ୍ତ ସଞ୍ଜ ହେଲେ ପଲ ପଲ ହାତୀ ଜମିରେ ପ୍ରବେଶ କରୁଛନ୍ତି। ହାତୀ ଭୟରେ ଚାଷୀ ଧାନ ଜମି ସହିତ ଫସଲକୁ ଜଗି ରହୁଥିବା ବେଳେ ଗ୍ରାମବାସୀ ରାତି ଅନିଦ୍ରା ହେଉଛନ୍ତି।

ଗଦାଶିଳା ଫରେଷ୍ଟ ସେକସନ ଅନ୍ତର୍ଗତ ପୋହଳି ଗ୍ରାମ ନିକଟରେଥିବା ଜାମୁଚକଡା ଜଙ୍ଗଲ ହାତୀ ମାନଙ୍କ ପାଇଁ ସୁରକ୍ଷିତ ରହଣି ସ୍ଥାନ ପାଲଟିଛି। ଆଜକୁ ୧୫ ଦିନ ହେବ ହାତୀ ପଲ ସନ୍ଧ୍ୟା ହେବା ମାତ୍ରେ ପଲ ପଲ ହୋଇ ଜଙ୍ଗଲରୁ ବାହାରି ଆସୁଛନ୍ତି। ହାତୀ ପଲ ଗଦାଶିଳାପଞ୍ଚାୟତର ପୋହଳି, ଶଙ୍କରପ୍ରତାପପୁର, ଚାଇଁପୁର, ଗଦାଶିଳା, ସାଇଁବିରି, ମହେନ୍ଦ୍ରପୁର, ସିମିନଈ, ଅଙ୍କରାନ୍ତିପୁର, ମୂଳିସିଂହ, ପଞ୍ଚୁପଟିରେ ଉପଦ୍ରବ କରୁଛନ୍ତି। କେତେକ ସ୍ଥାନରେ ଧାନଫସଲ ଖାଇବା ସହିତ ବିଭିନ୍ନ ଦ୍ରବ୍ୟ ନଷ୍ଟ କରୁଛନ୍ତି। ସେହିପରି ହାତୀପଲ କାଶିଆଡିହ ପଞ୍ଚାୟତ ଅନ୍ତର୍ଗତ ମହୀଧରପୁର, କାଶିଆଡିହ, ବଳରାମପୁର ପଞ୍ଚାୟତରବଳରାମପୁର, ସାରିଆପଡ଼ାଗ୍ରାମ ନିକଟ ଜମିରେ ଉପଦ୍ରବ କରୁଥିବା ବେଳେ ଗୁଣ୍ଡିଚାପଡ଼ା ପଞ୍ଚାୟତର ଗୁଣ୍ଡିଚାପଡ଼ା, ହରିପୁର, ଛାଟିଆ, ଡେଙ୍ଗବୋରେଇରେ ମଧ୍ୟ ଉପଦ୍ରବ କରୁଛନ୍ତି। ସନ୍ଧ୍ୟା ହେବା ମାତ୍ରେ ଚାଷୀମାନେ ନିଆଁ ଜାଳି ଜଗି ରହୁଥିବା ବେଳେ ହାତୀପଲ ମାନୁନାହାଁନ୍ତି। ହାତୀମାନେ ତିନି ଚାରି ପଲ ହୋଇ ପ୍ରବେଶ କରୁଥିବା ବେଳେ ଏକ ଶହରୁ ଅଧିକ ହାତୀ ଚଳପ୍ରଚଳକରୁଥିବାର ଜଣାପଡ଼ିଛି। ସଞ୍ଜ ହେବା ମାତ୍ରେ ହାତୀପଲ ଗଦାଶିଳା-ବଳରାମପୁର ରାସ୍ତାପାର ହେଉଥିବା ବେଳେହାତୀ ଦେଖିବାକୁ ରାସ୍ତା ଉପରେ ଲୋକଙ୍କ ଭିଡ ଜମୁଛି। ସେହିପରି ସଞ୍ଜ ହେଲେ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ହାତୀ ପଲ ପ୍ରତି ଦିନ ୮କିଲୋମିଟର ଅଞ୍ଚଳରେ ଉପଦ୍ରବ କରୁଥିବା ବେଳେସକାଳ ପାହିବା ମାତ୍ରେ ପୁଣି ରାସ୍ତାପାର ହୋଇ ଜଙ୍ଗଲକୁ ଚାଲିଯାଉଛନ୍ତି। ହାତୀ ପଲକୁ ଦେଖିବା ପାଇଁ ସକାଳ ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଲୋକ ଛିଡା

## ସୁରକ୍ଷା ଦେବାରେ ବନ ବିଭାଗ ବିଫଳ

ହୋଇ ହାତୀ ଦେଖୁଛନ୍ତି। ହାତୀପଲକୁ ନିୟନ୍ତ୍ରଣ କରିବା ପାଇଁ ଗଦାଶିଳା ଫରେଷ୍ଟ ସେକସନର କର୍ମଚାରୀ ମାନେ ସଜାଗ ରହୁଛନ୍ତି। ତଥାପି ହାତୀ ଚଳପ୍ରଚଳନେଇ ନିକଟସ୍ଥ ଗ୍ରାମ ଗୁଡିକରେ ମାଇକ ଯୋଗେ ସଚେତନ କରାଯାଉନଥିବାରୁ ରାତିରେ ହାତୀଙ୍କ ଉପସ୍ଥିତି ନେଇ ଅସନ୍ତୋଷ ଦେଖାଦେଉଛି। ହାତୀର ଗତି ବିଧି ସମ୍ପର୍କରେ ପ୍ରଚାର କରିବାକୁ ଦାବି ହୋଇଛି।

# ସାମ୍ବାଦିକା ମମତା ଦାଶଙ୍କ ସ୍ମୃତି ସମାରୋହ

ଢେଙ୍କାନାଳ, ୨୪।୧୨(ସମିସ): ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର ପ୍ରଥମ ମହିଳା ସାମ୍ବାଦିକା ମମତା ଦାଶଙ୍କ ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ ପାରାଡାଇଜ୍ ଲେନସ୍ଥିତ ସମୃଦ୍ଧି ଭବନରେ ପାଳିତ ହୋଇଛି। ଏଥିରେ ଜିଲ୍ଲାପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଜିଲ୍ଲାର ପ୍ରଥମ ମହିଳା ସାମ୍ବାଦିକା ଭାବେ ମମତା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ଜଣେ ବହୁମୁଖୀ ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱ ଭାବେ ସେ ସ୍ମରଣୀୟ ହୋଇ ରହିବେ। ବରିଷ୍ଠ ସାମ୍ବାଦିକ ରତନ ନାୟାର ଏଥିରେ ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ଢେଙ୍କାନାଳ ପୌର ଉପାଧକ୍ଷ ପ୍ରକାଶ ଚନ୍ଦ୍ର କୁଅଁର ଯୋଗଦେଇ ମମତା ଜଣେ ସ୍ନେହୀ ଓ ପରୋପକାରୀ ମହିଳା ଥିଲେ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ଓକିଲ ସଂଘର ପୂର୍ବତନ ସଭାପତି ଶିବସାଇ ମହାପାତ୍ର ଉପସ୍ଥିତ ଥିଲେ। ସମାଜସେବୀ ସୁକାନ୍ତ ମିଶ୍ର ଶିଶିର ଶତପଥୀଙ୍କ ମାନପତ୍ର ପାଠ କରିବା ସହ ମମତାଙ୍କ ସହ ତାଙ୍କର ନିବିଡ଼ତା ସମ୍ପର୍କରେ ଉଲ୍ଲେଖ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅମୀୟ ଚାନ୍ଦ ଓ ସାଂଧ ମହାବିଦ୍ୟାଳୟ ଅଧକ୍ଷ ଡ. ସମୀର ସାହୁ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ସାମ୍ବାଦିକ ଶିଶିର ଶତପଥୀଙ୍କୁ ମମତା ଦାଶ ସ୍ମୃତି ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରିଥିଲେ। ସତ୍ୟାନନ୍ଦ ମଲ୍ଲିକ, ମୁରଲୀଧର ମହାରଣା ଓ ସଞ୍ଜୟ ବିଶ୍ୱାଳଙ୍କ ନେତୃତ୍ୱରେ ଜଙ୍ଗିରା ଶ୍ରୀଚୈତନ୍ୟ ନାମ ପ୍ରଚାର ପରିଷଦ ପକ୍ଷରୁ ନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ। ପୂର୍ବତନ ସରପଞ୍ଚ ବିଜୟ କୁମାର ସାହୁ, ସାମ୍ବାଦିକ ଅଥୟ ସାହୁ, ପ୍ରଳୟ ଦାସ, ଅକ୍ଷୟ କୁମାର ପାଣିଗ୍ରାହୀ, ଆଲୋକ ରଥ, ଇଂ. ଅନିରୁଦ୍ଧ ରଥ, ଅଭିଷିକ୍ତା ଅନିନ୍ଦିତା ରଥ, ରାକ୍ଷୀ ଆଚାର୍ଯ୍ୟ, ଭୂତତ୍ତ୍ୱ ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଶୈଳଜା ପ୍ରସାଦ ନନ୍ଦ ଓ ଗୌରୀପ୍ରସାଦ ନନ୍ଦ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦେଇଥିଲେ। ଆଗେଇବା ସମ୍ବାଦପତ୍ର ପକ୍ଷରୁ ଶ୍ରୀମତୀ ଦାଶଙ୍କ ସ୍ମୃତିରେ ଏକ ସ୍ୱତନ୍ତ୍ର ଆଲେଖ୍ୟ ପ୍ରକାଶିତ ହୋଇଥିଲା। ସ୍ମୃତି ସଂସଦ ଆବାହକ ପ୍ରଦ୍ୟୁମ୍ନ ରଥ ଧନ୍ୟବାଦ ଅର୍ପଣ କରିଥିଲେ।




# ଦୁଷ୍କର୍ମ ଅଭିଯୁକ୍ତକୁ ୨୦ ବର୍ଷ ଜେଲ ଦଣ୍ଡାଦେଶ

ଢେଙ୍କାନାଳ, ୨୪।୧୨(ସମିସ): ଢେଙ୍କାନାଳ ଜିଲ୍ଲାର ମହାବିରୋଡ଼ ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ଦୁଷ୍କର୍ମ ମାମଲାର ବିଚାର କରି ଉକ୍ତ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ବିଚାରପତି ସୁଶିଲ କୁମାର ସାହୁ ଅଭିଯୁକ୍ତ ଦୁଃଖବନ୍ଧୁ ମହାପାତ୍ରକୁ ଦୋଷୀ ସାବ୍ୟସ୍ତ କରିବା ସହିତ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥି ସହିତ ୧୫ ହଜାର ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି। ଜୋରିମନା ଅନାଦେୟ ଅଧିକ ୭ ମାସ କାରାଦଣ୍ଡାଦେଶ ଶୁଣାଇଛନ୍ତି। ମହାବିରୋଡ଼ ଥାନା ଅଞ୍ଚଳର ଦୁଃଖବନ୍ଧୁ ମହାପାତ୍ର (୪୮ ବର୍ଷ) ଗତ ତା ୧୨.୯.୨୦୨୪ ରିଖ ସକାଳ ଘ ୧୧.୦୦ ସମୟରେ ଜନୈକା ନାବାଳିକା ପିଡିତାର ପରିବାର ଲୋକଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ତାଙ୍କ ଘରେ ପଶି ନାବାଳିକାକୁ ଦୁଷ୍କର୍ମ କରିଥିଲା। ନାବାଳିକାର ମା ଏ ଘଟଣା ଶୁଣି ଘରକୁ ଫେରିଲା ପରେ ନାବାଳିକା ଝିଅ ଠାରୁ ସମସ୍ତ ଘଟଣା ଜାଣି ମହାବିରୋଡ଼ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ କୁ ଗ୍ରହଣକରି ମହାବିରୋଡ଼ ଥାନା କେଶ ନମ୍ବର ୧୭୭/୨୪ ରେ ଅଭିଯୁକ୍ତ ଦୁଃଖବନ୍ଧୁ ମହାପାତ୍ର କୁ କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ସିଟି ସ୍ପେସାଲ (ପୋକ୍ସୋ କେଶ ନମ୍ବର ୪୦/୨୪ କୁ ବିଚାରକର ଜିଲ୍ଲା ପୋକ୍ସୋ କୋର୍ଟର ମାନ୍ୟବର ସ୍ୱତନ୍ତ୍ର ବିଚାରପତି ସୁଶିଲ କୁମାର ସାହୁ ୨୫ ଜଣଙ୍କ ସାକ୍ଷ୍ୟପ୍ରମାଣ ଏବଂ ୨୮ ଟି ଦସ୍ତାବିଜ ଆଧାରରେ ଅଭିଯୁକ୍ତକୁ ଉକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି।ଏହି ମାମଲାର ସରକାରଙ୍କ ପକ୍ଷରୁ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପ-ନିର୍ଦ୍ଦେଶକ ଗଣେଶ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ନୀରଞ୍ଜନ ସାହୁ ମାମଲା ପରିଚାଳନା କରିଥିଲେ।

# ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଯୋଗଦାନ



ଢେଙ୍କାନାଳ, ୨୪।୧୨(ସମିସ): ହିନ୍ଦୋଳ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଶ୍ରୀନିବାସ ରାଉତ କାର୍ଯ୍ୟରେ ଯୋଗଦାନ କରିଛନ୍ତି।

ଆଜି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଭିଷେକ ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ତାଙ୍କୁ କାର୍ଯ୍ୟାଳୟରେ ସ୍ୱାଗତ କରିଥିଲେ।

# ଛାତ୍ରଛାତ୍ରୀଙ୍କ ଦ୍ୱାରା ଖାଉଟି ସଚେତନତା କାର୍ଯ୍ୟକ୍ରମ




ଖଜୁରିଆକଟା, ୨୪।୧୨(ସମିସ): ହିନ୍ଦୋଳ ଉପଖଣ୍ଡ କାରନ୍ଦାସ୍ଥିତ ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ଖାଉଟି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଖଜୁରିଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ଏକ ପଦ ସଭା ଯାତ୍ରାରେ ଖଜୁରିଆକଟା ଦଶହରା ମଣ୍ଡପ ନିକଟକୁ ଆସିଥିଲେ। ଖାଉଟି ସଚେତନତା ନେଇ ବିଭିନ୍ନ ପ୍ଲାକାର୍ଡ ଧରି ସ୍ଲୋଗାନ ମାଧ୍ୟମରେ ସାଧାରଣ ଜନତାଙ୍କୁ ଖାଉଟି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ପରିଶେଷରେ ଖଜୁରିଆକଟା ଦଶହରା ମଣ୍ଡପ ନିକଟରେ ଏକ ନାଟକ ପରିବେଷଣ କରି ସାଧାରଣ ଲୋକଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ପିଲାମାନଙ୍କର ଏଭଳି ନିଆରା ପ୍ରୟାସକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ଜାତୀୟ ଖାଉଟି ଦିବସ ପାଳିତ

ଢେଙ୍କାନାଳ, ୨୪।୧୨(ସମିସ): ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅହିଂସା ଦ୍ୱାରା ଜାତୀୟ ଖାଉଟି ଦିବସ ବୋରାପଦାସ୍ଥିତ ସରକାରୀ ଶିକ୍ଷ ତାଲିମ୍ କେନ୍ଦ୍ରରେ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସରକାରୀ ଶିକ୍ଷ ତାଲିମ କେନ୍ଦ୍ରର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଖାଉଟି ସୁରକ୍ଷା ଶୀର୍ଷକ ଡିଜିଟାଲ୍ ନ୍ୟାୟ ମାଧ୍ୟମରେ ଦ୍ରୁତ ମାମଲା ସମାଧାନ ଶୀର୍ଷକ ଆଲୋଚନା ସଭାରେ ଖାଉଟି ସୁରକ୍ଷା ସଙ୍କ୍ରାନ୍ତିୟ ଓଜନ ବୈଧମାପ ଓ ବିଜ୍ଞାନ ବିଭାଗର ବରିଷ୍ଠ କର୍ମକର୍ତ୍ତାଙ୍କ ସହିତ ଜିଲ୍ଲାସ୍ତରୀୟ ଅଧିକାରୀମାନେ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଖାଉଟି ସୂଚନା ସଚେତନତା ଦୃଢ ଓ ପରିବ୍ୟାପକ କରିବା ପାଇଁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ଅନୁଷ୍ଠାନ ଦ୍ୱାରା ମୁଖ୍ୟଅତିଥି ଜିଲ୍ଲା ଖାଉଟି ସୁରକ୍ଷା ଅଧିକାରୀ ରାମଚନ୍ଦ୍ର ଟୁଡୁ, ମୁଖ୍ୟବକ୍ତା ଅବନି କୁମାର ମିଶ୍ର ଓ ସମ୍ମାନିତ ଅତିଥି ଭାବେ ସ୍ୱେଚ୍ଛାସାବୀ ଅନୁଷ୍ଠାନର ଜିଲ୍ଲା ସଞ୍ଜୋଜକ ଅମ୍ବୁଜ କୁମାର ପୁହାଣ, ଜିଲ୍ଲା ବୈଧମାପ ବିଜ୍ଞାନ ଉପନିୟନ୍ତ୍ରକ ରଞ୍ଜନ ରଶ୍ମି ପରିଡ଼ା ଓ ବିଶ୍ୱଜିତ ପଣ୍ଡା, ନିରୁପମା ବେହେରା, ଅତିରିକ୍ତ ଖାଉଟି ସୁରକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ବେହେରା ଓ ସରକାରୀ ଶିକ୍ଷ ତାଲିମ କେନ୍ଦ୍ରର ମୁଖ୍ୟ ପରିଚାଳକ ଜଗନ୍ନାଥ ହାଇବ୍ରୁ, ନାରାୟଣ ଚନ୍ଦ୍ର ପୋଦାର, ସଞ୍ଜୟ ବେହେରା, ଲୟର୍ସ ଫୋରମ୍‌ର ସଭାପତି ସୁବୋଧ ମହାନ୍ତି, ଯସ୍ମିନୀ ଦେହୁରୀ, ଆଇଟିଆଇ କଲେଜର ସରସ୍ୱତୀ ମଣ୍ଡଳର ସନ୍ତୋଷିନୀ ରାଉଳ, ସସ୍ମିତା ପାତ୍ର, ନିରୁପମା ବେହେରା ପ୍ରମୁଖ ଯୋଗଦେଇଥିଲେ। ଅହିଂସା ଅନୁଷ୍ଠାନର ଟିକି ପ୍ରଧାନ, ସ୍ୱରାଜ ମହାରଣା, କରିଶ୍ମା ଦେହୁରୀ, ପ୍ରିୟଙ୍କା ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ। ଅହିଂସାର ସମ୍ପାଦକ ମାନଗୋବିନ୍ଦ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।



# ହାତୁରା ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ

ହିନ୍ଦୋଳ, ୨୪।୧୨(ସମିସ): ହିନ୍ଦୋଳ ବ୍ଲକ ହାତୁରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟର ୨୨ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧନେଶ୍ୱର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ସୁନାଗରିକ ହେବା ସହ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଉଦଘାଟକ ଭାବେ ପ୍ରଫେସର ଡ. ବିକ୍ରମକେଶରୀ ଦାଶ, ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ହିନ୍ଦୋଳ ପ୍ରତିନିଧି ସୁଶାନ୍ତ ପତି ଯୋଗଦେଇଥିଲେ। ପରିଚାଳନା କମିଟି ସମ୍ପାଦକ ସୁଜିତ କୁମାର ଦେହୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ରମାକାନ୍ତ ପ୍ରଧାନ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




# ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ




ଢେଙ୍କାନାଳ, ୨୪।୧୨(ସମିସ): ସ୍ଥାନୀୟ ଲକ୍ଷ୍ମୀଧର ମ୍ୟୁନିସିପାଲ ହାଇସ୍କୁଲରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ୪୨ତମ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଛି। ଶ୍ରୀରାମ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମନୋଜ କୁମାର ଦଳେଇ ଯୋଗଦେଇ ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଦିଗରେ ଓଷ୍ଟାର ଉଦ୍ୟମ ପ୍ରଶଂସନୀୟ ବୋଲି କହିଛନ୍ତି। ମୁଖ୍ୟବକ୍ତା ଭାବେ ଟିସିଏସର ଇଞ୍ଜିନିୟର ପ୍ରତାପ କୁମାର ବେହେରା ଯୋଗଦେଇ ଶିକ୍ଷା ହିଁ ବିକାଶର ଏକମାତ୍ର ମାଧ୍ୟମ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗାଣ ମନ୍ତ୍ରୀଙ୍କ ପ୍ରତିନିଧି ସମରେନ୍ଦ୍ର ଶତପଥୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଇତିଶ କୁମାର ବରାଳ, ଓଷ୍ଟାର ସମ୍ପାଦକ ଶଶିକାନ୍ତ ଦାସ, ଉପଦେଷ୍ଟା ତଥା ପ୍ରାକ୍ତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ଧଳ, ସମାଜସେବୀ ସତ୍ୟବାନ ପାତ୍ର, ପ୍ରାକ୍ତନ ସମ୍ପାଦକ ବିଭୂତି ଭୂଷଣ ସାମଲ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଓଷ୍ଟାର କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଆସନ୍ତା ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

# ଏନଏସଏସ ସ୍ୱତନ୍ତ୍ର ସେବା ଶିବିର




ଖଜୁରିଆକଟା, ୨୪।୧୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ମହାବିଦ୍ୟାଳୟ ଖଜୁରିଆକଟା ଜାତୀୟ ସେବା ଯୋଜନାର ଶୀତ କାଳୀନ ସ୍ୱତନ୍ତ୍ର ସେବା ଶିବିର ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ କୁମାର ଧଳଙ୍କ ପୌରୋହିତ୍ୟରେ ଉଦଘାଟିତ ହୋଇଛି। ସେବା ଯୋଜନାର ପତାକାକୁ ଉତ୍ତୋଳନ କରି ସେବା ମନୋଭାବ ନେଇ ଦେଶ ଗଠନର ବ୍ରତୀ ହେବା ପାଇଁ ମାର୍ଗଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ର, ମୁଖ୍ୟବକ୍ତା ଭାବେ ରାଜନୀତି ବିଭାଗର ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଛାତ୍ରଛାତ୍ରୀମାନେ ଏହି ଶିବିର ମାଧ୍ୟମରେ ସମାଜ ସେବା ଓ ସାମାଜିକ ସଚେତନ ସୃଷ୍ଟି କରିବାର ଅଭିଜ୍ଞତା ସୃଷ୍ଟି କରି ପାରିବେ ବୋଲି ଆଶା ବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅଧାପକ ବ୍ରଜକିଶୋର ବେହେରା ଅତିଥି ପରିଚୟ ସହ ଶିବିରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ଣରେ ମହାବିଦ୍ୟାଳୟ ପୋଷ୍ୟ ଗ୍ରାମ ସାନହିନ୍ଦୋଳଠାରେ ଜଙ୍ଗଲ ଆମର ଜୀବନ ଶୀର୍ଷକ ସଚେତନ ମୂଳକ ଏକାଙ୍କିକା ଶିବିରାର୍ଥୀମାନଙ୍କ ଦ୍ୱାରା ଅଭିନୀତ ହୋଇଥିଲା। ଏହି ଅବସରରେ ପଦାର୍ଥ ବିଜ୍ଞାନ ବିଭାଗର ଅଧାପକ ଜୟନ୍ତ ନାରାୟଣ ପତି, ବାଣିଜ୍ୟ ବିଭାଗର ମୁଖ୍ୟ ସୁଶାନ୍ତ କୁମାର ଆଚାର୍ଯ୍ୟ, ଅଧାପକ ସୁକ୍ତପ୍ରୀୟ ମିଶ୍ର, ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣି, ମାନସ ମାଝୀ, ବିଙ୍କୁ ବିଶ୍ୱାଳ, ବିରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ ପରିବେଶକୁ ସରସ ସୁନ୍ଦର କରିବା ପାଇଁ ପ୍ରତ୍ୟେକ ବୃକ୍ଷ ରୋପଣ କରି ତାର ଯତ୍ନ ନେବାକୁ ଗ୍ରାମବାସୀ ମାନଙ୍କୁ ଅନୁରୋଧ କରିଥିଲେ।

# ୩୨ତମ ଖଙ୍କିରା କପ୍ ଉଦଘାଟିତ



ଗଁଦିଆ, ୨୪।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ସୀମାନ୍ତ ଗ୍ରାମ ଖଙ୍କିରାରେ ୩୨ତମ କାହ୍ନୁଚରଣ ଧୀର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦଘାଟିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ନୃସିଂହ ଚରଣଧୀର ସମାଜସେବୀ ଯୋଗଦାନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଆଜିର ଖେଳ ଯାକୋବିନି ଚୌଦ୍ୱାର ଓଏମସିସି ସୋଲର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଯାକୋବିନି ଚୌଦାର ଟସଜିତି ବ୍ୟାଟି କରି ଉଇକେଟ ହରାଇ ନିର୍ଦ୍ଧାରିତ ୨୦ ଓଭରରେ ୨୩୦ରନ ସଂଗ୍ରହ କରିଥିଲା ଏହାର ଜବାବରେ ଏମସିସି ସୋଲାର ସମସ୍ତ ଉଇକେଟ ହରାଇ୧୬୩ରନ ସଂଗ୍ରହ କରି ପରାଜୟ ସ୍ୱୀକାର କରିଥିଲା। ଆଜିର ମ୍ୟାନଅଫ ଦି ମ୍ୟାଚ ପପୁ ଚାନ୍ଦ ଯାକୋବିନ ୫୬ବଲରେ ୮୯ ରନ ସଂଗ୍ରହ କରିଥିବାରୁ, ଖେଳ ପରିଚାଳନା କରୁଥିଲେ ଧରିଣୀ ଧର ବିଶ୍ୱାଳ ଓ ତାପସ ବାରିକ। ସ୍କୋରରଭାବରେ ଥିଲେ ବଳରାମ ସାହୁ, ସୁନୀଲ ଦାସ ଓ ଅୟଶ ମହାପାତ୍ର, ଆସନ୍ତାକାଲିର ମ୍ୟାଚ ଚଣ୍ଡୀଖୋଲ କ୍ରିକେଟ କ୍ଲବ ସହଜାରକା କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବବୋଲି ଆୟୋଜକ ସୂତ୍ରରୁ ପ୍ରକାଶ।


# ଅଖିଳ ଭାରତୀୟ ସାହିତ୍ୟ ପରିଷଦର କର୍ମକର୍ତ୍ତା ନିର୍ବାଚିତ

ଢେଙ୍କାନାଳ, ୨୪।୧୨(ସମିସ): ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଢେଙ୍କାନାଳ ଜିଲ୍ଲା ଶାଖାର ବାର୍ଷିକ ଉତ୍ସବ ଭୁବନ ବ୍ଲକ ମଠକରଗୋଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଜିଲ୍ଲାର ସମସ୍ତ ବ୍ଲକ ର ସଦସ୍ୟମାନେ ଯୋଗଦେଇଥିଲେ। ଉତ୍ସବର ପ୍ରଥମ କାଳାଂଶରେ ଶ୍ରୀଜଗନ୍ନାଥଙ୍କ ପ୍ରତି ବେଶୀ ନୃତ୍ୟ ସମର୍ପିତ କରାଯାଇଥିଲା ଏବଂ ପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

ଦ୍ୱିତୀୟ କାଳାଂଶରେ ସାରସ୍ୱତ ସଭାରେ ଓଡ଼ିଶା ରାଜ୍ୟର ପରିଷଦ ସଭାପତି ଡ. ଅଭୟ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ତୃତୀୟ କାଳାଂଶରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଭାରତମାତା ସେବା ଅନୁଷ୍ଠାନର ସମ୍ପାଦକ ଶକ୍ତି ପ୍ରସାଦ ନନ୍ଦଙ୍କ ଉପସ୍ଥିତିରେ ମନୋନୟନ ପ୍ରକ୍ରିୟାରେ ଢେଙ୍କାନାଳ ଜିଲ୍ଲା ସାହିତ୍ୟ ପରିଷଦର କର୍ମକର୍ତ୍ତା ଚୟନ କରାଯାଇଥିଲା। ଡ. ଦୁର୍ଗାମାଧବ ପୃଷ୍ଟି ପୁନର୍ବାର ସଭାପତି ଭାବେ ମନୋନୀତ ହୋଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରୂପେ ବାହାଦୁର ପାଟସାହାଣୀ, ସମ୍ପାଦକ ଭାବେ ପ୍ରମୋଦ କୁମାର ପରିଡ଼ା, କାର୍ଯ୍ୟକାରୀ ସଭାପତି ରୂପେ ଡ. ସମୀର କୁମାର ସାହୁ, ଉପ-ସଭାପତି ଭାବେ ପ୍ରଭାତୀ ମହାପାତ୍ର ଓ ସୁରେନ୍ଦ୍ର କୁମାର ପୃଷ୍ଟି, ସହ-ସମ୍ପାଦକ ଭାବେ ବିଳାସିନୀ ପୃଷ୍ଟି, ଅର୍ଥ ସମ୍ପାଦକ ଭାବେ ନିବେଦିତା ରଥ, ସଂଗଠନ ସମ୍ପାଦକ ରୂପେ ଶ୍ରୀରାମ ରାଉତ ଏବଂ ସଂଯୋଜକ ରୂପେ ପ୍ରାଧ୍ୟାପକ ଚିତରଞ୍ଜନ ଦାଶ ମନୋନୀତ ହୋଇଥିଲେ। ଏହାଛଡା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ପାଇଁ ଡ. ପ୍ରମୋଦ କୁମାର ନାୟକ, ଅଧାପକ ଅଞ୍ଜନ କୁମାର ମହାରଣା, ଅଧାପକ ମଙ୍ଗରାଜ ମହାପାତ୍ର, ଡ. କବିତା ମହାନ୍ତି, ସଂଯୋଦୟା ନନ୍ଦ, ଅଧାପକ ଲଳିତ କୁମାର ବେହେରା ଓ ଲଳିତ ମୋହନ ବେହେରା ମନୋନୀତ ହୋଇଥିଲେ। ଉପଦେଷ୍ଟା ଭାବେ ପଣ୍ଡିତ ଦିବାକର ନନ୍ଦ ଆର୍ଯ୍ୟକବି ପଣ୍ଡିତ ପ୍ରମୋଦ କୁମାର ମିଶ୍ର ଓ ଭ୍ରମରବର ସାହୁଙ୍କୁ ଚୟନ କରାଯାଇଥିଲା।

# କୃଷିବିଜ୍ଞାନ କେନ୍ଦ୍ରରେ କିଷାନ ଦିବସ ପାଳିତ

ଢେଙ୍କାନାଳ, ୨୪।୧୨(ସମିସ)




ଢେଙ୍କାନାଳ ସହର ନିକଟ ମହିଷାପାଟ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଜାତୀୟ କୃଷକ ଦିବସ ଅବସରରେ କିଶାନ ସମ୍ମାନ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଏକ ଶହ ଜଣ ଅଗ୍ରଣୀ କୃଷି ଓ କୃଷିଜୀବୀ ମହିଳା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡଃ ବିମଳେନ୍ଦୁ ମହାନ୍ତି କୃଷି ଓ ଅନୁସଙ୍ଗିକ କ୍ଷେତ୍ରରେ ନୂତନ ଜ୍ଞାନ କୌଶଳ ଆପଣେଇ କୃଷି ପରିବାର କିପରି ସ୍ୱାବଲମ୍ବୀ ହୋଇ ପାରିବ ସେବିଷୟରେ ଆଲୋଚନା କରିଥିଲେ।ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ୮ ଜଣ ଅଗ୍ରଣୀ ଚଷୀଙ୍କୁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ସମ୍ମାନିତ କରା ଯାଇଥିଲା। ଏହି ଅବସରରେ ଢେଙ୍କାନାଳ ଜିଲ୍ଲାର ୫ ଜଣ ଅଗ୍ରଣୀ ଚାଷୀଙ୍କୁ କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର ତରଫରୁ ସମ୍ମାନିତ କରାଯାଇଛି। ଇନ୍ଦିପୁର ଗ୍ରାମର ଦିଲୀପ କୁମାର ମୁଦୁଲି ଛତୁ ଓ ଛତୁ ମଞ୍ଜି ଉତ୍ପାଦନ, ପାର୍ବତିଆ ଗ୍ରାମର ନୀଳମଣି ରାଉତ କନ୍ଦମୂଳ ଓ ଏହାର ପ୍ରକ୍ରିୟା କରଣ, କମଗରପାଟଣା ଗ୍ରାମର ସନ୍ତୋଷ ବେହେରା ସମନ୍ୱିତ କୃଷି, ଆରଚୁଆ ଗ୍ରାମର ଦାଶରଥି ସାହୁ ଓ ରଞ୍ଜନ କୁମାର ସାହୁ ପନି ପରିବା, ମାଛ ଓ ପନିପରିବା ବିହନ ଉତ୍ପାଦନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରି ଜିଲ୍ଲାର ସର୍ବଶ୍ରେଷ୍ଠ କୃଷକ ଭାବେ ମାନ୍ୟତା ହାସଲ କରିଛନ୍ତି ଓ ଢେଙ୍କାନାଳ ଜିଲ୍ଲାକୁ ଗୌରାବାନ୍ୱିତ କରିଛନ୍ତି।ଏହି କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିଥିବା ଚାଷୀଙ୍କୁ କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହାନ ସିଧା ପ୍ରସାରଣ ମାଧ୍ୟମରେ ବିଭିନ୍ନ କୃଷି ଭିତ୍ତିକ ଯୋଜନା ବିଷୟରେ ସମ୍ବୋଧନ କରିଥିଲେ।ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ଅନ୍ୟାନ୍ୟ ବୈଜ୍ଞାନିକ ଓ କର୍ମକର୍ତ୍ତାମାନେ ଯୋଗଦେଇ କାର୍ଯ୍ୟକ୍ରମର ସଫଳ ରୂପାୟନ କରିଥିଲେ।





# ସିଟି କଟକ

## ଏସ୍‌ସିବି ମେଡିକାଲ
# ଏଆର୍‌ଆଇ ମେସିନ ଅଚଳ; ରୋଗୀ ହଇରାଣ

**● ନୂତନ ମେସିନ୍ ଏଯାଏଁ ଲାଗିଲାନି**

**● ପରୀକ୍ଷା ପାଇଁ କର୍କଟ କେନ୍ଦ୍ରରେ ଭିଡ଼**



କଟକ,୨୪।୧୨(ସମିସ)

ବଡ଼ ମେଡିକାଲର ଏମଆରଆଇ ମେସିନ ଅଚଳ ହେବା ଯୋଗୁଁ ସ୍ୱାସ୍ଥ୍ୟସେବା ବହୁମାତ୍ରାରେ ପ୍ରଭାବିତ ହେଲାଣି। ଗତ ସପ୍ତାହରୁ ମେସିନ ଅଚଳ ହୋଇ ପଡ଼ିଥିବା ସୂଚନା ମିଳିଛି। ଏମଆରଆଇ ପାଇଁ ରୋଗୀଙ୍କ ନାମ ଏଲଇଡି ସ୍କ୍ରିନ୍‌ରେ ଲେଖାଯାଉଥିଲେ ସୁଦ୍ଧା, ରୋଗୀଙ୍କୁ ପରୀକ୍ଷା କରାଇବା ପାଇଁ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ଯିବାକୁ ପଡୁଛି। ଏଭଳି ସମସ୍ୟା ଲାଗି ରହିଥିଲେ ସୁଦ୍ଧା ବଡ଼ ମେଡିକାଲ କର୍ତ୍ତୃପକ୍ଷ ଘଟଣାକୁ ହାଲୁକାରେ ନେଉଛନ୍ତି। ଏପରିକି ରୋଗୀ ସମସ୍ୟା ପ୍ରତି ଦୃଷ୍ଟି ଦେଉନାହାନ୍ତି ବୋଲି ଅଭିଯୋଗ ହେଉଛି। ବଡ଼ ମେଡିକାଲକୁ କିଛି ମାସ ପୂର୍ବେ ନୂତନ ଏମଆରଆଇ ମେସିନ ଅଣାଯାଇଥିଲା। ହେଲେ ଏହା ଏ ପର୍ଯ୍ୟନ୍ତ ଇନଷ୍ଟଲ କରାଯାଇନାହିଁ। କର୍ତ୍ତୃପକ୍ଷଙ୍କ ଏଭଳି ଅବହେଳା ରୋଗୀ ସମସ୍ୟାକୁ ବହୁଗୁଣିତ କରିଛି। ଏସ୍‌ସିବି ମେଡିକାଲରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ରୋଗୀ ଏମଆରଆଇ କରାଇଥାନ୍ତି। ଏଥିପାଇଁ ମେଡିକାଲର ନିଦାନ କେନ୍ଦ୍ର ପରିସରରେ ଏକ ଏମଆରଆଇ ମେସିନର ବ୍ୟବସ୍ଥା କରାଯାଇଛି। ଯାହାକି ପିପିପି ମୋଡରେ କାର୍ଯ୍ୟ କରୁଛି। ଏଠାରେ ପ୍ରତ୍ୟେକ ଦିନ ୩୦ରୁ ଅଧିକ ରୋଗୀ ଏମଆରଆଇ କରାଇଥାନ୍ତି ଏବଂ ଏହି ପରୀକ୍ଷା ପାଇଁ ପ୍ରାୟ ୨୦-୨୫ ମିନିଟ ସମୟ ଲାଗିଥାଏ। ହେଲେ ଆଜିକୁ ୧୦ରୁ ୧୨ ଦିନ ହେବ ଏହି ସେବା ବନ୍ଦ ରହିଛି। ମେଡିକାଲର ଜନୈକ କର୍ମଚାରୀ ଆଲୋଚନା ପ୍ରସଙ୍ଗରେ କହିଛନ୍ତି ଯେ ରୋଗୀ ସଂଖ୍ୟା ଅଧିକ ହେବା ଓ ଏମଆରଆଇ ମେସିନ ପୁରୁଣା ହୋଇ ଯିବାରୁ ଏପରି ସମସ୍ୟା ହୋଇଛି। ଯାହାଦ୍ୱାରା ମେସିନ ଭାର ସମ୍ଭାଳି ନପାରି ଖରାପ ହୋଇ ଯାଇଛି। ପ୍ରତିଦିନ ୩୦ରୁ ଅଧିକ ରୋଗୀଙ୍କୁ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରକୁ ପରୀକ୍ଷା ପାଇ ପଠାଯାଉଛି। ରୋଗୀ ସେଠାରେ ପରୀକ୍ଷା କରାଇବା ସହ ସେଠାରୁ ହିଁ ରିପୋର୍ଟ ସଂଗ୍ରହ କରିବାକୁ ମେଡିକାଲ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ମେଡିକାଲକୁ ଗତ କିଛି ମାସ ପୂର୍ବେ ନୂତନ ଏମଆରଆଇ ମେସିନ ଅଣା ଯାଇଛି। ହେଲେ ଏବେ ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇ ପାରିନାହିଁ। ଅନ୍ୟପଟେ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ଉପରେ ଏସ୍‌ସିବି ରୋଗୀ ଭାର ଲଦୁଥିବା ବେଳେ ସେଠାରେ ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସେ ଜଣାଇଛନ୍ତି।

## ବିଜେପି ବନ୍ଧୁମିଳନର ବାସି ଖାଦ୍ୟ ଖାଇ ୩ ଗୋରୁ ମୃତ

କଟକ,୨୪।୧୨(ସମିସ): ଭୋଜିର ବଳକା ବାସି ଖାଦ୍ୟ ଖାଇ ତିନୋଟି ଗୋରୁଙ୍କ ମୃତ୍ୟୁ ଘଟିବା ପରେ କଟକ ବୟାଳିଶମୌଜା ଅନ୍ତର୍ଗତ ଚାନ୍ଦୁଲି ଅଞ୍ଚଳରେ ଚର୍ଚ୍ଚା ହୋଇଛି। ଗତ ରବିବାର କଟକ ସଦର ବିଧାୟକ ପ୍ରକାଶ ସେଠୀଙ୍କ ତତ୍ତ୍ୱାବଧାନରେ ବଳି ପୀଠରେ ଉକ୍ତ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପ୍ରାୟ ୩ ହଜାର ଲୋକଙ୍କ ପାଇଁ ଭୋଜିର ବ୍ୟବସ୍ଥା କରାଯାଇଥିଲା। ତେବେ ବଳକା ଖାଦ୍ୟ ଓ ଅଇଁଠା ପତ୍ରକୁ ସଠିକ୍ ଭାବେ ପୋତିବା ପରିବର୍ତ୍ତେ ନଦୀପଠା ନିକଟରେ ଖୋଲା ଭାବେ ଫୋପାଡ଼ି ଦିଆଯାଇଥିଲା। ପରେ ପଚାସଢ଼ା ଅଖାଦ୍ୟ ଖାଇବାରୁ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ୨ଟି ଗାଇ ଏବଂ ଗୋଟିଏ ଷଣ୍ଢର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଖବର ପାଇ କଳପଡ଼ା ପ୍ରାଣୀ ଚିକିତ୍ସା କେନ୍ଦ୍ରର ଏକ ଡାକ୍ତରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲା ବେଳେ ବିଧାୟକ ଶ୍ରୀ ସେଠୀ ଗୋରୁ ହରାଇଥିବା ମାଲିକଙ୍କୁ ଭେଟି ସମବେଦନା ଜଣାଇଛନ୍ତି। କ୍ଷତିପୂରଣ ସ୍ୱରୂପ ସେ ମୃତ ଗାଇ ମାଲିକଙ୍କୁ ୩୦,୦୦୦ ଟଙ୍କା ଲେଖାଏଁ ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଉକ୍ତ ସ୍ଥାନରେ ପ୍ରତିଦିନ କୌଣସି ନା କୌଣସି ଭୋଜିଭାତର ଆୟୋଜନ ହେଉଛି। ଆବର୍ଜନାର ସଠିକ୍ ପରିଚାଳନା ପାଇଁ ପ୍ରଶାସନିକ ସ୍ତରରେ କୌଣସି ସ୍ଥାୟୀ ବ୍ୟବସ୍ଥା ନାହିଁ। ଆବର୍ଜନାକୁ ଖୋଲା ସ୍ଥାନରେ ଫିଙ୍ଗାଯାଉଥିବାରୁ ଏଭଳି ଅଘଟଣ ବାରମ୍ବାର ଘଟୁଛି। ପ୍ରଶାସନ ଏ ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ବିଡ଼ାନାସୀ ହତ୍ୟାକାଣ୍ଡ: ଅଭିଯୁକ୍ତକୁ ଆଜୀବନ ଜେଲ୍

କଟକ,୨୪।୧୨(ସମିସ): ବିଡ଼ାନାସୀ ଅଞ୍ଚଳରେ ଗତ ୨୦୧୩ରେ ଘଟିଥିବା ଏକ ଅଭାବନୀୟ ହତ୍ୟାକାଣ୍ଡ ମାମଲାରେ ଅଭିଯୁକ୍ତ ପ୍ରମୋଦଚନ୍ଦ୍ର ମହାନ୍ତି (୬୦) କୁ ଆଜୀବନ ଜେଲ ଓ ୫ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି କଟକର ପ୍ରଥମ ଅତିରିକ୍ତ ଦୌରା ଅଦାଲତ। ପାରିବାରିକ କଳହରୁ ନିଜ ବଡ଼ ଭାଇଙ୍କୁ ହତ୍ୟା କରିବା ଏବଂ ପତ୍ନୀଙ୍କୁ ମାରିବାକୁ ଉଦ୍ୟମ କରିବା ଭଳି ସଂଗୀନ ଅଭିଯୋଗରେ ତାଙ୍କ ବିରୋଧରେ କଟକର ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଅଦାଲତ ଏପରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଗତ ୨୦୧୩ ମସିହା ଏପ୍ରିଲ ୩ ତାରିଖ ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଅଭିଯୁକ୍ତ ପ୍ରମୋଦ ମହାନ୍ତି ପତ୍ନୀ ପୁଷ୍ପାଞ୍ଜଳିଙ୍କ ଝଗଡ଼ା କରିବା ସହ ତାଙ୍କ ବେକ ଚିପି ହତ୍ୟା କରିବାକୁ ଧମକ ଦେଉଥିଲେ। ଏହି ସମୟରେ ପତ୍ନୀ ଓ ତାଙ୍କ ପରିବାର ଲୋକଙ୍କ ଚିତ୍କାର ଶୁଣି ଅଭିଯୁକ୍ତର ବଡ଼ଭାଇ ପ୍ରଭାତଚନ୍ଦ୍ର ମହାନ୍ତି ଏବଂ ପରିବାରର ଅନ୍ୟ ସଦସ୍ୟମାନେ ସେଠାରେ ପହଞ୍ଚି ପୁଷ୍ପାଞ୍ଜଳିଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ମାତ୍ର ପ୍ରମୋଦ ଉତକ୍ଷିପ୍ତ ହୋଇ ଏକ ଛୁରି ସାହାଯ୍ୟରେ ବଡ଼ ଭାଇ ପ୍ରଭାତଙ୍କ ପେଟକୁ ଶକ୍ତ ଆଘାତ କରିଥିଲେ। ଗୁରୁତର ଅବସ୍ଥାରେ ପ୍ରଭାତଙ୍କୁ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ୨୦୧୩ ଏପ୍ରିଲ ୫ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ପତ୍ନୀ ପୁଷ୍ପାଞ୍ଜଳି ମହାନ୍ତି ବିଡ଼ାନାସୀ ଥାନାରେ ଏତଲା ଦେଇଥିଲେ। ପୁଲିସ ଘଟଣାର ତଦନ୍ତ କରି ସାକ୍ଷୀମାନଙ୍କ ବୟାନ ରେକର୍ଡ କରିବା ସହ ଘଟଣାସ୍ଥଳରୁ ହତ୍ୟାରେ ବ୍ୟବହୃତ ଛୁରୀ, ମୃତକଙ୍କ ରକ୍ତ ଭିଜା ପୋଷାକ ଏବଂ ଅନ୍ୟାନ୍ୟ ପ୍ରମାଣ ଜବତ କରିଥିଲା। ତଦନ୍ତ ଶେଷରେ ଅଭିଯୁକ୍ତଙ୍କ ବିରୋଧରେ ଆଇପିସି ଧାରା ୩୦୨ (ହତ୍ୟା) ଏବଂ ୩୦୭ (ହତ୍ୟା ଉଦ୍ୟମ) ଅନୁଯାୟୀ ପୁଲିସ ଚାର୍ଜସିଟ୍ ଦାଖଲ କରିଥିଲା। ସାକ୍ଷୀ ପ୍ରମାଣକୁ ଦୃଷ୍ଟିରେ ରଖି ଅଦାଲତ ଆଇପିସିର ଧାରା ୩୦୪ ପାର୍ଟ-୧ ଓ ୩୨୩ରେ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ରାନୁ ସ୍ୱବେଦ କୁମାର ଏବଂ ସହଯୋଗୀ ଆଇନଜୀବୀ ସୌରଭ ସାମଲ ପରିଚାଳନା କରୁଥିଲେ।

## ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀଙ୍କ ପରଲୋକ



କଟକ,୨୪।୧୨(ସମିସ): ଓଡ଼ିଶା ପ୍ରଶାସନିକ ସେବା ଜଗତର ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ତଥା ଅବସରପ୍ରାପ୍ତ ବରିଷ୍ଠ ଆଇଏଏସ ଅଧିକାରୀ ଅଶୋକ କୁମାର ତାରେଣିଆ ଆଉ ଇହଜଗତରେ ନାହାନ୍ତି। ଆଜି ଅପରାହ୍ନରେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୧ ବର୍ଷ ବୟସ ହୋଇଥିଲା। ଜଣେ ନିଷ୍ଠାପର ଏବଂ ଦକ୍ଷ ପ୍ରଶାସକ ଭାବେ ଶ୍ରୀ ତାରେଣିଆ ରାଜ୍ୟ ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରି ବେଶ୍ ସୁନାମ ଅର୍ଜନ କରିଥିଲେ। ତାଙ୍କର କାର୍ଯ୍ୟଦକ୍ଷତା ଏବଂ ଜନସାଧାରଣଙ୍କ ପ୍ରତି ଥିବା ସହାନୁଭୂତିଶୀଳ ମନୋଭାବ ପାଇଁ ସେ ସବୁବେଳେ ସ୍ମରଣୀୟ ହୋଇ ରହିବେ। ତାଙ୍କର ଏହି ବିୟୋଗ ଖବର ପ୍ରଚାରିତ ହେବା ପରେ ପ୍ରଶାସନିକ ସ୍ତରଠାରୁ ଆରମ୍ଭ କରି ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଅନେକ ବରିଷ୍ଠ ଅଧିକାରୀ, ରାଜନେତା ଏବଂ ବୁଦ୍ଧିଜୀବୀ ତାଙ୍କ ପରଲୋକରେ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଓଡ଼ିଶାର ପ୍ରଶାସନିକ କ୍ଷେତ୍ରରେ ତାଙ୍କର ଅବଦାନ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି, ଯାହା ପୂରଣ ହେବା ଅସମ୍ଭବ।

## ସମ୍ବାଦପତ୍ର ବିକ୍ରେତା ସଂଘର ବୈଠକ



କଟକ,୨୪।୧୨(ସମିସ): ସମ୍ବାଦପତ୍ର ବିକ୍ରେତା ସଂଘର ବୈଠକ ବାରବାଟୀ ଷ୍ଟାଡିଅମଠାରେ ଅନୁଷ୍ଠିତ ହୋଇଯାଇଛି। ଜାନୁଆରୀ ୨୬ ତାରିଖ ତାରାତାରିଣୀ, ଗୋପାଳପୁର ସି ବିଚ, ବ୍ରହ୍ମପୁର ସିଟି ଆଦି ବିଭିନ୍ନ ସ୍ଥାନ ପରିଭ୍ରମଣ ନେଇ ସ୍ଥିର ହୋଇଛି। ସଂଘର ଉପସଭାପତି ପିତାମ୍ବର ବେହେରା, ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହସମ୍ପାଦକ ପ୍ରଶାନ୍ତ ସାହୁ, ମିଡ଼ିଆ ସେଲ ଅଧ୍ୟକ୍ଷ ପ୍ରଭାସ ପ୍ରଧାନ, କମିଟି ସଭ୍ୟ କେ ବେଣୁ ରାଓ, କାର୍ତ୍ତିକ ବେହେରା, ଉମେଶ ସାହୁ, ଦୁର୍ଗା ପ୍ରସାଦ ଛାଟୋଇ, ଦୀପ୍ତିରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଆଇଡବ୍ଲୁଏଲ୍‌ର ଏନ୍‌ଏଫ୍‌ଏର ଜୟଯାତ୍ରା ଜାରି

**● ସେସା ଏକାଡେମୀକୁ ୬-୧ ଗୋଲ୍‌ରେ ହରାଇଲା**



କଟକ,୨୪।୧୨(ସମିସ): ପଶ୍ଚିମବଙ୍ଗର କୋଲକାତାସ୍ଥିତ ନ୍ୟାସନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଆଇଡବ୍ଲୁଏଲର ଏକ ମ୍ୟାଚ୍‌ରେ ଓଡ଼ିଶାର ନୀତା ଫୁଟବଲ ଏକାଡେମୀ (ଏନଏଫଏ) ଚମତ୍କାର ପ୍ରଦର୍ଶନ କରି ଗୋଆର ସେସା ଫୁଟବଲ ଏକାଡେମୀକୁ ୬-୧ ଗୋଲ୍‌ରେ ପରାସ୍ତ କରିଛି। ଏହି ବିଜୟ ସହ ନୀତା ଫୁଟବଲ ଏକାଡେମୀ ଟୁର୍ଣ୍ଣାମେଣ୍ଟରେ ନିଜର ଦବଦବା ଜାରି ରଖିଛି। ଆଜିର ମ୍ୟାଚ୍ ଆରମ୍ଭରୁ ହିଁ ଏନଏଫଏର ଖେଳାଳିମାନେ ଆକ୍ରମଣାତ୍ମକ ଶୈଳୀ ଆପଣାଇଥିଲେ। ଦଳର ତାରକା ଖେଳାଳି ପ୍ୟାରୀ ଖାଖା ଶାଣିତ ପ୍ରଦର୍ଶନ କରି ମ୍ୟାଚ୍‌ରେ ୩ଟି ଗୋଲ୍ ସ୍କୋର କରି ନିଜର ହାଟ୍ରିକ୍ ପୂରଣ କରିଥିଲେ। ତାଙ୍କ ବ୍ୟତୀତ ଅମିରାତୁ ୨ଟି ଗୋଲ୍ ଦେଇଥିବା ବେଳେ ଭୂମିକା ଗୋଟିଏ ଗୋଲ୍ କରି ଦଳକୁ ବୃହତ ବିଜୟରେ ଯୋଗଦାନ ଦେଇଥିଲେ। ଅପରପକ୍ଷରେ, ସେସା ଏକାଡେମୀ ପକ୍ଷରୁ ଡାଏନା ଆଣ୍ଡ୍ରି ଏକମାତ୍ର ସାନ୍ତ୍ୱନାମୂଳକ ଗୋଲ୍ ଦେବାରେ ସଫଳ ହୋଇଥିଲେ। ଦଳର ଏହି ସଫଳତା ପଛରେ ଏନଏଫସି କୋଚ୍ ତଥା ଏଏଫସି ଲାଇସେନ୍ସପ୍ରାପ୍ତ ପ୍ରଶିକ୍ଷକ ପାରମିତା ସିର୍‌ଙ୍କ ରଣନୀତି ଏବଂ ମହମ୍ମଦ ଶାହିଦ୍ ଜବାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଦଳର ଏହି ସଫଳତା ପାଇଁ ଚେୟାରମ୍ୟାନ୍ ସୁବ୍ରତ ଦାସ, ସାଧାରଣ ସମ୍ପାଦକ ଅରୁଣ ପରିଜା ଏବଂ ମେଣ୍ଟର ସମରେନ୍ଦ୍ର ପ୍ରତାପ ସ୍ୱାଇଁ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନରେ ବାର୍ଷିକ କ୍ରୀଡ଼ା

କଟକ,୨୪।୧୨(ସମିସ): କଟକ ସ୍ଥିତ ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନରେ ବାର୍ଷିକ କ୍ରୀଡ଼ା ଦିବସର ଉଦ୍‌ଯାପନୀ ସମାରୋହ ଅଧ୍ୟକ୍ଷ ପ୍ରଫେସର ସତ୍ୟନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଟକର ସହାୟକ ପୁଲିସ ଆୟୁକ୍ତ ଅମିତାଭ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଭାସ୍କର୍ଯ୍ୟ ଶିଳ୍ପୀ ରବି ରଥ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ତପସ୍ୱିନୀ ପାଣିଗ୍ରାହୀ ମଞ୍ଚ ସଞ୍ଚାଳନ କରିଥିଲେ। କ୍ରୀଡ଼ା ପ୍ରଶିକ୍ଷକ ଅମନ କୁମାର ଛାତ୍ରଛାତ୍ରୀଙ୍କୁ ପ୍ରେରଣାଦାୟୀ ବାର୍ତ୍ତା ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ କ୍ରୀଡ଼ାଧିକାରୀ ଡକ୍ଟର ନିରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ସଂସ୍ଥାନର ଅଧ୍ୟାପକ ଡ. ଅର୍ଜୁନ ନାଏକ, ଡ. ପ୍ରୀତିପ୍ରଜ୍ଞା, ଡ. ପ୍ରିୟଙ୍କା ସ୍ୱାଇଁଙ୍କ ସମେତ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସଫଳ କରାଇଥିଲେ।


## ଡ୍ରିମ୍ସ ମେଡିକାଲ କଲେଜ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



କଟକ,୨୪।୧୨(ସମିସ): ଡ୍ରିମ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ ହେଲଥ ସାଇନ୍ସ ଓ ହସ୍ପିଟାଲର ତିନିଦିନିଆ ବାର୍ଷିକ କ୍ରୀଡା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ଶତାଧିକ ଏମ୍‌ବିବିଏସ୍ ଛାତ୍ରଛାତ୍ରୀ ପ୍ରତିଭା ପ୍ରଦର୍ଶନ କରିଥିଲେ। ଉଭୟ ବାଳକ ଓ ବାଳିକା ବର୍ଗରେ ଦୌଡ, ରିଲେ ଦୌଡ, ଦୂରଡିଆଁ, ଡିସକସ୍, ସର୍ଟପୁଟ୍ ଥ୍ରୋ, ଚେସ୍, କ୍ୟାରମ୍, କ୍ରିକେଟ୍, ଭଲିବଲ ଓ ଦଉଡି ଟଣା ଆଦି ଖେଳକୁଦ ସ୍ଥାନ ପାଇଥିଲା। ୧୦ ଓଭର ବିଶିଷ୍ଟ କ୍ରିକେଟ ମ୍ୟାଚରେ ୩ୟ ବର୍ଷର ଛାତ୍ର ପ୍ରଥମ ବର୍ଷ ଛାତ୍ରଙ୍କୁ ୬ ରନ୍‌ରେ ହରାଇ ଚାମ୍ପିଅନ୍ ଟ୍ରଫି ହାସଲ କରିଥିଲେ। ଏଥିରେ କୀର୍ତ୍ତି ଦୀପନ ଭୋଳ 'ମ୍ୟାନ୍ ଅଫ ଦି ମ୍ୟାଚ୍' ହେବାର ଗୌରବ ହାସଲ କରିଥିଲେ। ସେହିପରି ବାଳିକା ବର୍ଗ କ୍ରିକେଟ୍‌ରେ ୩ୟ ବର୍ଷର ଛାତ୍ରୀ ଚାମ୍ପିଅନ୍ ହୋଇଥିଲେ। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ଶାରୀରିକ ଓ ମାନସିକ ସୁସ୍ଥତା ଲାଗି ଖେଳକୁଦର ବିଶେଷ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଶ୍ୱବିଦ୍ୟାଳୟର ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ ମୁଖ୍ୟଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। 'ଡିନ୍' ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର ଉତ୍ସବରେ ପୌରହିତ୍ୟ କରିବା ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରଫେସର ଡା. ଧୀରେନ୍ଦ୍ର ନାଥ ମହାରଣା, ପ୍ରଫେସର ଡା. ରଞ୍ଜନ କୁମାର ଦାସ, ପ୍ରଫେସର ଡା. ନିରୂପମା ଚୟନୀଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ ପୁରସ୍କାର ବିତରଣ ସହ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଡା. ମନୋରଞ୍ଜନ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ନନ୍ଦନକାନନରେ 'ବଡ଼ଦିନ' ଓ 'ନୂଆବର୍ଷ' ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି

**ପର୍ଯ୍ୟଟକଙ୍କ ସୁରକ୍ଷା ଓ ସୁବିଧା ପାଇଁ କର୍ତ୍ତୃପକ୍ଷଙ୍କ ବ୍ୟାପକ ବ୍ୟବସ୍ଥା**




ବାରଙ୍ଗ,୨୪।୧୨(ସମିସ): ପର୍ଯ୍ୟଟନ ଋତୁର ଆରମ୍ଭ ସହିତ ବିଶ୍ୱପ୍ରସିଦ୍ଧ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ପର୍ଯ୍ୟଟକଙ୍କ ସଂଖ୍ୟା ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି। ଆଗକୁ ବଡ଼ଦିନ ଏବଂ ନୂଆବର୍ଷ ଥିବାରୁ ଏଠାରେ ପ୍ରବଳ ଭିଡ଼ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ନନ୍ଦନକାନନ କର୍ତ୍ତୃପକ୍ଷ ପର୍ଯ୍ୟଟକଙ୍କ ସୁବିଧା ଓ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଛନ୍ତି। ନନ୍ଦନକାନନର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଦେଶ-ବିଦେଶାଗତ ପଶୁପକ୍ଷୀଙ୍କୁ ଦେଖିବାକୁ ଆସୁଥିବା ପର୍ଯ୍ୟଟକ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ, ସେଥିପାଇଁ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ପର୍ଯ୍ୟଟକଙ୍କ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଆବଶ୍ୟକ ସ୍ଥଳେ ଅତିରିକ୍ତ ଟିକେଟ କାଉଣ୍ଟର ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଚୋର ଓ ପକେଟମାରଙ୍କ ପ୍ରାଦୁର୍ଭାବରୁ ଯାତ୍ରୀଙ୍କୁ ସୁରକ୍ଷା ଦେବା ପାଇଁ ପ୍ରାଣୀଉଦ୍ୟାନ ପରିସରରେ ସାଧା ପୋଷାକଧାରୀ ପୁଲିସ ନିୟୋଜିତ ରହିବେ। ବିଶେଷ କରି ବାଘ ଖୁଆଡ଼ ଏବଂ ସରୀସୃପ ଉଦ୍ୟାନ ଭଳି ଅଧିକ ଭିଡ଼ ହେଉଥିବା ସ୍ଥାନରେ ଅଧିକ ପୁଲିସ ଫୋର୍ସ ମୁତୟନ କରାଯିବ। ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ସିସିଟିଭି କ୍ୟାମେରା ଲଗାଯାଇ ପ୍ରତିଟି ଗତିବିଧି ଉପରେ କଡ଼ା ନଜର ରଖାଯିବ। ଉଦ୍ୟାନ ଭିତରକୁ କୌଣସି ବାହାର ଗାଡ଼ି ପ୍ରବେଶ ଉପରେ କଟକଣା ଜାରି କରାଯାଇଥିବା ବେଳେ କେବଳ ପାଟ୍ରୋଲିଂ ଓ ଜରୁରୀକାଳୀନ ଗାଡ଼ିକୁ ଅନୁମତି ମିଳିବ। ଏଥିସହ ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମ ସେଡ୍ ଏବଂ ପର୍ଯ୍ୟାପ୍ତ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ମୁଖ୍ୟ ପ୍ରବେଶ ଓ ପ୍ରସ୍ଥାନ ପଥର ଉନ୍ନତିକରଣ କାର୍ଯ୍ୟ ଶେଷ ହୋଇଥିବାରୁ ପର୍ଯ୍ୟଟକମାନେ ସହଜରେ ଯା'ଆସ କରିପାରିବେ। ସାହାଯ୍ୟ କରିବା ପାଇଁ ପ୍ରାଣୀ ଉଦ୍ୟାନର ସିକ୍ୟୁରିଟି ଗାର୍ଡ ଏବଂ ସ୍ୱତନ୍ତ୍ର ଭଲ୍ୟୁଣ୍ଟିଅରମାନେ ମୁତୟନ ରହିବେ। ଯଦି କୌଣସି ପର୍ଯ୍ୟଟକ ଅସୁସ୍ଥ ହୁଅନ୍ତି, ସେମାନଙ୍କ ତୁରନ୍ତ ଚିକିତ୍ସା ପାଇଁ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ମଧ୍ୟ ପ୍ରସ୍ତୁତ ରହିବେ। କୌଣସି ଅପ୍ରୀତିକର ପରିସ୍ଥିତିର ମୁକାବିଲା କରିବା ପାଇଁ ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ ଦଳକୁ ସଜାଗ ରଖାଯାଇଥିବା ନେଇ ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ଆଜି ବଡ଼ଦିନ;
# ଚର୍ଚ୍ଚ ଉତ୍ସବମୁଖର

କଟକ,୨୪।୧୨(ସମିସ): ଡିସେମ୍ବର ୨୫ ତାରିଖ ମଧ୍ୟରାତ୍ରିରେ ଧରାବତାରଣ କରିବେ ପ୍ରଭୁ ଯୀଶୁଖ୍ରୀଷ୍ଟ। ପ୍ରଭୁ ଯୀଶୁଙ୍କ ଜନ୍ମଦିବସକୁ ପାଳନ କରିବାକୁ ଅପେକ୍ଷାରେ ରହିଛନ୍ତି ଶ୍ରଦ୍ଧାଳୁ। ଖ୍ରୀଷ୍ଟଧର୍ମାବଲମ୍ବୀ ଭାଇଭଉଣୀଙ୍କ ମଧ୍ୟରେ ଦେଖିବାକୁ ମିଳିଛି ଉତ୍ସାହ। ସହରର ୨ଟି ପ୍ରମୁଖ ଚର୍ଚ୍ଚ ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚ ଏବଂ ହୋଲି ରୋଜାରି କ୍ୟାଥୋଡ୍ରାଲ ଚର୍ଚ୍ଚ ପକ୍ଷରୁ ବଡ଼ଦିନ ପାଳନ ନିମନ୍ତେ ପ୍ରସ୍ତୁତି ଜୋରଦାର ହୋଇଛି। ଏହି ବଡ଼ ପର୍ବକୁ ଏଥର ଧୁମଧାମ୍ ପାଳନ କରାଯିବ। ଚର୍ଚ୍ଚ ବାହାରେ ପ୍ରଭୁଙ୍କର ଗୁହାଳ ଘର ନିର୍ମାଣ ହୋଇଛି। ଚର୍ଚ୍ଚ ମଧ୍ୟରେ ପ୍ରାୟ ୨ ହଜାର ଖ୍ରୀଷ୍ଟ ଧର୍ମାବଲମ୍ବୀ ସମୂହ ପ୍ରାର୍ଥନା କରିବେ। ଏଥିନିମନ୍ତେ ୭-୮ ଜଣ ଚର୍ଚ୍ଚର ସଦସ୍ୟମାନଙ୍କୁ ନେଇ ଗଠିତ ହୋଇଥିବା ଏକ ଦଳ କ୍ୟାରୋଲ୍ ଗାନ କରିବେ। ଚର୍ଚ୍ଚ ପରିସର ରଙ୍ଗ ଦିଆଯିବା ସହ ଆଲୋକମାଳାରେ ସଜେଇ ହୋଇ ସୁନ୍ଦର ଦିଶୁଛି।










# ରାୟଗଡ଼ା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ରାୟଗଡା,୨୪।୧୨(ସମିସ): ରାୟଗଡ଼ା ମହାବିଦ୍ୟାଳୟର ତିନି ଦିନ ବ୍ୟାପୀ ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଆଜି ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ଯଥା, ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଡିସ୍କାସ, ଜାଭଲିନ, ସର୍ଟପୁଟ, କବାଡି, ଖୋଖୋ, ରିଲେ ରେସ, ଭଲିବଲ୍ ଇତ୍ୟାଦି ପ୍ରତିଯୋଗିତା ହୋଇଥିଲା। ମା' ମାଝୀଘରିଆଣି ମନ୍ଦିରରୁ ମଶାଲ ଶୋଭାଯାତ୍ରା ଆସିବା ପରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଅଧକ୍ଷା ଡ. ସରସ୍ୱତୀ ରାୟ ଛାତ୍ରଛାତ୍ରୀ ମାନଙ୍କୁ ସକରାତ୍ମକ ମନବୃତ୍ତି ସହ ଖେଳିବା ପାଇଁ ପ୍ରୋତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନବୀନ ଚନ୍ଦ୍ର ନାଏକ ଯୋଗ ଦେଇଥିଲେ। ବିଜୟୀ ପ୍ରତିଯୋଗୀଙ୍କ ପୁରସ୍କୃତ କରାଯାଇଥଲା। ସେମାନେ ହେଲେ, ରେବତୀ ମାଝୀ, ବି. ରାମ ଚରଣ, ଦୀପିକା ବିଡ଼ିକା, କିଶାନ କୁମାର ପ୍ରଧାନୀ । ପ୍ରଥମ ପର୍ଯ୍ୟାୟରେ ମଞ୍ଚ ପରିଚାଳନା କରିଥିଲେ ସ୍ନାତକୋତ୍ତର ପରିଷଦ ସଭାପତି ପି. ଅରୁଣ କୁମାର ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ମଞ୍ଚ ପରିଚାଳନା କରିଥିଲେ ଲେଫ୍ଟେନାଣ୍ଟ ଉଦୟ ନାଏକ ଓ ସମଗ୍ର କ୍ରୀଡ଼ା କାର୍ଯ୍ୟକ୍ରମର ଦାୟିତ୍ୱ ନେଇଥିଲେ କ୍ରୀଡ଼ା ପରିଷଦର ସଭାପତି ଟିକେଶ୍ୱର ମାଝୀ ଏବଂ ଉପସଭାପତି ଅଶୋକ ସାହୁ, ନୀତି ମିନିଆକା, ଶ୍ରୁତି ଦିପାଳୀ ସାମଲ, ମନ୍ମଥ ଟୋଇକା, ସ୍ନେହାଞ୍ଜଳି ପାଣ୍ଡେ, ଏବିଭି ଗୁପ୍ତା, ପିଣ୍ଟୁ କାଡ୍ରାକା ଓ କାର୍ଯ୍ୟକ୍ରମର ସଫଳତାରେ ସହାୟତା କରିଥିଲେ ପି ଜ୍ୟୋତି, ସୁବ୍ରତ ପ୍ରଧାନ, ଭବେଶ ମହାନ୍ତି, ରମେଶ ହୁଇକା ଓ ଅଜୟ ରାଇତା। ବିଶେଷ ଭାବେ ସହାୟତା କରିଥିଲେ କ୍ରୀଡ଼ା ଶିକ୍ଷକ ଆଶିଷ ପୂଜାରୀ ଏବଂ ନାଗମଣି କୁମ୍ଭାର। ଶେଷରେ କାର୍ଯ୍ୟକ୍ରମର ସଫଳତା ପାଇଁ କଲେଜ ଅଧକ୍ଷା ଡ. ସରସ୍ୱତୀ ରାୟ ସମସ୍ତଙ୍କୁ କୃତଜ୍ଞତା ଜଣାଇ ଥିଲେ।

## ଘର ଭିତରୁ ବୃଦ୍ଧାଙ୍କ ଦଗ୍ଧ ମୃତଦେହ ଉଦ୍ଧାର ଘଟଣା

# ୩ ନାବାଳକ ସହ ୪ ଧରାପଡ଼ିଲେ



ମୁନିଗୁଡ଼ା,୨୪।୧୨(ସମିସ) : ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଳା ଥାନା ଅନ୍ତର୍ଗତ କୁମୁଡ଼ାବାଲି ଗାଁରେ ଜଣେ ବୃଦ୍ଧାଙ୍କ ଦଗ୍ଧ ମୃତଦେହ ଉଦ୍ଧାର ଘଟଣାରେ ଅମ୍ବାଦୋଳା ପୁଲିସ ୩ ନାବାଳକଙ୍କ ସମେତ ୪ଜଣ ଧରିବାରେ ସଫଳ ହୋଇଛି। ସାନ କୁମୁଡାବାଲିର ଅନୀଲ ବାଗ ଏହି ଘଟଣାରେ ମାଷ୍ଟର ମାଇଣ୍ଡ ବୋଲି ପୁଲିସ ପ୍ରକାଶ କରିଛି। ସୂଚନାଯୋଗ୍ୟଯେ ଅମ୍ବାଦଳା ଥାନା ଅମ୍ଲାଭଟା ପଞ୍ଚାୟତ ଷ୍ଟେସନ କୁମୁଡ଼ାବାଲି ଗ୍ରାମର ଚନ୍ଦନ ତୁଲା ଡଙ୍ଗରିଙ୍କୁ ଗତ ୨୦ ତାରିଖରେ ସଂପୂର୍ଣ ପୋଡାଦେହ ଉଦ୍ଧାର ହୋଇଥିଲା। ବୃଦ୍ଧାଙ୍କ ଆଣ୍ଠୁ ତଳ ଦୁଇ ଗୋଡକୁ ଛାଡିଲେ ଅନ୍ୟାନ୍ୟ ଶରୀର ସଂପୂର୍ଣ ପୋଡି ପାଉଁଶ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ଘଟଣା ସମ୍ପର୍କରେ ଖବର ପାଇ ରାୟଗଡା ପୁଲିସ ଘଟଣାରେ ତନାଘନା କରି ମାତ୍ର ୩ ଦିନରେ ହତ୍ୟାକାଣ୍ଡ ଘଟଣାର ପର୍ଦାଫାସ କରିଥିଲା। ୧୯ ତାରିଖ ରାତିରେ ଅନୀଲ ବାଗ ଏବଂ ୩ଜଣ ନାବାଳକ କୁମୁଡାବାଲିର ଏକ ଅଙ୍ଗନାବାଡି କେନ୍ଦ୍ର ଓ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରୁ ଚୋରି କରିଥିଲେ। ଏହା ପରେ ବୃଦ୍ଧାଙ୍କ ଘରୁକୁ ଚୋରି କରିବାକୁ ଆସି ପ୍ରଥମେ ଧକ୍କା ଦେଇ କବାଟ ଭାଙ୍ଗିଦେଇଥିଲେ। ଦୁଇଜଣ ନାବାଳକ ଗୃହ ମଧ୍ୟକୁ ପ୍ରବେଶ କରି ବୃଦ୍ଧାଙ୍କ ମୁହଁରେ ଗାମୁଛା ବାନ୍ଧି ଦେଇ ପିନ୍ଧିଥିବା ସୁନାକୁ ଟାଣି ନେଇଥିଲେ। କିନ୍ତୁ ବୃଦ୍ଧା ଜଣଙ୍କ 'ମୁଁ ତୁମ ମାନଙ୍କୁ ଚିହ୍ନିଛି କହିବା' ସହ ପାଟି କରିବାରୁ ସେମାନେ ସାଙ୍ଗରେ ଆଣିଥିବା ଛୁରିରେ ବୃଦ୍ଧାଙ୍କ ଗଳା କାଟି ଦେଇଥିଲେ ଏବଂ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ପ୍ରବଳ ରକ୍ତସ୍ରାବ ଯୋଗୁଁ ବୃଦ୍ଧାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଘଟଣାପରେ ଅଭିଯୁକ୍ତ ମାନେ ବୃଦ୍ଧାଙ୍କ ଶାଢୀ ଏବଂ ଅନ୍ୟାନ୍ୟ ଲୁଗା ପକାଇ ନିଆଁ ଲଗାଇ ଦେଇଥିଲେ। ହତ୍ୟାକାଣ୍ଡରେ ବ୍ୟବହାର ହୋଇଥିବା ଛୁରୀ ଉଦ୍ଧାର କରିବା ସହ ଚୋରି ସାମଗ୍ରୀ ଉଦ୍ଧାର କରିଥିବା ଜଣାପଡିଛି। ନାବାଳକ ମାନଙ୍କୁ ଭବାନୀପାଟଣା ସ୍ଥିତ ସ୍ୱଧାର ଗୃହକୁ ପଠାଇଥିବା ପୁଲିସ ସୂଚନା ଦେଇଛି।

# ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ଗୁରୁତର



କୋଷାଗୁମୁଡ଼ା,୨୪।୧୨(ସମିସ): ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ପାପଡ଼ାହାଣ୍ଡି ମୁଖ୍ୟରାସ୍ତା ଦାନିଗୁଡ଼ା ନିକଟରେ ବୁଧବାର ସନ୍ଧ୍ୟା ୭ଟା ସମୟରେ ଟ୍ରକ୍ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଥିବା ସୂଚନା ମିଳିଛି। ଗୁରୁତର ଯୁବକ ଜଣକ କୋଡ଼ିଙ୍ଗା ପଞ୍ଚାୟତ ନୂଆଁଗୁଡ଼ା ଗ୍ରାମର ଭୀମ ଭତ୍ରା(୨୮)। ମିଳିଥିବା ସୂଚନା ଅନୁଯାୟୀ ଭୀମ ନିଜ ମୋଟର ସାଇକେଲରେ ମାଲେକୋଟ ଗ୍ରାମରେ ଏକ ଦଶାହ କାର୍ଯ୍ୟରେ ଯୋଗଦେଇ ସନ୍ଧ୍ୟା ୭ଘଣ୍ଟା ସମୟରେ ଘରକୁ ଫେରୁଥିଲା। ଅପରପକ୍ଷେ କୋଡ଼ିଙ୍ଗା ଠାରୁ ଏକ ମକା ବୋଝେଇ ଟ୍ରକ ଓଡ଼ି୧୬ଏଫ୍ ୮୪୬୩ ସହ ଦାନିଗୁଡ଼ା ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଭୀମ ରାସ୍ତାରେ ଟଳି ପଡ଼ିବା ସହ ମୁଣ୍ଡ ମୁହଁ ଗୋଡ ହାତରେ ଗୁରୁତର ଆଘାତ ଲାଗିଛି। ସୂଚନା ପାଇ କୋଡ଼ିଙ୍ଗା ପୋଲିସ ଘଟଣାସ୍ଥଳ ପହଞ୍ଚି ଆହତଙ୍କୁ ପୋଲିସ ଗାଡ଼ିରେ ଚିକିତ୍ସା ପାଇଁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପଠେଇ ଦେବା ସହ ମକା ବୋଝେଇ ଟ୍ରକକୁ କୋଡ଼ିଙ୍ଗା ଥାନାରେ ଅଟକ ରଖିଥିବା କୋଡ଼ିଙ୍ଗା ଥାନା ଅଧିକାରୀ ଯୁଗଳ ଶବର ସୂଚନା ଦେଇଥିଲେ।

# ଗଛ ପଡି ଦମ୍ପତି ଗୁରୁତର

ଡାବୁଗାଁ, ୨୪।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଧୀନ ଚଚରାଗୁଡା ଗ୍ରାମରେ ଗଛ ପଡି ସ୍ୱାମୀ ଓ ସ୍ତ୍ରୀ ଗୁରୁତର ହୋଇଛନ୍ତି। ବୁଧବାର ସନ୍ଧ୍ୟାରେ ଡାବୁଗାଁ ଥାନାରେ ଏ ନେଇ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ମଙ୍ଗଳବାର ଅପରାହ୍ନରେ ଡାବୁଗାଁ ବ୍ଲକ ଅଧୀନ ଚିଚିବାଇ ଗ୍ରାମର ଗୁଞ୍ଜୁ ଜାନୀ ଓ ତାଙ୍କ ସ୍ତ୍ରୀ ମୁକ୍ତା ଜାନୀ ନିଜ ମୋଟର ସାଇକେଲ ନଂ ଓଡି ୨୪ ଜେ ୨୨୮୯ ଯୋଗେ ଯାଉଥିବା ବେଳେ ଗଛ ପଡ଼ି ଆହତ ହୋଇଥିଲେ। ସ୍ୱାମୀର ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି।

● ବାଂଲାଦେଶରେ ହିନ୍ଦୁଙ୍କୁ ହତ୍ୟାର ପ୍ରତିବାଦ

# ହିନ୍ଦୁ ସମାଜ ପକ୍ଷରୁ ଶୋଭାଯାତ୍ରା



ଜୟପୁର,୨୪।୧୨(ସମିସ): ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ଉପରେ ଆକ୍ରମଣ ଓ ସାମ୍ପ୍ରଦାୟିକ ହିଂସାକୁ ଜୟପୁର ଠାରେ ପ୍ରତିବାଦ କରାଯାଇଛି। ଆଜି ସନ୍ଧ୍ୟାରେ ହିନ୍ଦୁ ସମାଜ ପକ୍ଷରୁ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିବା ପରେ ରଥପଡିଆ ନିକଟରେ ବାଂଲାଦେଶ ଶାସନ ମୁଖ୍ୟ ମହମ୍ମଦ ୟୁନୁସଙ୍କ କୁଶପୁତ୍ତଳିକା ଦାହ କରିବା ସହ ଉକ୍ତ ଦେଶର ପତାକା ନିଆଁରେ ପୋଡିଥିଲେ। ବାଂଲାଦେଶରେ ମିଥ୍ୟା ଅଭିଯୋଗରେ ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା କରାଯାଇଥିଲା। ଯାହା ବିରୋଧରେ ବିକ୍ଷୋଭକାରୀମାନେ ନ୍ୟାୟ ଦାବି କରିଥିଲେ। ହିନ୍ଦୁ ସମାଜ କର୍ମକର୍ତ୍ତା ମାନେ ହାଇକମିଶନ ନିକଟରେ ଏକାଠି ହୋଇ ବାଂଲାଦେଶରେ ହିନ୍ଦୁଙ୍କ ଉପରେ ହେଉଥିବା ଆକ୍ରମଣକୁ ନିନ୍ଦା କରିଥିଲେ। ବିକ୍ଷୋଭକାରୀ ମାନେ ସ୍ୱର୍ଗତ ଦୀପୁ ଚନ୍ଦ ଦାସଙ୍କ ପାଇଁ ନ୍ୟାୟ ପ୍ରଦାନ କରିବା ସହ ବାଂଲାଦେଶ କର୍ତ୍ତୃପକ୍ଷ ସଂଖ୍ୟାଲଘୁ ସଂପ୍ରଦାୟକୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ଅଭିଯୋଗ କରିଛନ୍ତି। ଭାରତ ସରକାରଙ୍କୁ ହିନ୍ଦୁ ମାନଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ଅନୁରୋଧ କରିବା ସହ ବେଆଇନ ଅନୁପ୍ରବେଶ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।

# ନନ୍ଦପୁରରେ ସାଂସଦ ଖେଳ ମହୋତ୍ସବ



ନନ୍ଦପୁର,୨୪।୧୨ (ସମିସ): କୋରାପୁଟ ସଂସଦୀୟ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସାଂସଦ ଖେଳ ମହୋତ୍ସବକୁ ରାଜ୍ୟସଭା ସାଂସଦଙ୍କ ଦ୍ୱାରା ଗତ ୧୪ ତାରିଖରେ ଉଦ୍‌ଘାଟନ କରାଯାଇଥିଲା। ଆଜି ଜିଲ୍ଲାର ୯ଟି ବ୍ଲକ ଓ ୩ଟି ସହରାଞ୍ଚଳରେ ଫୁଟବଲ୍, ଖୋଖୋ (ବାଳକ ଓ ବାଳିକା ବିଭାଗ), ୧୦୦ ମିଟର ଦୌଡ଼, ଲମ୍ବ ଡିଆଁ ଓ ଉଚ୍ଚ ଡିଆଁ ଏମିତି ୫ଟି କ୍ରୀଡା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି ଅବସରରେ ନନ୍ଦପୁର ବ୍ଲକର ପାଡୁଆ ହାଇସ୍କୁଲ ଖେଳ ପଡ଼ିଆରେ ସମନ୍ୱୟ କର୍ତ୍ତା ତଥା ଜାତୀୟ ପରାମର୍ଶଦାତା ଜୟରାମ ଭୋଇଙ୍କ ଅଧକ୍ଷତାରେ ସାଂସଦ ଖେଳ ମହୋତ୍ସବ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ଜୋନ୨ ସଦସ୍ୟ କାର୍ତ୍ତିକ ଖେମୁଣ୍ଡୁ ଯୋଗଦେଇଥିବା ବେଳେ ଶେଖ୍ ଗଫୁର, ବିଜେପି ଯୁବ ନେତା ମୋହନ ବୈରାଗୀ, ରବିନ୍ଦ୍ର ରାମସିଂହ, ଲାଚାନା ଖିଲ୍ଲ, ରାଜୁ ଖିଲ୍ଲ ଓ ବାସୁଦେବ ବାଙ୍ଗାରୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡା ପ୍ରତିଯୋଗିତାଗୁଡ଼ିକୁ ସୂଚାରୁ ରୂପେ ପରିଚାଳନା କରିବାରେ ପାଡୁଆ ହାଇସ୍କୁଲର ପିଇଟି ଶିକ୍ଷକ ଧନେଶ୍ୱର ବାଘଙ୍କ ସହ ଶିକ୍ଷକ ଉପେନ୍ଦ୍ର ଖେମୁଣ୍ଡୁ ଓ ମନୋରଞ୍ଜନ ଦାସଙ୍କ ମୂଲ୍ୟବାନ ଅବଦାନ ରହିଥିଲା। ଆସନ୍ତାକାଲି କୋରାପୁଟ ପୁଲିସ୍ ଗ୍ରାଉଣ୍ଡରେ ଆୟୋଜିତ ହେବାକୁ ଥିବା ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉଦବୋଧନ ଦେବା ସହ ରାଜ୍ୟସଭା ସାଂସଦଙ୍କ ଦ୍ୱାରା ବିଜୟୀ କ୍ରୀଡାବିତ୍‌ମାନଙ୍କୁ ପୁରସ୍କାର ବିତରଣ କରାଯିବାର କାର୍ଯ୍ୟକ୍ରମ ରହିଛି।

# ବିଜେପି ନେତାଙ୍କ ଗହଣରେ ଭାସ୍କର ରାଓଙ୍କୁ ନେଇ ଚର୍ଚ୍ଚା



ରାୟଗଡ଼ା,୨୪।୧୨(ସମିସ): ଆଜି ସ୍ୱର୍ଗତଃ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ରାଜ୍ୟ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ସହ ବିଜୁ ସ୍ୱାଭିମାନ ମଂଚ ଆବାହକ ତଥା ପୂର୍ବତନ ରାଜ୍ୟସଭା ସାଂସଦ ଏନ.ଭାସ୍କରଙ୍କ ସାକ୍ଷାତ ଆଲୋଚନା ହୋଇଥିବା ଦେଖିବାକୁ ମିଳିଛି। ମନ୍ତ୍ରୀ ଶ୍ରୀ ଜେନା ପ୍ରତିମୂର୍ତ୍ତି ଉନ୍ମୋଚନ ପାଇଁ ପହଞ୍ଚି ଥିବା ବେଳେ ଭାସ୍କର ରାଓ ତାଙ୍କ ସମର୍ଥନମାନେ ଫାଟକ ନିକଟରେ ଉପସ୍ଥିତ ରହିଥିଲେ। ଏହି ସମୟରେ ମନ୍ତ୍ରୀ ଶ୍ରୀ ଜେନା ଆଗକୁ ବଢିବା ବେଳେ ମନ୍ତ୍ରୀଙ୍କୁ ଶ୍ରୀ ରାଓ ନମସ୍କାର ଜଣାଇଥିଲେ। ମନ୍ତ୍ରୀ ଏକ ପାଦ ପଛକୁ ଘୁଞ୍ଚି ଭାସ୍କରଙ୍କ ସହ ହାତ ମିଳେଇ ତାଙ୍କୁ ମଧ୍ୟ ପ୍ରତିମୂର୍ତ୍ତି ଉନ୍ମୋଚନ ସ୍ଥାନକୁ ସାଙ୍ଗରେ ନେଇଯାଇଥିଲେ। ଏଥିସହ ମନ୍ତ୍ରୀଙ୍କ ସାଥିରେ ଆସିଥିବା ଜିଲ୍ଲା କାର୍ଯ୍ୟକର୍ତ୍ତାଙ୍କ ଗହଣରେ ଭାସ୍କର ରାଓଙ୍କ ଫୋଟୋ ଭିଡିଓ ଏବେ ସୋସିଆଲ ମିଡିଆ ସହ ଗଣମାଧ୍ୟମରେ ଭାଇରାଲ ହୋଇଛି। ତେବେ ଭାସ୍କରଙ୍କ ବିଜେପିରେ ସାମିଲ ହେବା ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ,ରାଜନୀତିରେ କେହି ଅଛୁଆଁ ନୁହନ୍ତି। ଯିଏ ସମାଜସେବା ପାଇଁ ଆଗେଇ ଆସନ୍ତି ତାଙ୍କ ପାଇଁ ବିଜେପି ଦ୍ୱାର ଖୋଲା ରହିଛି। ଏ ନେଇ ରାଷ୍ଟ୍ରିୟ ଜନଜାତି ମୋର୍ଚ୍ଚା ସାଧାରଣ ସଂପାଦକ କାଳୀରାମ ମାଝିଙ୍କ ପ୍ରତିକ୍ରିୟା ନେବାରୁ ଆଜି ଏକ ସାମାଜିକ କାର୍ଯ୍ୟକ୍ରମ ରହିଥିଲା। ଯେଉଁଥିରେ ମନ୍ତ୍ରୀ ଶ୍ରୀ ଜେନା ଯୋଗ ଦେଇଥିଲେ। ଉକ୍ତ ସ୍ଥାନରେ ଭାସ୍କର ରାଓ ମଧ୍ୟ ଉପସ୍ଥିତ ଥିଲେ। ତେବେ ଭାସ୍କର ବିଜେପିରେ ସାମିଲ ହେବେ କି ନାହିଁ ତାହା ତାଙ୍କର ବ୍ୟକ୍ତିଗତ ବିଷୟ। ଜିଲ୍ଲା ବିଜେପିରେ କିନ୍ତୁ ତାଙ୍କର ସାମିଲ ହେବା ବିଷୟରେ କୌଣସି ଆଲୋଚନା କି ପର୍ଯ୍ୟାଲୋଚନା କରାଯାଉ ନାହିଁ ବୋଲି ଶ୍ରୀ ମାଝି ପ୍ରକାଶ କରିଛନ୍ତି।

# ଜୟପୁର ଚାମ୍ବର ଅଫ୍ କମର୍ସ ପକ୍ଷରୁ ସାଂସଦଙ୍କୁ ଦାବିପତ୍ର ପ୍ରଦାନ

ଜୟପୁର,୨୪।୧୨(ସମିସ): ଜୟପୁର ଚାମ୍ବର ଅଫ୍ କମର୍ସର କର୍ମକର୍ତ୍ତା ଓ ସହରର ବ୍ୟବସାୟୀ ମାନେ ନବରଙ୍ଗପୁର ଲୋକସଭା ସାଂସଦ ବଳଭଦ୍ର ମାଝିଙ୍କୁ ନିମନ୍ତ୍ରଣ କରିବା ସହ ଦାବି ଜଣାଇଛନ୍ତି। ଜୟପୁର ଠାରୁ ନବରଙ୍ଗପୁର ଓ ମାଲକାନଗିରି ପର୍ଯ୍ୟନ୍ତ ରେଲଲାଇନ ସଂପ୍ରସାରଣ ହେବା ନେଇ ୧୦ ବର୍ଷ ହେଲା ଘୋଷଣା ହୋଇଥିଲେ ସୁଦ୍ଧା ଏହାର ସର୍ଭେ ହୋଇ ପାରିଲା ନାହିଁ । ତେଣୁ ତୁରନ୍ତ ରେଳ ଲାଇନ କାମ ଆଗେଇବା, ଜଗଦଲପୁର ଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଅନ୍ୟ ଏକ ଟ୍ରେନ ଚାଲୁ କରିବା, ଜଗଦଲପୁର ଠାରୁ ବିଶାଖାପାଟଣା ଯାଉଥିବା ଟ୍ରେନକୁ ହାଇଦ୍ରାବାଦ ପର୍ଯ୍ୟନ୍ତ ସମ୍ପ୍ରସାରଣ କଲେ ଏଠାକାର ଲୋକେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉପକୃତ ହୋଇପାରିବେ। ଜୟପୁରରେ ଏଆଇଏମଏସ ସ୍ତରୀୟ ମଲ୍ଟି ସ୍ପେଶାଲିଟ୍ ହସ୍ପିଟାଲ ନିର୍ମାଣ କଲେ କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡା ଏବଂ ଛତିଶଗଡ ଅଞ୍ଚଳର ରୋଗୀ ଉପକୃତ ହୋଇପାରିବେ। ବିମାନ ବନ୍ଦର ସଂପ୍ରସାରଣ କଲେ ଜୟପୁର ସହରରେ ବ୍ୟବସାୟ, ସ୍ୱାସ୍ଥ୍ୟ ସେବାରେ ବ୍ୟବସାୟ ବୃଦ୍ଧି ପାଇବ। ଏହିପରି ସ୍ଥାନୀୟ ମୁଖ୍ୟ ଡାକଘରର ଠାରେ ପାସପୋର୍ଟ ସେବା ଯୋଗାଇଦେବା ନେଇ ଦାବି ଜଣାଇଥିଲେ। ଉକ୍ତ ଦାବି ଗୁଡିକ ପୁରଣ ହେଲେ ଜୟପୁର ବ୍ୟବସାୟିକ ସଂଘ ଉପକୃତ ହୋଇପାରିବେ ବୋଲି ଚାମ୍ବର ଅଫ କମର୍ସର କର୍ମକର୍ତ୍ତା ମାନେ ପ୍ରକାଶ କରିଥିଲେ।

# ମନରେଗା ଯୋଜନାକୁ ବନ୍ଦ କରିବାକୁ ଷଡଯନ୍ତ୍ର କରିଛି ବିଜେପି: ଭକ୍ତ



ରାୟଗଡ଼ା,୨୪।୧୨(ସମିସ): ପୂର୍ବତନ ମନ୍ତ୍ରୀ ରାମଚନ୍ଦ୍ର ଉଲାକାଙ୍କ ୧୪ତମ ଶ୍ରାଦ୍ଧ ଦିବସରେ ରାୟଗଡ଼ା ଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭା ମଞ୍ଚରୁ ଭାରତୀୟ ଜନତା ପାର୍ଟି ଉପରେ ବର୍ଷିଛନ୍ତି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ। ସ୍ୱର୍ଗତଃ ଶ୍ରୀ ଉଲାକାଙ୍କୁ ଶ୍ରଦ୍ଧା ସୁମନ ଜଣାଇ ନିଜ ଭାଷଣ ଆରମ୍ଭରୁ ବିଜେପି ଉପରେ ବାର୍ଷିଲେ ଭକ୍ତ। ଦେଶରେ ମନେରଗା ଯୋଜନାରେ ଲକ୍ଷାଧିକ ଗରିବ ଲୋକେ ୧୦୦ଦିନ କାମ ପାଇ ରୋଜଗାର କରିପାରୁ ଥିବା ବେଳେ ଆଜି ମନରେଗା ଯୋଜନାକୁ ବନ୍ଦ କରିବାକୁ ଷଡଯନ୍ତ୍ର କରିଛି ବିଜେପି। ଏହି ଯୋଜନାକୁ ପତନ କରିଦେବା ପାଇଁ ବିଜେପି ସରକାର ଉଦ୍ୟମ କରିଛି। କେନ୍ଦ୍ର ସରକାର ଏହି ଯୋଜନାରେ ଅନୁଦାନ କମାଇ ଦେଇ ୧୦୦ଦିନର କାମ ବଦଳରେ ୫୦ଦିନର କାମ ଦେଲେ। ଗରିବ,ଖଟିଖିଆ ଲୋକଙ୍କ ଶ୍ରମକୁ ବନ୍ଦ କରିବା ଏବଂ ତାଙ୍କ ପେଟରେ ଏହା ଏକ ପ୍ରହାର ବୋଲି ଶ୍ରୀ ଦାସ କହିଥିଲେ। ଗରିବ ଶ୍ରମିକ ଶ୍ରେଣୀର ଲୋକଙ୍କ ଖାତାକୁ ସିଧାସଳଖ ବ୍ୟାଙ୍କ ଜମା ଖାତାକୁ ଟଙ୍କା ମିଳିବା ନେଇ ୟୁପିଏ ସରକାର ଏହି ଯୋଜନା ମହାତ୍ମା ଗାନ୍ଧୀଙ୍କ ନାମରେ ଆରମ୍ଭ କରିଥିବା ବେଳେ ଆଜି ମନରେଗାରୁ ତାଙ୍କ ନାମକୁ ବାଦ ଦିଆଯାଇଛି ଏବଂ ସମ୍ବିଧାନକୁ ମଧ୍ୟ ପରିବର୍ତ୍ତନ କରିବାକୁ ବିଜେପି ଷଡଯନ୍ତ୍ର କରୁଛି ବୋଲି ଶ୍ରୀ ଦାସ କହିଥିଲେ। ଭୋଟ ଚୋରି କରି ନିର୍ବାଚିତ ହୋଇ ଦେଶରେ ଶାସନ କରୁଛି ବିଜେପି। ଏଥିସହ ଜୀରାମଜୀ ଯୋଜନା ଆରମ୍ଭ କରି ଭାରତର ଇତିହାସ ବଦଳେଇବାକୁ ଅପଚେଷ୍ଟା କରୁଥିବାରୁ ବିଜେପିକୁ ଶିକ୍ଷା ଦେବାର ଆବଶ୍ୟକତା ଥିବାରୁ ଦେଶରେ ବିରାଟ ଜନଆନ୍ଦୋଳନର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ନାରୀଙ୍କୁ ନ୍ୟାୟ,ଯୁବକଙ୍କୁ ନ୍ୟାୟ,ସାମାଜିକ ନ୍ୟାୟ ସାଙ୍ଗକୁ ଖଣିଜ ସଂପଦକୁ ରକ୍ଷା କରିବାକୁ ପଡିବ। ଏଠାରେ ଆଦାନୀ ଭଳି ବହୁ ଶିଳ୍ପପୁଞ୍ଜୀ ମାନେ ଖଣିଜ ପଦାର୍ଥ ଲୁଟିବା ପାଇଁ ବିଜେପି ସରକାର ସେମାନଙ୍କୁ ସମର୍ଥନ କରୁଥିବାରୁ ସମସ୍ତଙ୍କ ସମର୍ଥନରେ ଜନ ଆନ୍ଦୋଳନର ଆରମ୍ଭ ହେବା ଦରକାର ବୋଲି ଶ୍ରୀ ଦାସ ସଭା ମଞ୍ଚରୁ ଉପସ୍ଥିତ କଂଗ୍ରେସ କର୍ମୀଙ୍କୁ ଆହ୍ୱାନ କରିଥିଲେ। ସେହିପରି ଛତିଶଗଡ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ମଧ୍ୟ ଚାଷୀଙ୍କ ପ୍ରତି ବିଜେପି ସରକାର କରୁଥିବା ଅନ୍ୟାୟ ବିଷୟରେ ବର୍ଷିଥିଲେ। ପ୍ରଧାନମନ୍ତ୍ରୀ,କେନ୍ଦ୍ର ଗୃହମନ୍ତ୍ରୀମାନେ ଛତିଶଗଡ,ଓଡିଶା ଭଳି ଅନ୍ୟ ଯେଉଁ ରାଜ୍ୟରେ ଖଣି ସଂପଦ ଭରି ରହିଛି ସେହି ରାଜ୍ୟକୁ ନିୟମିତ ଗସ୍ତ କରି ଆଦାନୀ ଭଳି କମ୍ପାନୀକୁ ଟେକି ଦେବାକୁ ଆସୁଛନ୍ତି ବୋଲି କହି ବିଜେପି ଉପରେ ବର୍ଷିଥିଲେ। ସେହିପରି କଂଗ୍ରେସ ଦଳ ଓଡିଶା ପ୍ରଭାରୀ ଅଜୟ କୁମାର ଲାଲୁ ମଧ୍ୟ ନିଜ ବକ୍ତବ୍ୟରେ ବିଜେପିକୁ କଡା ସମାଲୋଚନା କରିଥିଲେ। ସେ କହିଥିଲେ ଓଡିଶାର ଜଙ୍ଗଲ ଏବେ କ୍ଷୟ ହେବାରେ ଲାଗିଛି। ବିଜେପି ସରକାର ଆଦିମ କାଳରୁ ରହି ଆସୁଥିବା ଅଧିବାସୀଙ୍କୁ ସେମାନଙ୍କ ଅଧିକାର ନ ଦେଇ ଜଙ୍ଗଲ କାଟୁଛି ଏବଂ ସେମାନଙ୍କର ଥଇଥାନ ବ୍ୟବସ୍ଥା ନ କରି ସେମାନଙ୍କ ଜଙ୍ଗଲ ଜମି ଅଧିକାର କ୍ଷୁର୍ଣ୍ଣ କରୁଛି ବୋଲି କହିଥିଲେ।

## ସାଂସଦ ଖେଳ ମହୋତ୍ସବ

# ବ୍ଲକ୍ ଓ ସହରାଞ୍ଚଳ ପ୍ରତିଯୋଗିତା ଉଦ୍‌ଘାଟିତ



କୋରାପୁଟ,୨୪।୧୨(ସମିସ) ସ୍ଥାନୀୟ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ସାଂସଦ ଖେଳ ମହୋତ୍ସବ କୋରାପୁଟ ବ୍ଲକ ଓ ସହରାଞ୍ଚଳ ସ୍ତରୀୟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ତୃଣମୂଳ ସ୍ତରର କ୍ରୀଡ଼ା ପ୍ରତିଭାକୁ ଉତ୍ସାହିତ ଏବଂ କ୍ରୀଡା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସାଂସଦ ଖେଳ ମହୋତ୍ସବ ଆୟୋଜନ କରାଯାଉଛି ବୋଲି ସେ ଉପସ୍ଥିତ ପ୍ରତିଯୋଗୀଙ୍କୁ ଉଦବୋଧନ ଦେଇଥିଲେ।୧୦୦ ମିଟର ଦୌଡ, ଲମ୍ବ ଓ ଉଚ୍ଚ ଡିଆଁ, ଖୋ ଖୋ ଏବଂ ଫୁଟବଲ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଉଦଘାଟନୀ ଉତ୍ସବରେ ପୂର୍ବତନ ଜିଲ୍ଲା ବିଜେପି ସଭାପତି ବିଜୟ କୁମାର ମିଶ୍ର, କୋରାପୁଟ ମଣ୍ଡଳ ସଭାପତି ୱାଇ ସତ୍ୟ ନାରାୟଣ,ବିଜେପି ମହିଳା ନେତ୍ରୀ ସବିତା ପ୍ରଧାନ,ବିଜେପି ନେତା ନୃପେନ୍ଦ୍ର ନାରାୟଣ ବାଘ, ସଞ୍ଜୟ ଝା, ବୁଦ୍ଧୁ ତୁରୁକ, ଶ୍ରୀଧର ପଟ୍ଟନାୟକ,ନରସିଂହ ପଟନାୟକ, ଡି ରାମା ରାଓ ଏବଂ ଯୁବ ବ୍ୟବସାୟୀ ରାଜେଶ ସୋନେଜା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସଂଯୋଜକ ସିଦ୍ଧାର୍ଥ ମୁଦୁଲି ଯୋଗଦେଇ ପରିଚାଳନା କରିଥିଲେ। ଆସନ୍ତାକାଲି ପୋଲିସ ପଡିଆ ଠାରେ ସାଂସଦ ଖେଳ ମହୋତ୍ସବର ଉଦଯାପନୀ ଉତ୍ସବ ପାଳନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମୋଡରେ ଖେଳ ମହୋତ୍ସବ ଆୟୋଜନ ସଂପର୍କରେ ଯୁବ କ୍ରୀଡାବିତ ଏବଂ ନାଗରିକ ମାନଙ୍କୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି।

# ନୂଆପଡ଼ା ହାତରେ ବଲାଙ୍ଗିର ଚାବି

- ଲୋୟର ଇନ୍ଦ୍ରରୁ ଆସୁନି ପାଣି
- ଚାଷ ପାଇଁ ପାଣି ମାଗୁଛି ଚାଷୀ
- ଅଧିକାରୀ ବଦଳିଲେ; ବଦଳିଗଲା ପ୍ରତିଶ୍ରୁତି
- ୨୮ ତାରିଖରେ ଆନ୍ଦୋଳନ କରିଥିଲେ ବାମ କେନାଲ ଅଞ୍ଚଳର ଚାଷୀ
- ୨୯ ତାରିଖରେ ୨୦୨୬ ରବିରେ ପାଣି ଦେବାକୁ ମିଳିଥିଲା ପ୍ରତିଶ୍ରୁତି
- ପୂର୍ବ ପ୍ରସ୍ତୁତି ସରିଲାଣି; ଏବେ ପାଣି ପାଇଁ ମନା କରୁଛନ୍ତି ଅଧିକାରୀ



ବଲାଙ୍ଗିର, ୨୪।୧୨(ସମିସ)

ରବି ଚାଷରେ ଧାନ ଚାଷ କରିବା ପାଇଁ ଚାଷୀଙ୍କୁ ପାଣି ମାଗିବାକୁ ପଡୁଛି। ଜଳସେଚନ ପାଇଁ କେନାଲ ବ୍ୟବସ୍ଥା କରିଛନ୍ତି; କିନ୍ତୁ କେନାଲରେ କେବଳ ଖରିଫରେ ପାଣି ଆସୁଛି। ରବି ବେଳକୁ ବଲାଙ୍ଗିର ଜିଲ୍ଲା ଚାଷୀଙ୍କୁ ଅଣଦେଖା କରି କେବଳ ନୂଆପଡ଼ା ଜିଲ୍ଲା ଚାଷୀଙ୍କୁ ଲୋୟର ଇନ୍ଦ୍ର ପ୍ରକଳ୍ପ କାର୍ଯ୍ୟାଳୟ ଦେଖୁଛି। ପାଣି ପାଇଁ ବଲାଙ୍ଗିର ଜିଲ୍ଲାର ଚାଷୀ ଆନ୍ଦୋଳନ କଲେ। ଆନ୍ଦୋଳନ ପରେ ଚଳିତ ରବି ପାଇଁ କେନାଲରେ ପାଣି ଛାଡିବାକୁ ନିଷ୍ପତ୍ତି ବି ହେଲା; କିନ୍ତୁ ଅଧିକାରୀ ବଦଳିବା ପରେ ନିଷ୍ପତ୍ତି ବଦଳିଗଲା। ଏନେଇ ବଲାଙ୍ଗିର ଜିଲ୍ଲା ପ୍ରଶାସନ ବି ମୁହଁ ଖୋଲୁନି। ଜମିକୁ ପାଣି ନ ମାଡିଲେ ପୁଣି ଆନ୍ଦୋଳନ କରିବାକୁ ବଲାଙ୍ଗିର ବଙ୍ଗୋମୁଣ୍ଡା ଅଞ୍ଚଳରେ ଲୋୟର ଇନ୍ଦିରା ପ୍ରକଳ୍ପ ବାମ କେନାଲ ଅଳରେ ଥିବା ଚାଷୀ ସଜବାଜ ହେଉଛନ୍ତି।

ବଲାଙ୍ଗିର ଜିଲ୍ଲାରେ ଚାଷୀଙ୍କ ପାଇଁ ସୁବିଧା ଯେତିକି ତାଠାରୁ ଅଧିକ ସମସ୍ୟା ରହିଛି। ରବି ପାଇଁ ଜିଲ୍ଲାର ଅନେକ ସ୍ଥାନକୁ ପାଣି ପହଞ୍ଚି ପାରୁନି। ବଙ୍ଗୋମୁଣ୍ଡା ବ୍ଲକର କିଛି ଅଞ୍ଚଳ ରହିଛି; ଯେଉଁଠି ରବିରେ ଧାନ ଚାଷ କରିବା ପାଇଁ ନୂଆପଡ଼ାକୁ ପାଣି ମାଗିବାକୁ ପଡୁଛି। ଚାଷୀଙ୍କ ହକ୍ ଥିବା ସତ୍ତ୍ୱେ ନୂଆପଡ଼ା ଜିଲ୍ଲା ପ୍ରଶାସନ ନିଜ ଅଞ୍ଚଳର ଚାଷୀଙ୍କୁ ଅଧିକ ଗୁରୁତ୍ୱ ଦେଉଛି। ବଲାଙ୍ଗିର ଜିଲ୍ଲାର ଚାଷୀଙ୍କୁ ଅଣଦେଖା କରୁଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଏ ଦିଗରେ ବଲାଙ୍ଗିର ଜିଲ୍ଲା ପ୍ରଶାସନ ମଧ୍ୟ ଚୁପ୍ ରହୁଛି। ନୂଆପଡ଼ା ଜିଲ୍ଲା ତିଖାଲିରେ ଥିବା ଲୋୟର ଇନ୍ଦ୍ର ପ୍ରକଳ୍ପରୁ ବାହାରିଥିବା ବାମ ପାର୍ଶ୍ୱ କେନାଲ ବଲାଙ୍ଗିର ଜିଲ୍ଲାକୁ ସଂଯୋଗ କରିଛି। ଏହା ବୁରୋବାହାଲ ଡିଭିଜନ - ୩ ସର୍କଲ ଅଧୀନରେ ରହିଛି। ତେବେ ଏହି କେନାଲରେ ଖରିଫ ସମୟରେ ପାଣି ଛଡାଯାଇଥାଏ; କିନ୍ତୁ ରବି ବେଳକୁ ଏହି କେନାଲ ଶୁଖିଲା ପଡ଼ିଥାଏ। ଏହି ବାମ ପାର୍ଶ୍ୱ କେନାଲରେ କେବଳ ୨୨ କିମିକୁ ପାଣି ଦିଆଯାଉଥିବା ବେଳେ ଆଉ ୨୩ କିମିକୁ ପାଣି ପହଞ୍ଚିପାରୁ ନ ଥିବା ଅଭିଯୋଗ ହୋଇଛି। ରବିରେ ପାଣି ଛାଡିବାକୁ ପ୍ରକଳ୍ପ ଆରମ୍ଭରୁ ଯୋଜନା ରହିଛି; କିନ୍ତୁ ଏହା ନୂଆପଡ଼ା ଜିଲ୍ଲା ପ୍ରଶାସନ ହାତରେ ରହିଥିବାରୁ ବଲାଙ୍ଗିର ଜିଲ୍ଲାର ଚାଷୀଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ତେବେ ୨୦୨୬ ରବିରେ ବାମ କେନାଲରେ ପାଣି ଛାଡିବାକୁ ବଙ୍ଗୋମୁଣ୍ଡା ଅଞ୍ଚଳର ଚାଷୀ ଦାବି କରିଥିଲେ। ଏଥିପାଇଁ ଗତ ନଭେମ୍ବର ୨୮ ତାରିଖରେ ଆନ୍ଦୋଳନ ମଧ୍ୟ କରିଥିଲେ। ଏହାକୁ ନେଇ ୨୯ ତାରିଖରେ ଲୋୟର ଇନ୍ଦ୍ର ପ୍ରକଳ୍ପର ଅଧିକ୍ଷଣ ଯନ୍ତ୍ରୀ, ମୁଖ୍ୟ ପ୍ରକଳ୍ପ ନିର୍ମାଣ ଯନ୍ତ୍ରୀଙ୍କ ଉପସ୍ଥିତିରେ ଚାଷୀଙ୍କୁ ଚଳିତ ରବିରେ ପାଣି ଛାଡିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ବାମ କେନାଲ ଅଞ୍ଚଳରେ ଥିବା ବାହାଲ କିସମ ଜମିକୁ କେବଳ ପାଣି ଦିଆଯିବାକୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ସର୍ଭେ କରିବାକୁ ବଙ୍ଗୋମୁଣ୍ଡା ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସର୍ଭେ ମଧ୍ୟ ହୋଇଛି; କିନ୍ତୁ ଏଯାଏଁ ପାଣି ଛଡାଯାଇନାହିଁ। ପାଣି ଜାନୁୟାରୀ ପ୍ରଥମାର୍ଦ୍ଧରେ ଆସିବା କଥା; କିନ୍ତୁ ଏବେ ଲୋୟର ଇନ୍ଦ୍ର ପ୍ରକଳ୍ପ ମୁଖ୍ୟ ପ୍ରକଳ୍ପ ନିର୍ମାଣ ଯନ୍ତ୍ରୀ ପାଣି ଦେବାକୁ ମନା କରିଦେଇଥିବା ଚାଷୀ ଅଭିଯୋଗ କରିଛନ୍ତି। ପାଣି ମାଡିବା ଖୁସିରେ ଚାଷୀ ରବି ଧାନ ଚାଷ ପାଇଁ ପୂର୍ବ ପ୍ରସ୍ତୁତି ସାରିଥିବା ବେଳେ ଏବେ ପାଣି ଆସିବା ନେଇ ସନ୍ଦେହ ପ୍ରକାଶ ପାଇଛି। ତେବେ ଏହି କେନାଲରେ ପାଣି ଆସିଲେ ରବି ସମୟରେ ବଙ୍ଗୋମୁଣ୍ଡା ବ୍ଲକ କୁଦାବଟଲା, ଚୁଲିଫୁଙ୍କା, କପିଲାଭଟା, ଗନ୍ଧରବନ୍ଧ, ନଙ୍ଗଳାଜୁରୀ ଓ ନୂଆପଡ଼ା ଜିଲ୍ଲାର ମୁହୁରା, ଚନ୍ଦୁଟମାଳର ପ୍ରାୟ ୧୫ଶହରୁ ୨ ହଜାର ହେକ୍ଟର ବାହାଲ ଜମିରେ ଧାନ ଚାଷ ହୋଇପାରିବ। ତେବେ ନୂଆପଡ଼ା ଲୋୟର ଇନ୍ଦ୍ର ପ୍ରକଳ୍ପ କାର୍ଯ୍ୟାଳୟର ଏହିଭଳି ଅଣଦେଖାକୁ ନେଇ ଚାଷୀ ଅସନ୍ତୋଷ ଜାହିର କରିଛନ୍ତି। ଏହାର ସମାଧାନ ପାଇଁ ଚାଷୀ ନିତ୍ୟାନନ୍ଦ ବେହେରା ଜିଲ୍ଲା ପ୍ରଶାସନ ପାଖରେ ଗୁହାରି ଜଣାଇଛନ୍ତି।

## ଆଖି ଆଗରେ ପୋଡ଼ିଯାଉଛି ବର୍ଷକର ପରିଶ୍ରମ

ବଲାଙ୍ଗିର, ୨୪।୧୨(ସମିସ): ବହୁ କଷ୍ଟରେ ଚାଷୀ ଧାନ ଚାଷ କରି ଅମଳ କରିଥାଏ। ଯେତେବେଳେ ଧାନ ଅମଳ କରି ଘରକୁ ନେଇଥାଏ ସେତେବେଳେ ବର୍ଷକର ପରିଶ୍ରମ ଫଳ ମିଳିଥାଏ। ସେହି ଧାନରେ ପରିବାର ଚଲାଇବା ସହ ପୁଅଝିଅଙ୍କ ସ୍ୱପ୍ନ ପୂରଣ କରିବାର ଏକ ଲକ୍ଷ୍ୟ ଥାଏ; କିନ୍ତୁ ଯେତେବେଳେ ସେହି ଧାନ ତା ଆଖି ଆଗରେ ପୋଡି ପାଉଁଶ ହୋଇଯାଏ ତା ଆତ୍ମା କାନ୍ଦିବା ସ୍ୱାଭାବିକ। ସେହି ନିଆଁରେ ଚାଷୀର ବର୍ଷକର ସ୍ୱପ୍ନ ଧୂଳିସାତ ହୋଇଯାଇଥାଏ। ବିଗତ କିଛି ଦିନ ହେଲା ବଲାଙ୍ଗିର ଜିଲ୍ଲାରେ ଏକାଧିକ ଧାନଖରି ପୋଡି ଗଲାଣି। ରାତିଅଧରେ କିଏ ଧାନଖରିରେ ନିଆଁ ଲଗାଇଦେଉଛି ତ ଆଉ କେଉଁଠି ଅନ୍ୟ କିଛି କାରଣରୁ ଧାନଖରିରେ ନିଆଁ ଲାଗିଯାଉଛି। ଏମିତିରେ ସବୁତକ ଧାନ ପୋଡି ଯେତେବେଳେ ପାଉଁଶ ହୋଇଯାଇଛି। ଏହାଦ୍ୱାରା ଚାଷୀ ହତାଶ ହୋଇ ପଡ଼ିରହିଛି। ତେବେ ସେହି କ୍ଷତିପୂରଣ ଭରଣା କରିବା ପାଇଁ କୌଣସି ବୀମା ମଧ୍ୟ ନାହିଁ। କିଏ ପୋଡୁଛି ତାକୁ ମଧ୍ୟ କେହି ଧରିପାରୁନାହାନ୍ତି। ସେହିପରି କେବଳ ଗୋଟିଏ ଭରସା ପ୍ରଶାସନର ସହାୟତା ଉପରେ; କିନ୍ତୁ ଏଯାବତ ଧାନଖରି ପୋଡି ଘଟଣାରେ କୌଣସି ଚାଷୀଙ୍କୁ କ୍ଷତିପୂରଣ ବ୍ୟବସ୍ଥା କରାଯାଇନାହିଁ।

ଗତ ୮ ତାରିଖରେ ଲୋଇସିଂହା ତହସିଲ ଅଧୀନ ଦୁମଦୁମି ଗାଁରେ ୩/୪ଜଣ ଚାଷୀଙ୍କ ଧାନଖରିରେ ନିଆଁ ଲାଗିଥିଲା। ପ୍ରାୟ ୪ ଏକର ଜମିର ଧାନ ପୋଡି ପାଉଁଶ ହୋଇଯାଇଥିଲା। ପାଖାପାଖି ୭୫ରୁ ୮୦ କ୍ୱିଣ୍ଟାଲ ଧାନ ନିଆଁଖାସରେ ନଷ୍ଟ ହୋଇଥିଲା। ଏନେଇ ଚାଷୀମାନେ ତହସିଲଦାରଙ୍କ ଦ୍ୱାରସ୍ଥ ହେବା ପରେ ରାଜସ୍ୱ ନୀରିକ୍ଷକଙ୍କ ଦ୍ୱାରା ଯାଞ୍ଚ କରାଯାଇଥିଲା; କିନ୍ତୁ ଚାଷୀଙ୍କୁ ତହସିଲାଦର ନିଜ ଆଡୁ କୌଣସି ସହାୟତା କରିପାରିବେ ନାହିଁ। ଜିଲ୍ଲାପାଳଙ୍କ ପାଖରେ ଫେରାଦ ହେବାକୁ କହିଥିଲେ। ସେହିପରି ଗତ ୧୪ ତାରିଖରେ ଦେଓଗାଁ ବ୍ଲକ ଓଡାର ପଞ୍ଚାୟତ ଜଲିଆ ଗାଁର ଚାଷୀ ସୂର୍ଯ୍ୟନାରାୟଣ ନାଏକଙ୍କ ଧାନଖରି ପୋଡି ପାଉଁଶ ହୋଇଯାଇଥିଲା। ପ୍ରାୟ ୬ଶହ ବସ୍ତା ଧାନ ଭର୍ତ୍ତି କରିବା ପୂର୍ବରୁ ପ୍ରାୟ ୯୦ ପ୍ରତିଶତ ପୋଡି ପାଉଁଶ ହୋଇଯାଇଥିବା ଅଭିଯୋଗ ହୋଇଥିଲା। ସେହିପରି ଗତ ୧୮ ତାରିଖରେ ଆଗଲପୁର ବ୍ଲକ ସାଲେଭଟା ଗ୍ରାମ ମୁଣ୍ଡାପ ନିକଟସ୍ଥ ଖଳାରେ ଗଦା ହୋଇଥିବା କେତେଜଣ ଚାଷୀଙ୍କ ଶତାଧିକ କ୍ୱିଣ୍ଟାଳ ଧାନରେ କେହି ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଥିଲା। ଗାଁର ଚାଷୀ ଚନ୍ଦର ସାହୁ, ବରୁଣ ସାହୁ, କାବା ଭୁଏ ପ୍ରମୁଖଙ୍କ ୬ଟି ଧାନଖରି ରହିଥିଲା। ଅମଳ ପରେ ଧାନ ଗଚ୍ଛିତ କରାଯାଇଥିବା ବେଳେ ତାକୁ କିଛି ଦିନ ଭିତରେ ମଡାଇ ଘରକୁ ଆଣିଥାନ୍ତେ। ତେବେ ୧୮ ତାରିଖରେ କେହି ନିଆଁ ଲଗାଇଦେଇଥିବା ସେମାନେ ଥାନାରେ ଲିଖିତ ଅଭିଯୋଗ କରିଥିଲେ; କିନ୍ତୁ କିଏ ଲଗାଇଥିଲେ ସେ ନେଇ ଆଜି ପର୍ଯ୍ୟନ୍ତ ପୁଲିସ ଠାବ କରିପାରିନାହିଁ। ଅନ୍ୟପକ୍ଷରେ ଚଳିତ ମାସ ୧ ତାରିଖରେ ଆଗଲପୁର ଥାନା ବାଞ୍ଜିପାଲି ଗାଁର ଚାଷୀ ଗୋବର୍ଦ୍ଧନ ବିଶ୍ୱାଳଙ୍କ ଏକ ହେକ୍ଟର ଚାଷ ଜମିର ଖରିରେ କେହି ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଥିଲା। ସବୁତକ ଧାନ ପୋଡି ପାଉଁଶ ହୋଇଯାଇଥଲା।

ଏହା କିଛି ଉଦାହରଣ ମାତ୍ର। ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହିଭଳି ଭାବେ ଧାନଖରି ପୋଡି ଚାଷୀ ସର୍ବସ୍ୱାନ୍ତ ହୋଇଥିବା ଅଭିଯୋଗ ହୋଇଛି। ନିଆଁରେ ଧାନପୋଡି କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଦାବି ହୋଇଛି; କିନ୍ତୁ ତାହା ମିଳିପାରିନାହିଁ। ସେହିପରି କିଏ ଧାନରେ ନିଆଁ ଲଗାଉଛି ସେନେଇ ମଧ୍ୟ ପୁଲିସ ତନାଘନା କରିବା ବଦଳରେ ଚୁପ୍। ଏମିତିରେ ଚାଷୀର ଗୋଟିଏ ବର୍ଷର ପରିଶ୍ରମ ବୃଥା ହେଉଛି। ଏନେଇ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧିରେନ ସିଂ ବରିହାଙ୍କୁ ପଚାରିବାରୁ ଧାନ ଅମଳ ପର୍ଯ୍ୟନ୍ତ ଚାଷୀଙ୍କ ଫସଲ ବୀମାଭୁକ୍ତ ହୋଇଥାଏ। ଏହା ପରେ ଆଉ କୌଣସି ବୀମା ବ୍ୟବସ୍ଥା ନାହିଁ। ଯଦି ଚାହିଁବେ ଜିଲ୍ଲା ପ୍ରଶାସନ ବିପର୍ଯ୍ୟୟ ପରିଚାଳନା ବିଭାଗରୁ ଚାଷୀଙ୍କୁ କ୍ଷତିପୂରଣ ଦେଇପାରିବେ ବୋଲି କହିଛନ୍ତି।

## ଧାନକିଣାରେ ଅବ୍ୟବସ୍ଥା: ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣା

ବଲାଙ୍ଗିର, ୨୪।୧୨(ସମିସ): ବଲାଙ୍ଗିର ଜିଲ୍ଲା ତଥା ପଶ୍ଚିମଓଡ଼ିଶାରେ ଧାନକିଣା ଅବ୍ୟବସ୍ଥା ଲାଗିରହିଛି। ଏହାକୁ ନେଇ ଚାଷୀ ଆନ୍ଦୋଳନ ଜାରି ରହିଛି। ସମ୍ବଲପୁର ଓ ବରଗଡ଼ ଜିଲ୍ଲାରେ ଏହି ଆନ୍ଦୋଳନ ଜୋରଦାର ଚାଲିଛି। ଏହି ନିଆଁ ଏବେ ବଲାଙ୍ଗିର ଜିଲ୍ଲା ଓ ଆଖପାଖ ଜିଲ୍ଲାରେ ମଧ୍ୟ ଦେଖିବାକୁ ମିଳିଛି। ଗତ କିଛି ଦିନ ତଳେ ମିଳିତ କୃଷକ ମଞ୍ଚ ବଲାଙ୍ଗିର ଜିଲ୍ଲା ସମେତ କଳାହାଣ୍ଡି, ସୋନପୁର, ନୂଆପଡ଼ା ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଥିଲା। ଧାନକିଣାରେ ରହିଥିବା ସମସ୍ୟା ସମାଧାନ ପାଇଁ ଏହି ଆନ୍ଦୋଳନ ଡାକରା ଦିଆଯାଇଥିଲା। ବୁଧବାର ବଲାଙ୍ଗିର ଜିଲ୍ଲାପାଳଙ୍କ ଅଫିସ ଆଗରେ ମିଳିତ କୃଷକ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି।

ଚଳିତ ଖରିଫରେ ବଲାଙ୍ଗିର ଜିଲ୍ଲାରେ ଧାନକିଣାରେ ଅନେକ ଅବ୍ୟବସ୍ଥା ଦେଖା ଦେଇଛି। ଧାନକିଣା ଗତ ୫ ତାରିଖରୁ ଆରମ୍ଭ ହୋଇଛି। ତେବେ ଆଜି ପର୍ଯ୍ୟନ୍ତ ସ୍ୱାଭାବିକ ଭାବେ ସମସ୍ତ ମଣ୍ଡିରେ ଧାନକିଣା ଆରମ୍ଭ ହୋଇପାରିନାହିଁ। ଏହାଫଳରେ ଚାଷୀ ହଇରାଣ ହେଉଛନ୍ତି। ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ କେବଳ ବଡ କଥା କହି ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ବୁଧବାର ମିଳିତ କୃଷକ ମଞ୍ଚ ପକ୍ଷରୁ ବଲାଙ୍ଗିର ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣା ଦେଇ ପ୍ରତିବାଦ କରାଯାଇଥିଲା। ଆସନ୍ତା ୩୧ ତାରିଖ ସୁଦ୍ଧା ଜିଲ୍ଲାର ସମସ୍ତ ଚାଷୀଙ୍କୁ ଟୋକନ ପ୍ରଦାନ କରିବା, ଦିଆଯାଇଥିବା ଟୋକନର ଅବଧି ବୃଦ୍ଧି କରିବା, ନିର୍ଦ୍ଧାରିତ ସମୟସୀମା ଭିତରେ ଚାଷୀଙ୍କ ଧାନକିଣିବା, ମଣ୍ଡିରେ କଟନୀ ଛଟନୀ ବନ୍ଦ କରିବା, ଆଗାମୀ ବର୍ଷ




ଟୋକନ ବ୍ୟବସ୍ଥାକୁ ବନ୍ଦ କରି ଚାଷୀଙ୍କ ସବୁଧାନ କ୍ରୟ କରିବା ବ୍ୟବସ୍ଥା କରିବାକୁ ମଞ୍ଚ ଦାବି କରିଛି। ତେବେ ଏହି ସବୁ ଦାବି ପୂରଣ ନ ହେଲେ ପୁଣି ଆନ୍ଦୋଳନ କରାଯିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଏନେଇ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବଲାଙ୍ଗିର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ଧାରଣା ମଞ୍ଚ ଆବାହକ ଆକାଶ ମିଶ୍ର, ଜିଲ୍ଲା କୃଷକ ମହାସଂଘ ଉପସଭାପତି ସୌମେନ୍ଦ୍ର ପରିଡାଙ୍କ ନେତୃତ୍ୱରେ ପୂର୍ବତନ ସାଂସଦ ବାଲଗୋପାଳ ମିଶ୍ରଙ୍କ ସମେତ ଜିଲ୍ଲାର ଅନ୍ୟ ଚାଷୀ ସଂଗଠନର କର୍ମକର୍ତ୍ତା ଓ ଚାଷୀ ଉପସ୍ଥିତ ରହି ସରକାରଙ୍କ ଏହିଭଳି ମନୋଭାବକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ।

## ଖଳାରେ ପଡ଼ିଛି ଧାନ

ଦେଓଗାଁ, ୨୪।୧୨(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକରେ ଚଳିତବର୍ଷ ଖରିଫ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ୧୨ଟି ପେକ୍ସ ଓ ୪ଟି ସ୍ୱୟଂ ସହାୟକ ଦଳ ଧାନକ୍ରୟ କରିବା ପାଇଁ ୮୭୭୬ଜଣ ଚାଷୀଙ୍କ ପଞ୍ଜିକରଣ ହୋଇଛି। ତେବେ ଅଦ୍ୟାବଧି ସଂସ୍ଥାଗୁଡିକ ଠିକ୍ ରୂପେ ଧାନକ୍ରୟ କରିପାରୁ ନ ଥିବାରୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବ୍ଲକର ବିଭିନ୍ନ ଗାଁରେ ଚାଷୀ ଏବେ ମଧ୍ୟ ଖଳାରେ ଧାନ ଗଚ୍ଛିତ ରଖି ଶୀତକାକରରେ ଅସୁରକ୍ଷିତ ଅବସ୍ଥାରେ ଜଗିଛି। ଯଦି ଅଦିନିଆ ବର୍ଷା ଆସେ ତାହାହେଲେ ଚାଷୀଙ୍କ ସୁନାର ଫସଲ ସମ୍ପୂର୍ଣ୍ଣରୂପେ ଧୂଳିସାତ ହୋଇଯିବା ସୁନିଶ୍ଚିତ।

କୃଷି ସେବା ସମବାୟ ସମିତିଗୁଡ଼ିକୁ ପ୍ରଥମ ପର୍ଯ୍ୟାୟରେ ମାତ୍ର ୫ ହଜାର ଲେଖାଏଁ ଟାର୍ଗେଟ ମିଳିଛି। ମାତ୍ର ଗୋଟିଏ ମିଲର୍ସ ଟ୍ୟାଗ୍ କରାଯାଇଛି। ଏଣୁ ଧାନକ୍ରୟ ସ୍ୱାଭାବିକ ହୋଇପାରୁନି। ଯେଉଁ ପେକ୍ସରେ ୩୦ହଜାର କ୍ୱିଣ୍ଟାଲରୁ ଅଧିକ ଟାର୍ଗେଟର ଆବଶ୍ୟକ ସେହି ପେକ୍ସକୁ ମାତ୍ର ୫ହଜାର ଟାର୍ଗେଟ ଆସିଛି। ଏହାଦ୍ୱାରା ଚାଷୀ କେମିତି ନିଜ କଷ୍ଟ ଉପାର୍ଜତ ଫସଲକୁ ସରକାରୀ ମୂଲ୍ୟରେ ବିକ୍ରି କରିବେ ସେ ନେଇ ଘୋର ଚିନ୍ତାରେ ରହିଛନ୍ତି। ଅନ୍ୟବର୍ଷ ଅପେକ୍ଷା ଅନେକ ଚାଷୀଙ୍କ ଧାନ ବିକ୍ରି କରିବା ଟାର୍ଗେଟ ମଧ୍ୟ କମ୍ ଆସିଛି। ଏପର୍ଯ୍ୟନ୍ତ ଅନେକ ଚାଷୀଙ୍କ ପାଖକୁ ଟୋକନ ମଧ୍ୟ ଆସିନାହିଁ। ଏହାଫଳରେ କେମିତି ଧାନବିକ୍ରି ହେବ ସେନେଇ ଆଶଙ୍କାରେ ଦିନ କାଟୁଛନ୍ତି ଅଞ୍ଚଳର ଚାଷୀ। ଚାଷୀଙ୍କ କହିବାନୁସାରେ ଗତ ନଭେମ୍ବର ମାସରୁ ଧାନ ଅମଳ କରି ନିଜେ ବସ୍ତା କ୍ରୟ କରି ଧାନକୁ ଖଳାରେ ଗଚ୍ଛିତ କରି ରଖିଛନ୍ତି। ନିକଟସ୍ଥ ଧାନମଣ୍ଡି ଖୋଲିଲେ ଧାନବିକ୍ରି କରିବାକୁ ଆଶା ରଖିଥିଲେ। ମାସାଧିକ କାଳହେଲା



ଧାନମଣ୍ଡି ସ୍ୱାଭାବିକ ହେଉନି। ଏବେ ଅମଳ ହୋଇଥିବା ଧାନକୁ କେମିତି ବିକିବେ ଓ ଋଣ ପରିଶୋଧ କରିବେ ସେନେଇ ଅନେକ ଚାଷୀ ଏବେ ଚିନ୍ତାରେ। ପେକ୍ସକୁ ମାତ୍ର ଗୋଟିଏ ଲେଖାଏଁ ମିଲ୍ ଟ୍ୟାଗ୍ ହୋଇଛି। ଏଣୁ ମିଲର୍ସଙ୍କ ମନମାନି ବଢ଼ିଚାଲିଛି। ଯେଉଁ ଚାଷୀ ଧାନବିକ୍ରି କରିବା ପାଇଁ ନେଉଛି ସେଠି ମିଲର୍ସଙ୍କ ଇଚ୍ଛା ଅନୁସାରେ କଟନି ଛଟନି ହେଉଛି। ଏଦିଗରେ ସମ୍ପୃକ୍ତ ଯୋଗାଣ ବିଭାଗ ଦୃଷ୍ଟି ଦେବା ବଦଳରେ ହାତବାନ୍ଧି ବସିଛି। ଚଳିତବର୍ଷ ଧାନମଣ୍ଡି ଖୋଲିବାରେ ଆହେତୁକ ଭାବେ ବିଳମ୍ବ ହୋଇଛି। ଏହାଦ୍ୱାରା ଅଞ୍ଚଳର ଅନେକ ଚାଷୀ ଧାନକୁ ମାତ୍ର ୨ହଜାରରୁ ୨୨ଶହ ମଧ୍ୟରେ ବେପାରୀଙ୍କୁ ଟେକି ଦେଉଥିବା ନଜରକୁ ଆସିଛି। ଏ ଦିଗରେ ଜିଲ୍ଲାପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଧାନ ବିକ୍ରିକୁ ସ୍ୱାଭାବିକ କରିବା ପାଇଁ ଚାଷୀ ଦାବି କରିଛନ୍ତି। ଏଦିଗରେ ତୁରନ୍ତ ପଦକ୍ଷେପ ନ ନେଲେ ଚାଷୀ ରାସ୍ତାରେ ଧାନ ରଖି ଆନ୍ଦୋଳନକୁ ଓହ୍ଲାଇବା ସୁନିଶ୍ଚିତ ବୋଲି ଚେତାବନୀ ଦେଇଛନ୍ତି।

## ଲାୟନ୍ସ କ୍ଲବ୍ ପକ୍ଷରୁ ସୁସ୍ଥତା କାର୍ଯ୍ୟକ୍ରମ




ଟିଟିଲାଗଡ଼, ୨୪।୧୨(ସମିସ): ଟିଟିଲାଗଡ଼ ଲାୟନ୍ସ କ୍ଲବ୍ ପକ୍ଷରୁ ସ୍ଥାନୀୟ ଲାୟନ୍ସ ସମ୍ମିଳନୀ କକ୍ଷରେ ସୁସ୍ଥତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ସଞ୍ଜୟ ସୋନିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଦିବ୍ୟଜ୍ୟୋତି ଜାଗୃତି ସଂସ୍ଥାନର ଅନ୍ତର୍ଜାତିକ ବାଗ୍ମୀ ଡ. ସର୍ବେଶ୍ୱର ଜି ଯୋଗ ଦେଇଥିଲେ। ସଂଗଠନର ପ୍ରାନ୍ତପାଳ ଯମୁନା ପ୍ରସାଦ ଗୋୟଲ ଓ ବରିଷ୍ଠ ସଦସ୍ୟ ଈଶ୍ୱର ଚନ୍ଦ୍ର ଜୈନ ଉପସ୍ଥିତ ଥିଲେ। ସମ୍ପାଦକ ପଙ୍କଜ ନାମଦେବ, କୋଷାଧ୍ୟକ୍ଷ ବିନୟ ଜୈନ, ପ୍ରକଳ୍ପ ନିର୍ଦ୍ଦେଶକ ସଞ୍ଜୟ ନାୟକ, ଶୈଳେଶ ଗୋୟଲ, ଲିଙ୍ଗରାଜ ସାହୁ, ଗଙ୍ଗାଧର ଶର୍ମା, ଦୀପକ ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ। ଉମେଶ କନୋଡ଼ିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବକଙ୍କ ଜୀବନନେଲା ମୁକୁଳା ଡ୍ରେନ୍

ବଲାଙ୍ଗିର, ୨୪।୧୨(ସମିସ): ବଲାଙ୍ଗିରରେ ରାସ୍ତାକଡ ମୁକୁଳା ଡ୍ରେନ୍ ଜଣେ ଯୁବକଙ୍କ ଜୀବନ ନେଇଛି। ମୃତ ଯୁବକ ଜଣକ ହେଲେ ସ୍ଥାନୀୟ ମେଘନାଦପଡ଼ାର ବୀରେନ୍ଦ୍ର ନାଏକ (୪୫)। ବୁଧବାର ସନ୍ଧ୍ୟାରେ ସେ ସାଇକଲରେ ଆସୁଥିବା ଅଘଟଣ ଘଟିଥିଲା। ସ୍ଥାନୀୟ ଜଗନ୍ନାଥପଡ଼ା ପାଟଣେଶ୍ୱରୀ ମନ୍ଦିର ସାମ୍ନା ଛକରେ ଥିବା ଡ୍ରେନରେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ଦୀର୍ଘ ଦିନ ହେଲା ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ଡ୍ରେନ୍ ଖୋଲା ପଡ଼ିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଅବହେଳାରୁ ଆଜି ଏହି ଘଟଣା ଘଟିଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଟାଉନ ଥାନା ପୁଲିସ ମାମଲା ରୁଜୁ କରି ଶବ ଜବତ କରିଛି।

## ଡିଏଭି କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର




ଟିଟିଲାଗଡ଼, ୨୪।୧୨(ସମିସ): ଟିଟିଲାଗଡ଼ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଯୁକ୍ତ ତିନି ବର୍ଗର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଗୋବିନ୍ଦ ମେହେର ସଭାପତିତ୍ୱ କରିଥିଲେ। ଏସ୍‌ଆଇ ସୁକନ୍ୟା ରାଉତ, ଅଧ୍ୟାପକ ଡ. ରମାକାନ୍ତ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଯାଜ୍ଞସେନୀ ମାଝୀ ଓ ସାରଳା ସାହୁ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି। ଏହା ସପ୍ତାହ ବ୍ୟାପି ହେବ। ଡ. ବୈଜୟନ୍ତ ସିଂ ତଣ୍ଡକାର, ଭାରତୀ ମାଝୀ, ସବାନା ବଡ଼ପଣ୍ଡା, ଅଳକା ନନ୍ଦ ମଲ୍ଲ, ଅରୁଣ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଡ. ଦୁର୍ଗେଶ୍ୱରୀ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ୬ ମାସ ହେଲା ନିଖୋଜ ଯୁବକଙ୍କ ପତ୍ତା ମିଳୁନି



ବେଲପଡ଼ା, ୨୪।୧୨(ସମିସ): ବଲାଙ୍ଗୀର ଜିଲ୍ଲା ବେଲପଡ଼ା ଥାନା ଝାରଫଟାମୁଣ୍ଡା ଗାଁର ଶିବ ମହାକୁରଙ୍କ ପୁଅ କୀର୍ତ୍ତି ମହାକୁର (୨୫) ଜୁନ୍ ମାସରୁ ନିଖୋଜ ଅଛନ୍ତି। ଏ ନେଇ ନେଇ ପରିବାର ଲୋକେ ବେଲପଡ଼ାପଡ଼ା ଥାନାରେ ଏତଲା ଦେଇଛନ୍ତି। ପରିବାର ଲୋକେ ଖୋଜାଖୋଜି କରି ପାଇ ନାହାନ୍ତି। ଶେଷରେ ଏତଲା ଦେଇଛନ୍ତି।

## ମନ୍ତ୍ରୀଙ୍କ ସହ ବିଭିନ୍ନ ପୀଠର ଉନ୍ନତି ନେଇ ଆଲୋଚନା



ବଲାଙ୍ଗିର, ୨୪।୧୨(ସମିସ): ଲୋଇସିଂହା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗଙ୍କୁ ଲୋଇସିଂହା ନିର୍ବାଚନମଣ୍ଡଳୀର ଥିବା ୩ ଐତିହ୍ୟ ପୀଠ କୁଶଙ୍ଗାଇ ମନ୍ଦିର, ପୁଇଁନ୍ତଲା ବ୍ଲକରେ ଥିବା ସାଉନ୍ତେଶ୍ୱରୀ ଦେବୀ ଏବଂ ସାଲେଭଟା ଗ୍ରାମର ପାଟଣେଶ୍ୱରୀ ପୀଠ ଉନ୍ନତି ପାଇଁ ଦାବି କରାଯାଇଛି। ଦେବାଳୟ ଓ ଐତିହ୍ୟ ଟ୍ରଷ୍ଟ ପକ୍ଷରୁ ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ମନ୍ତ୍ରୀଙ୍କ ସହ ଆଲୋଚନା କରିଛି। ସମ୍ପାଦକ ପ୍ରଶାନ୍ତ ମହାକୁର, କୋଷାଧ୍ୟକ୍ଷ ଭବାନୀ ଶଙ୍କର ଭୋଇ, ପାଟଣେଶ୍ୱରୀ ମନ୍ଦିର ପୂଜକ ଅଭିନାଶ ଦିଶ୍ରୀ ଉପସ୍ଥିତ ଥିଲେ।

## ମଣ୍ଟେଶ୍ୱରୀ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ବଲାଙ୍ଗିର, ୨୪।୧୨(ସମିସ): ସ୍ଥାନୀୟ ରେନ୍‌ବୋ ପ୍ୟାଲେସରେ ମଙ୍ଗଳବାର ମାଳପଡ଼ା ମଣ୍ଟେଶ୍ୱରୀ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷ ରବିଚନ୍ଦ୍ର ଉଦ୍‌ଗାତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ ପଟେଲ, ପୌରାଧ୍ୟକ୍ଷା ଲିକା ସାହୁ ଓ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ପିଜି କାଉନସିଲ ଚେୟାରମ୍ୟାନ ଡ. ପ୍ରତାପ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାଇମେରୀ ସ୍କୁଲର



ମୁଖ୍ୟ ଅଭିସ୍ମିତା ଦାଶ ପ୍ରାରମ୍ଭିକ ଭାଷଣ ଦେଇଥିବା ବେଳେ ସ୍କୁଲର ଚେୟାରମ୍ୟାନ ବୀରେନ୍ଦ୍ର ନାରାୟଣ ଉଦ୍‌ଗାତା ବିବରଣୀ ପାଠ କରିଥିଲେ। ଏହି ଅବସରରେ ଚଳିତ ବର୍ଷ ଓଡ଼ିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଥିବା ଅଟଳ ଦାଶ, ମେଡିକାଲରେ ସଫଳତା ପାଇଥିବା ଅନୁଷ୍କା ନାୟକ, ଅଙ୍କିତା ପଣ୍ଡା ଏବଂ ସଫ୍ଟୱେର ଇଞ୍ଜିନିୟର (ସୟଦ ହସନାନ ଅଲ୍ଲୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଫୁଡ୍ ଫେଷ୍ଟିଭାଲ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଶେଖ ନାଜିବୁଲ ରାଜା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଅଙ୍କିତା ମେହେର, ସୁପ୍ରଭାରାଣୀ ଭୋଇ ଓ ମେହେକ କ୍ୟୁରେସିଙ୍କ ଗ୍ରୁପ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସ୍ମିତି ଉଦ୍‌ଗାତା ତୃତୀୟ ପୁରସ୍କାର ହାସଲ କରିଥିଲେ। ବାର୍ଷିକ ଉତ୍ସବ ପାଇଁ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା କୃତି ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଶିକ୍ଷକ ଡ. ରବିଚନ୍ଦ୍ର ପଶାୟତ, ଆକୁଳ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସ୍କୁଲର ଟ୍ରଷ୍ଟି ସଂଯୁକ୍ତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ନାରୀର ଶିକ୍ଷା, ସୁରକ୍ଷା ଓ ସମୃଦ୍ଧିରେ ଦେଶର ବିକାଶ

ଟିଟିଲାଗଡ଼, ୨୪।୧୨(ସମିସ)

ନାରୀର ଶିକ୍ଷା, ସୁରକ୍ଷା ଓ ସମୃଦ୍ଧିରେ ଦେଶର ବିକାଶ ହୋଇଥାଏ। ଦେଶର ଶୈକ୍ଷିକ, ସାଂସ୍କୃତିକ ଓ ସାମାଜିକ ବିକାଶ ସେତେବେଳେ ସମ୍ଭବ ହୁଏ; ଯେତେବେଳେ ଜଣ ନାରୀ ସର୍ବବିଧ ସୁରକ୍ଷା ସହ ଶିକ୍ଷା ଲାଭ କରେ। ନାରୀର ସାଂସ୍କୃତିକ ଓ ସାରସ୍ୱତ ଚେତନାର ବିକାଶ ଘଟିଲେ ପରିବାର, ସମାଜ ଓ ଦେଶର ବୈଶ୍ୱିକ ବିକାଶ ଘଟିବ। ଭାରତୀୟ ପରମ୍ପରାକୁ ପାଥେୟ କରି ଜୀବନ ନିର୍ବାହ କଲେ ନାରୀର ମର୍ଯ୍ୟଦା ଦୀପ୍ତିମନ୍ତ ହୁଏ। ଟିଟିଲାଗଡ଼ ବହିହାଟର ଷଷ୍ଠ ସଂଧ୍ୟାରେ ଏହି ମତ ପ୍ରକାଶ ପାଇଛି। ଜଗନ୍ନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଆଲୋଚିକା ଭାବେ ଡିଏଭି କଲେଜର ଇତିହାସ ବିଭାଗ ମୁଖ୍ୟ ଅଳକାନନ୍ଦା ମଲ୍ଲ, ବାଲ୍ ସଂସ୍କାର ସଂଯୋଜିକା ପଦ୍ମିନୀ ବେହେରା, ସୁଲେଖିକା ସବିତା ମହରା,



କବୟିତ୍ରୀ ସଂଯୁକ୍ତା ପରିଚ୍ଛା, ଆଇନଜୀବୀ ସଂଧ୍ୟା ଥାପା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମାଜର ବିକାଶରେ ନାରୀର ଭୂମିକା ଶୀର୍ଷକ ପ୍ରସଙ୍ଗ ଉପରେ ଏହି ମତ ପ୍ରକାଶ ପାଇଛି। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିକ୍ଷୟିତ୍ରୀ ନିହାରିକା ପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ମମତା ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ। କମିଟିର କୋଷାଧ୍ୟକ୍ଷ ସତ୍ୟବ୍ରତ ପଣ୍ଡା ଓ ସଭ୍ୟ ବୃନ୍ଦାବନ କୁମାର ପିଲାଙ୍କ କୁଇଜ୍ ପ୍ରତିଯୋଗିତା ପରିଚାଳନା କରିଥିଲେ। ଡିଏଭି ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ନୃତ୍ୟ ଶିକ୍ଷୟିତ୍ରୀ ପଞ୍ଚମୀ ମାଝୀଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ବଦଳିଗଲା ବ୍ୟାଙ୍କ ଆଇଏଫ୍‌ସି କୋଡ୍

# ୨ ମାସ ହେବ ସାମାଜିକ ସୁରକ୍ଷା ଭତ୍ତା ବନ୍ଦ




**ଟାଙ୍ଗୀ,୨୪।୧୨(ସମିସ):** ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଆଇଏଫ୍‌ସି କୋଡ ବଦଳ ଘଟଣା ଯୋଗୁଁ ସାମାଜିକ ସୁରକ୍ଷା ଯୋଜନାରେ ଶତାଧିକ ହିତାଧିକାରୀ ୨ ମାସର ସାମାଜିକ ସୁରକ୍ଷା ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳରେ। ବ୍ଲକ ମୁଖ୍ୟାଳୟ କୋଟସାହି ପଞ୍ଚାୟତ ଟାଙ୍ଗୀ ଓ ସଫା ପଞ୍ଚାୟତ ସଫାରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳିତ ହେଉଛି। ଉକ୍ତ ଦୁଇ ଶାଖାରେ ଖାତା ଖୋଲି ଶତାଧିକ ହିତାଧିକାରୀ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ପାଉଛନ୍ତି। ଗତ ଅକ୍ଟୋବର ପର୍ଯ୍ୟନ୍ତ ସମସ୍ତଙ୍କୁ ଭତ୍ତା ମିଳିଥିବାବେଳେ ନଭେମ୍ବରରେ ବ୍ୟାଙ୍କର ଆଇଏଫ୍‌ସି କୋଡ ବଦଳିଲା। ବ୍ଲକ ପ୍ରଶାସନ ରେକର୍ଡ ସଂଶୋଧନ ପୂର୍ବକ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ବ୍ୟବସ୍ଥା କରିବା କଥା; ମାତ୍ର ଆଜି ସୁଦ୍ଧା ରେକର୍ଡ ସଂଶୋଧନ ହୋଇ ନ ଥିବାରୁ ହିତାଧିକାରୀ ୨ ମାସର ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ଏ ସଂକ୍ରାନ୍ତରେ ସଫା ପଞ୍ଚାୟତର ବୈଷ୍ଣବ ବେହେରା, ଫୁଲ ଦାସ, ହୀରା ବେହେରା, ଶୁକ ଧଳ, ଅମର ସାମଲ, ମିନି ସାମଲ, ଖୁଲଣା ପ୍ରଧାନ, କାଞ୍ଚନ ସାମଲ ଓ ତୁଳ ବେହେରା ଆଦି ୯ ଜଣ ବୃଦ୍ଧବୃଦ୍ଧା ବୁଧବାର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ କରିବା ଚର୍ଚ୍ଚାକୁ ଆସିଛି। ତେବେ ଆସନ୍ତା ମାସରେ ସବୁ ଠିକ୍ ହୋଇଯିବ ବୋଲି ଅତିରିକ୍ତ ବିଡିଓ ଶାଶ୍ୱତ କୁମାର ଜେନା ସୂଚନା ଦେଇଛନ୍ତି।

## ଡ. ହରେକୃଷ୍ଣ ମହତାବଙ୍କ ଜନ୍ମବାର୍ଷିକୀ ଜାତୀୟ ସମ୍ମେଳନ ଉଦ୍‌ଯାପିତ

# ମହତାବଙ୍କୁ 'ଭାରତରତ୍ନ' ଦାବି




**କଟକ,୨୪।୧୨(ସମିସ):** ଆନ୍ଧ୍ରପ୍ରଦେଶର ତିରୁପତିସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଓଡ଼ିଶା ଚେୟାର ଆନୁକୂଲ୍ୟରେ ଆୟୋଜିତ ତିନିଦିନିଆ ଜାତୀୟ ସମ୍ମେଳନ ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ଡିସେମ୍ବର ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ମହାକୁମ୍ଭର ସମାପନ ଅଧିବେଶନରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଅସ୍ମିତାର ଏହି ଅନନ୍ୟ ପ୍ରତିବିମ୍ବକୁ ଭୂୟସୀ ପ୍ରଶଂସା କରିଥିଲେ। ଏଥିସହିତ ଓଡ଼ିଶା ଚେୟାରର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସହାୟତା ପ୍ରସ୍ତାବ ରଖିବେ ବୋଲି ଘୋଷଣା କରିଥିଲେ। ଏହି ଅବସରରେ ହରିଜନ ସେବକ ସଂଘ, ନୂଆଦିଲ୍ଲୀର ଅଧ୍ୟକ୍ଷ ପ୍ରଫେସର ଶଙ୍କର ସାନ୍ୟାଲ ବିଶେଷ ଅତିଥି ଭାବେ ଯୋଗଦେଇ ଡ. ହରେକୃଷ୍ଣ ମହତାବଙ୍କ ଅତୁଳନୀୟ ରାଷ୍ଟ୍ରସେବା ପାଇଁ ତାଙ୍କୁ ମରଣୋତ୍ତର "ଭାରତ ରତ୍ନ" ସମ୍ମାନ ପ୍ରଦାନ କରାଯିବା ନିମନ୍ତେ ପୁନଃ ଦାବି କରିଥିଲେ। ପ୍ରଫେସର ରାଣୀ ସଦାଶିବ ମୂର୍ତ୍ତି ମହତାବଙ୍କ ଉପରେ ରଚିତ ଆଠଟି ସଂସ୍କୃତ ଶ୍ଳୋକ ପାଠ କରି ସଭାକୁ ମନ୍ତ୍ରମୁଗ୍ଧ କରିଥିବା ବେଳେ ପ୍ରଫେସର ରଜନୀକାନ୍ତ ଶୁକ୍ଳ ଦେଶ ନିର୍ମାଣରେ ମହତାବଙ୍କ ଅବଦାନ ସମ୍ପର୍କରେ ନିଜର ଗଭୀର ମତ ରଖିଥିଲେ। ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର କେ. ଭେଙ୍କଟ ନାରାୟଣ ରାଓ ମଧ୍ୟ ଏହି ତିନିଦିନିଆ କାର୍ଯ୍ୟକ୍ରମର ସଫଳ ଆୟୋଜନକୁ ପ୍ରଶଂସା କରିଥିଲେ। ଓଡ଼ିଶା ଚେୟାରର ନିର୍ଦ୍ଦେଶକ ଡ. ଜ୍ଞାନରଞ୍ଜନ ପଣ୍ଡା ସମସ୍ତ ଅତିଥି ଓ ପ୍ରତିନିଧିଙ୍କୁ କୃତଜ୍ଞତା ଜଣାଇବା ସହ ସମ୍ମେଳନର କାର୍ଯ୍ୟ ବୃତ୍ତାନ୍ତକୁ ନେଇ ଦୁଇଟି ସଂଗ୍ରହ ଗ୍ରନ୍ଥ ଖୁବଶୀଘ୍ର ପ୍ରକାଶ କରାଯିବ ବୋଲି ସୂଚନା ଦେଇଥିଲେ। ଏହି ଗ୍ରନ୍ଥଗୁଡ଼ିକ ଇଂରାଜୀ, ସଂସ୍କୃତ, ହିନ୍ଦୀ, ଓଡ଼ିଆ ଓ ତେଲୁଗୁ ଭାଷାରେ ପ୍ରକାଶିତ ହେବ। ଡ. ଚିତ୍ତରଞ୍ଜନ ନାୟକଙ୍କ ଧନ୍ୟବାଦ ଅର୍ପଣ ଏବଂ ପ୍ରଫେସର ରାଧାଗୋବିନ୍ଦ ତ୍ରିପାଠୀଙ୍କ ସୂଚାରୁ ସଞ୍ଚାଳନ ମଧ୍ୟରେ ଏହି ଉତ୍ସବଟି ଶେଷ ହୋଇଥିଲା।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଏରଞ୍ଚ ଚାମ୍ପିଅନ




**ନିଆଳି,୨୪।୧୨(ସମିସ):** ନିଆଳିସ୍ଥିତ କପାସୀ ଖେଳ ପଡିଆରେ ଶହୀଦ୍ ରବିନ୍ଦ୍ରନାଥ ମେମୋରିଆଲ୍ ଚତୁର୍ଥ ବାର୍ଷିକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପହଙ୍ଗା କ୍ରିକେଟ୍ ଟିମ୍‌କୁ ହରାଇ ଏରଞ୍ଚ ଚାମ୍ପିଅନ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟ ଗତ ଏକ ସପ୍ତାହ ଧରି ଚାଲିଥିବା ବେଳେ ଏଥିରେ ବଛା ବଛା ୧୬ଟି କ୍ରିକେଟ୍ ଦଳ ଭାଗ ନେଇଥିଲେ। ଏରଞ୍ଚ ଟିମ୍‌ର ପ୍ରକାଶ ସେଠୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ଘୋଷଣା କରାଯାଇଥିଲା। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ଶରତଚନ୍ଦ୍ର ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ଯୁବ ସଂଗଠକ ରତ୍ନାକର ନାୟକ, ସମାଜସେବୀ ଲିଙ୍ଗରାଜ ନାୟକ ଓ ବିଶ୍ୱଜିତ୍ ଲେଙ୍କା ପ୍ରମୁଖ ଯୋଗଦେଇ ଚାମ୍ପିଅନ୍ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅବିନାଶ ବସ୍ତିଆ, ସୁଧାଂଶୁ ଶେଖର ଲେଙ୍କା, କବିଚନ୍ଦ୍ର ନାୟକ, ଲଗ୍ନଜିତ୍ ବସ୍ତିଆ, ପାପୁ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ




**ସାଲେପୁର,୨୪।୧୨(ସମିସ):** ସାଲେପୁର ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ସାଲେପୁର ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ହରିହର ମଲ୍ଲିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ବିଶିଷ୍ଟ ସମାଜସେବୀ ଇଂ ଆକ୍ୟୁବ୍ ଖାଁ, ମୁଖ୍ୟବକ୍ତା ରୂପେ ସଂଯୁକ୍ତା ମେମୋରିଆଲ୍ ଟ୍ରଷ୍ଟର ଅଧ୍ୟକ୍ଷ ସମାଜସେବୀ ସନ୍ତୋଷ ରାଉତ ଯୋଗ ଦେଇଥିଲେ। ଶ୍ରୀ ରାଉତ ଅନୁଷ୍ଠାନର ଜଣେ କୃତୀ ଛାତ୍ରକୁ ତାଙ୍କ ଟ୍ରଷ୍ଟ ପକ୍ଷରୁ ବାର୍ଷିକ ୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିବେ ବୋଲି କହିଥିଲେ। ଅନୁଷ୍ଠାନର ସଂପାଦକ ଅକ୍ଷୟ ଦାଶ ସ୍ୱାଗତ ଭାଷଣ ଦେଇ ଦେଇଥିଲେ। ଅନୁଷ୍ଠାନର ଉପସଭାପତି ପ୍ରଶାନ୍ତ ଜେନା, ସହ ସଂପାଦକ ଚିତ୍ତରଞ୍ଜନ ଶତପଥୀ, କୋଷାଧ୍ୟକ୍ଷ ଅଶ୍ୱିନୀ ଦାସ, ଅଧ୍ୟକ୍ଷ ବଳରାମ ସାହୁ ଯୋଗଦେଇଥିଲେ। ଅନୁଷ୍ଠାନର ସମସ୍ତ ଅପାଭାଇ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ବରିଷ୍ଠ ଶିକ୍ଷକ ଅକ୍ଷୟ ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସମସ୍ତ କୃତୀ କ୍ରୀଡ଼ାବିତ୍‌ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଅଭିଭାବକମାନଙ୍କ ଦ୍ୱାରା ମ୍ୟୁଜିକ୍ ଚେୟାରରେ କୃତୀ ମହିଳାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା।

## ବେଲେରାରେ ଜାତୀୟ କୃଷକ ଦିବସ

**ସାଲେପୁର,୨୪।୧୨(ସମିସ):** ସାଲେପୁର ବ୍ଲକ୍ ଅନ୍ତର୍ଗତ ବେଲେରା ଗ୍ରାମରେ ଜାତୀୟ କୃଷକ ଦିବସ ପାଳିତ ହୋଇଯାଇଛି। ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ ତରଫରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଇଆଇଟି ଖଡ଼ଗପୁରର ପ୍ରଫେସର ଅରବିନ୍ଦ ରାଉତରାୟ, ମମତା ଜେନାମଣି, ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡଃ ଅର୍ଜମା ଦତ୍ତ ଷଡ଼ଙ୍ଗୀ, ଡଃ ସୁମନ୍ତ ମିଶ୍ର, ହେମନ୍ତ ଦାସ, ବୀରକିଶୋର ସେଠୀ, ପ୍ରଧାନ ବୈଜ୍ଞାନିକ ପ୍ରମୋଦ ପଣ୍ଡା ପ୍ରାକୃତିକ ଉପାୟରେ ଜଳ ସଂରକ୍ଷଣ କରିବା, ଜୈବିକ



ପଦ୍ଧତିରେ ଚାଷ କରିବା ସହିତ ରାସାୟନିକ ଚାଷରୁ ଦୂରେଇ ରହି ଜୈବିକ ପଦ୍ଧତିକୁ କିପରି ଆପଣାଇ ପାରିବା ସେ ସଂପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ଚାଷୀ ଭାଇଭଉଣୀଙ୍କ ସମେତ ସମାଜସେବୀ, ବୁଦ୍ଧିଜୀବୀ, ସ୍ଥାନୀୟ ଜନପ୍ରତିନିଧି ଓ ମହିଳାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ

**କିଶନନଗର,୨୪।୧୨(ସମିସ):** ସାମନ୍ତରାପୁର ଅଗ୍ରଣୀ ଇଂରାଜୀ ମାଧ୍ୟମ ଉଇସଡମ ପବ୍ଲିକ ସ୍କୁଲର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ କିଶନନଗର ଖେଳ ପଡ଼ିଆରେ ଉଦଯାପିତ ହୋଇଯାଇଛି। ସ୍କୁଲର ପ୍ରତିଷ୍ଠାତା ନିର୍ଦ୍ଦେଶକ ବିବେକାନନ୍ଦ ଭୂୟାଁଙ୍କ ପୌରୋହିତ୍ୟରେ ଏବଂ ପରିଚାଳନା ନିର୍ଦ୍ଦେଶକ ପ୍ରୀତମ ଚୌଧୁରୀଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣ ସଭାରେ କିଶନନଗର ତହସିଲର ଅତିରିକ୍ତ ତହସିଲଦାର ସୌମେନ୍ଦ୍ର ତେଜ୍, ସମାଜସେବୀ ମନୋରଞ୍ଜନ ସ୍ୱାଇଁ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ଟ୍ରଫି ସହ



ମାନପତ୍ର ପ୍ରଦାନ କରିଥିଲେ। ଗୀତାଞ୍ଜଳି ନାୟକ, ବନଜା ବାସିନୀ ଦାସ, ସରିତା ମହାପାତ୍ର, ଇସ୍ତାକ୍ ଅହମ୍ମଦ, ମୌସୁମୀ ମହାନ୍ତି, ରଶ୍ମି ରଞ୍ଜନ ରଣା, ସାହେଦା ଅଞ୍ଜୁମ ସହଯୋଗ କରିଥିଲେ।

## ଶିକ୍ଷାକେନ୍ଦ୍ରରେ ବାର୍ଷିକ କ୍ରୀଡ଼ା ଉତ୍ସବ



**ଟାଙ୍ଗୀ,୨୪।୧୨(ସମିସ):** ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆଞ୍ଜୁଆ ଆନୁକୂଲ୍ୟରେ ହଳଦୀବସନ୍ତ ଯୁବ ଗୋଷ୍ଠୀଙ୍କ ସହଯୋଗରେ ହଳଦୀବସନ୍ତ ଖେଳ ପଡିଆରେ ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଗରୁଡ଼ଗାଁ ପଞ୍ଚାୟତ ପୂର୍ବତନ ସରପଞ୍ଚ ତଥା ଶିକ୍ଷା କେନ୍ଦ୍ରର ପ୍ରତିଷ୍ଠାତା ସଦସ୍ୟ ସୁବୋଧ ସାମଲ, ସମ୍ମାନିତ ଅତିଥିଭାବେ ସିଆରସିସି ବଂଶିଧର ସ୍ୱାଇଁ, ସମ୍ପାଦକ ଗଙ୍ଗାଧର ବେହେରା, ସଭାପତି ସୁବାସଚନ୍ଦ୍ର ବେହେରା ଓ ଯୁବ ସମାଜସେବୀ ବିବେକାନନ୍ଦ ବେହେରା କ୍ରୀଡ଼ା ଉତ୍ସବକୁ ପ୍ରଶଂସା କରିଥିଲେ। ସଦସ୍ୟ ମଧୁସୂଦନ ସାହୁ ଧନ୍ୟବାଦ ଦେଇଥିଲେ।

## କ୍ରୀଡ଼ା ଶିକ୍ଷକଙ୍କ ବିୟୋଗରେ ସ୍ମୃତିସଭା



**ନିଶ୍ଚିନ୍ତକୋଇଲି,୨୪।୧୨(ସମିସ):** ନିଶ୍ଚିନ୍ତକୋଇଲି ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶାରୀରିକ ଶିକ୍ଷା ଶିକ୍ଷକ ଭାବେ ଅବସର ଗ୍ରହଣ କରିଥିବା ଶରତଚନ୍ଦ୍ର ସାହୁଙ୍କ ପରଲୋକ ହୋଇଥିଲା। ବିଦ୍ୟାଳୟର ପୁରାତନ ଛାତ୍ରସଂସଦ ପକ୍ଷରୁ ଏକ ସ୍ମୃତିସଭା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଶିକ୍ଷାବିତ୍ ଅକ୍ଷୟ ଷଡ଼ଙ୍ଗୀଙ୍କ ସଂଯୋଜନାରେ ପଞ୍ଚାୟତ ପ୍ରହ୍ଲାଦ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଏକାଦଶୀ ସେନାପତି ଶିକ୍ଷାବିତ୍ ଶାରଦା ପ୍ରସାଦ ମିଶ୍ର, କବି ସଚ୍ଚିଦାନନ୍ଦ ମିଶ୍ର, ପୂର୍ବତନ ସରପଞ୍ଚ କ୍ଷୀରୋଦ ପଣ୍ଡା, ଦେବେନ୍ଦ୍ର ସାହୁ, ବୈକୁଣ୍ଠନାଥ ସାହୁ, ସାମ୍ବାଦିକ ବଲ୍ଲଭଚରଣ ପଲେଇ, ନିରଞ୍ଜନ ରାଉତ, ନାରାୟଣ ରାଉତ, ସେକ୍ ଜହୁରଉଦ୍ଦିନ, ତ୍ରିଲୋଚନ ବେହେରା, ପ୍ରମୋଦ ନାୟକ, ନିତ୍ୟାନନ୍ଦ ପରିଜା, ପ୍ରମୋଦ ଦାଶ ଯୋଗ ଦେଇଥିଲେ। ସିଆରସିସି କିଶୋରଚନ୍ଦ୍ର ନାଥ ଧନ୍ୟବାଦ ଦେଇଥିଲେ।

## ମା' କଳାପାଟ ସେବା ସଂଘର ସାଧାରଣ ସଭା



**ତିଗିରିଆ,୨୪।୧୨(ସମିସ):** ନୂଆପାଟଣା ପଞ୍ଚାୟତସ୍ଥିତ କଲ୍ୟାଣ ମଣ୍ଡପରେ ମା' କଳାପାଟ ସେବା ସଂଘର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ସମାଜ କଲ୍ୟାଣକାରୀ କାର୍ଯ୍ୟକ୍ରମ ରକ୍ତଦାନ ଶିବିର ଓ ଶେଷଯାତ୍ରାର ଶ୍ରେଷ୍ଠ ସମ୍ମାନଗୁଡ଼ିକର ସଫଳ ରୂପାୟନ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଅନୁଷ୍ଠାନର ସଭାପତି ନିହାର ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଡିଏମ ମ୍ୟୁଜିକର ନିର୍ଦ୍ଦେଶକ ତଥା ସୁନାମଧନ୍ୟ ଗାୟକ ପୂର୍ଣ୍ଣଚନ୍ଦ୍ର ଦାସ, ଉପାଧ୍ୟକ୍ଷ ମାନସ ସାହୁ, ଯୁବ ସଂଗଠକ ମହେନ୍ଦ୍ର କୁଣ୍ଡୁ, ଉପଦେଷ୍ଟା ମନୋଜ ଗୁଇଁ, ପ୍ରତାପ ରାଉତ, ପରମାନନ୍ଦ କୁଣ୍ଡୁ, ସୋମନାଥ କୁଣ୍ଡୁ, ସମ୍ପାଦକ ସ୍ୱାଧୀନ ଗୁଇଁ, ସହସମ୍ପାଦକ ଚିତ୍ତରଞ୍ଜନ ଦାଶ, ଉପସଭାପତି ଜିତେନ୍ଦ୍ର କରଣ ଓ କୋଷାଧ୍ୟକ୍ଷ ଲକ୍ଷ୍ମୀଧର ସାହୁ ଅଂଶଗ୍ରହଣ କରିଥିଲେ। ରାମଚନ୍ଦ୍ର ସାହୁ, ଆଲୋକ ବେହେରା, ଆଲୋକ ସାମଲ, ପ୍ରକାଶ ନନ୍ଦୀ, ସିପୁନ ନାୟକ, ସୁଶାନ୍ତ ଦାସ ଓ ନାରାୟଣ କୁଣ୍ଡୁ ସହଯୋଗ କରିଥିଲେ। ଉପଦେଷ୍ଟା ଲିଙ୍ଗରାଜ ସାହୁ ମଞ୍ଚ ପରିଚାଳନା କରିଥିଲେ।

## ବିଦ୍ୟାମନ୍ଦିର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ




**ନେମାଳ,୨୪।୧୨(ସମିସ):** ନେମାଳ ଶିବାନନ୍ଦ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ଉପସଭାପତି ଧରଣୀଧର ପୂଝାରୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ଶଙ୍କର ପ୍ରସାଦ ନାୟକ, ମୁଖ୍ୟବକ୍ତା ଅବସରପ୍ରାପ୍ତ କ୍ରୀଡା ଅଧ୍ୟାପକ ବିଚିତ୍ରା ନନ୍ଦ ଜେନା, ସିଆରସିସି ଅମିତା ସାହୁ, ବିଦ୍ୟାମନ୍ଦିର ସଭାପତି କୃଷ୍ଣଚନ୍ଦ୍ର ନାୟକ, ସାହିତ୍ୟିକ ତନ୍ମୟ କିଶୋର ଦାସ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷା ଝୁନୁମଯୀ ପଣ୍ଡା ବାର୍ଷିକ ବିବରଣୀ ଓ ସ୍ୱାଗତ ଭାଷଣ, ଶିକ୍ଷୟିତ୍ରୀ ପ୍ରଭାତ ନଳିନୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ଶିକ୍ଷାସ୍ମିଧା ସାହୁ, ସସ୍ମିତା ଦାସ, ଭାଗ୍ୟଶ୍ରୀ ଦାସ, ଗୀତାଞ୍ଜଳି ବାରିକ, ଅମ୍ବିକା ବେଜ, ସରିତା ଦାସ, ମିନତୀ ବାରିକ ପ୍ରମୁଖ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଭକ୍ତି ଦାସ ଧନ୍ୟବାଦ ଦେଇଥିଲେ।

## ପୂଜକ ରତ୍ନାକର ପୂଝାରୀଙ୍କୁ ଶ୍ରଦ୍ଧାଞ୍ଜଳି



**ନେମାଳ,୨୪।୧୨(ସମିସ):** ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦ ପୀଠର ବରିଷ୍ଠ ପୂଜକ ତଥା ମାଳିକା ଗବେଷକ, ପ୍ରଚାରକ ଏବଂ ଅବସରପ୍ରାପ୍ତ ବିଦ୍ୟୁତ ବିଭାଗ କର୍ମଚାରୀ ରତ୍ନାକର ପୂଝାରୀଙ୍କ ଏକାଦଶାହ ଅବସରରେ କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ବିଶିଷ୍ଟ ସାହିତ୍ୟିକ ଡକ୍ଟର ଗୋବିନ୍ଦ ଭୂୟାଁ, କଂଗ୍ରେସ ନେତା ରାମଚନ୍ଦ୍ର ଗୋଛାୟତ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ନାରାୟଣ ଦ୍ୱିବେଦୀ, ଆକାଶ ଭୂୟାଁ, ଗଗନ ବିହାରୀ ସିଂ, ବିଶୁଦ୍ଧ ଚନ୍ଦ୍ର ଦାସ, ଶିଶିର ଦାଶ, ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱାଳ, ସନ୍ତୋଷ ବେହୁରା, ବିକ୍ରମ ବଳ, ପ୍ରାକ୍ତନ ବ୍ଲକ କଂଗ୍ରେସ ସଭାପତି ରମାକାନ୍ତ ବେହେରା, ଶିକ୍ଷାବିତ ବଟକୃଷ୍ଣ ସ୍ୱାଇଁ, କୃଷ୍ଣଚନ୍ଦ୍ର ନାୟକ, ସାମ୍ବାଦିକ କ୍ଷମାନିଧି ପୁଝାରୀ, ରମେଶ ଚନ୍ଦ୍ର ବେହେରା ଜଗଦୀଶ ଦାଶ, ପ୍ରସାଦ ଦାସ, ସମାଜସେବୀ ପ୍ରସନ୍ନ ବେଉରା, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପୁତ୍ର ଯଶୋବନ୍ତ, ଶଶିକାନ୍ତ, ପ୍ରଶାନ୍ତ, ଉମାକାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଠଗଡ଼ ସାହିତ୍ୟ ସମାଜ ପକ୍ଷରୁ ଶ୍ରଦ୍ଧାଞ୍ଜଳି



**ଆଠଗଡ଼,୨୪।୧୨(ସମିସ):** ଆଠଗଡ଼ ସାହିତ୍ୟ ସମାଜର ପୂର୍ବତନ ସଭାପତି ଅଦ୍ୱୈତ ଚରଣ ପଣ୍ଡାଙ୍କ ପରଲୋକରେ ସାହିତ୍ୟ ସମାଜ ତରଫରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ପ୍ରାଣକୃଷ୍ଣ ଦାଶଙ୍କ ବାସଭବନରେ ଅନୁଷ୍ଠିତ ଶୋକସଭାରେ ସାହିତ୍ୟ ସମାଜର ସଭାପତି ସୁରେଶଚନ୍ଦ୍ର ପରିଡା ସଭାପତିତ୍ୱ କରିଥିଲେ। ବିଷ୍ଣୁପ୍ରସାଦ ସାହୁ, ଶ୍ୟାମାନନ୍ଦ ମହାରଣା, ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ସୁଶାନ୍ତ ମିଶ୍ର, ପ୍ରଭାକର ପଟ୍ଟନାୟକ, ଗଣେଶ ପ୍ରସାଦ ରାଉତ, ଦୀପାଳି ଦାଶ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଆତ୍ମାର ସ୍ମୃତିଚାରଣ କରିଥିଲେ। ସାହିତ୍ୟ ସମାଜର ସମ୍ପାଦକ ଲଲାଟେନ୍ଦୁ ସେନାପତି ଧନ୍ୟବାଦ ଦେଇଥିଲେ।

## ବଚନ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଏନ୍‌ଏଫ୍‌ଏକୁ ହରାଇ ଉଦୟ କ୍ଲବ୍ ଚାମ୍ପିଅନ

**ନିଶ୍ଚିନ୍ତକୋଇଲି,୨୪।୧୨(ସମିସ):** କଟକ ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ମାହାଙ୍ଗା ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହ୍ଲାଦ ଖେଳପଡିଆ ଏବଂ ମାହାଙ୍ଗା ବ୍ଲକ କୋଠପଦା ମିନି ଷ୍ଟାଡିୟମରେ ବିଗତ ୧୦ ଦିନ ଧରି ଅନୁଷ୍ଠିତ ହୋଇଥିବା ବଚନ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଅପରାହ୍ନରେ ଉଦ୍‌ଯାପିତ ହୋଇଛି। ଏହାର ଫାଇନାଲ ମ୍ୟାଚ୍ ନିତା ଫୁଟବଲ୍ ଏକାଡେମୀ ଖୁଣ୍ଟୁଣୀ ଓ ଉଦୟ କ୍ଲବ ରାଣୀହାଟ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ ଉଦୟ କ୍ଲବ ଗୋଟିଏ ଗୋଲ କରିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ନିତା ଫୁଟବଲ୍ ଏକାଡେମୀ ପକ୍ଷରୁ ଗୋଟିଏ ଗୋଲ ହୋଇଥିବା ବେଳେ ପୁନର୍ବାର ଉଦୟ କ୍ଲବ ଲଗାତର ତିନୋଟି ଗୋଲ କରିଥିଲା। ଫଳରେ ଏହି ଟୁର୍ଣ୍ଣାମେଣ୍ଟରେ ଉଦୟ କ୍ଲବ ୪-୧ ଗୋଲରେ ବିଜୟୀ ହୋଇଥିବା ବେଳେ ନିତା ଫୁଟବଲ୍ ଏକାଡେମୀ ରନର୍ସଅପ୍ ହୋଇଛି। ଏହି ମ୍ୟାଚ୍‌କୁ ରେଫରି ଏସ୍‌ଏସ୍ ଆଲମ୍, ସାକଲେନ୍ ଆସରଫି, ସୁନୀଲ ହେମ୍ବ୍ରମ୍, ରାମଚନ୍ଦ୍ର ଆଲଦା, ଦୈତାରୀ କାରୁଆ, ରବି ମହାପାତ୍ର ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ରଙ୍କ ସଂଯୋଜନା ଓ ମାହାଙ୍ଗା ଆଥଲେଟିକ୍ ଅସୋସିଏସନର ସଭାପତି ସୁଟୁ ଘୋଷଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ଏକ୍ରାମର ବିଧାୟକ ବାବୁ ସିଂ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ମାହାଙ୍ଗା ଆଥଲେଟିକ୍ ଅସୋସିଏସନର ଉପଦେଷ୍ଟା ତଥା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ସମ୍ମାନୀତ ଅତିଥିଭାବେ ଓଡିଶା ଅଲମ୍ପିକ ଆସୋସିଏସନ୍‌ର ସାଧାରଣ ସଂପାଦକ ଅଭିଜିତ୍ ପାଲ, କଲେଜ ଅଧ୍ୟକ୍ଷା ପ୍ରଫେସର ଡ.ତରୁଲତା ଦେବୀ, ବିରେନ୍ଦ୍ର ବେହେରା, ମାହାଙ୍ଗା ଆଥଲେଟିକ୍ ଆସୋସିଏସନର ସାଧାରଣ ସଂପାଦକ ସମରେନ୍ଦ୍ର ଜେନା, ବିଶିଷ୍ଟ ଫୁଟବଲ ଖେଳାଳି ବିଜୟ ଦାସ, ନରେନ୍ଦ୍ର ସାହୁ, କୋଚ୍ ମହମ୍ମଦ ସହୀଦ୍ ଜବାର ପ୍ରମୁଖ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ନଗଦ ୩୦ ହଜାର ଓ ୨୦ ହଜାର ଅର୍ଥ ସମେତ ଟ୍ରଫି ପ୍ରଦାନ କରି ଉତ୍ସାହିତ କରିଥିଲେ। କଟକ ଜିଲ୍ଲା ଫୁଟବଲ୍ ଆସୋସିଏସନର ଉପସଭାପତି ସହଦେବ ରାଉତ ଧନ୍ୟବାଦ ଦେଇଥିଲେ। କୈଳାସଚନ୍ଦ୍ର ବେହେରା, ହେମନ୍ତ ରାଉତ, ରମେଶଚନ୍ଦ୍ର ସ୍ୱାଇଁ, ପିତାମ୍ବର ମହାନ୍ତି, ଭକ୍ତଚରଣ ସ୍ୱାଇଁ, ନିର୍ମଳ ରାଉତ, ଜିତେନ୍ଦ୍ର ଶତପଥି, ଅଶୋକ ଓଝା, ସନ୍ଦୀପ ସାମନ୍ତରାୟ, ଅଶୋକ ସାହୁ, ରବିନ୍ଦ୍ର ତ୍ରିପାଠୀ, ଦିଲ୍ଲୀପ ରାଉତ ସହଯୋଗ କରିଥିଲେ।



# ମାଲକାନଗିରି ଜିଲ୍ଲାରେ ଧାନ କିଣା ଆରମ୍ଭ

ମାଲକାନଗିରି, ୨୪।୧୨(ସମିସ):



ଚଳିତ ଖରିଫ ଋତୁରେ ରାଜ୍ୟରେ ଧାନ କିଣା ପ୍ରକ୍ରିୟା ଜାରି ରହିଛି । ମାଲକାନଗିରି ଜିଲ୍ଲାରେ ଆଜି ନିୟନ୍ତ୍ରିତ ବଜାର କମିଟି ପରିସର ମଧ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ। ଚାଷୀ ମାନେ ସେମାନଙ୍କର ପରିଶ୍ରମର ଫଳ ପାଇବେ। ଚାଷୀ ମାନେ ଧାନର ବର୍ଦ୍ଧିତ ମୂଲ୍ୟର ଲାଭ ପାଇବେ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଛନ୍ତି। ଚଳିତ ୨୦୨୫-୨୬ ଖରିଫ୍ ବର୍ଷ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ପଞ୍ଜିକୃତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ପାଇଁ ଏଫଏକ୍ୟୁ ମାନର ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୨୩୬୯ ଟଙ୍କା ଉପରେ ଇନପୁଟ ସହାୟତା ଟଙ୍କା ସହ ସର୍ବ ମୋଟ ୩୧୦୦ ଟଙ୍କା ରାଜ୍ୟ ସରକାର ଧାନର ଦର ସ୍ଥିର କରିଛନ୍ତି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ସୁରୁଖୁରୁରେ ଧାନ କ୍ରୟ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଚାଷୀ ମାନେ କିଭଳି ଉଚିତ୍ ମୂଲ୍ୟ ପାଇବେ ସେଥି ନିମନ୍ତେ ପ୍ରଶାସନ ଯତ୍ନବାନ ରହିଛି ବୋଲି ଜିଲ୍ଲାପାଳ କହିଛନ୍ତି। ପଞ୍ଜିକୃତ ଚାଷୀ ମାନଙ୍କୁ ଆଗୁଆ ସୂଚନା ପ୍ରଦାନ ସହ ଟୋକନ ପ୍ରଦାନ କରାଯାଉଛି। ଚାଷୀ ମାନଙ୍କ ସୁବିଧା ନିମନ୍ତେ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି। ଜିଲ୍ଲାରେ ୬୮ଟି ମଣ୍ଡି ରହିଥିବା ବେଳେ ୪୭୭୭୦ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଅଧିକ ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରାଯିବ। ଜିଲ୍ଲାରେ ମଣ୍ଡି ନୋଡାଲ ଅଧିକାରୀ ଏବଂ ମଣ୍ଡି ସୁପରଭାଇଜିଂ ଅଧିକାରୀ ନିୟୋଜିତ ରହି ପ୍ରକ୍ରିୟା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଏଥିସହ ସମସ୍ତ ମଣ୍ଡି ଗୁଡିକରେ ଚାଷୀ ମାନଙ୍କ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା କରାଯିବା ସହ ସିସିଟିଭି ଲଗାଯାଇଛି। ମଣ୍ଡି ଗୁଡିକରେ ସର୍ବନିମ୍ନ ସୁବିଧା ପ୍ରଦାନ କରାଯିବା ସହ ଚାଷୀ ମାନଙ୍କ ଆକାଉଣ୍ଟକୁ ୪୮ ଘଣ୍ଟା ମଧ୍ୟରେ ସର୍ବନିମ୍ନ ସହାୟତା ରାଶି ପ୍ରଦାନ କରାଯାଉଛି। ଚାଷୀ ମାନଙ୍କୁ ଆଧାର ସଂଯୁକ୍ତ ଇ-କେୱାଇସି ଦେୟ ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ଚାଷୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ ଉପଯୋଗୀ ପଦକ୍ଷେପ ଗ୍ରହଣ କରିଛନ୍ତି। ଉପ ଜିଲ୍ଲାପାଳ ଅଶ୍ୱିନ ଏ ଏଲଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଡିଆରସିଏସ୍ ଥିଓଫିଲ ଶବର, ଆରଏମସି ସଂପାଦକ ସଞ୍ଜୟ କୁମାର ଦାସ, ସାଂସଦ ପ୍ରତିନିଧି ସଞ୍ଜୟ ସରକାର ଓ ମାଲକାନଗିରି ବିଧାୟକ ପ୍ରତିନିଧି ନିହାର ରାୟ ଉପସ୍ଥିତ ଥିଲେ।

## ନିମ୍ନମାନର ସାମଗ୍ରୀରେ ରାସ୍ତା ନିର୍ମାଣ !



ଚନ୍ଦ୍ରପୁର, ୨୪।୧୨(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ପଞ୍ଚାୟତର ରାଇବିଜୀ ଛକ ଠାରୁ ଗୁଡ଼ାରୀ ବ୍ଲକ ସିରିଗୁଡ଼ା ଗ୍ରାମ ପଞ୍ଚାୟତ ପର୍ଯ୍ୟନ୍ତ ଡ୍ରେନ୍, ରାସ୍ତା ତିଆରି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଠିକାଦାର ଓ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ପାଇଁ ଏହି କାମ ପାଣିରେ ପଡ଼ିଲା ଭଳି ମନେହେଉଛି। ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ କାମରେ ନିମ୍ନମାନର ମେଟାଲ, ଚିପ୍ସ ବାଲି, ଗୋଡ଼ି, ପିଚୁ ଥିକ୍‌ନେସ ଅନୁଯାୟୀ କାମ ହେଉ ନଥିବାରୁ ବନ୍ଧୁଗାଁ, ବେଲାମଗୁଡା ଗ୍ରାମବାସୀ ଓ ହନୁମନ୍ତପୁର ସରପଞ୍ଚ ଅଭିଯୋଗ କରିଛନ୍ତି। ଦୁର୍ଗମ ତଥା ଅପହଞ୍ଚ ଇଲାକାର ସୁଯୋଗ ନେଇ ଠିକାଦାର ଏଭଳି ନିମ୍ନମାନର ସାମଗ୍ରୀ ବ୍ୟବହାର କରିଥିବାରୁ ପିଚୁ ପକାଇବା ଦୁଇ ଦିନରେ ପିଚୁ ଉଠି ଯାଉଛି। ଦାୟିତ୍ୱରେ ଥିବା ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତାକୁ ନେଇ ଲୋକେ ପ୍ରଶ୍ନ କରିଛନ୍ତି। ଏପରି ସ୍ଥିତିରେ ଦୁର୍ଗମ ଅଞ୍ଚଳରେ ବିକାଶ ନାମରେ ହେଉଥିବା ମହା ଦୁର୍ନୀତିକୁ ରୋକାଯିବା ଦିଗରେ ସରକାର ତୁରନ୍ତ ଦୃଷ୍ଟି ଦେବା ସହ ଏହି ରାସ୍ତା କାମରେ ତଦାରଖ ପାଇଁ ଜିଲ୍ଲାସ୍ତରୀୟ କମିଟି କରି ପୁଙ୍ଖାନୁପୁଙ୍ଖ ତଦନ୍ତ କଲେ ଠିକାଦାରଙ୍କ ଅସଲ ମୁଖା ଖୋଲିବା ସହ ଦୁର୍ନୀତିର ପର୍ଦ୍ଦାଫାଶ ହୋଇପାରିବ ବୋଲି ବନ୍ଧୁଗାଁ, ବେଲାମଗୁଡା ଗ୍ରାମ ପଞ୍ଚାୟତବାସୀ ଓ ୱାର୍ଡ ମେମ୍ବର ସରପଞ୍ଚ ଦାବି କରିଛନ୍ତି।

## ଅନ୍ତର୍ଜାତୀୟ ସମବାୟ ସପ୍ତାହ ଉଦ୍‌ଯାପିତ

ଜୟପୁର,୨୪।୧୨(ସମିସ): ଜୟପୁର ସ୍ଥିତ ଡିଆରସିଏସ୍ କାର୍ଯ୍ୟାଳୟ ସଭାଗୃହ ପରିସରରେ ଅନ୍ତର୍ଜାତୀୟ ସମବାୟ ଦିବସ ଉଦ୍‌ଯାପିତ ହୋଇଯାଇଛି। ଆଜି ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜିଲ୍ଲା ସମବାୟ ବିଭାଗ ନିବନ୍ଧକ ମୋନିକା ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆତ୍ମ ନିର୍ଭର ଭାରତ ପାଇଁ ସମବାୟ ସଂସ୍ଥା ଗୁଡିକ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ଆଇଆରଏମ ଗୁଜୁରାଟ ହରେକୃଷ୍ଣ ମିଶ୍ର, ସମ୍ମାନିତ ଅତିଥି ଭାବେ କେସିସି ବ୍ୟାଙ୍କ ସମ୍ପାଦକ ଅତୁଲ୍ୟ କୁମାର ମଲ୍ଲିକ, ଏଆରସିଏସ ଚନ୍ଦ୍ର ସେଠିଆ, ଏଏଜିଏସିଏସ କୈଳାସ ଚନ୍ଦ୍ର ଜାନି, ଡେପୁଟି ଡାଇରେକ୍ଟର ଟେକ୍ସଟାଇଲ ଶିଶିର ନାଗ ଉପସ୍ଥିତ ଥିଲେ। ସମବାୟ ସପ୍ତାହ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଓ ଉତ୍କୃଷ୍ଟ ସମବାୟ ସଂସ୍ଥା ଏବଂ ସମବାୟ ବିଭାଗର କର୍ମଚାରୀ ମାନଙ୍କୁ ଅର୍ଥରାଶି ସହ ମାନପତ୍ର, ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସିଆରସିଏସ ଶିଶିର କୁମାର ଦାଶ ପରିଚାଳନା କରିଥିଲେ।

# ୨୬ରେ ଡାକ୍ତରଖାନାରେ ରୋଗୀସେବା ବନ୍ଦ

କୋରୁକୋଣ୍ଡା,୨୪।୧୨(ସମିସ):




ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସମସ୍ତ ସରକାରୀ ଡାକ୍ତରଖାନାରେ ଓପିଡି ବନ୍ଦ ରହିବ। ମାଲକାନଗିରି ଜିଲ୍ଲାରେ ଥିବା ସମସ୍ତ ଛୋଟ ବଡ଼ ସରକାରୀ ଡାକ୍ତରଖାନାରେ ଆସନ୍ତା ୨୬ ତାରିଖରେ ଡାକ୍ତରୀ ସେବା ସମ୍ପୂର୍ଣ୍ଣ ବନ୍ଦ ରହିବା ସୂଚନା ମିଳିଛି। ଏନେଇ ଓଡ଼ିଶା ସେବାରତ ଡାକ୍ତର ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ଡାକ୍ତରଙ୍କ ପକ୍ଷରୁ ଆସନ୍ତା ୨୬ ତାରିଖ ଦିନ ସମସ୍ତେ କଳା ପୋଷାକ ପିନ୍ଧି ଆନ୍ଦୋଳନ କରିବେ ବୋଲି ସୂଚନା ମିଳିଛି। ଏହି କ୍ରମରେ କୋରୁକୋଣ୍ଡା ସଦର ସ୍ଥିତ ସାମୁଦାୟିକ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚସି) ଏବଂ ବାଲିମେଳା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏସି) ସହିତ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ସରକାରୀ ଡାକ୍ତରଖାନା ଯେମିତି ମାଟାପାକା ,ତୁମସାପାଲି , ଏମଭି-୧୯ ଏବଂ ଏମଭି -୪୭ ଡାକ୍ତରଖାନା ବନ୍ଦ ରହିବ। ଯାହା ଦ୍ୱାରା ଉକ୍ତ ଅଞ୍ଚଳ ଗୁଡିକର ଶତାଧିକ ସାଧାରଣ ଲୋକ ରୋଗୀ ସେବାରୁ ବଞ୍ଚିତ ରହିବେ। ଏହା ଦ୍ୱାରା ଗ୍ରାମାଞ୍ଚଳର ଶତାଧିକ ଗରିବ ଶ୍ରେଣୀୟ ଲୋକମାନେ ସ୍ୱାସ୍ଥ୍ୟସେବା ପାଇବାର ସୁଯୋଗ ହରେଇବେ। ମାଲକାନଗିରି ଜିଲ୍ଲା ସର୍ବଦା ସ୍ୱାସ୍ଥ୍ୟ ସେବାରେ ପଛୁଆ ରହି ଆସିଛି। ଯଦି ରାଜ୍ୟ ସରକାର ଡାକ୍ତର ମହାସଂଘର ଦାବି ପୁରଣ ନ କରନ୍ତି, ତେବେ ସେବାରତ ଡାକ୍ତର ମାନେ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ସୂଚନା ମିଳିଛି। ଡାକ୍ତର ମହାସଂଘର ଆନ୍ଦୋଳନ ଯଦି ଦୀର୍ଘ ଦିନ ଲାଗି ରହେ ତେବେ ମାଲକାନଗିରି ଜିଲ୍ଲାରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡିବା ନେଇ ଜିଲ୍ଲାବାସୀ ଆଶଙ୍କା କରୁଛନ୍ତି। ଏ ସମ୍ପର୍କରେ ବାଲିମେଳା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଡାକ୍ତର ସୌଭାଗ୍ୟ କୁମାର ହୁଇଙ୍କୁ ପଚାରିବାରୁ ଯେହେତୁ ସ୍ୱାସ୍ଥ୍ୟ ମନ୍ତ୍ରୀ ଆମର ନ୍ୟାଯ୍ୟ ଦାବି ଗୁଡ଼ିକ ପୁରଣ କରି ନାହାନ୍ତି। ସେଥିପାଇଁ ଆସନ୍ତା ୨୬ ତାରିଖରେ ଆମେ ଆନ୍ଦୋଳନରେ ବସିବୁ ବୋଲି କହିଥିଲେ।

## ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଦାୟିତ୍ୱ ହସ୍ତାନ୍ତର



ଗୁଡାରୀ,୨୪।୧୨: ଗୁଡାରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ପାଶ୍ୱର୍ ମନ୍ଦିର ନିର୍ମାଣକୁ ନେଇ ନୂତନ ପରିଚାଳନା କମିଟି ଏବଂ ଜଗନ୍ନାଥ ସଂସଦ (ପୁରୁଣା ପରିଚାଳନା କମିଟି) ବିବାଦ ସମାଧାନ ପରେ ପୁରୁଣା କମିଟି ସମସ୍ତ ଦାୟିତ୍ୱ ନୂତନ କମିଟିକୁ ହସ୍ତାନ୍ତର କରିବା ପାଇଁ ସ୍ଥିର କରିଥିଲେ। ବୁଧବାର ଦିନ ପୁରୁଣା କମିଟିର ସୁଜୟ ପଟ୍ଟନାୟକ, ପାଣ୍ଡବସାହୁ, ଟିମ୍ପା ରଥ, କାଳିଆ, ବୁଡୁପଣ୍ଡାଙ୍କ ଉପସ୍ଥିତିରେ ତିନିଠାକୁରଙ୍କ ରୁପା ସୁନାର ଅଳଙ୍କାର କାରିଗରି ଆଗରେ ଗଣତି ମଣିତି କରି ନୂତନ କମିଟିକୁ ହସ୍ତାନ୍ତର କରାଯାଇଥିଲା। ଏଥି ସହିତ ଦୁଇଟି ଏସ୍‌ବିଆଇ ପାସ ବୁକ୍, ୬ଟି ପୋଷ୍ଟ ଅଫିସ ପାସ୍ ବୁକ୍ ମଧ୍ୟ ଉପସ୍ଥିତ ସମସ୍ତ ନୂତନ କମିଟିର ସଦସ୍ୟ ତଥା ସଭାପତି, ସମ୍ପାଦକ କୋଷାଧ୍ୟକ୍ଷ, ନିର୍ମାଣ କମିଟିର ଗୋପିନାଥ ଗୌଡ, ନକୁଳ ଗୌଡ, ସୁକୁଟି ରଥଙ୍କ ଉପସ୍ଥିତରେ ହସ୍ତାନ୍ତର କରିଥିଲେ। ପୁରୁଣା କମିଟି ୪୦ ବର୍ଷ ମନ୍ଦିର ପରିଚାଳନା କରିଥିଲେ। ଏହାକୁ ନେଇ ସମ୍ପାଦକ ସୁଜୟ ପଟ୍ଟନାୟକ କହିଛନ୍ତି, ଡାକଘରେ ୬ଟି ଖାତା ମାଧ୍ୟମରେ ସ୍ଥାୟୀ ଜମା ୨ ଲକ୍ଷ ୪୦ ହଜାର ରଖାଯାଇଛି । ଯାହାର ସୁଧ ଏବଂ ମିନି ବ୍ୟାଙ୍କରେ ଥିବା ୮୦ ହଜାର ଟଙ୍କାରେ ରଥଯାତ୍ରା ଠାରୁ ଆରମ୍ଭ କରି ମନ୍ଦିର ପରିଚାଳନା ଏବଂ ମରାମତି କରାଯାଉ ଥିଲା । ସମସ୍ତଙ୍କ ଉପସ୍ଥିତିରେ ଆମେ ମନ୍ଦିରର ଯାହା ବ୍ୟବାହାରିକ ଜିନିଷ ନୂଆ କମିଟିକୁ ହସ୍ତାନ୍ତର କରାଯାଇଛି। ଆଗକୁ ଶ୍ରୀମନ୍ଦିର ସମସ୍ତ ଦାୟିତ୍ୱ ନୂତନ ପରିଚାଳନା କମିଟି ତୁଲାଇବେ। ନୂତନ କମିଟିର ଗୌରାଙ୍ଗ ପାଢି, ଜଗଦୀଶ ନାୟକ, କୁନା ବେହେରା ପୁଣ୍ଡର୍ ମହାନ୍ତି, ଗୌରୀ ରଥ, ପ୍ରଶନ୍ନ ରଥ, ସମୀର ଓ କମିଟିର ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ କର୍ମଶାଳା



ଗୁଡାରୀ,୨୪।୧୨(ସମିସ): ଗୁଡ଼ାରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଶିଶୁ ବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଶିଶୁଙ୍କ ମା'ମାନଙ୍କୁ ନେଇ ମାତୃ କର୍ମଶାଳା ବୁଧବାର ଦିନ ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ସମ୍ପାଦକ ପ୍ରଫୁଲ୍ଲ ଦେଓ ଓ ସଭାପତି କୃଷ୍ଣ ପ୍ରସାଦ ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଦିଲୀପ ସାହୁ କହିଥିଲେ ଯେ ଶିଶୁଙ୍କ ପୂର୍ଣ୍ଣାଙ୍ଗ ବିକାଶ ଅର୍ଥାତ୍ ଶାରୀରିକ, ମାନସିକ, ଆଧ୍ୟାମିକ, ପ୍ରାଣିକ ଆଦି କ୍ଷେତ୍ରରେ ଶିଶୁଙ୍କ ବିକାଶ ହୋଇପାରିବ। ସେଥିପ୍ରତି ଧ୍ୟାନ ଦେଇ ଏଇ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି। କାର୍ଯ୍ୟକ୍ରମରେ ମୋଟ ୫୨ ଜଣ ମାଆ ଉପସ୍ଥିତ ରହିଥିଲେ। ଗୁରୁଜୀ ଗୁରୁମା ମାନେ ବିଭିନ୍ନ ବିଷୟ କିପରି ଅନୌପଚାରିକ ଶିକ୍ଷା ଶିଶୁଙ୍କୁ ପ୍ରଦାନ କରାଯାଏ ସେ ନେଇ କ୍ଲାସ ଗୁଡ଼ିକ ସମ୍ପାଦନ କରିଥିଲେ।

# ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୦ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ମାଲକାନଗିରି, ୨୩।୧୨(ସମିସ): ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ଦିବସୀୟ ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୦ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତାଙ୍କ ଅଭିଭାଷଣରେ ବିଭିନ୍ନ ବିଭାଗୀୟ ପ୍ରକଳ୍ପ ଗୁଡ଼ିକ ଦୀର୍ଘସ୍ଥାୟୀ ହୋଇପାରିଲେ ଆମେ ନିରନ୍ତର ବିକାଶର ଲକ୍ଷ୍ୟ-୨୦୩୦ ହାସଲ କରିପାରିବା ବୋଲି କହିଥିଲେ। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ତାଙ୍କ ଅଭିଭାଷଣରେ ଏହି ପ୍ରଶିକ୍ଷଣରୁ ଶିକ୍ଷାଲାଭ କରିଥିବା ବିଭିନ୍ନ ବିଷୟର ପ୍ରକଳ୍ପ ଗୁଡ଼ିକୁ ତାଙ୍କ ଅଞ୍ଚଳରେ କାର୍ଯ୍ୟକ୍ଷମ କରିବା ପାଇଁ ସେ ଚେଷ୍ଟିତ ହେବେ ବୋଲି କହିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଗୋଲକ ଚନ୍ଦ୍ର ଦଳାଇ, ଉପ-ନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ), ସରୋଜ କୁମାର ଦାଶ, ରାଜାରାମ ମଲ୍ଲିକ, ହିମାଂଶୁ ଭୂଷଣ ମହାରଣା, ଧନପତି ଇନ୍ଦ୍ରଜିତ, ପ୍ରଶିକ୍ଷଣ ପ୍ରଦାନ କରିଥିଲେ ଏବଂ ସୁବ୍ରତ ମହାରଣା, ସୂର୍ଯ୍ୟକାନ୍ତ ମଲ୍ଲିକ୍, ସୁଚିତ୍ରା ମାଝି, ସସ୍ମିତା ସିଂ, ଲକ୍ଷ୍ମୀଧର ବାଗ ଓ ଅନ୍ୟାନ୍ୟ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଉଦ୍‌ଯାପିତ ହେଲା ସାଂସଦ ଖେଳ ମହୋତ୍ସବ



କୁନ୍ଦୁରା, ୨୪।୧୨(ସମିସ):

କୁନ୍ଦୁରା ବ୍ଲକ ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନ ଖେଳ ପଡିଆ ଠାରେ ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ବନିତା କାନ୍ଦଲିଆଙ୍କ ନେତୃତ୍ୱରେ ପୂଜାର୍ଚ୍ଚନା ସାରି ସ୍ଥାନୀୟ ଜଗନ୍ନାଥ ମନ୍ଦିର ଠାରୁ ମଶାଲ ଶୋଭାଯାତ୍ରା ବାହାରି ପଡିଆ ଠାରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏମ୍‌ପି ପ୍ରତିନିଧି ଅମ୍ମୁ ପାତ୍ର, ବେଣୁଧର ପାତ୍ର, ପ୍ରକାଶ ପଟ୍ଟନାୟକ, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ରମାକାନ୍ତ ନାୟକ, ଅଭିଲାଷ ବେହେରା, ମିଳନ ପ୍ରଧାନ, ସରପଞ୍ଚ ଲବ ପରଜା, ସମିତି ସଭ୍ୟ ଦାମୋଦର ଗଣ୍ଡା, ସୁନ୍ଦର ମାଳି ପ୍ରମୁଖ ରହି ଜଗନ୍ନାଥ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଖେଳ ମହୋତ୍ସବରେ କୁନ୍ଦୁରା ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନ, କାଉଡିଆ ଗୁଡା ଆବାସିକ ବିଦ୍ୟାଳୟ, ଲିମା ଆବାସିକ ବିଦ୍ୟାଳୟ ସମେତ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟ ଓ ଡିଗ୍ରୀ କଲେଜ ଛାତ୍ରଛାତ୍ରୀମାନେ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏଠାରେ ଖେଳ ଶିକ୍ଷକ ମାନଙ୍କ ଦ୍ୱାରା ୧୦୦, ୨୦୦, ୪୦୦ ମିଟର ଉଭୟ ଛାତ୍ରୀ ଏବଂ ଛାତ୍ର ମାନଙ୍କର ହୋଇଥିବା ବେଳେ ଉଚ୍ଚ ଡିଆଁ, ଲମ୍ବା ଡିଆଁ ଏବଂ ମହିଳା ମାନଙ୍କ ନିମନ୍ତେ ମ୍ୟୁଜିକ୍ ଚେୟାର ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ କୋଟପାଡ଼ ବିଧାୟକ ରୂପୁ ଭତ୍ରା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ତୁଷାର ଭଟ୍ଟ, ଲଛମନ ଭତ୍ରା, ବିଏସଏସଓ ବଳିରାମ ଭତ୍ରା, ବସନ୍ତ ଭୋଲ, ମାଣିକ ପଟ୍ଟନାୟକ, ଦେବେନ୍ଦ୍ର ସେନାପତି, ଶ୍ରୀନିବାସ ପଣ୍ଡା, ନାରାୟଣ ଭଟ୍ଟ, ସରପଞ୍ଚ ଶିବ ପ୍ରଧାନୀ, ଦୁତିକା ଭୂମିଆ ଓ ଗୁପ୍ତ ଅଡାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍ ଦୁର୍ଘଟଣାରେ ପୁଲିସ କର୍ମଚାରୀ ମୃତ

ଚନ୍ଦ୍ରପୁର,୨୪।୧୨(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ମଙ୍ଗଳବାର ରାତିରେ ଜାର୍ପାରୁ ମୁନିଗୁଡା ଯାଇ ଫେରୁଥିବା ସମୟରେ ଡଡଗଣ୍ଡା କୁଟୁଡୁକୁପା ଗ୍ରାମ ଠାରେ ଏକ ବାଇକ୍ (ଓଡି ୧୨ଏ ୦୭୫୦) ଭାରସାମ୍ୟ ହରାଇ ଗଛକୁ ଧକ୍କା ଦେବାରୁ ବାଇକ୍ ଚାଳକ କଳିଙ୍ଗ ବିଡ଼ିକା ଛିଟିକି ହୋଇ ରାସ୍ତା କଡ଼ରେ ପଡ଼ିଯାଇଥିଲେ। ପାଖରେ କେହି ନଥିବାରୁ ଚେତାଶୂନ୍ୟ ହୋଇ ଶୀତରେ ପଡ଼ିରହିଥିଲେ। ରାତି ଘରକୁ ନ ଆସିବାରୁ ଅସ୍ତବ୍ୟସ୍ତ ହୋଇ ତାଙ୍କ ସ୍ତ୍ରୀ ଫୋନ କରିଥିଲେ। ତେବେ କୌଣସି ଉତ୍ତର ନ ମିଳିବାରୁ ସ୍ଥାନୀୟ ଅନ୍ୟ ପୁଲିସ କର୍ମଚାରୀଙ୍କୁ ଫୋନ କରିଥିଲେ। ପରେ ଫୋନ ଟ୍ରାକିଙ୍ଗ କରି ଘଟଣା ସ୍ଥଳକୁ ପହଞ୍ଚିଥିଲେ ଏବଂ ପୁଲିସକୁ ସୂଚନା ଦେଇଥିଲେ। ତାଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଖବର ପାଇ ଡାଙ୍ଗସରଡ଼ା ଫାଣ୍ଡି ଅଧିକାରୀ ମନୋରଞ୍ଜନ ବିଶ୍ୱାଳ ଘଟଣା ସ୍ଥଳକୁ ଯାଇ ସବୁଦିଗକୁ ଅନୁସନ୍ଧାନ କରି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ମୁନିଗୁଡା ଗୋଷ୍ଠୀ ଚିକିତ୍ସା କେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିବା ପୋଲିସ ସୂତ୍ରରୁ ଜଣା ପଡ଼ିଛି।

## ଆଦର୍ଶ ଶିକ୍ଷକଙ୍କ ପରଲୋକ



ମାଥିଲି,୨୪।୧୨(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସାଲିମି ପଞ୍ଚାୟତ ଅନ୍ତର୍ଗତ ବାରୁବେଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭବାନୀ ପ୍ରସାଦ ମିଶ୍ରଙ୍କର ପରଲୋକ ଘଟିଛି। ଆଜି ସକାଳେ ଘରେ ଥିବା ସମୟରେ ହଠାତ ଛାତିର ଯନ୍ତ୍ରଣା ହୋଇଥିଲା। ମାଥିଲି ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏପରି ଦୁଃଖ ଖବର ଶୁଣିବା ପରେ ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ, ଅତିରିକ୍ତ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକଙ୍କ ସମେତ ବ୍ଲକ ତଥା ଜିଲ୍ଲାର ସମସ୍ତ ଶିକ୍ଷକ ସ୍ୱର୍ଗୀୟ ମିଶ୍ରଙ୍କ ବାସଭବନରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହିତ ସ୍ୱର୍ଗୀୟ ମିଶ୍ରଙ୍କ ମର ଶରୀରରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ।

● ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

# ସଂସ୍କାର ଜୀବନର ଅମୂଲ୍ୟ ସମ୍ପଦ: ମନ୍ତ୍ରୀ

କୋରାପୁଟ,୨୪।୧୨(ସମିସ): କୋରାପୁଟ ଶିଶୁ ବିଦ୍ୟା ମନ୍ଦିରର ୩୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗ ଦେଇଥିଲେ। ଶିଶୁର ସର୍ବାଙ୍ଗୀନ ବିକାଶ ପାଇଁ ପିତା ଓ ମାତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ସଂସ୍କାର ଜୀବନର ଅମୂଲ୍ୟ ସମ୍ପଦ, ଶିଶୁ ମନ୍ଦିରରେ ସଂସ୍କାରର ମୂଳମନ୍ତ୍ର ଅଟେ ଏଥିପାଇଁ ଶିଶୁ ମନ୍ଦିର ଏକ ବ୍ରାଣ୍ଡ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଥିଲେ। ସମ୍ମାନିତ ଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ମାଛ ଉପସ୍ଥିତ ରହି ଗୁରୁଙ୍କର ଆଜ୍ଞାଧୀନ ହୋଇ ଶିକ୍ଷା ଗ୍ରହଣ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଯୋଗ ଦେଇ ଶିଶୁ ମନ୍ଦିରର ଶିକ୍ଷା ବ୍ୟବସ୍ଥା ଶିଶୁ ମାନଙ୍କର ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ପ୍ରଯୁଜ୍ୟ ବୋଲି କହି ଥିଲେ। ମୁଖ୍ୟବକ୍ତା ଭାବେ କବି, ଗାଳ୍ପିକ ଓ ସ୍ତମ୍ଭକାର ଚନ୍ଦ୍ର ବିଜୟୀ ମିଶ୍ର ଉପସ୍ଥିତ ରହି ବିଦ୍ୟାଭାରତୀ ଯୋଜନାରେ ଗଢ଼ି ଉଠିଥିବା ଶିଶୁ ମନ୍ଦିର ଏକ ମଣିଷ ତିଆରି କାରଖାନା ଅଟେ ବୋଲି ମତବ୍ୟକ୍ତ କରିଥିଲେ। ମ୍ୟାଟ୍ରିକ ଟପ୍ପରଙ୍କୁ ମାନପତ୍ର ଏବଂ କ୍ରୀଡ଼ାରେ ଚାମ୍ପିଅନ ହୋଇଥିବା କ୍ରୀଡାବିତ୍‌ଙ୍କୁ ପୁରସ୍କାର ପ୍ରଦାନ କରଯାଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଲେଖ ଚନ୍ଦ୍ର ଦୋରା ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ବିଭୁଦତ୍ତ ମହାପାତ୍ର, ଉପସଭାପତି ପ୍ରଭାକର ଦାସ, କୋଷାଧ୍ୟକ୍ଷ ଏନ. ରମେଶ, ଯୁଗ୍ମ ସମ୍ପାଦିକା ସସ୍ମିତାରାଣୀ ବେହେରା, ସଦସ୍ୟ ପ୍ରହଲ୍ଲାଦ ସାହୁ ଓ ସଦସ୍ୟା ସୁମଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଭତ୍ତା ପାଇଁ ହିନସ୍ତା

# ବ୍ୟାଙ୍କ ଖାତାକୁ ଆସିପାରୁନି ଟଙ୍କା



ନନ୍ଦପୁର,୨୪।୧୨(ସମିସ): ଲୋକଙ୍କୁ ବିଭିନ୍ନ ଭତ୍ତା ପ୍ରତିମାସ ୧୫ ତାରିଖରେ ପ୍ରଦାନ କରାଯାଏ। ଓଡ଼ିଶାରେ ଦୁଇ ପ୍ରକାର ଭତ୍ତା ପ୍ରଚଳିତ ହେଉଛି। ଗୋଟିଏ ମଧୁବାବୁ ପେନ୍‌ସନ୍, ଅନ୍ୟଟି ଇନ୍ଦିରା ଗାନ୍ଧୀ ଜାତୀୟ ପେନ୍‌ସନ୍ ଯୋଜନା ଅନ୍ତର୍ଗତ ହିତାଧିକାରୀ ପେନ୍‌ସନ୍ ପ୍ରଦାନ କରାଯାଉ ଥିବା ବେଳେ ଗତ ଦେଢ଼ ବର୍ଷ ହେବ ଜାତୀୟ ଇନ୍ଦିରା ଗାନ୍ଧୀ ପେନ୍‌ସନ୍ ଯୋଜନାରେ ଭତ୍ତା ପାଉଥିବା ହିତାଧିକାରୀଙ୍କ ହିନସ୍ତା ବଢ଼ିଯାଇଛି । ମଧୁବାବୁ ପେନ୍‌ସନ୍ ଯୋଜନାରେ ପୂର୍ବ ବର୍ଷ ପରି ପ୍ରତି ମାସରେ ୧୫ ତାରିଖକୁ ଭତ୍ତା ପ୍ରଦାନ କରାଯାଉ ଥିବା ବେଳେ ଜାତୀୟ ଇନ୍ଦିରା ଗାନ୍ଧି ପେନ୍‌ସନ୍ ଯୋଜନା ଅନ୍ତର୍ଗତ ଅନ୍ୟ ଭତ୍ତାଧାରୀଙ୍କୁ ବ୍ୟାଙ୍କ୍ ଖାତା ମଧ୍ୟମରେ କେଉଁ ମାସର ୨୦ ତାରିଖ ତ କେଉଁ ମାସରେ ୨୫ ତାରିଖ ଦିଆଯାଉଛି। ଚଳିତ ମାସରେ କୋରାପୁଟ ଜିଲ୍ଲାର ପୁରପଲ୍ଲୀରେ ପର୍ବ ହେଉଥିବା ବେଳେ ଆଜି ପର୍ଯ୍ୟନ୍ତ ପେନ୍‌ସନ୍ ଟଙ୍କା ବ୍ୟାଙ୍କ୍ ଖାତାକୁ ଆସି ନଥିବା ନେଇ ହିନସ୍ତା ବଢ଼ିଯାଇଛି । ସେପଟେ ପ୍ରତିଦିନ ବ୍ୟାଙ୍କ୍‌କୁ ଦୌଡ଼ି ଦୌଡ଼ି ପେନ୍‌ସନ୍ ଟଙ୍କା ପାଇଁ ହିତାଧିକାରୀ ନୟାନ୍ତ ହୋଇଥିବା ପ୍ରକାଶ କରିଥିବା ବେଳେ ପେନ୍‌ସନ୍‌କୁ ନେଇ ଅପଡେଟ ଚାଲିଥିବା ଯୋଗୁ ଟିକିଏ ବିଳମ୍ବ ହେଉଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି । ତେବେ ଠିକଣା ସମୟରେ ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାକୁ ଟଙ୍କା ଆସିଲେ ସେମାନେ ଉପକୃତ ହୋଇ ପାରିବେ ବୋଲି କହିଛନ୍ତି ବ୍ଲକ୍ ଉପାଧ୍ୟକ୍ଷ ଗୋପାଳ ହନ୍ତାଳ।

# ବରଗଡ଼ ଧନୁଯାତ୍ରା ଆରମ୍ଭ





ବରଗଡ଼, ୨୪।୧୨(ସମିସ)

ଭବ୍ୟ ଓ ବର୍ଣ୍ଣାଢ଼୍ୟ ସାଂସ୍କୃତିକ ଶୋଭାଯାତ୍ରା ସହ ବିଶ୍ୱର ସର୍ବବୃହତ ଖୋଲା ରଙ୍ଗମଞ୍ଚ ଭାବେ ପରିଚିତ ବରଗଡ଼ ଧନୁଯାତ୍ରା ମହୋତ୍ସବର ଶୁଭାରମ୍ଭ ହୋଇଛି। ଧନୁଯାତ୍ରାର ଐତିହ୍ୟ, ପରମ୍ପରା ଓ ଲୋକସଂସ୍କୃତିର ବାର୍ତ୍ତାବାହକ ଭାବେ ଶୋଭାଯାତ୍ରାଟି ବରଗଡ଼ ସହରକୁ ଉତ୍ସବମୁଖର କରିଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ସମ୍ମାନୀୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ଓ ମଧୁଛନ୍ଦା ସାହୁ, ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ, ବରଗଡ଼ ପୌର ପରିଷଦ ଅଧକ୍ଷା କଳ୍ପନା ମାଝୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ (ଉତ୍ତରାଞ୍ଚଳ) କଲ୍ୟାଣୀ ଦାସ, ଜିଲ୍ଲା ସୂଚନା

## ଯୋଗଦେଲେ ୨୨ ସାଂସ୍କୃତିକ ଦଳର କଳାକାର

ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରଗଡ଼ ଘରୋଇ ବସ୍ ମାଲିକ ସଂଘ ସଭାପତି ବିନୋଦ ମହାପାତ୍ର, ଠିକାଦାର ସଂଘ ସଭାପତି ମଣ୍ଟୁ ଗଡ଼ତିଆ, ଜିଲ୍ଲା ସମାଜସେବୀ ସଂଘ, ବରଗଡ଼ ମହିଳା ସଂଘ, ନିଷ୍ଠା ପରିବାର, ସଙ୍କଳ୍ପ ପରିବାର, ଇନରହ୍ୱିଲ କ୍ଲବ୍, ବରଗଡ଼ ଜିଲ୍ଲା ଖବରକାଗଜ ବିତରକ ସଂଘ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ଗାନ୍ଧୀ ଛକରୁ ଅପରାହ୍ଣ ୨ ଟାରେ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରା ସହର ପରିକ୍ରମା କରି ସମଲେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ପହଞ୍ଚିଥିଲା। ଶୋଭାଯାତ୍ରାରେ ରାଜ୍ୟ ଭିତରୁ ଓ ରାଜ୍ୟ ବାହାରୁ ମୋଟ ୨୨ଟି ସାଂସ୍କୃତିକ ଦଳ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପାରମ୍ପରିକ ନୃତ୍ୟ, ଲୋକଗୀତ ଓ ରଙ୍ଗୀନ ପୋଷାକରେ ସଜ୍ଜିତ କଳାକାରମାନଙ୍କ ପ୍ରଦର୍ଶନ ଶୋଭାଯାତ୍ରାକୁ ବେଶ୍ ଆକର୍ଷଣୀୟ କରିଥିଲା। ରାଜ୍ୟ ବାହାରୁ ଆସିଥିବା ଛତିଶଗଡ଼ର 'ମାଁ ସମଲେଶ୍ୱରୀ କର୍ମା ଡାନ୍ସ ଗ୍ରୁପ୍', 'ପାନ୍ଥ ଡାନ୍ସ ଗ୍ରୁପ୍' ଏବଂ କୋଲକାତାର 'ଫ୍ରକ୍ ଡାନ୍ସ ଗ୍ରୁପ୍'ର ପ୍ରଦର୍ଶନର ଆକର୍ଷଣ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା। ସାଂସ୍କୃତିକ ଶୋଭାଯାତ୍ରାର ଆୟୋଜନ ଧନୁଯାତ୍ରା ପ୍ରଚାର ପ୍ରସାର କମିଟିର ସହଯୋଗରେ ହୋଇଥିଲା।






# ବିଭିନ୍ନ ଶିକ୍ଷାନୁଷ୍ଠାନରେ ବାର୍ଷିକ ଉତ୍ସବ

ବରଗଡ଼, ୨୪।୧୨(ସମିସ)






ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲରେ ବାର୍ଷିକ ଉତ୍ସବ 'ସଫାୟାର ଦ ଡେପ୍ଥ ଅଫ୍ ଆୱାର ଭ୍ୟାଲ୍ୟୁଜ୍' ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ସାୱଡିଆ, ଚେୟାରମ୍ୟାନ୍ ସୁମନ ସାୱଡିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ୍ କରନ ସାହୁ, ଡାଇରେକ୍ଟର ସିଦ୍ଧାର୍ଥ ସାୱଡିଆ, ଭାଇସ୍ ପ୍ରିନ୍ସିପାଲ ପ୍ରଭୁଦତ୍ତ ଦାଶଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକଗଣ ଉପସ୍ଥିତ ଥିଲେ। ସମସ୍ତ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ କରନ ସାହୁ ଗତ ବର୍ଷ ବିଦ୍ୟାଳୟର ସଫଳତାର ବିବରଣୀ ପାଠ କରିଥିଲେ। ଚେୟାରମ୍ୟାନ୍ ସୁମନ ସାୱଡିଆ ସମସ୍ତ ଅଭିଭାବକଙ୍କୁ କୃତଜ୍ଞତା ଜଣାଇଥିଲେ। ଡାଇରେକ୍ଟର ଅଜିତ ପଟ୍ଟନାୟକ ସମସ୍ତ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଦୈନନ୍ଦିନ ଜୀବନରେ ଅନୁଶାସନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ପରେ ବାର୍ଷିକ ପୁରସ୍କାର ଘୋଷଣା କରାଯାଇଥିଲା। ଏଥିରେ ସଂସ୍କାର ଷ୍ଟାର ଆୱାର୍ଡ ପଞ୍ଚମ ଶ୍ରେଣୀର ଛାତ୍ର ବିବାନ ପଟନାୟକଙ୍କୁ ନ୍ୟାସନାଲ ସ୍ୱିମିଂ ପ୍ରତିଯୋଗିତାରେ ନବମ ସ୍ଥାନ ହାସଲ କରିଥିବା ଯୋଗୁଁ ଦିଆଗଲା। ଶ୍ରେଷ୍ଠ ବୋର୍ଡର ଜୁନିୟର ବାଳିକା ବର୍ଗରେ ଷଷ୍ଠ ଶ୍ରେଣୀର ପାଖୀ ଲାଲୱାନୀ ଏବଂ ସିନିୟର ବାଳିକା ବର୍ଗରେ ଦଶମ ଶ୍ରେଣୀର ସ୍ନେହଲ ଅଗ୍ରୱାଲ; ସେହିପରି ଜୁନିୟର ବାଳକ ବର୍ଗରେ ସପ୍ତମ ଶ୍ରେଣୀର ସୌମ୍ୟରାମୁକା ଏବଂ ସିନିୟର ବାଳକ ବର୍ଗରେ




ଦଶମ ଶ୍ରେଣୀର ରାଜବୀର ସାହୁ ବିଜେତା ହୋଇଥିଲେ। ଷ୍ଟୁଡେଣ୍ଟ୍ ଅଫ ଦି ଇଅର୍ ଜୁନିଅର ବର୍ଗ (ଶ୍ରେଣୀ ୧- ୫) ପଞ୍ଚମ ଶ୍ରେଣୀର ଛାତ୍ରୀ ରିତିଶା ଅଗ୍ରୱାଲ, ସିନିୟର ବର୍ଗ (ଶ୍ରେଣୀ ୬-୮)ରେ ଷଷ୍ଠ ଶ୍ରେଣୀର ଛାତ୍ର କୃଷ୍ଣା ଅଗ୍ରୱାଲ ତଥା ସିନିୟର୍ ବର୍ଗରେ ଦଶମ ଶ୍ରେଣୀର ଛାତ୍ରୀ ସଂସ୍କୃତି ଜୈନ ଜିତିଥିଲେ। ୧୦୦% ଆଟେଣ୍ଡାନ୍ସ ଆୱାର୍ଡ ନବମ ଶ୍ରେଣୀର ଛାତ୍ରୀ ଅନୁଶ୍ରୀ ମେହେର, ଦଶମ ଶ୍ରେଣୀର ଛାତ୍ରୀ ଅନୁଷ୍କା ଅଗ୍ରୱାଲ, ଏକାଦଶ ଶ୍ରେଣୀର ବାଣିଜ୍ୟ ଛାତ୍ର ପ୍ରତୀକ ରାଜ ଗୁପ୍ତାଙ୍କୁ ଦିଆଯାଇଥିଲା। ସ୍ପୋର୍ଟସ ଚାମ୍ପିଅନ ତଥା ଓଭରଅଲ ଚାମ୍ପଅନ ରୂପେ ଆଇନଷ୍ଟାଇନ ହାଉସ ଘୋଷିତ ହେଲା। ବିଗତ ବର୍ଷର (୨୦୨୪-୨୫) ସିବିଏସ୍ଇ ଟପ୍ପର ଦଶମ ଶ୍ରେଣୀର ଋଷି ଅଗ୍ରୱାଲ ଓ ଦ୍ୱାଦଶ ଶ୍ରେଣୀର ବାଣିଜ୍ୟ ଛାତ୍ରୀରିୟା ଅଗ୍ରୱାଲଙ୍କୁ ସମ୍ମାନିତ କରାଯାଇଥିଲା। ଏହା ବ୍ୟତୀତ ଦଶମ ଓ ଦ୍ୱାଦଶ ଶ୍ରେଣୀର ବୋର୍ଡ ପରୀକ୍ଷା (୨୦୨୪-୨୫)ରେ ବିଭିନ୍ନ ବିଷୟରେ ପୂର୍ଣ୍ଣ ଅଙ୍କ ଲାଭ କରିଥିବା ତଥା ୯୦%ରୁ ଅଧିକ ଅଙ୍କ ଅର୍ଜନ କରିଥିବା ବିଦ୍ୟାର୍ଥୀ ମାନଙ୍କୁ ପ୍ରୋତ୍ସାହିତ କରାଯିବା ସହ ନିଟ୍‌ର ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ବିଦ୍ୟାର୍ଥୀମାନଙ୍କୁ ସମ୍ମାନିତ କରାଯାଇଥିଲା। ବାର୍ଷିକ ପୁରସ୍କାର ଘୋଷଣା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଭାରତୀୟ ସଂସ୍କୃତିର ଆଶା ନୈତିକତା ଓ ଆଦର୍ଶକୁ ଉତ୍ସର୍ଗୀକୃତ ଏହି ବାର୍ଷିକୋତ୍ସବ 'ସଫାୟାର ଦ ଡେପ୍ଥ ଅଫ୍ ଆୱାର ଭ୍ୟାଲ୍ୟୁଜ୍' ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଛାତ୍ରୀ ମାନେ ଓଡ଼ିଶୀ ମାଧ୍ୟମରେ ଗଣପତି ବନ୍ଦନା କରିଥିଲେ। ସଂସ୍କାର ସାପଲିଙ୍ଗର କୁନିକୁନି ପିଲାମାନେ ରାମ୍ପ ୱାକ୍ କରିଥିଲେ। ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲର ପ୍ରି- ପ୍ରାଥମିକରୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରମାନେ ବଲିଉଡ ଗୀତ ଉପସ୍ଥାପନ କରିଥିଲେ। ବିଭିନ୍ନ ପ୍ରଦେଶର ନୃତ୍ୟ ଶୈଳୀ ଉପରେ ଆଧାରିତ ଗୋଷ୍ଠୀ ନୃତ୍ୟ ଉପସ୍ଥାପନ କରାଯାଇଥିଲା। ଭାରତୀୟ ସଂସ୍କୃତି ଓ ସଭ୍ୟତାକୁ ସମର୍ପିତ ସାମୂହିକ ନୃତ୍ୟ, କୃଷ୍ଣ ଲୀଳା ତଥା ସ୍କେଟିଂ, ମହାଭାରତର ଅଭିମନ୍ୟୁ ବଧ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା। ମରାଠାର ବୀର ଯୋଦ୍ଧା ସମ୍ଭାଜୀ ମହାରାଜଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ନୃତ୍ୟ ଉପସ୍ଥାପନ କରାଯାଇଥିଲା। ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସମ୍ବଲପୁରୀ ଲୋକ ନୃତ୍ୟର ମିଶ୍ରିତରୂପ ଥିଲା ମୂର୍ତ୍ତି ନୃତ୍ୟ। ଛାତ୍ରମାନେ ଯୋଗ, ସୂର୍ଯ୍ୟ ନମସ୍କାର, ବିଭିନ୍ନ ଆସନ, ପ୍ରାଚୀନ ଭାରତୀୟ ଏବଂ ଆଧୁନିକ ଯୋଗ ଶୈଳୀରେ ଚମତ୍କାର କୌଶଳ ପ୍ରଦର୍ଶନ କରିଥିଲେ। ସଂସ୍କାର ମ୍ୟୁଜିକାଲ୍ ବ୍ୟାଣ୍ଡ ପାର୍ଟି ଏକ ସୁମଧୁର ମାଳିକା ଉପସ୍ଥାପନ କରିଥିଲା। ଉତ୍ସବରେ ପ୍ରାୟ ୧୦୦୦ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଶେଷରେ ଶିକ୍ଷକ ଶଶୀ ପାଣ୍ଡେ କୃତଜ୍ଞତା ଜ୍ଞାପନ କରିଥିଲେ।

**ବରଗଡ଼:** ବିଦ୍ୟାସାଗର ଏକାଡେମୀର ବାର୍ଷିକ ଉତ୍ସବ 'ସମଗ୍ର' ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ସୁଶାନ୍ତ ଦାସ ଯୋଗ ଦେଇଥିଲେ। ଛାତ୍ରୀ ସମୀକ୍ଷା ପ୍ରଧାନ ଓ ସୋନାକ୍ଷୀ ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ମିଥୁନ ରାୟ ସାଧାରଣ ସଭାର ସଂଯୋଜନା କରିଥିଲେ। ଚେୟାରମ୍ୟାନ ବଳରାମ ବିଶି ବିଦ୍ୟାସାଗର ଏକାଡେମୀରେ ସିଏଚଏସି ଖୋଲିବା ନେଇ ଘୋଷଣା କରିଥିଲେ। ଏହି ଅବସରରେ ମ୍ୟାନେଜିଂ ଡାଇରେକଟର ଶୁଭ୍ରାନିତା ବିଶି, ଏକାଡେମିକ ଡାଇରେକ୍ଟର ଡ.ଜୟଦେବ ଭୋଇ, ଆଡମିନିଷ୍ଟ୍ରେଟିଭ ଡାଇରେକ୍ଟର ସୁଧାମୟୀ ଭୋଇ, ସିବିଏସଇ ଅଧକ୍ଷ ଦିଲୀପ ମିଶ୍ର, ସିଏଚଏସଇ ଅଧକ୍ଷ ବିକାଶ ସେନଙ୍କ ସହିତ ଶିକ୍ଷାବିଦ କେଶବ ପ୍ରଧାନ, ମନୋରଞ୍ଜନ ସାହୁ, ଦୀନବନ୍ଧୁ ଅମାତ ଓ ଡ.ଡୋଳମଣୀ ଶତପଥୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ଆଲୁମିନି ପାୟଲ ଖମାରୀ ଓରୋଶନ ବିଶିଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସିବିଏସଇ ଅଧକ୍ଷ ଦିଲୀପ ମିଶ୍ର ବାର୍ଷିକ ବିବରଣୀ ପଢ଼ିବା ସହିତ ରାଷ୍ଟ୍ରୀୟ ଶିକ୍ଷାନୀତିର ଉପଯୋଗୀତା ଉପରେ ଆଲୋକପାତ କରିଥିଲେ। ସିଏଚଏସଇ ଅଧକ୍ଷ ବିକାଶ ସେନ ଆମ ଚିନ୍ତାଧାରା ଠିକ ରହିଲେ ଆମେ ସଫଳତା ପାଇପାରିବା ବୋଲି କହିଥିଲେ। ପୁରସ୍କାର ବିତରଣୀ ସଭାକୁ ସୁଶୀଲ ବୁଧିଆ ପରିଚାଳନା କରିଥିବା ବେଳେ ରାଷ୍ଟ୍ରୀୟ, ରାଜ୍ୟ, ଜିଲ୍ଲାସ୍ତରୀୟ କୃତୀ ଛାତ୍ରଛାତ୍ରୀ ଓ ପ୍ରତ୍ୟେକ ଟପ୍ପର ମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ଉପାଧକ୍ଷ ପ୍ରଦୀପ ବାନାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

**ବରପାଲି:** ବରପାଲି ଲିଟିଲ ଆଞ୍ଜେଲସ ପବ୍ଲିକ ସ୍କୁଲ ପରିସରରେ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଅବସରରେ ବାର୍ଷିକ ଉତ୍ସବ 'ଆଞ୍ଜେଲିକା-୨୦୨୫' ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସୋନପୁର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଡ.ନୃପରାଜ ସାହୁ ଓ ମୁଖ୍ୟ ବକ୍ତା ଭାବେ ଅନ୍ତର୍ଜାତୀୟ ପ୍ରମାଣିତ ସଫ୍ଟସ୍କିଲ ପ୍ରଶିକ୍ଷକ ଜୟ ପ୍ରକାଶ ନାରାୟଣ ଶତପଥୀ ଯୋଗ ଦେଇଥିଲେ। ଅତିଥି ମାନଙ୍କ ସହ ବିଦ୍ୟାଳୟ ସଭାପତି ଡ.ସୁବ୍ରତ ମୁଣ୍ଡ, ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ଓ ବିଦ୍ୟାଳୟ ଅଧକ୍ଷା ମଧୁସ୍ମିତା ମୁଣ୍ଡ, ଡୁଙ୍ଗୁରିପାଲି ବିଦ୍ୟାଳୟ ଅଧକ୍ଷ ଏସ୍‌ପି. କଲେତ, ଉପାଧକ୍ଷ ସୁଶୀଳ ରଥ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ମାନେ ସ୍କୁଲ ପ୍ରତିଷ୍ଠାତା ଡ. ଧୀରେନ୍ଦ୍ରନାଥ ମୁଣ୍ଡଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କଲାପରେ ସାଂସ୍କୃତିକ ଓ ସାରସ୍ୱତ ମଞ୍ଚରେ ପ୍ରଦୀପ ପ୍ରଜ୍ୱଳନ ମାଧ୍ୟମରେ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ସଭାପତି ଡ.ସୁବ୍ରତ ମୁଣ୍ଡଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ମାନେ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଗୁଣାତ୍ମକ ଶିକ୍ଷା ଗ୍ରହଣ କରି ଶୃଙ୍ଖଳିତ ଜୀବନ ଧାରାରେ ଆଗେଇବା ନିମନ୍ତେ ଆହ୍ୱାନ ଦେଇଥିଲେ। ଛାତ୍ରୀ ଶ୍ରଦ୍ଧା ସୁମନ ଦୀପ ଓ ଆଦିଶ୍ରୀ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ପରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର, ବାର୍ଷିକ କ୍ରୀଡା ଚାମ୍ପିଅନ, ନିଟ, ଜେଇଇ, ଆଇଜାର, ନାଇଜର ଓୟୁଏଟି ଓ ଏନଆଇଟି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଅଧକ୍ଷା ମଧୁସ୍ମିତା ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଗୀତ, ନୃତ୍ୟ, ନାଟକ ଆଦି ପରିବେଷଣ କରିବାରେ ଡ.ସ୍ରିଷ୍ଟି ମୁଣ୍ଡ, ଶିକ୍ଷକ ବଶିଷ୍ଠ ବନ୍ଧୁକୀ, ଗୋପାଳ ନାଗ, ସରୋଜ ଥନାପତି, ଉମାକାନ୍ତ ସିକନ୍ଦର, ଶିକ୍ଷୟିତ୍ରୀ ସୀମାରାଣୀ ବେହେରାଙ୍କ ସାଂସ୍କୃତିକ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିଲା। କ୍ରିଏଟିଭ୍ ଡାଇରେକ୍ଟର ଡ.ସ୍ରିଷ୍ଟି ମୁଣ୍ଡ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ, ଏଚ୍‌ଓଓ ରୋହିତରୟ, ସିନିୟର ଆକାଉଣ୍ଟାଣ୍ଟ ମୃତ୍ୟୁଞ୍ଜୟ ସାହୁ, ନୂରୀ ପ୍ରଧାନ, ଗଜାଲା ଅଞ୍ଜୁମଙ୍କ ତତ୍ତ୍ୱାବଧାନରେ ତଥା ଅନୁଷ୍ଠାନର ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀଗଣଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

**ବରଗଡ଼:** ଜମଲା ଡିଗ୍ରୀ କଲେଜରେ ମହାସମାରୋହରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କଲେଜର ଅଧକ୍ଷ ଡ.ସ୍ୱାଧୀନ ଚନ୍ଦ୍ର ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅଞ୍ଚଳ କଲେଜର ଅଧକ୍ଷ ଖଗେଶ୍ୱର ଦାଶ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କଲେଜର ପରିଚାଳନା କମିଟିର ସଭାପତି କଲାକହ୍ନେଇ ପଧାନ ଉପସ୍ଥିତ ଥିଲେ। ସେହିପରି ଦହିତା କଲେଜର ଇଂରାଜୀ ଅଧାପକ ସୁଶାନ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ। କଲେଜର ଇଂରାଜୀ ଅଧାପକ ଆଶିଷ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅଧାପକ ସଦାନନ୍ଦ ସେଠ୍ ପରିଚାଳନା କରିଥିବା ବେଳେ ଅଧାପିକା କୁମୁଦିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହାକୁ ଲାଇବ୍ରେରିଆନ ସୁମନ୍ତ ବାଜପେୟୀ ତୁଲାଇଥିଲେ।

**ବରଗଡ଼:** ସ୍ଥାନୀୟ ହିନ୍ଦୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷୟିତ୍ରୀ ସୀତା ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲ୍ଲୀପ ମେହେର, ଘାସିରାମ ଭୋଇ, ପେଡ଼ା ଗୋଜୀ ସଂଯୋଜିକା ପୁଷ୍ପାଞ୍ଜଳି ଦାଶ ସିଆର୍‌ସିସି ଚିନୁ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଶିକ୍ଷୟିତ୍ରୀ ନମିତା ପଟ୍ଟନାୟକଙ୍କ ସଂଯୋଜନା ତଥା ପରିଚାଳନାରେ ଏଫ୍‌ଏଲଏନ୍ ଶ୍ରେଣୀ କୋଠରୀର ଶୁଭ ଉଦ୍‌ଘାଟନ ହୋଇଥିଲା।



**ମେଲଛାମୁଣ୍ଡା:** ପଦ୍ମପୁର ବ୍ଲକ ଅଧୀନ ଦିପ୍ତୀପୁର ଠାରେ ଶ୍ରୀଅରବିନ୍ଦ ପାଠଚକ୍ର, ଅରୋଜ୍ୟୋତିରେ ଦୁଇ ଦିନ ଧରି ଚାଲିଥିବା ରଜତ ଜୟନ୍ତୀ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଦ୍ୱିତୀୟ ଦିନରେ ଶିକ୍ଷାକେନ୍ଦ୍ର ସଭାପତି ଚନ୍ଦ୍ରମଣି ସାହୁଙ୍କ ଅଧକ୍ଷତାରେ ପ୍ରଥମ ଅଧିବେଶନ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପଦ୍ମପୁର ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଜୟ ସାହୁ, ମୁଖ୍ୟ ବକ୍ତା ଭାବେ ଡ.ଉପେନ୍ଦ୍ର ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ସାଧୁ ଚରଣ ଗଡ଼ତିଆ, ଶିକ୍ଷକ ବିଶ୍ୱନାଥ ସାହୁ, ଶିକ୍ଷକ ଶାନ୍ତନୁ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସନ୍ଧ୍ୟାରେ କବି ପଦ୍ମଶ୍ରୀ ହଳଦର ନାଗ, ହାସ୍ୟକବି ମୁନିରାମ କୁମ୍ଭାର, ହାସ୍ୟକବି ନକୁଳ ମେହେର ପ୍ରମୁଖଙ୍କୁ ନେଇ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ବିଜେପୁର ବିଧାୟକ ସନତ ଗଡ଼ତିଆ, ସମ୍ମାନିତ ଅଥିତି ମାତୃକର୍ମୀ ଶ୍ରୀ ଅରବିନ୍ଦ ଶିକ୍ଷାକେନ୍ଦ୍ରର ସୁଶାନ୍ତ ମିଶ୍ର, କିଶୋର ଦେବତା, ଅଧାପକ ଧନପତି ଦେବତା ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ଜଗଦୀଶ ସାଗରରେଶଷରେ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ଗାଇସିଲେଟ:** ବରଗଡ଼ ଜିଲ୍ଲା ଗାଇସିଲେଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ୩ ଦିନ ଧରି ଅନୁଷ୍ଠିତ ହୋଇ ଶେଷ ହୋଇଛି। ଆଜି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଓ ମୁଖ୍ୟବକ୍ତା ଭାବେ ଅଧକ୍ଷ ଡ.ସନାତନ ପଧାନ ଯୋଗ ଦେଇଥିଲେ। ସଭାପତି ରବୀନ୍ଦ୍ର ପଣ୍ଡା ସଭା ପରିଚାଳନା କରିଥିବା ବେଳେ ସମ୍ପାଦକ ବୁଦ୍ଧଦେବ ପୁରୋହିତ ପରିଚୟ ପ୍ରଦାନ କରିଥିଲେ ଏବଂ ପ୍ରଧାନଆଚାର୍ଯ୍ୟ ଧର୍ମାନନ୍ଦ ମହଲା ଚଳିତ ଶିକ୍ଷା ବର୍ଷର ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ଅନେକ ଶିକ୍ଷକ ଓ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା ଏବଂ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପଶ୍ଚିମ ସମ୍ଭାଗର ସହ ସମ୍ଭାଗ ସଂଯୋଜକ ଗୁପ୍ତେଶ୍ୱର ଥନାପତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଜ୍ୟୋତିରଞ୍ଜନ ମିଶ୍ର, ସୁଶାନ୍ତ ପାଣିଗ୍ରାହୀ, ଜୟ କିଶୋର ପଣ୍ଡା, ପ୍ରଦୀପ ମିଶ୍ର, ଶ୍ରିମନ୍ତ ପ୍ରଧାନ, ଭକ୍ତ ଚରଣ ସାହୁ, ରହିତ ମେହେର ପ୍ରମୁଖ ରଜତ ଜୟନ୍ତୀ ଉତ୍ସବ ପାଳନ ପାଇଁ ମାର୍ଗଦର୍ଶନ କରିଥିଲେ। ବରପାଲି ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଆଚାଯର୍ୟ ନିରଞ୍ଜନ ହୋତା ଉପସ୍ଥିତ ଥିଲେ। ହେମନ୍ତ ପଣ୍ଡା ଏବଂ କୁମୁଦ ଚନ୍ଦ୍ର ନାୟକଙ୍କ ନିର୍ଦ୍ଦେଶନାରେ 'ଘେଁସ ଜମିଦାର ମାଧୋ ସିଂ' ନାଟକ ପରିବେଷଣ ହୋଇଥିଲା। ରବୀନ୍ଦ୍ର ପଣ୍ଡା, ମନୋଜ ପଣ୍ଡା, ସଞ୍ଜୟ ପୁରୋହିତ, ପୁରୁଷୋତ୍ତମ ସାହୁ, ସୁଶାନ୍ତ ପାଣିଗ୍ରାହୀ, ଶାଶ୍ୱତ ରଞ୍ଜନ ପୁରୋହିତ, ବୁଦ୍ଧଦେବ ପୁରୋହିତ, ଆଦିକନ୍ଦ ପୁରୋହିତ, ସୌରଭ ତ୍ରିବେଦୀ, କୁନା ସେଠ, ରୀନା ସାହୁ, ନନ୍ଦକିଶୋର ଯୋଶୀ, ସୁରେଶ୍ୱର ଭୋଇ, ଲେକ୍ଟୁ ବରିହା, ଗିରିଶ ପଣ୍ଡା, ମାନସ ଦାଶ, ନିଳୀମା ଦାଶ ଏବଂ ସମସ୍ତ ଗୁରୁମା ଗୁରୁଜୀ, ସେବକ ସେବିକାଙ୍କ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମୃତ ଦାଦନଙ୍କ ପରିବାରକୁ ପ୍ରଶାସନର ସହାୟତା



ବେଲଗୁଣ୍ଠା, ୨୪।୧୨(ସମିସ): ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ଉଡୁରା ପଞ୍ଚାୟତ ନାୟକପଡ଼ା ଗ୍ରାମର ମୃତ ଦାଦନ ଉତ୍ତମ ପ୍ରସାଦ ରଣାଙ୍କ ପରିବାର ସଦସ୍ୟଙ୍କୁ ପ୍ରଶାସନ ତରଫରୁ ସହାୟତା ଯୋଗାଇ ଦିଆଯାଇଛି। ନାୟକପଡ଼ା ବୈଦ୍ୟନାଥ ମନ୍ଦିରରେ ପୂଜକ ସୂର୍ଯ୍ୟନାରାୟଣ ରଣାଙ୍କ ଦ୍ୱିତୀୟ ପୁତ୍ର ଉତ୍ତମ ପ୍ରସାଦ ରଣାଙ୍କର ଚେନ୍ନାଇରେ ମୃତ୍ୟୁ ଘଟିଥିଲା। ଖବର ପାଇ ତାଙ୍କର ସମ୍ପର୍କୀୟ ଭାଇ କମ୍ପାନି କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିବା ପରେ ସୋମବାର ସକାଳେ ବିମାନ ଯୋଗେ ଉତ୍ତମଙ୍କ ଶବ ଭୁବନେଶ୍ୱର ଆସି ପହଞ୍ଚିଥିଲା। ସେଠାରୁ ଏକ ଆମ୍ବୁଲାନ୍ସ ଯୋଗେ ନାୟକପଡ଼ାକୁ ଅଣାଯାଇଥିଲା। ଶୋକାକୁଳ ପରିବେଶ ମଧ୍ୟରେ ଗ୍ରାମ ଶ୍ମଶାନରେ ଉତ୍ତମଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ୍‌ଙ୍କ ନିର୍ଦ୍ଦେଶକ୍ରମେ ବେଲଗୁଣ୍ଠା ଅତିରିକ୍ତ ତହସିଲଦାର କବିରାଜ ସେଠୀ, ରାଜସ୍ୱ ନୀରିକ୍ଷକ ପ୍ରଦୀପ କୁମାର ଜେନା, ନାଜିର ପ୍ରତାପ କୁମାର ପ୍ରଧାନ ନାୟକପଡ଼ା ଯାଇ ଉଡ୍ରା ସମିତିସଭ୍ୟ ସୁଧାଂଶୁ ଶେଖର ପୋଲାଇଙ୍କ ଉପସ୍ଥିତିରେ ମୃତ ଉତ୍ତମଙ୍କ ଘରେ ପହଞ୍ଚି ତାଙ୍କ ବାପା ସୂର୍ଯ୍ୟନାରାୟଣ ରଣାଙ୍କୁ ରେଡ଼କ୍ରସ୍ ପାଣ୍ଠିରୁ ୩୦ହଜାର ଟଙ୍କା ସହାୟତା ପ୍ରଦାନ କରିବା ସହିତ ଆଗାମୀ ଦିନରେ ସରକାରଙ୍କ ତରଫରୁ ଆବଶ୍ୟକ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## କୋଦଳା-ଦିଗି ରାସ୍ତା ଶୋଚନୀୟ

କୋଦଳା, ୨୪।୧୨(ସମିସ): କୋଦଳା ସହରକୁ ସଂଯୋଗ କରୁଥିବା ଦିଗି-କୋଦଳା ରାସ୍ତାର ଅବସ୍ଥା ଏବେ ଜରାଜୀର୍ଣ୍ଣ ହୋଇପଡ଼ିଛି। ରାସ୍ତା ସାରା ଖାଲଖମା ହୋଇ ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଏହି ରାସ୍ତା ନିର୍ମାଣ ହୋଇଥିବା ବେଳେ ୩ ବର୍ଷ ପରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଦେଇ ସ୍କୁଲ କଲେଜ ଛାତ୍ରୀଛାତ୍ରୀଙ୍କ ଠାରୁ ଆରମ୍ଭ କରି ଦୈନନ୍ଦିନ ବହୁ ଯାନବାହାନ, ମୋଟରସାଇକେଲ ଚଳ ପ୍ରଚଳ ହେଉଛି। ସେପଟେ ଏନେଇ ଗ୍ରାମବାସୀ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣିରେ ମଧ୍ୟ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଦିଲ୍ଲୀପ ବେହେରା କହିଛନ୍ତି, ରାସ୍ତା କାମ କରିଥିବା ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ରାସ୍ତା ନିର୍ମାଣର ୫ ବର୍ଷ ମଧ୍ୟରେ ରାସ୍ତା ଖରାପ ହେଲେ ସମ୍ପୃକ୍ତ ଠିକାଦାର ମରାମତି କରିବା କଥା। କିନ୍ତୁ ଠିକାଦାରଙ୍କ ମୃତ୍ୟୁ ଘଟିଥିବାରୁ ମରାମତିରେ ବିଳମ୍ବ ଘଟିଛି। ତେବେ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

● ପୋଲସରାକୁ ପୌରପାଳିକା ମାନ୍ୟତା

## ବିଜ୍ଞପ୍ତି ପ୍ରକାଶ ପରେ ସହରବାସୀଙ୍କ ମଧ୍ୟରେ ଖୁସିର ଲହରି

ପୋଲସରା, ୨୪।୧୨(ସମିସ): ପୋଲସରା ଏନ୍ଏସିକୁ ବିଧିବଦ୍ଧ ଭାବେ ମିଳିଲା ପୌରପାଳିକାର ମାନ୍ୟତା। ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଏନେଇ ଘୋଷଣା ହୋଇଥିବାବେଳେ ଦୀର୍ଘ ୧୧୪ ଦିନ ପରେ ମଙ୍ଗଳବାର ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନଗର ଉନ୍ନୟନ ବିଭାଗରୁ ଏନେଇ ପୋଲସରା ଏନ୍ଏସି କାର୍ଯ୍ୟାଳୟକୁ ଚିଠି ଆସିବା ପରେ ସହରବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ବିଜ୍ଞପ୍ତି ପ୍ରକାଶ ପରେ ପରେ ପୋଲସରା ଅଞ୍ଚଳବାସୀ ମନ୍ତ୍ରୀ ଗୋକୁଳାନନ୍ଦ ମଳିକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପୋଲସରା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଜେନା, ଅଧ୍ୟକ୍ଷା ସଙ୍ଗୀତା ବେହେରା, ଉପାଧ୍ୟକ୍ଷ ସନ୍ତୋଷ ବେହେରା, ପୂର୍ବତନ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପ୍ରଧାନ, ସାଂସଦ ପ୍ରତିନିଧି ସୀମାଞ୍ଚଳ ସାହୁ, ଶିଶିର ବେହେରାଙ୍କ ସମେତ ସମସ୍ତ କାଉନସିଲ, କର୍ମଚାରୀ ଓ ପୋଲସରାବାସୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଳିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଶେରଗଡ଼ ବ୍ଲକରେ ଧାନମଣ୍ଡି ଶୁଭାରମ୍ଭ

ଶେରଗଡ଼, ୨୪।୧୨(ସମିସ): ଶେରଗଡ଼ ବ୍ଲକ ଧବଳପୁର ପଞ୍ଚାୟତର ବାପୁଜୀ ସେବା ସମବାୟ ସମିତିରେ ଧାନମଣ୍ଡି ଶୁଭାରମ୍ଭ ହୋଇଯାଇଛି। ମଣ୍ଡିକୁ ସ୍ଥାନୀୟ ତହସିଲଦାର ତ୍ରିଦେବ ରଥ ଉଦଘାଟନ କରିଥିବାବେଳେ ଶେରଗଡ଼ ବ୍ଲକ ଯୋଗାଣ ନିରୀକ୍ଷକ ବିଭୁ ପ୍ରସାଦ ସାହୁ, ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟିର ସଦସ୍ୟ ନରସିଂହ ମିଶ୍ର, ଶେରଗଡ଼ ସେବା ସମବାୟ ସମିତିର ସମ୍ପାଦକ ସତ୍ୟ ନାରାୟଣ ରେଡ୍ଡୀ, ସମ୍ପାଦକ ହିମାଂଶୁ ପାଣିଗ୍ରାହୀ, ବାପୁଜୀ ସେବା ସମିତିର ସମ୍ପାଦକ ସୁଧାଂଶୁ ପ୍ରଧାନ, ଅନ୍ୟାନ୍ୟ ସମିତିର ସମ୍ପାଦକ ଏବଂ ବହୁ ଚାଷୀ ଉପସ୍ଥିତ ଥିଲେ। ଶେରଗଡ଼ ବ୍ଲକର ୨୨ଟି ପଞ୍ଚାୟତରେ ୧୪ଟି ସେବା ସମବାୟ ସମିତି ଏବଂ ୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଚାଷୀଙ୍କ ଠାରୁ ୬୯୪୪ ଜଣ ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରିବେ। କାର୍ଯ୍ୟକ୍ରମକୁ ଶେରଗଡ଼ ସେବା ସମବାୟ ସମିତି ସମ୍ପାଦକ ସତ୍ୟ ନାରାୟଣ ରେଡ୍ଡୀ ସଂଯୋଜନା କରିଥିବା ବେଳେ ଅନ୍ୟ ସମସ୍ତ ସମ୍ପାଦକ ସହଯୋଗ କରିଥିଲେ।

## କୁର୍ମୀ କ୍ଷେତ୍ରୀୟ ସଂସ୍ଥାର ୪ଦିନିଆ ସମ୍ମିଳନୀ ପାଇଁ ପ୍ରସ୍ତୁତି

ଭଞ୍ଜନଗର, ୨୪।୧୨(ସମିସ): ସ୍ଥାନୀୟ ତିଳିସିଙ୍ଗିରେ ଆସନ୍ତା ୨୫ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ କୁର୍ମୀ କ୍ଷତ୍ରିୟ ପ୍ରଦେଶ ସଂସ୍ଥାର ମହାସଭା ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଭଞ୍ଜନଗର ବିଧାୟକ ତଥା କୁର୍ମୀ କ୍ଷତ୍ରିୟ ପ୍ରଦେଶ ସଂସ୍ଥାର କର୍ମକର୍ତ୍ତା ପ୍ରଦ୍ୟୁମ୍ନ କୁମାର ନାୟକ ମଙ୍ଗଳବାର ସଭାସ୍ଥଳ ପରିଦର୍ଶନ କରି କାର୍ଯ୍ୟକ୍ରମ କିଭଳି ହେବ ସେନେଇ ସମୀକ୍ଷା କରିଥିଲେ। ଏ ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ନାୟକ କହିଥିଲେ କୁର୍ମୀ କ୍ଷତ୍ରିୟ ପ୍ରଦେଶ ସଂସ୍ଥାର ସଭାରେ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗଦେବେ। ରାଜ୍ୟ ବାହାରୁ ଆସୁଥିବା ସମାଜର ଛାମୁଆ କାର୍ଯ୍ୟକର୍ତ୍ତାମାନଙ୍କ ଯେପରି କିଛିବି ଅସୁବିଧା ନହୁଏ ସେଥିପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି ବୋଲି ସେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ଯେ ପ୍ରତି ୫ ବର୍ଷ ରେ ପ୍ରାଦେଶିକ ସମ୍ମିଳନୀ ଆୟୋଜିତ ହୋଇଥାଏ। ପୂର୍ବରୁ ଏହା ଭବାନୀପାଟଣା ଠାରେ ଆୟୋଜିତ ହୋଇଥିଲା।

# ଗଞ୍ଜାମରେ ବଢୁଛି ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ମାନମାନି

ବ୍ରହ୍ମପୁର, ୨୪।୧୨(ସମିସ)

- ଲମ୍ବୁଛି ଚିକିତ୍ସା ଅବହେଳାଜନିତ ମୃତ୍ୟୁର ତାଲିକା, ତଦନ୍ତରେ ସୀମିତ ସ୍ୱାସ୍ଥ୍ୟବିଭାଗ
- ଅପରେସନ ଶେଷ ପୂର୍ବରୁ ହସ୍ପିଟାଲ ଛାଡୁଛନ୍ତି ନିଶ୍ଚେତକ ଡାକ୍ତର
- ଅସ୍ତ୍ରୋପଚାରରେ ସାମିଲ ହେଉଛନ୍ତି ଜେଆର୍ ଓ ଏସ୍ଆର୍

ବ୍ରହ୍ମପୁର ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ରହିଛି ବହୁ ଘରୋଇ ହସ୍ପିଟାଲ। ସେଥିମଧ୍ୟରୁ ଅନେକ ଘରୋଇ ନର୍ସିଂହୋମ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନର ନିୟନ୍ତ୍ରଣରେ ନଥିବା ନଜିର ରହିଛି। ଏଭଳି ବେଆଇନ ହସ୍ପିଟାଲ ଉପରେ ଆବଶ୍ୟକ ସ୍ଥଳେ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ଅନେକ ସମୟରେ ଚିକିତ୍ସା ଆଶାରେ ଘରୋଇ ହସ୍ପିଟାଲକୁ ଆସୁଥିବା ରୋଗୀଙ୍କର ଚିକିତ୍ସା ଅବହେଳାରୁ ମୃତ୍ୟୁ ହେଉଥିବା ଅଭିଯୋଗ ହେଉଛି। ଘଟଣାକୁ ନେଇ ମୃତକଙ୍କ ସମ୍ପର୍କୀୟ ଓ ପରିବାର ପକ୍ଷରୁ ବାରମ୍ବାର ଅଭିଯୋଗ ପରେ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ତଦନ୍ତ କରାଯାଉଥିବା ନଜିର ରହିଛି। ତେବେ ବିଭିନ୍ନ ଘଟଣାର ତଦନ୍ତ କେବଳ ଲୋକ ଦେଖାଣିଆ ହେଉଥିବା ବେଳେ କାହା ବିରୁଦ୍ଧରେ କିଛି କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଉନାହିଁ। ହସ୍ପିଟାଲରେ ରୋଗୀଙ୍କୁ ଅସ୍ତ୍ରୋପଚାର ପୂର୍ବରୁ ନିଶ୍ଚେତକ ବିଭାଗ ଡାକ୍ତର ରୋଗୀଙ୍କୁ ନିଶ୍ଚେତକ ଇଞ୍ଜେକସନ ଦେଇଥାନ୍ତି। ନିୟମ ଅନୁଯାୟୀ ଅସ୍ତ୍ରୋପଚାର ଶେଷ ପର୍ଯ୍ୟନ୍ତ ଅର୍ଥାତ୍ ରୋଗୀଙ୍କ ଚେତା ଫେରିବା ପର୍ଯ୍ୟନ୍ତ ନିଶ୍ଚେତକ ଡାକ୍ତରଙ୍କ ଉପସ୍ଥିତି ଜରୁରୀ। ଅସ୍ତ୍ରୋପଚାର ସମୟରେ ରୋଗୀଙ୍କ ରକ୍ତ ଚାପ ଠାରୁ ଆରମ୍ଭ କରି ନିଶ୍ୱାସ ପ୍ରଶ୍ୱାସ ତଦାରଖ କରିବା ଉକ୍ତ ଡାକ୍ତରଙ୍କ ଦାୟିତ୍ୱ। କିନ୍ତୁ ଘରୋଇ ହସ୍ପିଟାଲରେ ଅନେକ ସମୟରେ ରୋଗୀଙ୍କୁ ନିଶା ଇଞ୍ଜେକସନ ଦେଇ ଅସ୍ତ୍ରୋପଚାର ଶେଷ ପୂର୍ବରୁ ନିଶ୍ଚେତକ ବିଭାଗ ଡାକ୍ତର ହସ୍ପିଟାଲ ଛାଡ଼ି ଅନ୍ୟତ୍ର ଚାଲିଯାଉଥିବା ଅଭିଯୋଗ ରହିଛି। ଏପରିକି ଅସ୍ତ୍ରୋପଚାର ସମୟରେ ବରିଷ୍ଠ ତଥା ଅଭିଜ୍ଞଙ୍କ ସ୍ଥାନରେ କନିଷ୍ଠ ଓ ଅନଭିଜ୍ଞ ଯଥା ଜୁନିଅର ରେସିଡେଣ୍ଟ(ଜେଆର) ଓ ସିନିୟର ରେସିଡେଣ୍ଟ(ଏସଆର) ଡାକ୍ତରଙ୍କ ସମ୍ପୃକ୍ତି ରହୁଥିବା ଅଭିଯୋଗ ହୋଇଛି। ଏଭଳି ବେନିୟମ କାର୍ଯ୍ୟ ଯୋଗୁଁ ବହୁ ସମୟରେ ଯୁବାବସ୍ଥାରେ ଅନେକ ରୋଗୀଙ୍କ ଅକାଳ ମୃତ୍ୟୁ ହୋଇଥିବା ନଜିର ରହିଛି। କିଛିମାସ ପୂର୍ବେ ଡେଙ୍ଗାଉସ୍ତା ସ୍ଥିତ ସାହାରା ନର୍ସିଂହୋମରେ ପ୍ରସୂତୀ ସମୟରେ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ କରାଖଣ୍ଡି ଗ୍ରାମର ରୋଜି ନାୟକଙ୍କ ମୃତ୍ୟୁ ଘଟିଥିବା ନେଇ ତାଙ୍କ ସ୍ୱାମୀ ବାବୁ ନାୟକ ଦିଗପହଣ୍ଡି ଥାନା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀଙ୍କ ନିକଟରେ ତଦନ୍ତ ପାଇଁ ଦାବି କରିଥିଲେ। ତେବେ ତାଙ୍କ ଅଭିଯୋଗକୁ ଆଦୌ ଗୁରୁତ୍ୱ ଦିଆଯାଇନଥିବା ବାବୁ ଅଭିଯୋଗ କରିଥିଲେ। ଏହା ସହ ସାହାରା ନର୍ସିଂହୋମର ସ୍ଥାୟୀ ଡାକ୍ତରଙ୍କର ଗତ ଜାନୁଆରୀରେ ମୃତ୍ୟୁ ସତ୍ତ୍ୱେ ଦିର୍ଘ ୬ମାସରୁ ଉର୍ଦ୍ଧ୍ୱ କାଳ ନର୍ସିଂହୋମରେ ଚିକିତ୍ସା ଚାଲିଥିବା ବାବୁ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଉକ୍ତ ନର୍ସିଂହୋମର ପଞ୍ଜିକରଣକୁ ରଦ୍ଦ କରାଯାଇଥିଲା। ସେହିପରି ରଙ୍ଗେଇଲୁଣ୍ଡା ବ୍ଲକ ବାଘଲଟି ଗ୍ରାମର ବଳରାମ ଗୌଡ(୨୫) ବାଇକ ଦୁର୍ଘଟଣାରେ ଆହତ ହୋଇ ପ୍ରଥମେ ବ୍ରହ୍ମପୁର ଏମକେସିଜି ମେଡିକାଲ ଓ ପରେ ତାଙ୍କୁ ଗୋଇଲୁଣ୍ଡି ସ୍ଥିତ ବିନାୟକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବଳରାମଙ୍କର ଅସ୍ତ୍ରୋପଚାର ବେଳେ ମୃତ୍ୟୁ ଘଟିଥିବା ତାଙ୍କ ଭାଇ ଜଗନ୍ନାଥ ଗୌଡ ଭାଇ ଅଭିଯୋଗ କରିଥିଲେ। ଏନେଇ ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ବୈଦ୍ୟନାଥପୁର ଥାନା ସମେତ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ତଦନ୍ତ କରାଯାଇଥିଲା। କିନ୍ତୁ ଏହି ଘଟଣାରେ ଉକ୍ତ ଘରୋଇ ହସ୍ପିଟାଲ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା। ତାହା ବର୍ତ୍ତମାନ ସୁଦ୍ଧା କାହାରିକୁ ଜଣାପଡ଼ିଲା ନାହିଁ। ଏହାର କିଛିମାସ ବ୍ୟବଧାନରେ ବର୍ତ୍ତମାନ ପୁଣି ଏକ ସମାନ ଘଟଣା ନଜରକୁ ଆସିଛି। ଚଳିତ ମାସ ୧୮ ତାରିଖରେ ଜରଡା ଥାନା ଅନ୍ତର୍ଗତ ତୁମ୍ବାଗଡ଼ ଗ୍ରାମର ବିଜୟ ପ୍ରଧାନ(୩୦) ଦୁର୍ଘଟଣାରେ ଆହତ ହୋଇଥିଲେ। ପରେ ବ୍ରହ୍ମପୁର ନୂଆ ବସଷ୍ଟାଣ୍ଡ-ଗେଟବଜାର ରାସ୍ତାରେ ଥିବା ଦି ମୁନ ହସ୍ପିଟାଲରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। ସେଠାରେ ଚିକିତ୍ସା ଅବହେଳାରୁ ବିଜୟଙ୍କ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଘଟଣାକୁ ନେଇ ମୃତକଙ୍କ ପରିବାର ଓ ସମ୍ପର୍କୀୟ ହସ୍ପିଟାଲ୍ ସମ୍ମୁଖରେ କ୍ଷତିପୂରଣ ଦାବିରେ ଶବ ରଖି ଧାରଣା ଦେଇଥିଲେ। ଘଟଣାରେ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଦି ମୁନ ହସ୍ପିଟାଲକୁ ସିଲ କରି ତଦନ୍ତ କରାଯାଇଛି। ଜିଲ୍ଲାରେ ଏଭଳି ଗୋଟିଏ ପରେ ଗୋଟିଏ ଘଟଣା ଘଟୁଥିବା ବେଳେ ଏହାକୁ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ଆଦୌ ଗୁରୁତ୍ୱ ଦିଆଯାଉନଥିବା ଅଭିଯୋଗ ହୋଇଛି। ତେଣୁ ଏଥି ପ୍ରତି ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବା ସହ ରୋଗୀଙ୍କ ଅସ୍ତ୍ରୋପଚାର ସମୟରେ କେଉଁ ଡାକ୍ତର ଉପସ୍ଥିତ ରହୁଛନ୍ତି ତାହାର ସିସିଟିଭି ଯାଞ୍ଚ କରିବା ଓ ଚିକିତ୍ସାରେ ଅବହେଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ଗଞ୍ଜାମ ଜିଲ୍ଲାପାଳଙ୍କ ଦ୍ୱାରା ଧାନମଣ୍ଡି ଶୁଭାରମ୍ଭ

ଦିଗପହଣ୍ଡି, ୨୪।୧୨(ସମିସ): ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ଦ୍ୱାରା ମଙ୍ଗଳବାର ଦିଗପହଣ୍ଡି ବ୍ଲକ ଫାସିଗୁଡା ଗ୍ରାମ ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ଧାନମଣ୍ଡି ଶୁଭାରମ୍ଭ ହୋଇଛି। ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ, ଡିଆରସିଏସ୍ ଯୋଗମାୟା ସାବତ, ଏଆରସିଏସ୍ ଦେବାଶିଷ ସ୍ୱାଇଁ, ଏସିଏସଓ ଦେବସ୍ମିତା ମଲ୍ଲିକ, ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ, ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ ପ୍ରଫୁଲ ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ଜିଲ୍ଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ମହନ୍ତ ଚିନ୍ମୟାନନ୍ଦ ଦାସ, ସରପଞ୍ଚ ଗୌରୀ ବିଷୋୟୀ, ସମବାୟ ସଭାପତି ଶିବରାମ ପ୍ରଧାନ, ବ୍ଲକ ଯୋଗାଣ ନିରୀକ୍ଷକ ବ୍ରଜେଶ୍ୱର ରୟଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଚାଷୀଙ୍କଠାରୁ ୧୧୮ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିବା ବ୍ଲକ ଯୋଗାଣ ନୀରିକ୍ଷକ ସୂଚନା ଦେଇଥିଲେ। ଏହାପରେ ବିଧାୟକ କରପଡ଼ା ପଞ୍ଚାୟତ ଦେଖାଳି ସେବା ସମବାୟ ସମିତି ର ନୂତନ ଗୃହର ଉଦଘାଟନ ଏବଂ ଧାନମଣ୍ଡିର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ସରପଞ୍ଚ ଫନୀନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, କ୍ଷେତ୍ର ଅଧିକାରୀ ଚାନ୍ଦିନୀ ସେଠୀ, ସମବାୟ ସଭାପତି ଚୂଡ଼ାମଣି ପ୍ରଧାନ, ସମ୍ପାଦକ ଅଶୋକ କୁମାର ପ୍ରଧାନଙ୍କ ସମେତ ବହୁ ସଂଖ୍ୟକ ଚାଷୀ ଉପସ୍ଥିତ ଥିଲେ।



## କୋକଲୁଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ

ବେଲଗୁଣ୍ଠା, ୨୪।୧୨(ସମିସ): ବେଲଗୁଣ୍ଠା ବ୍ଲକ କୋକଲୁଣ୍ଡା ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଚଳିତ ବର୍ଷର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଚିନ୍ମୟୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କପିଳ ବରାଡ, ସ୍ଥାନୀୟ ସରପଞ୍ଚ ବିଷ୍ଣୁ ସେଠୀ, ସମିତିସଭ୍ୟ ସୁଧାଂଶୁ ଶେଖର ପୋଲାଇ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ସିଆର୍‌ସିସି ରମେଶ କୁମାର ପାଣିଗ୍ରାହୀ, ଅବସରପ୍ରାପ୍ତ ଶିକ୍ଷକ ବସନ୍ତ ଜେନା, ବଲ୍ଲଭ ପଣ୍ଡା, କାଳୀଚରଣ ପାଢ଼ୀ, ପ୍ରଦୀପ ମାହୁନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥି ମାନେ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଅରୁଣ ଖଣ୍ଡୁଆଳ, ବସନ୍ତ ନାୟକଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଓ ବନିତା ଗୁରୁମା ଧନ୍ୟବାଦ ଜ୍ଞାପନ କରିଥିଲେ।




## ଦକ୍ଷିଣପୁର କ୍ଲଷ୍ଟରସ୍ତରୀୟ ଏମ୍‌ସିଏମ୍ ବୈଠକ

କୁକୁଡ଼ାଖଣ୍ଡି, ୨୪।୧୨(ସମିସ): କୁକୁଡ଼ାଖଣ୍ଡି ବ୍ଲକସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦକ୍ଷିଣପୁରରେ ଦକ୍ଷିଣପୁର କ୍ଲଷ୍ଟରସ୍ତରୀୟ ଷଷ୍ଠ ତମ ମାସିକ ଏମ୍‌ସିଏମ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍ କାହ୍ନୁଚରଣ ପାତ୍ର ଓ ସୁବାସ ଚନ୍ଦ୍ର ପାତ୍ର ଆମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କ୍ଲଷ୍ଟର ସିଆର୍‌ସି ଦୁଷ୍ମନ୍ତ କୁମାର ପଟ୍ଟନାୟକ ବୈଠକରେ ପରିଚାଳନା କରିଥିଲେ। ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଏ. ପୁଷ୍ପଲତାଙ୍କ ସହ ମନୀଷା ବଡମୁଣ୍ଡି, ରୁବିତା କୁମାରୀ ଦେବୀ, ଦୀପ୍ତିରାଣୀ ପାଢ଼ୀ, ରଶ୍ମିତା କୁମାରୀ ପ୍ରଧାନ ଓ ପୁଷ୍ପଲତା ପଟେଲ ସହଯୋଗ କରିଥିଲେ। ଦକ୍ଷିଣପୁର କ୍ଲଷ୍ଟର ଅନ୍ତର୍ଗତ ୧୨ ବିଦ୍ୟାଳୟର ସମସ୍ତ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ, ଏଫ୍‌ଏଲ୍‌ଏନ୍ ଶିକ୍ଷକ/ଶିକ୍ଷୟିତ୍ରୀ ବୈଠକରେ ଯୋଗ ଦେଇଥିଲେ। କୁକୁଡ଼ାଖଣ୍ଡି ଗୋଷ୍ଠୀ ସହ ଶିକ୍ଷାଧିକାରୀ ତଥା ବିଆର୍‌ସିସି ବସନ୍ତ କୁମାର ସେଠୀ ବୈଠକରେ ଯୋଗ ଦେଇ ଏମ୍‌ସିଏମ୍‌ର ଉଦ୍ଦେଶ୍ୟ ଓ ଶିକ୍ଷା ଗୁଣୋନ୍ନତି ସମ୍ପର୍କରେ ଆଲୋକପାତ କରିଥିଲେ।

## ବିଧାୟକଙ୍କ ଦ୍ୱାରା ଧାନମଣ୍ଡିର ଶୁଭାରମ୍ଭ

କୁକୁଡ଼ାଖଣ୍ଡି, ୨୪।୧୨(ସମିସ): କୁକୁଡ଼ାଖଣ୍ଡି ବ୍ଲକ ଅଞ୍ଚଳରେ ଖରିଫ ଧାନ ସଂଗ୍ରହ କାର୍ଯ୍ୟ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ଦକ୍ଷିଣପୁର ପଞ୍ଚାୟତରେ ଆଦର୍ଶ କୃଷି ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ମଣ୍ଡିକୁ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ରହ୍ମପୁର ସାଂସଦ ପ୍ରତିନିଧି ତଥା ଦକ୍ଷିଣପୁର ସମବାୟ ସମିତି ସଭାପତି ସନ୍ତୋଷ କୁମାର ଚୌଧୁରୀ ସଂଯୋଜନା କରିଥିଲେ। ଏଥିରେ ବ୍ରହ୍ମପୁର ଉପଜିଲ୍ଲାପାଳ ଅଭିନାଶ କୁମାର, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ, ଡିଆରସିଏସ୍ ଯୋଗମାୟା ସାବତ, ଏଆରସିଏସ୍ ଦେବାଶିଷ ସ୍ୱାଇଁ, ବିସିସି ବ୍ୟାଙ୍କ ସଭାପତି ଶିବରାମ ପାତ୍ର, ନିର୍ଦ୍ଦେଶକ ଭବାନୀ ଶଙ୍କର ବିଶ୍ୱାଳ, ଜିଲ୍ଲା ସମବାୟ ସଭାପତି କୈଳାଶ ଚନ୍ଦ୍ର ରଣା, ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ଅତିରିକ୍ତ ତହସିଲଦାର ଏବଂ ବିଜେପି ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଚିନ୍ମୟାନନ୍ଦଙ୍କ ସହ ସମସ୍ତ ସଭାପତି, ସମ୍ପାଦକ ଓ ଅନେକ ଚାଷୀ ଉପସ୍ଥିତ ଥିଲେ। ମଣ୍ଡିର ପ୍ରଥମ ଦିନରେ ୩୬ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିବା ନେଇ ସନ୍ତୋଷ କୁମାର ଚୌଧୁରୀ ପ୍ରକାଶ କରିଛନ୍ତି।



## ଦିବ୍ୟ ଦର୍ଶନ ଜ୍ଞାନ ମନ୍ଦିରର ବାର୍ଷିକ ଉତ୍ସବ

ବ୍ରହ୍ମପୁର, ୨୪।୧୨(ସମିସ): ଦିବ୍ୟ ଦର୍ଶନ ଜ୍ଞାନ ମନ୍ଦିର ମାର୍କଣ୍ଡି ଶାଖାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ କେନ୍ଦ୍ରୀୟ କମିଟିର ସଦସ୍ୟ ରମେଶ ଚନ୍ଦ୍ର ଛୁଆଳସିଂ, ରାୟଗଡ଼ା ଜିଲ୍ଲା ଗୁମୁଡ଼ା ଶାଖାର ଆଞ୍ଚଳିକ ପ୍ରତିନିଧି ବି. ରାମା ରାଓ ଭାଇ ଏବଂ ମାର୍କଣ୍ଡି ଶାଖାର ଆଞ୍ଚଳିକ ପ୍ରତିନିଧି ବିଶ୍ୱମ୍ବର ବେହେରା ମଞ୍ଚାସିନ ଥିଲେ। ବି. କାମରାଜୁ ପରିଚାଳନା କରିଥିଲେ। ଆଞ୍ଚଳିକ ପ୍ରତିନିଧି ବି ରାମା ରାଓ ଭାଇ ନିଜର ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ ୧୨ଟି ଗ୍ରାମରୁ ପ୍ରାୟ ୩୦୦ ଜଣ ସତ୍‌ସଙ୍ଗ ପ୍ରେମୀ ଉପସ୍ଥିତ ଥିଲେ।

## ଗଞ୍ଜାମ ଡିଆଇଇଟି ପକ୍ଷରୁ ଜାତୀୟ ଗଣିତ ଦିବସ



ରମ୍ଭା, ୨୪।୧୨(ସମିସ): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଞ୍ଜାମ ପକ୍ଷରୁ ଅନୁଷ୍ଠାନର ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ବିନାୟକ ଆଚାର୍ଯ୍ୟ ଡିଗ୍ରୀ ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡ. ସୁଧାନନ୍ଦ ମହାରଣା, ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ମୁକ୍ତିକାନ୍ତ ବେହେରା ସଂଯୋଜନା କରିଥିବା ବେଳେ ଶିକ୍ଷକ ପ୍ରଶିକ୍ଷକ ନବୀନ କୁମାର ପ୍ରମାଣିକ ଓ ଜିତେନ୍ଦ୍ର କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଉକ୍ତ ଦିବସ ଉପଲକ୍ଷେ ଗଣିତ, ଆର୍ଟ ଓ କ୍ରିଏଟିଭିଟି ପ୍ରସଙ୍ଗକୁ ଆଧାର କରି ଅନୁଷ୍ଠାନର ପ୍ରଥମ ଓ ଦ୍ୱିତୀୟ ବର୍ଷ ଗୁରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ସମସ୍ତ ଗୁରୁ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରି ନିଜ ନିଜର ଉପସ୍ଥାପନ ପ୍ରତିପାଦନ କରିଥିଲେ। ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା, ଅଭିରାମ ବିଶ୍ୱାଳ, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ନିହାରିକା ସାମନ୍ତରାୟ, ପ୍ରଜ୍ଞା ପାରମିତା, ଶିକ୍ଷକ ପ୍ରଶିକ୍ଷକ ସୁକୁଲେଇ ଟୁଡୁ, ଶିକ୍ଷକ ପ୍ରଶିକ୍ଷିକା ଲିପିଶ୍ରୀ ଦେବୀ, ଜୟନ୍ତୀ ବେହେରା, କଲ୍ୟାଣୀ ଗୌଡ଼, ଭାବିଲିତା ନାୟକ, ଗାୟତ୍ରୀ ସ୍ୱାଇଁ, ଅନୁପମା ଦାସ, ବବିତା ସିଂ ନାୟକ, ସେକ୍ସନ ଅଫିସର ପ୍ରବେଶ କୁମାର ପଟ୍ଟନାୟକ ଓ ଅନ୍ୟ କର୍ମଚାରୀ ଆଶିଷ କୁମାର ସେଠୀ, ନିରୁପମା ପ୍ରଧାନ, ମନୋରଞ୍ଜନ ବାରିକ, ସୁକାନ୍ତି ସେଠୀ, ଜୟ ଶଙ୍କର ଗୌଡ଼, ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଆସିକା ସାଂସଦଙ୍କ ବେଗୁନିଆପଡ଼ା ଗସ୍ତ



ବେଗୁନିଆପଡ଼ା, ୨୪।୧୨(ସମିସ): ଆସିକା ସାଂସଦ ଅନିତା ଶୁଭଦର୍ଶିନି ପଟ୍ଟନାୟକ ବେଗୁନିଆପଡ଼ା ବ୍ଲକ କାର୍ଯ୍ୟାଳୟ ଆସି ଏଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବେଗୁନିଆପଡ଼ା ପଞ୍ଚାୟତ ସମିତିର ମୁଖ୍ୟ ଯନ୍ତ୍ରୀ ପ୍ରଦୀପ ସାହୁଙ୍କ ସହ ବିଭିନ୍ନ କାର୍ଯ୍ୟକୁ ନେଇ ଆଲୋଚନା କରିଥିଲେ। ଆସିକା ସଂସଦୀୟ କ୍ଷେତ୍ରକୁ ବହୁ ପ୍ରକଳ୍ପ ଆସୁଥିବା ସୂଚନା ଦେଇଛନ୍ତି ସାଂସଦ। ସେହିପରି ଆସିକା ସୂତାକଳ ଓ ଚିନି କାରଖାନାର ପୁନରୁଦ୍ଧାର ତଥା ଉନ୍ନତିକରଣ ନେଇ ସଂସଦରେ ଦାବି କରିଥିବା କହିଛନ୍ତି ସାଂସଦ। କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନେଇ ମଧ୍ୟ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଆଗାମୀ ଦିନରେ ବ୍ୟାପକ ଉନ୍ନତି କାର୍ଯ୍ୟ କରାଯିବାକୁ ଯୋଜନା ରହିଥିବା ସୂଚନା ଦେଇଛନ୍ତି। ମନରେଗା ଯୋଜନାର ନୂଆ ନାମକରଣ ପରେ କଂଗ୍ରେସର ବିରୋଧକୁ ନେଇ କଡ଼ା ସମାଲୋଚନା କରିଛନ୍ତି ସାଂସଦ। ସାଂସଦଙ୍କ ଗସ୍ତ ସମୟରେ ସଂସଦୀୟ ପ୍ରତିନିଧି ଯଜ୍ଞ ନାରାୟଣ ଦାଶ, ବେଗୁନିଆପଡ଼ା ବ୍ଲକ ସାଂସଦ ପ୍ରତିନିଧି ଆଲୋକ ଶତପଥୀ, ରବୀନ୍ଦ୍ର ମହାନ୍ତି, ସଞ୍ଜୀବ କୁମାର ସାହୁ, ସଞ୍ଜୟ ଘୋଷ, ଭବାନୀ ପ୍ରସାଦ ମିଶ୍ର, ମୁନା ପଣ୍ଡାଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ସଂକଟରେ ଆଦିବାସୀ; ପ୍ରଶାସନ ନିରବ

ଶେରଗଡ଼, ୨୪।୧୨(ସମିସ)

ଶେରଗଡ଼ ବ୍ଲକରେ ଆଦିବାସୀଙ୍କ ସରଳତାର ସୁଯୋଗ ନେଇ ତାଙ୍କୁ ଧର୍ମାନ୍ତରୀକରଣ କରାଯାଉଥିବା ଅଭିଯୋଗ ହେଉଛି। ଧୋବ ଧାଉଳିଆ ପୋଷାକ ପିନ୍ଧା ଗାଁକୁ ଗାଁ ବୁଲୁଛନ୍ତି। ଧର୍ମ କ'ଣ ଜାଣିବା ପୂର୍ବରୁ ହାତରେ ଧରାଇ ଦିଆଯାଉଛି ଖଣ୍ଡିଏ ଲେଖାଏଁ ବହି। ନିଜର ପାରମ୍ପରିକ ପରିଧାନ ଛାଡ଼ି ଉନ୍ନତି ଆଡ଼କୁ ଦୌଡୁଛନ୍ତି ଆଦିବାସୀ। ବସ୍ତୁ ପୂଜା ଆଉ ଦେଖିବାକୁ ମିଳୁନି, ଆଉ କିଛି ଗାଁ ମାନଙ୍କରେ ଅତିଥିଙ୍କୁ ସ୍ୱାଗତ ଲାଗି ପୂର୍ବଭଳି ଆଉ ହଳଦୀ ପାଣି ଘରଦାଣ୍ଡରେ ରଖା ଯାଉନାହିଁ। ଏଭଳି ସ୍ଥିତିରେ ପ୍ରଶାସନ କୌଣସି ପଦକ୍ଷେପ ନେଉନଥିବା ଜଣାପଡ଼ିଛି। ସରକାର ଛାତ୍ରାବାସ ଖୋଲିଛନ୍ତି, ଉତ୍ତମ ମାନର ଖାଦ୍ୟପେୟ, ପୋଷାକ ଯୋଗାଇ ଶିକ୍ଷା ଦେବାର ଯୋଜନା କରିଛନ୍ତି। ଯାହାକି, ପିଢ଼ି ପରେ ପିଢ଼ି ନିଜର ମୂଳ ଧର୍ମକୁ ଭୂଲି ବର୍ତ୍ତମାନ ଅଧର୍ମାନ୍ତୀକରଣ ଆଡ଼କୁ ମୁହାଁଉଛନ୍ତି। ଆଉ ଯିଏ ଥରେ ଧର୍ମ ପରିବର୍ତ୍ତନ କଲେ ନିଜ ଦ୍ୱାରା ଆଉ କିଛି ପରିବାରକୁ ଧର୍ମ ପରିବର୍ତ୍ତନ କରାଇବା ପ୍ରଭୁଙ୍କ ସେବା ବୋଲି ଭାବି ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଛନ୍ତି। ଉଚ୍ଚତମ ନ୍ୟାୟାଳୟ ଦ୍ୱାରା ନିଷିଦ୍ଧ ଘୋଷଣା ସତ୍ତ୍ୱେ ଏହି ଅଭିଯାନରେ ସେମାନେ ସଫଳ ହେଉଛନ୍ତି। ଏନେଇ ସ୍ଥାନୀୟ ବିଡ଼ିଓ ତୃପ୍ତିମୟୀ ଜେନାଙ୍କୁ ପଚାରିବାରୁ ପ୍ରକାଶ କରିଛନ୍ତି ଯେ, ଧର୍ମ ପରିବର୍ତ୍ତନ ଏକ ଗୁରୁତର ସମସ୍ୟା, ଏନେଇ ସଚେତନତା ଆବଶ୍ୟକ। କେବଳ ସଚେତନତା ଦ୍ୱାରା ହିଁ ଏହାକୁ ରୋକାଯାଇପାରିବ। ଏଭଳି ସମସ୍ୟା ମୋ ନଜରକୁ ଆସିନାହିଁ, ଅଭିଯୋଗ ଆସିଲେ ପଦକ୍ଷେପ ନିଆଯିବ।

## ଜିଲ୍ଲାସ୍ତରୀୟ ସୁଶାସନ ଦିବସ



ଛତ୍ରପୁର, ୨୪।୧୨(ସମିସ): ଆଜି ଜିଲ୍ଲାସ୍ତରୀୟ ସୁଶାସନ ସପ୍ତାହ-ପ୍ରଶାସନ ଗାଁ କି ଓର' କର୍ମଶାଳା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଡ଼. ପ୍ରମୋଦ କୁମାର ପୃଷ୍ଟି (ସାଧାରଣ) ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା (ରାଜସ୍ୱ), ମୃଣାଳିକା ରାଠୋର (ଆଇଏଏସ୍), ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ଯୋଗ ଦେଇଥିଲେ। କର୍ମଶାଳାରେ ସ୍ୱାସ୍ଥ୍ୟ, ଶିକ୍ଷା, ଶିଶୁ ବିକାଶ ଏବଂ ସାଧାରଣଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ସମେତ ଜିଲ୍ଲାର ବିଭିନ୍ନ ଯୋଜନା ବିଷୟରେ ଆଲୋଚନା ହୋଇଥିଲା। ସେହିପରି ଗ୍ରାମ୍ୟମୁଖୀ ସଂଯୁକ୍ତ ଅଭିଯୋଗ ଶୁଣାଣି ଓ ଏହାର ସଫଳ କାହାଣୀ ବିଷୟରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଲୋକାଭିମୁଖୀ କରିବା ଓ ଲୋକଙ୍କ ଅସୁବିଧା ତୁରନ୍ତ ସମାଧାନ କରିବା ରହିଛି। କର୍ମଶାଳାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଗୁମୁରାରେ ପଞ୍ଚାୟତସ୍ତରୀୟ ଜନଶୁଣାଣି



ବାଲିବନ୍ଧ, ୨୪।୧୨(ସମିସ): ସୁଶାସନ ସପ୍ତାହ ପାଳନ ଅବସରରେ ରାଜ୍ୟ ସରକାର ଏବଂ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କ୍ଷେତ୍ର ଅଧିକାରୀ ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ରହିଛି। ଏହିକ୍ରମରେ ଝୁମ୍ପୁରା ବ୍ଲକ ଗୁମୁରା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅଜିତଲାଲ ନାୟକ, କିପିଡିଓ ମାନସ ରଞ୍ଜନ, ବ୍ଲକ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ବନ୍ଦନା ଗିରି, ବିପିସି ପଦ୍ମଲୋଚନ ଜେନା, କନିଷ୍ଠ ଯନ୍ତ୍ରୀ ଅଜୟ କୁମାର ବେହେରା, ବବୁଲ ବେହେରା, ବିଆରସି ସୁନ୍ଦରମୋହନ ମହନ୍ତ ପ୍ରମୁଖ ୨୫ଟି ଅଭିଯୋଗର ଶୁଣାଣି କରିଥିଲେ। ସେଗୁଡିକ ମଧ୍ୟରେ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ରାସନ କାର୍ଡ, ଜବକାର୍ଡ ଆଦି ରହିଥିଲା। ୭ଟି ଅଭିଯୋଗର ତ୍ୱରିତ ସମାଧାନ ହୋଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକ ତୁରନ୍ତ ସମାଧାନ କରାଯିବ ବୋଲି ଉପସ୍ଥିତ ଅଧିକାରୀ ସୂଚନା ଦେଇଛନ୍ତି।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ଚମ୍ପୁଆ,୨୪।୧୨(ସମିସ): ଚମ୍ପୁଆ ଉପଜିଲ୍ଲାପାଳ ସଭାଗୃହରେ ଆସନ୍ତା ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସହକାରୀ ଜିଲ୍ଲାପାଳ ଫୁଲଲାଇ ବେସ୍ରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ତହସିଲଦାର ପ୍ରତିଜ୍ଞା ପ୍ରିୟଦର୍ଶିନୀ, ଅତିରିକ୍ତ ବିଡିଓ ରୁଦ୍ର ହାଁସଦା, ସହକାରୀ ଜିଲାପାଳ ସମରେନ୍ଦ୍ର ଦାସ ପ୍ରମୁଖ ଏଥିରେ ଯୋଗ ଦେଇଥିବା ବେଳେ ବିଭିନ୍ନ ସଂଗଠନ, ଲାଇନ ବିଭାଗ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ସୂଚନା ଲୋକସଂପର୍କ ଭାରପ୍ରାପ୍ତ ଅଧିକାରୀ ବିଜୟ କୁମାର ନାଏକ ପୂର୍ବ ବର୍ଷର ଉତ୍ସବ ପାଳନ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ଦିବସ ପାଳନ ନିମନ୍ତେ ବିଭିନ୍ନ ପ୍ରସ୍ତାବ ଗୃହିତ ହେବା ସହ ବିଭିନ୍ନ ପ୍ରତିଯୋଗିତା ନିମନ୍ତେ ଶିକ୍ଷା ବିଭାଗକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି।

### କେନ୍ଦୁଝର ଜିଲ୍ଲା ପରିଷଦର ନବମ ଅଧିବେଶନ

# ବାଲି ଚୋରି, ଓଭରଲୋଡିଂରେ ଲଗାମ ଲଗାଇବାକୁ ନିର୍ଦ୍ଦେଶ



କେନ୍ଦୁଝର,୨୪।୧୨(ସମିସ): କେନ୍ଦୁଝର ଜିଲ୍ଲା ଷଷ୍ଠ ଜିଲ୍ଲା ପରିଷଦର ନବମ ଅଧିବେଶନ ବୁଧବାର ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁଙ୍କ ଅଧ୍ୟକ୍ଷତାରେ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାୟକ, ଜିଲ୍ଲାପାଳ ବିଶାଳ ସିଂହ, କେନ୍ଦୁଝର ସଦର ବିଧାୟକ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଅନୁବ୍ରତ ବେହେରା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ପରିଷଦର ସଦସ୍ୟସଦସ୍ୟା, ପଞ୍ଚାୟତସମିତି ଅଧ୍ୟକ୍ଷଅଧ୍ୟକ୍ଷା, ବିଭିନ୍ନ ବିଭାଗୀୟ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ବିଶାଳ ସିଂହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷାମାନଙ୍କୁ ଏହି ବୈଠକକୁ ନିମନ୍ତ୍ରଣ କରାଯାଇ ନଥିବା ବେଳେ ଆଗାମୀ ବୈଠକରେ ଏହାର ପୁନରାବୃତ୍ତି ହେବନାହିଁ ବୋଲି ନିର୍ବାହୀ ଅଧିକାରୀ କହିଥିଲେ। ଆଜି ଖଣି ବିଭାଗ,ଜଙ୍ଗଲ ଓ ପରିବେଶ,ପୂର୍ତ୍ତ ବିଭାଗ,ସାଧାରଣ ବିଦ୍ୟୁତ ବିଭାଜନ,ଗ୍ରାମ୍ୟ ନିର୍ମାଣ ବିଭାଗ,ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା,ସ୍ୱାସ୍ଥ୍ୟ ବିଭାଗ,ଶିକ୍ଷା ବିଭାଗ ଉପରେ ଆଲୋଚନା ହୋଇଥିଲା। ଆନନ୍ଦପୁର ଉପଖଣ୍ଡରେ ବାଲି ଚୋରି ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଜିଲ୍ଲା ପରିଷଦ ସଭ୍ୟ ଆଶିଷ ଚକ୍ରବର୍ତ୍ତୀ, ବିମ୍ବାଧର ବିଶ୍ୱାଳ ରାଜସ୍ୱହାନି ସମ୍ପର୍କରେ କହିଥିଲେ। ଗୋଟିଏ ଟିପିରେ ଏକାଧିକ ଥର ପରିବହନ ହେଉଥିବାରୁ ଚୋରି ରୋକିବାକୁ ରାସ୍ତାରେ ନିୟମିତ ଚେକିଂ ଏବଂ ଟୋଲଗେଟରେ ଯାଞ୍ଚ କରିବାକୁ କହିଥିଲେ। ପରେ ଜିଲ୍ଲାପାଳ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଖଣି ଉପନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାସ୍ତାରେ କଡାକଡି ଯାଞ୍ଚ ସହ ଓଭରଲୋଡ ଗାଡ଼ିକୁ ଫାଇନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରିଟର୍ଣ୍ଣ ପାଇପ ଲାଇନ ନଥିବାରୁ ସୁରି ପାଇପ ଲାଇନରେ ପାଣି ଲୁହାପଥର ଗୁଣ୍ଡରେ ମିଶ୍ରଣ ପରେ ପାରାଦୀପ ଏବଂ ଅନ୍ୟ ସ୍ଥାନକୁ ଯାଉଛି। ଗୋଟିଏ ପଟେ ପିଇବା ଏବଂ ଚାଷ ପାଇଁ ପାଣି ଖରାଦିନରେ ଘୋରଅଭାବ ପରିଲକ୍ଷିତ ହେଉଥିବାବେଳେ ସୁରି ପାଇପ ଲାଇନରେ ବୈତରଣୀ ନଦୀ ଗର୍ଭରେ ଇନଟେକ ୱେଲ କରି କମ୍ପାନୀମାନେ ପାଣି ଶୋଷଣ କରୁଛନ୍ତି। ଚୁକ୍ତି ଉଲ୍ଲଙ୍ଘନ କରି ବୈତରଣୀ ନଦୀ ଜଳ ବ୍ୟବହାର କରାଯାଉଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା।

ଏପରିକି ବର୍ଷତମାମ ଜଳ ବ୍ୟବହାର କରୁଥିବା ସଂସ୍ଥାଗୁଡିକ ଜଳକର ଫାଙ୍କି ଚାଲିଛନ୍ତି। ପଳାଶପଙ୍ଗାସ୍ଥିତ ଓଡିଶା ସ୍ଲଞ୍ଜ ଆଇରନ କାରଖାନା, ଏମ୍ଏସପି, କେଜେଏସ୍ ଆଲୁଆଲିଆ କାରଖାନା ଏବଂ ଅନ୍ୟ ଶିଳ୍ପ ଓ ଖଣି ସଂସ୍ଥା ବାହାର ରାଜ୍ୟରୁ ଲୋକ ଆଣି କାମ କରାଉଥିବାରୁ ଗୃହରେ

### ଜଳ କର ଫାଙ୍କି ଉପରେ ଉଦ୍‌ବେଗ

ଉଦ୍‌ବେଗ ପ୍ରକାଶ ପାଇଥିଲା। ସ୍ଥାନୀୟ ଶ୍ରମିକ କାମ ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀ ଉପସ୍ଥିତ ନଥିବାବେଳେ ଘଟଗାଁ ସହକାରୀ ଶ୍ରମ ଅଧିକାରୀ ଉପସ୍ଥିତ ଥିଲେ; ଯାହାକୁ ନେଇ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଜିଲ୍ଲା ପରିଷଦ ବୈଠକରେ ଅଧିକାରୀମାନେ ଉପସ୍ଥିତ ନ ରହି ଅଧସ୍ତନ ଅଧିକାରୀଙ୍କୁ ପଠାଉଥିବାରୁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସଭ୍ୟମାନେ ଦାବି ରଖିଥିଲେ। ଜିଲ୍ଲା ପରିଷଦ ସଭ୍ୟ ଅରୁଣ ବାରିକ ଓଏମସି ଗନ୍ଧମାର୍ଦ୍ଦନ ଲୌହ ଖଣି ଦ୍ୱାରା ପ୍ରଭାବିତ ବହୁ ଗ୍ରାମ ବଫର ଏବଂ କୋର ଜୋନରେ ସାମିଲ ନଥିବାରୁ ସିଏସଆର୍ କାର୍ଯ୍ୟକ୍ରମ ହୋଇପାରୁ ନଥିବା କହିଥିଲେ। ଖଣି ବିଭାଗ ଏବଂ ପ୍ରଶାସନ ତୁରନ୍ତ ସମସ୍ତ ଖଣି ପ୍ରଭାବିତ ୩ଟି ପଞ୍ଚାୟତର ସମସ୍ତ ପ୍ରଭାବିତ ଗ୍ରାମଗୁଡିକୁ ଚିହ୍ନଟ କରି ଲୋକଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ କେନ୍ଦୁଝର ସାଂସଦ ଅନନ୍ତ ନାୟକ କହିଥିଲେ। ୨୦୧୨ରେ ଯୋଡା ଖଣି ମଣ୍ଡଳ କାର୍ଯ୍ୟାଳୟରେ ଜିଲ୍ଲା ପ୍ରଶାସନ, ବିଭିନ୍ନ ଟ୍ରକ ମାଲିକ ସଂଘ ଏବଂ ଖଣି ମାଲିକମାନଙ୍କ ମଧ୍ୟରେ ଏକ ମିଳିତ ଚୁକ୍ତିନାମା ବର୍ତ୍ତମାନ କାର୍ଯ୍ୟକାରୀ ହେଉ ନଥିବାରୁ ସଭ୍ୟ ଆଶିଷ ଚକ୍ରବର୍ତ୍ତୀ କ୍ଷୋଭ ପ୍ରକାଶ କରିଥିଲେ। କେନ୍ଦୁଝରରେ ଟ୍ରକ ଏକ ରୋଜଗାରର ପନ୍ଥା ହୋଇଥିବାରୁ ଟ୍ରକ ମାଲିକମାନଙ୍କୁ ୬୦:୪୦ ଅନୁପାତରେ ଲୋଡିଂ ଦେବାକୁ ସେ ଗୃହରେ ଦାବି କରିଥିଲେ। ଯାହାକୁ ସାଂସଦ,ସମସ୍ତ ବିଧାୟକ ଏବଂ ସମସ୍ତ ସଦସ୍ୟ/ସଦସ୍ୟା ସମର୍ଥନ ଜଣାଇଥିଲେ। ଜାନୁୟାରୀ ମଧ୍ୟରେ ଏକ ବୈଠକ କରି ଏହାର ସମାଧାନ କରିବାକୁ ଜିଲ୍ଲାପାଳ ଯୋଡା ଖଣି ଉପନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଆନ୍ତରାଜ୍ୟ ଫୁଟ୍‌ବଲ: ଢେଙ୍କାନାଳ ଓ ଜଟଣୀ ସେମିରେ



ଆନନ୍ଦପୁର, ୨୪।୧୨ (ସମିସ): ଆନନ୍ଦପୁର ବ୍ଲକ ତରତରାଠାରେ ୨୬ତମ ମା' ତାରିଣୀ ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଏହି ମ୍ୟାଚ୍‌ରେ ସିଦୁଲି ଏଫସି ଆସାନସୋଲକୁ ପେନାଲ୍‌ଟି କିକ୍ ମାଧ୍ୟମରେ ଜଟଣୀର ଫ୍ରେଣ୍ଡ୍ସ ପାରାଡ଼ାଇଜ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ଜଟଣୀ ଦଳ ୭-୬ ଗୋଲ ବ୍ୟବଧାନରେ ଆସାନସୋଲଠାରୁ ବିଜୟହାସଲ କରିଥିଲା। ଉଦଘାଟନୀ ଉତ୍ସବରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ମୁଖ୍ୟଅତିଥି, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ ପପୁଲାର କ୍ଲବ୍, ଢେଙ୍କାନାଳ ଓ ମା' କାମାକ୍ଷା ସ୍ପୋର୍ଟସ୍ କ୍ଲବ୍ ବକ୍ସାର ମଧ୍ୟରେ ଖେଳା ଯାଇଥିଲା। ଢେଙ୍କାନାଳ ଦଳ ୨-୦ ଗୋଲ୍‌ରେ ବକ୍ସାରକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ରେଫରି ପ୍ରସନ୍ନ ନାୟକ, ରାମଚନ୍ଦ୍ର ବେଶ୍ରା, ଲକ୍ଷ୍ମଣ ସୋରେନ, ମାନସ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ସୁବ୍ରତ ସାମଲ, ବସନ୍ତ ଜେନା, ସୁଶାନ୍ତ ସାମଲ, ଜିତେନ୍ଦ୍ର ସାମଲ, ପ୍ରିୟବ୍ରତ ନାଇକ, ସତ୍ୟବ୍ରତ ନାଇକ, ସୁଶୀଲ ସାମଲ, ଜଗନ୍ନାଥ ସାମଲ, ରାକେଶ ସାମଲ, ସୁରେନ୍ଦ୍ର ନାଇକ, ସୁବ୍ରତ ନାଇକ, ଦୀପ୍ତିରଞ୍ଜନ ବାରିକ, ରବୀନ୍ଦ୍ର ଧଳ ରଞ୍ଜିତ ପାତ୍ର, ସୁଶାନ୍ତ ନାଇକ, ଆକାଶ ନାଇକ, ସୁଶାନ୍ତ ଜେନା, ସତ୍ୟସ୍ୱରୂପ ସାମଲ, ସନ୍ତୋଷ ଧଳ, ଜଗନ୍ନାଥ ବେହେରା, ମନ୍ଦରଧର ଜେନା, ଅଜିତ ଜେନା ସହଯୋଗ କରିଥିଲେ।

## ଚମ୍ପୁଆ ଥାନାରେ ନୂଆ ଆଇଆଇସି ସ୍ୱରୁପ ରଂଜନ



ଚମ୍ପୁଆ,୨୪।୧୨(ସମିସ): ଉପାନ୍ତ ଚମ୍ପୁଆ ଥାନାର ଆଇଆଇସି ଭାବେ ଯୋଗ ଦେଇଛନ୍ତି ସ୍ୱରୁପ ରଂଜନ ନାୟକ। ପୂର୍ବରୁ ଥାନାଧିକାରୀ ରମାକାନ୍ତ ମୁଦୁଲିଙ୍କୁ ଯାଜପୁର ଜିଲ୍ଲାକୁ ବଦଳି ପରେ ଖାଲି ପଡିଥିବା ଏହି ସ୍ଥାନରେ ବାରିଆ ଥାନାଧିକାରୀଙ୍କୁ ଭାରପ୍ରାପ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଜି ଆନୁଷ୍ଠାନିକ ଭାବେ ଶ୍ରୀ ନାୟକ କାର୍ଯ୍ୟଭାର ଗ୍ରହଣ କରିବା ସହିତ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ସୈଜନ୍ୟ ମୂଳକ ଆଲୋଚନା କରିଛନ୍ତି। ଚମ୍ପୁଆ ପଡ଼ୋଶୀ ଝାଡଖଣ୍ଡ ରାଜ୍ୟ ଓ ମୟୂରଭଂଜ ଜିଲ୍ଲାର ବିଭିନ୍ନ ପ୍ରବେଶ ପଥ ରହିଛି। ଆଇନଶୃଙ୍ଖଳା ଦୃଷ୍ଟିରୁ ଚମ୍ପୁଆ ଏକ ପ୍ରମୁଖ ଥାନା। ଦୈନନ୍ଦିନ ସଡ଼କ ଦୁର୍ଘଟଣା ଏ ଅଞ୍ଚଳ ପାଇଁ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ପୁଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା, ଅସାମାଜିକ କାର୍ଯ୍ୟକଳାପକୁ ରୋକ ଲଗାଇବା ଏବଂ ବୃଦ୍ଧି ପାଉଥିବା ସଡକ ଦୁର୍ଘଟଣାକୁ ପ୍ରସମିତ କରିବା ପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ଶ୍ରୀ ନାୟକ ସୂଚନା ଦେବା ସହିତ ପୋଲିସ ଲୋକଙ୍କ ବନ୍ଧୁ ଭାବେ ରହି କାର୍ଯ୍ୟ କରିବ ବୋଲି କହିଛନ୍ତି। ଶ୍ରୀ ନାୟକ ପୂର୍ବରୁ ଚମ୍ପୁଆ ସବଇନସପେକ୍ଟର, କେନ୍ଦୁଝର ସଦର, ବିଲେଇପଦା, ବାମେବାରୀ, ସ୍ପେସାଲ ସ୍କ୍ୱାଡ କାଞ୍ଜିପାଣି ଥାନାରେ କାର୍ଯ୍ୟ କରି ଆସିଛନ୍ତି।




ଯୋଡ଼ା: ବାଂଲାଦେଶରେ ହିନ୍ଦୁମାନଙ୍କ ପ୍ରତି ହତ୍ୟା ଓ ନିର୍ଯାତନା ପ୍ରତିବାଦରେ ବିଶ୍ୱ ହିନ୍ଦୁ ପରିଷଦ ଓ ଆରଏସ୍‌ଏସ, ଯୋଡ଼ା ନଗର ବଜରଙ୍ଗ ଦଳ ପକ୍ଷରୁ ପଥପ୍ରାନ୍ତ ବିକ୍ଷୋଭ ପ୍ରଦର୍ଶନ

## ଡିଏମ୍‌ଏଫ୍‌ରେ ଚପଲ ଓ ମୁଢ଼ି ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ



କେନ୍ଦୁଝର, ୨୪।୧୨(ସମିସ): ଡିଏମଏଫ୍ ଅର୍ଥ ସହାୟତାରେ ଚାଲିଥିବା ଡିଏମଏଫ୍-ଉଦ୍ୟମୀ ପ୍ରକଳ୍ପ କାର୍ଯ୍ୟକ୍ରମ ଅନ୍ତର୍ଗତ ହରିଚନ୍ଦନପୁର ବ୍ଲକର ଜାଂଘିରା ଗ୍ରାମରେ ଲକ୍ଷ୍ମଣ ବେହେରାଙ୍କ ଏକ ଚପଲ ଉତ୍ପାଦନ କେନ୍ଦ୍ର ଓ ଅନିତା ଦାସଙ୍କ ଏକ ମୁଢ଼ି ଉତ୍ପାଦନ କେନ୍ଦ୍ରକୁ ବୁଧବାର ଉଦ୍‌ଘାଟନ କରାଯାଇଛି। ସାଂସଦ ପ୍ରତିନିଧି ଅଶୋକ ବେହେରା, ସହକାରୀ ଉପ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ସୁଧା ଓରାମ, ଡିଏମଏଫ୍‌ର ସିନିୟର ପ୍ରୋଜେକ୍ଟ ଅଫିସର ପ୍ରଦୀପ କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ବ୍ୟାଙ୍କ ଅଧିକାରୀ ହୀରାଲାଲ ମହାମଲିକ, ଜିଲ୍ଲା ଶିଳ୍ପ କେନ୍ଦ୍ରର ଆଇପିଓ ସରୋଜ ସନ୍ଧିବିଗ୍ରହ, ଭାରତୀୟ ଉଦ୍ୟମତା ବିକାଶ ସଂସ୍ଥା (ଇଡିଆଇଆଇ) ପରାମର୍ଶଦାତା ଓ ପୂର୍ବାଞ୍ଚଳ ମୁଖ୍ୟ ଚିତ୍ତରଞ୍ଜନ ପଟ୍ଟନାୟକ ଏବଂ ସିନିୟର ପ୍ରୋଗ୍ରାମ ଅଧିକାରୀ ସଚିକାନ୍ତ ମଲିକ ଯୋଗ ଦେଇଥିଲେ। ଡିଏମଏଫ୍ ଉଦ୍ୟମୀ କାର୍ଯ୍ୟକ୍ରମ ମାଧ୍ୟମରେ ଆଗାମୀ ୫ ବର୍ଷ ମଧ୍ୟରେ ୩୫୦୦ଟି ନୂତନ ବ୍ୟବସାୟ/ଉଦ୍ୟମ ସୃଷ୍ଟି କରିବାକୁ ଲକ୍ଷ୍ୟ ଧରାଯାଇଛି। ଗ୍ରାମୀଣ ଓ ଖଣି ପ୍ରଭାବିତ ଅଞ୍ଚଳରେ ସ୍ୱୟଂରୋଜଗାର ସୁଯୋଗ ବଢ଼ିବା ସହ ସ୍ଥାନୀୟ ଅର୍ଥନୀତିକୁ ଦୃଢ଼ କରିବା ଉଦ୍ଦେଶ୍ୟ ରହିଛି। ଏହି କାର୍ଯ୍ୟକ୍ରମକୁ ଇଡିଆଇଆଇ ଜିଲ୍ଲା କାର୍ଯ୍ୟକ୍ରମ ମ୍ୟାନେଜର ସଞ୍ଜୟ ସାହୁ ପରିଚାଳନା କରିଥିଲା ବେଳେ ପ୍ରୋଗ୍ରାମ ଅଫିସର ଆଦିତ୍ୟ ମହାନ୍ତି ଏବଂ ଅରବିନ୍ଦ ବେହେରା ସହଯୋଗ କରିଥିଲେ।

## ଜିଲ୍ଲାରେ ପାଞ୍ଚ ନୂଆ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟିତ

କେନ୍ଦୁଝର, ୨୪।୧୨(ସମିସ): କେନ୍ଦୁଝର ଜିଲ୍ଲାରେ ପାଞ୍ଚଟି ନବନିର୍ମିତ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମହିଳା ଏବଂ ଶିଶୁ ବିକାଶ ବିଭାଗର ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଭାସି ମାଧ୍ୟମରେ ଏହି ପାଞ୍ଚଟି କେନ୍ଦ୍ରର ଉଦଘାଟନ କରିଛନ୍ତି। ଏହାଦ୍ୱାରା ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ପୁଷ୍ଟି ସେବା ସୁଦୃଢ଼ ହେବ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମିତା ନାୟକ, ସୁଧା ଗୋସ୍ୱାମୀ, ସିଡିପିଓ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଘସିପୁରା ବ୍ଲକ ଅନ୍ତର୍ଗତ ଗୁହାଳଡିହି ଏବଂ ହାତୀସିଲା, ଚମ୍ପୁଆ ବ୍ଲକର ଜୟମଙ୍ଗଳପୁର ଏବଂ ବରପଦା ଏବଂ ବାଂଶପାଳ ବ୍ଲକର ମାମଲାପୋଷି-ଏ କେନ୍ଦ୍ରଗୁଡ଼ିକ ମା'ମାନଙ୍କ ପାଇଁ ପରିପୂରକ ପୁଷ୍ଟିସାର, ସ୍ୱାସ୍ଥ୍ୟ ତଦାରଖ ଏବଂ ପରାମର୍ଶ ସେବା ସହ ଶିଶୁଙ୍କ ପ୍ରାରମ୍ଭିକ ଶିକ୍ଷା ଓ ପୁଷ୍ଟିସାରଯୁକ୍ତ ଖାଦ୍ୟ ସୁବିଧା ପ୍ରଦାନ କରିବ। ଏହି ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ଦ୍ୱାରା ସମ୍ପୃକ୍ତ ଗ୍ରାମର ୨୨୧ ଜଣ ହିତାଧିକାରୀ ଶିଶୁ ଏବଂ ଗର୍ଭବତୀ ଏବଂ ସ୍ତନ୍ୟପାନକାରୀ ମହିଳା ଅତ୍ୟାବଶ୍ୟକ କଲ୍ୟାଣ ସେବାର ସୁବିଧା ପାଇପାରିବେ। ଜିଲ୍ଲାରେ ମୋଟ ଅଙ୍ଗନବାଡ଼ି କେନ୍ଦ୍ର (ନିଜସ୍ୱ ଗୃହ) ସଂଖ୍ୟା ୨୨୫୦ରେ ପହଞ୍ଚିଛି। ସୂଚନାଯୋଗ୍ୟ, ଜିଲ୍ଲାରେ ଏବେ ମୋଟ ୩୩୬୧ଟି ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟକ୍ଷମ ଅଛି।

## ସର୍ବଭାରତୀୟ ପ୍ରତିଯୋଗିତାରେ ଅଭିଲିପ୍ସାଙ୍କ କୃତିତ୍ୱ




ଆନନ୍ଦପୁର,୨୪।୧୨ (ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ କଳାଉତ୍ସବରେ ଶାସ୍ତ୍ରୀୟ ସଂଗୀତ ପରିବେଷଣ କରି ରାଜ୍ୟରେ ପ୍ରଥମସ୍ଥାନ ଅଧିକାର କରିଥିବା ସୁଶ୍ରୀ ଅଭିଲିପ୍ସା ତ୍ରିପାଠୀ ସର୍ବଭାରତୀୟ ସ୍ତରରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଘସିପୁରା ବ୍ଲକ ମଛାଲୋ ପଞ୍ଚାୟତ ଅନ୍ତର୍ଗତ ରୁଦ୍ରନାରାରାୟଣପୁର ଶାସନ ନିବାସୀ ବିଜୟ ତ୍ରିପାଠୀ, ସୁଭଦ୍ରା ତ୍ରିପାଠୀଙ୍କ ଝିଅ ତଥା ସାଇଁକୁଳ ପତିତପାବନ ମହାବିଦ୍ୟାଳୟର ଛାତ୍ରୀ ଅଭିଲିପ୍ସା ନୂଆଦିଲ୍ଲୀଠାରେ ଆୟୋଜିତ ସର୍ବଭାରତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ସହଯୋଗରେ ସେ ଉକ୍ତ ପ୍ରତିଯୋଗିତାରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ସମଗ୍ର ଭାରତବର୍ଷର ବିଭିନ୍ନ ରାଜ୍ୟରୁ ପ୍ରାୟ ୨ ଶ ପ୍ରତିଯୋଗୀଙ୍କ ମଧ୍ୟରେ ତୃତୀୟ ସ୍ଥାନ ଅଧିକାର କରି ଓଡ଼ିଶାର ସୁନାମ ରଖିଥିବାରୁ ବିଭିନ୍ନ ମହଲରେ ପ୍ରଶଂସିତ ହୋଇପାରିଛନ୍ତି। ତାଙ୍କର ଏହି ହିନ୍ଦୁସ୍ତାନ ସଂଗୀତ ଶିକ୍ଷାରେ ଗୁରୁ ହରିହର ଜେନା ଓ ତବଲା ଗୁରୁ ଶୁଭାଶିଷ ଶତପଥୀ ସହଯୋଗ କରିଥିଲେ।

## ଚାରିଦିନିଆ ସାମଗ୍ରିକ ଶିକ୍ଷା କର୍ମଶାଳା ସମ୍ପନ୍ନ


କେନ୍ଦୁଝର, ୨୪।୧୨(ସମିସ): ବିଦ୍ୟାଳୟ ଶିକ୍ଷାକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ କେନ୍ଦୁଝର, ଡିଆଇଇଟି କେନ୍ଦୁଝର ଏବଂ ପିରାମଲ୍ ଫାଉଣ୍ଡେସନ୍‌ର ସହଯୋଗରେ ଚାରିଦିନିଆ ଦକ୍ଷତା ବିକାଶ କର୍ମଶାଳା ଡିଆଇଇଟି କନଫରେନ୍ସ ହଲ୍‌ରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୧୯ଟି ପିଏମ୍‌ଶ୍ରୀ (ପ୍ରଥମ ପର୍ଯ୍ୟାୟ) ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଆଧୁନିକ ପାଠ୍ୟକ୍ରମର ସାମାଜିକ, ଆବେଗିକ, ନୈତିକ ଶିକ୍ଷା ଏବଂ ଶାରୀରିକ ସାକ୍ଷରତା ଉପରେ ଧ୍ୟାନ ଦିଆଯାଇଥିଲା। ଏହି କର୍ମଶାଳାକୁ ଏଡିଇଓ ଏକାଡେମିକ ଶ୍ରୀକାନ୍ତ ବେହେରା, ଏଡିଇଓ ସ୍କିମ୍ ରୁଦ୍ରନାରାୟଣ ସାମଲ ଏବଂ ଡିଆଇଇଟି ଅଧ୍ୟକ୍ଷା କଲ୍ୟାଣୀ ମାଝୀ ଉଦ୍‌ଘାଟନ କରିଥିଲେ। ସେମାନେ ଜିଲ୍ଲାରେ "ସକ୍ରିୟ ଏବଂ ସମ୍ବେଦନଶୀଳ ବିଦ୍ୟାଳୟ' ଗଠନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଜାତୀୟ ଶିକ୍ଷାନୀତି ଏବଂ ରାଜ୍ୟ ପାଠ୍ୟକ୍ରମ ଆଧାର ୨୦୨୫ ଅନୁଯାୟୀ ଶାରୀରିକ ସାକ୍ଷରତା ଉପରେ ଗୁରୁତ୍ୱ ଦିଆଯାଇଥିଲା। କେବଳ ପ୍ରତିଯୋଗିତାରେ ଜିତିବା ନୁହେଁ ବରଂ ଶାରୀରିକ ଗତିବିଧି ମାଧ୍ୟମରେ ଜୀବନ କୌଶଳ, ଦଳଗତ କାର୍ଯ୍ୟ ଏବଂ ଲିଙ୍ଗଗତ ସମ୍ବେଦନଶୀଳତା ବିକାଶ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଥିଲା ପିରାମଲ୍ ଫାଉଣ୍ଡେସନ୍ ପ୍ରସ୍ତୁତ ଶାରୀରିକ ସାକ୍ଷରତା କାର୍ଯ୍ୟପୁସ୍ତକର ଉନ୍ମୋଚନ। ଫାଉଣ୍ଡେସନ୍‌ର ଟିମ୍ ପ୍ରୋଗ୍ରମ୍ ମ୍ୟାନେଜର କବିତା ମିଶ୍ର, ସିନିୟର୍ ପ୍ରୋଗ୍ରାମ୍ ଲିଡର ସସ୍ମିତା ରଥ, ପ୍ରୋଗ୍ରାମ୍ ଲିଡର ଅନନ୍ୟା ପଣ୍ଡା, ଗାନ୍ଧୀବାଦୀ ସୁମିତ୍ କୁମାର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ସମସ୍ତ ଶିକ୍ଷକ ଆଗାମୀ ୩ ମାସ ପାଇଁ ନିଜ ନିଜର କାର୍ଯ୍ୟଖସଡ଼ା ଉପସ୍ଥାପନ କରିଥିଲେ। ଜିଲ୍ଲା ପ୍ରଶାସନ ଏବଂ ପିରାମଲ୍ ଫାଉଣ୍ଡେସନ୍‌ର ଏହି ମିଳିତ ପ୍ରୟାସ ଜୀବନ ଉଲ୍ଲାସ-ଜୀବନର ଆନନ୍ଦକୁ ପାଳନ କରିବା ଅଭିଯାନରେ ଏକ ନୂତନ ଅଧ୍ୟାୟ ଯୋଡ଼ିଛି।

## ଜିଙ୍ଗଲ୍‌ବେଲ୍ ପକ୍ଷରୁ ଶୀତବସ୍ତ୍ର ଦାନ



କେନ୍ଦୁଝର,୨୪।୧୨(ସମିସ): କେନ୍ଦୁଝର ପୁରୁଣା ସହରର ପ୍ରତିଷ୍ଠିତ ଜିଙ୍ଗଲବେଲ ପ୍ଲେ ସ୍କୁଲରେ କୁନି କୁନି ଶିଶୁଙ୍କୁ ନିରବିଚ୍ଛିନ୍ନ ଭାବେ ଶିକ୍ଷାଦାନ ଦିଆଯିବା ସହ ସେମାନଙ୍କ ମାନସିକ ଓ ବୌଦ୍ଧିକ ବିକାଶ ପାଇଁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ମଧ୍ୟ ଗ୍ରହଣ କରାଯାଉଛି। ସବୁ ବର୍ଷପରି ଚଳିତ ବର୍ଷ ମଧ୍ୟ ପ୍ରିନସିପାଲ ସର୍ବାଣୀ ମହାପାତ୍ରଙ୍କ ନେତୃତ୍ୱରେ କୁନି କୁନି ପିଲା ନିକଟସ୍ଥ ଆଦିବାସୀ ବସ୍ତି ପୋଡାଉଆସ, ସୁଲେଇଖମାରରେ ପିଲାଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇ ସେମାନଙ୍କ ମୁହଁରେ ହସ ଫୁଟାଇବାର ଶତପ୍ରତିଶତ ଚେଷ୍ଟା କରାଯାଇ ସଫଳତା ହାସଲ କରିଛନ୍ତି। ଜିଙ୍ଗଲବେଲର କୁନି ଛାତ୍ରଛାତ୍ରୀଙ୍କୁ ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଜୁଲି ପ୍ରଧାନ, ନିବେଦିତା ପଟ୍ଟନାୟକ ସହଯୋଗ କରିଥିଲେ।

## ଆକୃଷ୍ଟ କରୁଛି ସୁନାଘାଇ ଜଳଭଣ୍ଡାରର ପ୍ରାକୃତିକ ସୌନ୍ଦର୍ଯ୍ୟ





ହାଟଡ଼ିହି,୨୪।୧୨(ସମିସ): ହାଟଡ଼ିହି ବ୍ଲକର ପର୍ଯ୍ୟଟନସ୍ଥଳୀ ମଧ୍ୟରେ ସୁନାଘାଇ ଜଳଭଣ୍ଡାର ଅନ୍ୟତମ। ପର୍ଯ୍ୟଟନ ଋତୁ ଆସିଲେ ସମଗ୍ର ହାଟଡ଼ିହି ଅଞ୍ଚଳରେ ଥିବା ହଦଗଡ଼, ଗଡ଼ଚଣ୍ଡୀ, ସୁନାଘାଇ, ରାମଚଣ୍ଡୀ, ସିଦ୍ଧଗୁମ୍ଫା, ବାହିଆ ଡ୍ୟାମ୍ ପ୍ରଭୃତି ସ୍ଥାନଗୁଡ଼ିକ ଚଳଚଞ୍ଚଳ ହୋଇଉଠେ। ଏଥିପାଇଁ ବଣଭୋଜିର ଆସର ଜମିଥାଏ। ବିଶେଷ କରି, ବଉଳା ପାହାଡ଼ ପାଦଦେଶରେ ରହିଥିବା ସବୁଜ ଅରୁଣିମା ମଧ୍ୟରେ ପ୍ରାକୃତିକ ଶୋଭାରାଶିରେ ପରିପୂର୍ଣ୍ଣ ସ୍ଥାନଗୁଡ଼ିକ ପର୍ଯ୍ୟଟକଙ୍କୁ ଖୁବ୍ ପ୍ରଭାବିତ କରିଥାଏ। ସେଥିମଧ୍ୟରୁ ସୁନାଘାଇ ଜଳଭଣ୍ଡାରର ଅପରୂପ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ବଉଳା ପାହାଡ଼ର ଗୋଟିଏ ପଟେ ପ୍ରସିଦ୍ଧ ମା' ଗଡ଼ଚଣ୍ଡୀଙ୍କ ପୀଠ ଥିବାବେଳେ ଅନ୍ୟପଟେ ମା' ରାମଚଣ୍ଡୀଙ୍କ ପୀଠ ଅବସ୍ଥିତ। ସୁନାଘାଇ ଡ୍ୟାମର ବିସ୍ତୀର୍ଣ୍ଣ ନୀଳ ଜଳରାଶି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ଏଠାରେ ପୁରୁଣା କୀର୍ତ୍ତିରାଜି ତତ୍କାଳୀନ ସିଙ୍ଗିଡ଼ି ରାଜାଙ୍କ ମୁଖଶାଳା ସ୍ୱରୂପ ଦୁଇ ପାହାଡ଼ର ଦ୍ୱାରଦେଶ ପ୍ରତୀୟମାନ ହୋଇରହିଛି। ଆନନ୍ଦପୁର ଭଦ୍ରକ ରାସ୍ତାର ଛେନାପଦି ଛକରୁ ୪କି.ମି ଦୂର ପୋଡ଼ାସିଙ୍ଗିଡିରୁ ୨କି.ମି ଭିତରକୁ ଗଲେ ପଡ଼ିବ ଏହି ସୁନାଘାଇ ଡ୍ୟାମ୍। ଡ୍ୟାମ୍ ପର୍ଯ୍ୟନ୍ତ ପିଚୁ ରାସ୍ତା ଲମ୍ବି ଯାଇଥିବା ବେଳେ ଏହା ବଣଭୋଜି ପାଇଁ ପ୍ରକୃଷ୍ଟ ସ୍ଥାନ ଅଟେ। ଏଠାରେ ପାନୀୟଜଳର ସୁବିଧା ନଥିବାରୁ ବଣଭୋଜି ପାଇଁ ଆସୁଥିବା ପର୍ଯ୍ୟଟକ ଅସୁବିଧା ଭୋଗୁଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ପର୍ଯ୍ୟଟକଙ୍କ ପାଇଁ ଏଠାରେ ବିଭିନ୍ନ ସୁବିଧା କରାଗଲେ ଏହା ଅନ୍ୟ ପର୍ଯ୍ୟଟନସ୍ଥଳୀ ଭଳି ପ୍ରସିଦ୍ଧ ହୋଇପାରନ୍ତା ବୋଲି ପର୍ଯ୍ୟଟକମାନେ ମତ ବ୍ୟକ୍ତ କରିଛନ୍ତି।

■ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଉଦ୍ୟମ

## ମାନସ ପାତ୍ର ପାଇଲେ ମାନସିକ ବୌଦ୍ଧିକ ଅସମର୍ଥ ଭତ୍ତା



କେନ୍ଦୁଝର, ୨୪।୧୨(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣର ସଫଳ ଉଦ୍ୟମ ଫଳରେ ଜଣେ ମାନସିକ ବୌଦ୍ଧିକ ଅସମର୍ଥତା ଭତ୍ତା ପାଇବା ପାଇଁ ସମର୍ଥ ହୋଇ ପାରିଛନ୍ତି। ସଦର ବ୍ଲକ ବାଉରୀପଦା ପଞ୍ଚାୟତର ମୁକୁନା ଗ୍ରାମର ଗୀତାଞ୍ଜଳି ସାହୁ ଓ ଗୌରାଙ୍ଗ ସାହୁଙ୍କ ପୁତ୍ର ମାନସ ଜଣେ ମାନସିକ ଅନଗ୍ରସର ବୌଦ୍ଧିକ ପିଲା ଘରେ ନରହି ଏହି ୧୬ ବର୍ଷର ପିଲା ଏଣେତେଣେ ବୁଲୁଥିଲେ। କେନ୍ଦୁଝର ଲାବଣ୍ୟ ଛକରେ ଏକୁଟିଆ ବସିଥିବାବେଳେ ଆଇନସେବା ପ୍ରାଧିକରଣର ସଚିବ ଖବର ପାଇ ପାରା ଆଇନ ସ୍ୱେଚ୍ଛାସେବୀ ବନଲତା ଜେନାଙ୍କ ପାଖକୁ ପଠାଇଥିଲେ। ପିଏଲ୍ଭି ତୁରନ୍ତ ତାଙ୍କୁ ମୁଖ୍ୟ ଚିକିତ୍ସାଳୟରେ ମାନସିକ ୱାର୍ଡରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସୁଶାନ୍ତ କୁମାର ମାଝୀ ତୁରନ୍ତ ତାର ଚିକିତ୍ସା ଜାରି ରଖିଥିଲେ। ତାଙ୍କୁ ଡିଏମ୍‌ଏଫ୍ ଆଶ୍ରୟରେ ୬ ମାସ ରହି ଚିକିତ୍ସା କଲା ପରେ ତାର ମାନସିକ ବୌଦ୍ଧିକତାରେ ସାମାନ୍ୟ ଉନ୍ନତି ଆସିଲା ଏବଂ ପରେ ପରେ ଆଇନ ସେବା ପ୍ରାଧିକରଣର ହସ୍ତକ୍ଷେପ ପରେ ମାନସିକ ବିକଳାଙ୍ଗ ସାର୍ଟିଫିକେଟ ପାଇଁ ପିଏଲ୍ଭି ବନଲତା ପାତ୍ର ତା'ର ବିଭିନ୍ନ କାଗଜପତ୍ର ଆଣି ଆବେଦନ କରି ୫୦% ର ଭିନ୍ନକ୍ଷମ ମାନସିକ ବିକଳାଙ୍ଗ ସାର୍ଟିଫିକେଟ କରାଇ ଭତ୍ତା ପାଇଁ ଆବେଦନ କରିଥିଲେ। ଜିଲ୍ଲା ପ୍ରଶାସନ ତା'ର ଆବେଦନ ମଞ୍ଜୁର କରି ୨ ମାସ ହେବ ଭତ୍ତା କରାଇଛନ୍ତି। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀଙ୍କୁ ଏ ବିଷୟରେ ଅବଗତ କରାଇଛନ୍ତି। ପ୍ରାଧିକରଣ ର ସଫଳ ହସ୍ତକ୍ଷେପ ଫଳରେ ଜଣେ ଭିନ୍ନକ୍ଷମ ଉପକୃତ ହୋଇ ପାରିଛନ୍ତି।

# ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ

ଛେଣ୍ଡିପଦା,୨୪।୧୨(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ଅଞ୍ଚଳର ଏକ କାଳୁ ଜଙ୍ଗଲରେ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ବାଗଡ଼ିଆ ଥାନା ଅଞ୍ଚଳର ଏହି ଛାତ୍ରୀଙ୍କୁ ତାଙ୍କ ସମ୍ପର୍କୀୟ ପିଉସା ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଅପରାହ୍ନ ୪ଟାରେ ବାଗଡ଼ିଆ ଥାନା ଅଞ୍ଚଳର ପ୍ରଫୁଲ୍ଲ ପ୍ରଧାନ ସମ୍ପୃକ୍ତ ଛାତ୍ରୀଙ୍କୁ ବୁଲାଇବାକୁ ନେଇ ଆସିବା ପାଇଁ କହି ବାଇକ୍ ଯୋଗେ ଘରୁ ଡାକି ଆଣିଥିଲେ। ତେବେ ପିଉସାଙ୍କ ବିଳମ୍ବରେ ଛାତ୍ରୀଙ୍କ ମା' ବାରମ୍ବାର ଫୋନ କରିଥିଲେ ମଧ୍ୟ ପ୍ରଫୁଲ୍ଲ ଫୋନ୍ ଉଠାଇ ନ ଥିଲେ। ପରେ ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ କରିବା ସହ ରାତି ୮ଟା ବେଳେ ଗାଁଠାରୁ ୩ କିଲୋମିଟର ଦୂର ଏକ ସ୍କୁଲ ପଛ ପାଖେ ଛାଡ଼ିଦେଇ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ କାହାକୁ ନ କହିବା ପାଇଁ ଧମକାଇଥିଲେ। ପରିବାର ଲୋକେ ଝିଅକୁ ପାଇବା ପରେ ବୁଧବାର ବାଗଡ଼ିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଉଛି। ନାବାଳିକାଙ୍କ ବୟାନ ରେକର୍ଡ କରିବା ସହିତ ଉକ୍ତ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଆରମ୍ଭ କରିଛି।

# ଜିଲ୍ଲାସ୍ତରୀୟ ତ୍ରୟୋଦଶ ଶିଶୁ-ଉତ୍ସବ



ଅନୁଗୋଳ,୨୪।୧୨(ସମିସ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓସ୍ତା), ଅନୁଗୋଳ ଜିଲ୍ଲା ଶାଖା ଆନୁକୂଲ୍ୟରେ ପଞ୍ଚମହଲାସ୍ଥିତ ରିମିଟ୍ ମହାବିଦ୍ୟାଳୟ ପରିସରରେ ତ୍ରୟୋଦଶ ଜିଲ୍ଲାସ୍ତରୀୟ ଶିଶୁଉତ୍ସବ ୨୦୨୫ ଅନୁଷ୍ଠିତ ହୋଇଛି। ଓସ୍ତା ଅନୁଗୋଳ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଶ୍ରୀକାନ୍ତ ମିଶ୍ରଙ୍କ ସଭାପତିତ୍ୱ ତଥା ଜିଲ୍ଲା ସମ୍ପାଦକ ତ୍ରିଲୋଚନ ଦାସଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଓସ୍ତା ଅନୁଗୋଳ ଜିଲ୍ଲାର ପ୍ରାକ୍ତନ ସଭାପତି ରାଜକିଶୋର ସାହୁ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ରିମିଟ୍ ମହାବିଦ୍ୟାଳୟର ଉପ-ନିର୍ଦ୍ଦେଶକ ଅକ୍ଷୟ କୁମାର ସାହୁ, ସମ୍ମାନିତ ଅତିଥି ରୂପେ ଓସ୍ତା ଅନୁଗୋଳ ଜିଲ୍ଲାର ପ୍ରାକ୍ତନ କାର୍ଯ୍ୟକାରୀ ସଭାପତି ଦିନନାଥ ଦେହୁରୀ, ପ୍ରାକ୍ତନ ଉପ-ସଭାପତି ଦିଲୀପ କୁମାର ପ୍ରଧାନ, କିଶୋରନଗର ବ୍ଲକର ପ୍ରାକ୍ତନ ସମ୍ପାଦକ ଶୁକଦେବ ସାହୁ, ରିମିଟ୍ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ସତ୍ୟବ୍ରତ ସାହୁ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବରାଜ ପ୍ରଧାନ ଯୋଗଦେଇଥିଲେ। ଜିଲ୍ଲାର ମୋଟ ୮ ବ୍ଲକର ୧୬୦ ଜଣ ପ୍ରତିଯୋଗୀ ତର୍କ, ଗଳ୍ପ ଲିଖନ, କବିତା ରଚନା, ଆବୃତ୍ତି, କଣ୍ଠ ସଙ୍ଗୀତ, ଏକକ ଅଭିନୟ, ଏକକ ନୃତ୍ୟ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ଓ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକାରୀ ସଭାପତି ଶ୍ରୀକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଅନୁଗୋଳ ବିଜେ ଅଶୋକ କୁମାର ପ୍ରଧାନ, ମୁଖ୍ୟବକ୍ତା ରୂପେ ଓସ୍ତା ଅନୁଗୋଳ ଜିଲ୍ଲାର ପ୍ରାକ୍ତନ ସଭାପତି ଭାସ୍କର ଚନ୍ଦ୍ର ସାହୁ ଏବଂ ସମ୍ମାନିତ ଅତିଥି ରୂପେ ଓସ୍ତା ଅନୁଗୋଳ ଜିଲ୍ଲାର ପ୍ରାକ୍ତନ ଯୁଗ୍ମ-ସମ୍ପାଦକ ବିନୟ କର, ପ୍ରାକ୍ତନ କାର୍ଯ୍ୟକାରୀ ସଭାପତି ହେମନ୍ତ କୁମାର ମିଶ୍ର ଓ ରାଜ୍ୟ ଉପ-ସଭାପତି ଶ୍ରୀକାନ୍ତ ସାହୁ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆସନ୍ତା ୨୭ରୁ ୨୮ ତାରିଖ ପର୍ଯ୍ୟନ୍ତ କଟକ ଓସ୍ତା କାର୍ଯ୍ୟାଳୟରେ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ଯୋଗଦାନ କରିବେ।

# ଦୀପଶିଖା ଏସଏସଭିଏମର ପଞ୍ଚଦଶ ବାର୍ଷିକ ଉତ୍ସବ




କଣିହାଁ,୨୪।୧୨(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଏନଟିପିସିସ୍ଥିତ ଦୀପଶିଖା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପଞ୍ଚଦଶ ବାର୍ଷିକ ଉତ୍ସବ ପାଳିତ ହୋଇଛି। ରବିବାର ଏନଟିପିସି ଦୀପତରଙ୍ଗଠାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ରୂପେ ଏନଟିପିସି କାର୍ଯ୍ୟକାରୀ ନିର୍ଦ୍ଦେଶକ କେ ନରସିଂହା ରେଡ୍ଡୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିଶୁମନ୍ଦିର ଦ୍ୱାରା ଦିଆଯାଉଥିବା ନୈତିକ ଓ ଆଧ୍ୟାତ୍ମିକ ଶିକ୍ଷାକୁ ଗ୍ରହଣ କରି ଭବିଷ୍ୟତ ଗଠନ କରିବା ନିମନ୍ତେ ପ୍ରେରିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଏନଟିପିସି ମାନବ ସଂସାଧନର ଅତିରିକ୍ତ ମହାପ୍ରବନ୍ଧକ ସୂଜିତା ରଥ, ବିଦ୍ୟା ଭାରତୀ, ପୂର୍ବ କ୍ଷେତ୍ର ସହମନ୍ତ୍ରୀ ହେମନ୍ତ କୁମାର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ଓଡ଼ିଶା ଶିକ୍ଷା ବିକାଶ ସମିତି କୋଷାଧ୍ୟକ୍ଷ ସତ୍ୟନାରାୟଣ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଦେଶର ଭବିଷ୍ୟତ ନାଗରିକ ତିଆରିରେ ମାଆମାନଙ୍କ ପ୍ରମୁଖ ଭୂମିକା ରହିଥିବା କହିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ହେମନ୍ତ କୁମାର ପାଣିଗ୍ରାହୀ ସଭାର ସଭାପତିତ୍ୱ, ସମ୍ପାଦକ ବିଶ୍ୱନାଥ ପ୍ରଧାନ ଅତିଥି ପରିଚୟ କରିଥିଲେ। ବାର୍ଷିକ ଉତ୍ସବର ମୁଖ୍ୟବିଚାର ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କାର୍ଯ୍ୟ ଯୋଜନାର ବିବରଣୀକୁ ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ କୁମାର ତ୍ରିପାଠୀ ପାଠ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ଓ କର୍ମଚାରୀ ସହଯୋଗ କରିଥିଲେ।

# ମହର୍ଷି ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

ବଇଣ୍ଡା,୨୪।୧୨(ସମିସ): କିଶୋରନଗର ବ୍ଲକ ବଇଣ୍ଡା ମହର୍ଷି ବିଦ୍ୟାମନ୍ଦିରରେ ସୋମବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଅତିଥି ଭାବେ



ଲୁହାମୁଣ୍ଡା ହାଇସ୍କୁଲ ଶିକ୍ଷକ ବିଶ୍ୱରଞ୍ଜନ ସାହୁ, ଗାଁ ବଇଣ୍ଡା ହାଇସ୍କୁଲ ଶିକ୍ଷୟିତ୍ରୀ ସସ୍ମିତା ସାହୁ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଅଧ୍ୟକ୍ଷ ସପ୍ନେଶ୍ୱର ସାହୁ, ସନାତନ ସାହୁ, ଇନ୍ଦ୍ରଜିତ ପ୍ରଧାନ, ସତ୍ୟଭାମା ବେହେରା, ରଶ୍ମିତା ପଣ୍ଡା, ନୀହାରିକା ଦାସ, ରୁପାଲି ସାହୁ, ଦୀପ୍ତିମୟୀ ସାହୁ, ଶ୍ରଦ୍ଧାଞ୍ଜଳି ପ୍ରଧାନ, ଲକ୍ଷ୍ମୀପ୍ରିୟା ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଅନିତା ପ୍ରଧାନ, ରୋଜାଲିନ ପ୍ରଧାନ ମେଳା ପରିଚାଳନା କରିଥିଲେ। ଏଥିରେ ୨୨ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

## ଅତିରିକ୍ତ ସୁରକ୍ଷା ଜମା ଆଦାୟ ଓ ସ୍ମାର୍ଟ ମିଟର ବସାଇବା ବନ୍ଦ ଦାବି

# ଟାଟା ପାୱାର ଅଫିସ୍ ସମ୍ମୁଖରେ ବିକ୍ଷୋଭ

ଅନୁଗୋଳ,୨୪।୧୨(ସମିସ):




ବିଦ୍ୟୁତ୍ ବିତରଣ କମ୍ପାନୀ ଟାଟା ପାୱାର ପକ୍ଷରୁ ଉପଭୋକ୍ତାଙ୍କଠାରୁ ଆଦାୟ କରାଯାଉଥିବା ଅତିରିକ୍ତ ସୁରକ୍ଷା ଜମା ତୁରନ୍ତ ବନ୍ଦ କରିବା, ଉପଭୋକ୍ତାଙ୍କୁ ମନଇଚ୍ଛା ଶୋଷଣ ପାଇଁ ଉପଭୋକ୍ତାଙ୍କ ଅଜାଣତରେ ବସାଯାଉଥିବା ସ୍ମାର୍ଟ ମିଟର ବନ୍ଦ କରିବା, ଶିଳ୍ପ ଓ କୋଇଲା ଖଣିର ପ୍ରଦୂଷଣର ବିଷ ବଳୟରେ ଜର୍ଜରିତ ଜିଲ୍ଲାବାସୀଙ୍କୁ ୩୦୦ ୟୁନିଟ୍ ଦେୟମୁକ୍ତ ବିଦ୍ୟୁତ୍ ଯୋଗାଇଦେବା, ଘନ ଘନ ବିଦ୍ୟୁତ୍ କାଟ୍ ବନ୍ଦ କରିବା, ପ୍ରସ୍ତାବିତ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ବନ୍ଦ କରିବା, ବିଦ୍ୟୁତ୍ ସେବାର ଘରୋଇକରଣ ବନ୍ଦ ଦାବିରେ ବୁଧବାର ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟି ନେତୃତ୍ୱରେ ଜିଲ୍ଲାର ଶତାଧିକ ବିଦ୍ୟୁତ୍ ଉପଭୋକ୍ତା ଟାଟା ପାୱାର ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଉପଭୋକ୍ତାମାନେ ସ୍ଥାନୀୟ ଥାନାଛକରୁ ଶୋଭାଯାତ୍ରାରେ ଟାଟା ପାୱାର ବିରୋଧୀ ବିଭିନ୍ନ ସ୍ଲୋଗାନ୍ ଦେଇ ଟାଟା ପାୱାର ଅଫିସ୍ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଅନୁଗୋଳ ଜିଲ୍ଲା ଜନ ଜୀବନ ସୁରକ୍ଷା କମିଟି ଆବାହକ ଆଇନଜୀବୀ ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସଭାରେ କମିଟିର ଅନ୍ୟତମ ଆବାହକ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ଅଭିମନ୍ୟୁ ସ୍ୱାଇଁ, ବିଦ୍ୟୁତ୍ ଉପଭୋକ୍ତା ହେମନ୍ତ କୁମାର ଦାସ, ରମେଶ ସାହୁ, ନିରୋଦ ଚନ୍ଦ୍ର ପାଳ, ଆଇନଜୀବୀ ବସନ୍ତ ଦାସ, ସୁବାସ ସାହୁ, ବ୍ରଜବନ୍ଧୁ ସାହୁ, ସ୍ୱେଚ୍ଛାସେବୀ ପର୍ଶୁରାମ ଦାସ, ମାନସ ପାଳ, ଅଲ୍ ଇଣ୍ଡିଆ ଇଲେକ୍ଟ୍ରିସିଟି କଞ୍ଜୁମର୍ସ ଆସୋସିଏସନ୍ (ଏଆଇଇସିଏ)ର ରାଜ୍ୟ ଆବାହକ ଜୟସେନ ମେହେର, ଜିଲ୍ଲା ଆବାହକ ତୀର୍ଥବାସୀ ଭୋଇ ପ୍ରମୁଖ ବକ୍ତବ୍ୟ ଦେଇ ଟାଟା ପାୱାର ପକ୍ଷରୁ ଅତିରିକ୍ତ ସୁରକ୍ଷା ଜମା ଆଦାୟ ଓ ମନଇଚ୍ଛା ଶୋଷଣ ପାଇଁ ସ୍ମାର୍ଟ ମିଟର ବସାଇବାକୁ ତୀବ୍ର ବିରୋଧ କରିଥିଲେ। ବିଦ୍ୟୁତ୍ ଉପଭୋକ୍ତାମାନେ ବିଦ୍ୟୁତ୍ ସଂଯୋଗ ନେବାବେଳେ ଦେଇଥିବା ସୁରକ୍ଷା ଜମା ଓ ଏହାର ସୁଧର ପରିମାଣ ପ୍ରତିବର୍ଷ ୧ ଏପ୍ରିଲ୍ ସୁଦ୍ଧା ବିଦ୍ୟୁତ୍ ବିତରଣ କମ୍ପାନୀ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଜଣାଇବା ସହ ଏହି ସୁରକ୍ଷାଜମା ଓ ସୁଧରାଶିର ପରିମାଣକୁ ପ୍ରତିବର୍ଷ ମେ ମାସ ବିଦ୍ୟୁତ୍ ବିଲରେ ଭରଣା କରିବା ବାଧ୍ୟତାମୂଳକ ବୋଲି ସେମାନେ ପ୍ରକାଶ କରିଥିଲେ। କମ୍ପାନୀ ଉପଭୋକ୍ତାମାନଙ୍କଠାରୁ ସୁରକ୍ଷା ଜମା ନାଁରେ ଆଦାୟ କରିଥିବା ହଜାର ହଜାର କୋଟି ଟଙ୍କା ଓ ଏହାର ସୁଧର ପରିମାଣ ଉପଭୋକ୍ତାଙ୍କୁ ଜଣାଇ ବିଦ୍ୟୁତ୍ ବିଲରେ ଭରଣା କରିବା ପରିବର୍ତ୍ତେ ଅତିରିକ୍ତ ବିଦ୍ୟୁତ୍ ବ୍ୟବହାର ନାଁରେ ପିଟୁଣୀ ଟିକସ ଭଳି ଆହୁରି ଅତିରିକ୍ତ ସୁରକ୍ଷା ଜମା ଆଦାୟ ଅତ୍ୟନ୍ତ ଅନ୍ୟାୟ, ଅଗଣତାନ୍ତ୍ରିକ, ଅଯୌକ୍ତିକ ଓ ସମ୍ପୂର୍ଣ୍ଣ ବେଆଇନ୍ ବୋଲି ପ୍ରକାଶ କରିଥିଲେ। ଉପଭୋକ୍ତାଙ୍କ ମିଟର ସଠିକ୍ ଭାବେ ଚାଲୁଥିଲେ ମଧ୍ୟ ମିଟରକୁ ଅଚଳ ଦର୍ଶାଇ ଉପଭୋକ୍ତାଙ୍କ ଅଜାଣତରେ ଓ ଅନେକ କ୍ଷେତ୍ରରେ ବାଧ୍ୟତାମୂଳକ ଭାବରେ ସ୍ମାର୍ଟ ମିଟର ବସାଇ ମନଇଚ୍ଛା ଶୋଷଣ କରାଯାଉଛି ବୋଲି ସେମାନେ ଅଭିଯୋଗ କରିଥିଲେ। ବିଦ୍ୟୁତ୍ ଉପଭୋକ୍ତାମାନେ ପ୍ରତି ମାସରେ ନିୟମିତ ଭାବେ ବିଦ୍ୟୁତ୍ ବିଲ୍ ପୈଠ କରୁଥିଲେ ମଧ୍ୟ ବିଳମ୍ବିତ ବିଦ୍ୟୁତ୍ ବିଲ୍ ପୈଠ ନାଁରେ ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ବିଳମ୍ବିତ ବିଦ୍ୟୁତ୍ ଦେୟ ପୈଠ ଶୁଳ୍କ ଆଦାୟ କରି ଟାଟା ପାୱାର ପକ୍ଷରୁ ସ୍ପଷ୍ଟ ଦିବାଲୋକରେ ଶୋଷଣ କରାଯାଉଥିବା ଗୁରୁତର ଅଭିଯୋଗ କରିଥିଲେ। ରାଜ୍ୟ ସରକାର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଉନ୍ନତ ମାନର ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ବିଦ୍ୟୁତ୍ ସେବାର ଘରୋଇକରଣ କରିଥିଲେ ମଧ୍ୟ ଆଜି ବି ଉପଭୋକ୍ତାମାନେ ଘନ ଘନ ବିଦ୍ୟୁତ୍ କାଟ୍ ଓ ଲୋ-ଭୋଲଟେଜ୍ ସମସ୍ୟାରେ ଜର୍ଜରିତ ହେଉଛନ୍ତି। ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲ୍ଲାରେ ପ୍ରତିଷ୍ଠିତ ତାପଜ ବିଦ୍ୟୁତ୍ ଶିଳ୍ପ, କୋଇଲା ଖଣିର ପ୍ରଦୂଷଣ ବିଷ ବଳୟରେ ଜିଲ୍ଲାବାସୀ ହନ୍ତସନ୍ତ ହେଉଥିବାବେଳେ ଜିଲ୍ଲାର ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ଦେୟମୁକ୍ତ ବିଜୁଳି ଯୋଗାଣ ଦାବିକୁ ରାଜ୍ୟ ସରକାର ଉପେକ୍ଷା କରିଚାଲିବା ସରକାରଙ୍କ ଜନବିରୋଧୀ ନୀତି ଓ କମ୍ପାନୀ ପ୍ରୀତିର ପରିଚୟ ବୋଲି ସେମାନେ ପ୍ରକାଶ କରିଥିଲେ। ଅତିରିକ୍ତ ସୁରକ୍ଷା ଜମା ଆଦାୟ ତୁରନ୍ତ ବନ୍ଦ କରିବା, ସ୍ମାର୍ଟ ମିଟର ବସାଇବା ବନ୍ଦ କରିବା, ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ୩୦୦ୟୁନିଟ୍ ଦେୟମୁକ୍ତ ବିଜୁଳି ଯୋଗାଇଦେବା, ଘନ ଘନ ବିଦ୍ୟୁତ୍ କାଟ୍ ବନ୍ଦ କରିବା, ପ୍ରସ୍ତାବିତ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ବନ୍ଦ କରିବା, ବିଦ୍ୟୁତ୍ ସେବାର ଘରୋଇକରଣ ବନ୍ଦ କରିବା ଦାବିରେ ଟାଟା ପାୱାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଅନୁଗୋଳ ଡିଭିଜନର ନିର୍ବାହୀ ଯନ୍ତ୍ରୀ ବିକ୍ଷୋଭସ୍ଥଳକୁ ଆସି ସ୍ମାରକପତ୍ର ଗ୍ରହଣ କରିବା ସହ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟୁତ୍ ଉପଭୋକ୍ତାଙ୍କ ନ୍ୟାୟସଙ୍ଗତ ଦାବିଗୁଡ଼ିକୁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇ ବିହିତ ପଦକ୍ଷେପ ନେବା ସହ ଉପଭୋକ୍ତାଙ୍କ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା। ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟିର ବରିଷ୍ଠ ସଭ୍ୟ ପଠାଣୀ ବାରିହା, ଦାମୋଦର ଦାସ, ବସନ୍ତ ଦାସ, ଅଶୋକ କୁମାର ପ୍ରଧାନ, ନବକିଶୋର ପ୍ରଧାନ, ପ୍ରଦୀପ କୁମାର ମାଝୀ, ନିରୁପମା ପ୍ରଧାନ, ବେଣୁଧର ପ୍ରଧାନ, ମୋହନ ଦେହୁରୀଙ୍କ ସମେତ ଶତାଧିକ ବିଦ୍ୟୁତ୍ ଉପଭୋକ୍ତା ସାମିଲ ହୋଇଥିଲେ।

## ● ମନରେଗାରୁ ମହାତ୍ମା ଗାନ୍ଧୀଙ୍କ ନାମ କାଟିବା ଘଟଣା

# ବିଜେପି ସମାଜକୁ କି ସନ୍ଦେଶ ଦେବାକୁ ଚାହୁଁଛି: କଂଗ୍ରେସ



ଅନୁଗୋଳ,୨୪।୧୨(ସମିସ): ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଆଇନକୁ ରଦ୍ଦ କରି ମହାତ୍ମା ଗାନ୍ଧୀଙ୍କ ନାମକୁ କାଟି ଏକ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାକୁ ପରିବର୍ତ୍ତନ କରି ଏକ ବିଲ ଲୋକସଭାରେ ପାରିତ କରିଛନ୍ତି କେନ୍ଦ୍ର ବିଜେପି ସରକାର। ଜାତିର ଜନକ ମହାତ୍ମାଗାନ୍ଧୀ ବିଶ୍ୱବନ୍ଦିତ ଥିବାବେଳେ ଭାରତ ସରକାର ତାଙ୍କ ନାମକୁ ହଟାଇ ତାଙ୍କୁ ଅପମାନ କରିଛି। ଏହାର ପ୍ରତିବାଦରେ ସୋମବାର ପୂର୍ବାହ୍ନରେ ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ପାର୍କଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଗଣଧାରଣା ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ ଯୋଗଦେଇ ଧାରଣାରେ ବସିଥିଲେ। ମହାତ୍ମା ଗାନ୍ଧୀଙ୍କ ନାମକୁ ଯେଉଁ ଭଳି ଭାବେ କାଟି ଦିଆଗଲା, ତାହା ତାଙ୍କୁ ହତ୍ୟା କରାଯିବା ସହ ସମାନ। ବିଜେପି ହାତରେ କୌଣସି ପ୍ରକାର ସ୍ୱତନ୍ତ୍ର ଯୋଜନା ବା ବ୍ୟବସ୍ଥା ନ ଥିବାରୁ ସେମାନେ ଆଗରୁ ଲୋକାଦୃତ ହୋଇଆସିଥିବା କାର୍ଯ୍ୟଗୁଡ଼ିକ ନାଁ ବଦଳାଇ ବାହାବା ନେବା ପାଇଁ ଲାଳାୟିତ ହେଉଛନ୍ତି। ଫଳରେ ସାଧାରଣ ଜନତା ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ମଧ୍ୟାହ୍ନରେ ସମସ୍ତ ନେତା ଓ କର୍ମୀ ଶୋଭାଯାତ୍ରାରେ ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କୁ ଏ ନେଇ ସ୍ମାରକପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ଉପସଭାପତି ସସ୍ମିତା ବେହେରା, ମୁଖପାତ୍ର ଜଗଦାନନ୍ଦ ପ୍ରଧାନ, ଆଦିବାସୀ ସେଲ ସାଧାରଣ ସମ୍ପାଦକ ତପନ ପ୍ରଧାନ, କୃଷକ ସେଲ ଉପାଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁ, ଏସସି ସେଲ ସାଧାରଣ ସମ୍ପାଦକ ନୀଳକଣ୍ଠ ନାଏକ, ଦାଶରଥି ସାହୁ, ଏଲ ମାଣିକପ୍ରଭା, ଗୋପାଳ ଚନ୍ଦ୍ର ନାଥ, ବଳବୀର ସିଂହ, ଚିତ୍ତରଞ୍ଜନ ନାଏକ, ରାଜକିଶୋର ସାହୁ, ସନ୍ତୋଷ ପଟ୍ଟନାୟକ, ବିନୋଦ ମାଝି, ଅମୂଲ୍ୟ ବେହେରା, ସଞ୍ଜୀବ ମାଣ୍ଡୋଠିଆ, ସୁଦୀପ ମିଶ୍ର, ରାକେଶ ମିଶ୍ର, କସିଦା ଖାନ, ଭଜନ ଦାସ, ଜ୍ୟୋତି ପ୍ରଧାନ, ଜମ୍ବେଶ୍ୱର ପଟ୍ଟନାୟକ, ଦୁଷ୍ମନ୍ତ ଦଳବେହେରା, ସହଦେବ ବେହେରା, ଜିଲ୍ଲା ଛାତ୍ର ସଭାପତି ପ୍ରଦ୍ୟୁମ୍ନ ସାହୁ, ଅଲେଖ ବେହେରା, ସଂଗ୍ରାମ ବେହେରା, ଅରୁପ ସାମଲ, ପଦ୍ମିନୀ ନାୟକ, ଅଳକା ମହାନ୍ତି, ସୁବାସ ସାହୁ ସଂଗ୍ରାମ କେଶରୀ କଅଁର, ହେମନ୍ତ ମହାଳିକ, ମାନିନୀ ପ୍ରଧାନ, ବିମଳ ପ୍ରଧାନ, କୁଶଧ୍ୱଜ ସାମଲ ଭାସ୍କର ପ୍ରଧାନ, ଛକୁଡ଼ି ଦେହୁରୀ, ଅରୁଣ ଦାସ, ଲକ୍ଷ୍ମୀଧର ପୃଷ୍ଟି, ସୁଶ୍ରୀ ବେହେରା ପ୍ରମୁଖ ସହସ୍ରାଧିକ ନେତା ଓ କର୍ମୀ ଉପସ୍ଥିତ ରହିଥିଲେ।

# ଗୋଲଡି ବିଦ୍ୟାଲୋକ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ଅନୁଗୋଳ,୨୪।୧୨(ସମିସ): ଅନୁଗୋଳର ଗୋଲଡି ବିଦ୍ୟାଲୋକ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ସିଲଭି ଶୀତଲ ମାଝୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମିତା ଗୋଛାୟତ, ଅମିଶା ଦିବ୍ୟଦର୍ଶିନୀ ସାହୁ, ମୋନାଲିସା ପରିଡ଼ା ସହଯୋଗ କରିଥିଲେ। ମୁଖ୍ୟଅତିଥି ଭାବେ ଜିଏସଟି ଏବଂ ଏସଟି କମିଶନର ସୁରେନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବେ ଡେପୁଟି କଲେକ୍ଟର ମଧୁସ୍ମିତା ବିଶି, ସମ୍ମାନିତ ଅତିଥି ଭାବେ ସଦର ଥାନା ଆଇଆଇସି ମୃଣାଳ କାରଲୋ, ଡେପୁଟି ମ୍ୟାନେଜେର ଏସଡିଆଇ ରଜନୀ କୁଜୁର, ଆର୍ମି ଆସୋସିଏସନ ସଭାପତି ଅନିଲ ମହାନ୍ତି, ପ୍ରକାଶ କୁମାର ଗଡ଼ନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ତାଳଚେରରେ ସ୍ମାର୍ଟ ମିଟର୍ କାହା ସ୍ୱାର୍ଥରେ !

## ■ ମୁଣ୍ଡ ଟେକୁଛି ଆନ୍ଦୋଳନ

ତାଳଚେର,୨୪।୧୨(ସମିସ): ତାଳଚେର ଅଞ୍ଚଳରେ ୩ଟି ତାପଜ କେନ୍ଦ୍ର ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ରହିଥିବା ବେଳେ ଏଠାରେ ଲୋକମାନେ ପ୍ରାୟ ସମୟ ଘନଘନ ବୁଦ୍ୟୁତ୍ କାଟ୍ ଯୋଗୁଁ ଅନ୍ଧାରରେ ରହିବାକୁ ପଡ଼ିଥାଏ। ସରକାର ବିଗତ ଦିନରେ ଶକ୍ତିକେନ୍ଦ୍ର ଠାରୁ ୧୦ମିଟର୍ ଦୂରରେ ରହିଥିବା ବାସୀନ୍ଦାଙ୍କୁ ରିହାତି ମୂଲ୍ୟରେ ବିଜୁଳି ଯୋଗାଇବା ଦେବା ଯୋଜନା ରଖିଥିବା ବେଳେ ଏବେ ?ବଲ ଇଞ୍ଜିନ ସରକାର ମାଗଣା ବିଜୁଳି ଯୋଗାଇ ଦେବାନେଇ କହି ନିର୍ବାଚନୀ ବୈତରଣୀ ପାର ହୋଇଥିଲେ। ମାତ୍ର ପରିତାପର ବିଷୟ ସରକାରକୁ ୧୯ ମାସ ପୁରି ଯାଇଥିଲେ ମଧ୍ୟ ମାଗଣା ବିଜୁଳି ତ ଦୂରର କଥା ଏବେ ଟାଟା କମ୍ପାନୀ ଘରେଘରେ ସ୍ମାର୍ଟ ମିଟର ବସାଇ ଲୋକଙ୍କୁ ଶୋଷଣ କରିବା ଆରମ୍ଭ କରିଦେଇ ସାରିଲାଣି। ଏହାକୁ ନେଇ ଦୈନିକ ଉପଭୋକ୍ତାମାନେ ବାରମ୍ବାର କାର୍ଯ୍ୟାଳୟକୁ ଯାଇ ଅଧିକ ବିଲ କାହିଁକି ଆସୁଛି ବୋଲି କର୍ମଚାରୀଙ୍କୁ ପଚାରିବାରୁ ସେମାନେ ଏହା କମ୍ପାନୀ କରୁଛି ବୋଲି ସଫେଇ ଦେଇ ନିଜ ମୁଣ୍ଡରୁ ଦୋଷ ହଟାଇ ଦେଇଥାନ୍ତି। ଏବେ ବଜାରଘାଟରେ ପନିପରିବା ଠାରୁ ଆରମ୍ଭ କରି ରାସନ ଦର ହୁହୁ ହୋଇ ବଢ଼ି ଚାଲୁଥିବା ବେଳେ ବେଢ଼ି ଉପରେ କୋରଡ଼ାମାଡ଼ ଭଳି ବିଦ୍ୟୁତ୍ ଶୁଳ୍କ ଲୋକଙ୍କୁ ଅତିଷ୍ଠ କରିଲାଣି। ଏହାର ଉଦାହରଣ ତାଳଚେରରେ ଗଣେଶପୂଜା ପୂର୍ବରୁ ପ୍ରାୟ ୧ମାସ ହେବ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟୁତ୍ ତାର ସଜାଡ଼ିବା ନେଇ ପ୍ରତ୍ୟେକ ଦିନ ୬ରୁ ୮ ଘଣ୍ଟା ବିଦ୍ୟୁତ୍ କାଟ୍ କରାଯାଉଥିଲା। କିନ୍ତୁ ଏହାର ପରବର୍ତ୍ତି ମାସରେ ପୂର୍ବରୁ ଯେତିକି ବିଜୁଳ ୟୁନିଟ୍ ଉଠିଥାଏ ସେହି ୬ରୁ ୮ ଘଣ୍ଟା ପାୱାରକଟ୍ ପରେ ମଧ୍ୟ ବିଲ କିପରି ଏତେ ଉଠିଲା ବୋଲି ଉପଭୋକ୍ତାଙ୍କ ମନରେ ସନ୍ଦେହ ପ୍ରକଟ ପାଇବା ସହ ଏଥିରେ ଟାଟା ପାୱାର ପକ୍ଷରୁ ଲୋକଙ୍କୁ ଭୂଆଁ ବୁଲାଇ ଏବେ ପୁଣି ପୁରୁଣା ମିଟରକୁ ନେଇ ନୂଆସ୍ମାର୍ଟ ମିଟର ଲଗାଇ କୋଟି କୋଟିଟଙ୍କା ଲୁଟି ନେଉଥିବା ଘଟଣାକୁ କେନ୍ଦ୍ରକରି ତାଳଚେର ଅଞ୍ଚଳରେ ଏବେ ଆନ୍ଦୋଳନର ଦାନା ବାନ୍ଧିବା ଆରମ୍ଭ କରିଛି।

# ଆଇଡିଆଲ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ଅନୁଗୋଳ,୨୪।୧୨(ସମିସ): ଅନୁଗୋଳ ଗାନ୍ଧିମାର୍ଗସ୍ଥିତ ଆଇଡିଆଲ୍ ପବ୍ଲିକ ସ୍କୁଲର ୨୦ତମ ବାର୍ଷିକ ଉତ୍ସବ ସୃଜନ୍-୨୦୨୫ ବିଦ୍ୟାଳୟ ପରିସରରେ ପାଳିତ ହୋଇଛି। ଅଧ୍ୟକ୍ଷ ଆଶିଷ ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଏସ୍‌ପି ରାହୁଲ ଜୈନ୍, ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମଦନ ମୋହନ ପ୍ରଧାନ ସମ୍ମାନିତ ଅତିଥି ଭାବେ ପିଏମଶ୍ରୀ କେଭି-୧ର ଅଧ୍ୟକ୍ଷ



ହିରନମୟ ପ୍ରସାଦ ଚାନ୍ଦ ଯୋଗଦେଇ ଛାତ୍ରଛାତ୍ରୀମାନେ କିପରି ସୁନାଗରିକ ହୋଇପାରିବେ ଓ ସାମାଜିକ ସ୍ରୋତରେ ସାମିଲ ହୋଇପାରିବେ ସେ ବିଷୟରେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମିତାଭ ମିଶ୍ର, ସମ୍ପାଦକ ଜପକୃଷ୍ଣ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷୟିତ୍ରୀ ଅମିତା ଦେହୁରୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ନାଟକ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟଅତିଥି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବୋମା ଫୁଟି ନାବାଳିକା ଗୁରୁତର

ଛେଣ୍ଡିପଦା,୨୪।୧୨(ସମିସ): ଛେଣ୍ଡିପଦା ବନାଞ୍ଚଳ ଗୋହିରାପଶିଠାରେ ଜନ୍ତୁ ଶିକାର ପାଇଁ ଖଞ୍ଜାଯାଇଥିବା ବୋମା ଫୁଟି ଜଣେ ନାବାଳିକା ଗୁରୁତର ଆହତ ହୋଇଛନ୍ତି। ଗୁରୁତର ନାବାଳିକା ହେଲେ ବାହାଲସାହି ଗାଁର ମାନସୀ ବେହେରା। ସାଙ୍ଗମାନଙ୍କ ସହ ମାନସୀ ଗୋହିରାପଶି ଗାଁ ନିକଟ ଜଙ୍ଗଲକୁ ଭୋଜି କରିବାକୁ ଯାଇ ଜାଳକାଠ ଯୋଗାଡ଼ କରୁଥିବା ବେଳେ ତାଙ୍କ ହାତରେ ବୋମା ବାଜି ଫୁଟିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଲୋକାର୍ପଣ

ଅନୁଗୋଳ,୨୪।୧୨(ସମିସ):



କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଦିନିକିଆ ଅନୁଗୋଳ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପରୁ ଲୋକାର୍ପଣ କରିଛନ୍ତି। ଅନୁଗୋଳ ପିଏମ୍‌ଶ୍ରୀ ଜବହର ନବୋଦୟ ବିଦ୍ୟାଳୟ, ଚମ୍ପତିମୁଣ୍ଡାଠାରେ ୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ବହୁମୁଖୀ ସଭାଗୃହ ଲୋକାର୍ପଣ କରିବା ସହ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଏହି ଅତ୍ୟାଧୁନିକ ସଭାଗୃହ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶରେ ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଥିଲେ। ବିଦ୍ୟାଳୟ ପରିସରରେ ଥିବା ଲ୍ୟାବ୍, କୃଷି ଲ୍ୟାବ୍ ପରିଦର୍ଶନ କରି ନୂତନ ଅଟଳ ଟିଙ୍କରିଂ ଲ୍ୟାବ ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ।

କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲ୍ଲାପାଳ ଅବଦାଲ ମୁହମ୍ମଦ୍ ଅଖତର, ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ, ଅନୁଗୋଳ ଏସ୍‌ପି ରାହୁଲ ଜୈନ, ନବୋଦୟ ବିଦ୍ୟାଳୟ କମିଶନର ରାଜେଶ ଲେଖାନୀଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ପରେ କେନ୍ଦ୍ରମନ୍ତ୍ରୀ ପୁରୁଣାଗଡ଼ସ୍ଥିତ ମଦନମୋହନ ମନ୍ଦିର ଦର୍ଶନ କରି ଜିଲ୍ଲାବାସୀଙ୍କ ସୁଖସମୃଦ୍ଧି କାମନା କରିଥିଲେ। ମାଣିକଯୋଡ଼ିଠାରେ ଜିଲ୍ଲା ଖଣିଜ ପାଣ୍ଠି ଦ୍ୱାରା ପ୍ରାୟ ୨୬ କୋଟି ଟଙ୍କାରେ ନିର୍ମାଣ ହେବାକୁ ଥିବା ୬ଟି ପ୍ରକଳ୍ପର ଭୂମିପୂଜନ କରିଥିଲେ। ଏହି ପ୍ରକଳ୍ପଗୁଡ଼ିକ ହେଲା ବାଲିଜେରେଙ୍ଗଠାରୁ ବେତାର ରାସ୍ତା, ଶରଧାପୁରରୁ ପଥରଗଡ଼ ରାସ୍ତା, ମାଣିକଯୋଡ଼ିରୁ କୃଷ୍ଣଚନ୍ଦ୍ରଗଡ଼ ଭାୟା କୁଳସର ରାସ୍ତା, ଅନ୍ତୁଳିଆରୁ ତାବଡ଼ା ରାସ୍ତା, ପିଡବ୍ଲ୍ୟୁଡି ରାସ୍ତାଠାରୁ ନୂଆବଡ଼ଦାଣ୍ଡ ସାହି ରାସ୍ତା ଉପରେ କଇଁଆ ସେତୁ, ଶରଧାପୁରଠାରୁ ଗଦେଇମୁଣ୍ଡା ରାସ୍ତା ଉପରେ ମାତେଲିଆ ସେତୁ। ପରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଟିକରପଡ଼ା ପରିଦର୍ଶନ କରିଥିଲେ।

# ବଅଁରପାଳ ଶିଶୁ ବିଦ୍ୟା ମନ୍ଦିର ଗଣିତ ଦିବସ

ବଅଁରପାଳ,୨୪।୧୨(ସମିସ): ବଅଁରପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀନିବାସ ରାମାନୁଜନଙ୍କ ଜନ୍ମ ଜୟନ୍ତୀ ଅବସରରେ ଗଣିତ ଦିବସ ପାଳନ ଓ ଗଣିତ ହାଟ ଆୟୋଜନ



କରାଯାଇଥିଲା। ଏହାକୁ ଦେଖିବାକୁ ଅନ୍ୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଆସିଥିଲେ। ପ୍ରଧାନଆଚାର୍ଯ୍ୟ ଧର୍ମାନନ୍ଦ ସାହୁ ଓ ଗଣିତ ପ୍ରମୁଖ କୃତାର୍ଥ ଗଡ଼ନାୟକ ଦୀପ ପ୍ରଜ୍ୱଳନ କରି ଏହାକୁ ଉଦଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସତ୍ୟବାନ୍ ବରାହ, ସମ୍ପାଦକ ଅଖିଳ କୁମାର ମହାପାତ୍ର, କୋଷାଧ୍ୟକ୍ଷ ଅକ୍ଷୟ ସେନାପତି, ସଦସ୍ୟା ପଦ୍ମିନୀ ବେହେରା ଓ ପୂର୍ବତନ ପରିଚାଳନା ସମିତି ସଦସ୍ୟମାନେ ଉପସ୍ଥିତ ଥିଲେ।







# ଯେତେ ପ୍ରଦୂଷଣ, ସେତେ ବେପାର

ଭୁବନେଶ୍ୱର, ୨୪।୧୨(ସମିସ): ଦିନକୁ ଦିନ ଭୁବନେଶ୍ୱର ବାୟୁର ଗୁଣବତ୍ତା କମିବାରେ ଲାଗିଛି। ବିଶେଷ ଭାବରେ ଶୀତ ଋତୁରେ ମଧ୍ୟ ବାୟୁର ମାନ ନିମ୍ନସ୍ତରକୁ ଯିବା ଏବେ ରାଜଧାନୀବାସୀଙ୍କ ଚିନ୍ତାର କାରଣ ପାଲଟିଛି। ଏପରିସ୍ଥଳେ ଭୁବନେଶ୍ୱରବାସୀଙ୍କ ମଧ୍ୟରେ ଏୟାର ପ୍ୟୁରିଫାୟରର ଚାହିଦା ବଢ଼ିବାରେ ଲାଗିଛି। ପ୍ରତି ୧୦ ପରିବାରରେ ଏବେ ଗୋଟିଏ ପରିବାରରେ ଏୟାର ପ୍ୟୁରିଫାୟର୍ ଦେଖିବାକୁ ମିଳୁଛି।



**■ ପ୍ରତି ୧୦ ପରିବାରରେ ଗୋଟିଏ ଏୟାର ପ୍ୟୁରିଫାୟାର**
**■ ଅଫ୍‌ଲାଇନ୍‌ରେ କମ୍; ଅନ୍‌ଲାଇନରେ ଅଧିକ ବିକ୍ରି**

ବର୍ତ୍ତମାନ ସମୟରେ ବାୟୁ ପ୍ରଦୂଷଣ ଲୋକଙ୍କ ପାଇଁ ଏକ ବଡ ସମସ୍ୟା ହୋଇ ଠିଆ ହୋଇଛି। ଦିଲ୍ଲୀର ବର୍ତ୍ତମାନ ପରିସ୍ଥିତ ଭୁବନେଶ୍ୱରବାସୀଙ୍କ ମନରେ ଛନକା ସୃଷ୍ଟି କରୁଛି। ଦିଲ୍ଲୀରେ ଲୋକ ପ୍ରଦୁଷଣର ମୁକାବିଲା କରିବାକୁ ଏୟାର ପ୍ୟୁରିଫାୟାର ବହୁଳ ବ୍ୟବହାର କରୁଥିବା ଏବେ ସବୁଠି ଚର୍ଚ୍ଚାର ବିଷୟ ପାଲଟିଛି। ସାମାଜିକ ଗଣମାଧ୍ୟମରେ ବି ଏହାର ଝଲକ ଦେଖିବାକୁ ମିଳୁଛି। ଯାହାର ପ୍ରଭାବ ଏବେ ଖୋଦ ଭୁବନେଶ୍ୱର ଉପରେ ମଧ୍ୟ ପଡ଼ିଛି। ଯେଉଁଥିପାଇଁ ଲୋକ ନିଜ ଘର ଏବଂ ଅଫିସ ପାଇଁ ଏୟାର ପ୍ୟୁରିଫାୟାର କିଣିବାକୁ ବିଭିନ୍ନ ଇଲେକ୍ଟ୍ରୋନିକ୍ସ ଦୋକାନରେ ଆଗୁଆ ଅର୍ଡର ଦେଉଛନ୍ତି। ଏନେଇ ବରମୁଣ୍ଡାସ୍ଥିତ ଏକ ଇଲେକ୍ଟ୍ରୋନିକ୍ସ ଦୋକାନୀଙ୍କ କହିବା ଅନୁଯାୟୀ ଗତ ତିନି ଚାରି ବର୍ଷ ହେବ ଏହି ଏୟାର ପ୍ୟୁରିଫାୟାରର ଡିମାଣ୍ଡ ଲୋକଙ୍କ ମଧ୍ୟରେ ଅଧିକ ରହୁଛି। ଯେଉଁ ଗ୍ରାହକମାନେ ଆସୁଛନ୍ତି, ତାଙ୍କ କହିବା ଅନୁଯାୟୀ ଦିଲ୍ଲୀର ସ୍ଥିତି ଭଳି ଆଗକୁ ଭୁବନେଶ୍ୱରର ବାୟୁର ସ୍ଥିତି ମଧ୍ୟ ସେହିଭଳି ଗତି କରିବାକୁ ଯାଉଛି। ଯାହାର ଉଦାହରଣ ବର୍ତ୍ତମାନ ବାୟୁର ଗୁଣବତ୍ତାରେ ପରିଲକ୍ଷିତ ହେଉଛି। ସେଥିପାଇଁ ଘରେ ଥିବା ଛୋଟ ଛୁଆ ଏବଂ ବୟସ୍କଙ୍କ ପାଇଁ ଏହା ଜରୁରୀ ହୋଇପଡ଼ିଛି। ଏହି ଗ୍ରାହକଙ୍କ ମଧ୍ୟରେ ବିଭିନ୍ନ ବ୍ୟାଙ୍କ, କର୍ପୋରେଟ ଅଫିସ ଏବଂ କିଛି ବଡ଼ବଡ଼ିଆ ପରିବାର ଲୋକ ଅଧିକ କିଣୁଛନ୍ତି। କାରଣ ଭଲ ବା ବ୍ରାଣ୍ଡେଡ ଏୟାର ପ୍ୟୁରିଫାୟାରର ମୂଲ୍ୟ ସାଧାରଣତଃ ୨୫ରୁ ୩୦ ହଜାର ଟଙ୍କାରୁ ଆରମ୍ଭ ହେଉଛି। ଯାହାର ନିୟମିତ ମେନଟେନାନ୍ସ ଆବଶ୍ୟକ ରହିଥାଏ। ସେଥିରେ ଫିଲିପସ୍, ହେବେଲସ, ବ୍ଲୁଷ୍ଟାର ଆଦି ରହୁଛି। ହେଲେ ଜଣେ ସାଧାରଣ ଲୋକ ପାଇଁ କିଣିବା ସେତେ ସମ୍ଭବ ହେଉନାହିଁ। ତେଣୁ ଯେଉଁସବୁ ଛୋଟ ବା ଟେବୁଲ ଏୟାର ପ୍ୟୁରିଫାୟାର, କାର ଏୟାର ପ୍ୟୁରିଫାୟାର ଆଦି ସେମାନେ କମ ମୂଲ୍ୟ ଥିବାରୁ କିଣି ପାରୁଛନ୍ତି। ଯାହାର ମୂଲ୍ୟ ସାଧାରଣତଃ ୫ ହଜାରରୁ ଆରମ୍ଭ ହୋଇଥାଏ।

## କମ୍ ମୂଲ୍ୟରେ ଅନଲାଇନରେ ମିଳୁଛି

ଅନ୍ୟ ଇଲେକ୍ଟ୍ରୋନିକ୍ସ ଦୋକାନ ଅପେକ୍ଷା ସମସ୍ତ ପ୍ରକାରର ବ୍ରାଣ୍ଡେଡ ଏବଂ ନନବ୍ରାଣ୍ଡେଡ ଅନଲାଇନରେ ମିଳିଯାଉଛି। ସେ ପୁଣି କମ ମୂଲ୍ୟରେ। ତେଣୁ ସାଧାରଣ ଲୋକ ଅନଲାଇନରୁ ଆଣିବାକୁ ପସନ୍ଦ କରୁଛନ୍ତି। ଯେଉଁଠି ସେମାନଙ୍କୁ ଛୋଟ ଏୟାର ପ୍ୟୁରିଫାୟାର ମାତ୍ର ୨ ହଜାରରୁ ଆରମ୍ଭ ହୋଇ ୩୦ ହଜାର ପର୍ଯ୍ୟନ୍ତ ରହୁଛି। ସେଥିପାଇଁ ବଜାର ଅପେକ୍ଷା ଅନଲାଇନରେ ଲୋକ ଅଧିକ ଅର୍ଡର କରୁଥିବା ପରିଲକ୍ଷିତ ହେଉଛି।

ବାୟୁରେ ଯେଉଁ ପ୍ରଦୂଷିତ ଧୂଳିକଣିକାରେ ବହୁ ପ୍ରକାର କେମିକାଲ ରହୁଛି। ଯାହା ଆମ ଚର୍ମକୁ ବହୁ ପରିମାଣରେ କ୍ଷତି ପହଞ୍ଚାଉଛି। ଏକଜିମା, ସିରୋସିସ ରୋଗୀଙ୍କ ଉପରେ ଏହା ବେଶୀ ପ୍ରଭାବ ପକାଉଛି। ତାସହ ଶ୍ୱାସ ରୋଗୀଙ୍କ ପାଇଁ ବି ପ୍ରଦୂଷିତବାୟୁ କ୍ଷତିକାରକ। ତେଣୁ ଏୟାର ପ୍ୟୁରିଫାୟାରରେ ଏକ ନାନୋ ଫିଲଟର ରହୁଛି, ଯାହା ପ୍ରଦୂଷିତ ଧୂଳି କଣିକାକୁ ଅଟକାଉଛି। ଏହାସହ ପ୍ରଦୂଷିତ ବାୟୁକୁ ଛାଣିବାରେ ସହାୟକ ହେଉଛି। କେବଳ ସେତିକି ନୁହେଁ ବାୟୁରେ ଥିବା ହାର୍ମଫୁଲ ଭାଇରସକୁ ମଧ୍ୟ ଅଟକାଇବାରେ ସାହାଯ୍ୟ କରୁଛି। ହେଲେ ଏହାର ରେଗୁଲାର ଏହାକୁ ସଫା କରିବା ଏବଂ ନିୟମିତ ରକ୍ଷଣାବେକ୍ଷଣ ଆବଶ୍ୟକତା ରହିଛି ବୋଲି କହିଛନ୍ତି ଚର୍ମରୋଗ ବିଶେଷଜ୍ଞ ଡା. ମାନସ ପୁହାଣ। କିନ୍ତୁ ଏହାକୁ ନିୟମିତ ପରିଷ୍କାର କରିବା ପାଇଁ ସହ ଅଧିକ ଖର୍ଚ୍ଚ କରିବାକୁ ପଡ଼ିଥାଏ। ଯାହା ସମସ୍ତଙ୍କ ପକ୍ଷେ ସମ୍ଭବପର ହେଉନାହିଁ। ତେଣୁ ଯେଉଁ ଛୋଟ ଟେବୁଲ ପ୍ୟୁରିଫାୟାର ବିକ୍ରି ହେଉଛି ତାହା ବେଶୀ କ୍ଲିନ କରିବା ଆବଶ୍ୟକ ହୋଇନଥାଏ ଏବଂ ଛୋଟ ହେଲେ ବି ତାହା ସାଙ୍ଗରେ ଅନ୍ୟଆଡେ ନେଇ ହେବ। ଯାହା ଫଳପ୍ରଦ ହେଉଥିବା ଦେଖିବାକୁ ମିଳୁଛି ବୋଲି କହିଛନ୍ତି ଚର୍ମରୋଗ ବିଶେଷଜ୍ଞ ଡା. ମାନସ ପୁହାଣ।

## ବିଶ୍ୱ ଓଡ଼ିଶୀ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, ୨୪।୧୨(ସମିସ): ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ସାଂସ୍କୃତିକୀ ଅନୁଷ୍ଠାନର ତିନିଦିନିଆ ୧୬ ତମ ବିଶ୍ୱ ଓଡ଼ିଶୀ ଉତ୍ସବ ଭଞ୍ଜକଳା ମଣ୍ଡପଠାରେ ଉଦଯାପିତ ହୋଇଛି। ଅନ୍ତିମ ଦିବସର ପ୍ରଥମ ଅଧିବେଶନରେ ଓଡ଼ିଶୀ ପ୍ରତିଭା ଅନ୍ୱେଷଣ ପର୍ଯ୍ୟାୟରେ ଦେଶ ବିଦେଶରୁ ୩୦ରୁ ଊର୍ଦ୍ଧ୍ୱ ନୃତ୍ୟ ଶିଳ୍ପୀ ଅଂଶଗ୍ରହଣ



କରିଥିଲେ। ଦ୍ୱିତୀୟ ଅଧିବେଶନରେ ଯୁକ୍ତରାଷ୍ଟ୍ର ଆମେରିକା, ଇଟାଲୀ, ଋଷିଆ, ଇଣ୍ଡୋନେସିଆ ଆଦି ଦେଶରୁ ବରିଷ୍ଠ ନୃତ୍ୟ ଶିଳ୍ପୀଗଣ ଏକକ ଏବଂ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ଉଦଯାପନୀ ସନ୍ଧ୍ୟାରେ ଅତିଥିଭାବେ ବିଶ୍ୱ ଓଡ଼ିଶୀ ଉତ୍ସବର ଅଧ୍ୟକ୍ଷ ତଥା ସଙ୍ଗୀତଜ୍ଞ ଗୁରୁ ରାମହରି ଦାସ, ପଦ୍ମଶ୍ରୀ ଗୁରୁ ଅରୁଣା ମହାନ୍ତି, ଗୁରୁ ରତିକାନ୍ତ ମହାପାତ୍ର, ଗୁରୁ କସ୍ତୁରୀ ପଟ୍ଟନାୟକ, ମର୍ଦ୍ଦଳ ଗୁରୁ ସଚ୍ଚିଦାନନ୍ଦ ଦାସ, ଗୁରୁ ଜ୍ୟୋତି ରାଉତ, ଅନୁଷ୍ଠାନର ପ୍ରତିଷ୍ଠାତା ତଥା ନୃତ୍ୟ ସମୀକ୍ଷକ ଶ୍ୟାମହରୀ ଚକ୍ର ଯୋଗ ଦେଇଥିଲେ। ସନ୍ଧ୍ୟାରେ ଆବାହକ କେଦାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ତିନିଦିନ ବ୍ୟାପୀ ବିଶ୍ୱ ଓଡ଼ିଶୀ ଉତ୍ସବ ମଞ୍ଚରେ ଦୁଇଶହରୁ ଊର୍ଦ୍ଧ୍ୱ ନବୀନ ଓ ପ୍ରବୀଣ ନୃତ୍ୟ ଶିଳ୍ପୀ ସେମାନଙ୍କ ନୃତ୍ୟରେ ଦର୍ଶକ ମାନଙ୍କ ମନ ମୋହିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରତ୍ୟକ୍ଷ ଭାବରେ ସାଂସ୍କୃତିକୀର ପ୍ରତିଷ୍ଠାତା ସଭାପତି ଡ. ତରୁଣ ଓଝା, ଡ. ପମ୍ପି ପଲ୍, ସଂଘମିତ୍ରା ମୁଦୁଲି, ସୁଚେତା ମିଶ୍ର, ସୁବ୍ରତ କୁମାର ବେହେରା, ଦିନବନ୍ଧୁ ପତି, ସତ୍ୟ ପ୍ରକାଶ ସାହୁ ପ୍ରମୁଖ ସମ୍ପାଦନ କରିଥିଲେ।

## ୨୬ରୁ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ

**● ଓଡ଼ିଶୀ ନୃତ୍ୟ ସମ୍ପର୍କିତ ଚିତ୍ରକଳା କର୍ମଶାଳା**

ଭୁବନେଶ୍ୱର, ୨୪।୧୨(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଲୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ରବୀନ୍ଦ୍ର ମଣ୍ଡପ ଠାରେ ଆସନ୍ତା ୨୬ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପ ଠାରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ ଆୟୋଜନ ହେବା ପରିପ୍ରେକ୍ଷୀରେ ଗୁରୁ କେଲୁ ଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ଓଡ଼ିଶା ମଡର୍ଣ୍ଣ ଆର୍ଟ ଗ୍ୟାଲେରୀର ମିଳିତ ଆନୁକୂଲ୍ୟରେ ଡିସେମ୍ବର ୨୨ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ 'ଓଡ଼ିଶୀ ନୃତ୍ୟ ସମ୍ପର୍କିତ ଚିତ୍ରକଳା କର୍ମଶାଳା ଏବଂ ସଙ୍ଗୀତ ଯୁଗଳବନ୍ଦୀ' କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କର୍ମଶାଳାରେ ୩୦ଜଣ ବରିଷ୍ଠ କଳାକାର ଅଂଶଗ୍ରହଣ କରିଥିଲେ। ଆଜି କର୍ମଶାଳାର ଉଦ୍‌ଯାପନୀ ସମାରୋହରେ ସମସ୍ତ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ 'ଚା', ଚିତ୍ର, ଚର୍ଚ୍ଚା' କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## ବାଗଦେବୀ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ବାଲିପାଟଣା, ୨୪।୧୨ (ସମିସ): ବାଗଦେବୀ ବିଦ୍ୟା ମନ୍ଦିରର ୩୩ ତମ ବାର୍ଷିକ ଉତ୍ସବ ଆଜି ପୂର୍ବାହ୍ନ ରେ ଦୁର୍ଗା ମାଧବ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ପରିଷଦର ସଭାପତି ଦିଲ୍ଲୀପ କୁମାର ଓଝାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ଡ଼ ଅରବିନ୍ଦ ଢ଼ାଲି, ସ୍ୱତନ୍ତ୍ର ଅତିଥି କବି ତଥା ଗୀତିକାର ପଞ୍ଚାନନ ନାୟକ, ମୁଖ୍ୟବକ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ପ୍ରଭାତ କୁମାର ରଥ, ଅଧିକ୍ଷଣ ଯନ୍ତ୍ରୀ ଭାବେ କାର୍ଯ୍ୟରତ ସନ୍ଦିପ୍ତ ପାଣିଗ୍ରାହୀ ଯୋଗ ଦେଇଥିଲେ। ସମ୍ପାଦକ ଅଭିମନ୍ୟୁ ନାୟକ ସ୍ୱାଗତ



ଭାଷଣ ଓ ଅଧ୍ୟକ୍ଷା ପବିତ୍ରା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହାପରେ କ୍ରୀଡା, ବିଜ୍ଞାନ ମେଳା ଓ ତର୍କ, ପ୍ରବନ୍ଧ, ସାଧାରଣ ଜ୍ଞାନ ଆଦି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ହାସଲ କରିଥିବା ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଫଳକ ଇତ୍ୟାଦି ପ୍ରଦାନ କରାଯାଇଥିଲା। ସର୍ବଶେଷରେ ଶିଶୁ କଳାକାର ମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଗଙ୍ଗାଧର ଓଝା, ଶିକ୍ଷୟତ୍ରୀ ଲିପିକା ପ୍ରଧାନ, ପୁଷ୍ପାଞ୍ଜଳି ଜେନା, ମିତାଲୀ ସ୍ୱାଇଁ, ମଧୁସ୍ମିତା ଜେନା, ସବିତା ମୁଖୀ, ଉର୍ମିଳା ସେନାପତି, ସୁକାନ୍ତି ଷଡ଼ଙ୍ଗୀ, ରଶ୍ମିତା ପାଲ, ଜ୍ୟୋସ୍ନା ରାଣୀ ସାହୁ, ସସ୍ମିତା ପ୍ରଧାନ, ଓକ୍ଲିନ ନିଶା, ସବିତା ସାମଲ, ରଞ୍ଜୁଲତା ସାହୁ, ସୁନୀତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେରେ ସହଯୋଗ କରିଥିଲେ।

## ୧୫ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



ଭୁବନେଶ୍ୱର, ୨୪।୧୨(ସମିସ): ଭୁବନେଶ୍ୱର ଏକ୍ସେଲ୍ କ୍ରିକେଟ ଏକାଡେମୀ ପକ୍ଷରୁ ବୁଧବାର ୧୫ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଯାଇଛି। ଭୁବନେଶ୍ୱର ସେଣ୍ଟ ଯୋଶେଫ୍ ହାଇସ୍କୁଲ ପଡ଼ିଆରେ ଏହି ପ୍ରତିଯୋଗିତା ଦ୍ୱିତୀୟ ବର୍ଷ ପାଇଁ ଆୟୋଜିତ କରାଯାଇଅଛି। ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ସମୁଦାୟ ୧୨ଟି ଟିମ୍ ଅଂଶ ଗ୍ରହଣ କରିଥିବା ବେଳେ ଏହା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଆଜିର ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜାତୀୟ କ୍ରିକେଟର ଅଂଶୁମାନ ସାହୁ ଓ ସାମ୍ବାଦିକ ସୁଦର୍ଶନ ଛୋଟରାୟ ଯୋଗଦାନ କରିଥିଲେ। ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ସମାଜସେବୀ ପ୍ରଶାନ୍ତ କୁମାର ପ୍ରଧାନ, ଆଇନଜିବୀ ସୈଲେଜ୍ ମିଶ୍ର ସଂଯୋଜନା କରିଥିଲେ। ଏକ୍ସେଲ୍ କ୍ରିକେଟ ଏକାଡେମୀର ମୁଖ୍ୟ ସଦସ୍ୟ ଭାବରେ ପ୍ରଶାନ୍ତ ସୁଆର, ମନିସ୍ ସେଠ୍ ଓ ଅଜୟ କୁମାର ସାହୁ ଯୋଗଦାନ କରିଥିଲେ।

## ଶାଶ୍ୱତ ବରିଷ୍ଠ ନାଗରିକ ସଂଘର ବାର୍ଷିକ ବୈଠକ

ଭୁବନେଶ୍ୱର, ୨୪ ।୧୨(ସମିସ): ପଟିଆର ଶାଶ୍ୱତ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏକାମ୍ର ଉଦ୍ୟାନଠାରେ ସଂଘର ସଭାପତି ବିଜୟ ଦାଶଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଆୟୋଜି ହୋଇଥିବା ବେଳେ ଏଥିରେ ଓଡ଼ିଶା ରାଜ୍ୟ ବରିଷ୍ଠ ନାଗରିକ ମହାସଂଘର ସମ୍ପାଦକ ଯୁଗଳ କିଶୋର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୋଷାଧ୍ୟକ୍ଷ କୈଳାସ ନାଥ ଦାସ ୨୦୨୪-୨୫ ବର୍ଷର ଆର୍ଥିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ଖେଳ ପରିଚାଳନାରେ ପ୍ରକାଶ ଚନ୍ଦ୍ର ବେହେରା ଓ ବୀଣା ମହାପାତ୍ରଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସଭାପତି ପ୍ରଶଂସିତ କରିଥିଲେ। ସମ୍ପାଦକ ତାରାଚାନ୍ଦ ମହାନ୍ତି ଓ କୋଷାଧ୍ୟକ୍ଷ କାଳୈସ ନାଥ ଦାସଙ୍କୁ ବଣଭୋଜି ସୁପରିଚାଳନା ପାଇଁ ଧନ୍ୟବାଦ ଦିଆଯାଇଛି। ଉପସଭାପତି ହେମନ୍ତ କୁମାର ଦାସ ମୁଖ୍ୟ ଅତିଥି, ସଂଯୋଜକ ତଥା ସମସ୍ତ ଅତିଥି ଓ ସଭ୍ୟଙ୍କୁ ଧନ୍ୟବାଦ ଦେଇଥିଲେ।

## ଜାମ୍ବୋରେଟ୍‌ରେ ସ୍କାଉଟ୍ ଗାଇଡ୍‌ର ଖାଦ୍ୟ ପ୍ରଦର୍ଶନ



ଭୁବନେଶ୍ୱର, ୨୪ ।୧୨(ସମିସ): ଖୋର୍ଦ୍ଧା ବରୁଣେଇସ୍ଥିତ ରାଜ୍ୟ ସ୍କାଉଟ ଗାଇଡ୍ ସଂଗଠନର ତାଲିମ କେନ୍ଦ୍ର ପରିସରରେ ରାଜ୍ୟ ଶାଖା ଆନୁକୂଲ୍ୟରେ ୨୦ତମ ଜାମ୍ବୋରେଟ୍ ଏବଂ ସ୍ୱତନ୍ତ୍ର ଟ୍ରାଇବାଲ୍ ଜାମ୍ବୋରେଟ୍‌ରେ ଆରମ୍ଭ ହୋଇଥିଲା ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା। ଏଥିରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିରେନ୍ଦ୍ର କୋରକରା ଏବଂ ସହକାରୀ ଶାରୀରିକ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ପରିଡ଼ା, ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ଉପସଭାପତି ମନରଞ୍ଜନ ମହାନ୍ତି, ଯୋଗଦେଇଥିଲେ। ରାଜ୍ୟ ସଂଗଠନ କମିଶନର ତଥା ଆଡମିନିଷ୍ଟ୍ରେଟିଭ୍ ଅଫିସର ଅନାମିକା ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ୩୦ ବର୍ଷ ପରେ ପୁରାତନ ଛାତ୍ରଙ୍କ ବୈଠକ

ନନ୍ଦନକାନନ, ୨୪।୧୨(ସମିସ): ଉତ୍ତର ଭୁବନେଶ୍ୱର ଉତ୍କଳମଣି ସରକାରୀ ଉଚ୍ଚ ବିଦ୍ୟାଳୟ ୧୯ ୯ ୫ ମସିହା ମାଟ୍ରିକ ବ୍ୟାଚ୍ ଛାତ୍ରମାନଙ୍କ ଦ୍ୱାରା ଆଜି ଏକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ମାଟ୍ରିକ ପାସର ୩୦ବର୍ଷ ପରେ ବୁଧବାର ବହୁ ବନ୍ଧୁ ମିଳିତ ହୋଇଥିଲେ। ମୁଖ୍ୟ ଉପଦେଷ୍ଟା ଚକ୍ରଧର ଦାସଙ୍କ ସଭାପତିତ୍ୱରେ ମୃତକ ଛାତ୍ର ରୁଦ୍ରନାରାୟଣ ରଥ, ରୁପକ ରଥ, କ୍ଷିତିଶ୍ ହରିଚନ୍ଦନ, ତ୍ରିନାଥ ପରିଡ଼ା, ଅନୁପ ମିଶ୍ର, ପ୍ରତାପ ବିଶୋଇ, ଲକ୍ଷ୍ମୀଧର ଜେନାଙ୍କ ଉଦେଶ୍ୟରେ ପ୍ରଥମେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପୁରାତନ ଛାତ୍ରବନ୍ଧୁମାନଙ୍କ ମଧ୍ୟରୁ ବିଭୂତି ଭୁଷଣ ଓଝା, ତ୍ରିନାଥ ବେଉରା, ଦିପକ ସେନାପତି, କ୍ଷେତ୍ରବାସୀ ଭୋଇ, ଶିଖର ବେହେରା, ଗଣେଶ ପ୍ରଧାନ, ଆଲୋକ ପରିଡ଼ା, ବିଦ୍ୟାଧର ମହାପାତ୍ର, ଜଗନ୍ନାଥ ଭଞ୍ଜ ପ୍ରମୁଖ ସହଯୋଗ କରିଥିଲେ।

**● ୫୭ ଲକ୍ଷର ସାଇବର ଠକେଇ**

## ଓଡ଼ିଆ ଯୁବକଙ୍କୁ ଉଠାଇ ନେଲା ଦିଲ୍ଲୀ ପୁଲିସ

ଭୁବନେଶ୍ୱର, ୨୪।୧୨ (ସମିସ): ସାଇବର ଠକେଇ ମାମଲାର ତଦନ୍ତ କରିବାକୁ ଭୁବନେଶ୍ୱର ଆସିଛି ଦିଲ୍ଲୀ ପୁଲିସ। ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ରହୁଥିବା ଜଣେ ଓଡ଼ିଆ ଯୁବକଙ୍କୁ ଦିଲ୍ଲୀର ସାଇବର ଥାନା ପୁଲିସ ଉଠାଇ ନେଇ ଯାଇଛି। ସୂଚନା ଅନୁସାରେ, ଦିଲ୍ଲୀର ତ୍ରିଷ୍ଣୁ ଆନନ୍ଦ ନାମକ ମହିଳା ସାମାଜିକ ଗଣମାଧ୍ୟମରେ ସଂପୃକ୍ତ ଓଡ଼ିଆ ଯୁବକଙ୍କ ସଂସ୍ପର୍ଶରେ ଆସିଥିଲେ। ସେୟାର ମାର୍କେଟରେ ଟଙ୍କା ବିନିଯୋଗ କରିବା ଲାଗି ଯୁବକ ଜଣକ ତାଙ୍କୁ ପ୍ରବର୍ତ୍ତାଇଥିଲା। ତ୍ରିଷ୍ଣୁ ତା'ର କଥାରେ ବିଶ୍ୱାସ କରି ବିଭିନ୍ନ ପର୍ଯ୍ୟାୟରେ ମୋଟ ୫୭ ଲକ୍ଷ ୨୩ ହଜାର ଟଙ୍କା ବିନିଯୋଗ କରିଥିଲେ। ହେଲେ କିଛିଦିନ ପରେ ଓଡ଼ିଆ ଯୁବକ ଜଣକ ତାଙ୍କ ସହ ଯୋଗାଯୋଗ ବିଚ୍ଛିନ୍ନ କରି ଦେଇଥିଲା। ଠକେଇର ଶିକାର ହୋଇଥିବା ଜାଣି ତ୍ରିଷ୍ଣୁ ଗତ ଫେବୃୟାରୀ ମାସରେ ଦିଲ୍ଲୀ ସାଇବର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ପୂର୍ବରୁ ସଂପୃକ୍ତ ଯୁବକ ଜଣକ ଦିଲ୍ଲୀରେ ରହୁଥିବା ବେଳେ ଘଟଣା ପରଠାରୁ ଫେରାର ହୋଇ ଯାଇଥିଲେ। ଯୁବକ ଜଣକ ଲକ୍ଷ୍ମୀସାଗର ଅଞ୍ଚଳରେ ରହୁଥିବା ଜାଣିବା ପରେ ଦିଲ୍ଲୀ ସାଇବର ଥାନା ସ୍ଥାନୀୟ ପୁଲିସ ସହାୟତାରେ ଚଢ଼ଉ କରିଥିଲା। ସେଠାରୁ ସଂପୃକ୍ତ ଯୁବକଙ୍କୁ ଉଠାଇ ନେଇଛି।

## ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଝଲସିଲା ରାଜ୍ୟ ଯୁବ ମହୋତ୍ସବ



ଭୁବନେଶ୍ୱର, ୨୪।୧୨(ସମିସ): ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ତିନି ଦିନିଆ ରାଜ୍ୟ ଯୁବ ମହୋତ୍ସବକୁ କ୍ରୀଡା ଏବଂ ଯୁବ ସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦଘାଟନ କରିଥିଲେ। ସମାବେଶକୁ ସମ୍ବୋଧିତ କରି ମନ୍ତ୍ରୀ କହିଥିଲେ ଯେ ଓଡ଼ିଶାର ଯୁବପିଢ଼ି କେବଳ ପରିବର୍ତ୍ତନ ପାଇଁ ଦର୍ଶକ ହେବେ ନାହିଁ ବରଂ ପରିବର୍ତ୍ତନ ପ୍ରକ୍ରିୟାକୁ ସକ୍ରିୟ ଭାବରେ ନେତୃତ୍ୱ ନେବେ। ସେ ଭବିଷ୍ୟତ ଗଠନରେ ଯୁବକମାନଙ୍କ ପ୍ରମୁଖ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ମହୋତ୍ସବରେ ରାଜ୍ୟର ସମସ୍ତ ୩୦ ଟି ଜିଲ୍ଲାର ପ୍ରତିନିଧିତ୍ୱ କରୁଥିବା ୮୦୦ ରୁ ଅଧିକ ପ୍ରତିଭାବାନ ଯୁବକ ଅଂଶଗ୍ରହଣ କରିଛନ୍ତି। ରାଜ୍ୟସ୍ତରୀୟ ପ୍ରତିଯୋଗିତାର ବିଜେତାମାନେ ଜାନୁଆରୀ ୨୦୨୬ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଯୁବ ମହୋତ୍ସବରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ। ପ୍ରମୁଖ ଆକର୍ଷଣୀୟ ସ୍ଥାନଗୁଡ଼ିକ ମଧ୍ୟରେ ସୁଦାମ ପ୍ରଧାନଙ୍କ ବାଲୁକା କଳା, ଆଇଏନ୍‌ଏସ୍ ଚିଲିକାର ନୌସେନା ବ୍ୟାଣ୍ଡ ଦ୍ୱାରା ଦେଶାତ୍ମବୋଧକ ପ୍ରଦର୍ଶନ ଏବଂ ଲୋକପ୍ରିୟ ହାସ୍ୟ ଅଭିନେତା ପ୍ରଜ୍ଞାନ ଖଟୁଆଙ୍କ ମନୋରଞ୍ଜନକାରୀ ହାସ୍ୟ ପ୍ରଦର୍ଶନ ଅନ୍ତର୍ଭୁକ୍ତ ଥିଲା। ପ୍ରଶଂସିତ ପ୍ଲେବ୍ୟାକ୍ ଗାୟିକା ଦୀପ୍ତିରେଖା ପାଢ଼ୀଙ୍କ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମର ଅନ୍ୟତମ ପ୍ରମୁଖ ଆକର୍ଷଣ ଭାବରେ ଉଭା ହୋଇଥିଲା।

କ୍ରୀଡା ଏବଂ ଯୁବ ସେବା ବିଭାଗର କମିଶନର-ସଚିବ ସଚିନ ରାମଚନ୍ଦ୍ର ଯାଧବ, ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କ୍ରୀଡା ନିର୍ଦ୍ଦେଶକ ଡକ୍ଟର ୟେଦୁଲା ବିଜୟ, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଅତିରିକ୍ତ ସଚିବ ଅଶୋକ କୁମାର ପଣ୍ଡା ଉପସ୍ଥିତ ଥିଲେ।

## ବାମସେଫର ରାଷ୍ଟ୍ରୀୟ ଅଧିବେଶନର ଅନୁମତି ପ୍ରତ୍ୟାହାରକୁ ନିନ୍ଦା

ଭୁବନେଶ୍ୱର, ୨୪।୧୨(ସମିସ): ଭାରତର ଏସସି, ଏସଟି, ଓବିସି ଓ ସଂଖ୍ୟାଲଘୁ ସଂଗଠନ ରାଷ୍ଟ୍ରୀୟ ଅଧିବେଶନ ଡିସେମ୍ବର ୨୬ ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ କଟକ ଡିସିପି ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରାଯାଇ ଥିଲା। ମାତ୍ର ଏହି ଅଧିବେଶନର ଦୁଇ ଦିନ ପୂର୍ବରୁ ପୋଲିସ ପ୍ରଶାସନ ପ୍ରତ୍ୟାହାର କରିନେବା ଅତ୍ୟନ୍ତ ପରିତାପର ବିଷୟ। ଏହି ଅଧିବେଶନ ଲାଗି ସମସ୍ତ ପ୍ରସ୍ତୁତି ସାରିଥିଲା ବେଳେ ଜିଲ୍ଲା ପ୍ରଶାସନର ଏହି କାର୍ଯ୍ୟକୁ ସିପିଆଇ (ଏମଏଲ) ଲିବେରସନର ରାଜ୍ୟ କମିଟି ଦୃଢ ନିନ୍ଦା କରିଛି ଓ ଜିଲ୍ଲା ପ୍ରଶାସନ ଏହାକୁ ପ୍ରତ୍ୟାହାର କରି ଅନୁମତି ଦେବାକୁ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, କେନ୍ଦ୍ରୀୟ କମିଟି ସଦସ୍ୟ ରାଧାକାନ୍ତ ସେଠୀ ଓ ରାଜ୍ୟ କମିଟି ସଦସ୍ୟ ମହେନ୍ଦ୍ର ପରିଡ଼ା ଦାବି କରିଛନ୍ତି।

# ଆଗକୁ ନୂଆବର୍ଷ; ରାଜଧାନୀମୁହାଁ ବାହାର ରାଜ୍ୟର ବେପାରୀ

ଭୁବନେଶ୍ୱର, ୨୪।୧୨(ସମିସ): ଆଗକୁ ନୂଆ ବର୍ଷ। ସେ ନେଇ ଚଳଚଞ୍ଚଳ ରାଜଧାନୀ। ଦୋକାନଠୁ ବଜାର ସବୁଠି ନୂଆବର୍ଷ ପାଇଁ ବିଭିନ୍ନ ସାଜସଜ୍ଜା ଉପକରଣଠୁ ଉପହାର ସାମଗ୍ରୀ ବିକ୍ରି ହେଲାଣି। ସେହିପରି ରାସ୍ତାଘାଟରେ ବି ତାର ଝଲକ ଦେଖିବାକୁ ମିଳୁଛି। ବାହାର ରାଜ୍ୟର ବେପାରୀମାନେ ଆସି ରାଜଧାନୀରେ ପସରା ମେଲାଇଲେଣି। ଖ୍ରୀଷ୍ଟମାସର ଉପକରଣ ହେଉ କି ନୂଆବର୍ଷର ବିଭିନ୍ନ ସାଜସଜ୍ଜା ସାମଗ୍ରୀ କିମ୍ବା ଗ୍ରିଟିଙ୍ଗସ ସବୁପ୍ରକାରର ଜିନିଷ ରାସ୍ତାକଡ ଏବଂ ଛକମାନଙ୍କରେ ଦେଖିବାକୁ ମିଳୁଛି।

**■ ରାସ୍ତାକଡ଼ରେ ମେଲିଲାଣି ପସରା**
**■ ମାଘ ମେଳା ପରେ ଫେରିବେ ବେପାରୀ**

ବର୍ତ୍ତମାନ ସମୟରେ ଅନ୍ୟ ରାଜ୍ୟର ବେପାରୀ ବହୁ ପରିମାଣରେ ଓଡ଼ିଶାମୁହାଁ ହେଉଛନ୍ତି। ବିଶେଷକରି ନଭେମ୍ବର ଶେଷ ସପ୍ତାହରୁ ରାସ୍ତା କଡ଼ରେ ବହୁ ସଂଖ୍ୟାରେ ରାଜସ୍ଥାନୀ ଏବଂ ବିହାରର ବ୍ୟବସାୟୀଙ୍କୁ ଦେଖିବାକୁ ମିଳିଥାଏ। ରାଜଧାନୀରେ ଖ୍ରୀଷ୍ଟମାସ ଏବଂ ନୂଆବର୍ଷ ପାଇଁ ଏମାନେ ମୁଖ୍ୟତଃ ଆସି ପରେ ମେଳା ମହୋତ୍ସବ ପାଇଁ ସେମାନେ ୫ ରୁ ୬ ମାସ ଯାଏଁ ରାଜଧାନୀରେ ରହିଥାନ୍ତି। ଅନ୍ୟ ରାଜ୍ୟ ଅପେକ୍ଷା ଏଠାରେ ତାଙ୍କର ଭଲ ବେପାର ଆଶା ନେଇ ପ୍ରତିବର୍ଷପରି ଏ ବର୍ଷ ମଧ୍ୟ ବାହାର ରାଜ୍ୟର ବେପାରୀମାନେ ରାଜଧାନୀ ମୁହାଁ ହୋଇଛନ୍ତି। ସମୟ ସହ ଆଉ ଆଗଭଳି ଓଡ଼ିଶାରୁ ଲୋକ ଅନ୍ୟ ରାଜ୍ୟକୁ ଯାଉନାହାନ୍ତି ବରଂ ବେପାର ଆଶା ରଖି ରାଜସ୍ଥାନ, ବିହାର ଓ ପଶ୍ଚିମବଙ୍ଗର ବୁଲା ବେପାରୀ ଏବେ ଓଡ଼ିଶା ଚାଲି ଆସୁଛନ୍ତି। ଏହାର ଉଦାହରଣ ଏବେ ଭୁବନେଶ୍ୱରର ରାସ୍ତାକଡ଼ ଓ ବିଭିନ୍ନ ଛକଗୁଡ଼ିକରେ ଦେଖିବାକୁ ମିଳୁଛି। ବର୍ଷଶେଷ ଆଡକୁ ଆସି ପରେ ମେଳା ମହୋତ୍ସବକୁ ଆଖିରେରଖି ଏଠାରେ ଡେରା ପକାଇ ରହିଥାନ୍ତି। ସେମାନେ ବିଭିନ୍ନ ପ୍ରକାରର ଜିନିଷ ବିକ୍ରି ପାଇଁ ସାଙ୍ଗରେ ଆଣନ୍ତି। ବର୍ତ୍ତମାନ ନୂଆବର୍ଷ ପାଇଁ କେଇଟା ଦିନ ଥିବାରୁ ତାର ସେଲିବ୍ରେସନର ଉପକରଣ, ଉପହାର ସାମଗ୍ରୀଠୁ ଆରମ୍ଭକରି ପୋଷାକ, ଲିଚୁ, ଲାଇଟ ବେଲୁନ୍,



ସାଜସଜ୍ଜା ଉପକରଣ, କଣ୍ଢେଇ ଆଦି ବିକ୍ରି କରୁଛନ୍ତି। ନୂଆବର୍ଷ ପରେ ଆଗକୁ ଖଣ୍ଡଗିରି ମେଳା ଥିବାରୁ ତାରି ଅପେକ୍ଷାରେ ରୁହନ୍ତି। ସେମାନେ ଖଣ୍ଡଗିରି, ଧର୍ମବିହାର, ଅଶୋକନଗର, ରାମମନ୍ଦିର ଛକ, ସିଆର୍‌ପିଏଫ୍ ଛକ, ଜୟଦେବ ବିହାର, ରସୁଲଗଡ଼ ଆଦି ଛକରେ ସେମାନଙ୍କ ପସରା ମେଲାଇଥାନ୍ତି। ସେସବୁ ବଜାର ମୂଲ୍ୟଠୁ କମ୍‌ରେ ମିଳୁଥିବାରୁ ଲୋକ ମଧ୍ୟ ସେଠାରେ ଅଧିକ ଭିଡ଼ ଜମାଇଥାନ୍ତି। ଏ ନେଇ ସେହି ରାଜସ୍ଥାନୀଙ୍କ ମଧ୍ୟରୁ ଜଣେ ମହିଳା କୁସୁମ କୁହନ୍ତି ସେ ପ୍ରତିବର୍ଷ ଏଠାକୁ ଆସନ୍ତି। ମିଳିତ ଭାବେ ୪୦ ରୁ ୫୦ ଜଣ ନିଜ ପରିବାର ସହ ଆସି ଭିନ୍ନ ଭିନ୍ନ ସ୍ଥାନରେ ନିଜ ବ୍ୟବସାୟର ପସରା ମେଲେଇଥାନ୍ତି। ସେମାନେ ପାଖାପାଖି ୫ ରୁ ୬ ମାସ ଓଡ଼ିଶାରେ ରହିଥାନ୍ତି। ଏହାପରେ ସେ ନିଜ ରାଜ୍ୟକୁ ଫେରିଯାନ୍ତି। ଏବେ ଖ୍ରୀଷ୍ଟମାସ ଏବଂ ନୂଆବର୍ଷରେ ବେପାର ହେଲାପରେ ସେମାନେ ଖଣ୍ଡଗିରି ମେଳାକୁ ଅପେକ୍ଷା କରିଥାନ୍ତି। ତାଙ୍କର ଅନ୍ୟରାଜ୍ୟ ଅପେକ୍ଷା ଏଠାରେ ଭଲ ବିକ୍ରି ହୋଇଥାଏ। ରାସ୍ତା କଡ଼ରେ ହିଁ ନିଜ ରହିବା ଶୋଇବାର ବ୍ୟବସ୍ଥା ଯୋଗୁଁ ବର୍ଷା ଦିନ ଆସିବା ଆଗରୁ ସେମାନେ ନିଜ ରାଜ୍ୟ ଫେରିଯାଆନ୍ତି ବୋଲି କହିଛନ୍ତି।

# ବାଂଲାଦେଶରେ ହିନ୍ଦୁ ଶ୍ରମିକଙ୍କୁ ହତ୍ୟା ଘଟଣାର ପ୍ରତିବାଦ



କେନ୍ଦ୍ରାପଡ଼ା,୨୪।୧୨(ସମିସ): ବାଂଲାଦେଶରେ ହିନ୍ଦୁ ଶ୍ରମିକଙ୍କ ଉପରେ ଘଟୁଥିବା ନିର୍ଯାତନା ଓ ହତ୍ୟା ଘଟଣାକୁ ନିନ୍ଦା କରି ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ବୁଧବାର ଅପରାହ୍ନରେ କେନ୍ଦ୍ରାପଡ଼ା ନୂଆ ବସ୍‌ଷ୍ଟାଣ୍ଡଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗତ ୧୮ ତାରିଖ ବାଂଲାଦେଶରେ ଶ୍ରମିକ ଭାବେ କାମ କରୁଥିବା ଦିପୁଚନ୍ଦ୍ର ଦାସଙ୍କୁ ଦୁର୍ବୃତ୍ତମାନେ ନିଷ୍ଠୁର ମାଡ଼ମାରି ଗଛରେ ବାନ୍ଧି ଜୀବନ୍ତ ଜାଳି ଦେଇଥିଲେ। ଏହି ଅମାନବୀୟ ଘଟଣା ଜଣାପଡ଼ିବା ପରେ ସମଗ୍ର ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଆୟୋଜିତ ବିକ୍ଷୋଭ କାର୍ଯ୍ୟକ୍ରମରେ ବାଂଲାଦେଶର ଦାୟିତ୍ୱଶୀଳ ନେତୃତ୍ୱଙ୍କ କୁଶପୁତଳିକା ଦାହ କରାଯାଇ ଘଟଣାକୁ ତୀବ୍ର ନିନ୍ଦା କରାଯାଇଛି। ବିକ୍ଷୋଭକାରୀମାନେ ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ସୁରକ୍ଷା ନେଇ ଗଭୀର ଚିନ୍ତା ବ୍ୟକ୍ତ କରିଥିଲେ।

ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ସରକାରଙ୍କ ନିକଟରେ ତିନିଟି ମୁଖ୍ୟ ଦାବି ରଖାଯାଇଛି। ସେଗୁଡ଼ିକ ହେଲା ବାଂଲାଦେଶରେ ହିନ୍ଦୁଙ୍କ ସୁରକ୍ଷା ପାଇଁ ଭାରତ ସରକାର ସିଧାସଳଖ ହସ୍ତକ୍ଷେପ କରନ୍ତୁ, ହତ୍ୟା ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି କଠୋର ଦଣ୍ଡ ଦିଆଯାଉ ଓ ଅତ୍ୟାଚାରିତ ବାଂଲାଦେଶୀ ହିନ୍ଦୁଙ୍କୁ ସସମ୍ମାନେ ଭାରତକୁ ଆଣି ସ୍ଥାୟୀ ବାସିନ୍ଦା ମାନ୍ୟତା ଦିଆଯାଉ। ବିକ୍ଷୋଭ କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦ ପୂର୍ବପ୍ରାନ୍ତ ସଂଗଠନ ମନ୍ତ୍ରୀ ଶରତ କୁମାର ପ୍ରଧାନ ଯୋଗଦେଇ ଘଟଣାକୁ ତୀବ୍ର ନିନ୍ଦା କରିବା ସହ ହିନ୍ଦୁ ସମାଜକୁ ଏକତ୍ରିତ ରହିବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗ ସମ୍ପାଦକ ବୀରେନ୍ଦ୍ର ସାମଲ, ଜିଲ୍ଲା ସଭାପତି ଅଦ୍ୱୈତ ସ୍ୱାଇଁ, ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ଖୁଣ୍ଟିଆ, ସହ ସମ୍ପାଦକ ସନ୍ତୋଷ ସାହୁ, ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ଶୁଭ୍ରାଂଶୁ ଶେଖର ରାଉତ, ଦୁର୍ଗାବାହିନୀ ସଂଯୋଜିକା ଆଶାଲତା ମଲ୍ଲିକ, ସହ ସଂଯୋଜକ ଯସପାଲ ସୁତାର, ନୀଳକଣ୍ଠ ସ୍ୱାଇଁ, ଉପସଭାପତି ପ୍ରଦୀପ କିଶୋର ନାୟକଙ୍କ ସହ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ପଟ୍ଟାମୁଣ୍ଡାଇ ବଣିକ ସଂଘ ପକ୍ଷରୁ ଶୋକସଭା

ପଟ୍ଟାମୁଣ୍ଡାଇ,୨୪।୧୨(ସମିସ): ପଟ୍ଟାମୁଣ୍ଡାଇ ବଣିକ ସଂଘର ସର୍ବପୁରାତନ କର୍ମଚାରୀ ନୂଆଗାଁର ରଘୁନାଥ ଚୌଧୁରୀଙ୍କ ବିୟୋଗରେ ସଂଘ ପକ୍ଷରୁ ସ୍ଥାନୀୟ ଶ୍ରୀରାମ ମନ୍ଦିରରେ ଶୋକସଭା ଅନୁଷ୍ଠିତ ହୋଇଛି। ସଂଘ ସଭାପତି ଗୋପୀନାଥ କରଙ୍କ ପୌରୋହିତ୍ୟରେ ଆୟୋଜିତ ଶୋକସଭାରେ ଉପସଭାପତି ମୋହନ ଦାସ, ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ, କୋଷାଧ୍ୟକ୍ଷ ପର୍ଶୁରାମ ଷଣ୍ଢ, ଉପଦେଷ୍ଟା କିରଣ ଭୂୟାଁ, ସୁଦର୍ଶନ ଦାସ, ରବୀନ୍ଦ୍ର ସାହୁ, କିଶୋର ଜେନା, ହରେକୃଷ୍ଣ ସାହୁ, ଅଚ୍ୟୁତ ଜେନା, ସଞ୍ଜୟ ବର୍ମା, ଅଜୟ ପାଢ଼ୀ, ସମ୍ବିତ ଦାସ ଯୋଗଦେଇ ରଘୁନାଥଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସଂଘ ଉପସଭାପତି ମୋହନ ଦାସ ଧନ୍ୟବାଦ ଦେଇଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



ଡେରାବିଶ,୨୪।୧୨(ସମିସ): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଦୋହଲୀସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟ ପରିସରରେ ବିଦ୍ୟାଳୟର ୧୯୮୩ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବୈଠକ ଅନୁଷ୍ଠିତ ହୋଇଛି। ଅଜୟ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ତତ୍କାଳୀନ ଶିକ୍ଷକ ଅଲେଖ ଚନ୍ଦ୍ର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କେଶବ ଚରଣ ନାୟକ, ଦାମୋଦର ବେଦାନ୍ତ, ଦ୍ୱିଜନାଥ ଚାଟାର୍ଜୀ, ବେଣୁଧର ପ୍ରଧାନ, ଦୋଳଗୋବିନ୍ଦ କର, ସରସିମୋହନ ଦାସ, ଅଦ୍ୱୈତାନନ୍ଦ ବରାଳ, ରତ୍ନାକର ସ୍ୱାଇଁ, ଶିକ୍ଷୟିତ୍ରୀ ତାରିଣୀ ଶତପଥୀଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଛାତ୍ରଛାତ୍ରୀମାନେ ଚାରାରୋପଣ କରିଥିଲେ। ନରୋତ୍ତମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୬ରୁ ୧୪୦ତମ ବାଦିପାଲା ମହୋତ୍ସବ

ଡେରାବିଶ,୨୪।୧୨(ସମିସ): ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ମା' ବୁଢ଼ୀ ଜାଗୁଲାଇଙ୍କ ପୀଠରେ ଆସନ୍ତା ୨୬ ତାରିଖରୁ ୧୪୦ତମ ବାଦିପାଲା ମହୋତ୍ସବ ଆରମ୍ଭ ହେବ। ଏହି ମହୋତ୍ସବ ୯ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଶିଷ୍ଟ ଗାୟକ ଅଭିରାମ ଶତପଥୀ, ଶତ୍ରୁଘ୍ନ ରଣା, ଦୁର୍ଯ୍ୟୋଧନ ନାୟକ, ସତ୍ୟନାରାୟଣ ଜେନା, ସନାତନ ଦାଶ ଓ ବିଶ୍ୱନାଥ ସ୍ୱାଇଁ ପାଲା ପରିବେଷଣ କରିବା କାର୍ଯ୍ୟକ୍ରମ ରହିଛି। ଡେରାଡିଅ ଓ କେଉଟକଣ୍ଡିଆ ଗ୍ରାମବାସୀଙ୍କ ସହଯୋଗରେ ହେବାକୁ ଥିବା ଏହି ପାଲା ମହୋତ୍ସବ ପାଇଁ ପ୍ରସ୍ତୁତି ଶେଷ ହୋଇଛି।

## ସାବିତ୍ରୀଦେବୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ରାଜନଗର,୨୪।୧୨(ସମିସ): ରାଜନଗର ବ୍ଲକ ଜରିମୂଳସ୍ଥିତ ସାବିତ୍ରୀଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ୩୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। କ୍ରୀଡ଼ା ଶିକ୍ଷୟିତ୍ରୀ ଲିଲି ବେହେରାଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷକ ସମୀରଣ ମଣ୍ଡଳ ଓ ପ୍ରତିଷ୍ଠାତା ସୀତାକାନ୍ତ ରାଉଳ ଉପସ୍ଥିତ ଥିଲେ।

## ବୃତ୍ତି ପରୀକ୍ଷାରେ ଇଶା ଟପ୍ପର



ପଟ୍ଟାମୁଣ୍ଡାଇ,୨୪।୧୨(ସମିସ): ଚଳିତ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ପଟ୍ଟାମୁଣ୍ଡାଇ ବ୍ଲକ ବାଛରା ଗ୍ରାମର ଡା. ଇନ୍ଦ୍ରଭାନୁ ପ୍ରଧାନଙ୍କ ଝିଅ ଇଶା ପ୍ରଧାନ ବ୍ଲକ ଟପ୍ପର ହୋଇଛନ୍ତି। ଇଶା ବାଛରା ମଣ୍ଡପଡ଼ା ଉଚ୍ଚ ପ୍ରାଥମିକ ନୋଡାଲ ସ୍କୁଲରେ ତୃତୀୟ ଶ୍ରେଣୀରେ ପଢୁଥିବା ବେଳେ ଚଳିତ ବର୍ଷ ପ୍ରାଥମିକ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ବ୍ଲକରେ ସର୍ବାଧିକ ନମ୍ବର ରଖି ଟପ୍ପର ହୋଇଛନ୍ତି।


## ନେତାଜୀ କ୍ଲବ୍ ଆନୁକୂଲ୍ୟରେ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

ରାଜକନିକା,୨୪।୧୨(ସମିସ): ନେତାଜୀ କ୍ଲବ୍ ତରଫରୁ ରାଜକନିକା ବ୍ଲକ ତରାସଠାରେ ଜିଲ୍ଲାସ୍ତରୀୟ ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଯୁବନେତା କୃଷ୍ଣଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ରାଜକନିକା



ବିଡିଓ କୈଳାସ ଚନ୍ଦ୍ର ମଲ୍ଲିକ ଓ ତହସିଲଦାର ଭାନୁମତୀ ମାଝୀ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। କେନ୍ଦ୍ରାପଡ଼ା, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ୮ ଦଳ ଏଥିରେ ଅଂଶଗ୍ରହଣ କରିଛନ୍ତି। ଉଦଘାଟନୀ ମ୍ୟାଚ ଭଦ୍ରକ ଚାନ୍ଦବାଲି ଏବଂ କେନ୍ଦ୍ରାପଡ଼ା ଆଳି ବ୍ଲକ କଳଦିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚାନ୍ଦବାଲି ଦଳ ୩-୨ ସେଟ୍‌ରେ ବିଜୟୀ ହୋଇଛି। ଗ୍ରାମାଞ୍ଚଳ କ୍ରୀଡ଼ାର ବିକାଶ ପାଇଁ ନେତାଜୀ କ୍ଲବର ଏହି ପ୍ରୟାସକୁ ଅଞ୍ଚଳବାସୀ ସାଧୁବାଦ୍ ଜଣାଇଛନ୍ତି।

## ବିଦ୍ୟାଳୟର ବାର୍ଷିକ ଉତ୍ସବ



ମାର୍ଶାଘାଇ,୨୪।୧୨(ସମିସ): ମାର୍ଶାଘାଇ ବ୍ଲକ ହଳଦିଆଗଡ଼ା ନିକଟ ଗରଜଙ୍ଗା ତାରିଣୀ ଗ୍ରୁପ୍ ଅଫ ଏଜୁକେସନାଲ ଇନ୍‌ଷ୍ଟିଚ୍ୟୁସନ୍‌ସର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ତାରିଣୀ ଗ୍ରୁପ୍ ଅଫ ଏଜୁକେସନାଲ ଇନ୍‌ଷ୍ଟିଚ୍ୟୁସନ ଅଧ୍ୟକ୍ଷ ଜ୍ଞାନରଞ୍ଜନ କୁଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ଡ. ସୁରେନ୍ଦ୍ର ମୋହନ ମିଶ୍ର, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାକ୍ତନ ପ୍ରଫେସର ଡ. ଗିରୀଶ ଚନ୍ଦ୍ର ସାହୁ, ତାରିଣୀ ଶିକ୍ଷା ପ୍ରତିଷ୍ଠା ଚେୟାରମ୍ୟାନ ଶ୍ରୀବତ୍ସ କୁମାର ପଣ୍ଡା, ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଉମାକାନ୍ତ ଦାସ ଯୋଗଦେଇଥିଲେ। ଏହି ଅବସରରେ ତରିଣୀ ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଟପ୍ପର ଦିବ୍ୟଜ୍ୟୋତି ମହାପାତ୍ର, ସତ୍ୟଜିତ୍ ଦାସ, ଶ୍ରୀତମ ଜେନା, ପ୍ରିୟଙ୍କା ବେହେରା, ଅଶୋକ ସାହୁ, ପ୍ରଜ୍ଞାପରମିତା ପଣ୍ଡା, ସୁଜାତା ନାୟକ, କବିତା ଦଳାଇ, ଉମେଶ ବାହାଲିଆ, ରୁବିନାରାଣୀ ମହାପାତ୍ର, ରୁବିରାଣୀ ଲେଙ୍କା, ମେଘନାଦ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଡା. ତ୍ରୈଲୋଚନ ଛାଟୋଇ, ନବୀନ ବେହେରା, ପ୍ରଫୁଲ୍ଲ ପ୍ରଧାନ, ତପନ ଦାସ, ଧନେଶ୍ୱର ଜତି, ପଞ୍ଚାନନ ଧଳ, ଧର୍ମପ୍ରକାଶ ଆଚାର୍ଯ୍ୟ, ପ୍ରତିଭାରାଣୀ ମହାପାତ୍ରଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ଅଶୋକ ଦାସ, ଅର୍ଜୁନ ନାୟକ, ଜ୍ଞାନରଞ୍ଜନ ନାୟକ, ଗୌତମ ରାଉତ, ସିପ୍ରା ସ୍ୱାଇଁ, ତୁଷାର ସାହୁ, ସୋନାଲି ନାୟକ, ସରୋଜକାନ୍ତ ପଣ୍ଡା ସହଯୋଗ କରିଥିଲେ। ଶିକ୍ଷକ ଲକ୍ଷ୍ମୀଧର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ଭେଙ୍କଟେଶ୍ୱର ସ୍କୁଲର ବାର୍ଷିକ କ୍ରୀଡ଼ା

ପଟ୍ଟାମୁଣ୍ଡାଇ,୨୪।୧୨(ସମିସ): ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ୨ ଦିନ ଧରି ପଟ୍ଟାମୁଣ୍ଡାଇ ଏମଏନ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଛି। ଜ୍ୟୋତ୍ସ୍ନାରାଣୀ ନାୟକ ଓ ନମିତା ସୂତାର ଅତିଥି ପରିଚୟ ପ୍ରଦାନ କରିଥିଲେ। ରିଙ୍କେଶ୍ୱରୀ ଦାସ ବିବରଣୀ ପାଠ କରିଥିଲେ। ଅମିତ ପାତ୍ର ଧନ୍ୟବାଦ ଦେଇଥିଲେ।

ଶିକ୍ଷୟିତ୍ରୀ ମୋନାଲିସା ରାୟ, ସୁମନ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀ ବିକାଶ ପାଇଁ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତ ପ୍ରକାଶ କରିବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ସୌମ୍ୟରଞ୍ଜନ ପଣ୍ଡା ସ୍ୱାଗତ



ଓ ବୀରସେନ ଜେନାଙ୍କ ତତ୍ତ୍ୱାବଧାନରେ ପତିତପାବନ ମନ୍ଦିରଠାରୁ ଛାତ୍ରଛାତ୍ରୀମାନେ କ୍ରୀଡ଼ା ମଶାଲ ଧରି ପଡ଼ିଆରେ ପହଞ୍ଚିଥିଲେ। ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଘାଟନୀ ଉତ୍ସବରେ ସ୍କୁଲର ନିର୍ଦ୍ଦେଶକ ଆଇନଜୀବୀ ସଞ୍ଜୟ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଜୀବନରେ କ୍ରୀଡ଼ାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସୁପ୍ରିୟା ନନ୍ଦୀ ସ୍ୱାଗତ ଭାଷଣ ଶ୍ରୀୟା ନାୟକ, ସୌମ୍ୟାସ୍ୱାତୀ ଲେଙ୍କା, ବନିମୟୀ ଜେନା, ପ୍ରିୟଙ୍କା ସୁତାର, ମଧୁସ୍ମିତା ଗିରି, ସନାଲିଶା ପରିଡ଼ା, କାମିନୀ ମହାନ୍ତି, ଅପର୍ଣ୍ଣା ବେହେରା, ଇତିଶ୍ରୀ ପଣ୍ଡା, ଅମରେଶ ରାଉତ, ଆଶୁତୋଷ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଉଦଯାପନୀ ଉତ୍ସବରେ କାନାଡ଼ା ବ୍ୟାଙ୍କ ଶାଖା ପରିଚାଳକ ଅନୁପ କୁମାର ଦାସ ମୁଖ୍ୟଅତିଥି ଓ ଏବିଇଓ ସୁନୀତୀ ଦାଶ ମୁଖ୍ୟବକ୍ତା ଭାବେ ଭାଷଣ ଓ ସୁଭସ୍ମିତା ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। କଳ୍ପନା ଜେନା ଧନ୍ୟବାଦ ଦେଇଥିଲେ। ଗୌରବ ବେହୁରା, ଭକ୍ତରଞ୍ଜନ ମହାନ୍ତି, ଅଭିଲିପ୍ସା ଜେନା, ଆଶାଲତା ମଲିକ, ବିଷ୍ଣୁପ୍ରିୟା ମହାରଣା ସରିତା ସାହୁ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ। ପ୍ରିୟଦର୍ଶିନୀ ବାରିକ, ବିଶ୍ୱଜିତ୍ ପରିଡ଼ା, ଅରୁନ୍ଧତୀ ଦାସ, ପାର୍ବତୀ ବାରିକ ଓ ଚମ୍ପକଲତା ନାୟକ ସହଯୋଗ କରିଥିଲେ।

### ସଞ୍ଜୀବନୀ ଶିକ୍ଷା ଭବନରେ ବିଜ୍ଞାନ ମେଳା

## 'ବିଜ୍ଞାନ ଦେଶ ବିକାଶର ଚାବିକାଠି'



ପଟ୍ଟାମୁଣ୍ଡାଇ,୨୪।୧୨(ସମିସ): ବିଜ୍ଞାନ ହେଉଛି ଦେଶ ବିକାଶର ଚାବି କାଠି। ଯେଉଁ ଦେଶ ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ ଆଗୁଆ ସେହି ଦେଶ ସେତେ ସଶକ୍ତ ଓ ସମୃଦ୍ଧ। ବୋଲି ପଟ୍ଟାମୁଣ୍ଡାଇ ବ୍ଲକ ସାନଜରିଆ ପଞ୍ଚାୟତ ବୋଧଗାଁ ସଞ୍ଜୀବନୀ ଶିକ୍ଷା ଭବନ ଆନୁକୂଲ୍ୟରେ ଆୟୋଜିତ ବିଜ୍ଞାନ ମେଳାରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ପ୍ରକାଶ କରିଛନ୍ତି। ଶିକ୍ଷାବିତ ଫକୀର ଚରଣ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କେନ୍ଦ୍ରାପଡ଼ା ଏସପି ଅଫିସ ଆରଆଇ ପ୍ରଶାନ୍ତ କୁମାର ରଣସିଂହ ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ବଳରାମ ପଲାଇ ମୁଖ୍ୟବକ୍ତା, ଜରିଆ ବଳଦେବ ହାଇସ୍କୁଲ ଶିକ୍ଷକ ପ୍ରଭାସ ରାଉତ, ଗଣ୍ଡାକିଆ ଗୋବରୀ ହାଇସ୍କୁଲ ଶିକ୍ଷକ ରାଜେନ୍ଦ୍ର ମିଶ୍ର, ଦେପୁର ସରସ୍ୱତୀ ହାଇସ୍କୁଲ ଶିକ୍ଷକ ସନ୍ତୋଷ ନାୟକ, ଶିକ୍ଷାବିତ ଅନିଲ ଥାଟୋଇ, ନିଗିନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଅରବିନ୍ଦ ସ୍ୱାଇଁ, ଗଙ୍ଗାରମପୁର ହାଇସ୍କୁଲ ଶିକ୍ଷକ ସନ୍ତୋଷ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ନେତା ଚିତ୍ତରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ଓ ପ୍ରଶାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ରଞ୍ଜନ କୁମାର ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୯୨ ଜଣ କୁନି ବୈଜ୍ଞାନିକଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଆଶାରାଣୀ ଜେନା ଓ ଶିକ୍ଷକ ହୃଷୀକେଶ ରାଉତଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ଧନେଶ୍ୱର ସ୍ୱାଇଁ, ଅତୁଲ୍ୟ ପ୍ରଧାନ, ସୁରେଶ ରାଉତ ଓ ମାନିନୀ ପାତ୍ର, ସୁନିତୀ ଦାଶ, ମନୋଜ ସାହୁ, ସୁରେଶ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କବି ପ୍ରମୋଦ ସେଠୀଙ୍କ ଶ୍ରଦ୍ଧାଞ୍ଜଳି ସଭା



ରାଜନଗର,୨୪।୧୨(ସମିସ): ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ ବନ୍ଦପାଟଣା ଗ୍ରାମର ଶିକ୍ଷାବିତ, ସାହିତ୍ୟିକ ତଥା କବି ସ୍ୱର୍ଗତ ପ୍ରମୋଦ ସେଠୀଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ପ୍ରମୋଦ ସେଠୀ ସ୍ମୃତି କମିଟି ଓ ପଞ୍ଚସଖା ଶିକ୍ଷାସେତୁ ସଭାପତି ବୈବ୍ରତ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ପ୍ରମୋଦ ଏକାଧାରରେ ଜଣେ କବି, ସୁସାହିତ୍ୟିକ, ସଂଗଠକ, ଛାତ୍ରବତ୍ସଳ ଶିକ୍ଷକ, ପରିବେଶପ୍ରେମୀ ଭାବେ ପରିଚିତ ଥିଲେ ବୋଲି କହିଥିଲେ। 'ସ୍ମୃତିରେ ପ୍ରମୋଦ' ପୁସ୍ତକ ଉନ୍ମୋଚନ କରିଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧୀରେନ ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ରାଧାକାନ୍ତ ରାଉତରାୟ, ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ରାଉତ, ଶିକ୍ଷାବିତ ହେମନ୍ତ ବାରିକ, ଅବସରପ୍ରାପ୍ତ ବିଓ ନଳିନୀ ରାଉତରାୟ, ଶିକ୍ଷାବିତ ସୁକାନ୍ତ ତ୍ରିପାଠୀ, ଶତ୍ରୁଘ୍ନ ତରାଇ, ବଳରାମ ତ୍ରିପାଠୀ, ସମୀରନ ମଣ୍ଡଳ, ଶୁଭ୍ରଜ ବରାଳ, ଗାଳ୍ପିକ ପ୍ରଦୀପ ନାୟକ, ଭବାନୀ ମହାପାତ୍ର, ଚନ୍ଦ୍ରକାନ୍ତ ରାଉତ, ପ୍ରଶାନ୍ତ ଜେନା, ଭାଗବତ ପ୍ରଧାନ, ସିଆରସିସି ନିରାକାର ସେଠୀ, ସର୍ବେଶ୍ୱର ବଳ, ବଳରାମ ପାତ୍ର, କିଶୋର ବରାଳ, ଧରଣୀ ସେଠୀ, ସୁରେଶ ପାତ୍ର, ପ୍ରଭାତ ଜେନା, ରବୀନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୁଶାନ୍ତ ବେହେରା ଧନ୍ୟବାଦ ଦେଇଥିଲେ।

## ତ୍ରିବେଣୀ ମେଳା ପାଇଁ ପ୍ରସ୍ତୁତି ବୈଠକ

ଡେରାବିଶ,୨୪।୧୨(ସମିସ): ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଜଗନ୍ନାଥପୁରସ୍ଥିତ ଆର୍ତ୍ତେଶ୍ୱର ଶୈବପୀଠରେ ଜାନୁଆରୀ ୧୮ ପବିତ୍ର ତ୍ରିବେଣୀ ଅମାବାସ୍ୟାରୁ ଆରମ୍ଭ ହେବ ତ୍ରିବେଣୀ ମେଳା। ମନ୍ଦିର ବେଢ଼ାରେ ମହାରୁଦ୍ର ମହାଯଜ୍ଞ ମଧ୍ୟ ଅନୁଷ୍ଠିତ ହେବ। ୫ଦିନ ଧରି ହେବାକୁ ଥିବା ଏହି ମେଳା ଉପଲକ୍ଷେ ଯଜ୍ଞ କମିଟି ସଭାପତି ଅକ୍ଷୟ ମହାନ୍ତିଙ୍କ ପୌରୋହିତ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କମିଟି ସମ୍ପାଦକ ନାରାୟଣ ଲେଙ୍କା ମେଳା ଓ ଯଜ୍ଞର ରୂପରେଖ ବିଷୟରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। କମିଟି ଉପସଭାପତି ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ଏହି ମେଳା ଓ ଯଜ୍ଞ ପ୍ରସିଦ୍ଧି ଲାଭ କରିଥିବାରୁ ଶ୍ରଦ୍ଧାଳୁ ଓ ଦର୍ଶକ ସଂଖ୍ୟା ବୃଦ୍ଧି ପାଇବ ବୋଲି କହିଥିଲେ। ପ୍ରଶାସନିକ ସହଯୋଗ ପାଇଁ ଜିଲ୍ଲାପାଳଙ୍କୁ କମିଟି କର୍ମକର୍ତ୍ତା ଭେଟି ଆଲୋଚନା କରିବାକୁ ସ୍ଥିର ହୋଇଛି। ବୈଠକରେ କମିଟି ସହ ସମ୍ପାଦକ ପ୍ରଦୀପ କୁମାର ନାୟକ, ଅଧ୍ୟାପକ ପ୍ରଭାକର ସାମଲ, କୈଳାସ ଚନ୍ଦ୍ର ଲେଙ୍କା, ଅଭିମନ୍ୟୁ ରାଉତ, ତାରାକାନ୍ତ ଚାଟାର୍ଜୀ, ସନ୍ତୋଷ କୁମାର ରାଉତ, ଦିଗମ୍ବର ସାହୁ ପ୍ରମୁଖ ଯୋଗଦେଇଥିଲେ।

### ରାଜ୍ୟସ୍ତରୀୟ ଯୁବ ଉତ୍ସବ

## କେନ୍ଦ୍ରାପଡ଼ାର ୩୧ ପ୍ରତିଯୋଗୀଙ୍କ ଭୁବନେଶ୍ୱର ଯାତ୍ରା



କେନ୍ଦ୍ରାପଡ଼ା,୨୪।୧୨(ସମିସ): ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବରେ ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା କେନ୍ଦ୍ରାପଡ଼ା ଜିଲ୍ଲାର ୩୧ ଜଣ ଶ୍ରେଷ୍ଠ ଯୁବ ପ୍ରତିଯୋଗୀ ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଅଂଶଗ୍ରହଣ ପାଇଁ ଆଜି ଭୁବନେଶ୍ୱର ଯାତ୍ରା କରିଛନ୍ତି। ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗୀମାନେ ଯାତ୍ରା କରିଥିବା ବେଳେ, ଆଜି ସକାଳେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟର ପ୍ରତିଯୋଗୀମାନଙ୍କୁ ଯାତ୍ରା ପୂର୍ବରୁ ଉତ୍ସାହିତ କରିବା ସହିତ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଜିଲ୍ଲାପାଳ ଶ୍ରୀ ଆୟର ପତାକା ଦେଖାଇ ପ୍ରତିଯୋଗୀମାନଙ୍କ ଯାତ୍ରାର ଶୁଭାରମ୍ଭ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟସ୍ତରୀୟ ଯୁବ ମହୋତ୍ସବ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୪ ଡିସେମ୍ବରରୁ ୨୬ ଡିସେମ୍ବର ପର୍ଯ୍ୟନ୍ତ ଆୟୋଜିତ ହେବ। ଏହି ମହୋତ୍ସବରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସୁଥିବା ପ୍ରତିଭାଶାଳୀ ଯୁବକମାନେ ନିଜ ଦକ୍ଷତା ଓ ପ୍ରତିଭା ପ୍ରଦର୍ଶନ କରିବେ। କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରତିଯୋଗୀମାନଙ୍କ ଉପରେ ସମସ୍ତଙ୍କର ଆଶା ଓ ଭରସା ରହିଛି ଯେ, ସେମାନେ ରାଜ୍ୟସ୍ତରରେ ଜିଲ୍ଲାର ଗୌରବ ବୃଦ୍ଧି କରିବେ।

### ଶିଶୁକୁ ଖାଲି ସିରିଞ୍ଜ ଫୋଡ଼ିବା ଘଟଣା

## ଏଏନଏମ୍‌ଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି

ମହାକାଳପଡ଼ା,୨୪/୧୨(ସମିସ): ଜଣେ ତିନିମାସର ଶିଶୁ କନ୍ୟାକୁ ଟିକା ଦେବା ବଦଳରେ ଖାଲି ସିରିଞ୍ଜ ଫୋଡ଼ିବା ଘଟଣାରେ ସମ୍ପୃକ୍ତ ଏଏନଏମ୍ ଦିଦି ପ୍ରଭାତୀ ପରିଡ଼ାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶରେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୁଧବାର ବଦଳି କରାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେଠାରେ ସେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ବଡ଼କୁଳ ପଞ୍ଚାୟତ ରାଉତ ସାହି ଗ୍ରାମର ସୁବାସ ସ୍ୱାଇଁ ଗତ ୩ ତାରିଖ ତାଙ୍କ ତିନିମାସର କନ୍ୟାକୁ ଟିକାକରଣ ନିମନ୍ତେ ଗାଁ ଅଙ୍ଗନବାଡ଼ି କେନ୍ଦ୍ରକୁ ନେଇଥିଲେ। ସେଠାରେ ଟିକାକରଣ କାର୍ଯ୍ୟରେ ନିୟୋଜିତ ବଡ଼କୂଳ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଏଏନଏମ୍ ପ୍ରଭାତୀ ପରିଡ଼ା ସିରିଞ୍ଜରେ ଟିକା ନ ଭରି ଖାଲି ସିରିଞ୍ଜ ଶିଶୁକୁ ଫୋଡ଼ିଥିବା ସୁବାସ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ତେବେ ତାଙ୍କ ଆଖିକୁ ଭଲ ଭାବରେ ଦିଶୁ ନ ଥିବାରୁ ଏମିତି ହୋଇଥାଇପାରେ ବୋଲି ଏଏନଏମ୍ ପରିଡ଼ା ଗଣମାଧ୍ୟମକୁ କହିଥିଲେ। ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ସିଡିଏମଓ ମନୋରଞ୍ଜନ ରାଉତ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଗତ ୧୦ ତାରିଖ ବଡ଼କୂଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପକେନ୍ଦ୍ର ଅନ୍ତର୍ଗତ ଦହିମାଛ ଗ୍ରାମରେ ଟିକାକରଣ ଅଧିବେଶନର ସୁଗମ ଆୟୋଜନ ପାଇଁ ଏଏନ୍‌ଏମ୍ ପରିଡ଼ାଙ୍କ ବଦଳରେ ମଧୁସ୍ମିତା ସେଠୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବୁଧବାର ତାଙ୍କୁ ବଦଳି କରାଯାଇଛି।

# ନୂଆ ମଦଦୋକାନ ଖୋଲିବାକୁ ବିରୋଧ



କେନ୍ଦ୍ରାପଡ଼ା,୨୪।୧୨(ସମିସ): ଜିଲ୍ଲାର ଆଳି ଓ ରାଜକନିକା ବ୍ଲକ ଅଞ୍ଚଳରେ ସରକାର ୧୫ଟି ନୂଆ ମଦ ଦୋକାନ ଖୋଲିବାକୁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଆଜି ଏହା ବିରୋଧରେ ଆପତ୍ତି ଅଭିଯୋଗ ଦାଖଲର ଶେଷ ତାରିଖ ଥିବା ବେଳେ ନିଶା ନିବାରଣ ଅଭିଯାନ ପକ୍ଷରୁ ପ୍ରତିବାଦ ଦରଖାସ୍ତ ଦାଖଲ କରାଯାଇଛି। ସଂଗଠନର ଜିଲ୍ଲା ସମ୍ପାଦକ ଆଦିକନ୍ଦ ରାଉଳଙ୍କ ନେତୃତ୍ୱରେ ଜିଲ୍ଲା ଉପସଭାପତି ଭାଗୀରଥି ଜେନା, ଆଳି ବ୍ଲକ ସଭାପତି ଲକ୍ଷ୍ମୀଧର ଦୀକ୍ଷିତ, ସମ୍ପାଦକ ଗୋବିନ୍ଦ ନନ୍ଦ, ସହ ସମ୍ପାଦକ ସୋହାନା ବେଗମ୍, ଅମରେନ୍ଦ୍ର ଦାସ, ଧନେଶ୍ୱର ରାଉତ ପ୍ରମୁଖ ଜିଲ୍ଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିବା ବେଳେ ଏହାର ନକଲ ବିଭାଗୀୟ ମନ୍ତ୍ରୀ, ଅବକାରୀ କମିଶନର ଓ ଅବକାରୀ ଅଧୀକ୍ଷକଙ୍କ ନିକଟକୁ ପଠାଇଛନ୍ତି। ଏଥିରେ ସରକାରଙ୍କୁ ତାଙ୍କ ନିର୍ବାଚନ କାଳୀନ ପ୍ରତିଶ୍ରୁତିକୁ ସ୍ମରଣ କରାଇ ସରକାର ରାଜସ୍ୱ ବୃଦ୍ଧି ପାଇଁ ଆପଣାଉଥିବା ଏପରି ଜନବିରୋଧୀ କାର୍ଯ୍ୟକ୍ରମରୁ ବିରତ ରହିବାକୁ ଅନୁରୋଧ କରାଯାଇଛି। ଜିଲ୍ଲାପାଳଙ୍କ ସହ ଆଲୋଚନା କାଳରେ ଏହି ଘଟଣାକୁ ନେଇ ଆଳି କନିକା ଅଞ୍ଚଳରେ ଏବେ ସୃଷ୍ଟି ହୋଇଥିବା ଜନଅସନ୍ତୋଷ ସମ୍ପର୍କରେ ସୂଚାଇ ଦିଆଯାଇଛି।

## ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ

# ମହୋତ୍ସବ ଭାଷା ସାହିତ୍ୟ ଓ ସଂସ୍କୃତିର ଏକ ଅପୁରନ୍ତ ସମାହାର

ଯାଜପୁର,୨୪।୧୨(ସମିସ):



୧୫ତମ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା ପୁସ୍ତକ ମହୋତ୍ସବ କମିଟିର ସଭାପତି ସନ୍ତୋଷ କୁମାର ନନ୍ଦଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଉତ୍ସବର ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ ସ୍ତୋତ୍ରପାଠ କରିଥିଲେ। କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ମହାପାତ୍ର ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରିଥିବା ବେଳେ ସଂଗଠନ ସଂପାଦକ ହୃଷୀକେଶ ପତି ପରିଚୟ ପ୍ରଦାନ କରିଥିଲେ। ପୁସ୍ତକ ମହୋତ୍ସବ କମିଟିର ସଂପାଦକ ଡ. କାହ୍ନୁଚରଣ ମିଶ୍ର ପୁସ୍ତକ ମହୋତ୍ସବ ଆରମ୍ଭ ଠାରୁ ଆଜି ପର୍ଯ୍ୟନ୍ତ ସମସ୍ତ ବିଷୟର ବିଷଦ୍ ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଘାଟକ ଅତରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ମହୋତ୍ସବ ଭାଷା ସାହିତ୍ୟ ଓ ସଂସ୍କୃତିର ଏକ ଅପୁରନ୍ତ ସମାହାର; ବିକଶିତ ଜୀବନର ପ୍ରତ୍ୟେକଟି ଇସ୍ତାହାର ପୁସ୍ତକ ସହ ଜଡ଼ିତ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ମୁଖ୍ୟ ଅତିଥିଭାବେ ମାନନୀୟ ରାଜ୍ୟସଭା ସାଂସଦ ସୁଲତା ଦେଓ ଯୋଗଦେଇ ପୁସ୍ତକର ଅଦୃଶ୍ୟ ଶକ୍ତି ମାନବକୁ ମାନବୋତ୍ତର ଅବସ୍ଥାରେ ପହଞ୍ଚାଇବା ସଙ୍ଗେ ସଙ୍ଗେ ଗୋଟିଏ ଦେଶ ଓ ଜାତିର ବିବର୍ତ୍ତନ ବାଦରେ ନୂତନ ଇତିହାସ ଲେଖିଥାଏ ବୋଲି ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ଭାବେ ଯାଜପୁରର ମାନ୍ୟବର ବିଧାୟିକା ସୁଜାତା ସାହୁ ଯୋଗଦେଇ ଡିଜିଲାଇଜେସନ ମାଧ୍ୟମରେ ଆମେ ଯେତେ ତଥ୍ୟ ଉପଲବ୍ଧ କରୁଛୁ ତାହା ପରେ ମଧ ବହୁ ତଥ୍ୟ ପୁସ୍ତକ ମାଧ୍ୟମରେ ଆମକୁ ମିଳିପାରୁଛି। ସେଥିନିମନ୍ତେ ପୁସ୍ତକର ବହୁଳ ଆବଶ୍ୟକତା ଅଛି ବୋଲି ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଉପାଧ୍ୟକ୍ଷ ରାଜୀବ ମହାନ୍ତି ଯୋଗଦେଇ ଜୀବନକୁ ସରସ ସୁନ୍ଦର ଓ କର୍ମଠ କରିବାକୁ ହେଲେ ବହିହିଁ ସବୁଠାରୁ ଭଲ ସହଚର ବନ୍ଧୁ ହିସାବରେ ସହଯୋଗ ଦେଇଥାଏ ବୋଲି ପ୍ରକାଶ କରିଥିଲେ। ଅପରାହ୍ନ ଅଧିବେଶନରେ ଯାଜପୁର ଇନ୍‌ଟାକ୍ .ପ୍ଟର ତରଫରୁ ଅବସରପ୍ରାପ୍ତ ଅଧ୍ୟକ୍ଷ ବଳରାମ ମହାନ୍ତି, ପ୍ରାକ୍ତନ ଅଧ୍ୟକ୍ଷ ବିନୋଦ ଚନ୍ଦ୍ର ନାୟକ, ପ୍ରଫେସର ଉଦୟ ନାରାୟଣ ପରିଡ଼ା, ପ୍ରାକ୍ତନ ଅଧ୍ୟକ୍ଷ ଅନିଲ୍ କୁମାର ମହାନ୍ତି, ଆବସର ପ୍ରାପ୍ତ ଅଧ୍ୟକ୍ଷ ଅଶୋକ କୁମାର ଦାଶ, ପ୍ରାକ୍ତନ ଅଧ୍ୟକ୍ଷ ଡ. କ୍ଷୀରୋଦ ଚନ୍ଦ୍ର ବେହେରା, ଡ. ଦାମୋଦର ବେହରା, ପ୍ର. ପ୍ରସନ୍ନ କୁମାର ରାଉତ, ଡ. ଦୁଷ୍ମନ୍ତ ନାୟକ, ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ ପ୍ରମୁଖ ଐତିହ୍ୟ ସଂସ୍କୃତି ଓ ପରଂପରାରେ ଯାଜପୁର ଶୀର୍ଷକ ଆଲୋଚନା ଚକ୍ରରେ ଆଲୋଚନା କରିଥିଲେ। ଡିଏବି ଡ୍ୟାନ୍ସ ଗ୍ରୁପ ତରଫରୁ ଶ୍ରୀୟା ରାଣୀ ପାଢ଼ୀ ସ୍ୱାଗତ ନୃତ୍ୟ କରିଥିଲେ। ବଲାଙ୍ଗୀର ଢ଼ୋଲ ମହୁରୀ ବାଦ୍ୟ ତରଫରୁ ନୀଳାଞ୍ଜଳ ନନ୍ଦଙ୍କର ନେତୃତ୍ୱରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଭୁବନେଶ୍ୱରର କଳାକାର ସଂସ୍ଥା ତରଫରୁ ବାଦ୍ୟ ବିଚିତ୍ରା ପରିବେଷଣ କରିଥିଲେ। ଗଣ ମାଧ୍ୟମର ସଂଯୋଜକ ଆଦିତ୍ୟ ନାରାୟଣ ମହାନ୍ତି ସମସ୍ତ କାର୍ଯ୍ୟକ୍ରମ ପରି.ଳନା କରିଥିଲେ। ସନ୍ତୋଷ କୁମାର ମିଶ୍ର, ଅଧିକାରୀ ନବକିଶୋର ଦାସ, ଡକ୍ଟର ହରିଶ୍ଚନ୍ଦ୍ର ପଣ୍ଡା, ଦୁର୍ଯ୍ୟୋଧନ ବେହେରା, ସଂଗ୍ରାମ ସାହାଣୀ, ସଂଗ୍ରାମ ଜେନା ପ୍ରମୁଖ ସହଯୋଗ କରିଥିଲେ। ଉପସଭାପତି ବିଭୂତି ଭୂଷଣ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପ୍ରଫେସର ବଟକୃଷ୍ଣ ମହାପାତ୍ର, ଅଧ୍ୟାପକ କୁଳମଣି ଜେନା, ଶିକ୍ଷାବିତ୍ ରଣଜିତ କର ପ୍ରମୁଖ ବହି ମଣିଷର ଜୀବନକୁ ଅନ୍ଧକାରର ଅତଳ ଗର୍ଭରୁ ଆଲୋକର ଉଜ୍ୱଳ ବର୍ତ୍ତିକା ଆଡକୁ ନେଇ ସମାଜରେ ପ୍ରତିଷ୍ଠିତ କରିଥାଏ ବୋଲି ପ୍ରକାଶ କରିଥିଲେ।

---

**ନାବାଳିକା ଗର୍ଭବତୀ ମାମଲା**

# ଏତଲା କଲେନି ସିଡିପିଓ; ଅଭିଯୁକ୍ତ ଫେରାର



ଦଶରଥପୁର,୨୪।୧୨(ସମିସ): ଦଶରଥପୁର ବ୍ଲକ ଖଣ୍ଡରା ପଞ୍ଚାୟତ ସୁଧଗୋବିନ୍ଦା ଗ୍ରାମର ଅଙ୍ଗନବାଡି କେନ୍ଦ୍ରକୁ ମମତା ଯୋଜନାରେ ନାମ ପଞ୍ଜୀକରଣ କରିବାକୁ ଯାଇଥିବା ଜଣେ ନାବାଳିକା ଗର୍ଭବତୀ ହୋଇଥିବା ଘଟଣା ପ୍ରଘଟ ହୋଇଥିଲା। ସ୍ଥାନୀୟ ଅଙ୍ଗନବାଡି କର୍ମୀ ଦମୟନ୍ତୀ ରଥ ଘଟଣା ବିଷୟରେ ବିଭାଗୀୟ ଅଧିକାରିଣୀ ଦଶରଥପୁର ସିଡିପିଓ ଶାନ୍ତିଲତା ସେଠୀଙ୍କୁ ଅବଗତ କରିଥିଲେ ମଧ ସିଡିପିଓ ଏଥିପ୍ରତି କୌଣସି ପଦକ୍ଷେପ ନେଇନଥିଲେ। ପରଦିନ ସ୍ଥାନୀୟ ଅଞ୍ଚଳର ଜଣେ ଯୁବ ସମାଜସେବୀଙ୍କ ଠାରୁ ସୂଚନା ପାଇ ଜିଲ୍ଲା ଚାଇଲ୍ଡ ଲାଇନ କାର୍ଯ୍ୟକର୍ତ୍ତା ସୁଧଗୋବିନ୍ଦା ଗ୍ରାମରୁ ସମ୍ପୃକ୍ତ ଗର୍ଭବତୀ ନାବାଳିକାକୁ ଉଦ୍ଧାର କରି ଜିଲ୍ଲାରେ ମହିଳାଙ୍କ ପାଇଁ ଉଦ୍ଧିଷ୍ଟ ଅସ୍ଥାୟୀ ରହଣି କେନ୍ଦ୍ରରେ ଥଇଥାନ କରିବା ସହିତ ଘଟଣାରେ ସମ୍ପୃକ୍ତ ଯୁବକ ଏସ୍‌କେ ମୁସ୍ତାକଙ୍କ ବିରୁଦ୍ଧରେ ପୁଲିସ ନିକଟରେ ଏତଲା କରିବାକୁ ଦଶରଥପୁର ସିଡିପିଓ ଶାନ୍ତିଲତା ସେଠୀଙ୍କୁ ପରାମର୍ଶ ଦେଇଥିଲେ ହେଁ ସିଡିପିଓ ତାହା କରିନଥିଲେ। ଯାହାର ସୁଯୋଗରେ ଅଭିଯୁକ୍ତ ଯୁବକ ଏସ୍‌କେ ମୁସ୍ତାକ ଘଟଣା ପ୍ରଘଟ ହେବାପରେ ବିଦେଶକୁ ଚାଲିଯାଇଥିବା ସ୍ଥାନୀୟ ଅଞ୍ଚଳରୁ ଖବର ପାଇ ଅନ୍ତରାଷ୍ଟ୍ରୀୟ ବିଶ୍ୱହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ଘଟଣାକୁ ଗମ୍ଭୀରତାର ସହ ନେଇଥିଲା। ସଂଗଠନ ପକ୍ଷରୁ ଅରବିନ୍ଦ ଦାସ, ମୃତ୍ୟୁଞ୍ଜୟ ପଟ୍ଟନାୟକ, ଦେବୀ ପ୍ରସାଦ ପାଣି, ଗୌତମ ପ୍ରସାଦ ସାହୁ, ପ୍ରଭାତ କୁମାର ମଲ୍ଲିକ, ଅମୀୟ କୁମାର ମହାନ୍ତି, ଅନିଲ କୁମାର ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଆଜି ପୂର୍ବାହ୍ନ ୧୧ଟାରେ ଦଶରଥପୁର ସିଡିପିଓ ଶାନ୍ତିଲତା ସେଠୀଙ୍କୁ ତାଙ୍କ କାର୍ଯ୍ୟାଳୟ ଭେଟି ମାମଲାରେ ଅଭିଯୁକ୍ତ ଯୁବକକୁ ସିଡିପିଓ ସୁରକ୍ଷା ଦେଉଥିବା ଅଭିଯୋଗ ଆଣିଥିଲେ। ଏତିକ କଥାରେ ସିଡିପିଓ ଶ୍ରୀମତୀ ସେଠୀ ନିଜ ହିତାହିତ ଜ୍ଞାନ ହରାଇ ତୁମେ ମାନେ କିଏ, ମୋର ଯାହା ଇଚ୍ଛା ମୁଁ କରିବି। ତୁମେ କ'ଣ ମୋ ଅଥରିଟି। ତୁମେ କହିଦେଲେ କ'ଣ ମୁଁ ପୁଲିସ ନିକଟରେ ଅଭିଯୋଗ କରିବି। ଏଠୁ ଜଲଦି ପଳାଅ। ନଚେତ ପୁଲିସକୁ ଡାକି ଜେଲ ପଠାଇଦେବି, କହିବା ସହ ପ୍ରତିନିଧି ମଣ୍ଡଳୀର ୨ଜଣ ସଦସ୍ୟଙ୍କୁ ଗୋଡ଼ରେ ଠେଲି ଦେଇଥିବା ଅଭିଯୋଗ କରିଥିଲେ। ଯାହାକୁ ନେଇ କାର୍ଯ୍ୟାଳୟ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ବହୁ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ସିଡିପିଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ବିଭିନ୍ନ ନାରାବାଜି ଦେବାସହ ହୋ-ହାଲ୍ଲା କରିଥିଲେ। ଖବର ପାଇ ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ ମଧ ସଂଗଠନର କାର୍ଯ୍ୟକର୍ତ୍ତା ସିଡିପିଓ କ୍ଷମା ମାଗନ୍ତୁ ନଚେତ ତାଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଆନ୍ଦୋଳନକାରୀ ଅଡ଼ି ବସିଥିଲେ। ଫଳରେ ଦୀର୍ଘ ୪ଘଣ୍ଟାରୁ ଅଧିକ ସମୟ କାର୍ଯ୍ୟାଳୟ ପରିସର ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା। ଘଟଣା ସମ୍ପର୍କରେ ସୂଚନା ପାଇ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକଙ୍କ ବିଡ଼ିଓଙ୍କ ସହ ଆଲୋଚନା କରିବା ପରେ ବିଡିଓ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ନାବାଳିକା ଗର୍ଭବତୀ ଘଟଣାରେ ଅଭିଯୁକ୍ତ ଯୁବକ ବିରୋଧରେ ଆଜି ଏତଲା କରାଯାଇଛି ବୋଲି କହି ଏତଲା ସମ୍ପର୍କିତ କପି ପ୍ରଦାନ କରିଥିଲେ। ତଥାପି ଧାରଣାକାରୀଙ୍କ ଗୋଟିଏ ଜିଦ ସିଡିପିଓ କ୍ଷମା ମାଗନ୍ତୁ ନ ହେଲେ ପୁଲିସ ତାଙ୍କ ବିରୁଦ୍ଧରେ ମାମଲା ରୁଜୁ କରୁ। ପରିସ୍ଥିତି ଭିନ୍ନ ମୋଡ଼ ନେଉଥିବା ଦେଖି ସିଡିପିଓ ଶାନ୍ତିଲତା ସେଠୀ ଧାରଣାକାରୀ ସଂଗଠନର କାର୍ଯ୍ୟକର୍ତ୍ତାଙ୍କ ନିକଟକୁ ଆସି କ୍ଷମାପ୍ରାଥାନା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

**ହିନ୍ଦୁ ସଂଗଠନ କାର୍ଯ୍ୟକର୍ତ୍ତାଙ୍କ ଧାରଣା**

---

## ଯୁଝପଦା ଉଚ୍ଚ ବିଦ୍ୟାଳୟରେ ସମ୍ମିଳନୀ


ଯଖପୁରା,୨୪।୧୨(ସମିସ): ଦାନଗଦି ବ୍ଲକ ଅନ୍ତର୍ଗତ ରାଛିପୁର ଯୁଝପଦା ଉଚ୍ଚ ବିଦ୍ୟାଳୟର ୧୯୯୧ ମସିହାର ଛାତ୍ରଛାତ୍ରୀଙ୍କୁ ନେଇ ଆକାସିଆ ବଣରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୪ ବର୍ଷ ପରେ ସାଙ୍ଗ ସାଥୀମାନଙ୍କୁ ନେଇ ଏହି ସମ୍ମିଳନୀରେ ସାଙ୍ଗସାଥୀମାନେ ପରସ୍ପରକୁ ପାଇ ଖୁସି ମନାଇବା ସହିତ ସ୍କୁଲର ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ଏହିସମ୍ମିଳନୀରେ ଅଭୟ କୁମାର ନାୟକ, ନିର୍ମଳ ଜେନା, ପ୍ରକାଶ କୁମାର ସାହୁ, ବାଇଧର ସାହୁ, ରାଜେଶ ନାୟକ, ଅକ୍ଷୟସାହୁ, ଭରତ ସାହୁ, ରମାକାନ୍ତ ପ୍ରଧାନ, ଶରତ ସାହୁ, ବିଜୟ କୁମାର ସାହୁ, ପ୍ରଭାକର ନାଥ, ନିରଞ୍ଜନ ମହାରଣା, ବୀରବର ମହାରଣା, ସୁରେଶ ସ୍ୱାଇଁ, ବଟକୃଷ୍ଣ ମଲିକ, କବିତା ବାରିକ, କଳ୍ପିଲତା ବିଶ୍ୱାଳ, ଜୟନ୍ତୀ ସାହୁ, ରୀନାରାଣୀ ସାହୁ, ସ୍ୱର୍ଣ୍ଣପ୍ରଭା ରାଉତ, ସୌଦାମିନି ସାମଲ, ଜାନକୀ ସାହୁ, ରିତାରାଣୀ ନାଥ, ଇନ୍ଦୁମତି ସାମଲ, ହିରଣ୍ମୟୀ ନାୟକ, ଅଞ୍ଜନା ମଲିକ, ରମାବତି ସାହୁ ଯୋଗଦେଇଥିଲେ। ନିର୍ମଳ ଜେନା, ଅଭୟ ଜେନା, ରାଜେଶ ନାୟକ, ରୀନାରାଣୀ ସାହୁଙ୍କୁ ବ୍ୟାଚ ତରଫରୁ ଧନ୍ୟବାଦ୍ ଦେଇଥିଲେ।

## ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଉତ୍ସବ




ମଙ୍ଗଳପୁର,୨୪।୧୨(ସମିସ): ଦଶରଥପୁର ବ୍ଲକ ଦୁଦୁରାଅନ୍ତା ପଞ୍ଚାୟତସ୍ତ ଗରିବବନ୍ଧୁ ଉଚ୍ଚବିଦ୍ୟାଳୟ ଓ ଅର୍ଦ୍ଧାଉଳିଆ ବାଳିକା ଉଚ୍ଚ ବିଦ୍ୟାଳୟ ୧୯୯୫ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବ ମା' ଜାଡୁଆଙ୍କ ପୀଠରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗରିବବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୋପବନ୍ଧୁ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗରିବବନ୍ଧୁ ଉଚ୍ଚ ବିଦ୍ୟାଳୟ, ଅର୍ଦ୍ଧାଉଳିଆ ନୋଡାଲ ଉପ୍ରା ବିଦ୍ୟାଳୟ, ଅର୍ଦ୍ଧାଉଳିଆ ବାଳିକା ଉଚ୍ଚ ବିଦ୍ୟାଳୟର ୨୫ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ପୁରାତନ ଛାତ୍ର ଭବାନୀ ଶଙ୍କର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସସ୍ମିତା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ରଞ୍ଜନ କୁମାର କୁଅଁର ମଞ୍ଚ ପରିଚାଳନା କରିଥିବାବେଳେ ୭୫ଜଣ ଛାତ୍ର ଛାତ୍ରୀ ଆଜିର କାର୍ଯ୍ୟକ୍ରମରେ ନିଜ ନିଜ ପରିବାର ସହିତ ଉପସ୍ଥିତ ହୋଇଥିଲେ। ଦିବଙ୍ଗତ ଶିକ୍ଷକ ନିରଞ୍ଜନ ବଳ, ସୁରେଶ ଚନ୍ଦ୍ର ତ୍ରିପାଠୀ, ଘନଶ୍ୟାମ ତ୍ରିପାଠୀଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୧ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିବାରେ ଦେବରାଜ ପରିଡା, ପଞ୍ଚାନନ ମେକାପ, ତ୍ରିଲୋଚନ ମେକାପ,ରଞ୍ଜିତ ମେକାପ, ପଦ୍ମଲୋଚନ ବିଶ୍ୱାଳ, ବ୍ରହ୍ମାନନ୍ଦ ପରିଡା, ପ୍ରେମାନନ୍ଦ ମେକାପ, ଖଗେଶ୍ୱର ମଲ୍ଲିକ, ନିଶିକାନ୍ତ କୁଅଁର, ମଳୟ କୁମାର ରାଉତ, ଅଜୟ ମହାଳିକ, ଦେବଦତ୍ତ ଶତପଥୀ, ସୁରଭି କୁସୁମ କୁଅଁର, ସ୍ମୃତିରେଖା ତ୍ରିପାଠୀ ପ୍ରମୁଖଙ୍କ ସମେତ ସମସ୍ତ ପୁରାତନ ଛାତ୍ର ଛାତ୍ରୀ ମାନେ ସହଯୋଗ କରିଥିଲେ।

## କାଠ ଖୋଦେଇ ହସ୍ତଶିଳ୍ପରେ ନିପୁଣ ପ୍ରଦ୍ୟୁମ୍ନ



ବାଲିଚନ୍ଦ୍ରପୁର,୨୪।୧୨(ସମିସ): ରାଜ୍ୟର ପ୍ରମୁଖ ଧର୍ମ, ସଂସ୍କୃତି ଓ ପର୍ଯ୍ୟଟନ କ୍ଷେତ୍ର, ହୀରକ ତ୍ରିଭୁଜ ବୌଦ୍ଧ ପୀଠ ଲଳିତଗିରି ଏକ ସ୍ୱତନ୍ତ୍ର ପରିଚୟ ପାଇପାରିଛି। ଏହି ଲଳିତଗିରି ପଞ୍ଚାୟତର ପ୍ରଦ୍ୟୁମ୍ନ ମହାରଣା (୬୪) ଦୀର୍ଘ ୪୦ ବର୍ଷ ଧରି କାଠ ଖୋଦେଇ ହସ୍ତଶିଳ୍ପରେ ନିଜକୁ ନିୟୋଜିତ କରିଛନ୍ତି। ସେ ବହୁ କାଠ ଖୋଦେଇ ଦେବାଦେବୀଙ୍କ ମୂର୍ତ୍ତି, ଭଗବାନ ଗୌତମ ବୁଦ୍ଧଙ୍କ ମୂର୍ତ୍ତି, ବିଭିନ୍ନ ମନ୍ଦିର ଆଦି କାରୁକାର୍ଯ୍ୟ ତିଆରି କରି ହସ୍ତତନ୍ତ୍ର, ବୟନ ଓ ହସ୍ତଶିଳ୍ପ ବିଭାଗ ଓଡ଼ିଶା ସରକାରଙ୍କ ତରଫରୁ ୨୦୧୧ମସିହାରେ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇଥିଲେ। ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ତରଫରୁ ୨୦୧୦ମସିହାରେ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଏବଂ ବିଭିନ୍ନ ଅନୁଷ୍ଠାନ ତରଫରୁ କାଠ ଖୋଦେଇ ହସ୍ତଶିଳ୍ପ ପାଇଁ ସମ୍ବର୍ଦ୍ଧିତ କରାଯାଇଅଛି। କାଠ ଖୋଦେଇ ହସ୍ତଶିଳ୍ପରେ ରାଷ୍ଟ୍ରୀୟ ପୁରସ୍କାର ପାଇଥିବା ଗୁରୁ ମଧୁସୂଦନ ଓଝାଙ୍କ ଠାରୁ ୧୯୮୫ ମସିହାରୁ ଶିକ୍ଷା ଗ୍ରହଣ କରି ବର୍ତ୍ତମାନ ପ୍ରଦ୍ୟୁମ୍ନ ହ୍ୟାଣ୍ଡିକ୍ରାଫ୍ଟସ ଲଳିତଗିରି ପଞ୍ଚାୟତରେ ନିର୍ମାଣ କରି ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। କାଠ ଖୋଦେଇ ହସ୍ତଶିଳ୍ପକୁ ନିଜର ଜୀବନକୁ ଉତ୍ସର୍ଗିକୃତ କରିଥିବାରୁ ରାଷ୍ଟ୍ରୀୟ ପୁରସ୍କାର ପାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି।

---

# ଓମକାର ବିଦ୍ୟାମନ୍ଦିରରେ କ୍ରୀଡ଼ା ଉତ୍ସବ




ଧର୍ମଶାଳା,୨୪।୧୨(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁ ଠାରେ ଓମକାର ବିଦ୍ୟା ମନ୍ଦିରରରେ ବାର୍ଷିକ କ୍ରୀଡ ପ୍ରତିଯୋଗିତା ଅଜି ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟର ନିର୍ଦ୍ଦେଶକ ଅସିତ କୁମାର ସାମଲଙ୍କ ତତ୍ୱବଧାନରେ ଏହି କ୍ରୀଡା ଉତ୍ସବରେ ମୁଖ୍ୟଅତିଥି ଭାବରେ ଜାରକା ବିଟ୍‌ହାଉସ ଅଧିକାରୀ ବିଜୟ କୁମାର ବେହେରା ଯୋଗଦେଇ ଫିତା କାଟି ଉଦଘାଟନ କରିଥିବା ବେଳେ, ମୁଖ୍ୟବକ୍ତା ଭାବେ ମଧୁପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ କୁଶଧର ପଣ୍ଡା ଯୋଗ ଦେଇଥିଲେ। ସ୍କୁଲର ଏହିକ୍ରୀଡା ପ୍ରତିଯେଗିତା ୩ ଦିନ ଧରି ଚଲିବ ବୋଲି ସ୍କୁଲ କର୍ତୃପକ୍ଷ ସୂଚନା ଦେଇଛନ୍ତି। ସ୍କୁଲର କନିଷ୍ଠ ନିର୍ଦ୍ଦେଶକ ଏ.ଆର ଅର୍ପିତ ରାଜଙ୍କ ସହଯୋଗରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଉଷରାଣୀ ଦାସ, ସହକାରୀ ଶିକ୍ଷୟତ୍ରୀ ସସ୍ମିତା ସାମଲ, ସସ୍ମିତା ଜେନା, ସସ୍ମିତା ନାୟକ, ସସ୍ମିତା ଦାସ, ମମତା ଦାସ, ଚିନ୍ମୟୀ ଜେନା ଓ ନମିତା ସ୍ୱାଇଁ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଛନ୍ତି। ଏହି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ଆସନ୍ତା ଜାନୁଆରୀ ୨୬ରେ ପୁରସ୍କାର ପ୍ରଦାନ କରାଯିବ ବୋଲି ବିଦ୍ୟାଳୟର ନିର୍ଦ୍ଦେଶକ ଶ୍ରୀ ସାମଲ ସୂଚନା ଦେଇଛନ୍ତି।

## ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

ଧର୍ମଶାଳା,୨୪।୧୨(ସମିସ): ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଶ୍ୟାମସୁନ୍ଦର ହାଇସ୍କୁଲର ୨୦୦୯ ମ୍ୟାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ଏକ ସମ୍ମିଳନୀ ବୌଦ୍ଧ କୀର୍ତ୍ତିରାଜି ସମ୍ପନ ଲାଙ୍ଗୁଡି ପାହାଡ ପାଦଦେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନରେ ୨୦୦୯ ବ୍ୟାଚର ପାଖାପାଖି ୫୦ଜଣ ପୁରାତନ ଛାତ୍ରଛାତ୍ରୀମାନେ ଯୋଗଦେଇ ସ୍କୁଲ ଜୀବନର ପୁରୁଣା ସ୍ମୃତିକୁ ମନେପକାଇ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ। ଏହି ଅବସରରେ ସମସ୍ତେ ଲାଙ୍ଗୁଡି ପାହାଡରେ ଥିବା ବୌଦ୍ଧ କୀର୍ତ୍ତିରାଜିକୁ ଦେଖି ମୁଗ୍ଧ ହୋଥିଲେ।

---

## ମୋବାଇଲ୍ ଲୁଟରାଙ୍କ ଶିକାର ହେଲେ ସ୍ଥାନୀୟ ଯୁବକ

ବ୍ରହ୍ମବରଦା,୨୪।୧୨(ସମିସ): ବୁଧବାର ସନ୍ଧ୍ୟାରେ ଏହି ଥାନା ଥାନା ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତ ନୂଆକୂଳ ଗ୍ରାମର ସୁରେନ୍ଦ୍ର ସାହୁଙ୍କ ପୁଅ ଦୀନବନ୍ଧୁ ବଜାର ଉପରେ ମୋବାଇଲ ଲୁଟର ଶିକାର ହୋଇଛନ୍ତି। ଏ ନେଇ ଦୀନବନ୍ଧୁ ବ୍ରହ୍ମବରଦା ଥାନାରେ ଅଭିଯୋଗ କରିଛନ୍ତି। ଖବର ମତେ ଆଜି ସନ୍ଧ୍ୟାରେ ଦୀନବନ୍ଧୁ ବ୍ରହ୍ମବରଦା-ବନ୍ଧଢିଅ ମୁଖ୍ୟ ରାସ୍ତାର ତାରିଣୀ ଛକ ନିକଟରୁ ମହିମା ଛକ ଆଡକୁ ନିଜ ଘରକୁ ଚାଲି ଚାଲି ମୋବାଇଲରେ କଥା ହୋଇ ଯାଉଥିଲେ। ସେହି ସମୟରେ ତାଙ୍କ ପଛପଟୁ ଗୋଟିଏ କଳା ରଙ୍ଗର ବାଇକରେ ଦୁଇ ଜଣ ଦୁର୍ବୃତ୍ତ ହଠାତ ତାଙ୍କ ମୋବାଇଲଟିକୁ ଝାମ୍ପି ନେଇ ବନ୍ଧଢିଅ ଆଡ଼େ ଚମ୍ପଟ ମାରିଥିଲେ। ଦୀନବନ୍ଧୁ ଦୁର୍ବୃତ୍ତ ମାନଙ୍କ ପିଛା କରିଥିଲେବି ସେମାନଙ୍କ ଟେର ପାଇପାରି ନଥିଲେ। ବିଚ ବଜାର ଉପରୁ ଏପରି ଲୁଟ ବ୍ରହ୍ମବରଦା ପୁଲିସ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରିଛି।

## ଯାଜପୁରରେ ପ୍ରଥମଥର ଅଟଳ କପ୍



ଯାଜପୁର ଟାଉନ,୨୪।୧୨(ସମିସ): ଯୁବ ସଶକ୍ତଷକରଣ, କ୍ରୀରା ପ୍ରୋତ୍ସାହନ ଓ ସାମାଜିକ ଏକତାକୁ ଲକ୍ଷ୍ୟ କରି 'ଆମ ଯାଜପୁର' ସାମାଜିକ ଅନୁଷ୍ଠାନ ପକ୍ଷରୁ ଯାଜପୁରରେ ପ୍ରଥମଥର ପାଇଁ ଆୟୋଜିତ ହୋଇଛି "ଅଟଳ ବିହାରୀ ବାଜପେୟୀ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ 'ଅଟଳ କପ୍-୨୦୨୫'। ଯାଜପୁର ସହରସ୍ଥିତ କୁସୁମା ସମ୍ମୁଖ କ୍ରିକେଟ ଷ୍ଟାଡିଅମରେ ଭବ୍ୟ ଭାବେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ ସମାରୋହରେ ଗାନ୍ଧୀବାଦୀ ଚିନ୍ତକ ନିଶିଥ କୁମାର ଦାସ, ବର୍ଷିଆନ ସମାଜସେବୀ ପୀତବାସ ଦାସ, ସନ୍ଥ ସୁନୀଲ ମହାରାଜ, ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ଡା. ଐଶ୍ୱର୍ଯ୍ୟା ବିଶ୍ୱାଳ, ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା ଉପସଭାପତି ସଂଗ୍ରାମ କେଶରୀ ପାତ୍ରଙ୍କ ସହ ଅନେକ ସମାଜସେବୀ, ଯୁବ, ଛାତ୍ରଛାତ୍ରୀ ଓ ମହିଳାମାନେ ଉପସ୍ଥିତ ଥିଲେ। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଯାଜପୁର ଜିଲ୍ଲାର ୮ଟି ଟିମ୍ ମଧ୍ୟରେ ରୋମାଞ୍ଚକର ମ୍ୟାଚ ଖେଳାଯାଇଥିଲା। ଆଗାମୀ ଦିନରେ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ କ୍ରୀଡ଼ା ସହିତ ସାମାଜିକ, ସାଂସ୍କୃତିକ ଓ ଯୁବମୁଖୀ କାର୍ଯ୍ୟକ୍ରମ ନିୟମିତ ଭାବେ ଆୟୋଜନ କରାଯିବ ବୋଲି 'ଆମ ଯାଜପୁର' ପକ୍ଷରୁ କୁହାଯାଇଛି।

---

# ଜଡ଼ା, ଜାଡ଼ିଙ୍କ ଡାକ ଶୁଣନ୍ତି ମା' ଜାଡୁଆ ନାହାକାଣୀ

କଁୟାଗୋଲା,୨୪।୧୨(ସମିସ):

ବିସ୍ତୀର୍ଣ୍ଣ ଜାଡୁଆ ଭେଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ଜାଡୁଆଶୁଣି। ପୂର୍ବ ଯାଜପୁର ଅଞ୍ଚଳରେ କେତୋଟି ଦେବୀ ପୀଠ ମଧ୍ୟରୁ ଏହା ଅନ୍ୟତମ। ଦଶରଥପୁର ବ୍ଲକ ଅନ୍ତର୍ଗତ ନିଜାମପୁର ପଞ୍ଚାୟତରେ ମା' ବିରାଜମାନ। ପ୍ରାୟ ଦେଢ଼ ଶହ ବର୍ଷ ପୂର୍ବେ ନଅଙ୍କ ଦୁର୍ଭିକ୍ଷର ପରେ ପରେ ବୈତରଣୀ ନଦୀର ଆଖୁଆପଦା ଠାରେ ବ୍ୟାରେଜ ନିର୍ମାଣ ପରେ ନଦୀର ଦକ୍ଷିଣ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ସମସ୍ତ ଶାଖା ନଦୀର ମୁହଁକୁ ବନ୍ଦ କରି କୂଳେ କୂଳେ ଯାଜପୁର ଠାରୁ ବ୍ରହ୍ମଚାରୀ ପାଟଣା ପର୍ଯ୍ୟନ୍ତ ବଡ ବନ୍ଧ ତିଆରି କରାଯାଇଥିଲା। ଫଳରେ ତଳ ମୁଣ୍ଡ କାଣୀନଦୀରେ ବର୍ଷର ସବୁ ସମୟରେ ପାଣି ଚାଲିଲା। ସେଇ ନଦୀର ବିଭିନ୍ନ ସ୍ଥାନରେ ବନ୍ଧ ବାନ୍ଧି କୈବର୍ତ୍ତମାନେ ଜାଲ ବସାଇ ମାଛ ଧରନ୍ତି। ଦୋହରା ପାଟଣାର କୈବର୍ତ୍ତ ମାନେ ଆଶ୍ୱିନ ମାସ ଶୁକ୍ଳ ପକ୍ଷ ଷଷ୍ଠୀ ତିଥିରେ ଜାଲ ଭିତରୁ କଅଁଳା ପିଲାର କାନ୍ଦ ଶୁଣିଲେ। ଜାଲରେ ସାମୁଦ୍ରିକ ଶିଶୁମାର ମାଛ ପଡ଼ିଛି ଭାବି ଶ୍ରୀଧର ମଲ୍ଲିକ ନାମକ ଜଣେ କୈବର୍ତ୍ତ ଜାଲ ଝାଡିବାରୁ କଳା ମୁଗୁନି ପଥରରେ ନିର୍ମିତ ଏକ ସୁନ୍ଦର ଦେବୀ ମୂର୍ତ୍ତୀ ପାଇଲେ। ଏହା ଦେବୀ ମୂର୍ତ୍ତି କହି ଏହାର ସ୍ଥାପନା କଲେ। ବିନା ମନ୍ତ୍ର ପାଠରେ ମୂର୍ତ୍ତି ଉପରେ ଫୁଲ ଚଢ଼ଇ ବହଳ ସିନ୍ଦୁର ଲେପି ମାଛ ଭୋଗ ଲଗାଇବା ପରେ ଗାଁ ଲୋକେ ଖିଆପିଆ କରିଥାନ୍ତି।

ଜାଲରେ ଦେବୀଙ୍କ ଆବିର୍ଭାବ ହୋଇଥିବାରୁ ତାଙ୍କର ନାମ ମା' ଜାଲୁଆ ଓ ପରେ ଅପଭ୍ରଂଶ ହୋଇ ଜାଡୁଆ ହୋଇଛି ବୋଲି କେତେକଙ୍କ ମତ। ପରବର୍ତ୍ତୀ ସମୟରେ ଗ୍ରାମବାସୀଙ୍କ ଚାନ୍ଦା ଭେଦାରେ କାଠ ବାଉଁଶରେ ନିର୍ମିତ ଘରେ ମା'ଙ୍କ ଅବସ୍ଥାନ କଲେ। କିଛି ବର୍ଷ ପରେ ସେ ଘରଟି ପୋଡ଼ି ଯିବାରୁ ପ୍ରାୟ ୮୦ ବର୍ଷ ତଳେ ଏକ ମନ୍ଦିର ନିର୍ମିତ ହେଲା। ମନ୍ଦିର ଚାରିପଟେ ବରୁଣ, ଖଜୁରୀ, ନଡ଼ିଆ ଗଛ ଲଗାଗଲା। ମନ୍ଦିର ସନ୍ନିକଟରେ ଥିବା କିଛି ଜମି ଅନୁଷ୍ଠାନ ପକ୍ଷରୁ କିଣାଯାଇ ସେଠାରେ ଯାତ୍ରୀ ନିବାସ, ରୋଷେଇ ଘର ଓ ପାଲା ମଣ୍ଡପ ନିର୍ମିତ ହୋଇଛି। ବର୍ଷର ସବୁ ସମୟରେ ବିଭିନ୍ନ ପ୍ରକାର ଫଳମୂଳ ସହ ଗୋଦୁଗ୍ଧ ଜାତ ସାମଗ୍ରୀ ମା'ଙ୍କ ପାଖରେ ଭୋଗ ରୂପେ ଲାଗେ। ଚାଷୀମାନଙ୍କ ଖଳା କାମ ଶେଷ ହେବା ପରେ କ୍ଷୀରି, ଖେଚୁଡ଼ି ଭୋଗ ହୁଏ। ମୁଢ଼ି, ନଡ଼ିଆ ଓ କଞ୍ଚା ଲଙ୍କା ମା'ଙ୍କର ପ୍ରିୟ ଭୋଗ। ଏବେବି କୈବର୍ତ୍ତ ସମ୍ପ୍ରଦାୟର ଲୋକେ ମା'ଙ୍କ ପାଖରେ ମାଛ ଭୋଗ ଲଗାଉଛନ୍ତି। ପୂର୍ବେ ପଣା ସଂକ୍ରାନ୍ତି ଦିନ ପୀଠରେ ବୋଦା ଓ ଗଞ୍ଜା ବଳି ଦିଆଯାଉଥିଲା। ୩ ଜଣ ସ୍ଥାନୀୟ ପୂଜକ ମାସେ ଲେଖାଏଁ ପାଳି କରି ଠାକୁରାଣୀ ପୂଜା କାର୍ଯ୍ୟ କରନ୍ତି। ପ୍ରତିବର୍ଷ ପଣା ସଂକ୍ରାନ୍ତି ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ, କୀର୍ତ୍ତନ, ଯାତ୍ରା ହେଉଥିଲା। ପ୍ରଥମେ ତିନି ଦିନ ଓ ପରେ ପାଞ୍ଚ ଦିନପାଲା ଅନୁଷ୍ଠିତ ହେଉଛି। ମଧ୍ୟାହ୍ନରେ କ୍ଷୀରି, ଖେଚୁଡ଼ି ଭୋଗ ଅନୁଷ୍ଠାନ ତରଫରୁ ଦିଆଯାଏ। ଅପରାହ୍ନରେ ମା'ଙ୍କ ଦାସୀଙ୍କୁ କାଳିସୀ ଲାଗେ। କାଳିସୀଙ୍କୁ ଭକ୍ତ ମାଗିଥିବା ମାଗୁଣି ପୂରଣ ହୁଏ ବୋଲି ସମସ୍ତଙ୍କ ବିଶ୍ୱାସ। ରାତିରେ ନିଆଁ ପାଟୁଆ ହୁଏ। କାଳିସୀ ନିଆଁ ଖନ୍ଦାରେ ଚାଲିବା ପରେ ଅନ୍ୟମାନେ ଚାଲନ୍ତି। ତା ପରେ କାଳୀସି କଣ୍ଟାରେ ପୂର୍ଣ୍ଣ ଅଝଡା ଖଜୁରୀ ଗଛରେ ଚଢ଼ି ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଚକିତ କରିଦିଏ। ଠାକୁରାଣୀଙ୍କ ନୀତି କାନ୍ତି, ଓ ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦନ ପାଇଁ ପୂଜା କମିଟି ଗଠିତ ହୋଇଛି।



୭ ଦଶନ୍ଧି ଧରି ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଆସୁଛି। ସୋଲପାଟ ଗାଁର ସ୍ୱର୍ଗତ ଅନାମ ଚରଣ ବିଶ୍ୱାଳ ପ୍ରାୟ ୩୦ ବର୍ଷ ମନ୍ଦିର ଦାୟିତ୍ୱ ନିର୍ବାହ କରିଥିଲେ। ପରେ ସ୍ୱର୍ଗତ ମୂରଲୀଧର ପାତ୍ରଙ୍କ ସହଯୋଗରେ ସବୁ କିଛି କରାଯାଉଥିଲା। ବ୍ୟକ୍ତିବିଶେଷଙ୍କ ଆର୍ଥିକ ସହାୟତା, ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ଅଞ୍ଚଳ ବାସୀଙ୍କ ସହଯୋଗରେ ଏବେ ଏ ସମସ୍ତ କାର୍ଯ୍ୟ ହେଉଛି। ସରକାରଙ୍କ ତରଫରୁ ପାନୀୟ ଜଳ ଓ ବିଦ୍ୟୁତ ଯୋଗାଣ ହୋଇଛି। ଯାତ୍ରୀ ନିବାସ ଓ ରୋଷେଇ ଘର ଥିବାରୁ ସେ ସ୍ଥାନଟି ବଣ ଭୋଜି ପାଇଁ ଉପଯୁକ୍ତ। ତେବେ ଏହି ପ୍ରସିଦ୍ଧ ଠାକୁରାଣୀ ପୀଠ ପ୍ରତି ସରକାର ଓ ପ୍ରଶାସନର ଶୁଭ ଦୃଷ୍ଟି ପଡ଼ିଲେ ଅନ୍ୟାନ୍ୟ ଆବଶ୍ୟକତା ପୂରଣ ହେବା ସହ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କୁ ପୀଠକୁ ଆଗମନ ପାଇଁ ଆକୃଷ୍ଟ କରନ୍ତା। ମା'ଙ୍କ ପୀଠକୁ ଭଦ୍ରକ, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାରୁ ଭକ୍ତମାନେ ଆସନ୍ତି। ମା' ପୀଠରେ ପଣସଂକନ୍ତି ବଡ଼ ଆକାରେ ମେଳା ପଡ଼ି ଥାଏ। ସରକାରଙ୍କ ନଜର ପଡ଼ିଲେ ଏହି ପୀଠ ଉନ୍ନତି ହୋଇପାରନ୍ତା ବୋଲି ସ୍ଥାନୀୟ ଅଞ୍ଚଳର ନିର୍ମଳ ଚନ୍ଦ୍ର ବେହୁରିଆ କହିଛନ୍ତି।

# ଭୁବନେଶ୍ୱର ସିଟି



## ଧରାବତରଣ କଲେ ଯୀଶୁ

# ମଧ୍ୟରାତ୍ରୀରେ କେକ୍ କାଟିଲେ, ଶୁଭେଚ୍ଛା ବାଣ୍ଟିଲେ

**ରାତି ୧୧ଟାରୁ ଖ୍ରୀଷ୍ଟ ଜୟନ୍ତୀ ଓ ମଧ୍ୟରାତ୍ରି ଯଜ୍ଞ**

ଭୁବନେଶ୍ୱର, ୨୪।୧୨(ସମିସ): ଖ୍ରୀଷ୍ଟମାସ ପାଇଁ ସାରା ରାଜ୍ୟ ଉତ୍ସବମୁଖର ହୋଇ ଉଠିଛି। ରାଜଧାନୀରେ ଥିବା ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଚର୍ଚ୍ଚରେ ହୋଇଛି ବ୍ୟାପକ ପ୍ରସ୍ତୁତି। ଚର୍ଚ୍ଚଗୁଡ଼ିକୁ ସୁନ୍ଦର ଓ ଆକର୍ଷଣୀୟ ସଜ୍ଜିତ କରାଯାଇଛି। ମଧ୍ୟରାତ୍ରିରୁ କେକ୍ କାଟି ପରସ୍ପରକୁ ଆଲିଙ୍ଗନ କରି ଖ୍ରୀଷ୍ଟମାସର ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ରାଜ୍ୟରେ ଥିବା ସମସ୍ତ ଛୋଟବଡ଼ ଚର୍ଚ୍ଚ ଏବେ ଆଲୋକମାଳାରେ ଝଲସୁଛି। ବୁଧବାର ମଧ୍ୟରାତ୍ରରେ ପ୍ରଭୁ ଯୀଶୁ ଧରାବତରଣ କରିସାରିଥିବା ବେଳେ ଗୁରୁବାର ଶିଶୁ ଯୀଶୁଙ୍କ ପାଦ ସ୍ପର୍ଶ କରି ଆଶୀର୍ବାଦ ଲାଭ କରିବେ ଶ୍ରଦ୍ଧାଳୁ। ଏନେଇ ଚର୍ଚ୍ଚଗୁଡ଼ିକରେ ସ୍ୱତନ୍ତ୍ର ବ୍ୟବସ୍ଥା ମଧ କରାଯାଇଛି। ମଧ୍ୟରାତ୍ରରେ ଖ୍ରୀଷ୍ଟଧର୍ମାବଲମ୍ବୀମାନେ ସାମୁହିକ କାରୋଲ୍ ଗାନ କରିଥିଲେ। ଗୁରୁବାର ସକାଳୁ ବିଭିନ୍ନ ଚର୍ଚ୍ଚରେ ସାମୂହିକ କାରୋଲ୍ ଗାନ କରାଯିବାର ବ୍ୟବସ୍ଥା ରହିଛି। ରଙ୍ଗୀନ୍ ଆଲୋକମାଳା ସାଙ୍ଗକୁ ଖ୍ରୀଷ୍ଟମାସ ଟ୍ରୀ, ବେଲ୍, ଷ୍ଟାରରେ ସୁସଜ୍ଜିତ ହୋଇଥିଲା ସମସ୍ତ ଚର୍ଚ୍ଚ। ଏହାସହ ପ୍ରଭୁ ଯୀଶୁ ଜନ୍ମ ଗ୍ରହଣ କରିଥିବା ସ୍ଥାନ ମେଣ୍ଢା ଗୁହାଳ ମଧ ଚର୍ଚ୍ଚଗୁଡ଼ିକୁ ମଧ ଆକର୍ଷଣୀୟ ଭାବେ ସଜା ଯାଇଛି। ସତ୍ୟନଗର ଭିନ୍‌ସେଣ୍ଟ୍ କ୍ୟାଥଲିକ୍ ଚର୍ଚ୍ଚ, ୟୁନିଟ୍ ୪ ୟୁନିୟନ୍ ଚର୍ଚ୍ଚରେ ସନ୍ଧ୍ୟାରୁ ସେଲିବ୍ରେସନ୍ ଆରମ୍ଭ ହୋଇଯାଇଥିଲା। ଏଥିପାଇଁ ଚର୍ଚ୍ଚ ସାମ୍ନାରେ ପ୍ରବଳ ଭିଡ଼ ଜମିଥିଲା। ରାତି ପ୍ରାୟ ୧୦ଟାରେ ସାମୂହିକ କାରୋଲ୍ ଗାନ କରାଯାଇଥିଲା। ସେହିପରି ୧୧ଟାରେ ଖ୍ରୀଷ୍ଟ ଜୟନ୍ତୀ ଓ ମଧ୍ୟରାତ୍ର ଯଜ୍ଞ କରାଯାଇଥିଲା। ଶେଷରେ ରାତି ୧୨ଟା ହେବ କ୍ଷଣି ସେଲିବ୍ରେସନ୍ ହୋଇଥିଲା। ପ୍ରଭୁ ଯୀଶୁ ଧରାପୃଷ୍ଠକୁ ଆସିବା ପରେ ପରସ୍ପରକୁ କେକ୍ ଖୁଆଇ ମେରୀ କ୍ରିସ୍‌ମାସ କହି ଶୁଭେଚ୍ଛା ଜଣାଇଥିଲେ ଶ୍ରଦ୍ଧାଳୁ। ରାତିସାରା ଚର୍ଚ୍ଚକୁ ଖ୍ରୀଷ୍ଟଧର୍ମାବଲମ୍ବୀଙ୍କ ସମେତ ସବୁ ଧର୍ମର ଲୋକଙ୍କ ସମାଗମ ହୋଇଥିଲା। ବଡ଼ଦିନ ପାଇଁ ବି ଚର୍ଚ୍ଚଗୁଡ଼ିକରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସକାଳୁ କାରୋଲ୍ ଗାନ ପରେ ଶିଶୁ ଯୀଶୁଙ୍କୁ ଦର୍ଶନ କରି ପାଦ ଚୁମ୍ବନ କରିବାର କାର୍ଯ୍ୟକ୍ରମ ରହିଛି।




### ରାଜଧାନୀରେ କ୍ରିସ୍‌ମାସର ଭାଇବ୍‌ସ

ଖ୍ରୀଷ୍ଟମାସ ପାଇଁ ଖ୍ରୀଷ୍ଟଧର୍ମୀମାନେ ନୂଆ ବସ୍ତ୍ର ପରିଧାନ କରିବା ସାଙ୍ଗକୁ ଭଳି କି ଭଳି ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରିଥାନ୍ତି। ଏହି ଉପଲକ୍ଷେ ସହରର ବିଭିନ୍ନ ସପିଂମଲ ସମେତ ପ୍ରତ୍ୟେକଙ୍କ ଘର, ଅଫିସ୍, ହୋଟେଲ ଗୁଡ଼ିକ ମଧ ରଙ୍ଗବେରଙ୍ଗର ଆଲୋକମାଳା ସହ ଖ୍ରୀଷ୍ଟାମସ ଟ୍ରୀ, ଷ୍ଟାର, ବେଲ୍ ଇତ୍ୟାଦିରେ ସଜ୍ଜିତ କରାଯାଇଛି। ଖ୍ରୀଷ୍ଟ ଧର୍ମରେ ସାନ୍ତା ବ୍ୟବହାର କରୁଥିବା ପ୍ରତିଟି ଜିନିଷକୁ ଶୁଭ ମନାଯାଏ। ପିଲାମାନେ ସାନ୍ତା ପୋଷାକରେ ଖୁସି ମନାଉଥିବା ସହ ବିଭିନ୍ନ ସ୍କୁଲ ଗୁଡ଼ିକରେ ପୂର୍ବଦିନରୁ କୁନି କନି ପିଲାମାନେ ସାନ୍ତା ବେଶରେ ଉପହାର ବାଣ୍ଟିବା ସହ ଏହି ଦିନର ଶୁଭଚ୍ଛୋ ଜଣାଇଥିଲେ। ଯାହାର ଫଟୋ ମଧ ସାମାଜିକ ଗଣମାଧମରେ ଦେଖିବାକୁ ମିଳିଛି। ଏଥିପାଇଁ ବଜାରରେ ମାସକ ଆଗରୁ ଖୋଲାଯାଇଥିବା ଖ୍ରୀଷ୍ଟମାସ ସପ୍‌ରେ ମଧ ଯୀଶୁଙ୍କ ବିଭିନ୍ନ ରୂପ ଥିବା ଗିଫ୍ଟସେଟ୍, ସାନ୍ତାର ବହୁ ଚାହିଦା ରହିଛି। ସେହିପରି ଖ୍ରୀଷ୍ଟମାସ ପାଇଁ ରାଜଧାନୀର ବିଭିନ୍ନ ହୋଟେଲମାନଙ୍କରେ ମଧ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। ଏହାସହ ଏଥିପାଇଁ ଯୁବପିଢ଼ିମାନେ ବିଭିନ୍ନ ପିକନିକ୍ ଏବଂ ଭୋଜି ପାଇଁ ମଧ ଉତ୍କଣ୍ଠା ଦେଖିବାକୁ ମିଳିଛି।



## ବିଜେଡି ପକ୍ଷରୁ ବାଗ୍ମୀ ବିଶ୍ୱନାଥଙ୍କ ଜୟନ୍ତୀ



ଭୁବନେଶ୍ୱର, ୨୪।୧୨(ସମିସ): ବାଗ୍ମୀ ବିଶ୍ୱନାଥ କର ଓଡ଼ିଆ ଭାଷା ଓ ସଂସ୍କୃତି ସୁରକ୍ଷା ନିମନ୍ତେ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ। ଓଡ଼ିଆ ସାହିତ୍ୟ ଓ ଭାଷାକୁ ପ୍ରସାରିତ କରିବା ନିମନ୍ତେ ପତ୍ରିକା ପ୍ରକାଶନ, ନୂତନ ଛପାକଳ ସ୍ଥାପନ, ବ୍ୟବସ୍ଥାପକ ସଭାରେ ଓଡ଼ିଆ ଭାଷାରେ ଉଦବୋଧନ, ଉତ୍କଳ ସାହିତ୍ୟ ସମାଜର ଗଠନ ତଥା ଭାଷାଭିତ୍ତିକ ରାଜ୍ୟ ଗଠନ ପ୍ରକ୍ରିୟାରେ ସାମିଲ ହୋଇ ସେ ଓଡ଼ିଶାବାସୀଙ୍କର ଚିର ନମସ୍ୟ ହୋଇ ରହିଯାଇଛନ୍ତି ବୋଲି ବୁଧବାର ତାଙ୍କର ଜୟନ୍ତୀ ଉତ୍ସବ ପାଳନ ଅବସରରେ ଉପସ୍ଥିତ ରହି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବୁଧବାର ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ବିଧାନସଭା ନିକଟରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ଏହାକୁ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁରୁଚରଣ ସାହୁ, ରମାନାଥ ମିଶ୍ର, ଭଗବାନ ଚୌଧୁରୀ, ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ସମାଜସେବୀ ମନୋରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ସତ୍ୟବ୍ରତ ଜେନା ଏବଂ ଅମିତ ପାତାଳ ସିଂ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ




ଭୁବନେଶ୍ୱର, ୨୪।୧୨(ସମିସ): ରସୁଲଗଡ଼ସ୍ଥିତ ବାଲିପାଟା ନୂଆସାହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୫ ତମ ବର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ନିରଞ୍ଜନ ମିଶ୍ର, ମୁଖ୍ୟବକ୍ତାଭାବେ ବିଜେପିର ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ, ଯୋଗ ଦେଇଥିଲେ। ଏଥିସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମ୍ପାଦକ ବିଜୟ କୁମାର ରାଉତରାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଦୁଃଶାସନ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ବାର୍ଷିକ ମୁଖପତ୍ର ବହି ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ବିଦ୍ୟାଳୟର ସଭାପତି ସରୋଜ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସୁପ୍ରଭା ବାରିକ ଓ ମୋନାଲିସା ନାୟକ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ଉପସ୍ଥିତ ରହିଥିଲେ।

## ସିଏଚ୍‌ଏସ୍‌ଇ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୨୪।୧୨(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା (ସିଏଚଏସଇ) ଅବସରପ୍ରାପ୍ତ କର୍ମଚାରୀ ସଂଘର ପଞ୍ଚମ ବାର୍ଷିକ ଉତ୍ସବ ଗୀତ ଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା, ସମ୍ମାନିତ ଅତିଥି ବିଜେପି ରାଜ୍ୟ ଉପ ସଭାପତି ଗୋଲକ ଚନ୍ଦ୍ର ମହାପାତ୍ର, ମେୟର ସୁଲୋଚନା ଦାସ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପୂର୍ବତନ ଉପ ନିର୍ଦ୍ଦେଶକ ପ୍ରଫେସର ବାଇଧର ପ୍ରଧାନ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପ୍ରଶଂସା କରିଥିଲେ। ସଭାପତି ବିଶ୍ୱନାଥ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଉପ ସଭାପତି ଶକ୍ତି ପ୍ରସନ୍ନ ନାୟକ, ଯୁଗ୍ମ ସମ୍ପାଦକ ରାଜ କିଶୋର ବେହେରା, କୋଷାଧ୍ୟକ୍ଷ ମଙ୍ଗୁଳି ସାହୁ ଉପସ୍ଥିତ ଥିଲେ। ସମ୍ପାଦକ ଦିଲ୍ଲୀପ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶାରେ ଆତ୍ମନିର୍ଭରଶୀଳ କରୁଛି ଫ୍ୟୁଜନ୍ ଫାଇନାନ୍ସ




ଭୁବନେଶ୍ୱର, ୨୪।୧୨ (ସମିସ) : ପୂର୍ବ ଭାରତରେ ମାଇକ୍ରୋଫାଇନାନ୍ସ ବଜାର ମଧ୍ୟରୁ ଓଡ଼ିଶା ଅନ୍ୟତମ। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ନିଯୁକ୍ତି ସୁଯୋଗ ଓ ଆୟ ବୃଦ୍ଧି କରିବା ସହିତ ନିମ୍ନ ଆୟକାରୀ ପରିବାରକୁ ଆତ୍ମନିର୍ଭରଶୀଳ କରୁଛି। ଓଡ଼ିଶାରେ ଫ୍ୟୁଜନ୍ ଫାଇନାନ୍ସ ମଧ ସେବା ପ୍ରଦାନ କରୁଛି। ଗତ ସେପ୍‌ଟେମ୍ବର ସୁଦ୍ଧା କାରବାର ପୋର୍ଟଫୋଲିଓ ୫୭୭ କୋଟି ଟଙ୍କାରେ ପହଞ୍ଚିଛି। ସମସ୍ତ ଜିଲ୍ଲାରେ ୧୩୫ଟି ମାଇକ୍ରୋଫାଇନାନ୍ସ ଶାଖାର ଏକ ନେଟୱାର୍କ ଏହି ସଫଳତା ପାଇଛି। କମ୍ପାନୀ ଏହାର ଜେଏଲଜି ମଡେଲ୍ ମାଧ୍ୟମରେ ପ୍ରାୟ ୨.୫ ଲକ୍ଷ ମହିଳାଙ୍କୁ ସେବା ଯୋଗାଇ ଦେଉଛି। ଫ୍ୟୁଜନ୍ ୨୦୧୬ ମସିହାରୁ ଓଡ଼ିଶା ବଜାର ସହିତ ଜଡିତ ରହିଛି। ତୃଣମୂଳସ୍ତରରେ କମ୍ପାନୀ ସୁଦୃଢ ହୋଇ ଋଣଗ୍ରହୀତାଙ୍କ ଏକ ବିସ୍ତୃତ ଆଧାରକୁ ସେବା ଯୋଗାଇବାରେ ସକ୍ଷମ ହୋଇଛି ବୋଲି ଫ୍ୟୁଜନ୍ ଫାଇନାନ୍ସର ସିଇଓ ସଞ୍ଜୟ ଗରିଆଲି କହିଛନ୍ତି।

## ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ୮୦ ତମ ଜନ୍ମ ଦିବସ



ଭୁବନେଶ୍ୱର, ୨୪।୧୨(ସମିସ): ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ୮୦ ତମ ଜନ୍ମଦିନ ଅବସରରେ ମାନସିକ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଅନୁଷ୍ଠାନ 'ଚେତନା' ପରିସରରେ ବସନ୍ତପୁର ଶ୍ରୀ ଶ୍ରୀ ଶିରିଡି ସାଇ ଟ୍ରଷ୍ଟ ପକ୍ଷରୁ ଗୁରୁଜୀଙ୍କ ଜନ୍ମଦିନ ପାଳିତ ହୋଇଛି। ଏହି ଅବସରରେ ରାଜ୍ୟସଭା ସାଂସଦ ମୁନା ଖାଁ ଏବଂ ରାଜ୍ୟ ବିଜେପି ଉପ ସଭାପତି ଗୋଲକ ମହାପାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କେକ କାଟି ପିଲାମାନଙ୍କୁ ଗୀତ ନାଚ ମାଧ୍ୟମରେ ଉତ୍ସାହିତ କରିବା ସହିତ ଚକୋଲେଟ ଓ ମିଠା ବିତରଣ କରିଥିଲେ। ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ମଧ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ପରିଚାଳନା ଟ୍ରଷ୍ଟି ଡ. ରୁଦ୍ର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ଅନୁଷ୍ଠାନର ସମ୍ପାଦକ ସୁବ୍ରତ ମହାନ୍ତି, ସଙ୍ଗୀତ ଶିକ୍ଷକ ଅମିତାଭ ସାହୁ, ଚିତ୍ରଶିଳ୍ପୀ ସତ୍ୟ ଶେଖର ପରିଡ଼ା, ଆଡ଼ଭୋକେଟ ଟୁନା ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ସୁନନ୍ଦା ପରିଡ଼ା, ଗୀତିକାର ଜ୍ଞାନ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଦ୍ୟାଶା ଦାସଙ୍କୁ ଚଉଷଠି ଯୋଗିନୀ ସଙ୍ଗୀତ ସମ୍ମାନ




ବାଲିଅନ୍ତା/ଭୁବନେଶ୍ୱର, ୨୪।୧୨(ସମିସ): ଓଡ଼ିଶାର ଶାସ୍ତ୍ରୀୟ କଳା ଓ ଲୋକ ପରମ୍ପରାର ସମୃଦ୍ଧ ଐତିହ୍ୟକୁ ବିଶ୍ୱସ୍ତରରେ ପ୍ରଦର୍ଶିତ ଓ ପ୍ରୋତ୍ସାହିତ କରିବା ଉଦେଶ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହାୟତାରେ ଊନବିଂଶ ତମ ଚଉଷଠି ଯୋଗିନୀ ମହୋତ୍ସବ ଉଦ୍ଘାଟିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିବାକୁ ଥିବା ଏହି କର୍ଯ୍ୟକ୍ରମରେ ଉଦ୍‌ଘାଟନୀ ସଂଧ୍ୟାରେ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ଚଉଷଠି ଯୋଗିନୀ ମହୋତ୍ସବର ଅଧ୍ୟକ୍ଷ ଡଃ ଅରବିନ୍ଦ ଢାଲି, ସଭାପତି ନୃତ୍ୟ ପ୍ରତିଭା ଡଃ ରଜନୀ ରଞ୍ଜନ ଦାଶ, କାମାକ୍ଷ୍ୟା ପୀଠର ଗୁରୁଜୀ ଶିବଶଙ୍କର, କାମାକ୍ଷ୍ୟା ଦେବୀଙ୍କ ସାଧିକା ମିନାକ୍ଷୀ ଜି, ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଭାପତି ମନ୍ମଥ ଶତପଥୀ, ଉପସଭାପତି ବଙ୍କିମ୍ ନାୟକ, ଉମାଦେଇ ବ୍ରହ୍ମପୁର ସରପଞ୍ଚ ରମାଲତା ନାୟକ, ନୃତ୍ୟପ୍ରତିଭାର ସଂପାଦକ ଗୁରୁ ପ୍ରତିଭା ପଣ୍ଡା ଯୋଗଦାନ କରିଥିଲେ। ଉଦ୍ଘାଟନୀ ସଂଧ୍ୟାରେ ଆଦ୍ୟାଶା ଦାସଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିବା ବେଳେ ସତ୍ୟବାନ ସେଠୀଙ୍କ ମଲ୍ଲାହାର ବ୍ୟାଣ୍ଡ ଦର୍ଶକଙ୍କୁ ବିମୋହିତ କରିଥିଲା। ସତ୍ୟବାନ ସାହୁଙ୍କ ଦଳ ଦ୍ୱାରା ପଲ୍ଲୀନୃତ୍ୟ, ତାରିତ୍ ସରକାର ଓ ଗ୍ରୁପ୍‌ଙ୍କ ଦ୍ୱାରା କଥକ, ନୃତ୍ୟ ପ୍ରତିଭା ଦ୍ୱାରା ପଞ୍ଚମୁଖୀ ଚଉଷଠୀ ଯୋଗିନୀ ଦଳଗତ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଦ୍ୟାଶା ଦାସଙ୍କୁ ଚଉଷଠି ଯୋଗିନୀ ସଙ୍ଗୀତ ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ଶ୍ରୀନିବାସ ଘଟୁଆରୀଙ୍କୁ ଚଉଷଠି ଯୋଗିନୀ ଯୁବ ନୃତ୍ୟ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟିକୁ ଶ୍ରୀନିବାଶ ଘଟୁଆରୀ ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ ପୁଲିସ ପଦାଧିକାରୀଙ୍କ ବୈଠକ



ଭୁବନେଶ୍ୱର, ୨୪।୧୨(ସମିସ): ଓଡ଼ିଶା ଅବସରପ୍ରାପ୍ତ ପୁଲିସ ପଦାଧିକାରୀ କଲ୍ୟାଣ ସମିତି ମହିଳା ଶାଖାର ପଞ୍ଚମ ବୈଠକ ଖୋର୍ଦ୍ଧା କରଡଗାଡ଼ିଆସ୍ଥିତ ଏସ୍.ଜେ ଆଗ୍ରୋ ଫାର୍ମ ଆଣ୍ଡ ରିଟ୍ରିଟରେ ଆୟୋଜିତ ହୋଇଯାଇଛି। ସମିତିର ବରିଷ୍ଠ ସଭ୍ୟା ମନୋରମା ପଣ୍ଡା ଓ ଜୟଶ୍ରୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱର୍ଣ୍ଣଲତା ପ୍ରଧାନ ଓ କବିତା ମହାନ୍ତି ଏବଂ ଅନ୍ୟମାନେ ଭଜନ ପରିବେଷଣ କରିଥିଲେ। ବରିଷ୍ଠ ସଭ୍ୟା ଉର୍ବାସିନୀ ତ୍ରିପାଠୀ, ମାନସମାଳା ସାମଲ, କନକ ବିହାରୀ ଉତ୍ତରକବାଟ, ରାଶେଶ୍ୱରୀ ପଟ୍ଟନାୟକ, ଅଳକା ଦାଶ ଆଦି ପ୍ରତିଯୋଗୀ ଗ୍ରୁପ୍ ଡ୍ୟାନ୍ସରେ ଯୋଗଦାନ କରି ସମସ୍ତଙ୍କ ମନୋରଞ୍ଜନ କରିଥିଲେ।

## ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ୬୧ତମ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର, ୨୪।୧୨(ସମିସ): ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଏକ ନୂତନ ଶାଖା କଟକ ଜିଲ୍ଲାର ଟାଙ୍ଗୀଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ନୂତନ ଶାଖା ସହିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର କଟକ ଜିଲ୍ଲାରେ ମୋଟ୍ ଶାଖା ସଂଖ୍ୟା ୭ରେ ପହଞ୍ଚିଛି। ଏହି ନୂତନ ଶାଖା ଟାଙ୍ଗୀ-ଚୌଦ୍ୱାର ବିଡିଓ ଏନ୍.ଏନ୍ ରାଜଲକ୍ଷ୍ମୀ ଓଝାଙ୍କ ଦ୍ୱାରା ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ଦିଲ୍ଲୀପ କୁମାର ରାଉଳ ଏବଂ ଟାଙ୍ଗୀ ଶାଖା ପ୍ରବନ୍ଧକ ରାକେଶ କୁମାର ନାୟକଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଥିଲା। ଓଡ଼ିଶାରେ ସାମ୍ପ୍ରତିକ ଶାଖା ସମ୍ପ୍ରସାରଣ ବିଷୟରେ ମତ ପ୍ରକାଶ କରି ଅଞ୍ଚଳ ପ୍ରବନ୍ଧକ ଦିଲ୍ଲୀପ ରାଉଳ କହିଛନ୍ତି ଏହି ଶାଖା ଦ୍ରୁତ ବିସ୍ତାରିତ ନେଟ୍‌ୱର୍କ ଓ ଅନ୍ୟାନ୍ୟ ଚ୍ୟାନେଲ ମାଧ୍ୟମରେ ଗ୍ରାହକମାନଙ୍କୁ ଉତ୍ତମ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରିବା ପାଇଁ ବ୍ୟାଙ୍କର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ କରିବ।

# ପୋଷା କୁକୁର, ବିଲେଇଙ୍କ ଦାୟିତ୍ୱ ନେବ ଏଆଇ

- ଚାଷକାର୍ଯ୍ୟକୁ ସହଜ କରିବ ରୋବର୍ଟ
- 'ଏସ୍‌ଏମଏସ୍ ବେସଡ୍ ପେଟ୍ ଫାଇଣ୍ଡିଙ୍ଗ ସିଷ୍ଟମ' ଓ 'ଫାର୍ମବୋଟ୍' ନିର୍ମାଣ କଲେ ୨ ଛାତ୍ରୀ

ଭୁବନେଶ୍ୱର, ୨୪।୧୨(ସମିସ): ବର୍ତ୍ତମାନ ଘରେ କୁକୁର, ବିଲେଇ ଓ ବିଭିନ୍ନ ପକ୍ଷୀଙ୍କୁ ପୋଷ୍ୟ ଭାବେ ରଖାଯାଉଥିବା ଏକ ଟ୍ରେଣ୍ଡ ପାଲଟିଛି। ପ୍ରତ୍ୟେକଙ୍କ ଘରେ ଦାମୀ କୁକୁର ଓ ବିଭିନ୍ନ ପ୍ରଜାତିର ସୌଖୀନ ପକ୍ଷୀ ରହୁଥିବା ବେଳେ, ସେମାନଙ୍କୁ ଏକା ଛାଡ଼ି ଘରର ସମସ୍ତ ସଦସ୍ୟ କେଉଁଆଡ଼େ ଏକାଠି ବୁଲିବାକୁ କିମ୍ବା କୌଣସି କାମରେ ବାହାରକୁ ଯିବା ସମ୍ଭବ ହୋଇନଥାଏ। ହେଲେ ଏଥିପାଇଁ ଏଣିକି ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ। କାରଣ ଏସବୁ ଦାୟିତ୍ୱ ତୁଲାଇବ ଏଆଇ। ଏଥିପାଇଁ ଏକ ଡିଭାଇସ୍ ପ୍ରସ୍ତୁତ କରିଛନ୍ତି କଳାହାଣ୍ଡି ଜିଲ୍ଲା କୁରୁଗୁଡ଼ା ସରକାରୀ ଉଚ୍ଚବିଦ୍ୟାଳୟର ଦୁଇଜଣ ଛାତ୍ରୀ ଜ୍ୟୋତିଶ୍ରୀ ଯାନୀ ଓ ଜୟଶ୍ରୀ ବାଗ୍। ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର ମେହେରଙ୍କ ତତ୍ତ୍ୱାବଧାନରେ ଏହି ଦୁଇଜଣ ଛାତ୍ରୀ ତିଆରି କରିଛନ୍ତି 'ଏସ୍‌ଏମଏସ୍ ବେସଡ୍ ପେଟ୍ ଫାଇଣ୍ଡିଙ୍ଗ ସିଷ୍ଟମ'। ଚଳିତ ବର୍ଷ ୟୁନିଟ୍-୧ ଆଦିବାସୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା ସର୍‌ଗୀ ଫୁଲ ମହୋତ୍ସବରେ ଦେଖିବାକୁ ମିଳିଥିଲା ଏହି ନିଆରା ଡିଭାଇସ୍।

ମୋବାଇଲ ବ୍ଲୁଟୁଥ୍ ଦ୍ୱାରା ଏହି ଡିଭାଇସ୍‌କୁ ସଂଯୋଗ କରାଯାଇଥାଏ। ପଶୁ କିମ୍ବା ପକ୍ଷୀଙ୍କ ନିର୍ଦ୍ଧାରିତ ଖାଇବା ସମୟରେ ମୋବାଇଲରୁ ଏକ ମେସଜ୍ ପଠାଇବା ମାତ୍ରେ ଏହି ଡିଭାଇସ୍ ଅନ୍ ହେବା ସହ କାମ ଆରମ୍ଭ କରିଦିଏ। ପୂର୍ବରୁ ଷ୍ଟୋରେଜ୍ କରାଯାଇଥିବା ଖାଦ୍ୟ ସେମାନଙ୍କ ନିକଟରେ ପହଞ୍ଚିଥାଏ। ଏବଂ ସେମାନେ ପେଟପୂରା ଯେତିକି ଖାଇବା ପରେ ଏହି ଡିଭାଇସ୍ ଆପେ ଆପେ ବନ୍ଦ ହୋଇଯାଏ। ସେହିପରି ପାଣି ପିଇବା କ୍ଷେତ୍ରରେ ମଧ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ଏଥିପାଇଁ ପୂର୍ବରୁ ସମୟ ବା ଟାଇମ୍ ସେଟିଂ କରାଯାଇଥାଏ। ଯେତେ ଦୂରରେ ଥାଇ ଏହାକୁ ପରିଚାଳନା କରାଯାଇପାରିବ ବୋଲି ଛାତ୍ରୀ ଜ୍ୟୋତିଶ୍ରୀ ଯାନୀ କହିଛନ୍ତି। ସେହିପରି ଚାଷକାର୍ଯ୍ୟରେ କିଭଳି ଇଲୋକ୍ଟ୍ରୋନିକ୍ସ ଡିଭାଇସ୍ ବ୍ୟବହାର କରାଯାଇ କମ୍ ସମୟରେ ଅଧିକ କାର୍ଯ୍ୟ କରାଯାଉଛି ସେଥିପାଇଁ ଏମାନେ ତିଆରି କରିଛନ୍ତି 'ଫାର୍ମବୋଟ୍'। ଏହି ଡିଭାଇସ୍ ହେଉଛି ଏକ ପ୍ରକାର କମ୍ପ୍ୟୁଟର ସଦୃଶ। ଏଥିରେ ରହିଥିବା ରୋବର୍ଟ ଆଗ, ପଛ, ବାମ ଓ ଡାହାଣକୁ ବୁଲି ବୁଲି ହଳ କରିବା ସହ କ୍ଷେତରେ ଔଷଧ ସିଞ୍ଚନ କରାଯିବାର ବ୍ୟବସ୍ଥା ବି ରହିଛି। ତେବେ ଏହା ଏକ ପରୀକ୍ଷାମୂଳକ ମଡେଲ ହୋଇଥିବା ବେଳେ ଭବିଷ୍ୟରେ ଆଧୁନିକ ଚାଷ ପ୍ରଣାଳୀ ପାଇଁ ଭିତ୍ତିଭୂମି ସୃଷ୍ଟି କରିବ ବୋଲି ଜୟଶ୍ରୀ ବାଗ କହିଛନ୍ତି। ଆଗାମୀ ଦିନରେ କିଭଳି ଇଲେକ୍ଟ୍ରୋନିକ୍ସ ଓ ପ୍ରୋଗ୍ରାମିଂକୁ କୃଷି କ୍ଷେତ୍ରରେ ବ୍ୟବହାର କରାଯାଇପାରିବ ତାହାକୁ ଦୃଷ୍ଟିରେ ରଖି ଏହି ଡିଭାଇସକୁ ନିର୍ମାଣ କରାଯାଇଛି। ବର୍ତ୍ତମାନର ଯୁବପିଢ଼ୀଙ୍କୁ ଜ୍ଞାନକୌଶଳ ମାଧ୍ୟମରେ ଚାଷ କାମ ପ୍ରତି ଆକକର୍ଷିତ କରିବା ମଧ ଏହାର ମୂଳ ଉଦ୍ଦେଶ୍ୟ। ଏହି ମଡେଲ ଛୋଟ କ୍ଷେତ୍ର ପାଇଁ ଉପଯୋଗୀ ହୋଇଥିବା ବେଳେ କମ୍ ଖର୍ଚ୍ଚରେ ଏକ ସ୍ୱୟଂଚାଳିତ କିମ୍ବା ଅର୍ଦ୍ଧ ସ୍ୱୟଂଚାଳିତ ଚାଷ ଉପକରଣରେ ଚାଷ କାର୍ଯ୍ୟ ସହଜ ହୋଇପାରିବ ବୋଲି ଶିକ୍ଷକ ଶ୍ରୀଯୁକ୍ତ ମେହେର କହିଛନ୍ତି। ତେବେ ଏହି ମଡେଲ ଗୁଡ଼ିକରେ ଆର୍ଡିୟୁନୋ (ମୁଖ୍ୟ ମାଇକ୍ରୋ କେଣ୍ଟ୍ରୋଲର), ସେନସର, ନୋଡଏମସିୟୁ ୱାଫାଇ ମଡ୍ୟୁଲ, ଆଡାଫ୍ରିୟୁଟ ଆଇଓ କ୍ଲାଉଡ୍, ଥର୍ମିଷ୍ଟର, ସଏଲ ମଏଶ୍ଚରାଇଜର ସେନସର, ଏଲଡିଆର(ଲାଇଟ୍ ଡିପେଣ୍ଡେଣ୍ଟ ରେଜିଷ୍ଟର), ଏଲସିଡି ଡିସପ୍ଲେ, ଡିସି ଫ୍ୟାନ୍, ୱାଟର ପମ୍ପ ଆଦି ବ୍ୟବହାର କରାଯାଇଛି।






## ନୂଆଗାଁ ପାନୀୟଜଳ ପ୍ରକଳ୍ପ ଅଚଳ

# ପିଇବା ପାଣି ପାଇଁ ଲୋକେ ହନ୍ତସନ୍ତ

ନିଶ୍ଚିନ୍ତକୋଇଲି,୨୪।୧୨(ସମିସ): ବିଭାଗୀୟ ଅବହେଳା ଓ ଠିକାଦାରଙ୍କ ମନମାନୀରେ ପ୍ରକଳ୍ପ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ସରକାରଙ୍କ ଯୋଜନା ସଫଳ ରୂପାୟନ ହୋଇପାରୁ ନ ଥିବା ଜଣାଯାଇଛି। ଏଭଳି ସ୍ପଷ୍ଟ ଦୃଷ୍ଟାନ୍ତ ଦେଖାଯାଇଛି ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କଟିକଟା ପଞ୍ଚାୟତ ନୂଆଗାଁ ଗ୍ରାମଜଳ ପ୍ରକଳ୍ପ କାର୍ଯ୍ୟରେ। ଏହି ଜଳ ପ୍ରକଳ୍ପ କାର୍ଯ୍ୟ ୨୦୧୧ ମସିହାରୁ କରାଯାଇଥିଲେ ମଧ୍ୟ ୧୬ ବର୍ଷ ମଧ୍ୟରେ ଲୋକମାନେ ସଠିକ୍ ଭାବେ ଗୋଟିଏ ବର୍ଷ ପାନୀୟ ଜଳ ପାଇପାରି ନ ଥିବା ଅଭିଯୋଗ କରିଛନ୍ତି। ଏହି ଜଳ ପ୍ରକଳ୍ପଟି ଉଦ୍‌ଘାଟିତ ହେବା ପରେ ୨/୩ ଦିନ ପାଣି ଚାଲିବା ପରେ ବନ୍ଦ୍ ହୋଇ ରହିଥିଲା। ପରବର୍ତ୍ତୀ ସମୟରେ ଏହାକୁ ବାରମ୍ବାର ମରାମତି କରାଯାଇଥିଲେ ମଧ୍ୟ ଏହି ପ୍ରକଳ୍ପ ଅଧୀନରେ ଥିବା ସମସ୍ତ ଅଞ୍ଚଳକୁ ସଠିକ୍ ଭାବେ ଜଳଯୋଗାଣ ହୋଇ ପାରି ନ ଥିଲା। ପ୍ରକଳ୍ପ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଏହାର ଷ୍ଟାଣ୍ଡପୋଷ୍ଟ ଗୁଡିକ ଭାଙ୍ଗିରୁଜି ଯାଇଥିବା ବେଳେ ପାଇପଗୁଡିକ ମଧ୍ୟ ଫାଟିବା ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏହାକୁ ଦୁଇ ଦୁଇ ଥର ମରାମତି କରାଯାଇଥିଲେ ମଧ୍ୟ ଏହି ପ୍ରକଳ୍ପରୁ ପାନୀୟ ଜଳ ଯୋଗାଣ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ପାନୀୟ ଜଳ ଯୋଗାଣ ସୁବିଧା ପାଇଁ ଏହି ପ୍ରକଳ୍ପ ନିକଟରେ ନୂତନ ଭାବେ ଆଉ ଗୋଟିଏ ଓଭର ହେଡ୍ ଟାଙ୍କି ଦୁଇ ବର୍ଷ ହେବ ନିର୍ମାଣ କରାଯାଇଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଦୀର୍ଘ ବର୍ଷ ହେବ ପମ୍ପ ହାଉସଟି କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଏଥିରେ ଅନାବନା ଗଛ ଉଠିବା ଓ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ଭୂତ କୋଠିରେ ପରିଣତ ହେଲାଣି। କଟିକଟା ପଞ୍ଚାୟତର ନୂଆଗାଁ ଗ୍ରାମ କଟକ-ଚାନ୍ଦବାଲି ରାସ୍ତାର ୫୦୦ ମିଟର ଦୂରରେ ହୋଇଥିବା ବେଳେ ଏହା କଟକ ଓ କେନ୍ଦ୍ରାପଡା ଜିଲ୍ଲାର ସୀମାସ୍ଥଳରେ ଅବସ୍ଥିତ ଥିବାରୁ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଏହି ପ୍ରକଳ୍ପ ଉପରେ କଟିକଟା, ପଶ୍ଚିମଖଣ୍ଡ ଭୋଳ, ନୂଆଗାଁ ଆଦି ଗ୍ରାମର ୬ଟି ୱାର୍ଡର ଏକ ହଜାରରୁ ଊର୍ଦ୍ଧ୍ୱ ପରିବାର ପାନୀୟ ଜଳ ପାଇଁ ନିର୍ଭର କରୁଥିଲା ବେଳେ ଏବେ ପ୍ରକଳ୍ପ ବନ୍ଦ୍ ହୋଇଥିବାରୁ ସେମାନେ ପାଣି ପାଇଁ ହନ୍ତସନ୍ତ ହେଉଥିବା ଜଣାଯାଇଛି। ବର୍ତ୍ତମାନ ଶୀତଋତୁ ହୋଇଥିବାରୁ ଲୋକମାନେ ଜଳ ନ ପାଇଁ କଷ୍ଟରେ ଚଳିଯାଉଥିବା ବେଳେ ଗ୍ରୀଷ୍ମଋତୁ ଆସିଲେ ଏ ଅଞ୍ଚଳର ଲୋକମାନେ ଜଳକଷ୍ଟ ଭୋଗ କରିବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ତୁରନ୍ତ ଗ୍ରୀଷ୍ମ ଋତୁ ପୂର୍ବରୁ ଏହି ଜଳ ପ୍ରକଳ୍ପକୁ ମରାମତି କରି ସଚଳ କରାଇ ଲୋକଙ୍କୁ ଜଳଯୋଗାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



## ଆଠଗଡ଼ ମହୋତ୍ସବ ଉଦ୍‌ଯାପିତ

# ପାରମ୍ପରିକ ଲୋକନୃତ୍ୟରେ ଦୁଲୁକିଲା ମଞ୍ଚ



ଆଠଗଡ଼,୨୪।୧୨(ସମିସ): ଆଠଗଡ ମହୋତ୍ସବ ୨୦୨୫ ବୁଧବାର ଥିଲା ଉଦଯାପନ ଦିବସ। ଅପରାହ୍ନଠାରୁ ସ୍ଥାନୀୟ ଅଞ୍ଚଳର କଳାକାରଙ୍କ ଦ୍ୱାରା ପାରମ୍ପରିକ ତଥା ଲୋକକଳା ଲୋକନୃତ୍ୟ ଆଦି ପରିବେଶିତ ହୋଇଥିଲା। ପରେ ବିଭିନ୍ନ କଳା ଅନୁଷ୍ଠାନ ତଥା ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମମାନ ପରିବେଶିତ ହୋଇଥିଲା। ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଷ୍ଟଲ ଲାଗିଥିବା ବେଳେ ହଜାର ହଜାର ଦର୍ଶକ ମହୋତ୍ସବ ବହୁସଂଖ୍ୟକ ଦର୍ଶକଙ୍କ ସମାଗମ ଫଳରେ ମହୋତ୍ସବ ପଡିଆ ଲୋକାରଣ୍ୟ ହୋଇପଡିଛି। କଟକ ସାଂସଦ ଭର୍ତ୍ତୃହରି ମହତାବ ମୁଖ୍ୟଅତିଥି, ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମହୋତ୍ସବ କମିଟି ଆବାହକ ଫଣୀଭୂଷଣ ରଥଙ୍କ ସଭାପତିତ୍ୱରେ ମୁଖ୍ୟ ଉପଦେଷ୍ଟା ଅଭୟ ବାରିକ, ପ୍ରମୋଦ ଜେନା, ହରପ୍ରସାଦ ସେଠୀ, ଦୁର୍ଗାପ୍ରସାଦ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ଆଇନଜୀବୀ ଜ୍ଞାନରଞ୍ଜନ ମହାପାତ୍ର ସମସ୍ତ କାର୍ଯ୍ୟ ସଂଯୋଜନା କରିଥିଲେ।

## ଦାଦାବଟି ପାଇଁ ଗୁପ୍‌ଚୁପ୍ ଦୋକାନୀଙ୍କୁ ମାଡ଼

ତିଗିରିଆ,୨୪।୧୨(ସମିସ): ତିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣାସ୍ଥିତ ଦୁର୍ଗାବଜାରଠାରେ ଗୁପଚୁପ ବ୍ୟବସାୟୀଙ୍କୁ ଦାଦା ବଟି ମାଗି ନ ଦେବାରୁ ଗୁପଚୁପ ଦୋକାନୀକୁ ମାଡ ମାରିଥିବା ଅଭିଯୋଗ ହୋଇଛି। ବିହାରର ଗୋବିନ୍ଦ ସାହାଣୀ ନାମକ ଭିନ୍ନକ୍ଷମ ଯୁବକ ନୂଆପାଟଣା ଦୁର୍ଗାବଜାରଠାରେ ଗୁପଚୁପ ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ବୁଧବାର ସନ୍ଧ୍ୟା ୯ଟା ସମୟରେ ବ୍ୟବସାୟ କରୁଥିବା ସମୟରେ ନୂଆପାଟଣାର ମଣ୍ଟୁ ପୃଷ୍ଟି ଓ ଉତ୍କଳ ମହାରଣା ନାମକ ନାମକ ଯୁବକ ଗୁପଚୁପ ଖାଇବାକୁ ଆସିଥିଲେ। ଗୁପଚୁପ ଖାଇସାରିବା ପରେ ଟଙ୍କା ନ ଦେଇ ଏଠାରେ ଗୁପଚୁପ ବ୍ୟବସାୟ କରୁଛୁ ମାନେ ମାସକୁ ୫ ହଜାର ଟଙ୍କା ଦେବୁ ବୋଲି କହିଥିଲେ। ଗୋବିନ୍ଦ ମନା କରିବାରୁ ଯୁବକଦ୍ୱୟ ଗୋବିନ୍ଦଙ୍କୁ ନିସ୍ତୁକ ମାଡ ମାରିବା ସହିତ ତାର ଠେଲା ଗାଡିରେ ଥିବା ଖାଦ୍ୟ ପଦାର୍ଥକୁ ଫୋପଡ଼ା ଫିଙ୍ଗା କରିଥିଲେ। ମାଡ ମାରୁଥିବା ସମୟରେ ବଜାରର ଅନ୍ୟ ବ୍ୟବସାୟୀମାନେ ଘଟଣାସ୍ଥଳରେ ପହଞ୍ଚି ଯୁବକଦ୍ୱୟଙ୍କୁ କାବୁ କରିଥିଲେ। ଏ ନେଇ ଗୋବିନ୍ଦ ତିଗିରିଆ ଥାନାରେ ଅଭିଯୋଗ କରିଛନ୍ତି।

## ଶିବଶଙ୍କରଙ୍କ ସ୍ମାରକୀ କ୍ରିକେଟ: ଉଦ୍‌ଘାଟନୀ ମ୍ୟାଚରେ ମାଣିଆବନ୍ଧ ବିଜୟୀ



ଆଠଗଡ଼,୨୪।୧୨(ସମିସ): ଆଠଗଡ ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆଠଗଡ ଷ୍ଟାଡିୟମ ଠାରେ ୨ୟ ଶିବଶଙ୍କରଙ୍କ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଯୁବନେତା ଆଦିତ୍ୟ ପ୍ରତାପ ସ୍ୱାଇଁ ମୁଖ୍ୟଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଉପାଧ୍ୟକ୍ଷ ବି ଶୁଭ୍ର ଶଙ୍କର ଜ୍ୟୋତି, ଯୁବନେତା ପ୍ରଦୀପ୍ତ ଦାସ, ସାମ୍ବାଦିକ ସତ୍ୟପ୍ରସାଦ ରଥ, ଯୁବନେତା ପ୍ରକାଶ ରାଉତ, ମନୋରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭିକ ମ୍ୟାଚରେ ତିଗିରିଆ ପାଞ୍ଚଗାଁ କ୍ରିକେଟ୍ କ୍ଲବକୁ ପରାସ୍ତ କରି ବଡ଼ମ୍ବା ବ୍ଲକ ମାଣିଆବନ୍ଧ କ୍ରିକେଟ କ୍ଲବ ବିଜୟୀ ହୋଇଛି। ଟସରେ ଜିତି ପାଞ୍ଚଗାଁ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୧୯୨ ରନ୍ କରିଥିଲା। ମାଣିଆ ବନ୍ଧ ପକ୍ଷରୁ ଚିନ୍ମୟ ଜେନା ୨ଟି ୱିକେଟ ଅକ୍ତିଆର କରିଥିଲେ। ପରେ ବ୍ୟାଟିଂ କରି ଅଧିନାୟକ ରିକି ବିଜୟଙ୍କ ୯୨ ରନ ଓ ଚିନ୍ମୟ ଜେନାଙ୍କ ୧୨ଟି ବଲରୁ ୩୨ ସହାୟତାରେ ବିଜୟୀ ହୋଇଥିଲେ। ଆଜିର ମ୍ୟାଚରେ ମାଣିଆବନ୍ଧର ଚିନ୍ମୟ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ମ୍ୟାଚକୁ ଅମ୍ପାୟର ଭାବେ ସୌମ୍ୟରଞ୍ଜନ ଲେଙ୍କା ଓ ପ୍ରତ୍ୟୁଷ ମହାପାତ୍ର ପରିଚାଳନା କରିଥିଲେ।

## 'ବିଶ୍ୱନାଥ ପଶାୟତ ସାରସ୍ୱତ ସମ୍ମାନ' ପାଇବେ ସଂଗ୍ରାମ ଜେନା



କଟକ,୨୪।୧୨(ସମିସ): ବିଶିଷ୍ଟ ସାହିତ୍ୟିକ ଡ. ସଂଗ୍ରାମ ଜେନା ଚଳିତ ବର୍ଷର ମର୍ଯ୍ୟାଦାଜନକ 'ବିଶ୍ୱନାଥ ପଶାୟତ ସାରସ୍ୱତ ସମ୍ମାନ' ପାଇବାକୁ ମନୋନୀତ ହୋଇଛନ୍ତି। ଆଗାମୀ ୩୦ ତାରିଖ ମଙ୍ଗଳବାର ସନ୍ଧ୍ୟା ୬ଟାରେ କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ସାରସ୍ୱତ ପୀଠ ସାରଳା ଭବନଠାରେ ସାରଳା ସଂସଦ ପକ୍ଷରୁ ଡ. ଜେନାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ଏହି ପୁରସ୍କାର ସ୍ୱରୂପ ୫୦ ହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉତ୍ତରୀୟ ଦିଆଯିବ ବୋଲି ସଂସଦର ପ୍ରତିଷ୍ଠାତା ଓ ସଭାପତି ଡକ୍ଟର (ଇଂ.) ପ୍ରଭାକର ସ୍ୱାଇଁ ଓ ସଂପାଦକ ପ୍ରଫେସର ଡାକ୍ତର ନିରଞ୍ଜନ ତ୍ରିପାଠୀ ମିଳିତ ବିବୃତିରେ ଜଣାଇଛନ୍ତି। ଡକ୍ଟର ଜେନା ଏକାଧାରରେ ଜଣେ କବି, ଅନୁବାଦକ, ସଂପାଦକ ଓ ସାହିତ୍ୟ ସମୀକ୍ଷକ। ତାଙ୍କ କୃତି ମଧ୍ୟରେ ବସାଘର, ଦେହ ଦୋହା, ଛାଇ ପଛେ ପଛେ, ଅନ୍ୟଦିନ, ଚିତ୍ରାକ୍ଷର ଓ ପଥପ୍ରାନ୍ତ ପ୍ରଭୃତି ଉଲ୍ଲେଖନୀୟ। ସେ ଓଡ଼ିଶା ସରକାରଙ୍କ ଅତିରିକ୍ତ ଆଇଜି ପଦରୁ ଅବସର ଗ୍ରହଣ କରି ସଂପ୍ରତି ସେ ଭୁବନେଶ୍ୱରରେ ଅବସ୍ଥାନ କରୁଛନ୍ତି।

## ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍

ଚୌଦ୍ୱାର,୨୪।୧୨(ସମିସ): ବୁଧବାର ସକାଳେ ଏକ କଳା ପଲସରରେ ଆସି ଦୁର୍ବୃତ୍ତମାନେ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟିନେଇ ଫେରାର ହୋଇଯାଇଥିବା ଚୌଦ୍ୱାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ କପାଳେଶ୍ୱରରେ ରହୁଥିବା ସରସ୍ୱତୀ ସାହୁ ସକାଳେ ଘର ବାହାରେ ଲୁଗା ଶୁଖାଉଥିବାବେଳେ ୨ଜଣ ଦୁର୍ବୃତ୍ତ ଆସି ହଠାତ୍ ତାଙ୍କ ବେକରୁ ସୁନାଚେନ୍ ଟାଣିନେଇ ଚମ୍ପଟ ମାରିଥିଲେ। ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ହେଲମେଟ ପିନ୍ଧିଥିବାବେଳେ ଅନ୍ୟ ଜଣକ ମଙ୍କି କ୍ୟାପ୍ ଲଗାଇଥିବାରୁ ସେମାନଙ୍କୁ ଚିହ୍ନିବା ସମ୍ଭବ ହୋଇପାରି ନ ଥିବା ସେ ପ୍ରକାଶ କରିଛନ୍ତି। ଅଭିଯୋଗ ପାଇ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ମଣ୍ଡାପଡ଼ା ଚର୍ଚ୍ଚରେ ଖ୍ରୀଷ୍ଟମାସ କ୍ୟାରୋଲ୍

ଚୌଦ୍ୱାର,୨୪।୧୨(ସମିସ): ଚୌଦ୍ୱାର ପୌରପାଳିକା ୧୪ନଂ ୱାର୍ଡ ମଣ୍ଡାପଡ଼ା ବାପଟିଷ୍ଟ ଚର୍ଚ୍ଚରେ ବଡ଼ଦିନ ପାଇଁ ପ୍ରସ୍ତୁତି ଓ ଖ୍ରୀଷ୍ଟମାସ କ୍ୟାରୋଲ ପାଳିତ ହୋଇଯାଇଛି। ପାଷ୍ଟର ଆଚାର୍ଯ୍ୟ ଅକ୍ଲାନ୍ତ ସିଂଙ୍କ ପ୍ରାର୍ଥନା ଓ ବାଇବେଲ ପାଠ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। କଟକ ଓଡିଆ ବାପଟିଷ୍ଟ ଚର୍ଚ୍ଚର ସଂପାଦକ ପ୍ରେମଜିତ୍ ସାବତ, ରାଜ୍ୟ ସମିତି ସମ୍ମିଳନୀର ସହସଂପାଦକ ସୁଶାନ୍ତ କର କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ମଣ୍ଡାପଡ଼ା ସିଇ ୟୁନିୟନର ସଭ୍ୟସଭ୍ୟାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାନ୍ତାକ୍ଲଜ ବେଶରେ ଉପସ୍ଥିତ ପିଲାମାନଙ୍କୁ ବଡଦିନର ଉପହାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସମିତି ତରଫରୁ ଫାୟାର କ୍ୟାମ୍ପର ଆୟୋଜନ କରାଯାଇଥିଲା। ସଭାପତି ସୁମିତ୍ ନାୟକ, ସଂପାଦକ ସୁରଜ ବେହେରା, ସିଦ୍ଧାର୍ଥ ବେହେରା, ଆଦେଶ ଗୁରୁ, କିଶନ ଦାସ, ଅନୁରାଗ ରାଉତ, ରାକେଶ ଦାସ, ଅମିତ୍ ନାୟକ, ଆକାଂକ୍ଷା ଦାସ, ମନୋରଞ୍ଜନ ଲେଙ୍କା, ନିମିଷା ପ୍ରଧାନ, କଳ୍ପନା ଲେଙ୍କା, ସୌଭାଗ୍ୟବତୀ ନାୟକ, ଅଙ୍କିତା ପ୍ରଧାନ, ରିମଝିମ୍ ସାହୁ, ସୁଶ୍ରୀୟା ଦାସ, ନେଲସନ ବେହେରା, ଶୁଭ୍ରଜିତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ବାଗ୍ମୀ ବିଶ୍ୱନାଥ କରଙ୍କ ଜୟନ୍ତୀ






ମାହାଙ୍ଗା,୨୪।୧୨(ସମିସ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୁଲୁବସନ୍ତ ପଞ୍ଚାୟତସ୍ଥିତ ବାଗ୍ମୀ ବିଶ୍ୱନାଥ ବିଦ୍ୟା ନିକେତନରେ ମାହାଙ୍ଗା ବିକାଶ ପରିଷଦ ଆନୁକୂଲ୍ୟରେ ବାଗ୍ମୀ ବିଶ୍ୱନାଥ କରଙ୍କ ୧୬୨ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବିକାଶ ପରିଷଦର ଅଧ୍ୟକ୍ଷ ତଥା ବିଧାୟକ ସାରଦା ପ୍ରସାଦ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲା ବେଳେ ଉଦଘାଟକ ଭାବେ ଏକାମ୍ର ବିଧାୟକ ବାବୁ ସିଂ ଉକ୍ତ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡିଆ ଭାଷା ସାହିତ୍ୟ ବିଭାଗର ସହକାରୀ ପ୍ରଫେସର ଡ. ରମେଶ ଚନ୍ଦ୍ର ମଲ୍ଲିକ, ସମ୍ମାନିତ ବକ୍ତା ଭାବେ ଉତ୍କଳ ସାହିତ୍ୟ ସମାଜ ସମ୍ପାଦକ ରାଜୀବ ଷଡ଼ଙ୍ଗୀ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ବିଶ୍ୱଜିତ୍ ସେଠୀ ମଞ୍ଚ ପରିଚାଳନା କରିଥିଲା ବେଳେ ମନୋରଞ୍ଜନ ବେହୁରା ଧନ୍ୟବାଦ ଦେଇଥିଲେ। ବାଗ୍ମୀ ବିଶ୍ୱନାଥଙ୍କ ଓଡ଼ିଆ ସାହିତ୍ୟକୁ ଇଂରାଜୀରେ ଅନୁବାଦ କରାଯିବା ସହ ଅଚିହ୍ନା ଝିଅ ପାଇଁ ଛତାଟିଏ ପୁସ୍ତକ ଅତିଥିମାନେ ଉନ୍ମୋଚନ କରିଥିଲେ।

**ମାହାଙ୍ଗା:** କୋଠପଦା ହାଇସ୍କୁଲ ପୁରାତନ ଛାତ୍ରସଂଘ ଏବଂ ମାହାଙ୍ଗା ସାରସ୍ୱତ ସେବାମଞ୍ଚର ମିଳିତ ଆନୁକୂଲ୍ୟରେ ବାଗ୍ମୀ ବିଶ୍ୱନାଥ କରଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଛାତ୍ରସଂଘ ସଭାପତି ସାହିତ୍ୟିକ ଅଖିଳେଶପଦ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ "ଆମ ମାହାଙ୍ଗା"ର ଅଧ୍ୟକ୍ଷ ଯୁବ ଇଞ୍ଜିନିଅର ଡ. ଅମରେନ୍ଦ୍ର ମହାନ୍ତି ମୁଖ୍ୟଅତିଥି, ସାରସ୍ୱତ ସେବା ମଞ୍ଚର ସଭାପତି ଡ. ଭାବଗ୍ରାହୀ ରାଉତ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ କବି ପ୍ରଶାନ୍ତ କର, ପ୍ରଧାନଶିକ୍ଷକ ପ୍ରତାପ କିଶୋର ନାୟକ, ଶିକ୍ଷକ ମାଗୁଣି ଚରଣ ସାମଲ, ସାମ୍ବାଦିକ ବିଜୟ କୁଅଁର ପ୍ରମୁଖ ଯୋଗଦେଇ କାଳଜୟୀ ସ୍ରଷ୍ଟାଙ୍କ କୃତୀ ଓ କୀର୍ତ୍ତିର ମୂଲ୍ୟାୟନ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ମନୋଜ ମହାନ୍ତି, ଅରୁଣା ଆଚାର୍ଯ୍ୟ, ଅଜୟ ମହାପାତ୍ର, ତାହେର ଅଲ୍ଲୀ, ମନୋରଞ୍ଜନ ମହାନ୍ତି, ଗୟାଧର ସାହୁ, ରତ୍ନାକର ଦାସ, ହେମନ୍ତ ବେହେରା, ମଞ୍ଜୁଲତା ବାଗ, ଉପେନ୍ଦ୍ର ଖିଲାର, କ୍ଷୀରୋଦ ବାଗ, ବନମାଳୀ ବାରିକ, ରାଜକିଶୋର ମହାନ୍ତି ପ୍ରମୁଖ ଏହି ଉତ୍ସବରେ ଯୋଗଦେଇଥିଲେ। ପୁରାତନ ଛାତ୍ର ଈଶ୍ୱର ଆଚାର୍ଯ୍ୟ ସ୍ୱାଗତ ଭାଷଣ ଏବଂ ପୁରାତନ ଛାତ୍ରୀ ଅରୁଣା ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## ଓଡ଼ିଆ ନବଜାଗରଣର ସୂତ୍ରଧର ଥିଲେ ବାଗ୍ମୀ ବିଶ୍ୱନାଥ କର



କଟକ,୨୪।୧୨(ସମିସ): ବିଶ୍ୱନାଥ କର ଥିଲେ ଓଡ଼ିଆ ନବଜାଗରଣର ସୂତ୍ରଧର। "ଉତ୍କଳ ସାହିତ୍ୟ ପତ୍ରିକା"ର ସମ୍ପାଦକ, ଉତ୍କଳ ସାହିତ୍ୟ ସମାଜର ପ୍ରଥମ ସମ୍ପାଦକ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପ୍ରମୁଖ ସେନାନୀ ଭାବେ ତାଙ୍କର ନିଷ୍ଠାପର ଉଦ୍ୟମ ସର୍ବଦା ସ୍ମରଣୀୟ କରି ରଖିଛି ବୋଲି ବାଣୀପୀଠ ଶ୍ରୀ ରାମଚନ୍ଦ୍ର ଭବନରେ ବାଗ୍ମୀ ବିଶ୍ୱନାଥ କର ୧୬୨ତମ ଜୟନ୍ତୀ ଉତ୍ସବରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ବାଗ୍ମୀ ବିଶ୍ୱନାଥ କର ସ୍ମୃତି ସଂସଦ ଓ ଓଡିଶା ସାହିତ୍ୟ ଏକାଡେମୀ ମିଳିତ ଉଦ୍ୟମରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ 'ଲୋକ ସେବକ ମଣ୍ଡଳ'ର ରାଷ୍ଟ୍ରୀୟ ସମ୍ପାଦକ ରାଜେନ୍ଦ୍ର କୁମାର ଜେନା ଯୋଗଦେଇ କହିଲେ ଯେ ବିଶ୍ୱନାଥ କର ଥିଲେ ବାଗ୍ମୀ ପୁରୁଷ। ତାଙ୍କ ଜୀବନ ଆଦର୍ଶ ପ୍ରତିଟି ଓଡ଼ିଆଙ୍କ ପାଇଁ ଅନୁକରଣୀୟ। ଏହି ଅବସରରେ ଶ୍ରୀ ଜେନାଙ୍କୁ ଅନୁଷ୍ଠାନ ପକ୍ଷରୁ ବାଗ୍ମୀ ବିଶ୍ୱନାଥ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ବିଶିଷ୍ଟ ଅତିଥି ଭାବେ ବିଶ୍ୱଭାରତୀ ଶାନ୍ତିନିକେତନର ପ୍ରଫେସର ମନୋରଞ୍ଜନ ପ୍ରଧାନ କହିଥିଲେ ଯେ ବିଶ୍ୱନାଥ ହେଉଛନ୍ତି ଏ ଓଡ଼ିଆ ଜାତିର ପ୍ରଣମ୍ୟ ପୁରୁଷ। ମୁଖ୍ୟବକ୍ତା ଭାବେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ଼ ଗୋବିନ୍ଦ ଚାନ୍ଦ ଯୋଗଦେଇ ଉତ୍କଳ ସାହିତ୍ୟ ସମାଜ ଗଠନରେ ବାଗ୍ମୀ ବିଶ୍ୱନାଥଙ୍କ ଅବଦାନ ଥିଲା ଅବିସ୍ମରଣୀୟ। ଉତ୍ସବରେ ସଭାପତିତ୍ୱ କରି ପ୍ରଫେସର ବିଜୟାନନ୍ଦ ସିଂହ କହିଥିଲେ ବାଗ୍ମୀ ବିଶ୍ୱନାଥ କର ଗାନ୍ଧୀ ଚେତନାକୁ ଓଡିଶାରେ ସାହିତ୍ୟ ମାଧ୍ୟମରେ ବିସ୍ତାରିତ କରି ଉଲ୍ଲେଖଯୋଗ୍ୟ ଦୂରଦୃଷ୍ଟିର ପରିଚୟ ଦେଇଥିଲେ। ଉତ୍ସବରେ ବାଗ୍ମୀ ବିଶ୍ୱନାଥ କର ସ୍ମୃତି ସମ୍ମାନ ଗ୍ରହଣ କରି ପ୍ରଫେସର ଧନେଶ୍ୱର ସାହୁ ଏହି ମହାନ ସାରସ୍ୱତ ସାଧକଙ୍କ ସାଧନା ତାଙ୍କୁ ଅନୁପ୍ରାଣିତ କରିଛି ବୋଲି କହିଥିଲେ। ପ୍ରାରମ୍ଭରେ ସୁକାନ୍ତ ପ୍ରସାଦ ନନ୍ଦ ସୂଚନା ଦେଇଥିଲେ। ସ୍ମୃତି ସଂସଦ ସମ୍ପାଦକ ସଂଗ୍ରାମ କେଶରୀ ସାମଲ ସ୍ୱାଗତ ଭାଷଣ ଦେଇଥିଲେ। ସଂସଦର ଉପଦେଷ୍ଟା ସେକ ମସୁଦ ଅଲ୍ଲୀ ଧନ୍ୟବାଦ ଦେଇଥିଲେ। ପଣ୍ଡିତ ପ୍ରଭାତ କର ଓ ଶଙ୍ଖଚୁଳ ଦାସ ମାନପତ୍ର ପାଠ କରିଥିଲେ। ଅଧ୍ୟାପକ ଡ଼ ଅନୁପ ମାର୍ଥା ଏହି ଉତ୍ସବକୁ ପରିଚାଳନା କରିଥିଲେ।

## କୁଷ୍ଠ ନିରାକରଣ ପାଇଁ ବିନ୍ଧାଣିମା ସିଏଚ୍‌ସି ସମ୍ବର୍ଦ୍ଧିତ



ତିଗିରିଆ,୨୪।୧୨(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲାର ତିଗିରିଆ ଓ ଟାଙ୍ଗୀ ବ୍ଲକରେ ନଭେମ୍ବର ମାସ ୧୬ ତାରିଖରୁ ୩୦ ତାରିଖ ମୋଟ ୧୫ ଦିନ ଧରି ଚାଲିଥିବା କୁଷ୍ଠ ନିରାକରଣ ଯୋଜନାର ସଫଳ ରୂପାୟନ ପାଇଁ ବୁଧବାର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତିଗିରିଆ ବ୍ଲକ ଅଧୀନ ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପୁରସ୍କୃତ କରାଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୀପା ପଟ୍ଟନାୟକଙ୍କଠାରୁ ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ଡା. ମନୋରଞ୍ଜନ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଯିଏକି ଏହି କୁଷ୍ଠ ନିରାକରଣ ଯୋଜନାର ଅନ୍ୟତମ ସଦସ୍ୟ ମୃତ୍ୟୁଞ୍ଜୟ ମହାପାତ୍ର ଉପସ୍ଥିତ ରହି ଏହି ପୁରସ୍କାର ଗ୍ରହଣ କରିଥିଲେ। ଜାତୀୟ କୁଷ୍ଠ ନିରାକରଣ ଯୋଜନାର ସୁପରଭାଇଜର ବିଷ୍ଣୁଚରଣ ମହାରଣା ଉପସ୍ଥିତ ଥିଲେ।

## ତନ୍ତିରା ଗ୍ରାମରେ ଅଗ୍ନିବିପନ୍ନଙ୍କୁ ସହାୟତା

ଚୌଦ୍ୱାର,୨୪।୧୨(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ହରିଅନ୍ତା ପଞ୍ଚାୟତ ଅଧୀନ ତନ୍ତିରା ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗ୍ରାମର ଅରବିନ୍ଦ ଦାସଙ୍କ ୩ ବଖରା ଚାଳଘର ଜଳିଯିବା ସହିତ ଘରେ ଥିବା ସମସ୍ତ ଆସବାବପତ୍ର, ଖାଦ୍ୟ ସାମଗ୍ରୀ ଓ ସମସ୍ତ ଘରକରଣା ସାମଗ୍ରୀ ନିଆଁରେ ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ସ୍ଥାନୀୟ ସାହିତ୍ୟ ଓ ସେବା ଅନୁଷ୍ଠାନ ଡାଳିଯୋଡ଼ା ସାହିତ୍ୟ ସଂସଦ ତରଫରୁ ବିପନ୍ନ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ସଂସଦ ସଭାପତି କେ.ସି. ପ୍ରତାପସିଂହ, ଶୈଳେନ୍ଦ୍ର ମୁଖୀ, ଗୌତମ ଆଚାର୍ଯ୍ୟ, ମନୋଜ ସ୍ୱାଇଁ, ବିଶ୍ୱକଲ୍ୟାଣ ଦାସ, ସହଦେବ ବରାଳ ପ୍ରମୁଖ ପୀଡ଼ିତ ପରିବାର ନିକଟରେ ପହଞ୍ଚି କମ୍ବଳ, ଶାଢ଼ି, ଲୁଙ୍ଗି, ଗାମୁଛା ଆଦି ସହିତ ଚୁଡ଼ା, ଗୁଡ଼, ବିସ୍କୁଟ ଆଦି ଖାଦ୍ୟ ସାମଗ୍ରୀ ପ୍ରଦାନ କରିଥିଲେ।



## ୧୯୮୨ ବ୍ୟାଚ୍ ଛାତ୍ରଛାତ୍ରୀ ବୈଠକ

ନେମାଳ,୨୪।୧୨(ସମିସ): ନେମାଳ ଥାନା ଓରିକଣ୍ଟାସ୍ଥିତ ଲାଲବାହାଦୂର ବିଦ୍ୟାପୀଠ ୧୯୮୨ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ଏକ ବୈଠକ ଓ ଚାରାରୋପଣ କାର୍ଯ୍ୟକ୍ରମ ବନ୍ଧୁପୁରସ୍ଥିତ ମା' ବୃଦ୍ଧାଚଣ୍ଡୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମା'ଙ୍କର ପୂଜାର୍ଚ୍ଚନା କରାଯାଇଥିଲା। ବୈଠକରେ ରଜନୀକାନ୍ତ ଭୂୟାଁ, ସୁଧୀର ବେହେରା, ଜ୍ୟୋତିରଞ୍ଜନ ମହାନ୍ତି, କାଳନ୍ଦୀ ପାତ୍ର, ପ୍ରସନ୍ନ ନାୟକ, ଗୌରାଙ୍ଗ ସିଂ, ଅକ୍ଷୟ ମହାନ୍ତି, ପ୍ରଭାକର ସ୍ୱାଇଁ, କ୍ଷୀରୋଦ ସ୍ୱାଇଁ, ବିଜୟ ମଳିକ, ରଶ୍ମିରେଖା ମହାପାତ୍ର, ଧରଣୀଧର ମହାପାତ୍ର, ପ୍ରମୁଖ ୩୦ ଜଣ ପୁରାତନ ଛାତ୍ରଛାତ୍ରୀ ପୁରୁଣା ଦିନର ସ୍ମୃତିଙ୍କୁ ମନେପକାଇ ସମସ୍ତଙ୍କ ପାଇଁ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ।



## ସିଂହନାଥଙ୍କ ମକର ମେଳା ପାଇଁ ପ୍ରଶାସନିକ ପ୍ରସ୍ତୁତି

# ଟି-ସେତୁରେ ୪ ଦିନ ଯାନବାହନ ଚଳାଚଳ ଉପରେ କଟକଣା



ବଡ଼ମ୍ବା,୨୪।୧୨(ସମିସ): ଆସନ୍ତା ୨୦୨୬ ଜାନୁଆରୀରେ ପ୍ରସିଦ୍ଧ ମକର ମେଳାର ସଫଳ ଆୟୋଜନ ନିମନ୍ତେ ଗୋପୀନାଥପୁର ସିଂହନାଥ ପରିସରସ୍ଥ ଓଟିଡିସି ବଙ୍ଗଳାଠାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବଡ଼ମ୍ବା ତହସିଲଦାର ପ୍ରମୋଦ କୁମାର ବାସ୍କେଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାର ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ। ଚଳିତ ବର୍ଷ ମକର ମେଳା ଚାରି ଦିନ ଧରି ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ନିଆଯାଇଥିବା ବେଳେ ମନ୍ଦିରର ରଙ୍ଗ କାର୍ଯ୍ୟ, ପୁଷ୍ପ ସଜ୍ଜା ଓ ଠାକୁରଙ୍କ ନୀତିକାନ୍ତି ପାଇଁ ଦେବୋତ୍ତର ବିଭାଗ ସମସ୍ତ ଖର୍ଚ୍ଚ ବହନ କରିବ ବୋଲି ଆଲୋଚନା କରାଯାଇଛି। ଏହି ବୈଠକରେ ଆଠଗଡ଼ ଓ ବାଙ୍କୀର ଉପଖଣ୍ଡ ପୁଲିସ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦେଇଥିଲେ। ଶ୍ରଦ୍ଧାଳୁଙ୍କ ଭିଡ଼ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ କେତେକ କଠୋର ନିଷ୍ପତ୍ତି ନିଆଯାଇଛି। ମେଳା ସମୟରେ ପ୍ରାୟ ୧୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯିବା ସହ ଟି-ସେତୁ ଉପରେ ଚାରି ଦିନ ପାଇଁ ଯାନବାହନ ଚଳାଚଳ ଉପରେ କଟକଣା ଲଗାଯାଇଛି। ସେତୁ ଉପରେ କେବଳ ଜରୁରିକାଳୀନ ଗାଡ଼ି ଯାତାୟାତ କରିପାରିବ ଏବଂ ଶ୍ରଦ୍ଧାଳୁଙ୍କ ପାଇଁ ଦୁଇଟି ଆମ୍ବୁଲାନ୍ସ ସେବା ସର୍ବଦା ପ୍ରସ୍ତୁତ ରହିବ। ଏଥିସହିତ ଅସ୍ଥାୟୀ ମାଟି ରାସ୍ତାରେ ସାଧାରଣ ଲୋକଙ୍କ ଗାଡ଼ି ଚଳାଚଳକୁ ବାରଣ କରାଯାଇଥିବା ବେଳେ କେବଳ ପ୍ରଶାସନିକ ଅଧିକାରୀ, ସାମ୍ବାଦିକ ଓ ଭିଆଇପି ବ୍ୟକ୍ତିବିଶେଷଙ୍କ ପାଇଁ ସ୍ୱତନ୍ତ୍ର ପାସ୍ ବ୍ୟବସ୍ଥା କରାଯିବ। ମେଳା ପରିସରରେ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟସେବା ପାଇଁ ମେଡିକାଲ ଟିମ୍, ଓଡ୍ରାଫ୍ ଏବଂ ଦମକଳ ବାହିନୀକୁ ସଜାଗ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନେ ଯେପରି ନିରବଚ୍ଛିନ୍ନ ବିଦ୍ୟୁତ ସେବା ପାଇପାରିବେ, ସେଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଆସନ୍ତା ଜାନୁଆରୀ ୬ ତାରିଖରେ ଏକ ଚୂଡ଼ାନ୍ତ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ, ଯେଉଁଠାରେ ସମସ୍ତ ବ୍ୟବସ୍ଥାର ଶେଷ ରୂପରେଖ ସ୍ଥିର କରାଯିବ। ପ୍ରଶାସନିକ ସଜବାଜ ଏବଂ ଜନପ୍ରତିନିଧିଙ୍କ ସକ୍ରିୟ ସହଯୋଗ ମକର ମେଳାକୁ ଏକ ସଫଳ ଓ ଶୃଙ୍ଖଳିତ ଉତ୍ସବରେ ପରିଣତ କରିବ ବୋଲି ଆଶା କରାଯାଉଛି।

# କୁଟୁରାଚୁଆଁ ଜୁନିୟର କଲେଜରେ ଜାତୀୟ ଗ୍ରାହକ ଦିବସ




**କୁଚିଣ୍ଡା, ୨୪।୧୨(ସମିସ):** କୁଚିଣ୍ଡା ଉପଖଣ୍ଡ କୁଟୁରାଚୁଆଁ ଜୁନିୟର କଲେଜରେ ଅଧ୍ୟକ୍ଷ ନିଳାଞ୍ଚଳ ତିୱାରୀ ଙ୍କ ଅଧ୍ୟକ୍ଷତାରେ ବୁଧବାର ରେଡକ୍ରସ ଆନୁକୂଲ୍ୟରେ ଜାତୀୟ ଗ୍ରାହକ ପଞ୍ଚାୟତ ଦିବସ ପାଳିତ ହୋଇଯାଇଛି। କୁଚିଣ୍ଡା ପଞ୍ଜାବ ନେସନାଲ ବ୍ୟାଙ୍କର ଶାଖା ପରିଚାଳକ ପ୍ରମିସ ପଟେଲ ମୁଖ୍ୟଅତିଥି ଭାବରେ ଯୋଗଦେଇ ଗ୍ରାହକ ପଞ୍ଚାୟତ ଦିବସର ମହତ୍ତ୍ୱ ଓ ଗ୍ରାହକର ଭୂମିକା ବିଷୟରେ ମାର୍ଗଦର୍ଶନ ଦେଇଥିଲେ। କଲେଜର ବରିଷ୍ଠ ଅଧ୍ୟାପକ କୃଷ୍ଣଚନ୍ଦ୍ର ଗ୍ରାହକ ସଚେତନତା ବିଷୟରେ ଆଲୋକପାତ କରିଥିଲେ।ରେଡକ୍ରସ କାଉନସେଲର ଅଧ୍ୟାପକ ସତ୍ୟନାରାରଣ ପଟେଲ ଅତିଥି ପରିଚୟ ସହ ସଭା ସଂଯୋଜନା କରିଥିଲେ। ଏହି ଅବସର ଅଧ୍ୟାପିକା ଭାବନା ପାଣ୍ଡେ, ପଞ୍ଜାବ ନ୍ୟାସନାଲବ୍ୟାଙ୍କର କର୍ମଚାରୀ ବ୍ରାହ୍ମାନନ୍ଦ ଛତ୍ରିଆ, ଶିକ୍ଷା ଡେମୋଷ୍ଟ୍ରେଟର ପ୍ରତିମା କୁମାରୀ ନାଏକ, ଡିଇଓ ସମିନ ରଞ୍ଜନ ନାଏକ, ଅଣଶିକ୍ଷକ ଜୟଦେବ ରାଉତ, ଅସିମ କୁମାର ପରୁଆ, ରଜତ ରାଏ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ସୁଧୀର କୁମାର ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ।

# ଗୁଡ୍ ଗଭର୍ଣ୍ଣାନ୍ସର ସପ୍ତାହ ପାଳିତ



**ରେଢ଼ାଖୋଲ, ୨୪।୧୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସ୍ଥିତ ରାଜୀବ ଗାନ୍ଧୀ ସଭାଗୃହରେ ମଙ୍ଗଳବାର ଦିନ ଗୁଡ୍ ଗଭର୍ଣ୍ଣାନ୍ସ ସପ୍ତାହ ପାଳିତ ହୋଇଯାଇଛି। ରେଢ଼ାଖୋଲ ବିଡ଼ିଓ ରାଜେନ୍ଦ୍ର ନାରାୟଣ ସେନାପତିଙ୍କ ସଭାପତିତ୍ୱରେ ୧୮ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ଗୁଡ୍ ଗଭର୍ଣ୍ଣର ସପ୍ତାହ ପାଳିତ ହେଉଅଛି।କାର୍ଯ୍ୟକ୍ରମରେ ପ୍ରଶାସନ ଗାଁଓ କି ଓର୍ ମୁଖ୍ୟ ଉଦ୍ଦେଶ୍ୟ ରହିଛି।ଜନସାଧାରଣଙ୍କୁ ସରକାରୀ ସେବା ଯୋଗାଇବା, ସ୍ୱାସ୍ଥ୍ୟ, ଶିକ୍ଷା, ଜନଶୁଣାଣୀ ଏବଂ ସମାଜସେବା ପ୍ରମୁଖ କାର୍ଯ୍ୟ ରହିଛି। କାର୍ଯ୍ୟକ୍ରମରେ ପୁରୁଣା ଜନଶୁଣାଣି ଅଭିଯୋଗ ଥିଲା ସେଗୁଡିକ ସମାଧାନ କରାଯିବ ସହିତ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ, ରାସନ କାର୍ଡ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ସମସ୍ତ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, ଅଙ୍ଗନବାଡ଼ି କର୍ମୀ, ଏମବିକେ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଅନ୍ୟ ବ୍ଲକ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଅତିରିକ୍ତ ତହସିଲଦାର ବିଶ୍ୱକସେନ ପୁରୋହିତଙ୍କ ଯୋଗଦାନ



**ଝାରବନ୍ଧ, ୨୪।୧୨(ସମିସ):** ଝାରବନ୍ଧ ତହସିଲ କାର୍ଯ୍ୟାଳୟରେ ଦୀର୍ଘ ଦିନରୁ ଅତିରିକ୍ତ ତହସିଲଦାର ପଦବୀ ଖାଲି ପଡ଼ିଥିଲା। ସୋମବାର ଝାରବନ୍ଧ ତହସିଲ କାର୍ଯ୍ୟାଳୟ ନୂତନ ଅତିରିକ୍ତ ତହସିଲଦାର ଭାବେ ବିଶ୍ୱକସେନ ପୁରୋହିତ ଯୋଗ ଦେଇଛନ୍ତି। ଏହି ଅବସରରେ ଝାରବନ୍ଧ ତହସିଲଦାର ଅଲେଖ ଘୁଟାଙ୍କ ସହିତ ତହସିଲର ସମସ୍ତ କର୍ମଚାରୀ ନୂତନ ଅତିରିକ୍ତ ତହସିଲଦାରଙ୍କୁ ସ୍ୱାଗତ କରିଥିଲେ। ଆଗାମୀ ଦିନରେ ଝାରବନ୍ଧ ମାଟିର ଲୋକଙ୍କୁ ସଠିକ ସେବା ପ୍ରଦାନ କରିବା ପାଇଁ ତହସିଲଦାର ଅଲେଖ ଘୁଟା ଆଲୋଚନା ପୂର୍ବକ ପରାମର୍ଶ ପ୍ରଦାନ କରିଥିଲେ। ନାକଟିଦେଉଳ ନିବାସୀ ପୁରୋହିତ ୨୦୨୨ ଓଆରଏସ ବ୍ୟାଚର ତାଲିମ ନେଇଥିଲେ। ଝାରବନ୍ଧ ବ୍ଲକ ପରି ଓଡ଼ିଶାର ଶେଷ ସୀମା ଉପାନ୍ତ ଅଞ୍ଚଳରେ ସମାଜ ପାଇଁ କିଛି କରିବାର ସୁଯୋଗ ପାଇଥିବାରୁ ଅତ୍ୟନ୍ତ ଖୁସି ଅଛନ୍ତି ବୋଲି ପୁରୋହିତ କହିଛନ୍ତି।

## ପ୍ରଦୂଷଣ ଯାଞ୍ଚ କାଉଣ୍ଟରରେ ଲମ୍ବା ଧାଡି, ଦଲାଲ ସକ୍ରିୟ

# ସରକାରୀ ଗାଡ଼ିଗୁଡ଼ିକର ନାହିଁ ପ୍ରମାଣପତ୍ର

**ସମ୍ବଲପୁର, ୨୪।୧୨ (ସମିସ)**

ପ୍ରଦୂଷଣ ପ୍ରମାଣପତ୍ର ନହେଲେ ହେବ ୧୦ ହଜାର ଟଙ୍କା ଜରିମାନା। ପେଟ୍ରୋଲ ପମ୍ପରେ ମିଳିବ ନାହିଁ ପେଟ୍ରୋଲ। ଫେବୃଆରୀ ୧ରୁ କଡ଼ାକଡ଼ି ହେବ ପରିବହନ ବିଭାଗର ନିୟମ। ନିୟମ ଉଲ୍ଲଂଘନକାରୀଙ୍କୁ ଦଣ୍ଡବିଧାନ କରାଯିବ। ଏସବୁକୁ ନେଇ ବ୍ୟସ୍ତ ବିବ୍ରତ ଗାଡ଼ିମାଲିକ। ଏହାକୁ ନେଇ ସବୁ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପକ୍ଷରେ ପ୍ରଦୂଷଣ ପ୍ରମାଣପତ୍ର ପାଇଁ ପ୍ରବଳ ଭିଡ଼ ହେଉଥିବାବେଳେ, ସକ୍ରିୟ ହୋଇଯାଇଛନ୍ତି ଦଲାଲ। ୫୦୦ରୁ ୧ ହଜାର ଟଙ୍କା ପର୍ଯ୍ୟନ୍ତ ନେଇ ତୁରନ୍ତ ପ୍ରମାଣପତ୍ର ମିଳୁଥିବା କୁହାଯାଉଛି। ଏହି ମୂଲ୍ୟ ଆଗାମୀ ଦିନରେ ଦୁଇରୁ ଚାରିଗୁଣ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ସରକାରଙ୍କ ହଠାତ୍ ପରିବେଶ ସୁରକ୍ଷା କଥା କେମିତି ମନେପଡ଼ିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ପ୍ରତିଦିନ ବିଭିନ୍ନ ସ୍ଥାନରେ ବିକାଶ ନାମରେ ଶହ ଶହ ଗଛ କାଟିବା ସହ ରାସ୍ତାରେ ଫ୍ଲାଏଆସ୍ ପଡ଼ି ଉଡୁଥିବାବେଳେ କେବଳ ଯାନବାହନ କାହିଁକି ବୋଲି ଲୋକେ ପ୍ରଶ୍ନ କରୁଛନ୍ତି।

ସମ୍ବଲପୁର ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟ ତଥା ସମ୍ବଲପୁର ମହାନଗର ନିଗମରେ ଥିବା ସରକାରୀ ଗାଡ଼ି ଏବଂ ସରକାରଙ୍କ ବିଭିନ୍ନ ବିଭାଗରେ ନିୟୋଜିତ ଥିବା ବହୁସଂଖ୍ୟକ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ନାହିଁ। ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁର ଜିଲ୍ଲାରେ ସରକାରୀ ଗାଡ଼ି ହଜାର ହଜାର ସଂଖ୍ୟାରେ ରହିଛି। ସମ୍ପ୍ରତି ପ୍ରଦୂଷଣ ନିୟମ ଲାଗୁକରି ଟୋଲଗେଟ୍ ମାନଙ୍କରେ ପ୍ରଦୂଷଣ ପ୍ରମାଣପତ୍ର ପର୍ଯ୍ୟନ୍ତ ସମସ୍ତ ପେଟ୍ରୋଲ ପମ୍ପ ଏବଂ ପ୍ରଦୂଷଣ ଯାଞ୍ଚ କାଉଣ୍ଟର ମାନଙ୍କରେ ଗାଡ଼ିର ଲମ୍ବା ଧାଡ଼ି ଲାଗିଛି। ଏହି କାଉଣ୍ଟର ମାନଙ୍କରେ ଧାଡ଼ି ବାନ୍ଧି ଘଣ୍ଟା ଘଣ୍ଟା ଅପେକ୍ଷା କରିବାସହ ଲୋକେ ପ୍ରମାଣପତ୍ର ନେଇ ଫେରୁଛନ୍ତି। ଜିଲ୍ଲାରେ ଯେତେ ପ୍ରଦୂଷଣ ଯାଞ୍ଚ



ନଥିଲେ ଚାଲାଣ କଟିବା ଆରମ୍ଭ ହୋଇଛି। ଏଥିରେ ସମ୍ବଲପୁର ଜିଲ୍ଲାର କେତେକ ସରକାରୀ ଗାଡ଼ିର ୧୦ ହଜାର ଟଙ୍କା ଲେଖାଏଁ ଚାଲାଣ କଟିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ଏହି ଘୋଷଣା କରାଯିବାପରେ ସକାଳୁ ବିଳମ୍ବିତ ରାତି କାଉଣ୍ଟର ରହିଛି, ସେଠାରୁ ଆଜିପର୍ଯ୍ୟନ୍ତ କେହି କେବେ ଗାଡ଼ି ପ୍ରମାଣପତ୍ର ଦେବା ଯୋଗ୍ୟ ନୁହଁ (ରିଜେକ୍ଟ କରିବା) କିମ୍ବା କୌଣସି ବୈଷୟିକ ସୁଧାର କରି ଆଣିବାକୁ କହି ଗାଡ଼ି ଫେରାଇ ନାହାନ୍ତି। ଏପରିସ୍ଥଳେ ପ୍ରମାଣପତ୍ର କେବଳ ଏକ ବାହାନା ଭଳି ପ୍ରତୀତ ହେଉଛି।

ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ କହିଛନ୍ତି, ପ୍ରଦୂଷଣ ପାଇଁ ଆଗରୁ ନିୟମ ରହିଛି ଏବଂ ମଝିରେ ମଝିରେ ଯାଞ୍ଚ ହେଉଥିଲା। ବାୟୁମଣ୍ଡଳରେ ପ୍ରଦୂଷଣ ବଢୁଥିବାରୁ ଗାଡ଼ି ଗୁଡ଼ିକ ଯାଞ୍ଚ କରାଯିବ। ବିଏସ୍-୬ ଗାଡ଼ି ଗୁଡ଼ିକର ପ୍ରଦୂଷଣ ପ୍ରମାଣପତ୍ରର ବୈଧତା ୧ ବର୍ଷ ଥିବାବେଳେ ଅନ୍ୟ ଗାଡ଼ି ଗୁଡ଼ିକର ୬ ମାସ ରହୁଛି। ଏସ୍‌ଟିଏ ପକ୍ଷରୁ ଏନେଇ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଗତ କେଇଦିନ ମଧ୍ୟରେ ଟୋଲ ପ୍ଲାଜା ମାନଙ୍କରେ ପ୍ରଦୂଷଣ ପ୍ରମାଣପତ୍ର ପାଇଁ ଯଦି ଇ-ଚାଲାଣ ହୋଇଛି, ତେବେ ୭ ଦିନ ମଧ୍ୟରେ ପ୍ରଦୂଷଣ ପ୍ରମାଣପତ୍ର କରି ଜମା କଲେ ବିଚାର କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଯଦି ୯୦ ଦିନରୁ ଅଧିକ ପୁରୁଣା ଇ-ଚାଲାଣ ବକେୟା ଥିଲେ ନିୟମାନୁଯାୟୀ ପ୍ରଦୂଷଣ ପ୍ରମାଣପତ୍ର ମିଳିବ ନାହିଁ। ୯୦ ଦିନରୁ କମ୍ ଦିନ ବକେୟା ଥିବା ଇ-ଚାଲାଣ ପାଇଁ ବୈଧ ପ୍ରଦୂଷଣ ପ୍ରମାଣପତ୍ର ପାଇବାରେ କୌଣସି ପ୍ରତିବନ୍ଧକ ନାହିଁ। ଜିଲ୍ଲାରେ ପାଖାପାଖି ୩୦ଟି ପଲ୍ୟୁସନ ଯାଞ୍ଚ ସେଣ୍ଟର ରହିଛି। ଦଲାଲ ମାନେ ସକ୍ରିୟ ଥିବା ନେଇ କୌଣସି ଅଭିଯୋଗ ଆସିନାହିଁ ବୋଲି ସେ କହିଥିଲେ। ସରକାରୀ ହେଉ କିମ୍ବା କୌଣସି ବିଭାଗରେ ଭଡ଼ାରେ ଲାଗିଥିବା ଗାଡ଼ି ହେଉ, ନିୟମ ଉଲ୍ଲଂଘନ କଲେ ସେଗୁଡ଼ିକୁ ଆମେ ଜୋରିମାନା କରୁଛୁ ବୋଲି ଆର୍‌ଟିଓ ଶ୍ରୀ ଟୁଡୁ କହିଛନ୍ତି।

# ଜିଲ୍ଲାସ୍ତରୀୟ ଜୁନିୟର ରେଡ୍‌କ୍ରସ ଶିକ୍ଷଣ ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




**ଭେଡେନ, ୨୪।୧୨(ସମିସ):** ଭେଡେନ ବ୍ଲକ ଅଧୀନ ସରକାରୀ ଉଚ୍ଚ ବିଦ୍ୟାଳୟ ସିଆଲଖଣ୍ଡହଥା ଠାରେ ଏଡିଇଓ ବରଗଡ଼ ବିନୟ ପ୍ରକାଶ ସଏଙ୍କ ସଭାପତିତ୍ୱ, ବିଇଓ ଭେଡେନ ମଛିନ୍ଦ୍ର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବରଗଡ଼ ଜିଲ୍ଲା ସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷଣ ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୀନକେତନ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିଆଲଖଣ୍ଡହଥା ସରପଞ୍ଚ ରସାନନ୍ଦ ବାଗ୍, ଡିପିଇଓ ଜ୍ୟୋତିଷ ଚନ୍ଦ୍ର ପ୍ରଧାନ, ଜେଆରସିଓ ହେମନ୍ତ ସାମାଲ, ଏବିଇଓ ଭେଡେନ ହେମବତୀ ମେହେର, ଶିକ୍ଷକ ରଞ୍ଜନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ୧୨ଟି ବ୍ଲକରୁ ୧୨ଜଣ ଛାତ୍ରଛାତ୍ରୀ ଏବଂ ସର୍ବମୋଟ ୧୪୪ ଜଣ ଛାତ୍ରଛାତ୍ରୀ ଓ ୧୦ ଜଣ ପିଇଟି ପ୍ରଶିକ୍ଷକ ଯୋଗ ଦେଇଥିଲେ। ପ୍ରତ୍ୟେକ ବ୍ଲକରୁ ଜୁନିୟର ରେଡକ୍ରସର ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ପ୍ରଶିକ୍ଷକ ଗଣ ଛାତ୍ରଛାତ୍ରୀଙ୍କୁ ସର୍ପ ଦଂଶନ, ବଜ୍ରପାତ, ପ୍ରାଥମିକ ଚିକିତ୍ସା, କୁକୁର କାମୁଡା ଓ ପାଣିରେ ବୁଡିବା ସମ୍ବନ୍ଧୀୟ ପ୍ରତିକାର ନେଇ ସଚେତନ କରିଥିଲେ। ବ୍ଲକର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ, ସିଆର୍‌ସିସି, ପିଇଟି, ପିଟିଆଇ ତଥା ବିଦ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

# 'ଓଷ୍ଟା' ପକ୍ଷରୁ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ

**ସମ୍ବଲପୁର, ୨୪।୧୨ (ସମିସ) :** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା), ସମ୍ବଲପୁର ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ଜଗନ୍ନାଥ ହାଇସ୍କୁଲ, ଝାଙ୍କରପାଲିରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ଉଦ୍‌ଘାଟନୀ ଅବସରରେ ଚିତ୍ତରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଏବଂ କୁଳଧର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଏହି ଅଧିବେଶନରେ ଓଷ୍ଟା ସମ୍ବଲପୁର ଜିଲ୍ଲା ସଭାପତି କ୍ଷୀରୋଦ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ସମ୍ପାଦକ ବିଭୁତି ଭୁଷଣ ଚାନ୍ଦ ଶିଶୁ ଉତ୍ସବର ଉଦ୍ଦେଶ୍ୟ ଓ ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ଯୁଗ୍ମ ସମ୍ପାଦକ ବିଶ୍ୱମିତ୍ର ଦୀପ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ସମ୍ବଲପୁର ଜିଲ୍ଲାର ସମସ୍ତ ୯ଟି ବ୍ଲକରେ ଅନୁଷ୍ଠିତ ବ୍ଲକସ୍ତରୀୟ ଶିଶୁଉତ୍ସବରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଲାଭ କରିଥିବା ୨୦ଜଣ ଲେଖାଏଁ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।



# ସମ୍ବଲପୁର ସମନ୍ୱିତ ବିକାଶ ପ୍ରତିଷ୍ଠାନର ନେଟ୍‌ୱାର୍କିଂ ବୈଠକ



**ଜମନକିରା, ୨୪।୧୨ (ସମିସ):** ସମ୍ବଲପୁର ସମନ୍ୱିତ ବିକାଶ ଅନୁଷ୍ଠାନର ସହଯୋଗରେ ବ୍ଲକସ୍ତରୀୟ ନେଟୱାର୍କିଂ ବୈଠକ ଜମନକିରା ବ୍ଲକର ମିଶନ ଶକ୍ତି ଅଫିସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୃଷି ଉତ୍ପାଦକ କ୍ଲଷ୍ଟର ପ୍ରକଳ୍ପର ପ୍ରୋଗ୍ରାମ ମ୍ୟାନେଜର ଭବାନୀ ଶଙ୍କର ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏସଏମଏସ ଶୁଭମ୍ ପ୍ରଧାନ, ଅନୁପ୍ରଭା କୃଷକ ଉତ୍ପାଦକ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ ବେହେରା ଉପସ୍ଥିତ ଥିବା ସହ ସିଡି ଅନୁଷ୍ଠାନର ତପନ ରାଉତ ଅଂଶଗ୍ରହଣ କରିଥିଲେ। ଜମନକିରା କନିଷ୍ଠ ଉଦ୍ୟାନ ଅଧିକାରୀ ହିତେଶ ବଡେଇ, ବ୍ଲକ ପ୍ରାଣୀ ସମ୍ପଳ ଅଧିକାରୀ କୁନାଲ ସାହୁ, ସହକାରୀ କୃଷି ଅଧିକାରୀ ତନ୍ମୟ ମୁର୍ମୁ, ସହକାରୀ ବ୍ଲକ ପ୍ରୋଗ୍ରାମ ସଂଯୋଜକ ଚୂଡାମଣି ପ୍ରଧାନ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍‌ର ଶାଖା ପରିଚାଳକ ଭବାନୀ ଶଙ୍କର ଠାକୁର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ୨୩ ଟି ଉତ୍ପାଦକ ଗୋଷ୍ଠୀରୁ ଶତାଧିକ ମହିଳା କୃଷକ ଯୋଗଦାନ କରିଥିଲେ। ବିଭିନ୍ନ ବିଭାଗ ର ଯୋଜନା ଓ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିବା ସହ କିପରି ଲୋକାଭିମୁଖୀ ହେଇ ପାରିବ ଆଲୋଚନା କରାଯାଇଥିଲା।

# ରାଷ୍ଟ୍ରୀୟ କଳା ଉତ୍ସବରେ ଇପ୍‌ସାଙ୍କ କୃତିତ୍ୱ

**ସମ୍ବଲପୁର, ୨୪।୧୨ (ସମିସ) :** ରାଷ୍ଟ୍ରୀୟ କଳା ଉତ୍ସବରେ ସମ୍ବଲପୁରର ଇପ୍‌ସା ପ୍ରିୟଦର୍ଶିନୀ ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରି ସମ୍ବଲପୁର ତଥା ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ସେ ୨ଡି ଭିଜୁଆଲ ଆର୍ଟସରେ ସେ ଓଡ଼ିଶାର ପ୍ରତିନିଧିତ୍ୱ କରୁଥିଲେ। ମହାରାଷ୍ଟ୍ରର ପୁନେରେ ଡିସେମ୍ବର ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ଏହି ଜାତୀୟସ୍ତରୀୟ କଳା ଉତ୍ସବ ଆୟୋଜିତ ହୋଇଥିଲା। ଇପ୍‌ସା ସେଣ୍ଟ ଯୋଶେଫ କନଭେଣ୍ଟ ସ୍କୁଲର ଦଶମଶ୍ରେଣୀ ଛାତ୍ରୀ। ଜୟରାମ ସାହୁ ଓ ବିଜୟିତା ସାହୁଙ୍କ ଝିଅ ଇପ୍‌ସା ସମ୍ବଲପୁର କଳା ଏକାଡେମୀରେ ଚିତ୍ରକଳା ଶିକ୍ଷା ନେଉଛନ୍ତି। ତାଙ୍କ ସଫଳତା ପାଇଁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି।





# ଭାଗୀରଥି ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା




**କୁଚିଣ୍ଡା, ୨୪।୧୨(ସମିସ):** ବାମରା ସ୍ଥିତ ଭାଗିରଥି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏବିଇଓ ହୃଦାନନ୍ଦ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ପୁରାତନ ଛାତ୍ର ପ୍ରମୋଦ କୁମାର ମିଶ୍ର ଏବଂ ସମ୍ମାନୀୟ ଅତିଥି ଭାବେ ଗୋବିନ୍ଦପୁର ସରପଞ୍ଚ ବିମଳ ଲାକ୍ରା, ସିଆରସିସି ନିତ୍ୟାନନ୍ଦ ସୁନାନୀ ଓ ପରିଚାଳନା କମିଟି ଅଧ୍ୟକ୍ଷା ମନଦୀପ କୌର ପ୍ରମୁଖ ଯୋଗଦେଇ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଇତିହାସ ସଂଗ୍ରହାଳୟରେ ବଢୁଛି ଛାତ୍ରଛାତ୍ରୀ ଓ ଦର୍ଶକ ସଂଖ୍ୟା

**ସମ୍ବଲପୁର, ୨୪।୧୨ (ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ସଂଗ୍ରହାଳୟରେ ସଂରକ୍ଷିତ କଳାକୃତି ଏବଂ ପ୍ରାଚୀନ ସାମଗ୍ରୀ ଦେଖିବା ପାଇଁ ବିଦ୍ୟାଳୟ ଏବଂ ସାଧାରଣ ଲୋକଙ୍କର ବହୁତ ଚାହିଦା ବଢୁଛି। ଏହି ସଂଗ୍ରହାଳୟରେ ପ୍ରାଗୈତିହାସିକ, ପ୍ରାକ୍-ଐତିହାସିକ, ପ୍ରାରମ୍ଭିକ ଐତିହାସିକ, ମଧ୍ୟଯୁଗୀୟ ଏବଂ ଆଧୁନିକ ସମୟର କଳାକୃତି ପ୍ରଦର୍ଶନ କରାଯାଇଛି। ଭାରତ ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନରୁ ସଂଗୃହୀତ ଏବଂ ହଜାର ହଜାର ରୁ ଲକ୍ଷ ଲକ୍ଷ ବର୍ଷ ପୁରୁଣା ପ୍ରାଗୈତିହାସିକ ଯୁଗର ମୂଳ ପଥର ଉପକରଣ ଏଠାରେ ପ୍ରଦର୍ଶିତ ହୋଇଛି। ହରପ୍ପା ସଭ୍ୟତା ଭାବରେ ପରିଚିତ ସିନ୍ଧୁ-ସରସ୍ୱତୀ ସଭ୍ୟତାର କଳାକୃତି ମଧ୍ୟ ପ୍ରଦର୍ଶିତ ହୋଇଛି। ଏହାସହିତ, ବରପାଲି ଅସୁରଗଡ଼ ଖନନରୁ ପ୍ରାୟ ଦୁଇ ହଜାର ବର୍ଷ ପୁରୁଣା କଳାକୃତି ପ୍ରଦର୍ଶନ କରାଯାଇଛି। ଏହି ସ୍ଥାନକୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ଦ୍ୱାରା ବିଭାଗୀୟ ମୁଖ୍ୟ ପ୍ରଫେସର ଡଃ ଅତୁଲ ପ୍ରଧାନଙ୍କ ଦକ୍ଷ ମାର୍ଗଦର୍ଶନରେ ଖନନ କରାଯାଇଥିଲା। ସମ୍ବଲପୁର ଅଞ୍ଚଳର ବିଭିନ୍ନ ସ୍ଥାନରୁ ଆବିଷ୍କୃତ ମୂଳ ମନ୍ଦିର ଅବଶେଷ ମଧ୍ୟ ପ୍ରଦର୍ଶନ କରାଯାଇଛି। ଏହି ସଂଗ୍ରହାଳୟରେ ପ୍ରାଚୀନ ମୁଦ୍ରା, ତାଳପତ୍ର ପାଣ୍ଡୁଲିପି ଏବଂ ବିଭିନ୍ନ ଐତିହାସିକ ସମୟକୁ ପ୍ରତିନିଧିତ୍ୱ କରୁଥିବା ପ୍ରୋଟୋଟାଇପ୍ ପ୍ରତିଛବିର ଏକ ସମୃଦ୍ଧ ସଂଗ୍ରହ ରହିଛି। ଆଜି ସମ୍ବଲପୁରର ଇତିହାସକୁ ଭଲ ଭାବରେ ବୁଝିବା ପାଇଁ ପରିଦର୍ଶକମାନଙ୍କୁ ସାହାଯ୍ୟ କରିବା ପାଇଁ ପ୍ରାଚୀନ ସମ୍ବଲପୁର ପ୍ରାସାଦର ଏକ ମାନଚିତ୍ର ମଧ୍ୟ ପ୍ରଦର୍ଶିତ ହୋଇଛି। ଏଠାରେ ଏକ ଲିପି ଗଛ ମଧ୍ୟ ପ୍ରଦର୍ଶିତ ହୋଇଛି, ଯାହା ମାଧ୍ୟମରେ ଛାତ୍ର ଏବଂ ସାଧାରଣ ଜନତା ଲିପି ଏବଂ ଭାଷାର ବିବର୍ତ୍ତନକୁ ସହଜରେ ବୁଝିପାରିବେ। ଡକ୍ଟର ପ୍ରଧାନଙ୍କ ମତରେ, ସଂଗ୍ରହାଳୟ ଶିକ୍ଷାର ଏକ ଉଦୀୟମାନ କେନ୍ଦ୍ର ଏବଂ ଆଜିର ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ରମୁଖ ଆକର୍ଷଣ ପାଲଟିଛି। ଏହି ଦୁଇ ମାସରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରୁ ସଂଖ୍ୟାଧିକ ବିଦ୍ୟାର୍ଥୀ ସଂଗ୍ରହାଳୟ ଅବଲୋକନ କରିସାରିଲେଣି।



# ଗୁରୁନାନକ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା







**ସମ୍ବଲପୁର, ୨୪।୧୨ (ସମିସ)**

ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ରେ ଅତ୍ୟନ୍ତ ଉତ୍ସାହ ଓ କ୍ରୀଡ଼ାଭାବନା ସହ ବାର୍ଷିକ ଆଥଲେଟିକ୍ ମିଟ୍ ୨୦୨୫ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ ସୁଶାନ୍ତ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଡଃ ରବୀନ୍ଦ୍ର ନାଥ ଦାଶ ତାଙ୍କୁ ସ୍ୱାଗତ ସମ୍ଭାଷଣ କରିଥିଲେ। ମୁଖ୍ୟ ଅତିଥି ପ୍ରଫେସର ଦାସ ଛାତ୍ରଛାତ୍ରୀ ମାନଙ୍କୁ ଶୃଙ୍ଖଳା, ଶିଷ୍ଟାଚାର ଓ ଶାରୀରିକ ସ୍ୱାସ୍ଥ୍ୟର ଗୁରୁତ୍ୱ ବୁଝିବାକୁ ପ୍ରେରଣା ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ସଚିବ ସର୍ଦ୍ଦାର ରଞ୍ଜିତ ସିଂହ ସାଲୁଜା, ଗୁରୁଦ୍ୱାରା ପ୍ରବନ୍ଧକ କମିଟି ଅଧ୍ୟକ୍ଷ ସର୍ଦ୍ଦାର ଗୁରୁ ଚରଣ ସିଂହ ପୁରୀ ଏବଂ ପ୍ରବନ୍ଧନ ସଦସ୍ୟମାନେ ଉପସ୍ଥିତ ଥିଲେ। ଗୁରୁନାନକ ପବ୍ଲିକ୍ ସ୍କୁଲର କ୍ରୀଡା ଶିକ୍ଷକ ପ୍ରୀତିରଞ୍ଜନ ପଣ୍ଡା, ଶିବାନନ୍ଦ ସରାଫ୍ ଓ ସନ୍ମୟମନି ବାର୍ଲାଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ ହାଉସର ଛାତ୍ରଛାତ୍ରୀମାନେ ବିଭିନ୍ନ ଟ୍ରାକ୍ ଓ ଫିଲ୍ଡ ପ୍ରତିଯୋଗିତାରେ ଉତ୍ସାହର ସହିତ ଅଂଶଗ୍ରହଣ କରି ଉର୍ଜା, ଦଳୀୟ ଭାବନା ଓ ଦୃଢ଼ ସଙ୍କଳ୍ପର ପ୍ରଦର୍ଶନ କରିଥିଲେ। ଅଭିଭାବକ ଓ ଶିକ୍ଷକମାନଙ୍କ ପାଇଁ ଟଗ୍ ଅଫ୍ ୱାର୍ କ୍ରୀଡା ଆୟୋଜିତ ହୋଇଥିଲା, ସେଥିରେ ଶିକ୍ଷୟିତ୍ରୀମାନେ ବିଜୟୀ ହୋଇଥିଲେ। ଚଳିତବର୍ଷର ବାଳିକା ଚମ୍ପିଆନ୍ ଦଶମ ଶ୍ରେଣୀର ବୁଲବୁଲ୍ ସାହୁ ଓ ବାଳକ ଚମ୍ପିଆନ ଦ୍ୱାଦଶ ଶ୍ରେଣୀର ରିଷଭ ଅଜିତ୍ କୁମାର ହୋଇଥିଲେ। ଚାରିଟି ହାଉସ୍ ମଧ୍ୟରେ ଜୁଝାର ହାଉସ୍‌କୁ ହାଉସ୍ ଚାମ୍ପିଅନ୍ ଘୋଷଣା କରାଯାଇ ଥିଲା। ବିଜେତା ମାନଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କ୍ରୀଡ଼ା ଉତ୍ସବ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚରିତ୍ର ଗଠନ, ଆତ୍ମବିଶ୍ୱାସ ଓ ଏକତାର ଗୁରୁତ୍ୱକୁ ପୁନଃସ୍ଥାପିତ କରିଛି।

# ବିଧାନସଭା ଷ୍ଟାଣ୍ଡିଂ କମିଟିର ଡାକ୍ତରଖାନା ପରିଦର୍ଶନ

**ଦେବଗଡ଼, ୨୪।୧୨(ସମିସ)**

ଓଡ଼ିଶା ବିଧାନସଭା ଷ୍ଟାଣ୍ଡିଂ କମିଟି ଦେବଗଡ଼ ଗସ୍ତରେ ଆସି ବୁଧବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ଏହାସହ ଜିଲ୍ଲାପାଳଙ୍କ ବିକାଶ ଭବନ ଠାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନଙ୍କ ନେତୃତ୍ୱରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ତେଲକୋଇ ବିଧାୟକ ଡ.ଫକୀର ମୋହନ ନାୟକ ଓ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ପ୍ରମୁଖ ଦେବଗଡ଼ରେ ପହଞ୍ଚି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଡାକ୍ତରଖାନା ପରିଦର୍ଶନ କରିବା ସହ ୱାର୍ଡକୁ ଯାଇ ରୋଗୀ ମାନଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମନ୍ୱିତ ଜନସାସ୍ଥ୍ୟ



ପରୀକ୍ଷାଗାରକୁ ଯାଇ ବିଭିନ୍ନ ସମସ୍ୟା ବୁଝିଥିଲେ। ତେବେ କମିଟିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ ବେଳେ କମିଟି ସଦସ୍ୟଙ୍କ ସଂଖ୍ୟା ତୁଳନାରେ ଜିଲ୍ଲା ବିଜେପିର ଦଳୀୟ କର୍ମକର୍ତ୍ତା ସଂଖ୍ୟା ସରକାରୀ କାର୍ଯ୍ୟକ୍ରମକୁ ଦଳୀୟ କାର୍ଯ୍ୟକ୍ରମରେ ପରିଣତ କରିଥିଲା। ପରେ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଏକ ସାଧାରଣ ବୈଠକରେ ଯୋଗଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ମିଶନ ଶକ୍ତି, ମହିଳା ଓ ଶିଶୁ ବିକାଶ ଓ ସାମାଜିକ ସୁରକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ଉପରେ ସମୀକ୍ଷା କରିଥିଲେ। ବିଭାଗ ଗୁଡିକ ପକ୍ଷରୁ କମିଟି ଆଗରେ କାର୍ଯ୍ୟକ୍ରମ ଓ ଯୋଜନା ଅଗ୍ରଗତି ସମ୍ପର୍କିତ ତଥ୍ୟ ଉପସ୍ଥାପିତ କରାଯାଇଥିଲା।

**ବିଭିନ୍ନ ବିଭାଗର ସମୀକ୍ଷା ବୈଠକ**

ବୈଠକରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲାପାଳ କବିନ୍ଦ୍ର ସାହୁ, ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ବିଜେପି ସଭାପତି ଅରୁଣ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଧନୁର୍ଜୟ ମହନ୍ତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନି, ଡିପିଏମ ଓଏଲଏମ ଶିଶିର ଷଡଙ୍ଗୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ଓ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସୁନାରି ସମବାୟ ସମିତିରେ ଧାନ କିଣା

**ଇବଥର୍ମାଲ, ୨୪।୧୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ସୁନାରି କୃଷି ସମବାୟ ସମିତି ପକ୍ଷରୁ ବୁଧବାର ଖରିଫ ଧାନ କିଣା ଆରମ୍ଭ ହୋଇଛି।




ଆଜି ସକାଳେ ଧାନ କିଣା ଅନୁକୂଳ କରିବାକୁ ପୂଜା କରାଯାଇଥିଲା। ଏହି ଅବସରରେ ସମବାୟ ସମିତି ସଭାପତି ଗୌତମ ପ୍ରଧାନଙ୍କ ଉପସ୍ଥିତିରେ ପୂର୍ବତନ ବୋର୍ଡ ଡାଇରେକ୍ଟର ଡୋଲାମଣି ବାରିକ ମୁଖ୍ୟ ଅତିଥି ତଥା ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଉପାଧକ୍ଷ ଅକ୍ଷୟ ସାହୁ, ସୁନାରି ସରପଞ୍ଚ ନନ୍ଦିନୀ ସାହୁ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ଟୋକନ୍ ପାଇଥିବା ଚାଷୀଙ୍କ ସମେତ ଚାଷୀ ଅକ୍ରୁର ବିଶ୍ୱାଳ, ତାପସ ବାରିକ, ମନବୋଧ ବାରିକ, ପବିତ୍ର ପଣ୍ଡା ଉପସ୍ଥିତ ଥିଲେ। ଚାଷୀ ବାସୁଦେବ ପ୍ରଧାନ, ଚୂଡ଼ାମଣି ପଧାନ, କ୍ଷୀର ପଟେଲଙ୍କ ମୋଟ ୧୮୧ କ୍ୱିଣ୍ଟାଲ ଧାନ କିଣା ଯାଇଥିଲା। ଏହି ଅବସରରେ ସଭାପତି ଗୌତମ ପ୍ରଧାନଙ୍କ ସରକାରୀ ନିର୍ଦ୍ଦେଶାବଳୀ ଅନୁସାରେ ଧାନ କିଣା ଯିବ। କଟଣି ଛଟଣି ଶୂନ୍ୟ ରହିବ, ଧାନ କ୍ରୟରେ କିଛି ସମସ୍ୟା ହେଲେ ଚାଷୀ ମତେ ଅଭିଯୋଗ କରିବେ ବୋଲି ସେ କହିଥିଲେ। ଆଜିର କାର୍ଯ୍ୟକ୍ରମକୁ ସମବାୟ ସମିତି ସମ୍ପାଦକ ସପନ ପଧାନ ପରିଚାଳନା କରିଥିଲେ।

# ଗଣ୍ଡା ସମାଜର ବାର୍ଷିକ ଅଧିବେଶନ

**ଝାରସୁଗୁଡ଼ା, ୨୪।୧୨(ସମିସ):** ଝାରସୁଗୁଡ଼ା ବ୍ଲକ ବଡ଼ମାଲ ପଞ୍ଚାୟତର ବଡ଼ମାଲ ଠାରେ ଗଣ୍ଡା ସମାଜ ବିକାଶ ପରିଷଦ ଝାରସୁଗୁଡ଼ାର ଏକାଦଶ ବାର୍ଷିକ ଅଧିବେଶନ ସଭାପତି ଧୀମାନ ରବୀନ୍ଦ୍ର ସୋହେଲାଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ସଂଗଠନର ଉପଦେଷ୍ଟା ଆଇନଜୀବୀ ଲକ୍ଷ୍ମୀଚରଣ ପାଲ, ଉପଦେଷ୍ଟା ସମାଜସେବୀ ଦୟାସାଗର କୁମୁରା, ଅବସରପ୍ରାପ୍ତ ନିର୍ବାହୀଯନ୍ତ୍ରୀ (କ୍ଷୁଦ୍ର ଜଳସେଚନ) ପୂର୍ଣ୍ଣଚନ୍ଦ୍ର ମହାନନ୍ଦିଆ, ସମାଜସେବୀକା କୁମୁଦିନୀ କୁଆ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଂଗଠନର ଉପସଭାପତି ଧୀମାନ ଚିନ୍ତାମଣି ସାମନ୍ତରା ମଞ୍ଚ ପରିଚାଳନା କରିଥିଲେ। ଜାତିବାଦର ବ୍ୟବସ୍ଥାରେ କିଛି ନିର୍ଦ୍ଦିଷ୍ଟ ଜାତି ଚକ୍ରାନ୍ତ କରି ଗଣ୍ଡା ଜାତିକୁ ଏକ ନୀଚ ଅଛୁଆଁ ଜାତିର ଆଖ୍ୟା ଦେଇଛନ୍ତି। ଜାତି ବ୍ୟବସ୍ଥା ବିରୋଧରେ ଲଢ଼େଇ କରି ଗଣ୍ଡା ଜାତିକୁ ଏକ ସ୍ୱାଭିମାନୀ ଜାତି ଭାବେ ଗଢ଼ିବା ପାଇଁ ସଭାପତି ଆହ୍ୱାନ ଦେଇଥିଲେ। ଏଥିରେ ଜମେରା ଓ ହିର୍ମା ଗାଁର ବାଳକ ବାଳିକାମାନେ ସମ୍ବଲପୁରୀ (ପୁରାତନ ଗଣ୍ଡା କଳା) ଲୋକ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ସଂଗଠନର ସମ୍ପାଦକ ରବୀନ୍ଦ୍ର ବାଦୀ, ସହ ସମ୍ପାଦକ ଦୁଃଖନାଶନ ଘୁଘର, କୋଷାଧକ୍ଷ ତେଜରାଜ ଲୁହା, ତୀର୍ଥ ଲୁହା, ଅଶ୍ୱିନୀ କୁମ୍ଭାର, ସୁବୋଧ ମାଳି, ତରଣୀସେନ ବୁଡ଼ା, ଦୋଳଗୋବିନ୍ଦ ଦେହେରିଆ, ଉମାଶଙ୍କର ଦିହିରିଆ, ଗଣେଶ୍ୱର ଉର୍ମା, ମଙ୍ଗଲୁ ମାଳି, ମନୋଜ ଘୁଘର, ଗୋବିନ୍ଦରନବିଡ଼ା, ନାରାୟଣ ସିଂହ ପ୍ରମୁଖ ବିଶେଷ ସହଯୋଗ କରିଥିଲେ।

# ରିଆମାଳ ପ୍ରାଥମିକ କୃଷି ସମବାୟ ସମିତିର ସାଧାରଣ ସଭା

**ରିଆମାଳ, ୨୪।୧୨(ସମିସ):** ରିଆମାଳ ବ୍ଲକ ରିଆମାଳ ପ୍ରାଥମିକ କୃଷି ସମବାୟ ସମିତି ଲିଃ ପକ୍ଷରୁ ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତିର ସଭାପତି ତରଣୀସେନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରିଆମାଳ, ଆଡ଼ସ୍, ମଳେହିପଡ଼ା ପଞ୍ଚାୟତର ୩ ଶହରୁ ଉର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ରିଆମାଳ ଶାଖା ମ୍ୟାନେଜର ବୃନ୍ଦାବନ ସାହୁ ସେବା ସମବାୟର ଆୟବ୍ୟୟର ସୂଚନା ଦେଇ ଋଣ ଗ୍ରହୀତା ମାନେ ଶୀଘ୍ର ଋଣ ପରିଶୋଧ କରି ସରକାରଙ୍କ ଯୋଜନାରେ ଲାଭ ଉଠାଇବାକୁ କହି ଧାନ ମଣ୍ଡି ଉପରେ କହିଥିଲେ। ସେହିପରି ଆଇନଜୀବୀ ପ୍ରମୋଦ ନନ୍ଦ, ପୂର୍ବ ସମିତି ସଭ୍ୟ ଗାନ୍ଧି ଚରଣ ନାୟକ ମଞ୍ଚାସୀନ ଥିଲେ। ବହୁ ଚାଷୀ ନିଜ ନିଜର ସମସ୍ୟା ଉପସ୍ଥାପନା କରିଥିଲେ। ସେବା ସମବାୟର ସମ୍ପାଦକ ମୋତିଲାଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅତିରିକ୍ତ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଲୋକନାଥ ସାହୁ, ଗୋଲବଦନ ବିଶ୍ୱାଳ ସହଯୋଗ କରିଥିଲେ।

# ପଶ୍ଚିମେଶ୍ୱର ବାବା ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର

**ଇବଥର୍ମାଲ, ୨୪।୧୨(ସମିସ):** ପଶ୍ଚିମେଶ୍ୱର ବାବା ଯୁବକ ସଂଘ ତରଫରୁ ତେଲେନପାଲି ପଞ୍ଚାୟତ କାର୍ଯ୍ୟାଳୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୩୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଝାରସୁଗୁଡ଼ା ଜିଲ୍ଲା ରକ୍ତଭଣ୍ଡାର ମୁଖ୍ୟ ଡ.ଶିଳବନ୍ତୀ ଯୁଯୋ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ଆକାଶ ସାହୁ ଓ ଯନ୍ତ୍ରୀ ସତପାଳ ସିଂ ଯୋଗ ଦେଇଥିଲେ। ସଞ୍ଜୟ ସ୍ୱାଇଁ, ସଞ୍ଜିବ ପଧାନ, ଦୀନେଶ ସା, ମନୋଜ ସା, ସୁଦେଶ ପେରେ, ବିକାଶ ପଧାନ ଶିବିର ଆୟୋଜନରେ ସହଯୋଗ କରିଥିଲେ।



**୩୮ ୟୁନିଟ୍ ରକ୍ତ ସଂଗ୍ରହ**

ନେତ୍ରାନନ୍ଦ ସାହୁ, ଶଙ୍କର ଖମାରୀ, କିରଣ ଉର୍ମା, ହୃଦାନନ୍ଦ ପଧାନ, ରାଜ ସ୍ୱାଇଁ, ଦିବ୍ୟଲୋଚନ ସେଟ୍, ଗୋପାଲ କୃଷ୍ଣ ବାରିକ, ବାବୁଲାଲ ଭୋଇ, କେତେନ ଦେହେରୀ, ବୈଲୋଚନ କୁମରା, ଅକ୍ଷୟ ଓରାମ, ସଞ୍ଜୀବ ଭୋଇ, ଛବିଲ ଭୋଇ, ସୁମନ ସେଟ୍, ଗୋବିନ୍ଦ ତନ୍ତୀ, ପ୍ରମୋଦ ସା, ସୂଜିତ ବେହେରା, ଗୋବର୍ଦ୍ଧନ ଧରୁଆ, ରମାକାନ୍ତ ନାୟକ, ରବି ବାର୍ଲା, ପପିନ୍ଦ୍ର ରାଉତ, ମନ୍ମଥ ପାଢ଼ୀ, ଉତ୍ତମ ଦାସ, ବିଷ୍ଣୁପ୍ରିୟା ସିଂ, ଅନୀତା ପ୍ରଧାନ, ଦିବ୍ୟରଞ୍ଜନ ଦାସ, ଭାନୁମତି ପଣ୍ଡା, ଜଗନ୍ନାଥ ଭୂୟାଁ, ଉମେଶ ଚନ୍ଦ୍ର ଖମାରୀ, ପୁରନ୍ଦର ଭୋଇ, ସତ୍ୟେନ୍ଦ୍ର ବର୍ଗତି, ଲକ୍ଷ୍ମଣ ସା, କିରଣ ଉର୍ମା, ଅଜୟ ପଣ୍ଡା, ରଞ୍ଜନ ସେଟ୍, ଲଳିତ କାଲସେ, ରସ୍ମିତା ବଡ଼େଇ, ହେମନ୍ତ ଭୋଇ ବିଜୟ ପଧାନ ପ୍ରମୁଖ ରକ୍ତଦାନ କରିଥିଲେ।

# କୁଲତା ସମାଜର ଜନସମାବେଶ ଓ ମିଶ୍ରଣ ପାଇଁ ପ୍ରସ୍ତୁତି

**ଝାରସୁଗୁଡ଼ା, ୨୪।୧୨ (ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ମଣ୍ଡଲିଆ ସ୍ଥିତ ଏମସିଏଲର କଲ୍ୟାଣ ମଣ୍ଡପ ଠାରେ ଆସନ୍ତା ଜାନୁଆରୀ ୧୦ ଏବଂ ୧୧ ତାରିଖ ଦୁଇ ଦିନ ଧରି ଓଡ଼ିଶା ଓ ଛତିଶଗଡ଼ରେ ବସବାସ କରୁଥିବା ଶ୍ରୀ ଶ୍ରୀ ରଣେଶ୍ୱର ରାମଚଣ୍ଡୀ ଦେବୀଙ୍କ ଭକ୍ତ କୁଲତା ଜାତିର ଏକ ମହା ସମାବେଶ ମହା ସମାରୋହରେ ଆୟୋଜିତ ହେବ। ଏଥି ନିମନ୍ତେ ବ୍ରଜରାଜନଗର ନୂଆଁଡିହି ଗୌରୀ ଶଙ୍କର କ୍ଲବ୍ ଠାରେ ଜିଲ୍ଲାର ପ୍ରମୁଖ ପୀଠ ଗୁଡିକ ତଥା ଅନ୍ୟାନ୍ୟ କୁଲତା ସଂଗଠନକୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାତିର ଏକତା ଓ ସଂହତି ରକ୍ଷା ସହ ଆଗାମୀ ମହାସମାବେଶକୁ ସଫଳ କରିବା ବୈଠକର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ସମ୍ବଲପୁର ଜିଲ୍ଲା ଲପଙ୍ଗା ପୀଠର ସଭାପତି ଲଳିତ ସାହୁ,



କଦେଲ ପିଟା ପୀଠ ସଭାପତି କ୍ଷୀରୋଧ ପ୍ରଧାନ, ଅଡ଼ାପରା ପୀଠ ସଭାପତି ରଘୁମଣୀ ପ୍ରଧାନ, ବନ୍ଧବାହାଲ ରାମଚଣ୍ଡୀ ସଂଗଠନ ସଭାପତି ଭାଗିରଥି ପ୍ରଧାନ, କୁଲତା ସମାଜ ବିକାଶ ମଞ୍ଚ ସଭାପତି ନନ୍ଦ କିଶୋର ପ୍ରଧାନ, ଗଣ୍ଠ ଘୋର ପ୍ରଗଣା ସଭାପତି ରୂପୀନ୍ଦ୍ର ବଡ଼େଇ, ଶଶିଭୂଷଣ ସାହୁ, ଗୋବର୍ଦ୍ଧନ ବାରିକ, ରମେଶ ସା, ସମର ବଗା ଗୁଡି ସଭାପତି ଅକ୍ଷୟ ପ୍ରଧାନ, ଅତାବିରା ଉପପୀଠ ସଭାପତି ରତ୍ନାକର ଖମାରି, ସମାଜସେବୀ ସେବକରାମ ଭୋଇ ପ୍ରମୁଖ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ୨୪ ତମ କୁଲତା ଜାତି ମହାସଭା ସଭାପତି ସନ୍ତୋଷ ବଡ଼େଇ ମହାସମାବେଶକୁ ସଫଳ କରିବାକୁ ନିବେଦନ କରିଥିଲେ। ବୈଠକରେ କୁଲତା ସମାଜ ବିକାଶ ମଞ୍ଚ ସଭାପତି ନନ୍ଦ କିଶୋର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ହୃଦାନନ୍ଦ ମାଝି ପରିଚାଳନା କରି ଧନ୍ୟବାଦ ଅର୍ପଣ କରିଥିଲେ। ବ୍ରଜରାଜନଗର କୁଲତା ସମାଜ ବିକାଶ ମଞ୍ଚର କର୍ମକର୍ତ୍ତାଙ୍କ ମଧ୍ୟରେ ଅରୁଣ ପ୍ରଧାନ, ପ୍ରେମାନିଧି ପ୍ରଧାନ, ରଞ୍ଜିତ ପ୍ରଧାନ, ଭବାନୀ ଶଙ୍କର ପ୍ରଧାନ, ତୁଳାରାମ ପ୍ରଧାନ, ଛବିଳ ବଡ଼େଇ, ଦୀରେ୍ୟାଧନ ଖମାରି, ଶୈଳେନ୍ଦ୍ର ପ୍ରଧାନ, ସୀତାରାମ ପ୍ରଧାନ, ଚନ୍ଦ୍ରମଣୀ ପ୍ରଧାନ, ବାଲ ମୁକୁନ୍ଦ ପ୍ରଧାନ, ସୁରଥ ସାହୁ, ଦୟାସାଗର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ■ କେନ୍ଦୁପତ୍ର ତୋଲାଳି ଓ ଋତୁକାଳୀନ କର୍ମଚାରୀଙ୍କ ଦାବି

# ଜାନୁଆରୀ ଶେଷ ସୁଦ୍ଧା ସମାଧାନ ନ ହେଲେ ଆନ୍ଦୋଳନ

**ବାରକୋଟ, ୨୪।୧୨(ସମିସ):** ଦେବଗଡ଼ କେନ୍ଦୁପତ୍ର ଡିଭିଜନର ବାରକୋଟ ଓ କଣ୍ଢଲରେଞ୍ଜର ବିଜୟନଗର ମାଁ ଶରଣୀପାଟ ମନ୍ଦିର ପ୍ରାଙ୍ଗଣରେ ବିଡବ୍ଲ୍ୟୁଆଇ ସହାୟତାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ବିଜୟ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ଶତାଧିକ କେନ୍ଦୁପତ୍ର ତୋଲାଳି, ଋତୁକାଳୀନ କର୍ମଚାରୀ ଓ ବନ୍ଧେଇ ଶ୍ରମିକମାନେ ଯୋଗ ଦେଇଥିଲେ। ସଭାରେ ତୋଲାଳି, କର୍ମଚାରୀ ଓ ବନ୍ଧେଇ ଶ୍ରମିକ ମାନଙ୍କର ବିଭିନ୍ନ ଦାବି ଉପରେ ଆଲୋଚନା ହୋଇଥିଲା। ଦାବି ପୂରଣରେ ସରକାର ଆହେତୁକ ବିଳମ୍ବ କରୁଥିବା ବକ୍ତା ମାନେ ଅଭିଯୋଗ କରିଥିଲେ। ରାଜ୍ୟ ସଭାପତି ଶ୍ରୀ ମହାନ୍ତି କେନ୍ଦୁପତ୍ର କେରି ପ୍ରତି ଦର ବୃଦ୍ଧି, ଋତୁକାଳୀନ କର୍ମଚାରୀ ମାନଙ୍କର ସର୍ବନିମ୍ନ ମଜୁରି ଅନୁପାତରେ ମାସିକ ମଜୁରି ବୃଦ୍ଧି, ବନ୍ଧେଇ ଶ୍ରମିକ ମାନଙ୍କର ବଣ୍ଡଲ ପ୍ରତି ମଜୁରି ବୃଦ୍ଧି ଏବଂ ବୋନସ ପରିମାଣ ବୃଦ୍ଧିକୁ ସରକାର ଜାନୁଆରୀ ଶେଷ ସୁଦ୍ଧା ଘୋଷଣା କରିବାକୁ ଦାବି କରିଥିଲେ। ଋତୁକାଳୀନ କର୍ମଚାରୀଙ୍କ ଛଟେଇ, ଫଡି ଉଚ୍ଛେଦ ଆଦି ଶ୍ରମିକ ଓ ତୋଲାଳି ବିରୋଧୀ ବିଚାରରୁ ନିବୃତ୍ତ ନ ହେଲେ ଆନ୍ଦୋଳନକୁ ତୀବ୍ରତର କରାଯିବା ସହ ଏହିସବୁ ଦାବି ଜାନୁଆରୀ ଶେଷ ସୁଦ୍ଧା ପୂରଣ ନ ହେଲେ ସଂଘ ପକ୍ଷରୁ ବଡ ଧରଣର ଆନ୍ଦୋଳନ ହେବ ବୋଲି ସଭାପତି ଶ୍ରୀ ମହାନ୍ତି ଘୋଷଣା କରିଥିଲେ। ଏହି ଆଲୋଚନା ସଭାକୁ ସଂଘର ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା ପରିଚାଳନା କରିଥିଲେ। ଏଥିରେ ସଂଘର ରାଜ୍ୟ ସାଂଗଠନିକ ସମ୍ପାଦକ ସଞ୍ଜିତ ମହାନ୍ତି ତାଙ୍କ ଭାଷଣରେ ଦାବି ହାସଲ ପାଇଁ ସମସ୍ତେ ସଂଗଠିତ ହେବାକୁ ଆହ୍ୱାନ ଜଣାଇ ଜିଏସଟି ଉଚ୍ଛେଦ ଲଢ଼େଇରେ ସଂଘ ବିଜୟୀ ହୋଇଥିବା ବେଳେ ଜିଏସଟି ବାବଦରେ ସଂଗ୍ରହ ହୋଇଥିବା ଅର୍ଥକୁ ସରକାର ତୋଲାଳି କର୍ମଚାରୀ ମଧ୍ୟରେ ବଣ୍ଟନ କରିବାକୁ ଓ ମୃତ୍ୟୁ କାଳୀନ ସହାୟତା ବୃଦ୍ଧି କରିବାକୁ ଦାବି କରିଥିଲେ। ଏଥିରେ ଦେବଗଡ଼ ଡିଭିଜନରେ ମୁନସୀ ଓ ଫଡିସାଥୀ ମାନେ ଧାର୍ଯ୍ୟ ସମୟ ସୀମା ଠାରୁ ବହୁ କମ୍ ପରିମାଣର ମାସିକ ମଜୁରି ପାଇଥିବା ଏବଂ ଡିଏସ୍ କାର୍ଯ୍ୟରେ ଧାର୍ଯ୍ୟ ମୂଲ୍ୟ ଠାରୁ କମ୍ ମଜୁରି ମିଳିଥିବା ଅଭିଯୋଗ ହୋଇଥିଲା। ଏଥିପ୍ରତି ଡିଏଫଓ ଧ୍ୟାନ ଦେଇ ପ୍ରତିକାର କରିବାକୁ ଦାବି କରାଯାଇଥିଲା। ଏହି ଆଲୋଚନା ସଭାରେ ଡିଭିଜନ ସମ୍ପାଦକ ଭୁପେନ୍ଦ୍ର ପ୍ରସାଦ ନାୟକ, ପୂର୍ବତନ ସମବାୟ କେନ୍ଦ୍ର ବ୍ୟାଙ୍କର ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ପୂର୍ବତନ ଡିଭିଜନ ସମ୍ପାଦକ ବିଶ୍ୱନାଥ ସ୍ୱାଇଁ, ଶଙ୍କର୍ଷଣ ମହାପାତ୍ର, ରମେଶ ଚନ୍ଦ୍ର ସାହୁ, କୌଶିକ ସାହୁ, ଜ୍ଞାନେନ୍ଦ୍ର ଗଡ଼ନାୟକ, ବିରେନ୍ଦ୍ର ଦେବ, ଦୁଃଶାସନ ସାହୁ, ରମାକାନ୍ତ ସାହୁ, ଚିତ୍ରସେନ ନାୟକ, ସୁଶୀଳା ବେହେରା, ଲଳିତା ବେହେରା, ବିନୋଦିନୀ ସାହୁ, ରିମା ମାଝୀ, ଶୈଳବାଳା ସ୍ୱାଇଁ, ଝରଣା ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ସୁମିତ ପଟେଲ ଯୁବ ସଂଯୋଜକ ସୁମିତ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ସୁଶାସନ କର୍ମଶାଳା

**ଦେବଗଡ଼, ୨୪।୧୨(ସମିସ):** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁଶାସନ କର୍ମଶାଳା ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ ସୁଶାସନ ସପ୍ତାହ ଅବସରରେ ଜିଲ୍ଲା ଓ ବ୍ଲକର ସମସ୍ତ ବିଭାଗ ଅଧିକାରୀ ନିଜ ନିଜ ବିଭାଗର ସୁବିଧା ସୁଯୋଗ କିପରି ଲୋକାଭିମୁଖୀ ହୋଇପାରିବ ଏବଂ ସେହି ସୁବିଧା ଜନସାଧାରଣ କିପରି ପାଇପାରିବେ ସେ ନେଇ ଜିଲ୍ଲାପାଳ ଶ୍ରୀ ସାହୁ ସମସ୍ତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। କର୍ମଶାଳାରେ ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର୍, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଧନୁର୍ଜୟ ମହନ୍ତ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତି ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅଶୋକ ଇନ୍ଦୁଆର୍, ଜିଲ୍ଲା ଶିକ୍ଷା ଅଧିକାରୀ କେନ୍ଦ୍ରାକୁଜୁର୍, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ ପାତ୍ର, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ବିଜୟ ପାତ୍ର, ଡିପିଏମ୍ ଓଏଲେମ୍ ଶିଶିର ଷଡଙ୍ଗୀ, ଜିଲ୍ଲା ଶ୍ରମ ଅଧିକାରିଣୀ ପଦ୍ମାବତୀ ମାରାଣ୍ଡି, ଟିପିଡବ୍ଲୁଡିଏଲ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀରାଜୁ ସାହା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ବରିଷ୍ଠ ନାଗରିକ ରାମଚନ୍ଦ୍ର ମହାପାତ୍ର, ଗୌରହରି ଷଡଙ୍ଗୀ, ଯୁଧିଷ୍ଠିର ଦାସ, ଭୁବନେଶ୍ୱର ପ୍ରଧାନ ଓ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ତଥା ସାମ୍ବାଦିକ ମାନେ ଉପସ୍ଥିତ ଥିଲେ।

# ଜାତୀୟ ଉପଭୋକ୍ତା ଦିବସ

**ଦେବଗଡ଼, ୨୪।୧୨ (ସମିସ):** ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ବୈଧ ଓ ମାପ ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ଉପଭୋକ୍ତା ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବୈଧ ମାପ ଓ ବିଜ୍ଞାନ ବିଭାଗ ଉପନ?ୟନ୍ତ୍ରକ ରଞ୍ଜନା ପଟେଲ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ପ୍ରଭାସ ଚନ୍ଦ୍ର ମିଶ୍ର, ଯୋଗାଣ ଅଧିକାରୀ ସହାୟକ ଯତୀନ ରାଉତ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଅତିଥି ଭାବେ ଯୋଗଦେଇ ଡିଜିଟାଲ ନ୍ୟାୟ ମାଧ୍ୟମରେ କାର୍ଯ୍ୟକୁଶଳ ଏବଂ ଦ୍ରୁତ ନିଷ୍ପତ୍ତି ବିଷୟ ସମ୍ପର୍କିତ ଆଲୋଚନାଚକ୍ରରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିସହ ଲୋକମାନେ କୌଣସି ଜିନିଷ କିଣିବା ବେଳେ ତାହାର ମୂଲ୍ୟ, ଏକ୍ସପାରୀ ତାରିଖ, ଦୋକାନୀ ଠାରୁ ବିଲ ସଂଗ୍ରହକୁ ଧ୍ୟାନ ଦେବା ସହିତ ସଠିକ ମୂଲ୍ୟରେ ଜିନିଷ ନଦେଲେ ଖାଉଟି ଅଦାଲତ ଆଶ୍ରୟ ନେବା ସହ ଆଇନଗତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଜିଲ୍ଲା ଯୋଗାଣ ବିଭାଗର କର୍ମଚାରୀ, ବୈଧ ମାପ ବିଜ୍ଞାନ ଉପ ନିୟନ୍ତ୍ରକ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

**ଝାରସୁଗୁଡ଼ା:** ଝାରସୁଗୁଡ଼ା ସରବାହାଲ ସ୍ଥିତ ଲିଟିଲଷ୍ଟାର ପବ୍ଲିକ ସ୍କୁଲ ସଭାଗୃହ ଠାରେ ଜାତୀୟ ଉପଭୋକ୍ତା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଖାଦ୍ୟ ଯୋଗାଣ ବିଭାଗ ତରଫରୁ ଏଇତ ଜୀବନ ଭି ସହଭାଗିତାରେ ଜାତୀୟ ଉପଭୋକ୍ତା ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଉପନିୟନ୍ତ୍ରକ ଆଶା ମିଞ୍ଜ ଯୋଗ ଦେଇଥିଲେ। ଉପଭୋକ୍ତା ମାନଙ୍କ ଲାଗି ଥିବା ଆଇନ ଗତ ସୁବିଧାର ଅବତରଣା କରିଥିଲେ। ସମ୍ମାନିତ ଅତିଥି ଭାବେ ଗଗନ ମାରାଣ୍ଡି ଉପଭୋକ୍ତା କିପରି ଆଇନଗତ ସୁବିଧା ନେଇ ପାରିବେ ତାହା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଡ.କୈବଲ୍ୟ ମିଶ୍ର ଜିନିଷ କ୍ରୟ କଲା ବେଳେ କେଉଁ ବିଷୟରେ ଧ୍ୟାନ ଦେବା ବିଧେୟ ତା ଉପରେ ଆଲୋଚନା କରିଥିଲେ। ବିଶିଷ୍ଟ ସାହିତ୍ୟିକା ତଥା ଇଜେଭି ଉପ ସଭାପତି ଅଞ୍ଜଳିପ୍ରଭା ପଟ୍ଟନାୟକ ନିଜର ବକ୍ତବ୍ୟରେ ଉପଭୋକ୍ତାର ଅଧିକାର, ଆଇନଗତ ସମୟସୀମା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜ୍ୟୋତିର୍ମୟୀ ବେହେରା ଉପଭୋକ୍ତାଙ୍କ କର୍ତ୍ତବ୍ୟବୋଧ ଉପରେ ମତ ରଖିଥିଲେ। ଏଲ୍ଏସପି ସ୍କୁଲର୍ ଅଧ୍ୟକ୍ଷ ଗୁରୁଫାନ ଖାଁ ସଭା କାର୍ଯ୍ୟରେ ସଭାପତିତ୍ୱ କରିଥିଲେ। ପୁନମ୍ ପଟେଲ୍ ସ୍ୱାଗତ ଭାଷଣ ରଖିଥିବା ବେଳେ ପ୍ରୀୟାରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଇଜେଭି ଫାଉଣ୍ଡେସନ ପକ୍ଷରୁ ଅନିତା ବାଗ, ମିନତି ମେହେର, ଦୀପ୍ତି ବେହେରା, ହେମଲତା ମେହେର, ଆଶା ସା ପ୍ରମୁଖ ସହଯୋଗ କରିଥିଲେ।

# କମଳା ରସ ପ୍ରକ୍ରିୟାକରଣ କେନ୍ଦ୍ରରେ ତାଲିମ୍

**ଦେବଗଡ଼, ୨୪।୧୨(ସମିସ):** ରିଆମାଳ ବ୍ଲକ ବୁଢ଼ାପାଳ ଠାରେ ଅବସ୍ଥିତ କମଳାରସ ପ୍ରକ୍ରିୟା କରଣ କେନ୍ଦ୍ରରେ ଓୟୁଏଟି ଭୁବନେଶ୍ୱରର ତତ୍ତ୍ୱାବଧାନରେ କମଳାରସ ଗୁଣବତ୍ତା ବୃଦ୍ଧି ସମ୍ପର୍କିତ ଏକଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଓୟୁଏଟି ଭୁବନେଶ୍ୱରର ଅଧ୍ୟାପକ ନିହାର ରଞ୍ଜନ ଦାସ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଓୟୁଏଟିର କୈଳାଶ ଚନ୍ଦ୍ର ପରିଡ଼ା ବୈଷୟିକ ପରାମର୍ଶ ଦାତା ତଥା ନବକିଶୋର ସାହୁ ବିଭିନ୍ନ ବିଷୟର ଆଲୋଚନା କରିଥିଲେ। ଶିବିରରେ ନିକଟସ୍ଥ ୪ଟି ଗାଁରୁ ୫୦ ଜଣ ମହିଳା ତାଲିମ୍ ଶିବିରରେ ଯୋଗ ଦେଇଥିଲେ। ଡେପୁଟି ସିଓ ଓରମାସ ରବୀନ୍ଦ୍ର ପ୍ରଧାନ ତାଲିମ୍ ଶିବିରକୁ ପରିଚାଳନା କରିଥିଲେ।

# ମାଁ ରମ୍ଭାଦେବୀ କ୍ରିକେଟ ପ୍ରତିଯୋଗିତା: ଟାଇଁସର ଚାମ୍ପିଅନ

**ଦେବଗଡ଼, ୨୪।୧୨(ସମିସ):** ତିଲେଇବଣି ବ୍ଲକ ସୁଗୁଡା ପଞ୍ଚାୟତ ସଦର ମହକୁମାରେ ମାଁ ରମ୍ଭାଦେବୀ କ୍ରିକେଟ କମିଟି ଆନୁକୂଲ୍ୟରେ ଗତ ସୋମବାରରୁ ଆରମ୍ଭ



ହୋଇଥିବା ମାଁ ରମ୍ଭାଦେବୀ ତ୍ରି-ଦିବସୀୟ କ୍ରିକେଟ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଛି। ଆଜିର ଫାଇନାଲ ମ୍ୟାଚ୍‌ରେ କାଲକାଠ କ୍ରିକେଟ ଦଳକୁ ୩୦ ରନରେ ପରାସ୍ତ କରି ଟାଇଁସର କ୍ରିକେଟ ଦଳ ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚ୍‌କୁ ଅମ୍ପାୟାର ଭାବେ ସୁଶାନ୍ତ ସାହୁ, ଅରୁଣ ସାହୁ, ପିଙ୍କେଶ୍ୱର ପ୍ରଧାନ, ସୁପ୍ରିମ ସାହୁ ଓ ଅନିଲ ସାହୁ ପରିଚାଳନା କରିଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ଆରତି ପ୍ରଧାନ, ସମ୍ବଲପୁର ଲୋକସଭା ସଦସ୍ୟ ଯୋଗେଶ ଚନ୍ଦ୍ର ପ୍ରଧାନ, ଜିଲା ଓକିଲ ସଂଘର ସଭାପତି ତଥା ସୁଗୁଡା ସେବା ସମବାୟ ସମିତିର ସଭାପତି ସିଦ୍ଧେଶ୍ୱର ଗୁରୁ ଓ ସୁଗୁଡା ପଞ୍ଚାୟତର ସରପଞ୍ଚ କୁନୁ ବେହେରା ଯୋଗ ଦେଇଥିଲେ। ଅତିଥି ମାନେ ଚାମ୍ପିଅନ ଟାଇଁସର ଓ ରନର୍ସଅପ୍ କାଲକାଠ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ମାଁ ରମ୍ଭାଦେବୀ କ୍ରିକେଟ କମିଟିର ସଦସ୍ୟ ଶ୍ରୀତମ ସାହୁ, ସଞ୍ଜୟ ସାହୁ, ଚନ୍ଦନ ସାହୁ, ଭାଗିରଥୀ ସାହୁ, ବିକମ ପ୍ରଧାନ, ସୁଶାନ୍ତ ସାହୁ, ଶାନ୍ତନୁ, ଚିନୁ ସାହୁ, ସଚ୍ଚିନ ସାହୁ, ଠାକୁର, ଡେଭିଡ ପ୍ରଦାନ, ବିକାଶ ପ୍ରଧାନ, ହରିହର ସାହୁ ଓ ବିକୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଇଷ୍ଟକୋଷ୍ଟ ଖୋର୍ଦ୍ଧାକୁ ହରାଇ ଫାଇନାଲରେ ଏଏସ୍ ଏକାଡେମୀ ରାଉରକେଲା

**ଦେବଗଡ଼, ୨୪।୧୨(ସମିସ)**

ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ୍‌ରେ ବାମଣ୍ଡା କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ୩୫ ତମ ସର୍ବଭାରତୀୟବାମଣ୍ଡା କପ୍‌କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ବୁଧବାର ଗ୍ରୁପ୍ ଏର ପ୍ରଥମ ସେମିଫାଇନାଲ ମ୍ୟାଚ୍ ରାଉରକେଲା ଏଏସ ଏକାଡେମୀ ସହ ଖୋର୍ଦ୍ଧା ଇଷ୍ଟକୋଷ୍ଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇଷ୍ଟକୋଷ୍ଟ ଖୋର୍ଦ୍ଧାକୁ ୪୩ ରନ୍‌ରେ ପରାସ୍ତ କରି ରାଉରକେଲା ଦଳ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ରାଉରକେଲା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୯ ୱିକେଟ୍ ହରାଇ ୨୦୩ ରନ୍ କରିଥିଲା। ଦଳ ପକ୍ଷରୁ ଜୈକାନ୍ତ କାଇୱାର୍ଥ ୪୭, ଶୁଭମ୍ ରାଉତରାୟ ୩୦ ଓ ବିକାଶ ଦୀକ୍ଷିତ ୩୦ ରନ କରିଥିଲେ। ଖୋର୍ଦ୍ଧା ଦଳର ବୋଲର ଜୟନ୍ତ ବେହେରା ୫ ଓ କୌଶଳ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଏହାର ଜବାବରେ ଖୋର୍ଦ୍ଧା ଦଳ ବ୍ୟାଟିଂ ଆରମ୍ଭ କରି ୨୦ ଓଭରରେ ସମସ୍ତ ୱିକେଟ୍ ହରାଇ ୧୬୦ ରନ କରି ପରାଜିତ ହୋଇଥିଲେ। ଦଳ ପକ୍ଷରୁ ଆଦିତ୍ୟ ରାଉତ ୪୦ ଓ ଏମ୍ ପାଣ୍ଡେ ୪୦ ରନ୍ ସଂଗ୍ରହ କରିଥିଲା ବେଳେ ରାଉରକେଲା ଦଳର ବୋଲର ବିକାଶ ଦୀକ୍ଷିତ ୪ ଓ ରୌଶନ୍ ୨ଟି ୱିକେଟ୍ ଅକ୍ତିଆର କରିଥିଲେ। ଆଜିର ମ୍ୟାଚ୍‌କୁ ଅମ୍ପାୟାର ସତ୍ୟ ପ୍ରସାଦ ରଥ ଓ ସୌମ୍ୟ ଦର୍ଶନ ମହାନ୍ତି ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ରୋମି ନାୟକ ଓ ରିତିକ୍ ଦେହୁରୀ ଦାୟିତ୍ୱ ତୁଲାଇଥିଲେ। ସେହିପରି ବେଣୁଧର ଗଡ଼ନାଏକ ଓ ଦିଲୁ ଦାସଭାୟା ମ୍ୟାଚ୍‌ର ଧାରାବିବରଣୀ ପ୍ରଦାନ କରିଥିଲେ। ଆଜିର ମ୍ୟାଚ୍‌ରେ ରାଉରକେଲା ଦଳର ବିକାଶ ଦୀକ୍ଷିତଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା।



# ଚାନ୍ଦବାଲି ଲଜ୍ଜା: ବିଜେଡି, କଂଗ୍ରେସର ବନ୍ଦ ଡକରା

ଭଦ୍ରକ,୨୪।୧୨(ସମିସ)





ଚାନ୍ଦବାଲିରେ ଘଟିଥିବା ଦିବ୍ୟାଙ୍ଗ ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ ଓ ପରେ ହତ୍ୟା ଘଟଣାରେ ରାଜନୀତି ଜୋର ଧରିଛି। ବୁଧବାର ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉଭୟ ରାଜ୍ୟ ଓ ଚାନ୍ଦବାଲିରେ ଆଇନ ଶୃଙ୍ଖଳା ଭୁଶୁଡ଼ି ପଡ଼ିଥିବା ବିଜେଡି ଅଭିଯୋଗ କରିଛି। ବିଧାୟକ ଡ.ବ୍ୟୋମକେଶ ରାୟ ଉକ୍ତ ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଏହି ସ୍ପର୍ଶକାତର ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବାସହ ପୁଲିସ ଉପରେ ବର୍ଷିଛନ୍ତି। ଥାନା ଠାରୁ ମାତ୍ର ୫ଶହ ମିଟର ଦୂରରେ ଏହି ଘଟଣା ଘଟିଥିଲେ ବି ପୁଲିସ ତରଫରୁ ଯେତିକି ସଜାଗ ହେବା କଥା ହୋଇ ନ ଥିଲା, ତେଣୁ ଏଭଳି ଘଟଣା ଘଟିଲା ବୋଲି ସେ ପ୍ରକାଶ କରିଥିଲେ। ନିକଟରେ ରାଜ୍ୟର ଗୋପାଳପୁର, ଧଉଳି, ବାଲି ହରଚଣ୍ଡୀ, ଭୁବନେଶ୍ୱର ଠାରେ ଏଭଳି ଘଟଣା ଘଟିଥିଲେ ବି ପୁଲିସ ଆଇନ ଶୃଙ୍ଖଳା ରକ୍ଷାରେ ବିଫଳ ହୋଇଥିବା ସେ ପ୍ରକାଶ କରିଥିଲେ। ଚୋରା ମଦ କାରବାର, ଗଞ୍ଜେଇ, ଡ୍ରଗ୍ସ, ଭଳି ନିଶା ଦ୍ରବ୍ୟ ର ଅବାଧ କାରବାର ଚାଲିଥିଲେ ବି ଉଭୟ ପୁଲିସ ଓ ଅବକାରୀ ବିଭାଗ ଆଖି ବୁଜି ଦେଇଥିବାରୁ ଏଭଳି ଘଟଣା ଘଟିଥିବା ସେ ଅଭିଯୋଗ କରିଥିଲେ। ତେଣୁ ଏହି ସ୍ପର୍ଶକାତର ଘଟଣାରେ ଦଳ ଉଦ୍‌ବେଗ ପ୍ରକାଶ କରିବା ସହ ଗୁରୁବାର ଦଳ ତରଫରୁ ୬ ଘଣ୍ଟିଆ ଚାନ୍ଦବାଲି ବ୍ଲକ ପାଳନ କରିବାକୁ ଘୋଷଣା କରିଥିଲେ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ବ୍ଲକ ବିଜେଡି ସଭାପତି ପ୍ରତାପ ଚନ୍ଦ୍ର ଧଳ, ନଗର ସଭାପତି ଦିଗ୍ବର ରାଉତ, ଏନ୍ ଏ ସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ, ବ୍ଲକ ଅଧ୍ୟକ୍ଷା ମିନତି ସୁତାର, ଉପାଧ୍ୟକ୍ଷ ସରୋଜ ବଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ ବରିଷ୍ଠ ନେତା ନରେଶ ମାଝୀ, ଶରତ ସାହୁ, ଚିତ୍ତରଞ୍ଜନ ସୁତାର, ଯୁବ ନେତା ଜିତେନ୍ଦ୍ର ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ୫୦ଲକ୍ଷ ଟଙ୍କାର କ୍ଷତି ପୂରଣ ଦିଆଯାଉ : କଂଗ୍ରେସ

ଚାନ୍ଦବାଲି ଅଘଟଣକୁ ନେଇ କଂଗ୍ରେସ କାର୍ଯ୍ୟାଳୟଠାରେ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଛି। ଏଥିରେ ଦଳ ତରଫରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ଏଥିସହ ପୀଡ଼ିତା ପରିବାରକୁ ପଚାଶ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିବାକୁ ଦଳ ତରଫରୁ ଦାବି କରାଯାଇଛି। ଅନ୍ୟପକ୍ଷରେ ବିଜେଡି ଭଳି କଂଗ୍ରେସ ମଧ୍ୟ ଗୁରୁବାର ଚାନ୍ଦବାଲିରେ ୬ ଘଣ୍ଟିଆ ବନ୍ଦ ପାଳନ ଡାକରା ଦେଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ଦିଗମ୍ବର ଦାସ, ସୁଲୋଚନା ନାୟକ, ଶକ୍ତି ପ୍ରତାପ ବିଶ୍ୱାଳ, ରାଜେଶ ସ୍ୱାଇଁ, ବଦ୍ରି ନାୟକ, ଦିଗମ୍ବର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଡିଆଇଜିଙ୍କ ସାମ୍ବାଦିକ ସମ୍ମିଳନୀ

ଚାନ୍ଦବାଲିରେ ଘଟିଥିବା ଦିବ୍ୟାଙ୍ଗ ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟାକୁ ନେଇ ପୂର୍ବାଞ୍ଚଳ ରେଞ୍ଜ ଡିଆଇଜି ପିନାକ ମିଶ୍ର ଚାନ୍ଦବାଲିରେ ଆଜି ପହଞ୍ଚି ଘଟଣାର ଅନୁସନ୍ଧାନ କରିବା ସହ ସ୍ଥିତି ଉପରେ ସମୀକ୍ଷା କରିଥିଲେ। ଏସ୍‌ପି ମନୋଜ କୁମାର ରାଉତଙ୍କ ସହ ଏ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ପରେ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସମ୍ବେଦନଶୀଳ ଘଟଣା ସମ୍ବନ୍ଧରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଘଟଣାକୁ ଅତ୍ୟନ୍ତ ସ୍ପର୍ଶକାତର କହିବା ସହ ଏହି ଦୁଃଖଦ ଘଟଣାରେ ପୁଲିସ ତତ୍ପରତା ପ୍ରକାଶ କରିଥିଲା। ନିଜେ ଏସ୍‌ପି ଶ୍ରୀ ରାଉତ ନେତୃତ୍ୱ ନେଇ ଅନୁସନ୍ଧାନ ଆରମ୍ଭ କରିବା ସହ ୪ଟି ଟିମ୍ କରି ବିଭିନ୍ନ ସ୍ଥାନରେ ଅଭିଯୁକ୍ତକୁ ୧୨ଘଣ୍ଟା ମଧ୍ୟରେ ଠାବ କରିବାରେ ସଫଳ ହୋଇଥିବା କହିଛନ୍ତି।

# ୫ମ ଦିନରେ ଆଶାକର୍ମୀଙ୍କ ଧାରଣା

ଭଣ୍ଡାରିପୋଖରୀ, ୨୪।୧୨(ସମିସ): ଭଣ୍ଡାରିପୋଖରୀ ଡାକ୍ତରଖାନାରେ ଆଶା କର୍ମୀଙ୍କ ଧାରଣା ୫ମ ଦିନରେ ପହଞ୍ଚିଛି। ଧାରଣକାରୀଙ୍କୁ ମନାଇବା ପାଇଁ ଜିଲ୍ଲା ଅତିରିକ୍ତ ଚିକିତ୍ସାକାରୀ ଡା ସନ୍ତୋଷ ପୃଷ୍ଟି ବୁଧବାର ଉଦ୍ୟମ କରି ବିଫଳ ହୋଇଛନ୍ତି। ମଙ୍ଗଳବାର ଭାଜପା ନେତା ବଦ୍ରିନାରାୟଣ ଧଳ, ମଣ୍ଡଳ ସଭାପତି ତରଣୀସେନ ଜେନାଙ୍କ ଉଦ୍ୟମ ବିଫଳ ହୋଇଥିଲା। ମଙ୍ଗଳବାର ବଡ଼ଚଣାର ସିଏଚସିର ଜନୈକ କର୍ମଚାରୀ ଧାରଣାରତ ଆଶା କର୍ମୀଙ୍କ ନିକଟରେ ଉପସ୍ଥିତ ରହିବାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ପ୍ରଥମେ ମେଡିକାଲ ଅଧୀକ୍ଷକଙ୍କ ବଦଳି ପ୍ରସଙ୍ଗକୁ ନେଇ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଥିଲା। ଏହା ପରେ କିଛି ମାତ୍ରାରେ ମେଡିକାଲଟି ସ୍ୱାଭାବିକ ଅବସ୍ଥାକୁ ଫେରିଥିବା ବେଳେ ବିପିଏମ ବଦଳି ଆଦେଶ ବାତିଲ ପ୍ରସଙ୍ଗରେ ଆଶା କର୍ମୀ ମାନେ ୫ଦିନ ହେବ ଧାରଣା ଦେଇଛନ୍ତି। ଏଠାରେ ଥିବା ବିପିଏମ୍ ରଶ୍ମୀରେଖା ପୃଷ୍ଟିଙ୍କୁ କିଛି ଦିନ ପୂର୍ବରୁ ତିହିଡି ମେଡିକାଲକୁ ବଦଳି କରା ଯାଇଥିଲା। ମାତ୍ର ସେଠାରେ ସେ କାର୍ଯ୍ୟରେ ଯୋଗଦାନ ଦେଇପାରି ନଥିଲେ। ହାଇକୋର୍ଟ ଆଦେଶ ବଳରେ ପୁଣି ତାଙ୍କୁ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅବସ୍ଥାପିତ କରାଯାଇଛି। ତେଣୁ ଏହାକୁ କାର୍ଯ୍ୟରତ ଆଶା କର୍ମୀ ମାନେ ବିରୋଧ କରିଛନ୍ତି। ଫଳ ସ୍ୱରୂପ ୫ଦିନ ଧରି ଆଶା କର୍ମୀ ମାନେ ମେଡିକାଲ ପରିସରରେ ଧାରଣା ଦେଇଛନ୍ତି। ୧୯ ତାରିଖ ଧାରଣାରେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରିଥିବା ଅଭିଯୋଗରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକଙ୍କ ଦ୍ୱାରା ସମସ୍ତ ସେକ୍ଟର ମେଡିକାଲ ଅଫିସରମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇ ସ୍ପଷ୍ଟୀକରଣ ଲୋଡିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ପରେ ସମ୍ବନ୍ଧିତ ସେକ୍ଟର ମେଡିକାଲ ଅଫିସରମାନେ ସନ୍ଦେହରେ ଥିବା କର୍ମଚାରୀମାନଙ୍କୁ ଅଲଗା ଭାବରେ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ସମସ୍ତ ପ୍ରୟାସ ସତ୍ତ୍ୱେ, ଏପର୍ଯ୍ୟନ୍ତ ଉକ୍ତ ସମସ୍ୟାର କୌଣସି ସ୍ଥାୟୀ ସମାଧାନ ହୋଇପାରିନାହିଁ। ଦିନକୁ ଦିନ ସିଏଚସିରେ ବିଶୃଙ୍ଖଳା ବୃଦ୍ଧି ପାଉଥିବାରୁ ଧାରଣାର ପ୍ରଚ୍ଛଦପଟ ନାୟକଙ୍କୁ ଚିହ୍ନଟ କରାଯାଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଜରୁରୀ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡା ସରୋଜ ରାଉଳ ଓ ଏଡିଏମଓ ଡା ପୃଷ୍ଟିଙ୍କ ରିପୋର୍ଟ ଆଧାରରେ ଜିଲ୍ଲା ପ୍ରଶାସନ ଦୃଢ଼ ପ୍ରଶାସନିକ ପଦକ୍ଷେପ ପାଇଁ ନିଷ୍ପତ୍ତି ଗ୍ରହଣ କରିଥିବା ଜଣାଯାଇଛି।

# ଶସ୍ୟ ଆକଳନ ପ୍ରସ୍ତୁତି ବୈଠକ



ବାରିକପୁର,୨୪।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ କୃଷି ବିଭାଗ ବୈଠକ ଗୃହଠାରେ ଆଜି ବାର୍ଷିକ ଶସ୍ୟ ଆକଳନ ତଥା ଡିଜିଟାଲ କ୍ରପ୍ କଟିଂ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀଣି ସୁଦୀପ୍ତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ତହସିଲଦାର ରୋଜାଲିନ ବେହେରା, ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ, ନିହାର ରଞ୍ଜନ ମଲ୍ଲିକ, ସଞ୍ଜୀବ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ କ୍ଷେତ୍ର ପରିଦର୍ଶନ ଓ କ୍ରପ କଟିଙ୍ଗ ଉପରେ ମତ ଦେଇଥିଲେ। ବିଶେଷ କରି ଅମଳ ଉପଯୋଗୀ ଶସ୍ୟ ଗୁଡିକର କେଉଁ ଭଳି ସଠିକ ଆକଳନ ହୋଇପାରିବ ସେନେଇ ଅଧିକାରୀ ମାନେ ମତବ୍ୟକ୍ତ କରିଥିଲେ। ବିଭାଗୀୟ କର୍ମଚାରୀ ମାନେ ମଧ୍ୟ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିରେ ସମସ୍ତ ରାଜସ୍ୱ ନିରୀକ୍ଷକ ଓ ଗ୍ରାମ୍ୟ କୃଷି କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଧୂଷୁରୀ ବଜାରରେ ବୁଲିଲା ବୁଲ୍‌ଡୋଜର୍



ଅସୁରାଳି,୨୪।୧୨(ସମିସ):ଧୂଷୁରୀ ପଞ୍ଚାୟତର ଦେଉଳଡ଼ିହ ରାଜସ୍ୱ ଗ୍ରାମ ଅଧୀନ ନରସିଂହପୁର ମୌଜାର ଖାତା ନମ୍ବର ୮୧୧ ଓ ପ୍ଲଟ ନମ୍ବର ୨୨୧୧ (କିସମ: ହାଟ) ଉପରେ ବୁଲ୍‌ଡୋଜର ବୁଲିଛି। ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକୁ ସମ୍ମାନ ଦେଇ ରାଜସ୍ୱ ବିଭାଗ ଦ୍ୱାରା ଏହି ଉଚ୍ଛେଦ ଆରମ୍ଭ କରାଯାଇଥିଲା। ପ୍ରଥମେ ଜମିର ସୀମା ନିର୍ଦ୍ଧାରଣ କରାଯାଇଥିଲା। ପରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ଉଚ୍ଛେଦ ସମୟରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ତେବେ ସନ୍ଧ୍ୟା ହୋଇଯିବାରୁ ତହସିଲଦାର ତାଙ୍କୁ ୨ଦିନ ସମୟ ଦେଇଛନ୍ତି। ୨ଦିନ ଭିତରେ ଜିନିଷ ପତ୍ର କାଢ଼ି ନେବାକୁ କହିଥିଲେ। ଯଦି ୨ଦିନ ଭିତରେ ଜିନିଷ ପତ୍ର ନ ନିଅନ୍ତି ତାହେଲେ ପ୍ରଶାସନ ଜବତ କରିବ ବୋଲି କୁହାଯାଇଛି। ଏହି ଅବସରରେ ବହୁ ପ୍ରଶାସନିକ ଅଧିକାରୀ ଧାମନଗର ତହସିଲଦାର ସାଇ ଲୋକନାଥ ସେଠୀ, ଧୂଷୁରୀ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ, ଅତିରିକ୍ତ ତହସିଲଦାର ସାଇ ସାଲୋନି, ସୁପରଭାଇଜର ଗିରୀଶ ନାୟକ, ଧୂଷୁରୀ ରାଜସ୍ୱ ଅଧିକାରୀ ସୁଶାନ୍ତ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଦିନ ୧୧ଟାରୁ ମାପଚୁପ ଆରମ୍ଭ ହୋଇଥିଲା ବେଳେ ଅପରାହ୍ଣ ୪ଟା ୩୦ରୁ ଉଚ୍ଛେଦ ଆରମ୍ଭ ହୋଇଥିଲା। ପରେ ଦୁଇ ଦିନ ସମୟ ଦିଆଯାଇ ସ୍ଥଗିତ ରଖାଯାଇଥିଲା। ଏହି ସମୟସୀମା ପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଉଚ୍ଛେଦ କାର୍ଯ୍ୟ ସମୟରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଧୂଷୁରୀ ଥାନାଧିକାରୀ ଗୋଟିଏ ବ୍ୟକ୍ତିଙ୍କୁ ଅଟକ କରିଥିଲେ। ଦିନକୁ ଦିନ ଧୂଷୁରୀ ବଜାରରେ ଟ୍ରାଫିକ୍ ଜାମ ରହୁଛି ତେଣୁ ପ୍ରତ୍ୟେକ ଦିନ ସମସ୍ୟା ସୃଷ୍ଟି ହେଉଛି। ତେଣୁ ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସାଇବର ସୁରକ୍ଷା ସଚେତନତା ଶିବିର



ବାରିକପୁର,୨୪।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆଜି ସ୍କୁଲ ଏବଂ କଲେଜ ଛାତ୍ରୀଙ୍କୁ ନେଇ ଏକ ସାଇବର ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଅଧିକାରିଣୀ ରୀତାରାଣି ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଶିବିରରେ ମୁଖ୍ୟ ଅତିଥି ଭାବେ ଥାନା ଅଧିକାରୀଣି ରାଜଲକ୍ଷ୍ମୀ ନାୟକ, ଶିକ୍ଷାବିତ ପୁଷ୍ପକ ଭାରତୀ, ଆଇନଜୀବୀ ପିରେଶ୍ୱର ବାରିକ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସମୟରେ ସାଇବର ଅପରାଧ ସମସ୍ତଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି ବୋଲି ମତବ୍ୟକ୍ତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ନିରଞ୍ଜନ ଦଳାଇ ଯୋଗ ଦେଇ ସାଇବର ସୁରକ୍ଷା ବ୍ୟବସ୍ଥା ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀ ଓ ଅଙ୍ଗନବାଡି କର୍ମୀ ମାନେ ଉପସ୍ଥିତ ଥିଲେ। କ୍ଷେତ୍ର ପରିଦର୍ଶିକା ସତ୍ୟଶିଖା ସେଠୀ ଅତିଥି ପରିଚୟପ୍ରଦାନ କରିଥିବା ବେଳେ ଅନ୍ନପୂର୍ଣ୍ଣା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସୁପରଭାଇଜର ଜେନାମଣି ଦେଇ, ଆଶାଲତା ପଲେଇ, ମମିଲତା ଦାସ, ପୋଷଣ ବ୍ଲକ ସଂଯୋଜକ ସୌମ୍ୟରଞ୍ଜନ ରାଉତ, ପ୍ରକାଶ ଆଟୋଇ, ପ୍ରଦୀପ ଜେନା, ବବିତା ଷଡ଼ଙ୍ଗୀ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଆପେକ୍ସ ଇଂରାଜୀ ମାଧ୍ୟମ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ



ଭଦ୍ରକ,୨୪।୧୨(ସମିସ): ଧୂଷୁରୀସ୍ଥିତ ଆପେକ୍ସ ଇଂରାଜୀ ମାଧ୍ୟମ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଧୂଷୁରୀ ଥାନାଧିକାରୀ ଅଧିକାରୀ ଅଜୟ ସୁଦର୍ଶନ ବାଗେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଣୀ ଚିକିତ୍ସାଧିକାରୀ ଶଶୀଭୂଷଣ ରାଉତ, ଅଧ୍ୟକ୍ଷ ସରୋଜ କୁମାର ନାୟକ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ନିକୁଞ୍ଜ କିଶୋର ଯେନା, ସି. ଆର. ସି ଅଜୟ କୁମାର ସାହୁ ଓ ଅଧ୍ୟାପକ ପାର୍ଥସାରଥୀ ଯେନା ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ପଲାଇ ଅତିଥି ରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟ ଅତିଥି କ୍ରୀଡା ପ୍ରତି ଗଭୀର ମନୋନିବେଶ କରି ଭାବିଷ୍ୟତ ଜୀବନରେ ଉନ୍ନତି କରିବା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟ କ୍ରମକୁ କୈଳାଶ ଚନ୍ଦ୍ର ମଣ୍ଡଳ, ବିନୋଦ ଗୁପ୍ତା, ସ୍ମୃତି ରଞ୍ଜନ ବାରିକ, ସ୍ମୃତି ରଞ୍ଜନ ବିଶ୍ୱାଳ, ଶରତ କୁମାର ପରିଡା, ସୁଚରିତା ରାୟ, ସ୍ମୃତି ରୂପା ଭୂୟାଁ, କାଜଲ ପଣ୍ଡା, ଶତାବ୍ଦୀ ପାଢ଼ୀ, ଶର୍ମିଷ୍ଠା ମହାପାତ୍ର, ସୌମ୍ୟା ସୁଜାତା ମିଶ୍ର, ଅନିତା ସାହୁ, ଅନିତା ମଲ୍ଲିକ, ରାଜାଲକ୍ଷ୍ମୀ ମହାପାତ୍ର, ସ୍ୱର୍ଣ୍ଣ ଲତା ତ୍ରିପାଠୀ, ତପସ୍ୱିନୀ ପତି, ତପସ୍ୱିନୀ ଲେଙ୍କା, ରାଧାରାଣୀ ରାଉତ ଓ ସରୋଜ କୁମାର ନାୟକ (ଗୁଲୁ )ପ୍ରମୁଖ କ୍ରୀଡ଼ା ଉତ୍ସବ ଟିକୁ ପରି ଚାଳନା କରିଥିଲେ। ଶିକ୍ଷୟିତ୍ରୀ ସୋନାଲି ମିଶ୍ର ଧନ୍ୟ ବାଦ ପ୍ରଦାନ କରିଥିଲେ।

# ଖେଳ ଷ୍ଟାଡିୟମ ନିର୍ମାଣ ନେଇ ତହସିଲଦାରଙ୍କ କ୍ଷେତ୍ର ପରିଦର୍ଶନ



ଦୋଳସାହି,୨୪।୧୨(ସମିସ): ତିହିଡ଼ି ବ୍ଲକ୍‌ରେ ଆଉ ଏକ ଖେଳ ଷ୍ଟାଡିୟମ ନିର୍ମାଣ ହେବାକୁ ଯାଉଛି। ଦୋଳସାହି ପଞ୍ଚାୟତର ହିଡିମ୍ବାଇ ବଜାରଠାରେ ରାମନାରାୟଣ ଉଚ୍ଚ ବିଦ୍ୟାଳୟର ଖେଳ ପଡ଼ିଆରେ ଏହି ଖେଳ ଷ୍ଟାଡିୟମ ନିର୍ମାଣ କରିବା ପାଇଁ ଶିକ୍ଷାମନ୍ତ୍ରୀ ତଥା ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ପ୍ରତିଶ୍ରୁତି ଦେଇଥିଲେ। ଆଉ ଏହା ସାକାର ହେବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଶିକ୍ଷାମନ୍ତ୍ରୀ ଶ୍ରୀ ସୁରଜଙ୍କୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି। ବୁଧବାର ତିହିଡ଼ି ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଓ ଭଦ୍ରକ ଜିଲ୍ଲା ଅଧୀକ୍ଷଣ ଯନ୍ତ୍ରୀ ଗଣେଶ ଚନ୍ଦ୍ର ହେମ୍ବ୍ରମ ଓ ଦୋଳସାହି ଆର ଆଇ ସୁଜାତା ଦାସ ଏହି ଖେଳ ଷ୍ଟାଡିୟମ ନିର୍ମାଣ କରିବା ପରିଦର୍ଶନ କରିଥିବା ବେଳେ ଏହି ଖେଳ ଷ୍ଟାଡିୟମ ନିର୍ମାଣ ଟେଣ୍ଡର ହୋଇଥିବା ଜଣାପଡିଛି। ସେହିପରି ତିହିଡ଼ି ତହସିଲ ଅଧିନ ଭାଟପଡା ପଂଚାୟତରେ ଦୀର୍ଘବର୍ଷ ପୁର୍ବରୁ ନିର୍ମାଣ ହୋଇଥିବା ଖେଳ ଷ୍ଟାଡିୟମ କାର୍ଯ୍ୟକ୍ଷମ ହୋଇପାରୁନଥିବା ନେଇ ସାଧାରଣ ରେ ତଥା ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

# ମତ୍ସ୍ୟ ଚାଷୀଙ୍କ ପ୍ରଶିକ୍ଷଣ କର୍ମଶାଳା



ବାରିକପୁର,୨୪।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମତ୍ସ୍ୟ ବିଭାଗ ପକ୍ଷରୁ ଏକଦିବସୀୟ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ମତ୍ସ୍ୟ ଅଧିକାରିଣୀ ଉପାସନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଶିବିରରେ ୪୦ରୁ ଅଧିକ ମତ୍ସ୍ୟ ଚାଷୀ ଯୋଗ ଦେଇଥିଲେ। ବିଶେଷ କରି ମାଛ ଚାଷ କରୁଥିବା ଏସ୍‌ଏଚ୍‌ଜି ମହିଳା ଗୋଷ୍ଠୀ ସଦସ୍ୟାମାନେ ଏଥିରେ ଉପସ୍ଥିତ ଥିଲେ। ଶିବିରରେ ବ୍ଲକ୍ କୃଷି ଅଧିକାରିଣୀ ସୁଦୀପ୍ତା ପଣ୍ଡା, ଧାମନଗର ବ୍ଲକ୍ ମତ୍ସ୍ୟ ଅଧିକାରୀ ଆୟୁଷ୍ମାନ କର, ପ୍ରଶିକ୍ଷକ ଭାବେ ସନ୍ଦୀପ ଶଙ୍କର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ପୋଖରୀ ପ୍ରସ୍ତୁତଠାରୁ ଆରମ୍ଭ କରି ମତ୍ସ୍ୟ ଚାଷ, ରୋଗ ପ୍ରତିରୋଧକ ଓ ଖାଦ୍ୟ ପରିଚାଳନା ସମ୍ପର୍କରେ ଚାଷୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

# ଶିଶୁ ମନ୍ଦିରରେ ୯ମ ବାର୍ଷିକ କ୍ରୀଡ଼ା ଉତ୍ସବ

ଧାମନଗର,୨୪।୧୨(ସମିସ): ଧାମନଗର ବ୍ଲକ୍ ଚୁଡ଼ାକୁଟି ପଞ୍ଚାୟତ ଅଧୀନ ଘରୋଇ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁମନ୍ଦିରରେ ଚୁଡ଼ାକୁଟି ମେଳଣ ପଡ଼ିଆଠାରେ ନବମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିରର ସଭାପତି ଜୟନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧାମନଗର ଥାନା ଆଇଆଇସି ରଞ୍ଜନ ସେଠୀ ଯୋଗଦେଇ ଥିବା ବେଳେ ମୁଖ୍ୟ ବକ୍ତା ଭାବେ ଇନ୍ଦ୍ର ଗୋବିନ୍ଦ ଆଂଚଳିକ ସାଧନ କେନ୍ଦ୍ରର ପୂର୍ବତନ ସଂଯୋଜକ ପ୍ରଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଏସ୍ ଆଇ ପ୍ରଦୀପ କୁମାର ନାୟକ ସମାଜସେବୀ ପ୍ରଶାନ୍ତ ସାହୁ, ସାମ୍ବାଦିକ ସୁଶାନ୍ତ ରାଉତ ଓ ସଞ୍ଜୀବ ମହାନ୍ତି,ବିକେସି ଶିଶୁ ମନ୍ଦିରର ସମ୍ପାଦକ ଅର୍ଜୁନ ଚରଣ ଦାସ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ବିବେକାନନ୍ଦ ପଣ୍ଡା, ଗୁରୁଜୀ ସଞ୍ଜୟ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ପିଲାମାନଙ୍କ ଦ୍ୱାରା ସୂର୍ଯ୍ୟ ନମସ୍କାର କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିଶୁ ମାନଙ୍କ ଦ୍ୱାରା ୧୦୦ ମିଟର ଦୌଡ଼, ବାଇଗଣ ଦୌଡ଼, ଗଣିତ ଦୌଡ଼, ଗୋଲି ଚାମଚ, ଦୁଇ ଗୋଡ଼ ମଝିରେ ବେଲୁନ ରଖି ଚାଲିବା, ବେଙ୍ଗ ଡିଆଁ ଓ ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମ୍ପାଦକ ବିବେକାନନ୍ଦ ପଣ୍ଡା ଅତିଥି ମାନଙ୍କର ପରିଚୟ ତଥା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଭିଭାବକଙ୍କ ପୂର୍ଣ୍ଣ ସହଯୋଗ ମିଳିଥିବା ବେଳେ, ଶିଶୁମନ୍ଦିରର ଗୁରୁଜୀ ଓ ଗୁରୁମା ସଞ୍ଜୟ କୁମାର ସେଠୀ, ମାମିନାରାଣୀ ପାଲ୍,ଗୋପିକା ରାଣୀ ଦେ,ପ୍ରମିଳା ବେହେରା, ସରିତା ନାୟକ, ପ୍ରିୟଙ୍କା ସାହୁ ଓ ସେବିକା ଧରିତ୍ରୀ ରାଣୀ ପାଗଳ ପ୍ରମୁଖ ପରିଚାଳନା କାର୍ଯ୍ୟ ସମ୍ପାଦନ କରିଥିଲେ। ସମାଜସେବୀ ରତିକାନ୍ତ ବେହେରା, ବିକାଶ ରାଉତ, ସାମ୍ବାଦିକ ଦୁର୍ଗା ପ୍ରସାଦ ମହାପାତ୍ର ଓ ତଥାସ୍ତୁ ଶିଶୁ ମନ୍ଦିରର ଗୁରୁଜୀ ପ୍ରଦୀପ କୁମାର ନାୟକ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ।



# ବଢୁଛି ଦୁର୍ଘଟଣା; ଗତି ରୋଧକ ନିର୍ମାଣ ଦାବି

ବାରିକପୁର,୨୪।୧୨(ସମିସ)



ଭଣ୍ଡାରିପୋଖରୀ ବ୍ଲକ ଜାତୀୟ ରାଜପଥ ସଂଲଗ୍ନ ପାଳଦା ବାଙ୍କ ଠାରୁ ପଡ଼ୋଶୀ ଯାଜପୁର ସହର ବିରଜା କ୍ଷେତ୍ରକୁ ପୂର୍ତ୍ତ ରାସ୍ତା ସଂଯୋଗ ହୋଇଛି। ବିଭିନ୍ନ ସ୍ଥାନକୁ ଯିବାକୁ ପଥର ଦୂରତା ହ୍ରାସ ଓ ସମୟ ବଞ୍ଚାଇବା ସକାଶେ ପ୍ରାୟ ୧୩ କିମି ବିଶିଷ୍ଟ ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଜନସାଧାରଣ ବିଭିନ୍ନ ଯାନବାହାନରେ ଯାତାୟାତ କରିଥାନ୍ତି। ଏହାଛଡ଼ା ରାତି ପାହିଲେ ଶହଶହ ବାଇକ ସହିତ ଅନେକ ଯାତ୍ରୀବାହୀ ଓ ମାଲ ପରିବହନ ଗାଡି, ବାଲି ଓ ଇଟା ଗାଡି ଏହି ରାସ୍ତାରେ ଯାତାୟାତ କରିଥାଏ। ପାଳଦାବାଙ୍କ ଠାରୁ ମଣୀନାଥପୁର ବଲ୍ଲଭୀ ଘାଟ ସେତୁ ଯାଏଁ ରାସ୍ତା ପାର୍ଶ୍ୱରେ ଅନେକ ଗାଁ, ଛୋଟବଡ ଗ୍ରାମ୍ୟ ବଜାର ଓ ସ୍କୁଲ ରହିଛି। ସମ୍ପୂର୍ଣ୍ଣ ରାସ୍ତାଟି କଂକ୍ରିଟ ନିର୍ମାଣ ହୋଇଥିବା ବେଳେ ଅନେକ ସମୟରେ ଏହି ପଥରେ ଯିବା ବେଳେ ଲୋକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ରାଢୋ ହନୁମାନ ବଜାର ନିକଟସ୍ଥ ବାଙ୍କରେ ପ୍ରାୟତଃ କିଛି ନା କିଛି ଦୁର୍ଘଟଣା ଘଟୁଥିବା ଦେଖା ଯାଇଛି। ଏଥିରେ ବାଇକ ଚାଳକ ମାନେ ଆହତ ହେଉଛନ୍ତି। ଯେଉଁ ଦୂରଦୂରାନ୍ତ ଲୋକ ମାନେ ମୋଟରସାଇକେଲ ଯୋଗେ ଏହି ରାସ୍ତାରେ ଯାଉଛନ୍ତି ଏହି ବକ୍ରାକାର ସ୍ଥାନକୁ ହଠାତ୍ ଜାଣିପାରୁ ନାହାନ୍ତି। ଅନ୍ୟମନସ୍କ ହେଉ କିମ୍ବା ଗାଡିର ବେଗ ଅଧିକ ହେଉ ଯେଉଁଥିପାଇଁ ଠିକ୍ ଭାବେ ଏହି ସ୍ଥାନକୁ ଆକଳନ କରିନପାରି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ପାର୍ଶ୍ୱରେ ଥିବା ପୁଷ୍କରିଣୀ ଓ କଟାଂବାଡରେ ପଡ଼ି ଅନେକ ବାଇକ ଆରୋହୀ ଆହତ ହୋଇଥିବା ନଜୀର ରହିଛି। ଅନୁରୂପ ଭାବେ ଖପୁରିଆପଦା ଓ ମଣିନାଥପୁର ଠାରେ ଥିବା ବାଙ୍କ ମଧ୍ୟ ଦୁର୍ଘଟଣା ପ୍ରବଣ ସ୍ଥାନ ଭାବେ ପରିଗଣିତ ହୋଇଛି। ଆଜିକାଲି ଯେଉଁଭଳି ବେପରୁଆ ଗାଡି ଚାଳନା ଓ ଯାନବାହାନ ଚଳାଚଳ ବୃଦ୍ଧି ପାଉଛି ସେଥିରେ ଗାଁ ଗହଳି ରାସ୍ତାରେ ଯିବାଆସିବା କରିବାକୁ ଲୋକେ ସୁରକ୍ଷିତ ମଣୁନାହାନ୍ତି। କିଛି ଦିନ ପୂର୍ବରୁ ଏହି ରାସ୍ତାରେ ଦୁର୍ଘଟଣା ଘଟି ଜଣେ ନୀରିହ ସ୍କୁଲ ଛାତ୍ରୀଙ୍କ ଜୀବନ ମଧ୍ୟ ଯାଇଛି। ଏହାଛଡା ଅନେକ ସମୟରେ କିଛି ନିର୍ଦ୍ଦିଷ୍ଟ ଦୁର୍ଘଟଣା ପ୍ରବଣ ସ୍ଥାନରେ ଅନ୍ୟାନ୍ୟ ଦୁର୍ଘଟଣା ଘଟି ଲୋକ ମାନେ ଗୁରୁତର ମଧ୍ୟ ହୋଇଛନ୍ତି। ତେଣୁ ଉକ୍ତ ରାସ୍ତାର ବିଭିନ୍ନ ବିଦ୍ୟାଳୟ, ଗ୍ରାମ୍ୟ ବଜାର, ଦୁର୍ଘଟଣା ସ୍ଥଳ ଓ ବକ୍ରାକାର ସ୍ଥାନରେ ଗତି ରୋଧକ (ସ୍ପିଡ ବ୍ରେକର) ନିର୍ମାଣ ପାଇଁ ଦାବି ହେଉଛି।

# ମୁକୁଳା ପଡ଼ିଛି ପଶ୍ଚିମବଙ୍ଗ ସୀମା; ଅସୁରକ୍ଷିତ ସୀମାନ୍ତବାସୀ

ଚନ୍ଦନେଶ୍ୱର, ୨୪।୧୨(ସମିସ)




ନାମକୁ ମାତ୍ର ରହିଛି ନାକା ପୋଷ୍ଟ

ପଶ୍ଚିମବଙ୍ଗ ସୀମାକୁ ଲାଗିଥିବା ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ସାହାବାଜିପୁର ଅଞ୍ଚଳବାସୀ ନିଜକୁ ଭୟଭୀତ ଓ ଅସୁରକ୍ଷିତ ମନେକରୁଛନ୍ତି। ମୁକୁଳା ସୀମା ଦେଇ ସନ୍ଧ୍ୟାରୁ ସକାଳ ଯାଏ ଓଡ଼ିଶା ପଟୁ ପଶ୍ଚିମବଙ୍ଗକୁ ଚାଲାଣ ହେଉଛି ଶହ ଶହ ବାଲି ବୋଝେଇ ଡମ୍ପର ସହ ନିଶା ଦ୍ରବ୍ୟ ଓ ବିଭିନ୍ନ ଚୋରା ସାମଗ୍ରୀ। ସେହିପରି ପଶ୍ଚିମବଙ୍ଗରୁ ମଧ୍ୟ ଏହି ସୀମା ଦେଇ ଓଡିଶାକୁ ଆରାମରେ ପ୍ରବେଶ କରୁଛନ୍ତି ବାଙ୍ଗଲାଦେଶୀ ଅନୁପ୍ରବେଶକାରୀ। ଏହା ଉପରେ ରହୁନି କଟକଣା। ସୀମାରେ ନାମକୁ ମାତ୍ର ପଡି ରହିଛି ପୁଲିସର ତାଲା ଝୁଲୁଥିବା ନାକା ପୋଷ୍ଟ।

ସୀମା ସୁରକ୍ଷା ପାଇଁ ପୁଲିସ ପକ୍ଷରୁ ଭୋଗରାଇର ସାହାବାଜିପୁର ବୋର୍ଡରେ ରହିଛି ନାକା ପୋଷ୍ଟ। ହେଲେ ଗ୍ରାଉଣ୍ଡ ଜିରୋର ସ୍ଥିତି କହୁଛି ନାମକୁ ମାତ୍ର ପଡ଼ି ରହିଛି ଏହି ନାକା ପୋଷ୍ଟ। ଅନ୍ୟପକ୍ଷରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ଅନେକ ସୀମା ପଡ଼ୋଶୀ ପଶ୍ଚିମବଙ୍ଗକୁ ଲାଗି ରହିଛି। ଭୋଗରାଇର ବାଜିତପୁର, କଖଡ଼ା, ସୋହରିଆ, ଜଳସୋହରିଆ, ଅନଳିଆ, ପାଣିଷଣ୍ଡା, କସଡ଼ାକମର୍ଦ୍ଦା, ବାଲିମ, ସାତଶୁଳିଆ ଆଦି ପଞ୍ଚାୟତ ସବୁ ପଶ୍ଚିମବଙ୍ଗ ସୀମାକୁ ଲାଗିଛି। ସାହାବାଜିପୁର ବର୍ଡରକୁ ଛାଡ଼ି ଦେଲେ ଅନ୍ୟ କୌଣସି ସୀମାରେ ପୁଲିସର ନାକା ପୋଷ୍ଟ ନାହିଁ। ଆଉ ଏହାର ଫାଇଦା ନେଇ ବାଲି ମାଫିଆ ଠାରୁ ଆରମ୍ଭ କରି ଆନ୍ତରାଜ୍ୟ ଲୁଟେରା ପର୍ଯ୍ୟନ୍ତ ସମସ୍ତେ ସକ୍ରିୟ ହୋଇ ଉଠିଛନ୍ତି। ୨୦୨୩ ଏପ୍ରିଲ ୨୬ରେ ଚନ୍ଦନେଶ୍ୱର ୟୁନିୟନ ବ୍ୟାଙ୍କ ଡକାୟତି ଘଟଣାରେ ସାମୁଦ୍ରିକ ଥାନା ପୁଲିସ ପାଞ୍ଚ ଜଣ ସଂଦିଗ୍ଧଙ୍କୁ ବାଂଲାଦେଶ ସୀମାନ୍ତ ଅଞ୍ଚଳରୁ ଗିରଫ କରିଥିଲେ। ସେମାନେ ସୀମା ପାର ହୋଇ ବାଂଲାଦେଶକୁ ସହଜରେ ପଳାଇଯିବାକୁ ଉଦ୍ୟମ କରୁଥିବା ପୁଲିସ ପକ୍ଷରୁ ସୂଚନା ମିଳିଥିଲା। ଏମିତିକି ଅନେକ ସମୟରେ ପଶ୍ଚିମବଙ୍ଗ ଦେଇ ଓଡିଶା ଭିତରକୁ ଅନେକ ବାଂଲାଦେଶୀ ପ୍ରବେଶ କରୁଥିବା ସ୍ଥାନୀୟବାସୀଙ୍କ ଅଭିଯୋଗ ହୋଇଛି। ବାରମ୍ବାର ଅଭିଯୋଗ ପରେ ବି ଆଜି ପର୍ଯ୍ୟନ୍ତ ସୀମାରେ କୌଣସି ସ୍ଥାୟୀ ସୁରକ୍ଷା ବ୍ୟବସ୍ଥା କରାଯାଉନାହିଁ। ଯାହା ପାଇଁ ସୀମାନ୍ତବର୍ତ୍ତୀ ଲୋକେ ଭୟଭୀତ ଅବସ୍ଥାରେ ଜୀବନ କାଟୁଛନ୍ତି। ଓଡ଼ିଶାର ପ୍ରବେଶ ପଥ କୁହାଯାଉଥିବା ସାହାବାଜିପୁର ବୋର୍ଡରେ ଥିବା ନାକା ପୋଷ୍ଟ ଠାରୁ ତାଳସାରୀ ସାମୁଦ୍ରିକ ଥାନାର ଦୂରତା ମାତ୍ର ୧ କି.ମି। ହେଲେ ପୁଲିସର ନାକା ପୋଷ୍ଟ ରହିଥିଲେ ବି କାହିଁକି ସେଠାରେ ପୋଲିସ ନିୟୋଜିତ ହେଉ ନାହାନ୍ତି ତାକୁ ନେଇ ସମସ୍ତଙ୍କ ଭିତରେ ସନ୍ଦେହ ସୃଷ୍ଟି ହୋଇଛି। ବଡ ବଡ଼ ମାଫିଆଙ୍କ ସହ ରହିଛି କି ପ୍ରଶାସନ ଓ ପ୍ରଶାସନର ଭିତିରି ସମ୍ପର୍କ ? ହାତ ଗୁଂଜା ନେଇ ସବୁ ଜାଣି ଶୁଣି ଚୁପ ରହୁଛନ୍ତି କି ଖଣି ଅଧିକାରୀ ?। ଏ ନେଇ ଭୋଗରାଇର ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ କହିଛନ୍ତି ପୁଲିସ ଜାଣି ଶୁଣି ଚୁପ ରହିବା ସହ ଲାଞ୍ଚ ନେଉଛନ୍ତି। ଅନ୍ୟପଟେ ପଶ୍ଚିମବଙ୍ଗ ପୋଲିସ ପକ୍ଷରୁ ବର୍ଷ ଯାକ କଡାକଡ଼ି ଯାଞ୍ଚ କରାଯାଉଥିବା ବେଳେ ପ୍ରତିଦିନ ପଶ୍ଚିମବଙ୍ଗରୁ ବହୁ ଅନୁପ୍ରବେଶକାରୀ ସହଜରେ ଭୋଗରାଇ ପଟକୁ ଆସୁଥିବାର ନଜରକୁ ଆସେ। କିନ୍ତୁ ଏପଟେ ମୁକୁଳା ପଡିଛି ଓଡିଶା ସୀମା। ନା ଏଠାରେ କୌଣସି ପୋଲିସ ଅଧିକାରୀ ରହୁଛନ୍ତି ନା କାହାକୁ ଯାଞ୍ଚ କରାଯାଉଛି।। କେବଳ ଲୋକ ଦେଖାଣିଆ ନାମକୁ ମାତ୍ର ପଡ଼ି ରହିଛି ନାକା ପୋଷ୍ଟ। ଏହାର ସୁଯୋଗ ନେଇ ସୀମା ଦେଇ ବ୍ରାଉନ ସୁଗାର, ଚୋରା ମଦ,ଗଂଜେଇ ଓ ଅଫିମ ଭଳି ଅନେକ ନିଶାଦ୍ରବ୍ୟ ଚାଲାଣ ହେଉଛି। ଯାହା ଫଳରେ ନିଶା କାରବାରର ହବ୍ ପାଲଟିଛି ସୀମାନ୍ତ ସାହାବାଜିପୁର ଅଂଚଳ। ଏହା ପୁଲିସର ସମ୍ପୂର୍ଣ୍ଣ ଅବହେଳା ଯୋଗୁ ଏଭଳି ବଢୁଛି ବୋଲି ଲୋକେ କହିଛନ୍ତି।

## ୬ ଶିକାରୀଙ୍କୁ ଧରିଲା ଏଆଇ କ୍ୟାମେରା



ନୀଳଗିରି, ୨୪।୧୨ (ସମିସ): ଏଆଇ କ୍ୟାମେରାର ସଫଳତା ସହିତ ଘନଘନ ବନବିଭାଗର ଚଢାଉ ଏବଂ ଶିକାରୀଙ୍କୁ ଗିରଫକରି ଜେଲହାଜତକୁ ପଠାଇବା ଏବେ ବନ୍ୟଜନ୍ତୁ ଶିକାରୀ ଏବଂ ତସ୍କରମାନଙ୍କ ମଧ୍ୟରେ ଛନକା ପଶିଛି। ଏହି ଘଟଣାରେ ବିଗତ କିଛିଦିନ ଭିତରେ ୧୬ଜଣ ଶିକାରୀଙ୍କୁ ଗିରଫ କରାଯାଇଥିବା ବେଳେ ପୁଣି ବୁଧବାର ଭୋରରେ ୬ଜଣ ଶିକାରୀଙ୍କୁ ଗିରଫ କରିଛି ବନବିଭାଗ। ନୀଳଗିରି ଆଖପାଖ ଅଞ୍ଚଳର ଏହି ଛଅଶିକାରୀଙ୍କୁ ଗିରଫକରିବା ସହିତ ସେମାନଙ୍କ ନିକଟରୁ ଗୋଟିଏ ଦେଶୀବନ୍ଧୁକ,୧୪୬ଟି ବଜ୍ରକାପ୍ତା କାତି, ଝିଙ୍କକାଠି , କାଣ୍ଡ , କାଣ୍ଡଶର, କୁରାଢ଼ି, ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଏହା ଘଟଣାରେ ଆଜିକୁ ଲଗାଇ ୨୨ଜଣ ଶିକାରୀ ଗିରଫ ହୋଇଥିବା ବେଳେ ଅଧିକ ତଦନ୍ତ ଜାରିରହିଥିବା ବନବିଭାଗ ସୂତ୍ରରୁ ପ୍ରକାଶ।

## ଦଣ୍ଡିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲିଆପାଳ, ୨୪।୧୨ (ସମିସ): ବସ୍ତା ବ୍ଲକ ଅନ୍ତର୍ଗତ ଦଣ୍ଡିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା ପୌରହିତ୍ୟ କରିଥିବାବେଳେ ମୁଖ୍ୟଅତିଥି ଭାବେ ବାହାର୍ଦା ପଞ୍ଚାୟତ ସରପଞ୍ଚ ସଞ୍ଜୀବ କୁମାର ଦଳାଇ ଯୋଗଦେଇ ଶିକ୍ଷାର ବିକାଶ ହେଲେ ଅଞ୍ଚଳର ପରିବର୍ତ୍ତନକୁ କେହି ଅଟକାଇ ପାରିବେନି ବୋଲି କହିଥିଲେ। ଶୃଙ୍ଖଳିତ ସହ ସଂସ୍କାରି ହେବା ବିଦ୍ୟାର୍ଥୀଙ୍କ ବ୍ରତ ହେଉ ବୋଲି ମୁଖ୍ୟ ବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମାକାନ୍ତ ମହାନ୍ତି କହିଥିଲେ। ସମ୍ମାନିତ ଅତିଥି ଭାବରେ ଗୁଡିଖାଲ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାୟକ, ବାହାର୍ଦା ପଞ୍ଚାୟତର ସମିତି ସଭ୍ୟ ରାଜକିଶୋର ଦାସ ମତ ବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଶିକ୍ଷକ କାଇପଦ ମଙ୍ଗରାଜ ମଲିକ ଅତିଥି ପରିଚୟ ସାଙ୍ଗକୁ ସ୍ୱାଗତ ଅଭିଭାଷଣ ରଖିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଏବଂ ମାନପତ୍ର ଦିଆଯାଇଥିଲା। ଶିକ୍ଷକ ଶିକ୍ଷୟିତ୍ରୀ ନିୟତି ରାଉତ, ସ୍ୱରୂପା ମହାପାତ୍ର, ରଶ୍ମିତା ନାୟକ, ଶୁଭସ୍ମିତା ଭଞ୍ଜ, ବିଜୟଲକ୍ଷ୍ମୀ ନାୟକ ଏବଂ ତାପସ ବିଶ୍ୱାଳ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଦ୍ୟାଳୟର କ୍ରୀଡା ଶିକ୍ଷକ ସାରସ୍ୱତ ସାହୁ ବିବରଣୀ ପାଠ ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଇକ ଦୁର୍ଘଟଣାରେ ୪ ଗୁରୁତର

ନୀଳଗିରି, ୨୪।୧୨ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି-ମିତ୍ରପୁର ରାସ୍ତା ଗୋପୀନାଥପୁରଠାରେ ଘଟିଛି ମର୍ମନ୍ତୁକ ସଡ଼କ ଦୁର୍ଘଟଣା। ଦୁଇ ବାଇକ ମଧ୍ୟରେ ଧକ୍କା ଘଟି ୪ ଗୁରୁତର ହୋଇଛନ୍ତି। ଗୁରୁତର ହେଲେ ହଳଦୀପଦା ଥାନା ପରମାନନ୍ଦପୁର ଗ୍ରାମର ଯଦୁ ଜେନା ଓ କେରାଟପଡ଼ିଆ ଗ୍ରାମର ତୋଫାନ ନାୟକ, ରାଜୁ ସିଂ ଓ ରାଜା ସିଂ। ୧୦୮ ଆମ୍ବୁଲାନ୍ସରେ ସମସ୍ତଙ୍କୁ ନୀଳଗିରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଯଦୁ ବାଇକରେ ଯାଉଥିବା ବେଳେ ହଠାତ ଡାହାଣକୁ ଚାଲି ଯିବାରୁ ପଛପଟୁ କେରାଟପଡିଆ ଅଞ୍ଚଳର ତିନିଜଣ ଯୁବକ ଆସି ଧକ୍କା ଦେଇଥିଲେ। ନୀଳଗିରି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁଇଟି ବାଇକ ଜବତ କରିବା ସହ ତଦନ୍ତ କରିଛି।

## କୀର୍ତ୍ତିଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲିଆପାଳ, ୨୪।୧୨ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ କୀର୍ତ୍ତି ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ନାରାୟଣପୁରର ୪୯ ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋଲୋକ ବିହାରୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ସଭାର ଆ ଆୟୋଜନ ହୋଇଥିଲା। ମୁଖ୍ୟଅତିଥି ରୂପେ ଡା. ସମୀର ରଞ୍ଜନ ବେହେରା, ମୁଖ୍ୟ ବକ୍ତା ରୂପେ ଅବସରପ୍ରାପ୍ତ ପ୍ରଧାପକ ଡ. କାଳିକିଙ୍କର ଦାସ, ସମ୍ମାନିତ ଅତିଥି ରୂପେ ଧୀରେନ୍ଦ୍ର ନାଥ ହାଜିରା, କାହ୍ନୁଚରଣ ଗିରି, ବିଦ୍ୟାଧର ପରିଡା, ସନ୍ତୋଷ କୁମାର ଗିରି, ବାବାଜୀ ଦେହୁରି, ରାଜୀବଲୋଚନ ରାୟ, ସି.ଆର.ସିସି ଜଗନ୍ନାଥ ମହାନ୍ତି ଯୋଗଦେଇ ନିଜ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ବିଭିନ୍ନ ପ୍ରତିଯୋଗତାରେ ଅଂଶଗ୍ରହଣ କରି କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପ୍ରଧାନଙ୍କ ଦ୍ୱାରା ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ ଏବଂ ଶିକ୍ଷୟିତ୍ରୀ ଶୁଭଶ୍ରୀ ଜେନାଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ଶିକ୍ଷକ ପିତବାସ ଗିରି ଧନ୍ୟବାଦ ଦେଇଥିଲେ। ଶିକ୍ଷକ ହରିପଦ ବାରିକ, ହରିପ୍ରସାଦ ସୋରେନ୍, ଜିତେନ୍ଦ୍ର ଜେନା, ରାଜୀବଲୋଚନ ମଲ୍ଲିକ, ଶିକ୍ଷୟିତ୍ରୀ ଦୀପ୍ତିରାଣୀ ଦାସ, କଳ୍ପନା ପ୍ରମାଣିକ, ସଙ୍ଗୀତା ରାଉତ, ସଙ୍ଗୀତା ଗିରି ତଥା ଆନନ୍ଦ ରଞ୍ଜନ ଗିରି ଏବଂ ପ୍ରହ୍ଲାଦ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶିଶୁ ବିକାଶ ବିଦ୍ୟା ମନ୍ଦିରରେ ବାର୍ଷିକ କ୍ରୀଡ଼ା ଉତ୍ସବ




ନୀଳଗିରି, ୨୪।୧୨ (ସମିସ): ଔପଦା ବ୍ଲକ ଅନ୍ତର୍ଗତ ସନ୍ତରାଗଡିଆ ସ୍ଥିତ ଶିଶୁ ବିକାଶ ବିଦ୍ୟା ମନ୍ଦିରରେ ଅଷ୍ଟମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ସ୍ଥାନୀୟ ସନ୍ତରାଗଡିଆ ହସ୍ପିଟାଲର ଡକ୍ଟର ଇଶ୍ୱର ପ୍ରଧାନ ବାର୍ଷିକ କ୍ରୀଡା ଉତ୍ସବରେ ଯୋଗ ଦେଇ ଶିଶୁ ମାନଙ୍କର ଶାରୀରିକ ଦକ୍ଷତା ଖେଳ ମାଧ୍ୟମରେ ପ୍ରତିପାଦନ କରିବାର ଆବଶ୍ୟକତା ରହିଛି ବୋଲି ଛାତ୍ରଛାତ୍ରୀଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡା ଉତ୍ସବର ଶେଷ ଦିନରେ ମାଆ ମାନଙ୍କର ଶିଶୁ ମାନଙ୍କୁ ଯୋତା ପିନ୍ଧା ଓ ମ୍ୟୁଜିକ ଚେୟାର ଖେଳ ପ୍ରତିଯୋଗିତା ହୋଇଥିଲା। ମୋଟ୍ ତିନୋଟି ବିଭାଗ ଶିଶୁ କଳିକା, ଶିଶୁ ବର୍ଗ ଓ ବାଲ୍ ବର୍ଗ ମଧ୍ୟରେ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିଶୁ ବିକାଶ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶଶିକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଉଦଯାପନ ଦିବସରେ ସନ୍ତରାଗଡିଆସ୍ଥିତ ବାବା ପଞ୍ଚଲିଙ୍ଗେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା ମୁଖ୍ୟ ଅତିଥି ହୋଇ ପାଠ ପଢ଼ିବା ସହ ନିଜ ଶରୀରକୁ ଖେଳ କସରତ୍ ଦରକାର ବୋଲି ଉଦବୋଧନ ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିଶୁ ବିକାଶର ସମ୍ପାଦକ ଅଜିତ୍ କୁମାର ପାଣିଗ୍ରାହୀ ମୁଖ୍ୟବକ୍ତା ଭାବରେ ଶିଶୁ ମାନଙ୍କର ଶାରୀରିକ ଦକ୍ଷତା ସହିତ ମାନସିକ ଦକ୍ଷତା ଖେଳ ମାଧ୍ୟମରେ ପ୍ରତିପାଦନ ହେବା ଆବଶ୍ୟକ ବୋଲି ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ପ୍ରମୁଖ ପ୍ରିୟରଞ୍ଜନ ବେହେରା, ଗୁରୁଜୀ କାର୍ତ୍ତିକେଶ୍ୱର ବାରିକ୍ ପରିଚୟ ପ୍ରଦାନ କରିଥିଲେ ଓ ପଦ୍ମିନୀ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।, ଗୁରୁମା ମଧୁସ୍ମିତା ବାରିକ, ବନୀତା ରାଣୀ ଖଟୁଆ, ସାଇପ୍ରଭା ପାଣିଗ୍ରାହୀ, ସୁଲୋଚନା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ବଣଭୋଜି ପାଇଁ ଡଗରା ଚୌମୁଖ ବେଳାଭୂମି ଚଳଚଞ୍ଚଳ



କାଳିପଦା, ୨୪।୧୨ (ସମିସ): ବଡ଼ ଦିନ ଗୁରୁବାର ପଡୁଥିବାରୁ ଆଜି ବଣ ଭୋଜି ପାଇଁ ପର୍ଯ୍ୟଟନ କେନ୍ଦ୍ର ଡଗରା ଚୌମୁଖ ବେଳାଭୂମି ଚଳ ଚଞ୍ଚଳ ହୋଇ ଥିବା ଦେଖିବାକୁ ମିଳିଛି। ପ୍ରାତଃରୁ ପିକନିକ ପାର୍ଟି ମାନେ ଛୋଟ ବଡ଼ ଚାରି ଚକିଆରେ ଆସି ଏହି ବେଳାଭୂମି ରେ ଭିଡ଼ ଜମାଇ ଛନ୍ତି। ବେଳାଭୂମିକୁ ଯିବା ରାସ୍ତାରେ ବହୁ ସଂଖ୍ୟାରେ କୁକୁଡ଼ା ଛେଳି କଟା ଯାଉଥିବା ଦେଖିବାକୁ ମିଳିଛି। ରାସ୍ତା ଅଣ ଓସାରିଆ ହୋଇ ଥିବାରୁ କେତେକ ସ୍ଥାନରେ ରାସ୍ତା ଜାମ ହୋଇଥିବା ମଧ୍ୟ ଦେଖିବାକୁ ମିଳିଛି। ଗୁରୁବାରରେ ଅନେକେ ନିରାମିଷ ଖାଉଥିବାରୁ ଆଜି ଆଗୁଆ ଆମିଷ ଭୋଜି ହେଉଥିବା କୁହାଯାଇଛି।

# ମହିଳାଙ୍କ ମୃତ୍ୟୁ ନେଇ ଇଡ୍‌କୋ ଛକରେ ରାସ୍ତାରୋକ



କାଳିପଦା, ୨୪।୧୨ (ସମିସ): ସ୍ଥାନୀୟ ବିଷ୍ଣୁପୁର ପଞ୍ଚାୟତ ବିଷ୍ଣୁପୁର ଗ୍ରାମର ଜଣେ ବିବାହିତା ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁକୁ କେନ୍ଦ୍ର କରି ମହିଳାଙ୍କ ବାପ ଘର ଲୋକମାନେ ଇଡ଼କୋ ଛକ ଠାରେ ମୁଖ୍ୟ ରାସ୍ତାକୁ ଅବରୋଧ କରିଛନ୍ତି। ଫଳରେ ରାସ୍ତାର ଉଭୟେ ପଟରେ ଯାନ ବାହାନ ଯା' ଆସ କରି ନ ପାରି ଅଟକି ରହିଥିଲା। ଘଣ୍ଟିଆଡ଼ି ଗ୍ରାମର ପ୍ରଦୀପ କୁମାର ଦାସ ତାଙ୍କ ଝିଅ ଜ୍ୟୋତିଲତାକୁ ବିଷ୍ଣୁପୁର ଗ୍ରାମର ମନୋରଞ୍ଜନ ଦାସଙ୍କ ପୁଅ ମାନସ ସହ ବିବାହ ଦେଇଥିଲେ। ମାନସ ବାହାରେ ଚାକିରୀ କରନ୍ତି। ସ୍ତ୍ରୀ ଜ୍ୟୋତି ଲତା ଛୋଟ ଝିଅ ସହିତ ଗାଁରେ ରହୁଥିଲେ। ତେବେ ଜ୍ୟୋତିଲତାଙ୍କୁ ତାଙ୍କ ଶାଶୂ ଶ୍ୱଶୁର ଅଧିକ ଯୌତୁକ ପାଇଁ ମାନସିକ ନିର୍ଯାତନା ଦେଉଥିବା ଜ୍ୟୋତି ଲତାଙ୍କ ବାପା ପ୍ରଦୀପ କୁମାର ଅଭିଯୋଗ କରିଛନ୍ତି। ଆଜି ଆକସ୍ମିକ ଭାବେ ଜ୍ୟୋତିଲତାର ମୃତ୍ୟୁ ହେବାରୁ ଶ୍ୱଶୁର ଘର ଲୋକମାନେ ତାଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଆସିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଶବ ବ୍ୟବଚ୍ଛେଦ କରା ଗଲା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଶବକୁ ଧରି ଜ୍ୟୋତିଲତାଙ୍କ ବାପ ଘର ଲୋକ ରାସ୍ତାରେ ବସି ନ୍ୟାୟ ଚାହିଁଛନ୍ତି। ବାଲିଆପାଳ ଆଇଆଇସି ସାଲଖନ ମୁର୍ମୁ ଓ ବସ୍ତା ଏସ ଡି ପି ଓ ମାନସ ଦେଓ ରାସ୍ତା ଅବରୋଧକାରୀଙ୍କୁ ବୁଝାସୁଝା କଲା ପରେ ରାସ୍ତା ରୋକ ହଟିଥିଲା।

## କାଳିପଦାରେ ଅନନ୍ତ ନାଗଙ୍କ ସ୍ମୃତିସଭା

କାଳିପଦା, ୨୪।୧୨ (ସମିସ): ବାଲିଆପାଳ କ୍ଷେପଣାସ୍ତ୍ର ଘାଟୀ ବିରୋଧୀ ଗଣ ଆନ୍ଦୋଳନର ନେତା ତଥା ବାଲିଆପାଳ ପଞ୍ଚାୟତ ସମିତିର ପୂର୍ବତନ ଚେୟାରମ୍ୟାନ ଅନନ୍ତ ନାଗଙ୍କ ସ୍ମୃତି ସଭା ମଙ୍ଗଳବାର ସନ୍ଧ୍ୟାରେ କାଳିପଦା କାଳୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଚୌମୁଖ ଭିଟାମାଟି ସୁରକ୍ଷା କମିଟିର ଆବାହକ ତଥା କଂଗ୍ରେସ ନେତା ଅରୁଣ ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ଗଦାଧର ଗିରି ସ୍ମୃତି ବିକାଶ ପରିଷଦ ର ସଭାପତି ବିକାଶ ଗିରି, କାଳିପଦା ଗଣ ଚେତନା ମଞ୍ଚ ସଭାପତି କୁଶଧ୍ୱଜ ଜେନା, ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ସଭାପତି ସତ୍ୟକାମ ମହାନ୍ତି, ପୂର୍ବତନ ବାଲିଆପାଳ ପଞ୍ଚାୟତ ସମିତି ଚେୟାରମ୍ୟାନ ବିଜନ ନାୟକ, ନାରୀ ନେତ୍ରୀ ଶାରଦା ଗିରି, ଯୁବ କବି ନଳିନୀ କାନ୍ତ ପାଢ଼ୀ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ନାଗଙ୍କୁ ଜଣେ ବିପ୍ଲବୀ ଓ ସଚ୍ଚା ସମାଜସେବୀ ଥିଲେ ବୋଲି କହିଥିଲେ।



## ନାବାଳିକା ଉଦ୍ଧାର, ଅପହରଣକାରୀ ଗିରଫ

ସୋର, ୨୪।୧୨(ସମିସ): ସୋର ବ୍ଲକ ପାଖର ପଞ୍ଚାୟତ ବିରିପଡା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ କରି ନେଇଥିବା ଅଭିଯୋଗରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କଲା ଅନନ୍ତପୁର ଫାଣ୍ଡି ପୁଲିସ। ବିରିପଡା ଅଞ୍ଚଳର ଜଣେ ନାବାଳିକାକୁ ବାସୁଦେବପୁର ଥାନା ସମିଆ ଗ୍ରାମର ଗୋପୀନାଥ ଘୋଷ (୩୨) ଗତ ଅଗଷ୍ଟ ମାସରେ ଅପହରଣ କରି ନେଇଥିଲେ। ଏ ବାବଦରେ ନାବାଳିକାଙ୍କ ମାଆ ଅନନ୍ତପୁର ଫାଣ୍ଡିରେ ଅଭିଯୋଗ କରିବା ପରେ ସୋର ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତର ମୋବାଇଲ ନମ୍ବରକୁ ଟ୍ରାକିଂ କରି ସେମାନେ ତାମିଲନାଡୁରେ ଥିବା ଜାଣି ପାରି ପୁଲିସ ସେଠାରେ ପହଞ୍ଚି ଉଭୟଙ୍କୁ ସୋର ଥାନାକୁ ଆଣିଥିଲା। ଆଜି ଅପରାହ୍ନରେ ସୋର ମେଡିକାଲରେ ଗୋପୀନାଥର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିବା ସହିତ ନାବାଳିକାକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ପ୍ରଫୁଲ୍ଲ ପଙ୍କଜିନୀ ନୋଡାଲ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ଭୋଗରାଇ,୨୪।୧୨(ସମିସ) : ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତ ଅନ୍ତର୍ଗତ କାଳାହି ପ୍ରଫୁଲ୍ଲ ପଙ୍କଜିନୀ ନୋଡାଲ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌରହରି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ସରପଞ୍ଚ ମମତା ସାହୁ, ମୁଖ୍ୟବକ୍ତା ପୂର୍ବତନ ଓଷ୍ଟା ମହାସଚିବ ତଥା ଶିକ୍ଷାବିତ ନଟରଞ୍ଜନ ଘରାଇ, ସମ୍ମାନିତ ଅତିଥି ଦକ୍ଷିଣ ଭୋଗରାଇ ଓଷ୍ଟା ସମ୍ପାଦକ ଶାଶ୍ୱତ କୁମାର ଜେନା, ସିଆରସିସି ଗୌତମ ବେହେରା, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଶ୍ରୀହରି ଚରଣ ଦାସ, ସମିତି ସଦସ୍ୟ ଲକ୍ଷ୍ମୀନାରାୟଣ ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସରୋଜ ଗିରି ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଦଶମ ଶ୍ରେଣୀ ଛାତ୍ର ସତ୍ୟଜିତ ତୋଳା ଓ ଛାତ୍ରୀ ଅପର୍ଣ୍ଣା ଗିରି ମଞ୍ଚ ଆହ୍ୱାନ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଶିକ୍ଷକ କାହ୍ନୁଚରଣ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଛାତ୍ରୀ ନମିତା ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପୁଣି ଡିକି ଭାଙ୍ଗି ୨ଲକ୍ଷ ୬୩ ହଜାର ଲୁଟ୍

ଜଳେଶ୍ୱର,୨୪।୧୨(ସମିସ): ପଶ୍ଚିମବଂଗ ସୀମାନ୍ତ ଅପରାଧ ପ୍ରବଣ ଜଳେଶ୍ୱର ଅଞ୍ଚଳରେ ଲୁଟ୍,ଛିନତାଇ, ରାହାଜାନୀ, ବାଇକ୍ ଚୋରି ଭଳି ଘଟଣା ପ୍ରତିଦିନ ସଂଘଠିତ ଭାବେ ହେଉଛି। ସପ୍ତାହକ ଭିତରେ ପଶ୍ଚିମବଙ୍ଗ ଯୁବକର ବାଇକ୍ ଡିକି ଭାଙ୍ଗି ୯୯ ହଜାର ଲୁଟ୍ ଚିତ୍ର ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା। ପୁଣି ମଙ୍ଗଳବାର ଦ୍ୱିପ୍ରହରରେ ୫୭ ନଂ ରାଜ୍ୟ ରାଜପଥ, ଆମ୍ବଳିଆଠା ଧାନ କଟା ମେସିନ୍ ଶୋରୁମ ସମ୍ମୁଖରୁ ଡିକି ଭାଙ୍ଗି ୨ ଲକ୍ଷ ୬୩ ହଜାର ଟଙ୍କା ନେଇ ଦୁର୍ବୃତ୍ତମାନେ ଚମ୍ପଟ ମାରିଛନ୍ତି। ନଛିମପୁର ପଞ୍ଚାୟତ ସାହାଡ଼ା ପଡ଼ା ଗାଁର ବିକାଶ ପ୍ରଧାନ ଷ୍ଟେଟ ବ୍ୟାଙ୍କରୁ ଟଙ୍କା ଉଠାଇ ଶୋରୁମ ସମ୍ମୁଖରେ ବାଇକ୍ ରଖି ପରିସ୍ରା କରିବା ବେଳେ ଦୁଇ ବାଇକ୍ ଆରୋହୀ ଲୁଟ୍ କରି ଚମ୍ପଟ ମାରିଥିଲେ। ଲୁଟ୍ ଚିତ୍ର ଗୁପ୍ତ କ୍ୟାମେରାରେ କଏଦ ହୋଇଥିବା ବେଳେ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ ପରେ ତଦନ୍ତ ହେଉଛି।

## ବାଗୁଡ଼ିରେ ୨୭ତମ ସର୍ବଭାରତୀୟ ମହାବୀର କପ୍ କ୍ରିକେଟ

# ଫାଇନାଲରେ ଉତ୍କଳିକା ସ୍ପୋର୍ଟିଂ କ୍ଲବ ଭଦ୍ରକ

ସୋର,୨୪।୧୨(ସମିସ)



ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ପଡିଆରେ ମହାବୀର କ୍ଲବ ଆନୁକୂଲ୍ୟରେ ୨୭ତମ ସର୍ବଭାରତୀୟ ମହାବୀର କପ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ସ୍ପୋର୍ଟିଂ ୟୁନିୟନ ଝାଡ଼ଖଣ୍ଡକୁ ହରାଇ ଉତ୍କଳିକା ସ୍ପୋର୍ଟିଂ କ୍ଲବ ଭଦ୍ରକ ଫାଇନାଲରେ ପ୍ରବେଶ କରିଛି। ଆଜି ଅନୁଷ୍ଠିତ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ସ୍ପୋର୍ଟିଂ ୟୁନିୟନ ଝାଡ଼ଖଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୨.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୨୮ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ମୋହିତ କୁମାର ୨୯ ବଲରୁ ୨୮ ରନ ସଂଗ୍ରହ କରିଥିବା ବେଳେ ଉତ୍କଳିକା ସ୍ପୋର୍ଟିଂ କ୍ଲବ ଭଦ୍ରକ ବୋଲର ସୁମନ ଓଝା ୫ ଓଭର ବୋଲିଂ କରି ୨୩ ରନ ଦେଇ ୪ ଟି ଉଇକେଟ ଦଖଲ କରିଥିଲେ। ଜବାବରେ ଉତ୍କଳିକା ସ୍ପୋର୍ଟିଂ କ୍ଲବ ଭଦ୍ରକ ୨୦.୪ ଓଭରରେ ୮ ଉଇକେଟ ହରାଇ ୧୩୦ ରନ କରି ବିଜୟୀ ହୋଇଥିଲା। ଉତ୍କଳିକା ସ୍ପୋର୍ଟିଂ କ୍ଲବ ଭଦ୍ରକ ଦଳ ସୁମନ ଓଝା ୫ ଓଭର ବୋଲିଂ କରି ୨୩ ରନ ଦେଇ ୪ ଓଇକେଟ ଅକ୍ତିଆର କରିଥିବା ବେଳେ ୧୮ ବଲରୁ ୧୧ ରନ୍ ସଂଗ୍ରହ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ସନ୍ଧ୍ୟାରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅଖିଳରାମ ଜେନା ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଆଜିର ମ୍ୟାଚକୁ ଓସିଏ ଲେବୁଲ ଅମ୍ପାୟାର ରଂଜନ ମହାନ୍ତି ଏବଂ ପ୍ରାଣନାଥ ଜେନା ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଯଦୁନାଥ ଜେନା ଏବଂ ବାସୁଦେବ ଜେନା କାର୍ଯ୍ୟ ତୁଲାଇ ଥିବା ବେଳେ ସ୍କୋରର ଥିଲେ ଅନିରୁଦ୍ଧ ପଣ୍ଡା ଏବଂ ଅକ୍ଷୟ କୁମାର ଜେନା। ଅନଲାଇନ ସ୍କୋରର ଥିଲେ ବିଶ୍ୱନାଥ ଜେନା। ଏହି ମ୍ୟାଚକୁ ମାନସ କୁମାର ଜେନା, ଶ୍ରୀକାନ୍ତ ମଲ୍ଲିକ, ମାନସ କୁମାର ବେହେରା,ସତ୍ୟବ୍ରତ ଶଙ୍ଖୁଆ, ସନାତନ ବାରିକ, ଉତ୍ତମ କୁମାର ବେହେରା, ରବୀନ୍ଦ୍ର ଦାସ, ପ୍ରଶାନ୍ତ ଜେନା, ସୂର୍ଯ୍ୟକାନ୍ତ ଖଟୁଆ, ପୂର୍ଣ୍ଣଚନ୍ଦ୍ର ଜେନା, ମହେନ୍ଦ୍ର କୁମାର ଦେ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତାକାଲି ଗ୍ରାଣ୍ଡ ଫାଇନାଲ ମ୍ୟାଚ ୟୁନାଇଟେଡ଼ ୧୧ ଗଞ୍ଜାମ ଏବଂ ଉତ୍କଳିକା ସ୍ପୋର୍ଟିଂ କ୍ଲବ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହେବ।

# ଲୋକଙ୍କ ଯାତାୟାତକୁ ସୁଗମ କରିବ 'ଆଇଏସ୍‌ବିଟି'

ବାରିପଦା,୨୪।୧୨(ସମିସ)

ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାସ୍ଥିତ ପାଲବଣୀଠାରେ ନିର୍ମାଣ ହେବ ଆନ୍ତଃରାଜ୍ୟ ବସ୍ ଟର୍ମିନାଲ୍ ବା ଆଇଏସ୍‌ବିଟି। ଲୋକମାନଙ୍କ ଦୀର୍ଘ ଦିନର ଆଶାକୁ ପୂରଣ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତତ୍ପର ହୋଇଛି। ଗମନାଗମନ ଦୃଷ୍ଟିରୁ ଏହି ସ୍ଥାନରେ ବସ୍ ଟର୍ମିନାଲ୍ ନିର୍ମାଣ ହେଲେ ଏହା ଜିଲ୍ଲାର ଜନସାଧାରଣଙ୍କ ବେଶ୍ ଉପଯୋଗୀ ହୋଇପାରିବ। ପ୍ରସ୍ତାବିତ କ୍ରୁଟ୍ ବସ୍‌ଷ୍ଟାଣ୍ଡ ସହ ମଧ୍ୟ ଏହା ଲାଗିକି ରହିଛି। ସେହିପରି ବାରିପଦା ରେଳ ଷ୍ଟେସନ ମଧ୍ୟ ଅଳ୍ପ ଦୂରତାରେ ରହିଛି। ଏହା ସହ ପ୍ରସ୍ତାବିତ ବୁଢ଼ାବଳଙ୍ଗ ତଟବର୍ତ୍ତୀ ରିଙ୍ଗ୍ ରୋଡ୍ ମଧ୍ୟ ସହଜରେ ସଂଯୋଗ ହୋଇପାରିବ। ଯାହାଫଳରେ ଭବିଷ୍ୟତ ପାଇଁ ଏହା ଏକ ଉତ୍ତମ ଅର୍ଥନୈତିକ ହବ୍‌ରେ ପରିଣତ ହୋଇପାରିବ।

ଏଠାରେ ଉଲ୍ଲେଖଥାଉ କି, ପୂର୍ବରୁ ବସ୍ ଟର୍ମିନାଲ୍ ନିର୍ମାଣ ପାଇଁ ଆବଶ୍ୟକ ଜମି ଚିହ୍ନଟ ପ୍ରକ୍ରିୟାରେ ୬ଟି ସ୍ଥାନକୁ ପ୍ରଶାସନ ତରଫରୁ ଅନୁଧ୍ୟାନ କରାଯାଇଥିଲା। ମାତ୍ର ବିଭିନ୍ନ ସମସ୍ୟା ଯେପରିକି ବୈଷୟିକ ସାମ୍ଭାବ୍ୟତା ସମସ୍ୟା, ଯାତାୟାତ ସଂକୀର୍ଣ୍ଣତା, ଜିଲ୍ଲା ସଦର ମହକୁମାରୁ ମାତ୍ରାଧିକ ଦୂରତା, ଜଙ୍ଗଲ ଜମି ସମସ୍ୟା, ନିମ୍ନ ରେଖା ଜମି ସମସ୍ୟା, ଆପ୍ରୋଚ୍ ରୋଡ୍ ସମସ୍ୟା ଇତ୍ୟାଦି ଯୋଗୁଁ ଉପଯୁକ୍ତ ସ୍ଥାନ ନ ମିଳିବାରୁ ଏହା ସାକାର ହୋଇପାରୁ ନ ଥିଲା। ସେହିପରି ପାଲବଣୀ ନିକଟସ୍ଥ ଅନ୍ୟ ଏକ ଜମିରେ ବହୁ ପୁରାତନ ଫଳ ଗଛମାନ ଥିବାରୁ ରାଜସ୍ୱ ହାନୀ ହେବା ଆଶଙ୍କାରେ ଉକ୍ତ ସ୍ଥାନକୁ ମଧ୍ୟ ବାଦ୍ ଦିଆଗଲା। ତେଣୁ ଜିଲ୍ଲା ପ୍ରଶାସନ, ରାଜସ୍ୱ ବିଭାଗ, ରାଜ୍ୟ ପରିବହନ

- ଟ୍ରାଫିକ୍ ସମସ୍ୟା ହ୍ରାସ, ବିକାଶ ସହ ପରିବେଶ ସନ୍ତୁଳନକୁ ପ୍ରାଥମିକତା
- ଜାତୀୟ ରାଜପଥ ସହ ସିଧାସଳଖ ସଂଯୋଗ
- ପ୍ରସ୍ତାବିତ କ୍ରୁଟ୍ ବସ୍‌ଷ୍ଟାଣ୍ଡ ସହ ସମନ୍ୱୟ
- ସବୁଜ ମୟୂରଭଞ୍ଜ ସ୍ୱପ୍ନ ସାକାର କରିବାକୁ ଗୁରୁତ୍ୱ: ଜିଲ୍ଲା ପ୍ରଶାସନ

କର୍ତ୍ତୃପକ୍ଷ ଓ ବନ ବିଭାଗର ପଦାଧିକାରୀଙ୍କ ମିଳିତ ଟିମ୍ ସମସ୍ତ ବିଷୟକୁ ବ୍ୟାପକ ଭାବେ ଅନୁଧ୍ୟାନ କରି କୌଣସି ଉପାୟ ନ ପାଇ ଶେଷରେ ପାଲବଣୀଠାରେ ଏହି ସ୍ଥାନକୁ ଚୂଡ଼ାନ୍ତ କରିଛି। ଏଠାରେ ବସ୍ ଟର୍ମିନାଲ ନିର୍ମାଣ ହେଲେ ଏହା ସିଧାସଳଖ ଜାତୀୟ ରାଜପଥ ସହିତ ଯୋଡ଼ି ହେବ। ଯାହା ଫଳରେ କୌଣସି ଯାତ୍ରୀବାହୀ ବସ୍ ତଥା ଏହି ବର୍ଗର ଯାନବାହନ ପୂର୍ବଭଳି ସହର ମଧ୍ୟ ଦେଇ ପ୍ରବେଶ ନ କରି ସିଧାସଳଖ ବାଇପାସ୍ ରାସ୍ତାରେ ବସ୍‌ଷ୍ଟାଣ୍ଡକୁ ଯାଇପାରିବ। ସମସାମୟିକ ଭାବେ ବାରିପଦା ସହରର କଳେବର ମଧ୍ୟ ଲଗାତାର ବୃଦ୍ଧି ହୋଇ ଚାଲିଛି। ଏହା ଯୋଗୁଁ ସହରରେ ମାତ୍ରାଧିକ ଟ୍ରାଫିକ୍ ସମସ୍ୟା ଉପୁଜିବା ସହିତ ଦୁର୍ଘଟଣା ଘଟୁଛି। ଏଠାରେ ବସ୍ ଟର୍ମିନାଲ ନିର୍ମାଣ ହେଲେ ଉକ୍ତ ସମସ୍ୟାର ସ୍ଥାୟୀ ସମାଧାନ ହେବା ସହ ଭବିଷ୍ୟତରେ ଯେପରି ଟ୍ରାଫିକ୍ ସମସ୍ୟା ନ ଉପୁଜିବ, ତାହାକୁ ସୁନିଶ୍ଚିତ କରାଯାଇଛି। ଏହା ସହ ଉକ୍ତ ବସ୍ ଟର୍ମିନାଲ୍‌ଟି ସମ୍ପୂର୍ଣ୍ଣ ପରିବେଶ ଅନୁକୂଳ ହେବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହାର ଚାରିପାଖରେ ବ୍ୟାପକ ବୃକ୍ଷରୋପଣ ସହ ସୌରଶକ୍ତି ବ୍ୟବହାର କରି ନବୀକରଣ ଯୋଗ୍ୟ ଶକ୍ତି ଚାଳିତ ବସ୍ ଟର୍ମିନାଲରେ ପରିଣତ କରିବାକୁ ଧ୍ୟାନ ଦିଆଯାଉଛି। ଯାହା ଫଳରେ ବସ୍ ଟର୍ମିନାଲ ନିର୍ମାଣ ପାଇଁ ଅଳ୍ପ କିଛି ଗଛ କଟାଯାଇଥିବାର କ୍ଷତିକୁ ଅନେକାଂଶରେ ପୂରଣ କରାଯାଇପାରିବ। ଏଥିପାଇଁ କଟାଯାଇଥିବା ଗଛର ଦୁଇ ଗୁଣାରୁ ଊର୍ଦ୍ଧ୍ୱ ଗଛ ରୋପଣ କରିବାକୁ ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏତଦ୍‌ବ୍ୟତୀତ ପ୍ରଶାସନ ତରଫରୁ ଖାଲି ଜମି ଚିହ୍ନଟ କରାଯାଇ ପ୍ରତି ବର୍ଷ ଲକ୍ଷ ଲକ୍ଷ ବୃକ୍ଷରୋପଣ କରାଯାଉଛି।

ପ୍ରକାଶ ଥାଉକି, ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ ପାଇଁ ଲୋକମାନେ ପ୍ରଶାସନ ଉପରେ ଆଶା ଓ ଭରସା ରଖିଥାନ୍ତି। ମୟୂରଭଞ୍ଜ ଜିଲ୍ଲାର ପ୍ରାୟତଃ ଅଧିକାଂଶ ଜମି ଜଙ୍ଗଲ ଜମି ଅନ୍ତର୍ଭୁକ୍ତ ହୋଇଥିବାରୁ ଯେ କୌଣସି ଉନ୍ନତିମୂଳକ ପ୍ରକଳ୍ପ କାର୍ଯ୍ୟକାରିତା ପାଇଁ ଜମି ଗୋଟିଏ ମୁଖ୍ୟ ସମସ୍ୟା ଦେଖାଦେଇଥାଏ। ମାତ୍ର ଅତ୍ୟନ୍ତ ଆବଶ୍ୟକତା ନ ଥିଲେ ଜିଲ୍ଲା ପ୍ରଶାସନ ତରଫରୁ ବିନା କାରଣରେ କେବେ ବି ସିଧାସଳଖ ଗଛ କଟାଯାଉ ନାହିଁ କିମ୍ବା ଗଛ କଟାକୁ ପ୍ରୋତ୍ସାହିତ କରାଯାଉ ନାହିଁ। ବିକାଶ କାର୍ଯ୍ୟରେ ଯେତେବେଳେ ପ୍ରଶାସନ ଦ୍ୱିଧାର ସମ୍ମୁଖୀନ ହୁଏ ଏବଂ ଅନ୍ୟ ଉପାୟ ନ ମିଳେ, ସେତେବେଳେ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଜଙ୍ଗଲ ସଂରକ୍ଷଣ ସହ ସମନ୍ୱୟ ରକ୍ଷା କରିବା ସହିତ ସମସ୍ତ ନିୟମକୁ ଅନୁପାଳନ କରି କ୍ୱଚିତ୍ ସଂଖ୍ୟକ ଗଛ କଟାଯାଇ କାର୍ଯ୍ୟ କରିବାକୁ ପଡ଼ିଥାଏ। ତେବେ ଏହି ବସ୍ ଟର୍ମିନାଲ୍‌ଟି ସମ୍ପୂର୍ଣ୍ଣ ରୂପ ପାଇ ସାରିବା ପରେ ନିଶ୍ଚିତ ଭାବରେ ଏହା ସମଗ୍ର ଦେଶରେ ଏହାର ପରିବେଶ ଅନୁକୂଳତା ପାଇଁ ରୋଲ୍ ମଡେଲ ହୋଇପାରିବ ଏବଂ ବିକଶିତ ବାରିପଦାର ମୁଖଶାଳା ହେବ ବୋଲି ଆଶା କରାଯାଉଛି। ତେଣୁ ଏହି ଉନ୍ନତିମୂଳକ କାର୍ଯ୍ୟ ପାଇଁ ଜିଲ୍ଲା ପ୍ରଶାସନ ସମସ୍ତଙ୍କ ସହଯୋଗ କାମନା କରୁଛି।

## ଗୁହାଳରେ ନିଆଁ ଲାଗି ୧୨ ଜନ୍ତୁ ଜୀବନ୍ତ ଦଗ୍ଧ

ଶୁକୁଳି,୨୪।୧୨(ସମିସ): ରଘୁଆଁ ଥାନା ଅନ୍ତର୍ଗତ ନୂଆଦେହା ଗ୍ରାମରେ ବିଳମ୍ବିତ ରାତିରେ ଗୁହାଳରେ ନିଆଁ ଲାଗି ୬ ଗାଈ ବାଛୁରୀ ଓ ଛେଳି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଦୁଇ ବାଛୁରୀ ଅର୍ଦ୍ଧଦଗ୍ଧ ହୋଇଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ବିଳମ୍ବିତ ରାତିରେ କୌଣସି କାରଣ ବଶତଃ ଗୁହାଳ ଘରେ ନିଆଁ ଲାଗିଯାଇଥିଲା। ନିଆଁ କେମିତି ଲାଗିଲା ଜଣାପଡ଼ି ନ ଥିବାବେଳେ କେହି ଦୁର୍ବୃତ୍ତ ଗୁହାଳ ଘରେ ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି। ଗୁହାଳରୁ ମାତ୍ର ୧୦ ଫୁଟ୍ ଦୂରରେ ଘର ଏବଂ ପାଳଗଦା ଥିଲେ ହେଁ ଏହାର କୌଣସି କ୍ଷୟକ୍ଷତି ହୋଇନାହିଁ। ତେବେ କ୍ଷତି ଯୋଗୁଁ ମ୍ରିୟମାଣ ହୋଇ ପଡ଼ିଛନ୍ତି ମାଲିକ ଖଗେଶ୍ୱର ବାରିକ।

## ରାଇରଙ୍ଗପୁରରେ ନୂତନ ଏସ୍‌ଡିପିଓ ନିଯୁକ୍ତ



ରାଇରଙ୍ଗପୁର,୨୪।୧୨(ସମିସ): ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଭାବେ ବିରେନ୍ଦ୍ର କୁମାର ସେନାପତିଙ୍କୁ ନିଯୁକ୍ତ କରାଯାଇଛି। ଏନେଇ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେ ପୂର୍ବରୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇସାରିଥିବାବେଳେ ବାଙ୍ଗିରିପୋଷି ଥାନା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ତେବେ ତାଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରିବା ସହ ରାଇରଙ୍ଗପୁର ଏସ୍‌ଡିପିଓ ଭାବେ ନିଯୁକ୍ତି ଦିଆଯାଇଛି। ସେ ପୂର୍ବରୁ ମୟୂରଭଞ୍ଜ ଜିଲ୍ଲାର ବାରିପଦା ଟାଉନ୍, ଭଞ୍ଜପୁର ସମେତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଥାନାରେ ଅଧିକାରୀ ଭାବେ କାର୍ଯ୍ୟ କରିସାରିଛନ୍ତି। ଜଣେ ଦକ୍ଷ ପୁଲିସ ଅଧିକାରୀ ଭାବେ ତାଙ୍କର ପରିଚୟ ଥିବାବେଳେ ନୂତନ ଦାୟିତ୍ୱ ଦିଆଯାଇଛି। ରାଇରଙ୍ଗପୁର ଏସ୍‌ଡିପିଓ ଦାୟିତ୍ୱରେ ଥିବା ଗୋକୁଳାନନ୍ଦ ସାହୁଙ୍କୁ ଭୁବନେଶ୍ୱରସ୍ଥିତ ମହିଳା ଅପରାଧ ଏବଂ ଶିଶୁ ଶାଖାର ଡିଏସ୍‌ପି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧିକାରିଣୀ ସରସ୍ୱତୀ ଟୁଡୁଙ୍କୁ ଯାଜପୁର ବରୀସ୍ଥିତ ପୁଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନର ଡିଏସ୍‌ପି ଭାବେ ନିଯୁକ୍ତ କରାଯାଇଛି।

## ୨୬ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ୧ ଘଣ୍ଟା ବହିଃବିଭାଗ ବନ୍ଦ ଘୋଷଣା କଲା ଓମ୍‌ସା

କରଞ୍ଜିଆ,୨୪।୧୨(ସମିସ): ସାରା ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ପଦ ଅପେକ୍ଷା ପାଖାପାଖି ଅଧାରରୁ ଅଧିକ ଡାକ୍ତର ପଦ ଖାଲି ରହିଛି। ଏହି ପଦ ସବୁ ପୂରଣ କରିବା ସହ ଅନ୍ୟ କିଛି ଦାବି ପାଇଁ ସରକାରଙ୍କୁ ଯେତେ ଅନୁରୋଧ କଲେ ମଧ୍ୟ ବାରମ୍ବାର ସରକାରଙ୍କ ଅଣଦେଖା ଓ ପ୍ରତାରଣା ଆଜି ବାଧ୍ୟ କରୁଛି ସେବା ବନ୍ଦ କରିବାକୁ। ଆଜକୁ ୧ ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟ ସଚିବ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଦାବି ପୂରଣ ପାଇଁ ବାରମ୍ବାର ଆଲୋଚନା ହୋଇଥିଲେ ମଧ୍ୟ ଏଯାବତ୍ କୌଣସି ସୁଫଳ ମିଳିପାରିନାହିଁ। ଏଣୁ ଡାକ୍ତରମାନଙ୍କୁ ଆନ୍ଦୋଳନ କରିବା ପାଇଁ ବାଧ୍ୟ କରାଯାଉଛି। ତଥାପି ରୋଗୀ ସେବାକୁ ଗୁରୁତ୍ୱ ଦେଇ ଆସନ୍ତା ୨୬ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଓମ୍‌ସାର ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ୧୦ଟାରୁ ୧୧ଟା ବହିଃବିଭାଗ ବନ୍ଦ ରହିବ ବୋଲି ଓମ୍‌ସା କରଞ୍ଜିଆ ଶାଖା ସାଧାରଣ ସମ୍ପାଦକ ଡାକ୍ତର ଗୌରାଙ୍ଗ ନାଏକ ସୂଚନା ଦେଇଛନ୍ତି। ବୁଧବାର କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ସଭାଗୃହଠାରେ ଓମ୍‌ସା କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ, ଯଶିପୁର, ଠାକୁରମୁଣ୍ଡା, ଶୁକୁଳି, ରଘୁଆଁ, ଠାକୁରମୁଣ୍ଡା ଅଞ୍ଚଳର ଡାକ୍ତରମାନଙ୍କ ଏକ ଜରୁରୀ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଯଦି ଆଗାମୀ ଦିନରେ ସରକାର ଏହାର କୌଣସି ସମାଧାନ ନ କରନ୍ତି ତେବେ ଆଗାମୀ ସମୟରେ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ନିଷ୍ପତ୍ତି ନିଆଗଲା। ଓମ୍‌ସା କରଞ୍ଜିଆ ଶାଖା ସାଧାରଣ ସମ୍ପାଦକ ଡାକ୍ତର ଗୌରାଙ୍ଗ ଚରଣ ନାୟକଙ୍କ ଆହ୍ୱାନରେ ଏହି ବୈଠକରେ ଉପ ସଭାପତି ଡା. ଚିତ୍ତ ରଞ୍ଜନ ନାୟକ, ଡା. ଶକ୍ତି ଶୋଭନ ପ୍ରଧାନ, କରଞ୍ଜିଆ ଶାଖା ଯୁଗ୍ମ ସମ୍ପାଦକ ଡା. ସତ୍ୟ ପ୍ରକାଶ ଧଳ, ଡା. ଖିରେନ୍ଦ୍ର ନାଥ ପତି, ଡା. ଦେବେନ୍ଦ୍ର ନାଥ ପରିଡ଼ା, ଡା. ସୁଲୋଚନା ନାୟକ, ଡା. ମୃତ୍ୟୁଞ୍ଜୟ ମହାନ୍ତ, ଡା. ସମୀର ରଞ୍ଜନ ବେହେରା, ଡା. ଧୃଷ୍ଣା ମୁଣ୍ଡା, ଡା. ପ୍ରବୀଣ କୁମାର ସେଠୀ ଓ ଉପଖଣ୍ଡର ସମସ୍ତ ସିଏସ୍‌ସିର ଡାକ୍ତର ଉପସ୍ଥିତ ଥିଲେ।

● ବାଇକ୍ ଚୋରି ରାକେଟ୍‌ର ପର୍ଦ୍ଦାଫାସ୍

## କାର୍ ସହ ୩୯ ବାଇକ୍ ଜବତ, ୫ ଗିରଫ



ବାରିପଦା,୨୪।୧୨(ସମିସ): ବାରିପଦା ସଦର ଥାନା ପୁଲିସ ଏକ ବଡ଼ ବାଇକ୍ ଚୋରି ଗ୍ୟାଙ୍ଗକୁ ଧରିବାରେ ସଫଳ ହେବା ସହିତ ତାଙ୍କ ଅପରାଧ କାରନାମାର ପର୍ଦ୍ଦାଫାସ୍ କରିଛି। ଏହି ମାମଲାରେ ୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ପାଖରୁ ଗୋଟିଏ ଚୋରି ଯାଇଥିବା କାର୍ ସହ ୩୯ଟି ଚୋରା ବାଇକ୍ ଜବତ କରାଯାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ୭ଟା ୪୫ରେ ସଦର ଥାନା ପୁଲିସ ସନ୍ଧ୍ୟା ପାଟ୍ରୋଲିଂ କରୁଥିବାବେଳେ ରଙ୍ଗାମାଟିଆ ଗାଁ ନିକଟ ପିଆଇଏମ୍ ମେଡିକାଲ କଲେଜ ଅଞ୍ଚଳରେ ଦୁଇ ଏକ ଭଡ଼ା ଘରୁ ଚୋରା ଯାନ ଓ ଯନ୍ତ୍ରାଂଶ ମିଳିଥିଲା। ଏହି ଘଟଣାରେ ଗୋବିନ୍ଦ ଚନ୍ଦ୍ର ସିଂହ ଓରଫ ବାପି ଓ ଗୋବିନ୍ଦ ସିଂହ ଓରଫ ହନ୍ଦ୍ୟୁକୁ ପ୍ରଥମେ ଧରାଯାଇଥିଲା। ପଚରାଉଚରା ବେଳେ ସେମାନେ ବିଭିନ୍ନ ଅଞ୍ଚଳରୁ ଗାଡ଼ି ଚୋରି କରି ଅବାଧ ବିକ୍ରୟ ଉଦ୍ଦେଶ୍ୟରେ ସଂଗ୍ରହ କରୁଥିବା କଥା ସ୍ୱୀକାର କରିଥିଲେ। ଅଧିକ ତଦନ୍ତରେ ଚୋରା ଯାନ କିଣୁଥିବା ଅଭିଯୋଗରେ ଶିବାଜୀ ବାଗାଲ, ବସୁଦେବ ହାତୀ ଓ ରାମେଶ୍ୱର ସିଂହଙ୍କୁ ମଧ୍ୟ ଗିରଫ କରାଯାଇଛି। ପୁଲିସ ସେମାନଙ୍କ ପାଖରୁ ଗୋଟିଏ କାର୍, ୩୯ଟି ବାଇକ୍, ବାଇକ୍‌ର ଭଙ୍ଗା ଅଂଶ, ଟାୟାର, ନମ୍ବର ପ୍ଲେଟ୍, ଚୋରିରେ ବ୍ୟବହୃତ କଟର, ସ୍କ୍ରୁ-ଡାଇଭର, ଏଲ୍‌ଏନ୍ କି ଓ ୬ଟି ମୋବାଇଲ୍ ଫୋନ୍ ଜବତ କରିଛି। ଏନେଇ ବାରିପଦା ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି। ଏନେଇ ବୁଧବାର ଅପରାହ୍ଣରେ ସଦର ଥାନାରେ ଆହୁତ ସାମ୍ବାଦିକ ସମ୍ମିଳନୀରେ ପୂର୍ଣ୍ଣାଙ୍ଗ ତଥ୍ୟ ପ୍ରଦାନ କରାଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ କୁମାର ଗୋଚ୍ଛାୟତ ସୂଚନା ଦେଇଛନ୍ତି।

ଜିଲ୍ଲାସ୍ତରୀୟ ଜାତୀୟ ଖାଉଟି ଦିବସ

## ବ୍ଲକ୍‌ସ୍ତରୀୟ କର୍ମଶାଳା ଆୟୋଜନକୁ ଗୁରୁତ୍ୱ




ବାରିପଦା,୨୪।୧୨(ସମିସ): ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜିଲ୍ଲା ଉପନିୟନ୍ତ୍ରକ ବୈଧ ମାପ ବିଜ୍ଞାନ, ମୟୂରଭଞ୍ଜ ଓ ସଂକଳ୍ପ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୂଲ୍ୟରେ ଦାରଗାବାହିସ୍ଥିତ ଦିଗନ୍ତ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଜାତୀୟ ଖାଉଟି ଦିବସ-୨୦୨୫ ପାଳିତ ହୋଇଯାଇଛି। ସଂକଳ୍ପର ସମ୍ପାଦକ ପ୍ରଦୀପ କୁମାର ଦାସମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମୁଖ୍ୟଅତିଥି ଭାବେ ଡିସିଡିଆର୍‌ସିର ସଦସ୍ୟ ଜୀବନକୃଷ୍ଣ ବେହେରା ଯୋଗଦେଇ ଦିବସକୁ ଶୁଭ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଉପ ନିୟନ୍ତ୍ରକ ବୈଧ ମାପ ବିଜ୍ଞାନ ଅଧିକାରୀ ସୁଷମା ପଣ୍ଡା ଜାତୀୟ ଖାଉଟି ଦିବସ ପାଳନ ସମ୍ପର୍କରେ ସୂଚନା ଦେଇଥିବାବେଳେ ଦିଗନ୍ତ ବିକାଶ କଲେଜର ଅଧକ୍ଷ ମହେନ୍ଦ୍ର ନାଥ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲାରେ ଖାଉଟି ସୁରକ୍ଷା ଓ ସଚେତନତାର ବାର୍ତ୍ତା ପାଇଁ ବ୍ଲକ୍‌ସ୍ତରୀୟ କର୍ମଶାଳା ଆୟୋଜନ ନିମନ୍ତେ ପ୍ରଚେଷ୍ଟା ଜାରି ରଖିବାକୁ ସଂକଳ୍ପର ସମ୍ପାଦକ ଶ୍ରୀ ଦାସମହାପାତ୍ର ସୂଚନା ଦେଇଥିଲେ। ଡିସିଡିଆର୍‌ସିର ସଦସ୍ୟ ଶ୍ରୀ ବେହେରା, ଅତିରିକ୍ତ ଖାଦ୍ୟ ଯୋଗାଣ ଅଧିକାରୀ ଆଶିଷ ରଞ୍ଜନ ରାଉତ, ବାରିପଦା ମ୍ୟୁନିସିପାଲିଟିର ଏସିଏସ୍‌ଓ ପାର୍ଥ ରଞ୍ଜନ ଶତପଥୀ, ଉଦଳା ବୈଧ ମାପ ବିଜ୍ଞାନ ନିରୀକ୍ଷକ ପ୍ରମୋଦ କୁମାର ନାୟକ, ଦିଗନ୍ତ ବିକାଶ କଲେଜ ଅଧକ୍ଷା ଭାଗ୍ୟଲକ୍ଷ୍ମୀ ନାୟକ ପ୍ରମୁଖ ଉପସ୍ଥିତ ରହି ଖାଉଟି ସୁରକ୍ଷା ସଚେତନତା ବାର୍ତ୍ତା, ଖାଉଟିର କର୍ତ୍ତବ୍ୟ ଓ ଭୂମିକା, ଅପମିଶ୍ରଣ ରୋକିବା, ଦ୍ରବ୍ୟ କିଣା ତ୍ରୁଟିପୂର୍ଣ୍ଣ ସେବା, ଅନ୍‌ଲାଇନ୍ କ୍ରୟ, ଖାଉଟି ବିବାଦର ପ୍ରତିକାର ବ୍ୟବସ୍ଥା, ସିପି ଆକ୍ଟ-୨୦୧୯, ଉପଭୋକ୍ତାମାନଙ୍କୁ ସ୍ୱିଡ୍ ଡିସ୍‌ପୋଜାଲ ଜରିଆରେ ଡିଜିଟାଲ୍ ଜଷ୍ଟିସ ପ୍ରଦାନ ସମ୍ବନ୍ଧୀୟ ଉପାଦେୟ ସୂଚନା ପ୍ରଦାନ କରିଥିଲେ। କଲେଜର କର୍ମଚାରୀ, ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଫୋର୍ଡର ସମ୍ପାଦକ ସନ୍ତୋଷ ଖଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସଂକଳ୍ପର ପୁଷ୍ପଲତା ନାଏକ, ମଞ୍ଜରି ରାଣୀ ନାଏକ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ନିଆଁରେ ଚାଲିଲେ, କଣ୍ଟା ଦୋଳିରେ ଝୁଲିଲେ



ମହୁଲଡିହା,୨୪।୧୨(ସମିସ): ଠାକୁରମୁଣ୍ଡା ବ୍ଲକ୍ ତରାମରା ଗ୍ରାମରେ ମା' ଡାଳକୁଟି ଠାକୁରାଣୀ ପୀଠରେ ଖନ୍ଦାମଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋମବାର ଦିନଠାରୁ ମା' ଥାନପତି ଠାକୁରାଣୀ ଏବଂ ଡାଳକୁଟି ଠାକୁରାଣୀ ପୀଠରେ ପୂଜାର୍ଚ୍ଚନା ପରେ ଖନ୍ଦା ପାଇଁ କାଠ ବିଛାଯାଇଥିଲା। ଏଠାରେ ଖୋଳା ହୋଇଥିବା ଖନ୍ଦା ୧୫ ଫୁଟ୍ ଲମ୍ବ, ୫ ଫୁଟ୍ ଓସାର ଓ ୬ ଫୁଟ୍ ଗଭୀର ହୋଇଥିଲା। ମଙ୍ଗଳବାର ରାତିରେ ଅଗ୍ନି ସଂଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ବୁଧବାର ଖନ୍ଦାମଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୂଜକ ପ୍ରତାପ ଦେହୁରୀ ପୂଜାର୍ଚ୍ଚନା ପରେ ପ୍ରଥମେ ନିଆଁରେ ଚାଲିବା ପରେ ଅନ୍ୟ ଦେହୁରୀ ଏବଂ ଭକ୍ତମାନେ ନିଆଁରେ ଚାଲିବା ସହିତ କଣ୍ଟା ଦୋଳିରେ ଝୁଲିଥିଲେ। ଏହି ଖନ୍ଦାମଡ଼ା କାର୍ଯ୍ୟକ୍ରମ ପ୍ରତି ୧୦ ବର୍ଷରେ ଥରେ ହୋଇଥାଏ। ଯେଉଁ ଲୋକଙ୍କର ମାନସିକ ପୂରଣ ହୋଇଥାଏ ସେ ଚାହିଁଲେ ଖନ୍ଦାମଡ଼ା କାର୍ଯ୍ୟକ୍ରମ କରିଥାଏ। ଏଥିରେ ପ୍ରାୟ ୫ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା। ବିରଞ୍ଚି ନାଏକ, ଦିବାକର ବନପଦିଆ, ରମେଶ ପଇଦା, ବେଣୁଧର ମହାନ୍ତ, ଯାଦବ ଦେହୁରୀ, କେଶବ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।

ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର; ୩୬ ଅଭିଯୋଗ ପଞ୍ଜିକୃତ

## ଆର୍‌ଆଇ ଅଫିସ୍ ଓ ପ୍ରାଣୀ ଚିକିତ୍ସାଳୟ ନିର୍ମାଣ ଦାବି

ବିଶୋଇ,୨୪।୧୨(ସମିସ): ସୁଶାସନ ସପ୍ତାହ ପାଳନ ଅବସରରେ ବ୍ଲକ୍ ପ୍ରଶାସନ ପକ୍ଷରୁ 'ଗ୍ରାମ ଅଭିମୁଖେ ପ୍ରଶାସନ' କାର୍ଯ୍ୟକ୍ରମରେ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଏନ୍‌ବି ପୋଖରିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏବିଡିଓ ଆକାଶ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ସରପଞ୍ଚ ଡମାନ ମୁର୍ମୁ, ପଞ୍ଚାୟତ ସମିତି ସଦସ୍ୟ ଅମର ସିଂ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ। ସାମାଜିକ ସୁରକ୍ଷା ଅଧିକାରୀ କୁମାର ଦେବବ୍ରତ ପାତ୍ର, ଜିପିଡିଓ ହରେଶ ଚନ୍ଦ୍ର ନାଏକ, ପାନୀୟଜଳ ଯୋଗାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ପ୍ରଶାନ୍ତ ସାହୁ, ମିଶନଶକ୍ତି ବିପିଏମ୍ ଅଚିନ୍ତ ଦାସ ସମେତ ଶିକ୍ଷା, ସ୍ୱାସ୍ଥ୍ୟ, ସମନ୍ୱିତ ଶିଶୁ ବିକାଶ ଏବଂ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ରହି ପଞ୍ଚାୟତବାସୀଙ୍କଠାରୁ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ଶିବିରରେ ସମୁଦାୟ ୩୬ଟି ଅଭିଯୋଗପତ୍ର ଆସିଥିଲା। ଗ୍ରାମୀଣ ଗୃହ ବିଭାଗରେ ସର୍ବାଧିକ ୧୫ଟି, ସାମାଜିକ ସୁରକ୍ଷାରେ ୧୧ଟି, ରାଜସ୍ୱ ଓ ଉନ୍ନୟନ ବିଭାଗରେ ୩ଟି, ବିଦ୍ୟୁତ୍ ଯୋଗାଣ, ପ୍ରାଣୀ ଚିକିତ୍ସା ଓ ପାନୀୟଜଳ ବିଭାଗରେ ଗୋଟିଏ ଲେଖାଏଁ ଅଭିଯୋଗ ଆସିଥିଲା। ପଞ୍ଚାୟତରେ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କ କାର୍ଯ୍ୟାଳୟ ସହିତ ପ୍ରାଣୀ ଚିକିତ୍ସାଳୟ ନବନିର୍ମାଣ କରିବା ପାଇଁ ପଞ୍ଚାୟତବାସୀଙ୍କ ସାମୂହିକ ଅଭିଯୋଗ ହୋଇଥିଲା। ଏନ୍‌ବି ପୋଖରିଆ ପଞ୍ଚାୟତର ପିଇଓ ଅଞ୍ଜନ କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ ଏଡିଇଓ ଦୁର୍ଗାଚରଣ ନାୟକ, ଯୋଗାଣ ସହାୟକ ସତ୍ୟମ୍ ସୁନ୍ଦର ଗଜେନ୍ଦ୍ର ମହାନ୍ତ ଓ ଅନ୍ୟ ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ବିଆର୍‌ସି ସୁକାନ୍ତି ସୋରେନ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ପଦ୍ମଲୋଚନ ପାଟବନ୍ଧା, ପେସା ସଂଯୋଜକ କ୍ରିଷ୍ଣା କଚ୍ଛପ, ଡିଇଓ ରଞ୍ଜନ ସେଠୀ, ଏସ୍‌ଆର୍‌ଏ ଗୋପୀନାଥ ନାଏକ ପ୍ରମୁଖ ଅଭିଯୋଗପତ୍ର ଗ୍ରହଣରେ ସହଯୋଗ କରିଥିଲେ।

## ଗିଦିଘାଟୀରେ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି

ବହଳଦା,୨୪।୧୨(ସମିସ): ବହଳଦା ବ୍ଲକ୍ ଅନ୍ତର୍ଗତ ଗିଦିଘାଟୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଭବନ ପରିସରରେ ଗ୍ରାମ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଗିଦିଘାଟୀ ସରପଞ୍ଚ ସାଲାଇ ବେଶ୍ରା ଓ ପିଇଓ ସାଲି ମୁର୍ମୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ବହଳଦା ବିଡିଓ ଶରତ କୁମାର ମଲ୍ଲିକ, ସହକାରୀ ଯନ୍ତ୍ରୀ ମଦନମୋହନ ନାୟକ, କନିଷ୍ଠ ଯନ୍ତ୍ରୀ ସାରଙ୍ଗଧର ଏବଂ ସିଡିପିଓ ସାକ୍ରମଣୀ ଟୁଡୁଙ୍କ ସହିତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଅଭିଯୋଗ ଗ୍ରହଣ କରିଥିଲେ। ତେବେ ଏହି ଜନ ଅଭିଯୋଗ ଶୁଣାଣି ଶିବିର ବିଷୟରେ ଲୋକେ ଜାଣିପାରି ନ ଥିବାରୁ ମାତ୍ର ୧୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଅଧିକାଂଶ ଅଭିଯୋଗ ସରକାରୀ ଆବାସ ଓ ଭତ୍ତା ସମ୍ବନ୍ଧରେ ଆସିଥିବାବେଳେ କେତେକ ଅଭିଯୋଗ ରାସ୍ତା ମରାମତି ଓ ନିର୍ମାଣ ସମ୍ବନ୍ଧୀୟ ଅଭିଯୋଗ ଆସିଥିଲା। ଗୟଳକଟା ଗ୍ରାମର ପଡ଼ାଗ୍ରାମ କାକଡ଼ାଘୁଟୁ ବସତିରେ ବିଦ୍ୟୁତ୍ ସଂଯୋଗ କରାଯିବା ଏବଂ ଖେଳ ପଡ଼ିଆର ଉନ୍ନତୀକରଣ କରାଯିବା ନେଇ ଦାବି ଜଣାଇଥିଲେ।

## ବାଗୁଲି ଆଶ୍ରମ ବିଦ୍ୟାଳୟ ଛାତ୍ରୀଙ୍କ ସଫଳତା



ବଡ଼ସାହି,୨୪।୧୨(ସମିସ): ଉକ୍ତ ବ୍ଲକ୍ ଅଧୀନ କୋଚିଲାଖୁଣ୍ଟା ପଞ୍ଚାୟତ ବାଗୁଲି ଆଶ୍ରମ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ ଇନ୍ଦୁ ନାଏକ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ୍ କାର୍ଯ୍ୟକ୍ରମରେ ତର୍କ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ଓ ଅଞ୍ଚଳର ମାନ ବଢ଼ାଇଛନ୍ତି। ପ୍ରଥମେ ଉପଖଣ୍ଡସ୍ତରୀୟ ସର୍ଗିଫୁଲ୍ ଓ ପରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲରେ ଇନ୍ଦୁ ନାଏକ ତର୍କ ଓ ସ୍ମୃତିରେଖା ନାଏକ ବକ୍ତୃତା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ ପାଇଁ ଚୟନ ହୋଇଥିଲେ। ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାର ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଇନ୍ଦୁ ନାଏକ ତାଙ୍କର ତର୍କଶକ୍ତି, ଆତ୍ମବିଶ୍ୱାସ ଓ ସ୍ୱଷ୍ଟ ଉପସ୍ଥାପନା ଦ୍ୱାରା ବିଚାରକମଣ୍ଡଳୀଙ୍କ ଦୃଷ୍ଟି ଆକର୍ଷଣ କରି ତର୍କ ପ୍ରତିଯୋଗିତାରେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଅନୁସୂଚିତ ଜାତି ଓ ଜନଜାତି ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ବିଭାଗୀୟ ଶାସନ ସଚିବ ବି. ପରମେଶ୍ୱରନ୍‌ଙ୍କ ହାତରୁ ପୁରସ୍କାର ଗ୍ରହଣ କରି ବାଗୁଲି ଆଶ୍ରମ ବିଦ୍ୟାଳୟ, ବଡ଼ସାହି ବ୍ଲକ୍ ତଥା ମୟୂରଭଞ୍ଜ ଜିଲ୍ଲା ପାଇଁ ଗୌରବ ଆଣିପାରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ ତଥା ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଗାଇଡ୍ ଶିକ୍ଷକ ଜୟନ୍ତ କୁମାର ଜେନା, ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁ ଚରଣ ମଲ୍ଲିକ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ, ଅଜୟ କୁମାର ଜେନା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଶ୍ରୀ ବାସନ୍ତୀ ସିଂ, ବଡ଼ସାହି ବ୍ଲକ୍ ଉପାଧ୍ୟକ୍ଷ କାଞ୍ଚନ କୁମାର ପ୍ରଧାନ, କୋଚିଲାଖୁଣ୍ଟା ଗ୍ରାମ ପଞ୍ଚାୟତର ସରପଞ୍ଚ, ବିଦ୍ୟାଳୟ ଶିକ୍ଷା କମିଟିର ସମସ୍ତ ସଦସ୍ୟ ସଦସ୍ୟା ଓ ସହପାଠୀ ଇନ୍ଦୁଙ୍କୁ ଅଭିନନ୍ଦନ ଜଣାଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ପାନୀୟ ଜଳ ପାଇବାରୁ ବଞ୍ଚିତ ଦୁଇ ଗାଁ

## ସରପଞ୍ଚ ଓ ପଞ୍ଚାୟତ କର୍ମଚାରୀଙ୍କୁ ତାଲା ପକାଇ ରଖିଲେ

ରାସଗୋବିନ୍ଦପୁର,୨୪।୧୨(ସମିସ):

ରାସଗୋବିନ୍ଦପୁର ବ୍ଲକ୍ ଅଧୀନ ଝାଟିଅଡ଼ା ପଞ୍ଚାୟତର ହରିପୁର ଏବଂ ତାରାପୁର ଗ୍ରାମବାସୀମାନେ ଦୀର୍ଘଦିନ ଧରି ଗାଁରେ

୩ ବର୍ଷ ଧରି ସମ୍ପୂର୍ଣ୍ଣ ହେଉନି ପାଣିଟାଙ୍କି ନିର୍ମାଣ



ପାନୀୟଜଳ ସମସ୍ୟା ଥିବାରୁ ବୁଧବାର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଓ ପଞ୍ଚାୟତ କର୍ମଚାରୀମାନଙ୍କୁ ଅଟକ ରଖି ତାଲା ପକାଇଥିବାର ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ, 'ବସୁଧା' ଯୋଜନାରେ ୨୦୨୨ରେ ହରିପୁର ଗ୍ରାମରେ ଏକ ଓଭରହେଡ୍ ପାଣିଟାଙ୍କି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ତାହାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଯାହାଫଳରେ ଗ୍ରାମବାସୀ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ବାରମ୍ବାର ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ୍ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବାର ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଯାହାଫଳରେ ବୁଧବାର ଦୁଇଟି ଗ୍ରାମର ଲୋକେ ଉତ୍ୟକ୍ତ ହୋଇ ଦିନ ୧୧ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଦୀର୍ଘ ୬ଘଣ୍ଟା ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ସରପଞ୍ଚ ବୁଢ଼ିଆ ମୁର୍ମୁ ଏବଂ ଅନ୍ୟ ପଞ୍ଚାୟତ କାର୍ଯ୍ୟାଳୟ କର୍ମଚାରୀଙ୍କୁ ଅଟକ ରଖିଥିଲେ। ଘଟଣାସ୍ଥଳରେ ବିଡିଓ ଅନନ୍ତ କୁମାର ହାଁସଦା, ଗ୍ରାମ୍ୟ ପରିମଳ ଓ ପାନୀୟଜଳ ଯୋଗାଣ ବିଭାଗର ଏସ୍‌ଡିଓ, କନିଷ୍ଠ ଯନ୍ତ୍ରୀ ନବକିଶୋର ମଲ୍ଲିକ ଏବଂ ପ୍ରିୟବ୍ରତ ଗାରୁ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଆଗାମୀ ୭ ଦିନ ମଧ୍ୟରେ ପାନୀୟଜଳ ସମସ୍ୟାର ସମାଧାନ କରାଯିବାର ପ୍ରତିଶ୍ରୁତି ଦେବାପରେ ଉତ୍ୟକ୍ତ ଗ୍ରାମବାସୀ କାର୍ଯ୍ୟାଳୟରୁ ତାଲା ଖୋଲିଥିଲେ।

## ୧୫ ବର୍ଷରୁ କମ୍ ଓଡ଼ିଶା ମହିଳା କ୍ରିକେଟ୍ ଦଳରେ ଲକ୍ଷ୍ମୀ




ବାରିପଦା,୨୪।୧୨(ସମିସ): ମହାରାଷ୍ଟ୍ରର ନାଗପୁରଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ ୧୫ ବର୍ଷରୁ କମ୍ ବିସିସିଆଇ ଟ୍ରଫି ପାଇଁ ମୟୂରଭଞ୍ଜର ଲକ୍ଷ୍ମୀ ଭଗତ ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି। ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଉଚ୍ଚମାନର ଖେଳ ପ୍ରଦର୍ଶନ କରି ସେ ଓଡ଼ିଶା ଦଳରେ ସ୍ଥାନ ପାଇ ଜିଲ୍ଲା ତଥା ବାରିପଦା ପାଇଁ ସୁନାମ ଆଣିଛନ୍ତି। ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୨ନଂ ୱାର୍ଡସ୍ଥିତ ପ୍ରଫୁଲ୍ଲନଗର ନିବାସୀ ବିଷ୍ଣୁ ଭଗତ ଓ ସୁମନ ଭଗତଙ୍କ ଝିଅ ଲକ୍ଷ୍ମୀ ମହୁଲିଆସ୍ଥିତ ସେକ୍ରେଡ୍ ସନ୍‌ସାଇନ୍ ସ୍କୁଲର ୭ମ ଶ୍ରେଣୀର ଛାତ୍ରୀ। ଝିଅର କ୍ରିକେଟ ଖେଳିବାର ଇଚ୍ଛାଶକ୍ତି ଦେଖି ବାପା ତାଙ୍କର ପ୍ରଶିକ୍ଷଣ ପାଇଁ ଲେଟ୍‌କଟ୍ କ୍ଲବ୍ ଅଧୀନରେ ଥିବା କ୍ରିକେଟ କୋଚିଂ ଶିବିରରେ ଛାଡ଼ିଥିଲେ। ପୂର୍ବତନ ରଣଜୀ ଖେଳାଳି ଦେବୀଦତ୍ତ ମହାନ୍ତିଙ୍କଠାରୁ ପ୍ରଶିକ୍ଷଣ ପାଇ ସେ ଓଡ଼ିଶା ଦଳରେ ସ୍ଥାନ ପାଇବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସହ କୋଚ୍ ଦିବ୍ୟଲୋଚନ ଦାଶ ମଧ୍ୟ ତାଙ୍କର ଖେଳ ପାଇଁ ବିଭିନ୍ନ ପ୍ରକାର ସାହାଯ୍ୟ ସହଯୋଗ କରିଛନ୍ତି। ପ୍ରଥମ ଥର ପାଇଁ ମୟୂରଭଞ୍ଜ ଜିଲ୍ଲାରୁ ଓଡ଼ିଶା ଦଳରେ ସ୍ଥାନ ପାଇ ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି କୋଚ୍ ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି। ଖବର ପାଇ ଲେଟ୍‌କଟ୍ କ୍ଲବ୍‌ର ସଭାପତି ଗିରିଶ ଚନ୍ଦ୍ର ଦାସ, ସମ୍ପାଦକ ଦୀପକ କୁମାର ଦାଶ ଓ ସମସ୍ତ ସଦସ୍ୟ, ମୟୂରଭଞ୍ଜ ଆଥ୍‌ଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କ୍ରିକେଟ୍ ସମ୍ପାଦକ ହରପ୍ରସାଦ ପାତ୍ର ଓ ପ୍ରସନ୍ନଜିତ ମହାନ୍ତି, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ତଥା ସମସ୍ତ ସଦସ୍ୟ, ବିଦ୍ୟାଳୟର ଅଧକ୍ଷ, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଅଭିନନ୍ଦନ ଜଣାଇବା ସହ ଆଗାମୀ ଖେଳ ପାଇଁ ସଫଳତା କାମନା କରିଛନ୍ତି।

## ମାଣିଖମ୍ବ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



ବାଲେଶ୍ୱର,୨୪।୧୨(ସମିସ): ମାଣିଖମ୍ବ ସରସ୍ୱତୀଶିଶୁବିଦ୍ୟାମନ୍ଦିରର୩୦ତମବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଓଡିଶା ଶିକ୍ଷା ବିକାଶ ସମିତିର ସଭାପତି ଡ. କିଶୋର ଚନ୍ଦ୍ର ମହାନ୍ତି ଏହି ଉତ୍ସବକୁ ଉଦଘାଟନ କରିବା ସହିତ ଛାତ୍ରଛାତ୍ରୀଙ୍କୁ ସଫଳତାର ବିଭିନ୍ନ ଦିଗ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଭାରତୀୟ ସଂସ୍କୃତି ପ୍ରଚାର ସମିତି ବାଲେଶ୍ୱର ଶାଖା ସଭାପତି ଇଂ ଗୋପାଳ ଚନ୍ଦ୍ର ଖଣ୍ଡେଲୱାଲ ଏଥିରେ ସମ୍ମାନିତ ଅତିଥି ଭାବେ ଗୁଣାତ୍ମକ ଶିକ୍ଷା, ନୂତନ ଶିକ୍ଷାନୀତି ଏବଂ ପିଲାଙ୍କ ସଫଳତା ପାଇଁ ଅଭିଭାବକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ସଭାପତି ଭବେନ୍ଦ୍ର କୁମାର ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ଶିବାନୀ ଶଙ୍କର ପଣ୍ଡା ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ଦେଇଥିଲେ। ପ୍ରଧାନ ଶିକ୍ଷୟତ୍ରୀ ମୀନତି ରାଣୀ ନାୟକ ବିଦ୍ୟାଳୟ ପରିଚାଳନା ଗତ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ବାରବାଟି ଅଂଚଳର ଇଂ କପିଳ ଚନ୍ଦ୍ର କରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଇଂ କରଙ୍କ ସୁପୁତ୍ର ପାର୍ଥପ୍ରତୀମ କର ଏହି ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ। ଏହା ସହିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଛାତ୍ର ବିଶ୍ୱଜିତ ବେହେରା ଓ ଛାତ୍ରୀ ଆଦ୍ୟାଶା ବାରିକ ମଂଚ ପରିଚାଳନା କରିଥିଲେ। ଯୁଗ୍ମ ସମ୍ପାଦକ ଅନିରୁଦ୍ଧ ବେହେରା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଫିଜିଓଥେରାପି ଶିବିର

ବାଲେଶ୍ୱର,୨୪।୧୨(ସମିସ): ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘ ଏବଂ ଅରୁଣ ଦେ ସ୍ମୃତି ପରିଷଦ ମିଳିତ ଆନୁକୂଲ୍ୟରେ ନିଶୁଳ୍କ ଫିଜିଓଥେରାପି ଶିବିର ଅରୁଣ ଦେ ସ୍ମୃତି ପରିଷଦ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କ୍ରୀଡା ହଷ୍ଟେଲର ଫିଜିଓଥେରାପି ଚିକିତ୍ସକ ଡା. ହରେକୃଷ୍ଣ ଜେନା ଶିବିରକୁ ଉଦଘାଟନ କରିଥିଲେ। ପ୍ରଫୁଲ୍ଲ ରାଉତଙ୍କ ପୌରହିତ୍ୟରେ ପରିଷଦ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ପ୍ରସାଦ ମହାନ୍ତି, ପରିଷଦ ସମ୍ପାଦକ ରଞ୍ଜନ ବାଗ ପ୍ରମୁଖ ଯୋଗଦେଇଥିଲେ। ଦେବାଶିଷ ଦାସ, ଗଙ୍ଗାଧର ପୃଷ୍ଟି, ମନ୍ମଥ ପରିଜା, ଗୋପାଳ ଚନ୍ଦ୍ର ଜେନା, ଲଲାଟେନ୍ଦୁ ପତି, ଗୟାନିଧି ମିଶ୍ର, ନରେନ୍ଦ୍ର ନାୟକ, ମଧୁସୂଦନ ବେହେରା, ଦୁର୍ଗା ଶଙ୍କର ଗିରି, ସୁଧୀର ନନ୍ଦୀ, ବିଜୟ ରଣା, ବିଧୁ ଭୂଷଣ ପ୍ରଧାନ, ଦିବ୍ୟେନ୍ଦୁ ପଣ୍ଡା, ଅକ୍ଷୟ ପଣ୍ଡା ପ୍ରମୁଖ ଶିବିରରେ ସହଯୋଗ କରିଥିଲେ।

## ବାଲେଶ୍ୱର ସହରରେ ଜବରଦଖଲ ଉଚ୍ଛେଦ ଆରମ୍ଭ

# ଭଙ୍ଗାଗଲା ୧୮୪ ଦୋକାନ

ବାଲେଶ୍ୱର,୨୪।୧୨(ସମିସ)







ବାଲେଶ୍ୱର ସହରରେ ମୁଖ୍ୟ ରାସ୍ତା ତଥା ଷ୍ଟେସନ ଛକ ଠାରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ଜବର ଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଆଜି ଜିଲ୍ଲା ପ୍ରଶାସନ ଏହି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଛି। ଷ୍ଟେସନ ଛକ ଠାରୁ ଫକୀରମୋହନ ଗୋଲେଇ ଯାଏଁ ପ୍ରାୟ ୨୭୮ଟିରୁ ଅଧିକ ଦୋକାନ ଥିବା ବେଳେ ସେଥିମଧ୍ୟରୁ ୧୮୪ଟିରୁ ଅଧିକ ଜବରଦଖଲ ଘର ଭଙ୍ଗା ହୋଇଛି। ସେଥିମଧ୍ୟରୁ କିଛି ଆଂଶିକ ରହିଥିବା ବେଳେ କିଛି ସମ୍ପୂର୍ଣ୍ଣ ଭାବେ ଭଙ୍ଗା ହୋଇଛି। ଏହାଛଡା ରାସ୍ତାରୁ ୧୮ ମିଟର ପର୍ଯ୍ୟନ୍ତ ଯେଉଁ ସବୁ ଘର ଆସୁଛି ତାହାକୁ ସବୁ ଭଙ୍ଗା ହୋଇଛି।

ବାଲେଶ୍ୱର ସହରର ତାମୁଲିଆ ପୋଲ ଠାରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶ୍ୱର୍ ଜବରଦଖଲରେ ରହିଛି। ବିଶେଷ କରି ସେଠାରେ ଦୋକାନମାନ ରହିଥିବା ବେଳେ ବାଇକ, ବସ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଯାନ ବାହାନ ରହୁଥିବା ବେଳେ ରାସ୍ତା ସଙ୍କୁଚିତ ହୋଉଛି। ବିଶେଷ କରି ଷ୍ଟେସନ ଛକ ଠାରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ରାସ୍ତା ଗୁଡିକ ଅଧିକ ସଙ୍କୁଚିତ ହୋଇଥିଲା। ଏହି ଠାରେ ଦୁଇ ମହଲା ବିଶିଷ୍ଟ କୋଠା ଗୁଡିକ ଜବରଦଖଲରେ ରହି ବେଆଇନ ଭାବେ ନିର୍ମାଣ ହୋଇ ସେଥିରେ ପ୍ରାୟ ୨୭୮ଟିରୁ ଅଧିକ ଦୋକାନ ଘର ଚାଲୁଥିଲା। ଯାହାଫଳରେ ରାସ୍ତା ଭିଡ ହେଉଥିଲା। ଏହି ଜବରଦଖଲ ଉଚ୍ଛେଦ କରିବା ପାଇଁ ହାଇକୋର୍ଟ ଚଳିତ ମାସ ୯ତାରିଖରେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପ୍ରଶାସନ ଏହି ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆଜି ଆରମ୍ଭ କରିଛି। ବିଶେଷ କରି ଜିଲ୍ଲା ପ୍ରଶାସନ ରାସ୍ତାରୁ ୧୮ ମିଟର ମଧ୍ୟରେ ଆସୁଥିବା ସମସ୍ତ ଜବରଦଖଲ ଘରକୁ ଆଜି ଭାଙ୍ଗିଛି। ପାଖାପାଖି ୧୮୪ଟିରୁ ଅଧିକ ଘର ଭଙ୍ଗା ହୋଇଥିବା ବେଳେ ସେଥିରେ କିଛି ଆଂଶିକ ଏବଂ କିଛି ସମ୍ପୂର୍ଣ୍ଣ ଘର ଭଙ୍ଗା ହୋଇଛି। ଉପଜିଲ୍ଲାପାଳ ଶିବ ମାଳବ୍ୟଙ୍କ ନେତୃତ୍ୱରେ ଏହି ଜବରଦଖଲ ଉଚ୍ଛେଦ କରିବା ପାଇଁ ମୋଟ ୩ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିବା ବେଳେ ଜଣେ ଆଡିସିନାଲ ଏସପି, ୭ଜଣ ଜଣ ଡିଏସପି, ୫ଜଣ ଇନସପେକ୍ଟର ଏହି ଦାୟିତ୍ୱରେ ରହିଛି।

ଏ ନେଇ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି ଯେ, ଏଠାରେ ପାଖାପାଖି ୩ଟି ମାର୍କେଟ କମ୍ପ୍ଲେକ୍ସ ରହିଥିଲା। ପୂର୍ବରୁ ପିଡବ୍ଲ୍ୟୁଡି ପକ୍ଷରୁ ଏହି ରାସ୍ତା ସମ୍ପ୍ରସାରଣ ପାଇଁ ଥିଲା। ସହରର ଏହା ମୁଖ୍ୟ ରାସ୍ତା ହୋଇଥିବା ବେଳେ ରେଳଷ୍ଟେସନ, ବସଷ୍ଟାଣ୍ଡ ଆଦିକୁ ରାସ୍ତା ସଂଯୋଗ କରୁଥିଲା। ପୂର୍ବରୁ ଦୁଇ ଥର ଜିଲ୍ଲା ପ୍ରଶାସନ ସହ ଦୋକାନୀମାନଙ୍କ ସହ ଆଲୋଚନା ମଧ୍ୟ ହୋଇଥିଲା। ପୂର୍ବରୁ ସମସ୍ତଙ୍କୁ ନୋଟିସ ମଧ୍ୟ କରାଯାଇଥିଲା। ଯାହାଦ୍ୱାରା କି ଦୋକାନୀମାନେ ପ୍ରାୟ ସବୁ ସାମଗ୍ରୀ ଖାଲି କରିଦେଇଥିଲେ। ଆଜି ଜବରଦଖଲ ଉଚ୍ଛେଦ କରାଯିବାର ଯୋଜନା ରହିଥିଲା। ରାସ୍ତା ସମ୍ପ୍ରସାରଣ ପାଇଁ ଏହି ଜବରଦଖଲ ଉଚ୍ଛେଦ ହୋଇଥିବା ବେଳେ ୧୮ ମିଟର ପର୍ଯ୍ୟନ୍ତ ଭଙ୍ଗା ହୋଇଛି। ଏହା ପୌରପରିଷଦ ଅଧିନରେ ରହିଥିବା ବେଳେ ଯେଉଁ ଦୋକାନଗୁଡିକୁ ଉଚ୍ଛେଦ କରାଯାଇଛି ସେମାନଙ୍କର ତଥ୍ୟ ମଧ୍ୟ ଜିଲ୍ଲା ପ୍ରଶାସନ ନିକଟରେ ରହିଛି। ଏହାଛଡା ପୌରପ୍ରଶାସନକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି ଯେ ଯେତେଶିଘ୍ର ହେବ ପ୍ରାଥମିକତା ଦେଇ ସେମାନଙ୍କୁ ଥଇଥାନ କରାଯିବ। ଏହା କେବଳ ରାସ୍ତା ଚଉଡ଼ା କରାଯିବ।

**ଚାଲିଗଲା ରୋଜଗାର ପନ୍ଥା:** ଷ୍ଟେସନ ଛକ ଠାରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରାଯାଉଛି। ଏଠାରେ ପ୍ରଜ୍ଞାପରମିତା ଦାସଙ୍କର ଦୋକାନ ମଧ୍ୟ ଭଙ୍ଗା ଯାଇଛି। ଏବେ ପରିବାର କେମିତି ଚଳାଇବେ ତାହା ଚିନ୍ତା ଘାରିଛି। ସେ ପାର୍ଟସ ଦୋକାନ କରି ପରିବାର ଚଳାଉଥିଲେ। ୧୫ରୁ ୧୬ବର୍ଷ ଧରି ଦୋକାନ କରିଆସୁଥିବା ବେଳେ ଆଜି ତାହା ଭାଙ୍ଗି ଯାଇଛି। ଯାହାଫଳରେ ସେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିବା ବେଳେ ଏବେ ଘର ଚଳିବା ନେଇ ଚିନ୍ତାରେ ରହିଛନ୍ତି। ତାଙ୍କୁ ପୁନର୍ବାର କେଉଁଠାରେ ପ୍ରଶାସନ ଥଇଥାନ କରିବ କି ନାହିଁ ତାହା ମଧ୍ୟ ସେ ସନ୍ଦେହରେ ଥିବା ବେଳେ ଏବେ ପରିବାର ଚଳାଇବା ପାଇଁ କଷ୍ଟ ହେବ ବୋଲି ସେ କହିଛନ୍ତି।

## ଏଫ୍ଏମ୍‌ୟୁରେ ମହିଳା ପଦାର୍ଥ ବିଜ୍ଞାନୀ 'କଲୋକ୍ୱିୟମ'



ବାଲେଶ୍ୱର,୨୪।୧୨(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ "ମହିଳା ପଦାର୍ଥ ବିଜ୍ଞାନୀ କଲୋକ୍ୱିୟମ' ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭିକ ଉଦବୋଧନ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲାଙ୍କ ଦ୍ୱାରା ହୋଇଥିଲା। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର କୁକୁମୀନା ଦାସ ଉପସ୍ଥିତ ରହି ଗବେଷଣାମୂଳକ ଉତ୍କର୍ଷ, ଗବେଷଣାରେ ନବୀନତା ଓ ବିଜ୍ଞାନ କ୍ଷେତ୍ରରେ ଲିଙ୍ଗ ସମତା ପ୍ରତି ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତାକୁ ପ୍ରମାଣିତ କରିଥିଲେ। କାର୍ଯ୍ୟକ୍ରମର ପ୍ରାୟୋଗିକ ଅଧିବେଶନରେ ଆମନ୍ତ୍ରିତ ବିଶେଷଜ୍ଞମାନଙ୍କ ଦ୍ୱାରା ଗଭୀର ଓ ସୂଚନାମୂଳକ ବ୍ୟାଖ୍ୟାନ ପ୍ରଦାନ କରାଯାଇଥିଲା। ଡ଼କ୍ଟର ମୀନାକ୍ଷି ନାୟକ, ରାମାନୁଜନ ଫେଲୋ, ସେଣ୍ଟର ଫର ହାଇ ଏନର୍ଜି ଫିଜିକ୍ସ, ଇଣ୍ଡିଆନ୍ ଇନ୍ସଟିଚ୍ୟୁଟ୍ ଅଫ୍ ସାଇନ୍ସ, ବେଙ୍ଗାଲୁରୁ ଆଧୁନିକ ପ୍ରୟୋଗାତ୍ମକ ସୁବିଧା ଓ ମୌଳିକ କଣିକାଗୁଡ଼ିକର ଶକ୍ତିଗୁଡ଼ିକୁ ବୁଝିବାରେ ସେମାନଙ୍କ ଭୂମିକାକୁ ବ୍ୟାଖ୍ୟା କରିଥିଲେ।"ଅନ୍ୟ ଏକ ଆକର୍ଷଣୀୟ ବ୍ୟାଖ୍ୟାନ ଡ. ସୁଚିସ୍ମିତା ସାହୁ, ସହକାରୀ ପ୍ରଫେସର, ପଦାର୍ଥ ବିଜ୍ଞାନ ବିଭାଗ, ସେଣ୍ଟ୍ରାଲ୍ ୟୁନିଭର୍ସିଟି ଅଫ୍ କର୍ଣ୍ଣାଟକ, ଦ୍ୱାରା ପ୍ରଦାନ କରାଯାଇଥିଲା। ଶିକ୍ଷକ, ଗବେଷଣାର୍ଥୀ ଏବଂ ସ୍ନାତକୋତ୍ତର ଛାତ୍ରଛାତ୍ରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସହକାରୀ ପ୍ରଫେସର ବିବେକାନନ୍ଦ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସହକାରୀ ପ୍ରଫେସର ହିମାଂଶୁ ଭୂଷଣ ନାୟକ (ପଦାର୍ଥ ବିଜ୍ଞାନ ବିଭାଗ, ଫକୀର ମୋହନ ବିଶ୍ୱବିଦ୍ୟାଳୟ) ଧନ୍ୟବାଦ ଜ୍ଞାପନ କରି ସମସ୍ତ ଆମନ୍ତ୍ରିତ ଅତିଥି, ବକ୍ତା, ଆୟୋଜକ ଓ ଅଂଶଗ୍ରାହୀମାନଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ।

## ଜାତୀୟ ଉପଭୋକ୍ତା ଦିବସ




ବାଲେଶ୍ୱର,୨୪।୧୨(ସମିସ): ସ୍ୱେଚ୍ଛାସେବୀ ସଙ୍ଗଠନ ଭରସା ଓ ମେ ଆଇ ହେଲ୍ପ ୟୁ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜାତୀୟ ଉପଭୋକ୍ତା ଦିବସ ସ୍ଥାନୀୟ ଫକୀରମୋହନ ଜୁନିଅର କଲେଜରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ ଉଦଘାଟନ କରି ଡିଜିଟାଲ ନ୍ୟାୟ ମାଧ୍ୟମରେ ଦକ୍ଷ ଏବଂ ଶୀଘ୍ର ସମାଧାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ସଭାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ ଯୋଗଦେଇ ଖାଉଟିଙ୍କ ସୁରକ୍ଷା ଓ ନ୍ୟାୟ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ନରସିଂହ ପଣ୍ଡା, କଲେଜ ଅଧକ୍ଷ ପ୍ରଦୀପ ରଣା, ଯୁଗ୍ମ ନିର୍ଦ୍ଦେଶକ ପ୍ରୋଦର୍ଷ ହରିଚନ୍ଦନ, ଅତିରିକ୍ତ ଯୋଗାଣ ଅଧିକାରୀ ସମ୍ବିତ ଦାସ, ଜିଲ୍ଲା ଉପଭୋକ୍ତା ପରିଷଦ ସଦସ୍ୟ ଲକ୍ଷ୍ମୀ ନାରାୟଣ ମହାନ୍ତି, ଆଇନଜୀବୀ ବିଚିତ୍ରାନନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। 'ଭରସା' ସମ୍ପାଦକ ଯାଦବେଶ ମିଶ୍ର ଅଭରେ ସଭାପତିତ୍ୱ କରିଥିଲେ। 'ମେ ଆଇ ହେଲ୍ପ ୟୁ' ମୁଖ୍ୟ ଉବାଚକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସରେ ନବାଗତଙ୍କୁ ସ୍ୱାଗତ




ବାଲେଶ୍ୱର,୨୪।୧୨(ସମିସ): କୁରୁଡାସ୍ଥିତ ଓଡ଼ିଶା ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସରେ ନବାଗତ ବିଏସସି ନର୍ସିଂ, ଏନ୍ ଏମ୍ ଓ ବ୍ୟାଚଲର୍ ଫିଜିଓଥେରାପି (ବିପିଟି) ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ପଞ୍ଚାନନ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ପ୍ରତିଷ୍ଠାତା ଟ୍ରଷ୍ଟି ଡ. ଗଣେଶ ନାରାୟଣ ପ୍ରହରାଜ, ମୁଖ୍ୟବକ୍ତା ଭାବେ ଓଡ଼ିଶା ଫଲୋପର ସମ୍ପାଦକ ଡି.ବି ହୃଦୟବାସୀ ଦାଣ୍ଡିଆ ଓ ସମ୍ମାନିତ ଅତିଥି ଭାବେ ଡ. ଲକ୍ଷ୍ମୀକାନ୍ତ ପାଢୀ, ନର୍ସିଂ କଲେଜର ଅଧକ୍ଷ କାଞ୍ଚନ ଭଗତ, ଫିଜିଓଥେରାପି କଲେଜର ଅଧକ୍ଷ ଡ. ଶାନ୍ତନୁ କୁମାର ଦ୍ୱିବେଦୀ ଯୋଗଦେଇ ନୂତନ ଭାବେ ଆସିଥିବା ପିଲାମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହିତ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ନିରାକାର ଭୂୟାଁ, ପ୍ରତ୍ୟୁଷା ନାୟକ, ତନ୍ମୟା ନାୟକ, ଜୟସ୍ମିତା ପାତ୍ର, ସ୍ୱାଗତିକା ଶତପଥୀ, ରଶ୍ମି ରେଖା ସିଂ, ଯାଜ୍ଞସିନି ପାଢ଼ୀ, ନୃସିଂହ ପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିଲେ ବରିଷ୍ଠ ନାଗରିକ



ବାଲେଶ୍ୱର, ୨୪।୧୨ (ସମିସ): ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ଏକ ପ୍ରତିନିଧି ଦଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କୁ ସାକ୍ଷାତ କରି ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ବରିଷ୍ଠନାଗରିକମାନଙ୍କୁ ସ୍ଥାନୀୟ ସ୍ଥାନୀୟ ପୁଲିସ୍ ଥାନାରୁ ପରିଚୟପତ୍ର ପ୍ରଦାନ କରିବା ଓ ବରିଷ୍ଠ ନାଗରିକମାନଙ୍କ ସମସ୍ୟା ସମାଧାନ ପାଇଁ ଗୁରୁତ୍ୱ ଦେବାକୁ ଏକ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୧୯୭୫ ମସିହାରେ ଆଭ୍ୟନ୍ତରୀଣ ଜରୁରୀକାଳୀନ ଅବସ୍ଥାରେ ମିଶା ଓ ଡିଆଇଆର୍‌ରେ କାରାବରଣ କରିଥିବା କରି ବ୍ୟକ୍ତିମାନେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ମାସିକ ପେନସନ୍ ପାଇଁ ଆବେଦନ କରିଥିବା ମାତ୍ର ୩ଜଣ ବରିଷ୍ଠ ନା ନାଗରିକଙ୍କ ଆବେଦନକୁ ତୁରନ୍ତ ବିଚାରକୁ ନେବାପାଇଁ ପ୍ରତିନିଧିମାନେ ଆରକ୍ଷୀ ଅଧିକ୍ଷକଙ୍କୁ ଅନୁରୋଧ କରିଥିଲେ। ବରିଷ୍ଠ ନାଗରିକମାନଙ୍କ ଦାବିକୁ ଅଗ୍ରାଧିକାର ଦିଆଯିବ ବୋଲି ଆରକ୍ଷୀ ଅଧିକ୍ଷକ ଶ୍ରୀ ଦିବାକର ସହମତି ପ୍ରକାଶ କରିଛନ୍ତି। ପ୍ରତିନିଧି ଦଳରେ ମଞ୍ଚର ଉପସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଓ ବିଷ୍ଣୁପ୍ରସାଦ ମହାନ୍ତି, ସାଧାରଣ ସଂପାଦକ ଦାମୋଦର ନା ନାୟକ, ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ଓ ସଦସ୍ୟ ରବି ପାଣିଗ୍ରାହୀ ପ୍ରମୁଖ ଏହି ସାକ୍ଷାତ ସମୟରେ ଉପସ୍ଥିତ ଥିଲେ।

## କୋଶମ୍ବ ମେଳାରେ ନିଆରା ଷ୍ଟଲ୍

# ଶାଢ଼ିରେ ଝଲସୁଛି ଦିବ୍ୟରଞ୍ଜନଙ୍କ ହସ୍ତ କଳାକୃତି







ବାଲେଶ୍ୱର,୨୪।୧୨(ସମିସ)

କାନଭାସ୍ ସାଜେ ଶାଢୀ ଏବଂ ଜୀବନ୍ତ ହୋଇଉଠେ ତାଙ୍କ ହାତର କଳାକୃତି। ସାଧାରଣ ଶାଢ଼ୀକୁ ସେ ନିଜ କଳାକୃତି ମାଧ୍ୟମରେ ଆକର୍ଷଣୀୟ କରିପାରନ୍ତି। ଯାହାକୁ ସମସ୍ତେ ବେଶ୍ ପସନ୍ଦ କରୁଛନ୍ତି। ବାଲେଶ୍ୱର କୋଶମ୍ବ ମେଳାରେ ଦିବ୍ୟରଞ୍ଜନଙ୍କ ଷ୍ଟଲ୍ ରେ ଲୋକଙ୍କ ଜମୁଛି ଭିଡ଼। ଏପରି ଏକ ନୂଆ ଓ ନିଆରା ଶାଢ଼ୀ କିଣିବାକୁ ଅନେକ ପସନ୍ଦ ମଧ୍ୟ କରୁଛନ୍ତି। ଷ୍ଟଲ୍‌ରେ ଦିବ୍ୟରଞ୍ଜନଙ୍କ ସହ ତାଙ୍କ ଦୁଇ ବନ୍ଧୁ ସମ୍ବିତ କୁମାର ପଣ୍ଡା ଓ ସୂର୍ଯ୍ୟମାନ ରଥ ଏକାଠି ଷ୍ଟଲ୍‌ରେ ରହିଛନ୍ତି।

ସହରସ୍ଥିତ ଗଡ଼ଗଡ଼ିଆ ଅଞ୍ଚଳର ଡା. ନାରାୟଣ ପ୍ରସାଦ ବେହେରା ଏବଂ ଚିନ୍ମୟୀ ବେହେରାଙ୍କ ପୁଅ ଦିବ୍ୟରଞ୍ଜନ ବେହେରା। ଦିବ୍ୟ ରଞ୍ଜନ ବର୍ତ୍ତମାନ ମେଡିକାଲ ରିସର୍ଚ୍ଚ କରୁଛନ୍ତି। ନିଶା ତାଙ୍କର ଚିତ୍ର ଆଙ୍କିବା। ବିନା ତାଲିମ୍‌ରେ ବିଭିନ୍ନ ପ୍ରକାର ଚିତ୍ର ଆଙ୍କୁଥିବା ବେଳେ ରଙ୍ଗରେ ରଙ୍ଗ ମିଶାଇ ସେ ଭିନ୍ନ ରଙ୍ଗ ତିଆରି କରିବାର କ୍ଷମତା ରଖିଛନ୍ତି। ଦିବ୍ୟରଞ୍ଜନଙ୍କ ଏହି କଳା ବାବଦରେ ଜାଣିବା ପରେ ତାଙ୍କ ପରିବାର ଲୋକ ଦିବ୍ୟରଞ୍ଜନଙ୍କୁ ତୃତୀୟ ଶ୍ରେଣୀରେ ପଢୁଥିବାବେଳେ କେଶୁ ଦାସଙ୍କ ନିକଟରେ ଚିତ୍ର ଶିଖୁଥିଲେ। ମାତ୍ର ଦୁଇ ମାସ ସେଠାରେ ସେ ଚିତ୍ର ଶିଖିଛନ୍ତି। ହେଲେ ପାଠ ପଢ଼ା ପାଇଁ କିଛି ଦିନ ପରେ ତାଙ୍କର ଚିତ୍ର ଶିଖିବା ବନ୍ଦ ହୋଇଯାଇଥିଲା। ମାତ୍ର ଦିବ୍ୟ ଚିତ୍ର ଆଙ୍କିବା ବନ୍ଦ କରିନଥିଲେ। ସେ କାଗଜ, ଶାମୁକାକୁ କାନଭାସ୍ କରି ଚିତ୍ର ଆଙ୍କୁଥିଲେ। ଏହା ଦେଖି ତାଙ୍କର ଜଣେ ସମ୍ପର୍କୀୟ ଶାଢ଼ିରେ ଚିତ୍ର ଆଙ୍କିବା ପାଇଁ କହିଲେ। ପ୍ରଥମ ଥର ଶାଢ଼ିରେ ଚିତ୍ର ଆଙ୍କିବା ଆରମ୍ଭ କଲେ। ଯାହା ଖୁବ୍ ସୁନ୍ଦର ଥିଲା ବୋଲି ସମସ୍ତେ ପ୍ରଶଂସା କରିଥିଲେ। ହାତ ତିଆରି ଚିତ୍ର ହୋଇଥିବା ଶାଢ଼ୀ ପ୍ରଥମ ଥର ପାଇଁ ବାଲେଶ୍ୱରରେ କେହି ପିନ୍ଧିଥିବା ଦେଖି ପରିବାର, ସାଙ୍ଗସାଥୀ ଏଭଳି ଶାଢ଼ିରେ ଚିତ୍ର ପାଇଁ ବାରମ୍ବାର ବରାଦ ଦେଲେ। ଦିବ୍ୟରଞ୍ଜନ ଦେଖିଲେ, ଏମ୍ବ୍ରୋଡୋରି ଶାଢ଼ି ସମସ୍ତେ ପିନ୍ଧୁଛନ୍ତି କିନ୍ତୁ ହାତ ତିଆରି ଚିତ୍ର ଶାଢ଼ି ଓଡ଼ିଶାରେ ବିଶେଷ ମିଳୁନାହିଁ। ବରାଦ୍ ଆସିବାରୁ ଅଧିକ ମାତ୍ରାରେ ଚିତ୍ର ଶାଢ଼ୀ ତିଆରି କରି ଗଚ୍ଛିତ ରଖିଛନ୍ତି। ଏବେ ଦିବ୍ୟରଞ୍ଜନ ବିଭିନ୍ନ ମେଳାରେ ଏହି ଶାଢ଼ି ବିକ୍ରି ପାଇଁ ଷ୍ଟଲ୍ ଖୋଲିଛନ୍ତି। କୋଶମ୍ବ ମେଳାରେ ମଧ୍ୟ ଦିବ୍ୟରଞ୍ଜନଙ୍କ ଶାଢି ଷ୍ଟଲ୍ ଖୋଲିଛି। ତାଙ୍କ ହାତ ତିଆରି ଶାଢ଼ିକୁ ଲୋକମାନେ ବେଶ୍ ପସନ୍ଦ କରୁଥିବାବେଳେ କଟନ୍, ସିଲ୍କ, ଟିସୁ କଟ୍, ଲୋଟସ୍, ସନ୍‌ଫ୍ଲାୱେର, କଲର୍ ଫ୍ଲାୱର, ମଠା ଶାଖୀ, ଦୁର୍ଗା ପେଣ୍ଟିଂ, ହାତ କଳସ, ଗଙ୍ଗଶିଉଳି ଭଳି ବିଭିନ୍ନ ଡିଜାଇନ୍‌ର ଶାଢ଼ି ତାଙ୍କ ପାଖରେ ମିଳୁଛି। ଯାହାର ମୂଲ୍ୟ ୮୦୦ ଟଙ୍କାରୁ ଆରମ୍ଭ ହୋଇ ୨୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଏଥିରେ ସେ ଏକ୍ରେଲିକ୍ ଫେବ୍ରିକ୍ କଲର ବ୍ୟବହାର କରି ଶାଢିରେ ଡିଜାଇନ୍ କରୁଛନ୍ତି। ଏହି ଶାଢୀଗୁଡିକ କୋଲକାତା ଏବଂ ଭୁବନେଶ୍ୱରରୁ ଶାଢ଼ି ଆଣୁଛନ୍ତି। ସେଥିରେ ତିନି ବନ୍ଧୁ ମିଶି ଚିତ୍ର କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୧୫୦ ରୁ ଅଧିକ ଶାଢୀରେ ସେମାନେ କଳାକୃତି ପ୍ରସ୍ତୁତ କରିଛନ୍ତି। ଦିବ୍ୟରଞ୍ଜନଙ୍କ ଚିତ୍ର ତିଆରି କରିବା ନିଶା କେବଳ କାଗଜ, ତୂଳୀରେ ସୀମିତ ନାହିଁ। ଶାମୁକା, ଶାଢ଼ୀ, ପୋଷାକ ଇତ୍ୟାଦିରେ ରଙ୍ଗ ବ୍ୟବହାର କରି ଭିନ୍ନ ରୂପ ଦେଉଛନ୍ତି ଦିବ୍ୟରଞ୍ଜନ। ଦିବ୍ୟରଞ୍ଜନ ଓ ତାଙ୍କ ଦୁଇ ବନ୍ଧୁଙ୍କ ହାତ ତିଆରି ଚିତ୍ର ଶାଢୀକୁ ଯୁବତୀ ଓ ମହିଳାମାନେ ବେଶ୍ ପସନ୍ଦ କରୁଛନ୍ତି।

● ଦୃଷ୍ଟିବାଧିତ ପାରା ଜୁଡୋ ପ୍ରତିଯୋଗିତାରେ ଓଡ଼ିଶା ଚାମ୍ପିଅନ

## ରାଣୀପାଟଣା ଦୃଷ୍ଟିବାଧିତ ବିଦ୍ୟାଳୟକୁ ୧୦ ପଦକ




ବାଲେଶ୍ୱର,୨୪।୧୨(ସମିସ): ୧୪ ତମ ଜାତୀୟ ପାରା ଜୁଡୋ ଚାମ୍ପିୟାନସିପ ରାଜସ୍ଥାନର ଶ୍ରୀଗଙ୍ଗାନଗରଠାରେ ଅନୁଷ୍ଠିତ ହୋଇଯାଇଛି। ଓଡିଶା ଦଳରେ ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟରୁ ୧୮ ଜଣ ଛାତ୍ରଛାତ୍ରୀ ଯୋଗଦେଇ ୧ ତାରିଖରୁ ଡିସେମ୍ବର ୧୫ ତାରିଖ ଯାଏ ପାରାଦୀପ ଠାରେ ତାଲିମ ନେଇ ଗତ ୧୭ ତାରିଖରୁ ରେଳ ଯୋଗେ ପ୍ରତିଯୋଗୀମାନେ ବିଦ୍ୟାଳୟ ପ୍ରଶିକ୍ଷକ ପ୍ୟାରୀମୋହନ ଭୂୟାଁଙ୍କ ତତ୍ତ୍ୱାବଧାନରେ ଓଡିଶା ମୁଖ୍ୟ ଲୋପାମୁଦ୍ରା ପତି ଓ କୋଚ ବିଶ୍ୱଜିତ ମହାରି ରାଜସ୍ଥାନର ଶ୍ରୀଗଙ୍ଗା ନଗର ଯାତ୍ରା କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇ ଓଡିଶା ଦଳ ଚାମ୍ପିଆନ ହେବାର ସୌଭାଗ୍ୟ ଅର୍ଜନ କରିଥିବା ବେଳେ ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରୀ ମିକି ସିଂ, ଦୀପା ସିଂ, ସତ୍ୟ ମହାକୁଡ଼, ମଙ୍ଗଳ ସିଂ ସ୍ୱର୍ଣ୍ଣ ପଦକ, ରାହୁଲ ମୁର୍ମୁ, ଗୋପୀ ସିଂ, ପ୍ରତିଭା ମହାଳିକ ରୁପ୍ୟ ପଦକ ପାଇଥିଲା ବେଳେ ଦୁର୍ଗା ମୁର୍ମୁ, ଆୟୁଷ ବେହେରା, ଅବିନ୍ୟାସ ଦାସ ଓ ରାଧାଶ୍ୟାମ ବ୍ରୋଞ୍ଜ ପଦକ ହାସଲକରି ବିଦ୍ୟାଳୟର ସୁନାମ ଆଣିବା ସହ ରାଜ୍ୟକୁ ଗୌରବନିତ କରିଥିବାରୁ ଅନୁଷ୍ଠାନର ନିର୍ଦ୍ଦେଶକ ଦିବାକର ସ, ସମସ୍ତ ଶିକ୍ଷକ ତଥା କର୍ମଚାରୀ ଓ ଉପଦେଷ୍ଟା ମଣ୍ଡଳୀ ଆନନ୍ଦ ପ୍ରକଟ କରିଛନ୍ତି।